## ପ୍ରକାଶକୀୟ ବକ୍ତବ୍ୟ



ଶ୍ରୀଯୁକ୍ତ ଭିକାରୀ ରଥ ଓରଫ୍ ରସିକଚନ୍ଦ୍ର ଓଡ଼ିଆ ହାସ୍ୟ-ବ୍ୟଙ୍ଗ ସାହିତ୍ୟ ଜଗତରେ ତାଙ୍କର ରଚନା ପାଇଁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ପରିଚିତ । ୧୯୬୮ ମସିହାଠାରୁ ତାଙ୍କର ବ୍ୟଙ୍ଗରଚନା, ହାସ୍ୟ-ବ୍ୟଙ୍ଗ ପୁସ୍ତକାବଳୀ ପ୍ରକାଶିତ ହୋଇ ଅପାର ପାଠକୀୟ ଆଦୃତି ଲାଭ କରିଛି ।


ଓଡ଼ିଆ ସାହିତ୍ୟ ଜଗତର ସିଏ ଏକମାତ୍ର ବ୍ୟଙ୍ଗସ୍ରଷ୍ଟା, ଯାହାଙ୍କର ତିନିଖଣ୍ଡ ବ୍ୟଙ୍ଗ-ଉପନ୍ୟାସ ଓ ୨ଟି ବ୍ୟଙ୍ଗ-ଉପନ୍ୟାସିକା ପ୍ରକାଶ ପାଇଛି - ଅନ୍ୟାନ୍ୟ ବ୍ୟଙ୍ଗ-ଗଳ୍ପ ଓ କବିତା ସଂକଳନ ବ୍ୟତିରେକ ''ଆକାଶବାଣୀ''ର ଶ୍ରୋତାଗଣ ତଥା ''ଦୂରଦର୍ଶନ''ର ଦର୍ଶକଙ୍କ ମଧ୍ୟରେ ସିଏ ଭିକାରୀ ଚରଣ ରଥ ଭାବରେ ଜଣାଶୁଣା ।

''ଶ୍ରୀ ବିଦୂଷକ'', ''ରସିକ ଶେଖର'', ଓ ''ରସରାଜ'' ଉପାଧିପ୍ରାପ୍ତ ତଥା ''କୁଞ୍ଜବନ ସାହିତ୍ୟ ସମ୍ମାନ''ରେ ସମ୍ମାନିତ ଶ୍ରୀ ରଥ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ଲବ୍ଧପ୍ରତିଷ୍ଠ ସଂସ୍ଥାମାନଙ୍କଦ୍ୱାରା ସମ୍ମାନିତ ହୋଇଛନ୍ତି ।

ସାଂପ୍ରତିକ ନିୟମିତ ସୃଜନରତ ବ୍ୟଙ୍ଗସ୍ରଷ୍ଟାମାନଙ୍କ ମଧ୍ୟରେ ଶ୍ରୀ ରଥ ବରିଷ୍ଠତମ ବ୍ୟଙ୍ଗ-ସ୍ରଷ୍ଟା ହେଲେ ମଧ ତାଙ୍କର ଲେଖନୀଚାଳନା ଅବ୍ୟାହତ ରହିଛି । ତା୨୫।୧୧।୧୯୪୮ରେ ଶ୍ରୀ ଭିକାରୀ ରଥ କଟକ ସଦର ୪୨ ମୌଜାର କଳପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ମୋହନ ଚରଣ ପତି ଭାବରେ । ପରେ ବାଲ୍ୟାବସ୍ଥାରେ ମାଉସୀ ଘରକୁ ପୋଷ୍ୟପୁତ୍ର ହୋଇଯିବାରେ (ସେହି ୪୨ ମୌଜାର ବ୍ରହ୍ମପୁର ଗ୍ରାମକୁ) 'ଭିକାରୀ' ପାଲଟି ଗଲେ ଓ ''ପତି'' ପଦଚ୍ୟୁତ ହୋଇ ''ରଥ''ର ଆଶ୍ରା ନେଲେ ।

ପ୍ରାୟ ତିନିଶହ ଗଳ୍ପ ଓ ୧୫୦ କବିତାର ଏହି ସଫଳ ସ୍ରଷ୍ଟାଙ୍କର ଦୀର୍ଘଜୀବନ ସହ ଯଶସ୍ୱୀ କଲମର ସର୍ବାଙ୍ଗୀନ ସଫଳତା କାମନା କରୁଛି ।

ଶ୍ରୀ ନରେନ୍ଦ୍ର ନାଥ ଦାଶ
ସହଯୋଗୀ ପ୍ରକାଶକ



# ଭିକାରୀ ରଥଙ୍କର ସଂପର୍କରେ...

ବିଷ୍ଣୁଶର୍ମା, ଚାଣକ୍ୟ ଓ କୌଟିଲ୍ୟ ଯେପରି ଜଣେ ବ୍ୟକ୍ତି ଭିକାରୀ ଚରଣ ରଥ, ଓ ''ରସିକଚନ୍ଦ୍ର'' ସେହିପରି ଜଣେ ବ୍ୟକ୍ତିଙ୍କର ବିଭିନ୍ନ ପରିଚୟ । ଅବଶ୍ୟ ତା ପଛକୁ ଯୋଡ଼ି ହୋଇଯାଇଛି ''ରସରାଜ'' (ସରସ ସାହିତ୍ୟ ସମିତି, କଟକ) ''ରସିକ ଶେଖର'' (ଉଦୟଭାନୁ ସାହିତ୍ୟ ସଂସଦ, କଟକ) ''ଶ୍ରୀ ବିଦୂଷକ'' (ଅଭିନନ୍ଦନ କବି, ଫୁଲବାଣୀ) ''ହାସ୍ୟ ଶିରୋମଣି'' (ବନଜ୍ୟୋସ୍ନା ସାହିତ୍ୟ ସଂସଦ, ଫୁଲବାଣୀ) ''ବ୍ୟଙ୍ଗମଣି'' (କୋରାଇ ସାହିତ୍ୟ ମଣ୍ଡଳ, ଯାଜପୁର) ଇତ୍ୟାଦି ଉପାଧିମାନ ।

ଆକାଶବାଣୀ, ଦୂରଦର୍ଶନର ଶ୍ରୋତା/ଦର୍ଶକମାନେ ତାଙ୍କୁ ଭିକାରୀ ଚରଣ ରଥ ଭାବରେ ୧୯୭୦ ରୁ ଜାଣିଆସିଛନ୍ତି ।

ପୁରସ୍କାର ପ୍ରାପ୍ତିର ସର୍ବାଗ୍ରେ ଅଛି ୰ ଫତୁରାନନ୍ଦଙ୍କର ପ୍ରତିଷ୍ଠିତ ହାସ୍ୟ ବିକାଶ କେନ୍ଦ୍ର, କଟକଙ୍କର ପ୍ରଦତ୍ତ ବ୍ୟଙ୍ଗ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ- ''କାନ୍ତକବି ପୁରସ୍କାର'' । ତା ପଛକୁ ରହିଛି ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱରଙ୍କର ପ୍ରଦତ୍ତ- ''ବ୍ୟାସକବି ପୁରସ୍କାର'' । ମହାବୀର ହାସ୍ୟ-ବ୍ୟଙ୍ଗ ସାହିତ୍ୟ ପରିଷଦ ତରଫରୁ ''କୁଞ୍ଜବନ ସାହିତ୍ୟ ସମ୍ମାନ'' । ପୁନର୍ନବା ସାହିତ୍ୟ ସଂସଦ, ଚାନ୍ଦୋଳ, କେନ୍ଦ୍ରାପଡ଼ାଙ୍କର- ''ପୁନର୍ନବା ସାହିତ୍ୟ ସମ୍ମାନ'' । ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ, ରାଉରକେଲାଙ୍କ ଦ୍ୱାରା ପ୍ରଦତ୍ତ- ''ବୈଶାଖୀ ସମ୍ମାନ'' । ଏତଦ୍‌ଭିନ୍ନ ଓଡ଼ିଶାର ପ୍ରାୟ ପ୍ରତ୍ୟେକ କୋଣ ଅନୁକୋଣରୁ ସମ୍ବର୍ଦ୍ଧିତ ଓ ମାନପତ୍ର ପ୍ରାପ୍ତ ହୋଇଛନ୍ତି ।

ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ତାଙ୍କର ଶହ ଶହ ଗଳ୍ପ, କବିତା ଏବଂ ଉପନ୍ୟାସ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଆସୁଅଛି । ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରେ ରହିଛି ଉପନ୍ୟାସ- ''ଅପମୃତ୍ୟୁ ଏକ ନାୟକର'', ''ପାପ, ପ୍ରତିହିଂସା ଓ ପ୍ରାୟଶ୍ଚିତ'', ''ଅଜଣା ତିଥିର ଜହ୍ନ'', ''ଜହ୍ନର ନିଆଁରେ ଜଳୁଥିବା ଫୁଲମାନେ'' ।

ବ୍ୟଙ୍ଗ-ଉପନ୍ୟାସ- ''ଦାସେ ଯାଇଥିଲେ ଫାଣ୍ଡିକି'' (ଏହାର ନାଟ୍ୟ ରୂପାନ୍ତର କରାଯାଇ ''କା' ଆଗେ କରିବି ଗୁହାରୀ'' (ଜୟୀ, ରାନୁ ଓ ମିହିର ଅଭିନୀତ) ଶୀର୍ଷକରେ ଦୂରଦର୍ଶନରେ ପ୍ରସାରିତ ହୋଇସାରିଛି ।) ''ସେଇ କଳା ମୋର କଳଙ୍କ'', ''ମାଇଆ'' । ଶ୍ରୀ ରଥ ଓଡ଼ିଶାର ଅଦ୍ୟାବଧି ଏକମାତ୍ର ବ୍ୟଙ୍ଗକାର, ଯିଏକି ତିନି ଖଣ୍ଡ ପୂର୍ଣ୍ଣାଙ୍ଗ ବ୍ୟଙ୍ଗ-ଉପନ୍ୟାସ ରଚନା କରିଛନ୍ତି ।

ବ୍ୟଙ୍ଗ-ଗଳ୍ପ ସଂକଳନର ତାଲିକାରେ ଅଛି- ''ନେଫେଡ଼ା'', ''ବାଜେଗପ'', ''ଅକଥା'', ''ମନ୍ତ୍ରୀଙ୍କ ମୂଳା'', ''ଅବାନ୍ତର'' । ପ୍ରଣିଧାନଯୋଗ୍ୟ ଏହିକି ଯେ, ୰ ଫତୁରାନନ୍ଦଙ୍କର ପରେ ଶ୍ରୀ ରଥ ହିଁ ସର୍ବାଧିକ ବ୍ୟଙ୍ଗ-ଗଳ୍ପ, ହାସ୍ୟ-ବ୍ୟଙ୍ଗ ସାହିତ୍ୟକୁ ଉପହାର ଦେଇଛନ୍ତି । କବିତା ସଂକଳନ ''ଭିନ୍ନଦୃଷ୍ଟି'' ଭିନ୍ନ ସ୍ୱାଦର କବିତା ସଂକଳନ । ମାତ୍ର ବ୍ୟଙ୍ଗ-କବିତା ସଂକଳନ ମଧ୍ୟରେ ରହିଛି ''ଅଲାଜୁକ'' ଓ ''ଅଖାଡୁଆ'' ।

ଶ୍ରୀ ରଥ ''ଟିକେ ହସ'' (ହାସ୍ୟରସାତ୍ମକ ମାସିକ) ''ଗରମ ମସଲା'' (ମନୋରଂଜନଧର୍ମୀ ମାସିକ)ର ସଂପାଦକ ଓ ''ଅକ୍ଷପାଦ'' (ତ୍ରୈମାସିକ)ର ସହଯୋଗୀ ସଂପାଦକ ରହିଆସିଛନ୍ତି ।

ଏବେ ମଧ୍ୟ ଶ୍ରୀ ରଥ ବ୍ୟଙ୍ଗ-ସାହିତ୍ୟ ସୃଷ୍ଟିରେ ସକ୍ରିୟ । ଉପରୋକ୍ତ ତାଲିକା ଆହୁରି ଲମ୍ବା ହେବା ବିଚିତ୍ର ନୁହେଁ ।

# ହସମାଳା


୧. ନେତାଗଛଟି ମରିଲା........................................୧
୨. କାଳିଦାସ ଅମର........................................୭
୩. ଚିରଞ୍ଜୀବ ବାଇଆପାଳ........................................୧୩
୪. ଆହ୍ୱାନ........................................୧୯
୫. ପ୍ରତିଭାପୂଜା........................................୨୬
୬. ସରକାରୀ ମୂଷା........................................୩୩
୭. ବଣିଆ ଫୁଲ........................................୩୯
୮. ରମାକାନ୍ତ ଓ ଚୁନ୍ଦ୍ରା........................................୪୬
୯. ଶେଷ ସୀମାର ସେପଟେ........................................୫୧
୧୦. ଭୋଳାଭାଇଙ୍କ ପାଇଖାନା........................................୫୭
୧୧. ଖୁଦି........................................୬୧
୧୨. ତାଲିମ କେନ୍ଦ୍ର........................................୬୮
୧୩. ମନ୍ତ୍ରୀଙ୍କ ସଙ୍ଗେ କଲେ ଭାବ........................................୭୯
୧୪ ମୁକୁନ୍ଦା ବାବା........................................୮୭
୧୫. ମାର୍ଜାର ଯୁଦ୍ଧେ........................................୯୭
୧୬. ପଚାଶ ପୂରିଲା, ବୁଦ୍ଧି ଗଜୁରିଲା........................................୧୦୦
୧୭. ମନ୍ତ୍ରୀଙ୍କ ମୂଛା........................................୧୦୬
୧୮. ଭଗ୍ନପକ୍ଷୀ........................................୧୧୧
୧୯. ଈଶ୍ୱର ମରିଗଲେ........................................୧୧୬
୨୦. ପ୍ରଥମ ଫଳ........................................୧୨୬




## ନେତା ଗଛଟି ମରିଲା

କାକୁଆ ଦେଶର ନେତା କ୍ଷେଣବର୍ମାଙ୍କର କଦଳୀଚୋପା ଉପରେ ଗୋଡ଼ପଡ଼ି, ମେରୁହାଡ଼ ଭାଙ୍ଗି ଅକାଳରେ କାଳ ହୋଇଗଲା । କିଏ କେତେ ପ୍ରକାରେ କାନ୍ଦିଲେ । କେହି କେହି ଏତାଦୃଶ ଘଟଣାକୁ ଦେଶର 'କଦଳୀ ବିପତ୍ତି' ବୋଲି ବର୍ଣ୍ଣନା କରି ସାରାଦେଶରୁ କଦଳୀବୃକ୍ଷ ନିପାତ କରିବାକୁ ଦାବୀକଲେ । ଦେଶର ଏ ଗଣଶୋକ ପର୍ଯ୍ୟାୟରେ ସୌଜନ୍ୟମୂଳକ ସହାନୁଭୂତି ପ୍ରଦର୍ଶନ କରି ବିରୋଧିଦଳ ଉପରଠାଉରିଆ ସକେଇଲେ ଓ କଦଳୀଖାଇ ଚୋପାଛଡ଼ାଇ ରାସ୍ତାରେ ଚୋପା ପକାଉଥିବା ଲୋକଙ୍କୁ "ଚୋପାଛଡ଼ା ସନ୍ତ୍ରାସବାଦୀ" ଆଖ୍ୟା ଦେଲେ । ଏହି ସନ୍ତ୍ରାସବାଦୀମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର କମାଣ୍ଡୋବାହିନୀ ଗଠନ କରାଗଲା । ନେତା ସଭାସ୍ଥଳକୁ ଯିବା ପୂର୍ବରୁ ରାସ୍ତାରେ କଦଳୀଚୋପାକୁ ଆଗରୁ ଠାବ କରି ପାରିଥିବାରୁ ସେଠା ଦାୟିତ୍ୱରେ ଥିବା ଅପାରଗ ପୋଲିସବାଲାଙ୍କୁ, ଖଟସନ୍ଧିରୁ ଛାରପୋକ ଧରିବା ଭଳି ଧରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଗଲା ।

ଯେଉଁଦିନ ନେତାପ୍ରବର ସ୍ୱଦେହରେ ମଲେ, ତାର ଠିକ୍ ମାସକପରେ ମହାସମାରୋହରେ ଦେଶସାରା ଶୋକପାଳନ କରାଗଲା । ଶୋକସଭାରେ ଭାଷଣ ଦେବାପାଇଁ ପୂର୍ବପ୍ରସ୍ତୁତି ଓ ଯଥେଷ୍ଟ କୋହର ପୁଞ୍ଜି ତ ପୁଣି ଦରକାର ? ଏହି ଶୋକ ଦିବସକୁ "କଦଳୀ ନିଷେଧ ଦିବସ" ରୂପେ ପାଳନ କରିବା ପାଇଁ କ୍ଷେଣବର୍ମାଙ୍କର ସର୍ବଶୋଷା ପାର୍ଟି ତରଫରୁ ଡାକରା ଦିଆଗଲା । ବିଦେଶରୁ ପ୍ରଚୁର ଋଣ ଆଣି ଦେଶକୁ ଋଣୀ କରାଇବା ଓ ଲୋକ୍‌ମେଳା କରିଆରେ ଲୋକଙ୍କୁ ଋଣବାଣ୍ଟି ଦେଶ ନିକଟରେ ଋଣୀ କରାଇବା କ୍ଷେତ୍ରରେ ସ୍ୱର୍ଗତ କ୍ଷେଣବର୍ମାଙ୍କର ଜବର୍ଦ୍ଦସ୍ତ ନାଁ ଥିଲା । ତାଙ୍କରି ଦୟାରୁ ଦେଶରେ (ବିନା ସରକାରୀ ସହାୟତାରେ) ବୋମା, ଭୁଜାଲି ବନ୍ଧୁକ ଶିଳ୍ପ ଯଥେଷ୍ଟ ପ୍ରଗତି କରି ପାରିଥିଲା । ସେ ସାମ୍ୟବାଦର ପ୍ରଚଣ୍ଡ ପ୍ରବକ୍ତା ଥିଲେ । ତେଣୁ ଏକା ଜାଗାରେ ଦେଶୀ ଓ ବିଦେଶୀ ମଦ ମିଳିବାର ସୁବିଧା କରିଦେଇଥିଲେ । ତାଙ୍କର ଆନ୍ତରିକ ପ୍ରଚେଷ୍ଟା ଓ ତାଙ୍କ ଦଳୀୟକର୍ମୀମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ "ପରିବାର ନିଧନ" କାର୍ଯ୍ୟକ୍ରମ ଜରିଆରେ ଗୋଟା ଗୋଟା

ପରିବାରକୁ ପୂରା ମୂଳପୋଛ କରାଯାଇ ଜନସଂଖ୍ୟା ବୃଦ୍ଧିକୁ ଅଦ୍ୟାବଧି ରୋକାଯାଇ ପାରୁଛି ।

ଏଭଳି କାଳୁନେତାଙ୍କର ଅକାଳ ବିୟୋଗରେ (ଅକାଳ ଦଶଟାରେ ନେତାଙ୍କର ଜୀବନ ଛାଡ଼ିଥିଲା) ଦେଶଟା ଏକ ପ୍ରକାର ହାମୁଡ଼େଇ ପଡ଼ିଲା । ପୂରା ସାତଦିନ ଆକାଶବାଣୀ ଓ ଦୂରଦର୍ଶନ ଲୋକଙ୍କୁ କନ୍ଦାଇବାକୁ ଆପ୍ରାଣ ଚେଷ୍ଟା କଲେ । ସରକାରୀ ଗଣମାଧ୍ୟମ ଜରିଆରେ ଏପରି ଆବହାୱା ସୃଷ୍ଟି କରାଗଲା, ଯେପରିକି ନେତାଙ୍କ ବିୟୋଗରେ ଦେଶସାରା କାନ୍ଦିବାକୁ ବାଧ୍ୟ । ଆମେ ଜାଣୁ, ଦୁଃଖ ବେଳେ ସାନ୍ତ୍ୱନା ଦିଆଯାଏ । ଦୁଃଖୀର ମନ ଭୁଲାଇବାକୁ ଚେଷ୍ଟା କରାଯାଏ । କିନ୍ତୁ ନେତା ମଲେ ଲୋକଙ୍କର ଆଖିରେ ଲଙ୍କାଗୁଣ୍ଡ ପକାଇ ସରକାର ପାଣିବାହାର କରନ୍ତି । ଦେଶର ଜଣେ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବି ମରିଗଲେ ସରକାର ଏଭଳି ଶୋକ କରିବାର ଆବଶ୍ୟକତା ମନେ କରନ୍ତି ନାହିଁ । ଷେଣ୍ଢବର୍ମାଙ୍କର ମୃତ୍ୟୁରେ ଲୋକ ଏତେ ଶୋକାକୁଳ ହୋଇପଡ଼ିଲେ ଯେ, ମନ ଭୁଲାଇବା ପାଇଁ ଟିଭି, ରେଡ଼ିଓ ବନ୍ଦ କରି ଘରେ ବସି ଭିଡିଓ ଲଗାଇ ସିନେମା ଦେଖିଲେ । ସିନେମା ହଲରେ ବି ପ୍ରବଳ ଭିଡ଼ ହେଲା ।

ନେତାଙ୍କର ପଟା,ବାସିମଡ଼ାକୁ ପୋଡ଼ିବା ପାଇଁ ଚନ୍ଦନକାଠ ଯୋଗାଇବା, ଭବିଷ୍ୟ ମଶାଣି ପଡ଼ିଆକୁ ତାଆି ବାଡ଼ ବୁଜିବା, ଶବାଧାର ଉପରେ ଲଦିବା ପାଇଁ ଫୁଲ ଯୋଗାଇବା, ମୁର୍ଦ୍ଦାର ପୋଡ଼ା ପାଇଁ ଗୁଆଘିଅ ଯୋଗାଇବା, ବିଭିନ୍ନ ସ୍ଥାନରେ ବିସର୍ଜନ ପାଇଁ ଅଲଗା ଅଲଗା ଚିତାଭସ୍ମ ରଖିବା ପାଇଁ ଏକ ହଜାର ଆଠ ପିତଳ ଗରା ଯୋଗାଇବା, ନେତାଙ୍କ ଘରକୁ ଆସୁଥିବା ଅଣକାନ୍ଦୁରା ଲୋକମାନଙ୍କର ଅଶ୍ରୁସ୍ରାବ ପାଇଁ ଗ୍ଲିସ୍‌ରିନ ଯୋଗାଇବା, ଶୋକ ପ୍ରକଟକାରୀମାନଙ୍କୁ ଧଳା ପୋଷାକ ଯୋଗାଇବା ଓ ସେମାନଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରିବା, ଶବାଧାର ଆଗରେ ଯିବା ପାଇଁ ବ୍ୟାଣ୍ଡ ପାର୍ଟି ଠିକ୍ କରିବା, ଶବଯାତ୍ରାରେ ଯିବା ପାଇଁ ଲୋକ ସାଉଁଟିବା, ସର୍ବଧର୍ମ ଭଜନ ସଭାପାଇଁ ଗାୟକ, ବାଦକ ଜୁଟେଇବା, ସଂସ୍କାର ପାଇଁ ପଣ୍ଡିତ, ପୁରୋହିତ ଯୋଗାଡ଼ କରିବା ପାଇଁ ଠିକା ନେଇଥିବା ଲୋକମାନେ ଏହିଭଳି ଏକ ମରଣ ପାଇଁ କେତେକେତେ ଠାକୁରଙ୍କୁ ମାନସିକ କରିଥାନ୍ତି । କାରଣ, ଏଭଳା ଯାହା ବିଲ୍‌ଦେଲେ ପାସ୍ ବିନା ହାତଗୁଞ୍ଜାରେ । ଅନ୍ତ୍ୟେଷ୍ଟି ଖର୍ଚ୍ଚରେ ମୂଳଚାଲକଲେ ନେତାଙ୍କର ପୋଡ଼କା ଆତ୍ମାରେ ଗଣଗଣିଆ ମାଛି ବସିଲା ପରି ହେବ । ଏହିଭଳି ଠିକାଦାରମାନଙ୍କୁ କୁହାଗଲା ପୂରାମାତ୍ରାରେ ସହଯୋଗ ଦେବାକୁ । ନେତାଙ୍କର ମାସିକିଆ ହେବାର ବାସିଦିନ ପାଉଣାପତ୍ର ତୁଟାଇ ଦେବାର ଜବାବ୍ ଦିଆଗଲା । କୋଉ ବାପାଧନ ଯାଉଛି ? ନେତା ହେଲେ ଦେଶର କୋଠପୁଅ । ତାଙ୍କପାଇଁ ଜନତାଙ୍କର କୋଠରୁ ଧନ ଖର୍ଚ୍ଚହେବ ।

ଠିକଣା ଦିନ ନେତାଙ୍କର ପୋଡ଼ାହେବା ସ୍ଥାନରେ ଗୋଟିଏ ଫଳଗଛ ଲଗାଇବାର ଯୋଜନା ହେଲା । କଦଳୀ ଚୋପା ନେତାଙ୍କର ମୃତ୍ୟୁର କାରଣ ହୋଇଥିବାରୁ ଯେଉଁ ଫଳର ଚୋପା ଲୋକେ ଖାଇପାରିବେ, ସେହିଭଳି ଗଛଟିଏ ଲାଗିବ । ଫଳଗଛ ବାଛିବା ବା ଚିହ୍ନଟ କରିବା ପାଇଁ ଏକ କମିଟି ଗଢ଼ାଗଲା । ଚାରିଟା ସୁଦୀର୍ଘ ବୈଠକ ପରେ କମିଟି ମତଦେଲା ଯେ ସେଭ ଗଛ ହିଁ ଲାଗିବ । କେଉଁଦେଶରେ ସବୁଠାରୁ ଭଲ ସେଭ ଗଛ ମିଳେ, ତାହା ଅନୁଧ୍ୟାନ କରିବାକୁ ଏକ ବିଶେଷଜ୍ଞ ଦଳ ଗଢ଼ାଗଲା । ବହୁ ଗବେଷଣା ପରେ ବିଶେଷଜ୍ଞମାନେ ସାତ/ଛଅ ଭୋଟରେ ମତଦେଲେ ଯେ, ଭର୍ଜିନିଆର ସେଭ ଗଛ ସବୁଠାରୁ ଭଲ । ଅଗତ୍ୟା ଘରଦ୍ୱାର ପିଲାଛୁଆ ଛାଡ଼ି ସର୍ବଶୋଷା ଦଳର ଦେଢ଼ଶହ ନେତା ସରକାରୀଖର୍ଚ୍ଚରେ ବୋଇଂ ବିମାନରେ, ସେଇ ମହାର୍ଘ ସେଭଗଛର ଚାରା ଆଣିବାକୁ ଭର୍ଜିନିଆ ଗଲେ । କହିବା ବାହୁଲ୍ୟ, ଅନେକେ ଶ୍ରଦ୍ଧାରେ ନିଜର ପିଲାପିଚିକୁ ବିମାନରେ ନେଇ ଯାଇଥିଲେ । ସରକାରଙ୍କର ମାତ୍ର ଷାଠିଏ କୋଟି ଟଙ୍କା ଖର୍ଚ୍ଚ ହୋଇ ମହାସମାରୋହରେ ଚାରାଗଛ ଆସିଲା ।



ବୃକ୍ଷ ରୋପଣର ଐତିହାସିକ ଦିବସ । ବହୁ ଘଣ୍ଟ, ଶଂଖଧ୍ୱନି, ମିଲିଟାରୀ ବ୍ୟାଣ୍ଡ ବାଦନ ଓ ମନ୍ତ୍ରୋଚାରଣ ମଧ୍ୟରେ, ସେଭଚାରାର ତେର ଗାତ ଭିତରେ ନିଜର ଆସ୍ଥାନ ଜମାଇଲା । ସେ ବୃକ୍ଷର ଚାରିପଟେ ଏକ ହଜାର ବର୍ଗ ମିଟର ପରିମିତ ଅଞ୍ଚଳକୁ ଆବଦ୍ଧ କରି ଫ୍ରାନ୍ସର ଆଇଫେଲ ଟାୱାର ପରି ଏକ ବିଶାଳ ଲୌହ ଗମ୍ବୁଜ ନିର୍ମିତ ହେଲା । ଉକ୍ତ ଟାୱାରକୁ ରଙ୍ଗବେରଙ୍ଗୀ ବିଜୁଳି ଆଲୁଅରେ ସଜାଇ ଦିଆଗଲା । ଚାରାଗଛଟି ରହିଲା ଗମ୍ବୁଜର କେନ୍ଦ୍ରସ୍ଥଳୀରେ । ଏହି ଆମଦାନୀକରା ଷାଠିଏ କୋଟି ଟଙ୍କାର ଗଛ ପାଇଁ ଗୋଟିଏ ପ୍ଲାଣ୍ଟ ପ୍ରୋଟେକ୍‌ସନ୍ ଫୋର୍ସ ବା ବୃକ୍ଷ ସୁରକ୍ଷା ବାହିନୀ ଗଢ଼ାଗଲା । ଏହି ଫୋର୍ସରେ ରହିଲେ - ଡି.ଜି. ପାହ୍ୟାର ଜଣେ ଅଫିସରଙ୍କ ସମେତ ଦେଢ଼ଶହ ଜଣ ଅଫିସର ଓ କୋଡ଼ିଏ ଜଣ ଜଗୁଆଳ । କହିବା ନିଷ୍ପ୍ରୟୋଜନ, ଏହି ନୂତନବାହିନୀ ପାଇଁ କାର୍ଯ୍ୟାଳୟ ନିର୍ମାଣ, ଅଫିସ୍ ବ୍ୟବସ୍ଥା, ସରକାରୀ ବାସଗୃହ ଯୋଗାଣ ଓ ପୋଷାକ, ଭତ୍ତା ଆଦି ପାଇଁ ତୁଇଶହ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରାଗଲା । ଅନଧିକୃତ ଭାବରେ ସେ ଗଛକୁ ଛୁଇଁବାକୁ ଚେଷ୍ଟା କରିବା ବ୍ୟକ୍ତିକୁ ଦେଖିବା ମାତ୍ରେ ଗୁଳିକରିବାକୁ ଗାର୍ଡ଼ମାନଙ୍କୁ କଡ଼ା ଆଦେଶ ଜାରୀ କରାଗଲା ।

ନେତାଙ୍କର ସମାଧିସ୍ଥଳକୁ ଲାଗି ଉପନେତାଙ୍କର ସରକାରୀ ଆବାସ, ଯେକି ସେଭ ଚାରା ବ୍ୟାପାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉପନେତା ପଶୁପ୍ରେମୀ । ସରକାରୀ ହତାଭିତରେ ଖୁଆଡ଼ କରି ଦେଢ଼ଶହ ସରିକି ଗାଈ, ମଇଁଷି ଓ ଛେଳି ରଖିଥିଲେ । ସେହି ଉପନେତା ଷେଣ୍ଢବର୍ମାଙ୍କର ମୃତ୍ୟୁ ପରେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ମୁଖ୍ୟନେତା ଗାଦିରେ ବସିଛନ୍ତି ।

ଦିନେ ଜଗୁଆଳିମାନେ ଦେଖିଲେ, ଉପନେତାଙ୍କର ଛେଳି ଆସି ସେଭଗଛର ଚାରା ପାଖରେ ହାଜର । ଭୂତପୂର୍ବ ନେତାଙ୍କର ସ୍ମୃତିରେ ଗଛକୁ ଏବକାର ନେତାଙ୍କର ଛେଳି ଖାଇବାକୁ ଉଦ୍ୟତ - ଜଗୁଆଳିମାନଙ୍କୁ ବୁଦ୍ଧିବାଟ ଦେଖାଗଲା ନାହିଁ । ବଡ଼ନେତାଙ୍କର ଛେଳିଙ୍କର ଲଣ୍ଡିକୁ ମଧ୍ୟ ଟବକା ବୁନ୍ଦିଆ ଭଳି ପାଇବା କଥା ଓ ପାଦୁକ ପରି ମୁଣ୍ଡରେ ହାତ ବୁଲାଇବା ଉଚିତ୍ । ବିଚରା ଜଗୁଆଳିମାନେ ଧାଇଁଲେ ବଡ଼ ହାକିମଙ୍କ ପାଖକୁ ସରକାରୀ ଗସ୍ତରେ । ହାକିମମାନେ ଅନନ୍ୟୋପାୟ ହୋଇ ମୁଖ୍ୟଙ୍କ ସଚିବାଳୟର କବାଟ

ବାନ୍ଧେଇଲେ । ନଥିପତ୍ର ଖୋଜାହେଲା । ଆଦେଶର ଆଇନଗତ ତର୍ଜମା କରାଗଲା । ଅନଧିକୃତ ଭାବରେ ଗଛର ପାଖ ମାଡୁଥିବା ଲୋକଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଛେଳି ନିଶ୍ଚିତ ଭାବରେ ଜଣେ ବ୍ୟକ୍ତି ନୁହେଁ । ତେଣୁ, ଆଇନ ଏ କ୍ଷେତ୍ରରେ ନିରୁପାୟ । ଜଣେ ବଡ଼ମନ୍ତ୍ରୀ ପଶୁଙ୍କର ଦାନା ଖାଇଯିବା କ୍ଷେତ୍ରରେ ଏହିପରି ହୋଇଥିଲା । ଆଇନଜ୍ଞମାନେ ମତ, ଦେଇଥିଲେ, ପଶୁମାନଙ୍କର ଦାନା ଖାଇବା ହେତୁ ପଶୁମାନଙ୍କୁ ଆଗ୍ରିଏଭଟ ପାର୍ଟି ବା କ୍ଷତିଗ୍ରସ୍ତ ପକ୍ଷ ବୋଲି ଧରାଯିବ । ଯେଉଁମାନଙ୍କର ଦାନା ଖିଆଯାଇଛି ବୋଲି ତଥାକଥିତ ଅଭିଯୋଗ ହେଉଛି , ସେମାନେ ନିଜେ ଅଭିଯୋଗ କରି ନାହାନ୍ତି । ସେଇ ପଶୁମାନଙ୍କ ପାଇଁ ଅନ୍ୟମାନେ ଯେଉଁ ଅଭିଯୋଗ କରୁଛନ୍ତି, ସେମାନେ ତୁଚ୍ଛା ପ୍ରଚାର ଲୋଭରେ ଏଭଳି କରୁଛନ୍ତି । ଆଇନ୍ ଏଠି ଅସହାୟ ।

ଏ ଖବର ଷେଣ୍ଢବର୍ମାଙ୍କର ଧରମ ଶଳାଙ୍କର କର୍ଣ୍ଣଗୋଚର ହେଲା । ସେ ଜଙ୍ଗଲ, ରାଜସ୍ବ, ଅବକାରୀ ଓ ପରିବେଶ ବିଭାଗର ମନ୍ତ୍ରୀ । ସେ କହିଲେ - ଏଠି ଜଙ୍ଗଲ ଓ ପରିବେଶ ସୁରକ୍ଷାର ପ୍ରଶ୍ନ ମୁଣ୍ଡ ଟେକୁଛି । ଛେଳିର ଔଦ୍ଧତ୍ୟ ଅସହ୍ୟ । ତାକୁ କଠୋର ଶାସ୍ତି ଦିଆଯାଉ । ତଥାପି କୌଣସି ସିଦ୍ଧାନ୍ତ ନିଆଯାଇ ପାରିଲା ନାହିଁ । କାରଣ, ଦେଶସାରା "ଖାସୁପ୍ରାଣୀ ସଂରକ୍ଷଣ ସପ୍ତାହ"ପାଳନ କରାଯାଉଥିଲା ଏବଂ ଉପନେତାଙ୍କର ଏହି ଛେଳିଟି ବହୁ ପୂର୍ବରୁ ଖାସୁ ହୋଇ ସାରିଥିଲା । ଏହି ଅଡୁଆରୁ ମୁକ୍ତି ପାଇବା ପାଇଁ କେନ୍ଦ୍ରୀୟ ଉଚ୍ଚସ୍ତରୀୟ ସମିତି ବସିଲା । ବହୁ ଆଲୋଚନା ସମାଲୋଚନା, ଯୁକ୍ତି, ପ୍ରତିଯୁକ୍ତି ପରେ ପି.ପି.ଏଫ.ର ଗାର୍ଡ଼ମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଛେଳିକୁ ମୃଦୁ ଲାଠିଚାଳନା ପୂର୍ବକ ଉକ୍ତ ନେତାଗଛଠାରୁ ଦୂରେଇ ରଖାଯାଉ । ଏହି ମୃଦୁ ଲାଠିଚାଳନା ଜନସମାବେଶ କ୍ଷେତ୍ରରେ ପ୍ରଯୁଜ୍ୟ ଲାଠି ଚାଳନାର ବିପରୀତ ଧରଣର ହେବା ଆବଶ୍ୟକ ।

ଏହି ଲିଖିତ ଆଦେଶ ଆସି କାର୍ଯ୍ୟକାରୀ ହେବା ବେଳକୁ ନେତା ଗଛର ଅଗରେ, ଯେଉଁଠିକି ଛେଳିର ମୁହଁ ପାଇ ନଥିଲା, ମାତ୍ର ଦୁଇଟି ପତ୍ର ହଲ ହଲ ହେଉଥିଲା ସତେକି ଖଣ୍ଡିଏ ତାଙ୍କ ଆଗରେ କଅଁଳ ପତ୍ରର ବାନା ଉଡୁଛି । ଗଛକୁ ଦର୍ଶନ କରିବାକୁ ଆସି ପର୍ଯ୍ୟଟକମାନେ ହତାଶ ହେଲେ । ଗଛର ସ୍ୱାସ୍ଥ୍ୟ ଫେରାଇ ଆଣିବା ପାଇଁ ଗଛର ଜନ୍ମସ୍ଥାନ ଖୋଦ ଭର୍ଜିନିଆରୁ ବିଶେଷଜ୍ଞମାନଙ୍କୁ ଡକାଗଲା । ଦୀର୍ଘ ଛଅ ମାସର ଅକ୍ଲାନ୍ତ ସେବା ଯତ୍ନପରେ ବାର ଲକ୍ଷ ପାଉଣ୍ଡ ବିଦେଶୀ ମୁଦ୍ରା ହଜମ କରି ଗଛ ତାର ପୂର୍ବ ସ୍ୱାସ୍ଥ୍ୟରୁ କିଛିଟା ଫେରିପାଇଲା ।

ଶେଷରେ ନେତା ଗଛରେ ଫୁଲ ଫୁଟିଲା । ଶ୍ରାବଣ ମାସରେ ଫୁଲ ଫୁଟିଲା । ସେଇ ଶ୍ୱେତପୁଷ୍ପର ଫଟୋ ପୁରାପୃଷ୍ଠା ଦାଖଲ କରି ସମ୍ବାଦପତ୍ର ମାନଙ୍କରେ କ୍ଷେତ୍ରପ୍ରଚାର ସଂସ୍ଥା ପକ୍ଷରୁ ଛପା ହେଲା । ଏହି ଫୁଲ ଫୁଟିବା ଦିନଟିକୁ ରାଷ୍ଟ୍ରୀୟ ଛୁଟିଦିବସ ଘୋଷଣା କରାଗଲା । ପୂର୍ବରୁ ନେତାଙ୍କର ମରିବା ଦିନ ଓ ଶୁଦ୍ଧଘର ଦିନ ପାଇଁ ଦୁଇଟି ରାଷ୍ଟ୍ରୀୟ ସବେତନ ଛୁଟି ଘୋଷଣା କରାଯାଇଥିଲା ।



ଫୁଲରୁ କଷି ଧରିଲା । କଷି ଫଳର ରୂପ ନେବାକୁ ଆରମ୍ଭ କରିବା ମାତ୍ରେ ଦେଶସାରା ହଇଚଇ ଖେଳିଗଲା । ଲୋକେ ଖୋଲାଖୋଲି ଭାବରେ ସରକାରଙ୍କୁ ସମାଲୋଚନା କଲେ । ଖବରକାଗଜବାଲାଏ ଓଉ ଫଳର କାର୍ଟୁନ୍ ଛାପିଲେ । ବିଦ୍ରୂପ କଲେ । ବିରୋଧିପକ୍ଷ ମୁଲତବି ପ୍ରସ୍ତାବ ଆଗତ କଲେ । "ସେଇ ଗଛରେ ଓଉ ଫଳେ, ଏମିତି ଆମର ସର୍କାର ଚଳେ" ସ୍ଲୋଗାନ ଦେଇ ଶୋଭାଯାତ୍ରାମାନ ବାହାରିଲା । ଧର୍ମଘଟ, ବଜାର ବନ୍ଦ, ଧାରଣାର ଧମକ ଦିଆଗଲା ।

ବାଧ୍ୟ ହୋଇ ସରକାର ନଇଁଲେ । ଅବସରପ୍ରାପ୍ତ ବିଚାରପତି ଜମ୍ବୁକରାଜଙ୍କ ଅଧ୍ୟକ୍ଷତାରେ ଏକ ନଅ ଜଣିଆ ତଦନ୍ତ କମିଶନ ବସିଲା । କାତୁଆ ଦେଶର ଇତିହାସରେ ଏହି ଥିଲା ଏକ ହଜାର ପାଞ୍ଚଶହତମ ତଦନ୍ତ କମିଶନ । ଏଭଳି ମହାର୍ଘ ସଂଖ୍ୟାର ଧାରକ ହୋଇଥିବାରୁ ଜମ୍ବୁକରାଜ କମିଶନଙ୍କର ବସାଣ ଦିନ ବଡ଼ନେତାଙ୍କର ଅଭ୍ୟର୍ଥନା କକ୍ଷରେ ଏକ ଭବ୍ୟଭୋଜିର ଆୟୋଜନ କରାଗଲା । କମିଶନ ଆଗ ଭର୍ଜିନିଆର ସେଇ ଫାର୍ମରୁ ତଦନ୍ତ ଆରମ୍ଭ କଲେ । ଗ୍ରୀଷ୍ମଋତୁରେ କମିଶନରେ ନଅ ଜଣିଆ ଦଳ ଉଡ଼ାଜାହାଜରେ ଭର୍ଜିନିଆ ଯାଇ ସେଠାରେ ଛଅମାସ କାଳ (କାତୁଆ ଦେଶରେ ଅଣ୍ଡା ପଡ଼ିବା ପର୍ଯ୍ୟନ୍ତ) ତଦନ୍ତ କଲେ । ସେଇ ତଦନ୍ତର ଖିଅ ଧରି ଭାରତରେ ଆସି ପହଞ୍ଚିଲେ । ତଦନ୍ତ ଚାଲିଲା । ପ୍ରତ୍ୟେକ ଥର ଛଅମାସ ହିସାବରେ ବାରଥର ଜମ୍ବୁକରାଜ କମିଶନଙ୍କର କାର୍ଯ୍ୟକାଳ ବଢ଼ାଗଲା ।

ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିବା ଅବସରରେ ସମ୍ବାଦ ପ୍ରସାରିତ ହେଲାଯେ, ତଦନ୍ତ କାର୍ଯ୍ୟକୁ ଭଣ୍ଡୁର କରିବା ପାଇଁ କେହି ଜଣେ ତଥାକଥିତ ଓଉଗଛକୁ (କମିଶନଙ୍କର ତଦନ୍ତରେ ତାହା ଓଉଗଛ ବୋଲି ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାକୁ ସମସ୍ତେ ସେଇଗଛ କହିବାକୁ ବାଧ୍ୟ । ଯେପରିକି, ନେତାମାନେ ଯେତେଯୋହାକରି ଧରାପଡ଼ିଲେ ବି ବନ୍ଧା ହୋଇ ଅଦାଲତଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ନଖଟିବା ଯାଏ ନିଶ୍ଚୟ ମହାପୁରୁଷ ।) କିଏ ମୂଳେଇ ହାଣିନେଇଛି । ଅବଶ୍ୟ, ଗାର୍ଡ଼ମାନଙ୍କର ଉପସ୍ଥିତି ସତ୍ତ୍ୱେ ଫଳନ୍ତି ଗଛଟି କିପରି ହରଣଚାଳ ହେଲା ତାହା ଜାଣିବା ପାଇଁ ଅନ୍ୟ ଏକ ତଦନ୍ତ କମିଶନ ବସାଇବା ବିଷୟରେ ଗୁରୁତ୍ୱର ସହ ବିଚାର ଚାଲିଛି ।

ଅବଶେଷରେ ଜମ୍ବୁକରାଜ କମିଶନ ଆଠହଜାର ପାଞ୍ଚଶହ ବୟାନବେ ପୃଷ୍ଠାର ରିପୋର୍ଟ ସମ୍ବାଦିକମାନଙ୍କର ଫଟୋଉଠା ମଧ୍ୟରେ ଦାଖଲ କଲେ । ଏହି ରିପୋର୍ଟରେ ଅବସ୍ଥା କଣ ହେଲା କିଏ କହିବ ? କାରଣ, କାତୁଆ ଦେଶର ଆଇନ୍ ଅନୁଯାୟୀ କୌଣସି ତଦନ୍ତ କମିଶନ ରିପୋର୍ଟ ସରକାର ଲୋକଙ୍କୁ ଜଣାଇବାକୁ ବାଧ୍ୟ ନୁହନ୍ତି । ଲୋକଙ୍କର ଅଳସ୍ତ ଅର୍ଥଶ୍ରାଦ୍ଧକୁ ଚଙ୍ଗାସ୍ନାନ ବୋଲି ଧରିନେବାକୁ ହୁଏ ।

କମିଶନଙ୍କର ରିପୋର୍ଟ ବିଷୟରେ କେବଳ କିଛିଟା ଉପର ମହଲ ଗୁଜବ ଶୁଣାଯାଏ - ଷେଣ୍ଢବର୍ମାଙ୍କର ମଲାପରେ ମୁଖ୍ୟନେତା ବନିଥିବା ଉପନେତା ସେଇଗଛ ତାରା ଆଣି

ତାଙ୍କ ଅଗଣାରେ ରଖିଥିଲେ । ନେତାଙ୍କର ଅଧର୍ମପତ୍ନୀ (ନେତା ତାଙ୍କୁ ବଳାତ୍କାର କରିବା ପରେ ନିଜର ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଚାପରେ ପଡ଼ି ତାଙ୍କୁ ବାହା ହୋଇଥିଲେ । )ସେ ଚାରାକୁ ଦେଖି ଲୋଭେଇ ଗଲେ । ସେ ତାଙ୍କ ଚାକରକୁ ସେହିଭଳି ଗଛର ଚାରା ଆଣିବାକୁ ସେରୀକୁ ପଠାଇଲେ । ଚାକରଟି ପୂର୍ବାଞ୍ଚଳର ଲୋକ । ତାର ଚଉଦପୁରୁଷରେ କେହି ସେଇଗଛ ଦେଖିନଥିଲେ । ତେଣୁ ସେ କାହିଁ ଜାଣନ୍ତା ଯେ, ସେଇ ଗଛ ଓ ଓଉଗଛର ପତ୍ର ଦେଖିବାକୁ ଅବିକଳ ଏକାପରି ? ଏଣେ ନେତାପତ୍ନୀ ଇର୍ଜିନିଆ ସେଇଗଛକୁ ନିଜ ଗାଆଁକୁ ଚାଲାଣ କରି ସ୍ଥାନରେ ଚାକର ଆଣିଥିବା ଗଛଟି ଥୋଇଦେଲେ । ଗଛରେ ଓଉ ଫଳିବା ପରେ ମାଲିକାଣୀ କବାଟ କିଳି ଚାକରକୁ ଗାଳି ଦେବାବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ସାରିଥିଲା ।

ଆହୁରି ଶୁଣାଗଲା, କାଜୁଆ ସରକାର ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ଜମ୍ବୁକରାଜ କମିଶନ ରିପୋର୍ଟକୁ ଟଏଲେଟ୍ ପେପର (ଧଳାଦେଶର ବଡ଼ଲୋକେ ଶୌଚ ପାଇଁ ପାଣି ବ୍ୟବହାର ନ କରି ଟଏଲେଟ୍ କାଗଜରେ ମଳଦ୍ୱାର ସଫା କରିଥାନ୍ତି ।) ଭାବରେ ବିଦେଶକୁ ରପ୍ତାନୀ କରିବା ପାଇଁ ଭିତିରି ମସୁଧା କରୁଛନ୍ତି । ତଦନ୍ତ କମିଶନ ବାବଦ ବ୍ୟୟ ହୋଇଥିବା ବାରକୋଟି ଟଙ୍କାରୁ କିଛିତ ଭରଣା ହୋଇଯିବ ।

ଏବେ ସେ ଗଛର ସତ୍ତା ନାହିଁ । ସେ କୁହା ଟାୱାରର ଆଙ୍ଗଲର ଚୋରୀ ହୋଇ ଗଲାଣି, କେବଳ ଦୁଇଟି ଖୁଣ୍ଟି ରହିଛି । ଗାର୍ଡ଼ମାନେ ସମାଧିର ବାଡ଼କଡ଼ରେ ଗଛ ଛାଇତଳେ ଶୁଆବସା କରୁଛନ୍ତି ଓ ତାସ୍ ଖେଳୁଛନ୍ତି । ଆଗେ ଚୁମ୍ବକୀୟ ହାତବୁଲା ଫୋନ୍‌ଥିଲା ବେଳେ ବିଜୁଳି ବିଭାଗରେ ସେକସନ୍ ଅଫିସରେ ଜଣେ ଜଣେ କଲ ଆଟେଣ୍ଡାଣ୍ଟ ରହୁଥିଲେ । କୋଡ଼ିଏ ବର୍ଷ ହେଲା ସେ ଫୋନ ଉଠି ଗଲାଣି । ସେ ପୋଷ୍ଟ ଅଛି ଓ ଲୋକେ ବସି ବସି ଦରମା ପାଉଛନ୍ତି । ସେହିପରି ନେତାଗଛର ଚିହ୍ନବର୍ଣ୍ଣ ନଥିଲେ ବି ପି.ପି.ଏଫ୍ ଦପ୍ତର ରହିଛି ଓ ସେମାନେ ଅତୀତର ସ୍ମୃତିକୁ ଜଗିଛନ୍ତି ।

ନେତାଗଛଟି ମରିଲା, ମୋ କଥାଟି ସରିଲା ।





# କାଳିଦାସ ଆମର

ଏକଦା ଦକ୍ଷିଣ ଭାରତୀୟ ଭାଇମାନେ ଦାବୀକଲେ ସେକ୍ସପିୟର ତାଙ୍କଆଡ଼ର ଲୋକ । ତାଙ୍କର କହିବା ଅନୁଯାୟୀ, ସେକ୍ସପିୟରଙ୍କର ମୂଳନାମ ଥିଲା ଶେଷାପ୍ପା ଆୟାର । ଖ୍ରୀଷ୍ଟଧର୍ମ ଗ୍ରହଣ କରି "ମ୍ଲେଚ୍ଛ" ହୋଇ ଯିବା ପରେ ବିଲାତି ନାମ ଧାରଣ କରିଥିଲେ । କିଛିଦିନ ହାଉ ହାଉ ହେବା ପରେ ସେମାନେ ଏଇ ମ୍ଲେଚ୍ଛ କବିଙ୍କୁ ଆପଣାର କରିବାର ଅପଚେଷ୍ଟାରୁ ଦୂରେଇଗଲେ । କଥାରେ କହନ୍ତି, ଅଙ୍ଗୁର କୋଳି ନ ଖାଇ ପାରିଲେ ଖଟା ।

ପଞ୍ଜାବୀ ଭାଇମାନେ ଦକ୍ଷୀଣୀଙ୍କର ଉକ୍ତିକୁ ଖଣ୍ଡନ କରି କହିଲେ, ସେମାନଙ୍କର ଦାବୀ କପୋଳକଳ୍ପିତ । ସେକ୍ସପିୟର ଶହେ ଦଶ ପରସେଣ୍ଟ ପଞ୍ଜାବୀ । ତାଙ୍କୁ ଘର ଗୁଜରାଓ୍ୱାଲାରେ । ସେ କବି ଥିଲେ । ଗଜଲ ଲେଖିଥିଲେ ଓ ଶାୟରୀ କରୁଥିଲେ । ପିତୃଦତ୍ତ ନାମ ଥିଲା ଶେଖ୍ ପୀର୍ । ପରେ ପଞ୍ଜାବୀ ଭାଇମାନେ ତାଙ୍କୁ ଶ୍ରଦ୍ଧାରେ ପଞ୍ଜ ପ୍ୟାରା ଶୈଳୀରେ ଶେଖ୍‌ପ୍ୟାରା ଡାକିବାକୁ ଆରମ୍ଭ କରିଦେଲେ । ସେ ହିଁ ପଶ୍ଚିମ ଦେଶକୁ ଯାଇ ସେକ୍ସପିୟର ପାଲଟିଗଲେ ।

ଭାଗ୍ୟଭଲ, ଭାରତବର୍ଷରେ ଆଉ କେହି ସେକ୍ସପିୟରଙ୍କୁ ଟଣାଓଟରା କଲେ ନାହିଁ । ବିଶେଷକରି ଏଭଳି ଟଣାଓଟରା ବ୍ୟାପାରରେ ଆମର ବଙ୍ଗୀୟ ଭାଇମାନେ ନଛୋଡ଼ବନ୍ଧା । ସେମାନେତ ପୁଣି ତାଙ୍କ ଆଡ଼ର କେନ୍ଦୁଲି ଗାଆଁକୁ କହିଲେ - ଏଇଟା ଜୟଦେବଙ୍କର ଜନ୍ମସ୍ଥାନ କେନ୍ଦୁବିଲ୍ୱ । ସେଠାକାର ବାଉଲ୍ ବାବାଜୀମଠର ତୁଳସୀ ଚଉରାକୁ ବର୍ଣ୍ଣନାକଲେ ଜୟଦେବଙ୍କର ସମାଧି ଭାବରେ । "ଜୟଦେବ ଆମାର୍ କବି" ବୋଲି କହି ଜୟଦେବ ଜୟନ୍ତୀ ଆରମ୍ଭ କରିଦେଲେ । କଟକ-ନିଆଳି ରାସ୍ତାର କଣ୍ଡାପଡ଼ା ବ୍ଲକ୍ ଅଧୀନସ୍ଥ ପ୍ରତାପରୁଦ୍ରପୁର ଶାସନଠାରୁ ମାତ୍ର ତିନିକିଲୋମିଟର ଦୂର କେନ୍ଦୁବିଲ୍ୱ ଗ୍ରାମରୁ ସମସ୍ତଙ୍କର ଅଜାଣତରେ ସ୍ୱର୍ଗତ ଜୟଦେବଙ୍କର ଷଠୀଘର ଉଠିଗଲା କେନ୍ଦୁଲି ଗ୍ରାମକୁ, ଯେମିତି ଆଜି ମଥୁରାରେ, ଶହେ ଜାଗାରେ କୃଷ୍ଣଙ୍କର ଷଠୀଘର ଓ ଫୈଜାବାଦର ଦେଢ଼ଶହ ଜାଗାରେ ରାମଙ୍କର ଏତୁଡ଼ିଶାଳ । ଏହା ଦେଖି ମନରେ ଶଙ୍କା ଉପୁଜିଲା, ଓଡ଼ିଆ ଘରର ସୁନ୍ଦରୀ

ବୋହୂଟିଏ ଦେଖିଲେ ରୂପସୀ-ପତି ବୋଲାଇବା ଗୌରବ ଲୋଭରେ ହୁଏତ କହି ପକାଇବେ - ତିନି ଆମାର୍ ପତ୍ନୀ ।

ସେ ଯାହାହେଉ, ସେକ୍ସପିୟରଙ୍କୁ ଟାଣିବା ପାଇଁ ସୁଯୋଗ ନ ପାଇ ସେମାନେ ବଡ଼ ବ୍ୟଥିତ ହେଲେ । ଓଡ଼ିଆ ଓ ବଙ୍ଗଳା ମଧ୍ୟରେ ନାମ ଓ ସଂସ୍କୃତିଗତ ସାମଞ୍ଜସ୍ୟ ବହୁତ ବେଶୀ । ଚେହେରାଗତ ପ୍ରଚୁର ସାଦୃଶ୍ୟ ମଧ୍ୟ ରହିଛି । ସେହି ଦୃଷ୍ଟିରୁ ବିଶିଷ୍ଟ ବ୍ୟକ୍ତିଙ୍କ ତାଲିକାରୁ ଜୟଦେବଙ୍କର ନାମର ସଦୁପଯୋଗର ବହୁତ ସୁବିଧା ଥିଲା । ଏଥର ଆଉପାଦେ ଆଗେଇ ଯାଇ ଆମ ପଡ଼ୋଶୀ ରାଜ୍ୟର ବନ୍ଧୁମାନେ ଭାରତୀୟ ସେକ୍ସପିୟର କାଳିଦାସଙ୍କୁ ଧରିବାକୁ ଅଣ୍ଟା ଭିଡ଼ିଲେ । ହାଓଡ଼ା ପଣ୍ଡିତ ସମାଜରେ ଏଥିପାଇଁ ଏକ ସଭା ବସିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିନା ତର୍କବିତର୍କରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା ଯେ, କାଳିଦାସ ଖୋଦ୍ ବଙ୍ଗଳାର ଲୋକ । ସେ ହେଲେ ଦେବଦାସ ଓ ଚଣ୍ଡୀଦାସ ଗୋତ୍ରର ଲୋକ । କାଳିଦାସ ତାଙ୍କର କାବ୍ୟମାନଙ୍କରେ ବଙ୍ଗଳାରେ ଅନେକ ପ୍ରଶସ୍ତି ଗାନ କରିଛନ୍ତି । ବଙ୍ଗଳାର ମାଲ୍‌ଦା ଆମ୍ବ ବିଶ୍ୱ ପ୍ରସିଦ୍ଧ । ସେ ଆମ୍ବର ଅନେକ ଗୁଣଗାନ କରିଥିବାରୁ ନିଶ୍ଚୟ ମାଲ୍‌ଦା ଜିଲ୍ଲାର ବାସିନ୍ଦା ଥିଲେ । ପୁନଶ୍ଚ, ତାଙ୍କ କାବ୍ୟ ସମୂହରେ ଗ୍ରୀଷ୍ମବର୍ଣ୍ଣନା ପ୍ରାଧାନ୍ୟ ଲାଭ କରିଛି । ବଙ୍ଗଳାରେ ପ୍ରବଳ ଗରମ ହୁଏ । ସେଥିପାଇଁ ବଙ୍ଗଳାର ବାବୁମାନେ ଢିଲା ପଞ୍ଜାବୀ ଓ ପତଳା ଧୋତି ପିନ୍ଧନ୍ତି । ଏହିଭଳି ସିଦ୍ଧାନ୍ତମାନ ସାଉଁଟି ହାଓଡ଼ା ପଣ୍ଡିତ ସମାଜ ସଭାର ପ୍ରସ୍ତାବନା ବହିରେ ଟିପି ପକାଇଲେ - କାଳିଦାସ ଖାଣ୍ଟି ବଙ୍ଗାଳି ଲୋକ ।

ଏକଥା କାନରେ ପଡ଼ିବାମାତ୍ରେ ଉତ୍ତର ପ୍ରଦେଶର ଗଢ଼ୱାଲ୍ ଅଞ୍ଚଳର, ଜଣେ ବିଖ୍ୟାତ ହିନ୍ଦୀ ଲେଖକ ପାଟିକରି କହାଇଲେ । କହିଲେ - କାଳିଦାସ ଖୋଦ୍ ତାଙ୍କର ଘରପାଖର ଲୋକ । ଏବେବି ତାଙ୍କ ଇଲାକାର ବଣମଝିରେ ଦଶ କିଲୋମିଟର ପରିଧି ଭିତରେ ନଅଖଣ୍ଡ ବିଭିନ୍ନ ଆକୃତିର ପଥର ଦେଖିବାକୁ ମିଳେ । ସେଗୁଡ଼ିକ ବିକ୍ରମାଦିତ୍ୟଙ୍କ ସଭାର ନବରତ୍ନଙ୍କର ସମାଧିର ଭଗ୍ନାବିଶେଷ । ସେଥିମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ପ୍ରସ୍ତର ଖଣ୍ଡକୁ ଆମର ଆଲୋଚ୍ୟ ଲେଖକ କାଳିଦାସଙ୍କର ସମାଧି ବୋଲି ପ୍ରମାଣ କରିବାର ପାଖାପାଖି ପହଞ୍ଚି ସାରିଛନ୍ତି । ତାଙ୍କଆଡ଼ର ଘାଘରାପିନ୍ଧା ମାଇପି ମାନଙ୍କର କଟିଦୋହଳନର ମାତ୍ରାଧିକ୍ୟତା ଦେଖି କାଳିଦାସ ସେମାନଙ୍କୁ ଗଜଗାମିନୀ ଆଖ୍ୟା ଦେଇଥିଲେ । ସେଠାକାର ଦଶହରୀ ଆମ୍ବ ବିଦେଶକୁ ଚାଲାଣ ହୁଏ । କାଳିଦାସ କୁଆଡ଼େ ସକାଳୁ ତୁଳସୀପୂଜା ଦଶହରୀ ଆମ୍ବ ଜଳଖିଆ କରୁଥିଲେ । ଯଦି କେହି ଆଜନ୍ତୁ ଓଲୁ ପଚାରେ - କିହୋ ! ସେତେବେଳେ ତ ଶୀତଳ ଭଣ୍ଡାର ବା ଫ୍ରିଜ୍ ନଥିଲା । କାଳିଦାସ ପାଚିଲା ଆମ୍ବକୁ ବର୍ଷସାରା କେଉଁଠି ସାଇତି ରଖୁଥିଲେ । ସଙ୍ଗେ ସଙ୍ଗେ କାଳିଦାସଙ୍କର ଗଢ଼ୱାଲି ସାଇପଡ଼ିଶା ଉତ୍ତର ଦିଅନ୍ତି - ଲକ୍ଷ୍ମଣ ଯଦି ବାରବର୍ଷ ଯାଏଁ ପାହାଡ଼ଗୁମ୍ଫାରେ ବାରବର୍ଷ ପର୍ଯ୍ୟନ୍ତ ତାଙ୍କ ଭାଗର ଫଳମୂଳ ନ ଖାଇ ସାଇତି ରଖିପାରିଥିଲେ, ଏତେବଡ଼ ପଣ୍ଡିତ କାଳିଦାସ କଣ ସେ ଇଲମ ପାଇ ନଥିଲେ ?



ଗଢ଼ୱାଲ୍‌ରେ ଭୀଷଣ ଥଣ୍ଡା ହୁଏ ଏବଂ ବରଫ ପଡ଼ୁଥାଏ । ଥଣ୍ଡାରେ ରହୁଥିବାରୁ କାଳିଦାସ ଗରମକୁ ଭଲପାଉଥିଲେ ଓ ଗ୍ରୀଷ୍ମର ଗୁଣଗାନ କରୁଥିଲେ, ବିଲାତି ଲୋକେ ଯେପରି ଟେନ୍ସାଏ ଟାଣ ଖରାକୁ ଝୁରି ହେଉଥାନ୍ତି ।

ଏସବୁ ଶୁଣିସାରିବା ପରେ ଏ ଅର୍ବାଚୀନ ଯାତ୍ରାରେ ଷଣ୍ଢପୂରାଇବାକୁ ମନ କଲା । ଦୁର୍ଦ୍ଦିନରୁ ଜଳିନୁ ଫାଇଦା ମାରିବାର ସହଜ ମୌକା କିଏ ଛାଡ଼େ ? ଏହି ଲେଖକ ନେପାଳର ଜନକପୁରୀଠାରେ ଜନକ ରାଜାଙ୍କର ଯଜ୍ଞକୁଣ୍ଡ ସହ ସୀତାଙ୍କର ଷଠୀଘର ଦେଖି ଆସିବାପରେ ଦିନେ ମାରୁତି ମଣ୍ଡପରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ରାମାୟଣ ପ୍ରବଚନ ଶୁଣିଲା । ଏହି ପ୍ରବଚକ କହିଲେ, ରାମଚନ୍ଦ୍ରଙ୍କର ପତ୍ନୀ ସୀତା ଓଡ଼ିଶାର ଝିଅ । ଏତେବଡ଼ ଲୋକ କହୁଛନ୍ତି ଯେତେବେଳେ, ବୁଦ୍ଧଦେବଙ୍କର ଜନ୍ମସ୍ଥାନ ନେପାଳର କପିଳବସ୍ତୁ ନ ହୋଇ ଭୁବନେଶ୍ୱର ନିକଟସ୍ଥ କପିଳେଶ୍ୱର ହୋଇପାରେ । ରାମଚନ୍ଦ୍ରଙ୍କ ଅସ୍ଥାୟୀ ଆଶ୍ରମ ହିମାଳୟ ଇଲାକାର ଶିବାନନ୍ଦଙ୍କର ଆଶ୍ରମ ନିକଟସ୍ଥ ଚିତ୍ରକୁଟ ପର୍ବତ ନ ହୋଇ ନିରାକାରପୁର ରେଳଷ୍ଟେସନ୍ ନିକଟସ୍ଥ ଚିତ୍ରକୁଟ ମୁଣ୍ଡିଆ ହୋଇପାରେ । ଚିତ୍ରକୁଟ ମୁଣ୍ଡିଆର ଶୀର୍ଷରେ ଏବେବି ଲତାଗୁଳ୍ମ ପରିବେଷ୍ଟିତ ଭଗ୍ନ ପ୍ରସ୍ତରସ୍ତମ୍ଭ ଓ ଚଟାଣ ରହିଛି ଯାହାକୁ ସ୍ଥାନୀୟ ଲୋକେ ରାମଚନ୍ଦ୍ରଙ୍କର ଆଶ୍ରମ୍ ବୋଲି କୁହନ୍ତି ।

ଏତାଦୃଶ ଉପାଦ୍ଦିକ ପ୍ରେରଣାରେ ରୁଦ୍ଧଶ୍ୱାସ ହୋଇ କାଳିଦାସଙ୍କ ଉପରେ ଉପଲବ୍ଧ ତଥ୍ୟ, ସତ୍ୟ, ପ୍ରଚାର, ଅପପ୍ରଚାର, ଗୁଲି, କିମ୍ବଦନ୍ତୀ, ହେରଫେର୍, ବିତଣ୍ଡାଯୁକ୍ତି ଇତ୍ୟାଦିକୁ ଆଧାର କରି ଗବେଷଣାରେ ଲାଗିଲି । ଏକ ପ୍ରକାର ଅନ୍ନ ଜଳ ତ୍ୟାଗ କରିଦେଲି । କେବଳ ରୁଟି, ମାଂସ ଓ ସୁରା ଉପରେ ନିର୍ଭର କରି ଗବେଷଣାରେ ଲାଗିଲି । ଆମର ବଡ଼ ବଡ଼ ଲେଖକ କେତେଜଣ ପ୍ରଚୁର ସୁରାପାନ କରି ଉତ୍କୃଷ୍ଟ ସାହିତ୍ୟ ରଚନା କରିପାରିଥିବାର ଦୃଷ୍ଟାନ୍ତ ରହିଛି ।

ଏଭଳି ଜଠରସାଧନା ବଳରେ, ଅଣାୟତ୍ତ ଜ୍ଞାନଗରିମାରେ ପ୍ରବୃଦ୍ଧ ହୋଇ ମୋର ଗବେଷଣାର ଦୃଷ୍ଟପରିଣାମ ପ୍ରକାଶ ପୂର୍ବକ ମୁକ୍ତକଣ୍ଠରେ ଘୋଷଣା କରୁଛି -କାଳିଦାସ ଖାଣ୍ଟି ଓଡ଼ିଆ ଓ ଓଡ଼ିଶାର ଲୋକ ।

ପ୍ରଥମେ ତାଙ୍କ ନାମକୁ ବିଚାରକୁ ନିଆଯାଉ । ବଙ୍ଗୀୟ କହିଲେ-ତାଙ୍କର ନାମ ଚଣ୍ଡୀଦାସ, ତାପସ ଦାସଙ୍କ ଭଳି କାଳିଦାସ ଦିଆଯାଇଥିଲା । ହିନ୍ଦୀ ଭାଷୀ କହିଲେ-ସୁରଦାସ, ତୁଳସୀଦାସଙ୍କ ପରି କାଳିଦାସ ଆଉ ଏକ ଦାସ । ଏଇଠି ମୋର କହିବାର କଥା, ଦାସ ସାଙ୍ଗିଆ ଯଦିଓ ପୂର୍ବାଞ୍ଚଳର ଓଡ଼ିଶା, ବଙ୍ଗଳା ଓ ଆସାମରେ ପରିଦୃଷ୍ଟ ହୁଏ, କେବଳ ଓଡ଼ିଶାରେ ଆଦ୍ୟ ଓ ମଧ୍ୟ ଯୁଗୀୟ କବିମାନେ ବହୁ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବରେ "ଦାସ" ଅବତାର ଗ୍ରହଣ କରି ନିଜକୁ ସେବକ ଭାବରେ ପ୍ରକାଶ କରୁଥିଲେ ଜ୍ଞାନୀ ସୁଲଭ ବିନୟ ଦୃଷ୍ଟିରୁ । ମହାଭାରତର ରଚୟିତା ସିଦ୍ଧେଶ୍ୱର ପରିଡ଼ା ହେଲେ ସାରଳା ଦାସ । ଜଗମୋହନ

ରାମାୟଣ ବା ଦାଣ୍ଡି ରାମାୟଣର ପ୍ରଣେତା ବଳରାମ ମହାପାତ୍ର, ପିତା ସୋମନାଥ ମହାପାତ୍ର ସ୍ୱେଚ୍ଛାରେ ବୋଲାଇଲେ ବଳରାମ ଦାସ । ଭାଗବତକାର ଜଗନ୍ନାଥ ମିଶ୍ରେ ହେଲେ ଜଗନ୍ନାଥ ଦାସ । ମୋର ଅତି ପାଣ୍ଡିତ୍ୟ ପ୍ରସୂତ ମତ – କାଳିଦାସଙ୍କର ମୂଳ ନାମ କାଳିଚରଣ ଦାସ । ୟୁସୁଫ୍ ଖାନ୍ ଦିଲ୍ଲୀପ କୁମାର ହେବା ପରି ଏବଂ କୃଷ୍ଣଗୋସ୍ୱାମୀ ମନୋଜକୁମାର ହେବାକାଳରୁ ଆମ ଓଡ଼ିଶାର ଚଳି ଆସିଲାଣି, ପ୍ରତିଷ୍ଠିତ ଲେଖକ ବା କବିମାନେ ବିନୟ ପ୍ରଦର୍ଶନ କରିବା ପାଇଁ ନିଜନାମର ମଝି ଶବ୍ଦଟିକୁ ଉଚ୍ଛେଦ କରି ଦିଅନ୍ତି । ସେହି କ୍ରମରେ ବିଭୂତି ପଟ୍ଟନାୟକ, ରବି ସିଂ, ଗୁରୁ ମହାନ୍ତି, କୈଳାସ ଲେଙ୍କା, ଫନୀ ମହାନ୍ତି, ରବି ପଟ୍ଟନାୟକଙ୍କ ଭଳି ଅଗଣିତ ଦୃଷ୍ଟାନ୍ତ ରହିଛି । କାଳିଚରଣ ଦାସ ସ୍ୱେଚ୍ଛାରେ, ଲୋକଙ୍କର ଆଦରଣୀୟ ସମ୍ବୋଧନରେ ବା ରାଜାଙ୍କର ଶ୍ରଦ୍ଧାରେ କାଳିଦାସ ବନିଯିବା ଆଦୌ ବଚିତ୍ର ନୁହେଁ । ତାହାପରେ ପୁଣି ଓଡ଼ିଶାରେ ଏତେ ବର୍ଣ୍ଣର ଲୋକଙ୍କ ସାଙ୍ଗିଆରେ ଦାସ ଲାଗିଛି । ଯାହା ଆସାମ, ବଙ୍ଗଳା, ବିହାର ବା ଉତ୍ତର ପ୍ରଦେଶରେ ଦେଖାଯାଏନା । ଏଠି ବ୍ରାହ୍ମଣଙ୍କଠାରୁ ଶୂଦ୍ର ପର୍ଯ୍ୟନ୍ତ ଦାସ ବୋଲାଇ ପାରନ୍ତି ।

ସମସ୍ତେ ଜାଣନ୍ତି, କାଳିଦାସ ଆଦ୍ୟ ଜୀବନରେ ଦରିଦ୍ର ଥିଲେ । କାଠକାଟି ପେଟ ପୋଷୁଥିଲେ । ତେଣୁ ଜଙ୍ଗଲିଆ ଅଞ୍ଚଳରେ ବାସ କରୁଥିବା ସ୍ୱାଭାବିକ । ପରେ ସେ ଲକ୍ଷହୀରା ଗଣିକାର ସଂସ୍ପର୍ଶରେ ଆସିଥିଲେ । ବେଶ୍ୟା ଘରକୁ ଯିବା ସହିତ ମଦ୍ୟପାନ କରିବା ପାନିଆ ଓ ଇଚୁଣିର ସମ୍ପର୍କ ପରି ସହଜ କଥା । ତେଣୁ, କାଳିଦାସ ମହୁଲି ପିଉଥିବେ । କୋରାପୁଟ ବଣ, ଜଙ୍ଗଲ ପୂର୍ଣ୍ଣ ଅଞ୍ଚଳ ଓ ଯଥେଷ୍ଟ ମହୁଲି ମିଳେ । କାଳିଦାସ ନିଶ୍ଚୟ କୋରାପୁଟରେ ରହୁଥିଲେ ।

କିମ୍ବଦନ୍ତୀ ଅଛି, କାଳିଦାସ ଯେଉଁ ଡାଳରେ ବସିଥିଲେ, ତାହାରି ମୂଳକୁ ହାଣୁଥିଲେ । ଏ ସୁଗୁଣର ପ୍ରସାର ଆମ ଓଡ଼ିଶାମାଟିରେ ଅଧିକ । ଯେଉଁ ଗଛରେ ଆଶ୍ରୟନେବେ, ତାହାରି ମୂଳକୁ ହାଣିବେ । ଯ୍ୟାକୁ ଆମେ ସାହିତ୍ୟରେ ଗୋଛିକଟା, ଗୋଡ଼ଟଣା, ଗୁରୁମରା ଇତ୍ୟାଦି କହିଥାନ୍ତି । ଏଠି ପରିଣାମ କଥା ପଛକୁ ଥାଉ ।

ଯେଉଁମାନେ ମେ ବା ଜୁନ ମାସ ବେଳକୁ କୋରାପୁଟ ଯାଇଥିବେ, ଦେଖିଥିବେ, ରାସ୍ତାକଡ଼ଯାକ ଅଗଣନ ଆମ୍ବଗଛ । ଗଛସାରା ପେଞ୍ଚା ପେଞ୍ଚା ପାଚିଲା ଆମ୍ବ । ଗଛଚଢ଼ି ମନବୋଧକରି ଖାଇଲେ ବା ଟୋକେଇଏ ତୋଳି ମୁଣ୍ଡାଇ ନେଇ ଆସିଲେ କେହି କହିବାକୁ ନାହିଁ । କାଳିଦାସଙ୍କର ତ ସହଜରେ ଗଛଚଢ଼ିବାର ଅଭ୍ୟାସ ଥିଲା । ତେଣୁ, ତାଙ୍କ ପକ୍ଷର ଆମ୍ବର ଭୂରି ଭୂରି ପ୍ରଶଂସା କରିବା ସ୍ୱାଭାବିକ କଥା ।

କୁମାର ସମ୍ଭବ କାବ୍ୟରେ କବି ଲେଖିଛନ୍ତି । ଅସ୍ତ୍ୟୁତ୍ତରସ୍ୟାଦ୍ ଦିଶି ଦିବାତ୍ମା, ହିମାଳୟୋନମ ନଗାଧିରାଜ । ଭାରତର ନକ୍ସାକୁ ଟେବୁଲ ଉପରେ ଖୋଲି ପକାଇ ଦିଅନ୍ତୁ । କୋରାପୁଟର ଥଣ୍ଡରୁ ଉତ୍ତର ଆଡ଼କୁ ସଳଖ ଗାରଟିଏ ଟାଣିଲେ ଏକାବେଳେକେ ରେଖାର



ଆରମ୍ଭଣ ଯାଇ ମାନସରୋବର ପାଖ କୈଳାସ ପର୍ବତରେ ବାଜିବ । ତାହାଛଡ଼ା, କାଳିଦାସ ତାଙ୍କର କାବ୍ୟର ନାମ କୁମାର ସମ୍ଭବ ରଖିବା ମୂଳରେ ଯଥେଷ୍ଟ ଦୂରଦୃଷ୍ଟି ଥିଲା ।

ସେ ଛବିରାଣୀ, ପ୍ରଭାସିନୀ ଓ ବିଳାସିନୀ ଧର୍ଷଣ ଭଳି କଥା କଳ୍ପନା କରି ପାରିଥିଲେ ଓ ଅନୁମାନ କରି ନେଇଥିଲେ, ଓଡ଼ିଶାରେ ଏ ପରିସ୍ଥିତିରେ ବିନା ପରିଣୟରେ ମଧ୍ୟ କୁମାର ସମ୍ଭବ । ସେତେବେଳେ ମଧ୍ୟ ଅପର୍ଯ୍ୟାପ୍ତ ଜଙ୍ଗଲକାଟି ପୋଡ଼ୁଚାଷ କରାଯାଉଥିଲା । ରାଜାଙ୍କର ଜଙ୍ଗଲ ଜଗୁଆଳ ନିଜେ ଜଙ୍ଗଲ ଲୁଟିରେ ସହାୟତା କରି ପଣି ପାଉଥିଲେ । ଜଙ୍ଗଲରେ ଭୟଙ୍କର ଅବକ୍ଷୟରୁ ସେଜାଣି ପାରିଥିଲେ ଯେ ଏହା ଋତୁମାନଙ୍କଉପରେ ପ୍ରତିକୂଳ ପ୍ରଭାବ ଭବିଷ୍ୟତରେ ପକାଇବ । ତେଣୁ ବନ ସଂହାରରୁ ସେ ଋତୁ ସଂହାର ରଚନା କରିବାର ପ୍ରେରଣା ପାଇଥିବେ ।

ଯେତେଗୁଡ଼ିଏ ବନ, ପର୍ବତ, ପ୍ରପାତର ବର୍ଣ୍ଣନା କବିଙ୍କର କାବ୍ୟରେ ଅଛି ସେଗୁଡ଼ିକ ପ୍ରାୟ ସବୁ କୋରାପୁଟରେ ଦେଖିବାକୁ ମିଳେ । "ମେଘଦୂତର" ନାୟକ ବିରହୀ ଯକ୍ଷର ଆବାସ ରାମଗିରି ପର୍ବତ କୋରାପୁଟରେ ମୁଣ୍ଡ ଟେକିଛି । ସେମାନଙ୍କର ଆହ୍ୱାନ ମେଘାସନ ଏହି ପ୍ରଦେଶରେ ଅଛି ।

କୋରାପୁଟରେ ଯେଉଁ ଗ୍ରୀଷ୍ମ ପ୍ରବାହ ହୁଏ, ତାହା ଅନୁଭବୀ ମାତ୍ରେ ଜାଣନ୍ତି । ତେଣୁ, କବିଙ୍କର ବର୍ଣ୍ଣନାରେ ଗ୍ରୀଷ୍ମ ପ୍ରାଧାନ୍ୟ ଲାଭ କରିଛି । ପୁନଶ୍ଚ ଓଡ଼ିଶା ତୁଳନାରେ ଗଢ଼ୱାଲ୍ ବା ବଙ୍ଗଳାରେ ହାତୀଙ୍କ ସଂଖ୍ୟା ବା କେତେ ? ଏଇ ପ୍ରଦେଶରେ ଅଛି ସର୍ବ ବୃହତ ହସ୍ତୀ ଅଭୟାରଣ୍ୟ । ହାତୀମାନଙ୍କର ବହୁଳତା ଯୋଗୁଁ ଏଠାକାର ଠାକୁର ରାଜାଙ୍କୁ ଗଜପତି ଆଖ୍ୟା ଦିଆଯାଇଛି । କାଳିଦାସଙ୍କର ନାୟିକା ବର୍ଣ୍ଣନାରେ ଗଜଗାମିନୀ ବ୍ୟାଖ୍ୟା ତେଣୁ ଅଧିକ ।

ଉପରୋକ୍ତ ସାକ୍ଷ୍ୟ ପ୍ରମାଣ ଦୃଷ୍ଟେ ମୁଁ ଆପଣଙ୍କୁ (ଆବଶ୍ୟକ ହେଲେ ବଳ ପ୍ରୟୋଗ କରି) ରାଜି କରାଇବି ଯେ, କାଳିଦାସ ଏଇ କୋରାପୁଟର ବ୍ୟକ୍ତି ଥିଲେ । ସେ ଜଣେ ସାଂସ୍କୃତିକ ଓଡ଼ିଆ ଥିଲେ । କୋରାପୁଟର ସରବରାକାର, ଅମୀନ ଓ ରାଜସ୍ୱ ନିରୀକ୍ଷକମାନଙ୍କୁ ହାତ କରିବାକୁ ଚେଷ୍ଟା କରୁଛି । ସେଠାକାର ରାଜସ୍ୱ ନଥିପତ୍ର ତନଖି କରି କାଳିଦାସଙ୍କ ନାମରେ ଥିବା ପଟା, ପାଉତି ବାହାର କରିବି । ନାମଗତ ଅମେଳ ଥିଲେ ନାମ ସଂଶୋଧନ କରି ତାର ଶହେ ମୋହରି ନକଲ ବାହାର କରିବି । କାଳିଦାସଙ୍କର ଏକୁଡ଼ିଶାଳ ଜାଗାଟା ଚିହ୍ନଟ କଲାପରେ ସେଠି ଏକ ଭବ୍ୟ ଭବନ ନିର୍ମାଣ କରାଇବି । ଅଯୋଧ୍ୟାର ଫୈଜାବାଦ୍‌ରେ ଶହେ ଜାଗାରେ ରାମଜନ୍ମ ହୋଇଥିବା ଲୋକେ ଦାବୀ କରୁଛନ୍ତି । ମଥୁରାରେ ପଚାଶ ଜାଗାରେ ଫଳକ ଲାଗିଛି -କୃଷ୍ଣଙ୍କର ପ୍ରକୃତ ଜନ୍ମସ୍ଥାନ । । ସେଇଭଳି ଫଳକ ଲେଖିବାକୁ ମୋତେ କଣ ଲେଖାଳି ମିଳିବେ ନାହିଁ ।

ମଜାକଥା, ମଧ୍ୟପ୍ରଦେଶ ସରକାର ପ୍ରତିବର୍ଷ ଜଣେ ଜଣେ ସଙ୍ଗୀତଜ୍ଞଙ୍କୁ କାଳିଦାସ

ସମ୍ମାନ ପ୍ରଦାନ କରୁଛନ୍ତି । କାଳିଦାସ ବାଜାବଜାଇବା ବା ଗୀତ ଗାଇବା ସେଠାକାର ସରକାର କେଉଁଠାରୁ ଜାଣିଲେ ? ଆଜି ଜଣେ ଡାକ୍ତରଙ୍କୁ ଯଦି ଚିତ୍ରକାର ପିକାସୋଙ୍କ ନାମରେ ପିକାସୋ ପୁରସ୍କାର ଦିଆଯାଏ, ତାହାଠାରୁ ଅଧିକ ହାସ୍ୟାସ୍ପଦ ବ୍ୟବସ୍ଥା କଣ ହୋଇପାରେ ? ମୁଁ ସେଥିପାଇଁ ସ୍ଥିର କରିଛି ପ୍ରଚୁର ଦାନ ସଂଗ୍ରହ କରି କାଳିଦାସ ଟ୍ରଷ୍ଟ ଗଠନ କରିବି । ଆଗ ନିଜକୁ ନିଜେ ପୁରସ୍କାର ଦେଇ ସାରିବା ପରେ ଭିତିରିଆ ପୁରସ୍କାର ଲକ୍ଷ ଅର୍ଥରୁ ଅଧା ଭାଗ ନେବାକୁ ରାଜିଥିବା ଲୋକଙ୍କୁ ମାନପତ୍ର ଓ ପୁରସ୍କାର ଦେବି । କାରଣ, କେବଳ ବାକ୍ୟାଡ଼ମ୍ବର ଓ ତୋଷାମଦି ବଳରେ ତିଷ୍ଠି ରହିଥିବା ଓ ଅକାଳ କୁଷ୍ମାଣରେ ଚେନାଏ ଅପାଠ୍ୟ ସାହିତ୍ୟ ପ୍ରସବ କରୁଥିବା ଲୋକେ ଆଜିକାଲି ପୁରସ୍କାର ପାଉଛନ୍ତି । ମନୋନୟନ କର୍ତ୍ତା ହେବାପାଇଁ ତୁଳନାତ୍ମକ ଅଧ୍ୟୟନ କରିବାର ଆବଶ୍ୟକତା ଆମ ପ୍ରଦେଶରେ ଲୋଡ଼ାନାହିଁ ବା ନିଜର ବିବେଚନା ଜ୍ଞାନର ଆଦୌ ଆବଶ୍ୟକତା ନାହିଁ । କାଳିଦାସ ଆମର ବୋଲି ପ୍ରମାଣିତ କରିବା କଣ ଏତେ ସହଜ କଥା ଯେ ମୋ ଗବେଷଣାର ସୁଫଳ ବାଣ୍ଟିଖାଇବାର ଅବସର ଆମେ ପାଇବା ନାହିଁ ?





# ବିରଳଜୀବ ବାଇଆପାଳି

କୁଆଟିଏ ଉଡ଼ିଗଲା । ଅବଶ୍ୟ "କୁଆଟିଏ ଉଡ଼ିଗଲା" ବୋଲି କେହି କହି ନାହାନ୍ତି । ଅକାରଣେ ପରନାମରେ ମିଛ କିଆଁ କହିବା ? କିନ୍ତୁ ସେ କଳା ଚଢ଼େଇଟା ବିବେଚନାରେ ସାମାନ୍ୟ ତ୍ରୁଟି କରିଦେଲା । ମନୁଷ୍ୟ ସୁଖତ୍ୟକ୍ତ ଉଚ୍ଛିଷ୍ଟ ବୋଲି ମନେ କରି ଖଣ୍ଡିଆ ଜଳନ୍ତା ସିଗାରେଟ୍‌କୁ ରାସ୍ତା ଉପରୁ ଥଣ୍ଟରେ ସାଉଁଟି ନେଲା । ଉଡ଼ିଗଲା ଛକ ପାଖରେ ଥିବା ନିଜର ବେସରକାରୀ ବସାକୁ । ଶୁଖିଲା ପତ୍ର, ଛିଣ୍ଡା କାଗଜ ଟୁକୁରା ଓ ଛୋଟ ସୁତୁଲିରେ ନିଜ ବାସ ଗୃହକୁ ଶୋଭନୀୟ ଓ ଆରାମପ୍ରଦ କରିବାକୁ ପୂର୍ବରୁ ଚେଷ୍ଟା କରି ଆସିଛି । ସେଇ କୋଠରୀଟି ତା ପାଇଁ ଥିଲା ବାଦ୍‌ଶାହୀ ବିଳାସ କକ୍ଷ । ସଂପ୍ରତି ଉପଲବ୍ଧ ବସ୍ତୁଟି ଥୋଇ ତାହାର ଦ୍ରବ୍ୟଗୁଣ ଓ ଖାଦ୍ୟ ଉପଯୋଗିତା ପରୀକ୍ଷା କଲାବେଳକୁ ତାର ଛୋଟ ଘରଟି ହୁହୁକି ଉଠି ଧୂମମୟ ହୋଇଗଲା । ନେଡ଼ିଗୁଡ଼ କହୁଣିକୁ ବୋହି ସାରଥିଲା । ଅନୁତାପ ବା ପ୍ରତିକାରର ସୁଯୋଗ ନାହିଁ । ବିଚରା ବାୟସ ଉଡ଼ିଗଲା ତାର ବହୁକାଳର ବାସର ମମତା ତ୍ୟାଗ କରି ।

କୁଆସିନା ଗଛ ଉପରୁ ଉଡ଼ିଗଲା, ମଣିଷମାନେ ଆସି ବହୁ ସଂଖ୍ୟାରେ ଗଛମୂଳେ ଜମା ହୋଇଗଲେ । ସହରଟା ସାରା ପ୍ରଚାର ହୋଇଗଲା, ନିମ ଗଛର କୋରଡ଼ରେ ଆପଣଛାଏଁ ନିଆଁ ଜଳୁଛି । ଅତି ସମ୍ବେଦନଶୀଳ ଲୋକମାନଙ୍କର କଳ୍ପନା ଶକ୍ତି ଅତିପ୍ରଖର, ସେମାନେ ସୂକ୍ଷ୍ମଦ୍ରଷ୍ଟା । ନିଜର ଷଷ୍ଠେନ୍ଦ୍ରିୟ ଦ୍ୱାରା ଜାଣିନେଲେ ଯେ, ଏହି ଦାରୁଯୋଗ୍ୟ ବୃକ୍ଷରେ, ଦେବତା ବା ଗନ୍ଧର୍ବମାନେ ଅଦୃଷ୍ଟଭାବରେ ହୋମ ମାର୍ଜନାଦି କରୁଛନ୍ତି । ତାଙ୍କ ଦେଶର ମୁଦ୍ରା ଏଠାରେ ଚଳୁ ନଥିବ । ପ୍ରକାଶ୍ୟରେ ପ୍ରକଟ ହୋଇ ସାଜ ସରଞ୍ଜାମ ବଜାରରୁ ସଂଗ୍ରହ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏଠି ତାଙ୍କର କେହି ପରିଚିତ, ବନ୍ଧୁବାନ୍ଧବ ନଥିବେ । ପୂଜାର୍ଚ୍ଚନାରେ ଅଣ୍ଟ ନିଅଣ୍ଟ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବେ । ଦବେ ଉଦାରଚେତା ମଣିଷ ସ୍ଥିର କଲେ, ଏଇ ମୌକାରେ କୌଣସି ମତେ ଦୈବୀଶକ୍ତିଙ୍କୁ ସାହାଯ୍ୟ ସହଯୋଗ ଦେଇ ପାରିଲେ, ସେମାନେ କେବେହେଲେ କୃତଘ୍ନ ହେବେ ନାହିଁ । କୋଉବାଟେ ଚେନାଏ ଦୃଷ୍ଟି ପକାଇ ଦେଲେ ଗାଡ଼ି, ବାଡ଼ି, ସୁନା ରୂପାରେ ପୋତି

ପକାଇବେ । ମୁଠାଏ ଖୁଦରଙ୍କା ବିନିମୟରେ କୃଷ୍ଣ ସୁଦାମାକୁ ଯେତିକି ଦେଇଦେଲେ ସେତିକିରେ ସୁଦାମାର ଚୌଦପୁରୁଷ ଯାଏ କାହାରିକୁ ଚୁଟାଖଣ୍ଡିକୁ ଦିଖଣ୍ଡ କରିବାକୁ ପଡ଼ିନଥିବ । ଏ ଦେବତାମାନେ ବିଦେଶୀ ବାଣ୍ଡୁକଳାର ବେପାରୀଙ୍କ ପରି । ହାତଗୋଡ଼ ଭଙ୍ଗା ଠାକୁରାଣୀଙ୍କ ମୂର୍ତ୍ତିକୁ ପାଞ୍ଚ ହଜାର ବର୍ଷ ତଳର ନଟମୂର୍ତ୍ତି କହି ଧରାଇଦେଲେ ସେମାନେ ଯୋଉ ଥାକେ ଡଲାର ଫିଙ୍ଗିଦେବେ, ଏଠି ସେ ଲକ୍ଷ ଲକ୍ଷ ଟଙ୍କା ।

ସ୍ୱେଚ୍ଛାସେବୀ ଭକ୍ତଗଣ ଗଛମୂଳେ ଫଳ, ଫୁଲ, ଧୂପ ନୈବେଦ୍ୟ ଆଣି ଗଦା କରିଦେଲେ । ନିଜର ଉପସ୍ଥିତି ଓ ପ୍ରାୟୋଜିତ ସାମଗ୍ରୀପ୍ରତି ଉପର ବାଲାଙ୍କର ଦୃଷ୍ଟି ଆକର୍ଷିତ କରିବା ପାଇଁ ଘଣ୍ଟ, ଘଣ୍ଟା, ଖୋଳ କରତାଳ ବଜାଇ ଉଦଣ୍ଡ ନାଚିଲେ ।

ଅଦୃଷ୍ଟ ଶକ୍ତିମାନେ ସମ୍ଭବତଃ ତିନିଦିନର ଯଜ୍ଞାନୁଷ୍ଠାନ ପରେ ଅନ୍ତର୍ହିତ ହୋଇଗଲେ । କାରଣ, ତିନିଦିନ ପରେ ଆଉ ଧୂମ ନିର୍ଗତ ହେଲା ନାହିଁ । କଞ୍ଚା ଗଛଟାରେ କୋରଡ଼ ନିଆଁ କେତେକାଳ ନିଜର ଉତ୍ତାପକୁ ବିନା ଇନ୍ଧନରେ ସାଇତି ରଖି ପାରିଥାନ୍ତା ? କିଏ କେତେ କରୁଣା ଲାଭକଲେ, ତାକୁ ତୁଳନୟରି ଆୟଉନି ଗୋପନ ରଖିଲେ । ତ୍ୱରିତ ଲାଭର ଆଶାରଖି ନିରାଶ ହୋଇଥିବା ଲୋକେ ଅର୍ଜିତ ପୁଣ୍ୟକୁ ବିଧାତାଙ୍କର ପୋଷ୍ଟ ଡେଟେଡ୍ ଚେକ୍ ମନେ କରି ନିଜକୁ ସାନ୍ତ୍ୱନା ଦେଲେ, ସମୟ ଆସିଲେ ଆପେ ଆପେ ଭଙ୍ଗେଇ ହୋଇଯିବ । ଆମର ପ୍ରବହମାନ ଅକ୍ଷତ ପରମ୍ପରାକୁ ଅନୁସରଣ କରି ଚତୁର୍ଥଦିନ ଠାରୁ ପୁଣି ଲୋକେ ସେ ବୃକ୍ଷମୂଳେ ଶିବାମ୍ବୁ ସିଞ୍ଚନ କରୁଛନ୍ତି ।

ସେମିତିଆ ଆଉ ଏକ ଘଟଣା ଘଟିଲା ଆଉଠାଏ । କୋଉକାଳର ନିମଗଛଟିଏ । ସେ ଅଞ୍ଚଳର ସବୁଠାରୁ ପୁରୁଖା ଲୋକେ କହନ୍ତି ସେମାନଙ୍କର ବାପ ଅମଳରୁ ଏ ଗଛ ଅଛି । ଆଉ ଆଗକୁ ଗଛର ବୟସ କଳନା କରିବାର ପଥରୁଦ୍ଧ । ଏଭଳି ଅତି ପ୍ରାଚୀନ ଗଛର, ଚେର, ମୂଳ, ଡାଳି, ପତ୍ର ପିତା ଲାଗିଲେ ସୁଦ୍ଧା ଫଳ ମିଠା ଲାଗେ । ଏଇ ଆଲୋଚ୍ୟ ଗଛରେ କାଳର ଆଘାତରେ କେତେଗୁଡ଼ିଏ ଗଭୀର କ୍ଷତ ସୃଷ୍ଟି ହେବା ସ୍ୱାଭାବିକ । ସେଇଭଳି ଏକ କ୍ଷତରୁ ସ୍ୱତଃ ଦୁଗ୍ଧଭଳି ବହଳିଆ ଧଳାବର୍ଣ୍ଣର ରସ ଧୀରେ ଧୀରେ ନିର୍ଗତ ହେବାକୁ ଲାଗିଲା । ଏଇ ସ୍ୱାଭାବିକ ପ୍ରାକୃତିକ କ୍ରିୟା ସମ୍ପର୍କରେ ଗବେଷଣା କରିବାକୁ ବେଳ କାହାର ଅଛି ? ପିତା ଗଛରୁ ମିଠା କ୍ଷୀର ! ଆହା, ଅମୃତ କି ଆଉ !

ଏଥିରେ ଇନ୍ଧନ ଯୋଗାଇଲେ ଜଣେ ଖବରକାଗଜର ପ୍ରତିନିଧି - ସ୍ଥାନୀୟ ଅଞ୍ଚଳର ଖବର କାଗଜର ବିକ୍ରେତା ଏବଂ ସାପ୍ତାହିକ । ଏହାର ଅଲୌକିକତା ଉପରେ ସେ ଏଭଳି ଆଲୋକପାତ କଲେ ଯେ, ସେ ଆଲୋକରେ ଜଳକା ହୋଇ ଲୋକେ ଧାଇଁଲେ ସେ ଗଛମୂଳକୁ । ଗଛମୂଳେ ଯେଉଁ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଏବଂ ଚୋପାଏ ଅମୃତ ଚାଟିଦେଇ ଆଜୀବନ ରୋଗବ୍ୟାଧି ମୁକ୍ତ ଏବଂ ଅମର ହେବା ପାଇଁ ଯେଉଁଭଳି ବଳ କଷାକଷି, ସ୍ୱଚକ୍ଷୁରେ ନଦେଖିଲେ ଅନୁମାନ କରିହେବ ନାହିଁ । ଏ ଠେଲାପେଲାରେ ଲୋକଗହଳିର ଶେଷମୁଣ୍ଡକୁ ଠେଲି ହୋଇ ପଙ୍କରେ ପଡ଼ିଯାଇଥିବା ବାତରୋଗିଣୀ ବୁଢ଼େଇ ମା ବୁଢ଼ୀ ଛକି



ଛକି ସନିଆର ହାତଟାକୁ ଧରି ପକାଇ ତା ଚମଡ଼ା ଉପରକୁ ବିଉଛୁ ମିଶା ଚାଟି ପକାଇଲା । ସେଇ ଅଂଶକୁ ଚାଟିଚାଟି ସନିଆ ଭିଡ଼ ଭିତରୁ ବାହାରି ଆସିବା ବେଳେ ବୁଢ଼ୀ ଦେଖି ପକାଇଛି । ଭଲକରି ସାବୁନ୍ ଓ ଡେଟଲରେ ହାତ ନଧୋଇବା ଯାଏ ବିଷ ହାତରୁ ଛାଡ଼େ ନାହିଁ । ଅମୃତ ନିଶ୍ଚୟ ବିଷଠାରୁ ଶକ୍ତିଶାଳୀ ।

ଆଉ ଦିନେ ବଜାର ବାସିନ୍ଦା ଦେଖିଲେ, ଦଳେ ଲୋକ ଟ୍ରାଫିକ୍ ଚଳାଚଳକୁ ବେଖାତିର କରି ବିଡ଼ ରାସ୍ତାରେ କୀର୍ତ୍ତନ କରି ଉପର ମୁହାଁ ହୋଇ ଧାଇଁଛନ୍ତି । ସେମାନେ ଏମିତି ଧାଇଁ ଧାଇଁ କେତେ ରାସ୍ତାକଡ଼ର ବେପାରୀଙ୍କର ପସରା ଉଜାଡ଼ି ସାରିଲେଣି । କେତେ ଭଦ୍ରଲୋକଙ୍କ ବୈଠକଖାନା ଓ ଶୋଇବା ଘର ଭିତରେ ମନଇଚ୍ଛା ପଶି ସାରିଲେଣି । ଅନେକ ଲୋକଙ୍କର ସୌଖୀନ୍ ବଗିଚା ନଷ୍ଟ କରିସାରିଲେଣି । କେତେବେଳେ କାହାର ପାଚେରୀ ଡେଇଁ ପଡୁଛନ୍ତି ତ କାହାର ବାଡ଼ଭାଙ୍ଗି ସାହାଣ ମେଲା ହୋଇଯାଉଛି । ଯେହେତୁ ସେମାନେ କୀର୍ତ୍ତନ କରୁଛନ୍ତି , ନିଶ୍ଚୟ ଧର୍ମ କରୁଛନ୍ତି । ଧର୍ମ କରୁ କରୁ ଦୁଇଶହ ଲୋକ ମରିଗଲେ ଆପତ୍ତି କଣ ? ଧର୍ମ ପାଇଁ ତାହା ଆଦାୟ କଲାବେଳେ ଲୁଚାଲିରେ ଅଦାଚାର ଅନ୍ତବୁଡ଼ା ବାହାରକଲେ କାହାର କିଛି କହିବାର ନାହିଁ । ଧର୍ମନାମରେ ମାଇକ୍ ଲଗାଇ ପିଲାଙ୍କୁଆଙ୍କର ପଢ଼ା ଧ୍ୱଂସ କରି ରୋଗୀମାନଙ୍କୁ କଷ୍ଟ ଦେଇ ଭୟଙ୍କର ଶବ୍ଦ ପ୍ରଦୂଷଣ କଲେ ମଧ୍ୟ ପ୍ରତିବାଦ କରିବା ଲୋକ ସହୀଦ ହେବ କେବଳ ଧର୍ମ ପାଇଁ ଧର୍ମ ଧ୍ୱଜାଧାରୀଙ୍କ ହାତରେ ।

ଧ୍ରୁବତାରା ନାବିକକୁ ବାଟ କଢ଼ାଇବା ପରି ଏହି ଭଗବତପ୍ରେମୀମାନଙ୍କୁ ଅମଡ଼ା ମଡ଼ାଉଥିଲା ଗୋଟିଏ ପ୍ରଜାପତି, ଯାହାର ଡେଣାରେ ଦୁଇଟି ବୃତ୍ତ ଥିଲା । ଜଗନ୍ନାଥଙ୍କ ସହିତ ଘନିଷ୍ଠ ଯୋଗାଯୋଗ ସ୍ଥାପନ କରିପାରିଥିବା ଏବଂ ସବୁଠାରେ ଈଶ୍ୱରଙ୍କୁ ଅନୁଭବ କରିପାରୁଥିବା ଭକ୍ତ ପ୍ରହଲ୍ଲାଦଙ୍କ ତୁଲ୍ୟ ବ୍ୟକ୍ତିମାନେ ଘୋଷଣା କଲେ - ଏ ବୃତ୍ତଦୁଇଟି ଖୋଦ୍ ଜଗନ୍ନାଥଙ୍କର ଆଖି । ପୂର୍ବରୁ ସବୁଠାରେ ଜଗନ୍ନାଥଙ୍କର ଆଖିକୁ ଷ୍ଟିକର୍ ରୂପେ ବ୍ୟବହାର କରୁଥିବା ଭକ୍ତଗଣ ଭ୍ରାମ୍ୟମାଣ ଆଖିକୁ ପାଖରେ ପାଇ ଛାଡ଼ିବାକୁ ନାରାଜ । ନିଜର ବିଶାଳବପୁକୁ ଶ୍ରୀକ୍ଷେତ୍ରରେ ରଖି ପ୍ରଭୁ ଏ ନିରୀହ ପ୍ରଜାପତିର କଅଁଳ ଡେଣା ଉପରେ ଆଖି ଦୁଇଟାକୁ ଇଦି କାହିଁକି ଡେପୁଟେସନ୍‌ରେ ପଠାଇଲେ, କେହି ଏକଥା ତର୍ଜମା କରିବାକୁ ରାଜି ନୁହେଁ ।

କ୍ରମେ କ୍ରମେ ଅନୁଗାମୀଙ୍କର ଭିଡ଼ ବଢ଼ିବାକୁ ଲାଗିଲା । ହାତୀ ଖେଦାର ସମ୍ମୁଖୀନ ହୋଇଥିବା ଏକୁଟିଆ ହାତୀ ଭଳି ବିକଳରେ ରାହା ଖୋଜୁଥିବା ପ୍ରଜାପତି ପଶିଗଲା ଗୋଟିଏ ବାଳକଟା ସେଲୁନ୍ ଭିତରେ । ସେଠି ଜଣେ ବପୁବନ୍ତ ପୁଲିସିବାବୁ ବାଳ କାଟୁଥିଲେ । ନିଜର ପୌରୁଷକୁ ଅଧିକ ଶାଣିତ୍ କରିବା ପାଇଁ ଦୁଇ ପଟ ନିଶର ଅଗ୍ରଭାଗକୁ ମୁନିଆ କରି ଉପରମୁହାଁ କରିଦେଇଥିଲେ । ମୁହଁରେ ତାଙ୍କର ମହୁଲ ଫୁଲର ବାସ୍ନା । ବାସ୍ନାରେ ବାଉଳା ବିବ୍ରତ ପ୍ରଜାପତି ନିଶର ଅଗକୁ ଫୁଲର କେଶର ମନେକରି ବସିଗଲା ତା ଉପରେ । ଲୋକେ ସେଲୁନ୍‌ଭିତରେ ପଶି ତାକୁ ସେଠାରେ ମଧ୍ୟ ଶାନ୍ତିରେ ବସାଇଦେଲେ ନାହିଁ । ପଦାକୁ ଉଡ଼ିଯିବାକୁ ବାଟ ନପାଇ

ପ୍ରଜାପତି ପୁଲିସବାବୁଙ୍କର ମୁଣ୍ଡ ତାରିପଟେ ଭିଡ଼ିବାକୁ ଲାଗିଲା । ଅବଶେଷରେ ତାହୁଁ ଚାହୁଁ ବାରିକ ହାତରେ ଅନବରତ କଚ୍, କଚ୍ ହେଉଥିବା କଇଁଚିରେ ଦୁଇଗଡ଼ ହୋଇଗଲା ।

ଜୀବନ୍ତ ଜଗନ୍ନାଥଙ୍କୁ ହତ୍ୟା କରିଥିବା ଅପରାଧରେ ଭକ୍ତଙ୍କର ଆକ୍ରୋଶର ଶିକାର ହୋଇ ବାରିକ ବୁହାହୋଇ ଗଲା ଡାକ୍ତରଖାନା । ଅଧା କ୍ଷିଅର ହୋଇ ଅଗତ୍ୟା ଅପଦସ୍ଥ ଅବସ୍ଥାରେ କ୍ରୋଧଜର୍ଜରିତ ମନରେ ଭିଡ଼ଠେଲି ବାହାରି ଆସିବା ବେଳେ ଚୋଖଡ଼ମାର୍ ପୁଲିସିବାବୁ ମୁକ୍ତଭାବେ ହସ୍ତପଦ ଚାଳନା କଲେ । ଏଥିରେ ଗଣ୍ଡାକେତେ ଆହତ ହେଲେ । କିଛି ସମୟ ମଧ୍ୟରେ ଉଭୟେ ଜନତା ଓ ପୋଲିସ୍‌ଙ୍କର ସହଯୋଗୀମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଗଲା । ଆଗକୁ କଣ ହେଲା ସେ ସବୁ ଏଠାରେ ଲେଖିଲେ ତଦନ୍ତ କମିଶନ ରିପୋର୍ଟ ପରି ଗୁଡ଼ାଏ ସମୟ ଓ କାଗଜର ଅଯଥା ଅପଚୟ ହେବ ।

ଏ ଧର୍ମଯୁଦ୍ଧ, ଯାହାକୁ କେତେକ ଦେଶର ଲୋକେ "ଜେହାଦ୍" ବୋଲି କହନ୍ତି, ଅନ୍ୟ ଆଡ଼େ ବ୍ୟାପିବା ପୂର୍ବରୁ ଜଣେ ପ୍ରାଣୀତତ୍ତ୍ୱବିତ୍ ଖବର କାଗଜ ମାଧ୍ୟମରେ ଜଣାଇ ଦେଲେ ଯେ, ଏ ଧରଣର ପ୍ରଜାପତି ଅନାଦିକାଳରୁ ପୃଥିବୀରେ ରହିଆସିଛନ୍ତି । ବିଶ୍ୱାବସୁଙ୍କର ଘରୋଇ ମନ୍ଦିରରେ ଜଗନ୍ନାଥ ଆବିଷ୍କୃତ ହେବା ପୂର୍ବରୁ ଏମାନେ ଧରାପୃଷ୍ଠରେ ଥିଲେ । ସବୁ ହଳଦିଆ ବସ୍ତୁ ଯେପରି ସୁନା ନୁହେଁ, ସବୁ ଡକା ସେପରି ଡକାଆଖି ନୁହେଁ । ଅପଦସ୍ଥ ହୋଇଥିବା ଲୋକେ ନିଜ କୃତକର୍ମର ଯଥାର୍ଥତା ପ୍ରତିପାଦନ କରିବାକୁ ମୂଲ୍ୟହୀନ ବାହାନା ଖୋଜନ୍ତି ବା କଥାଟାକୁ ବିସ୍ମରଣୀୟ ଅତୀତ କରିବାକୁ ଆପ୍ରାଣ ଉଦ୍ୟମ କରନ୍ତି ।

ଏମନ୍ତ ବୁଦ୍ଧିମାନ ଗୋଷ୍ଠୀର ମନୁଷ୍ୟମାନେ ଦିନେ ଆଉ ଗୋଟିଏ ଅଦ୍‌ଭୁତ ଜୀବଟିଏ ଆବିଷ୍କାର କଲେ । ଦେଖିବାକୁ ଅବିକଳ ମଣିଷ ଭଳି । ଆଚରଣ ମଧ୍ୟ ଠିକ୍ ମଣିଷ ଭଳି । କିନ୍ତୁ, ଆଶ୍ଚର୍ଯ୍ୟ କଥା, ସେ ସତ କହୁଛି ! ସେ ଜୀବଟିକୁ ତା ଚାରିପାଖରେ ଅତୀତ ଓ ବର୍ତ୍ତମାନରେ ଚଳପ୍ରଚଳ ହେଉଥିବା ଲୋକମାନେ ନାମ ଦେଇଥିଲେ ବାଇଧର ପାଳ । ଯେହେତୁ ତାର ଅସ୍ତିତ୍ୱ ଥିଲା, ଏକ ଅଚର୍ଚ୍ଚିତ ଇତିହାସ ତେଣୁ ଥିଲା । ପତ୍ନୀ ସ୍ୱୀକୃତିପ୍ରାପ୍ତ ଯେଉଁ ମହିଳା ଜଣକ ତା ସହିତ ତା ବସାରେ ରହୁଥିଲା, ସେ ବାଇଧର ହାତରେ କନ୍ୟାସନ୍ତାନଟିଏ ଅର୍ପଣ କରିଦେଇ, ନିଜର ଦାମ୍ପତ୍ୟ କର୍ତ୍ତବ୍ୟରେ ଅବାଞ୍ଛିତ ପୂର୍ଣ୍ଣଚ୍ଛେଦ ପକାଇ, କେବେଠାରୁ ପରଲୋକ ଗମନ କରିଛି । ବାଇଧର ନିଜର ପିତୃଅର୍ଜିତ ଜମିବାଡ଼ିରେ ଚତୁଷ୍ପଦ ଭଳି ପରିଶ୍ରମ କରି ଗୁଜୁରାଣ ଚଳାଇ ନିଏ । ଆଠବର୍ଷ ତଳେ ଝିଅଟିକୁ ପରଘରକୁ ପଠାଇ ଦେଇଛି । ଗୋଟାଏ ପେଟ, ବେଳାଏ ପୁଟାଇଲେ ଦୁଇବେଳାକୁ ଚଳିପଡ଼େ । ପାଠଶାଳୀ ଅବଧାନଙ୍କ ଚାଟଶାଳୀ ଶେଷମୁଣ୍ଡ ଯାଏ ଓ ଗବେଷଣା ଭାଗବତ ଏକାଦଶ ସ୍କନ୍ଧ ଯାଏ । ବିଳାସର ସ୍ୱପ୍ନ ନାହିଁ । କୌଣସି ଇତର ପୁରୁଷର ଭବିଷ୍ୟତ ଆବଶ୍ୟକତା ପାଇଁ ସଞ୍ଚିବାର, ସାଉଁଟିବାର ନିଶା ନାହିଁ । ତେଣୁ, ଆବଶ୍ୟକତାର ବ୍ୟାପକ ଅର୍ଥ ତା'ପାଖରେ କିଛି ନାହିଁ । ହୁଏତ ଆବଶ୍ୟକତାକୁ ରବର ଭଳି ଟାଣି ଲମ୍ବାଇବାକୁ ଜ୍ଞାନ ତାର ନାହିଁ । ଏ ପୃଷ୍ଠଭୂମିରେ ମିଛ କହିବାର ଆବଶ୍ୟକତା ନାହିଁ ।



ସମାଜବିତ୍‌ମାନେ ମତଦେଲେ, ବାଇଆପାଳ ଲୁପ୍ତ ପ୍ରାୟ ବିରଳ ପ୍ରଜାତିର ଜୀବ । ତାହାର ସଂରକ୍ଷଣ ନିହାତି ଜରୁରୀ । ଏ ଜୀବଟି ଉପରେ ଗବେଷକମାନଙ୍କର ଆଖିପଡ଼ିଗଲା । ପରେ ଜଣା ପଡ଼ିଲା ଯେ, ସେ କାହାରିକୁ ଈର୍ଷା କରେ ନାହିଁ । ଚୁଗୁଲି କରେ ନାହିଁ । କାହା ସହିତ କଳି ତକରାଳ କରେ ନାହିଁ । ଆତ୍ମସ୍ୱାର୍ଥ ଓ ପାରିବାରିକ ସମ୍ପୃକ୍ତି କହିଲେ ଠିକ୍ ବୁଝିପାରୁନାହିଁ । କାହାରିକୁ ଭଜେଇ ପାରୁନାହିଁ ବା ଭଣ୍ଡେଇ ପାରୁନାହିଁ ।

ଏ ସବୁ ତଥ୍ୟ ବିଭିନ୍ନ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚିବା ପରେ ବାଇଆପାଳକୁ ଦେଖିବା ପାଇଁ ପ୍ରବଳ ଜନ ସମାଗମ ହେଲା । ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍, ଜୀବ ବିଜ୍ଞାନୀ, ସମାଜ ବିଜ୍ଞାନୀ, ନେତା ଓ ମନ୍ତ୍ରୀମାନେ ଥିଲେ । ବାଇଆପାଳ ପାଇଁ ସେ ଗାଆଁକୁ ଗୋଡ଼ିବିଛା ରାସ୍ତା କରାଇବାକୁ ଠିକାଦାରମାନେ ବରାଦ କରାଇ ପାରିଲେ । ଯାତ୍ରୀମାନଙ୍କର ବିଶ୍ରାମସ୍ଥଳୀ ପାଇଁ ସାଇ ଟୋକାଏ କ୍ଲବଘର କରାଇ ପାରିଲେ । ମହାଜନ ଘର ଗାଆଁ ମୁଣ୍ଡରେ ନିଜ ଘର ପାଖରେ ନଳକୂପ, ବସାଇ ପାରିଲେ । ବାଇଆପାଳଙ୍କ ଉପରେ ସନ୍ଦର୍ଭ ଲେଖି, ଦୁଇ ତିନିଜଣ ନିଜ ନାମର ମୂଳରେ ଡକ୍ଟର ପଦବୀ ଯୋଡ଼ି ପାରିଲେ । ତା ଉପରେ ଦୁର୍ବୋଧ ଓ ବିସଙ୍ଗତି ଯୁକ୍ତ ଅତିରଂଜିତ କବିତା ଲେଖି କେତେଜଣ କବି ମାନପତ୍ର ଓ ପୁରସ୍କାର ପାଇଲେ ।

ଥରେ ଗୁଞ୍ଜରଣ ଉଠିଲା, ଏ ପ୍ରଜାତିର ଏକମାତ୍ର ପ୍ରତିନିଧି ହିସାବରେ ବାଇଆପାଳକୁ ବିଧାନସଭାରେ ପ୍ରତିନିଧିତ୍ୱ ଦିଆଯାଉ । ନପୁଂସକମାନେ ଯଦି ପ୍ରତିନିଧିତ୍ୱ ଦାବୀ କରନ୍ତି ଓ ଡକାଏତମାନେ ଯଦି ବିଧାୟକ ହୋଇପାରନ୍ତି, ବାଇଆ ପାଳ କାହିଁକି ବିଧାୟକ ହୋଇ ନପାରିବେ । ସେ ମଧ୍ୟ ବିଧାନ ସଭାରେ ଘୁମାଇପାରିବେ ଓ ହାତଟେକି ପାରିବେ । ତାଲିମ ଦେଲେ ଖୁନ୍ଦା ମାରିବାଠାରୁ ଆରମ୍ଭ କରି "ଜିନ୍ଦାବାଦ୍", "ମୁର୍ଦ୍ଦାବାଦ୍" "ସେମ୍ ସେମ୍" "ଡାଉନ୍ ଡାଉନ୍" କହିପାରିବେ ।

ବିଶେଷଜ୍ଞମାନେ କହିଲେ, ସଂପ୍ରତି ବିଧାୟକ ସଭାର ବାୟୁମଣ୍ଡଳରେ କାରବନ୍ କାର୍ବନ୍ ଫ୍ୟାମିଲି ପାଓ୍ୱାର ଅକ୍‌ସାଇଡ୍ ଓ ଗୁଣ୍ଡାମିଲିଆ ଗ୍ୟାସ୍ ଭର୍ତ୍ତି ହୋଇ ପ୍ରଦୂଷିତ ହୋଇ ଯାଇଛି । ସେଭଳି ପରିବେଶରେ ଏ ପ୍ରଜାତି ଜୀବନରେ ଗୋଟିଏ ମିନିଟ୍ ସୁଦ୍ଧା ବଞ୍ଚିପାରିବେ ନାହିଁ । ଶ୍ୱାସରୁଦ୍ଧ ହୋଇ ମରିଯିବେ । ବିଶେଷ କରି ସ୍କାମ୍ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହେବାର ପ୍ରବଳ ଆଶଙ୍କା ଅଛି । ମସ୍ତିଷ୍କ ବିକଳାଙ୍ଗ ହୋଇଯାଇପାରେ ।

ତାଙ୍କର ସୁରକ୍ଷା ପାଇଁ ସବୁସ୍ତରରେ ଘୋର ଉଦ୍‌ବେଗ ପ୍ରକାଶ ପାଇଲା । ତାଙ୍କୁ କେବଳ ମିନେରାଲ୍ ପାଣି ପିଇବାକୁ ଦିଆଗଲା । ଚର୍ବି ବଢ଼ି ଉଚ୍ଚ ରକ୍ତଚାପ ହେବାର ଆଶଙ୍କା ଦୃଷ୍ଟିରୁ ତେଲ, ଲୁଣ ମଧ୍ୟ ମନା । ମଧୁମେହ ଆକ୍ରମଣରୁ ରକ୍ଷା କରିବା ପାଇଁ ମିଠା ଓ ଫଳମୂଳ ମନା । ତହିଁକି ଅନ୍ନ ମଧ୍ୟ ନିଷେଧ । କେବଳ ଦରସିଝା ପରିବା ଓ ସିଝା ଡାଲିପାଣି ଦିଆଯାଏ - ଡାକ୍ତର ପରୀକ୍ଷା କରି ସାରିବା ପରେ । ପ୍ରଦୂଷଣ ମୁକ୍ତ ବାୟୁମଣ୍ଡଳରେ, ଅର୍ଥାତ୍ ଗୋଟିଏ ଏକାନ୍ତ ନିର୍ଜନ ସ୍ଥାନରେ, ଏକ ବିରାଟ କାଚଘରେ ତାଙ୍କୁ ଅଣର ଅବଜର୍ଭେସନ୍ ରଖାଗଲା

କିଛି ଦିନ ପରେ ହିତୈଷୀ ସଂରକ୍ଷଣବାଦୀମାନଙ୍କର ସାଂଘାତିକ ସଦିଚ୍ଛାର ଆଘାତରେ ବାଇଆପାଳ ସତକୁ ସତ ବାଇଆ ବା ପାଗଳ ହୋଇଗଲେ । କିଛି ଖାଦ୍ୟ ଗ୍ରହଣ କଲେ ନାହିଁ । ଜେଲ୍‌ର ନିରପରାଧ କଏଦୀ ପରି ଅନଶନ ଆରମ୍ଭ କରିଦେଲେ । ତଣ୍ଟିରେ ନଳି ପୂରାଇ ଜୋର୍ କରି ପାକସ୍ଥଳୀକୁ ଖାଦ୍ୟ ପଠାଇଲେ, ପାଟିରେ ଆଙ୍ଗୁଠି ପୂରାଇ ତାକୁ ବାନ୍ତି କରିଦେଲେ । ଦିନେ ଦେଖାଗଲା, ସେ ଆଉ ଆଖି ଖୋଲୁନାହାନ୍ତି ବା ଜୀବନ୍ତ ମଣିଷ ପରି ଆଚରଣ କରୁନାହାନ୍ତି । ବିରୋଧିଦଳଙ୍କର ମୁଲତବି ପ୍ରସ୍ତାବ ବା ସରକାରଙ୍କର ଶ୍ୱେତପତ୍ର ତାଙ୍କର ନିର୍ଜୀବ ଦେହକୁ ଚଳନକ୍ଷମ କରିପାରିଲା ନାହିଁ । ଐତିହାସିକ ମଣିଷର ଏଇ ଶେଷ ସନ୍ତକଟି ପାଇଁ ଅନେକ ଗୁଡ଼ିଏ ଶୋକସଭା ହେଲା ।

ବାଇଆପାଳଙ୍କର ମୁର୍ଦ୍ଦାର ଭିତରେ ମସଲା ଖୁନ୍ଦି କାଚବାକ୍ସରେ ପୂରାଇ ରାଜ୍ୟର ଜାଦୁଘରେ ରଖାଗଲା । ବାକ୍ସର ନିମ୍ନରେ ସୁଦୃଶ୍ୟ ପିତଳ ଫଳକରେ ଲେଖାଗଲା -ମାନବ ନିର୍ମୂଳ ବିନାଶ ମନ୍ତ୍ରୀ ଶ୍ରୀଯୁକ୍ତ .........ଙ୍କର ନିର୍ବାଚନୀ ଗସ୍ତ ସମୟରେ ଆବିଷ୍କୃତ ବିରଳଜୀବ - ବାଇଆପାଳ । ମଣିଷଭଳି ଦିଶୁଥିବା ପ୍ରାଗୈତିହାସିକ ମଣିଷର ବିରଳପ୍ରଜାତି । ଦେଶର ଶେଷ ସତ୍‌ଚୋଟ୍ ନିଃସ୍ୱାର୍ଥପର ମଣିଷ ।

ଏହାର ଉଦ୍‌ଘାଟନ ଦିନ ବାଇଆପାଳ ଝିଅ ସେଠାକୁ ଧାଇଁ ଯାଇଥିଲା । ବାପାର ମଡ଼ାକୁ କାଚବାକ୍ସ ମିଶା କୁଣ୍ଢାଇ ଭୋ କରି କାନ୍ଦି ଉଠିଲା । ତାର ପରିଚୟ ପାଇବା ପରେ ଜଗୁଆଳିମାନଙ୍କର ଟଣାଓଟରାରୁ ତାକୁ ମୁକ୍ତ କରି ମନ୍ତ୍ରୀ ସାନ୍ତ୍ୱନା ଦେଲେ - ତୋ ବାପା ଭଳି କେତେଜଣ ଏମିତି ଜୀଅନ୍ତା ଦିଶନ୍ତି । ସେ ମଲାପରେ ମଧ୍ୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟକରି ଦେଶ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରିବେ । ଏଥିରେ ପୁଣି ତୁ କାନ୍ଦୁଛୁ ? ଜାଣିଛୁ, ତୋ ବାପାର ଶବକୁ ସାଇତିବା ପାଇଁ ଏ କାଚ ଖୋଦ୍ ବେଲ୍‌ଜିୟମ୍‌ରୁ ଆମଦାନୀ କରାହୋଇଛି । ତୋ ବାପାର ଶବ ଉଦ୍‌ଘାଟନ ପାଇଁ ଆଜିର ଉତ୍ସବ ପାଇଁ ଛତିଶି ଲକ୍ଷଟଙ୍କା ବରାଦ କରାଯାଇଛି । ଦେଢ଼ଶହ ଗାଡ଼ି, ମଟର ପଠାଇ ଲୋକ ଅଣାଯାଇଛନ୍ତି । ଜାଦୁଘରେ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ବାବଦ........ ମନ୍ତ୍ରୀ ପକେଟ୍‌ରୁ ଖଣ୍ଡେ କାଗଜ ବାହାର କରୁଥିଲେ ଆଉ କିଛି ହିସାବ ଦେବାକୁ । କିଛି ତଥ୍ୟ ପରସିବାକୁ । ମନରୁ ପାନ୍ଦି ମିଛ କଥା କହିବାର ଅଭ୍ୟାସ ତାଙ୍କର ନାହିଁ ।

ଭାଷଣ ଶୁଣିବାର ଅଭ୍ୟାସ ମଧ୍ୟ ଝିଅଟିର ନଥିଲା । ଆଖିଲୁହକୁ ପଣତକାନିର ପୋଛି ତୁପ୍‌କିନା ସେ ଉଠି ଚାଲିଗଲା । ବାପାର ଶବକୁ ସରକାରଙ୍କୁ ବିକ୍ରିକରି ଟଙ୍କା ଆଦାୟ କରିବାର କାଇଦା ମଧ୍ୟ ସେ ଓଲୁ ଦୁଆଟୋକୁ ଜଣାନାହିଁ ।





# ଆସ୍ଥାନ

କ୍ଲାଇବ୍ ପଲାସି ଯୁଦ୍ଧ ଜୟକରି ଫେରିବା ଭଳି ବାପା ବଡ଼ ପ୍ରସନ୍ନ ଦେଖାଯାଉଥିଲେ । ଅଧୁଆ ଗୋଡ଼ରେ ଯାଇ ଖଟ ଉପରେ ବସି ପଡ଼ିଲେ । ଦାଣ୍ଡଘରେ ନିଜର ଉପସ୍ଥିତି ଜଣାଇବା ପାଇଁ ବଡ଼ ପାଟିରେ ଡାକ ପକାଇଲେ, "ଶୁଣୁଛ ! ପାଣି ଗିଲାସେ ଆଣିଲ ।"

ବୋଉର ସତର୍କ ଦୃଷ୍ଟିକୁ ଫାଙ୍କି ବାପା କେତେବେଳେ ଆଉଜା ଦାଣ୍ଡକବାଟକୁ ନିଶବ୍ଦରେ ଠେଲି ଦାଣ୍ଡଘରେ ପଶିଯାଇଛନ୍ତି । ସାଧାରଣତଃ ବାହାରୁ ଆସିଲେ ପ୍ରଥମେ ବାପା ଦୁଆରର ପାଣିକୁଣ୍ଡ ପାଖକୁ ଗୋଡ଼ ଧୋଇବାକୁ ଯାଇଥାନ୍ତି । ଆଜି ସେଥିରେ ବ୍ୟତିକ୍ରମ କରି ବୋଧହୁଏ ବୋଉକୁ ସର୍‌ପ୍ରାଇଜ୍ ଦେବାକୁ ମନସ୍ଥ କରିଥିଲେ ।

ମୁଁ ମଧ୍ୟ ତଳଘରେ ମୋ ବଖରାରେ ଉତ୍କଣ୍ଠାର ସହ ଅପେକ୍ଷାକରି ବସିଥାଏ । ବୋଉ ସିନା ରୋଷେଇବାସରେ ବ୍ୟସ୍ତ ରହି ଜାଣିପାରିଲା ନାହିଁ, ହେଲେ ମୁଁ ତୁଆଠାରୁ ସିଆଣା ହୋଇ ସୁଦ୍ଧା ଠକିଯାଉଛି । ବୋଧହୁଏ ଅନ୍ୟମନସ୍କ ଥିଲି ।

ବୋଉ ପୂରା ଜାଳେ ପାଣି ଓ ଗିଲାସ ଧରି ମାତ୍ର କେଇ ପାହୁଣ୍ଡ ପକାଇ ଦୁଆର ଟପି ଦାଣ୍ଡଘରେ ହାଜର । ସିଏ ଏତେ ଜୋର୍‌ରେ ଧାଇଁଥିଲା ଯେ, କାଚ ସାରା ଜାଳରୁ ପାଣି ଚହଲି ଆଉ ଅଧେ ରହିଯାଇଥିଲା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ବେଳକୁ । ଊର୍ଦ୍ଧ୍ୱଶ୍ୱାସକୁ ଯଥାତଥା କଲିଜା ମଧ୍ୟରେ ମାଡ଼ିମକଚି ବୋଉ ପଚାରିଲା,- "କଣ ଦେଖିଲ ?"

ବାପା କୌଣସି ଉତ୍ତର ନ ଦେଇ ଆକଣ୍ଠ ଜଳପାନ କଲେ । ଗାମୁଛାରେ ମୁହଁ ପୋଛି ଲମ୍ବାଚୌଡ଼ା ହାକୁଟି ମାରି ପେଟଉପରେ ହାତବୁଲାଇ ଆଣିଲେ । କହିଲେ- "ଖାଇବା ଟିକେ ଜୋର ହେଇଗଲା । ଲୁଚି, ମାଂସ ତରକାରୀ, ମସଲାଦିଆ ଗୋଟିକିଆ ବଡ଼ ଚିଙ୍ଗୁଡ଼ି ଭଜା, ବିଲାତି ଖଜୁରୀ ଖଟା, ସନ୍ଦେଶ, ମାଲପୁଆ, ଛେନା ପାୟସ... ଆଃ, ସେଗୁଡ଼ାକ ସବୁ କଣ ମନେ ପଡ଼ୁଛି । ଯେତେ ମନା କଲି, ବାଧ କରି ... ।"

ଅତିଥ୍ୟଦାତାଙ୍କର ପରଷା ସାମଗ୍ରୀ ବିବରଣୀ ଶୁଣିବାକୁ ବୋଉର ଧୈର୍ଯ୍ୟ ନଥିଲା । ଟିକେ ଚିଡ଼ିଗଲା ଭଳି କହିଲା - ଶାଢ଼ୀ ନାଆଁ ଚନ୍ଦ୍ରମୁଖୀ,ଯିଏ ପିନ୍ଧିଲା ସିଏ ସୁଖୀ ।

ତମେ ତମର ପେଟକୁ ଖାଇଲ, ମୋର କଣ ଗଲା ? ମୁଁ କଣ ତୁମକୁ ଖାଇବା କଥା ପଚାରୁଛି ? କହୁନା, ସେଠି କଅଣ ଦେଖିଲ ?

ବାପା ତଥାପି ଉତ୍ତର ରଖି କହିଲେ - ସବୁ ଭଲ।

ବୋଉ ବୁଝିଗଲାଣି, ବାପା ମୃଦୁ ପରିହାସ କରୁଛନ୍ତି। ବାପାଙ୍କ ପାଖରେ ଖଟ ଉପରେ ବସିପଡ଼ି ସିଧା ମୁହଁକୁ ଚାହିଁ କହିଲା - ସେ ପେଖନା ବନ୍ଦକର, ସବୁ ସଫା ସଫା କୁହ। ରଙ୍ଗ ସଫାଟି ? ଦେହ କେମିତିଆ ? କଣ ସବୁ ଦବାନବା କରିବେ ବୋଲି କହିଲେ ?

ବୋଉ ବୋଧହୁଏ ଆହୁରି ଗୁଡ଼ାଏ ପ୍ରଶ୍ନ ପଚାରି ଯାଇଥାନ୍ତା। ବାପାଙ୍କର ସ୍ମୃତିଶକ୍ତି ଉପରୁ ଅଧୁନା ତାର ବିଶ୍ୱାସ କମି ଯାଇଥିବାରୁ ଆପାତତଃ ଏତିକି ପଚାରିଦେଇ ମୁହଁକୁ ଚାହିଁ ରହିଲା।

ବାପା ଶେଷମୁଣ୍ଡରୁ ଉତ୍ତର ଦେଇଆସିଲେ। ବୋଉର ଉତ୍କଣ୍ଠା ବଢ଼ାଇ ତାକୁ ଅଧିକ ଚିଡ଼ାଇବାକୁ ବୋଧହୁଏ ମନ କରୁଥିଲେ। ଦବା ନବା କଣ ବଡ଼କଥା ? ବୋହୂ ଯଦି ଲକ୍ଷ୍ମୀବନ୍ତ ହୋଇଥିବ ଯୌତୁକ କଣ ହେବ ? ତା' ଗୋଡ଼ରେ ଘରେ ଲକ୍ଷ୍ମୀ ମାଡ଼ିଯିବେ। ବୋଉ ପର୍ବକୁ ଅନ୍ୟ ପ୍ରଶ୍ନଗୁଡ଼ିକ ମନେ ପକାଇବାକୁ ଚେଷ୍ଟା କଲେ - "ହଁ, ରଙ୍ଗ ତା' ମାଆ ଭଳି ସଫା।"

"ତୁମେ ଝିଅକୁ ଦେଖିବାକୁ ଯାଇଥିଲ ନା ତା ମାଆକୁ ଦେଖିବାକୁ ଯାଇଥିଲ ? ତା ମାଆ ଗୋରୀ କି କାଳୀ, ମୁଁ କଣ ପଚାରୁଛି ?" ବୋଉ ମଛିମିଛିକା ଚିଡ଼ିଗଲା। "ବୋହୂ କଥା କହୁନା ! ପିଲାଟି ମନକୁ ଆସିଲାଟି ?"

ବୋଉକୁ ଉତ୍କଣ୍ଠା ମାଧ୍ୟମରେ ସାମୟିକ ଭାବରେ ଚିଡ଼ାଇ ପାରିଥିବାରୁ ବାପା ଦିଗ୍‌ବିଜୟୀ ହସଟାଏ ହସିଦେଲେ। "ହେଃ, ମୁଁ କଣ ମାହାଳିଆ ବାଟ ଖର୍ଚ୍ଚ କରି ଯାଇଥିଲି ? ଗଢ଼ଣ ... (ବୁଝାଇବାକୁ ଉପମା ଖୋଜୁଥିଲେ) ହଁ - ତୁମ ଭାଇଙ୍କର ଝିଅ ସୁମି ସାଙ୍ଗେ ମିଶିଯିବ। ହେଲେ ତା ଆସ୍ଥାନ ଟିକେ ବଡ଼।"

ଗଢ଼ଣ ବିଷୟରେ ବୋଉର ପଦେ ହେଲେ ଆପତ୍ତି କରିବାର ନଥିଲା। ତା'ର ଝିଆରୀର ଉପମା ହେବା ପାଇଁ ଯୋଗ୍ୟତା ଅଛି ବୋଲି ଜାଣିବା ପରେ ବୋଉର ଧାରଣା ଆସିଥିବ, ଯିଏ ସୁମିର ଗଠନର ପାଖାପାଖି ପହଞ୍ଚି ପାରିବ ସେ ବିଶ୍ୱସୁନ୍ଦରୀ। ଅବଶ୍ୟ ମୋର ସେ ମାମୁଁଝିଅ ଭଉଣୀଟିର ମୁହଁର ତଳନୀୟ ଗଢ଼ଣକୁ ବାଦ୍‌ଦେଲେ ସ୍ରଷ୍ଟାଙ୍କର ବହୁକାରୀଗରୀ ଜନିତ ତୃଟି ତା ଚେହେରାରେ ସୁସ୍ପଷ୍ଟ। ବର୍ଣ୍ଣ, ଟ୍ରକ୍‌ଟାୟାର୍ ପ୍ରକାରେ। ଅନ୍ୟ ସବୁ ଦିଗରୁ ଆଶ୍ୱସ୍ତ ଥିବା ସତ୍ତ୍ୱେ ସେଇ "ଆସ୍ଥାନ" ବ୍ୟାପାରରେ ବୋଉ ସାମାନ୍ୟ ଚିନ୍ତିତା ହେବା ପରି ମନେ ହେଉଥିଲା।

ବାପା ତା ମନକଥା ଠଉରେଇ କହିଲେ-ଖାଇଲା ପିଇଲା ଘରର ପିଲା। ସେଥିପାଇଁ ତା ଆସ୍ଥାନ ବଡ଼ ହେବା ସ୍ୱାଭାବିକ। ଟିକେ ରସିକତା କରି କହିଲେ - ତୁମ ଭଳି ଶାଶୁ



ହାତୁଡ଼ରେ ପଡ଼ିଲେ ତା ଆସ୍ଥାନ ବଢ଼େ କମିଯିବ।

ବାପା ତାଙ୍କର ଘୋଷଯାତ୍ରାର ଏଭଳି ଉଦ୍‌ଘୋଷଣ କରୁଥିଲେ ଯେ, ଆର ଘରେ ମତେ ସବୁ ସ୍ପଷ୍ଟ ଶୁଭୁଥିଲା। ମୋର ଜିଜ୍ଞାସା ମେଣ୍ଟାଇବା ପାଇଁ ବାପା ବୋଧହୁଏ ପ୍ରଚ୍ଛନ୍ନ ଭାବରେ ଚେଷ୍ଟା କରୁଥିଲେ।

ସବୁ କିଛି ଅସ୍ପଷ୍ଟ ଭାବରେ ଅନୁମାନ କରିନେଲି। ସାକ୍ଷୀମାନଙ୍କ ମୁହଁରୁ ଅପରାଧୀମାନଙ୍କର ବର୍ଣ୍ଣନା ଶୁଣି ପୋଲିସ୍ ଚିତ୍ରକାର ଅନୁମାନିକ ଆକୃତି ଆଙ୍କିବା ପରି ମାନସ୍ ପଟରେ ଗୋଟିଏ ଯୁବତୀର ଛବି ଆଙ୍କିବାକୁ ଚେଷ୍ଟାକଲାବେଳେ ଅଧାଛବିଟିଏ ତିଆରି ହୋଇଗଲା। ସେଇ ଆସ୍ଥାନ ପାଖରେ ମୋର କଳ୍ପନା ଶକ୍ତି ହାର ମାନିଲା। କାରଣ, ସେ ଶବ୍ଦଟିର ଅର୍ଥ ମୋତେ ଆଦୌ ଜଣା ନଥିଲା। ମୋର ଜ୍ଞାତସାରରେ ଆସ୍ଥାନ କହିଲେ ବସିବା ସ୍ଥାନକୁ ବୁଝାଏ। ମନ ସନ୍ଦେହରେ ଆନ୍ଦୋଳିତ ହେଲା - ମୋର ଭାବୀପତ୍ନୀର ତଉକି ପିଢ଼ାପଟା କଣ ବୃହତ୍ ? ମୋଟି ହୋଇଥାଇ ପାରେ ବୋଲି ସ୍ଥୂଳ ଧାରଣା ଆପାତତଃ ଆସୁଥିଲା।

କିଛିଦିନ ପରେ ମୋର ପ୍ୟାଣ୍ଟ ସାର୍ଟ କନା ନେଇ ମାପ ଦେବାକୁ ଦର୍ଜି ଦୋକାନକୁ ଗଲି। ମାଲିକ ଫିତାଧରି ମୋର ମାପ ନେଉଥାଏ। ତା ସହକାରୀ ଖାତାରେ ଟିପୁଥାଏ। ନିତମ୍ବ ଚାରିପଟେ ଫିତା ବୁଲାଇ ଡାକଦେଲା - ସିଟ୍ ୩୬। ଏତେବେଳକେ ଅଭିଧାନର ପୃଷ୍ଠା ବାହାରକୁ ଯାଇ ବୁଝିଲି ଯେ, ସିଟ୍ ବା ନିତମ୍ବର ଦେଶୀ ଅର୍ଥ ବୋଧହୁଏ ଆସ୍ଥାନ। କଥାଟାକୁ ଆଉଟିକେ ପ୍ରାଞ୍ଜଳ କରିବା ପାଇଁ ବାପାଙ୍କର ଜଣେ ଦୂର ସମ୍ପର୍କୀୟ ମହାଶୁର ମାନେ ମୋର ଅଜାଙ୍କୁ ଭେଟିଲି। ଅଜା ଅଡ଼ଗ ଗାଡ଼ି ବା କବାଡ଼ି ଦୋକାନ କଞ୍ଚାମାଲ ଭଳି ଏତେଟା ଖତରା ନୁହନ୍ତି। ବଡ଼ ମଉଜିଆ ସ୍ୱଭାବର ଲୋକ। ଶୃଙ୍ଗାରର ସାହିତ୍ୟରେ ତାଙ୍କର ଜବର ଦଖଲ। କୋଷରୁ ଓ କୋଷ ବାହାରୁ ସବୁ ପ୍ରକାର ଭାଷା ଅନାୟାସରେ ତାଙ୍କ ଅର୍ଦ୍ଧଦନ୍ତ ପଂକ୍ତି ଶୋଭିତ ଶ୍ରୀମୁଖରୁ ବାହାରେ। ମୋର ସଂଶୟ ପ୍ରସଙ୍ଗ ଶୁଣି ସେ ମନଇଚ୍ଛା ଅଧଘଣ୍ଟାଏ ହସିଗଲେ। ସେ ଆସ୍ଥାନର ନିରୁକ୍ତ ଅର୍ଥ ଯାହା କହିଲେ, ତାକୁ ଏଠାରେ ଲେଖିବା ସମ୍ଭବପର ନୁହେଁ। ତେବେ ଏକ ପଦରେ ବ୍ୟାଖ୍ୟା କଲେ, ଅର୍ଜୁନଙ୍କର ଧନୁରୁ ଶେଷ ଅକ୍ଷରଟି କାଟିଦେଲେ ଆଉ ଯାହା ରହିଯିବ, ତାହାହିଁ ହେଉଛି "ଆସ୍ଥାନ"। ସେମିତ ଚିଜଟି ତାଙ୍କ ପାଖରେ ମଧ ବିଦ୍ୟମାନ ଥିଲା। ସଚିତ୍ର ଅଭିଧାନ ପରି ସେ ତାଙ୍କର ବସ୍ତ୍ରାଚ୍ଛାଦିତ ଆସ୍ଥାନକୁ ଗୋଟାପଣେ ମୋତେ ପ୍ରଦର୍ଶିତ କରି ଯାବତ୍ ଚନ୍ଦ୍ରାର୍କେ ମୋର ଅଜ୍ଞତା ଦୂରୀକରଣ ପାଇଁ ଚେଷ୍ଟାକରନ୍ତେ ଏକାଡିଆଁକେ ଛତ୍ରଭଙ୍ଗ ଦେଇ ମୁଁ ଇଲାକା ବାହାରେ ପହଞ୍ଚଗଲି।

ପତ୍ନୀଙ୍କ ସହିତ ମାଗଣାରେ ଏଇ ମହାର୍ଘବସ୍ତୁ ପାଇବାର ସମ୍ବାଦରେ ଖୁସୀ ହେବା କଥା କି ଦୁଃଖ କରିବା ଉଚିତ୍ ବୁଝିପାରୁନଥିଲି। ଆମବେଳେ ବର ନିଜେ କନ୍ୟା ଦେଖିଯିବାର ବିଧି, ବ୍ୟବସ୍ଥା ନଥିଲା। ସେ ସମୟକୁ ଚାହିଁ ବାପା ଆମର କିଛି ମାତ୍ରାରେ ପ୍ରଗତିଶୀଳ ଥିବାରୁ ମୋତ ନିଜେ ଯାଇ କନ୍ୟାଦେଖି ଆସିବାକୁ ପରାମର୍ଶ ଦେଲେ। ଆସ୍ଥାନ ଦେଖିବାର

ପ୍ରବଳ ଲୋଭ ସତ୍ତ୍ୱେ ମନ କଥା ମନରେ ରଖି ବଶମ୍ବଦ ସନ୍ତାନର ଉପୁରି ନମୂନା ଦେଲି - ତୁମେ ନିଜେ ଦେଖି ଆସିଛ ଯେତେବେଳେ .....।

ମୋ ଥଙ୍ଗ ମଙ୍ଗ ଭାବରୁ ବାପା କିଛି ଅନୁମାନ କରିନେଲେ ବୋଧହୁଏ । ମଧ୍ୟସ୍ଥି କରିଆରେ କନ୍ୟାଘରକୁ ମୋ ଗସ୍ତ କ୍ରମ ପଠାଇଦେଲେ । ଆମ ସାଇର ଜଣେ ଘନିଷ୍ଠ ବନ୍ଧୁ ହେଲା ମୋ ଗସ୍ତ ସହକାରୀ ।

କନ୍ୟାଘରେ ଆମର ଚର୍ଚ୍ଚା ହେବା ଭିତରେ ମୋତେ ଭୀଷଣ ଅସ୍ୱସ୍ତି ବୋଧ ହୋଉଥାଏ । ମୁଁ ଆସ୍ଥାନକୁ ସ୍ୱସ୍ଥାନରେ ଦର୍ଶନ କରିବାର ଉତ୍କଣ୍ଠା ମଧ୍ୟରେ ଷାଠିଏ ସତୁରୀ ହଳ ଆଖି ଝରକା, ଚଉକାଠ ଓ ଅନ୍ୟାନ୍ୟ ଫାଙ୍କ ଦେଇ ମୋତେ ଚାହିଁଥାନ୍ତି । ସବୁତକ ପ୍ରାୟ ସେଠାକାର ଝିଅବୋହୂଙ୍କର ଆଖି । ଚିଡ଼ିଆଖାନା ଭିତରେ ବିଚିତ୍ରଜୀବକୁ ଜନ୍ତା ଚାରିପାଖେ ଦର୍ଶକଗଣ ବେଢ଼ିଯିବା ପରି ମୋତେ ଦର୍ଶନାର୍ଥିନୀମାନେ ଘେରଯାଇଥିଲେ । ଆମ ଦୁହିଁଙ୍କ ମଧ୍ୟରୁ ପ୍ରକୃତ ବରକୁ ଚିହ୍ନଟ କରିବା ପାଇଁ ପ୍ରବଳ ତର୍କ-ବିତର୍କ ଚାଲିଥିଲା ଚାପାଗଳାରେ ସେମାନଙ୍କ ମଧ୍ୟରେ । ବିକଳ ହୋଇ ମୁଁ ସ୍ଥାନତ୍ୟାଗ କରିବାକୁ ଚିନ୍ତା କରୁ କରୁ କନ୍ୟାରତ୍ନ ସଶରୀରେ ଆସି ଦର୍ଶନ ଦେଲେ । ଆଦୌ ଅତିରଞ୍ଜିତ କରି କହୁନାହିଁ, ଠିକ୍ ଅଢ଼େଇମାସର ହାତୀଛୁଆ ଭଳି ସ୍ୱାସ୍ଥ୍ୟ । କେବଳ ଆସ୍ଥାନ କାହିଁକି, ଅନ୍ୟାନ୍ୟ ଅଙ୍ଗନର ଅସ୍ୱାଭାବିକ ବିଶାଳତା ମଧ୍ୟ ପ୍ରଣିଧାନ ଯୋଗ୍ୟ । ଅସାବ୍ୟସ୍ତ ହେବା ପୂର୍ବରୁ ଦୁଇ ଗିଲାସ ପାଣି ଦୁଇ ନିଃଶ୍ୱାସରେ ପିଇଦେଇ ପଳାୟମାନ ସମ୍ବିତ୍‌କୁ ସମ୍ଭାଳିନେଲି । ମୋ ସାଙ୍ଗ ଇଶାରା କଲା, "କଣ ପଚାରିବାର କଥା ପଚାରୁନୁ"।

କନ୍ୟାଙ୍କର ସାମଗ୍ରିକ ଦର୍ଶନରେ ଜଡ଼ତା ମୋତେ ଘେରି ଯାଇଥିଲା । ତୁଣ୍ଡ ଫିଟିବାର ଯୁ'ନାହିଁ।

ହିଟଲର ମାର୍କା ବାପାଙ୍କର ସାମ୍ନାରେ ମୋ ପାଟି ଖନି ମାରିଯାଏ । ବୋଉକୁ ବଡ଼ କଷ୍ଟରେ ମୋର ସନ୍ତାପ, ମନର ଆଶଙ୍କା ଜଣାଇଲି । ବୋଉ ପ୍ରବୋଧନା ଦେଲା ଖାଇଲା ପିଇଲା ଘରର ଝିଅ ବାପ ଘରେ ସେମିତି ଡଉଲ ଡାଉଲ ଦେଖାଯାଆନ୍ତି । ଶାଶୁଘରେ ଖଟଣି ପଡ଼ିଲେ, ଛୁଆ ପିଲା ହେଲେ ବଳେ ଚୋପା ହୋଇ ଯାଆନ୍ତି । ତାଆରି ବୟସର ଗାଁର ଦୁଇ ଚାରିଜଣ ବୁଢ଼ୀଙ୍କର ଉଦାହରଣ ବୋଉ ଦେଲା, ଯେଉଁମାନେକି ଅତୀତର ଚାଲିଗଲା ବେଳେ ଗାଆଁ ଦାଣ୍ଡ ଦୁଲୁକି ଉଠୁଥିଲା ବୋଲି ବୋଉ କହିଲା । ବୋଉ ହେଲା ମରହଟ୍ଟି ଲୋକ । ତା ବିଚାରରେ - ଲମ୍ବପଣତ ସବୁଥିକି ପାଏ । ବୋହୂଟିଏ ଯଦି ଘରକୁ ଆଣିବେ, ବଡ଼କରି ମାଂସଳ ବୋହୂଟିଏ କାହିଁକି ନ ଆଣିବେ ? ବୋହୂଆଣିଥିବା ଯୌତୁକରେ ଘର ପୁରୁବା ନପୁରୁ, ଖୋଦ୍ ବୋହୂର ଉପସ୍ଥିତିରେ ଘର ପୂରି ଉଚ୍ଛୁଳି ଉଠିବ ।

ଗୁରୁଗୁଳିଆ ତିଥିରେ ଆମର ବିବାହ ସମ୍ପନ୍ନ ହୋଇଥିଲା । ଦେଖିଲା ଲୋକଙ୍କର ଆଖିଡୋଳାମାନ ବଧୂଦର୍ଶନାନ୍ତେ ଖୋପଭିତରୁ ଅଧେ ପଦାକୁ ବାହାରି ଆସିଲେ । ଆମର



ଭେଟାଭେଟି ବେଳାରେ ତାଙ୍କର ଆସ୍ଥାନର ସାମାନ୍ୟ ଆଘାତରେ ଖଟତଳେ ପଡ଼ି ମୁଁ ଚେତା ହରାଇଥିଲି ।

କୌଣସିମତେ ବର୍ଷଟିଏ ବିତିଗଲା । ବାପାବୋଉଙ୍କର ଭବିଷ୍ୟବାଣୀ ମିଛ ହେଲା । ଆମ ଗଣତନ୍ତ୍ରରେ ଧନୀ ଅଧିକ ଧନୀ ଓ ଗରିବ ଅଧିକ ଗରିବ ହେବା ଭଳି ଆମର ଅବସ୍ଥା ହେଲା । ହସ୍ତିନୀଙ୍କର ତଥାପି ମାଂସ ନିଅଣ୍ଟ ପଡ଼ିବାରୁ ସେ ମୋ ଆଡ଼ୁ ଭରଣା କଲେ । ତାଙ୍କର ଆସ୍ଥାନ ମାମୁଁ-ଭଣଜା ପାହାଡ଼ ଭଳି ଦେଖାଯିବା ବେଳକୁ ମୋର ଆସ୍ଥାନ ଫୁଟା ସିଲ୍‌ଭର୍ ଡେକ୍‌ଚି ଭଳି ଦେଖାଗଲା । ଲୋକେ, ବିଶେଷ କରି ଭାଉଜମାନେ ଟାପରା କଲେ - ମୋର କୁଆଡ଼େ ଯିବା ଆସିବା କରିବାକୁ ଯାନବାହାନ ଦରକାର ନାହିଁ । ମୋ ସ୍ତ୍ରୀ ମୋତେ ଅକ୍ଳେଶରେ କାଖେଇ ନେଇ ଯାଇ ପାରିବ ।

ତାଙ୍କର ଆସ୍ଥାନରେ ମୋ ଘର ଏଭଳି ପୂରିଗଲାଯେ, ବାପା ବୋଉଙ୍କୁ ଜାଗା ନିଅଣ୍ଟ ହେଲା । ସେମାନେ ଘର ଛାଡ଼ି ଚାଲିଗଲେ ଆର ପାରିକୁ । ଆଗ ବାପା ଓ ତାର ଚାରିମାସ ନ ପୂରୁଣୁ ବୋଉ । ସେଯାଏ ଆମର ପିଲାପିଲି ହୋଇ ନଥାନ୍ତି । କଥାରେ କହନ୍ତି, ବଡ଼ଗଛ ଡେରିରେ ଫଳେ ।

ଏକଦା ଅଧରାତିରେ ଆମ ବାଡ଼ିକବାଟରେ ପ୍ରବଳ ଶବ୍ଦ ହେଲା । ତା ସାଙ୍ଗକୁ ଆତସବାଜି ଭଳି ଶବ୍ଦ ମଧ୍ୟ ଶୁଣାଗଲା । କାଠଗଡ଼ ସାହାଯ୍ୟରେ କବାଟ ଭାଙ୍ଗି ଡକାଏତମାନେ ଆମ ଘରେ ପଶିଲେ । ଆମ ଶୋଇବା ଘରେ କବାଟକୁ ଭୁଷୁଣ୍ଡା ଭୁଷୁଣ୍ଡା ପାଞ୍ଚ ଛଅଟୀ ଟୋକା ଶାବଳରେ ଭାଙ୍ଗିଦେଲେ । ଡକାଏତ୍ ସର୍ଦ୍ଦାର ଗୋଟାଏ ଟୋକାକୁ ଧରି ମୋ ଘରଭିତରକୁ ପଶି ଆସିଲା । ସର୍ଦ୍ଦାର ହାତରେ ପିସ୍ତଲ । ଟୋକାଟା ହାତରେ ଲମ୍ବା ଛୁରୀ । ସର୍ଦ୍ଦାର ଆଦେଶ ଦେଲା, "ଆଲମାରୀ ଚାବିକୋଉଠି ରଖିଚୁ ବାହାର କର ।" ଏତିକି କହିବା ବେଳକୁ ଟୋକାଟା ଛୁରୀକୁ ମୋ ନାହିମୁଣ୍ଡାରେ ଲଗାଇ ସାରିଥାଏ । ମୁଁ ବଡ଼ କଷ୍ଟରେ ଠାର୍‌ଠୁର୍ କରି ମୋ ସ୍ତ୍ରୀଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇଲି । ମୋ ଦୃଢ଼ ବିଶ୍ୱାସ ଥିଲା, ଏ ଲମ୍ବ ଛୁରୀଟା ତାଙ୍କ ପେଟରେ ପଶିଲେ, ପାଳ ଗଦା ଭିତରେ ଛୁଞ୍ଚ ପଶିବା ପରି କୁଆଡ଼େ ହଜିଯିବ ।

କବାଟ ଭଙ୍ଗା ବେଳଠାରୁ ହସ୍ତିନୀଙ୍କର ନିଦ ଅଧାପାକଳ ହୋଇ ସାରିଥାଏ । ଏଇମାତ୍ର ନଦ ମଳମଳ ଆଖିରେ ଘରକୁ ପଶି ଆସିଥିବା କୁଣିଆଙ୍କୁ ବଲବଲ କରି ଚାହିଁଥାନ୍ତି । କିଛି ବୁଝିପାରିଲେ ସିନା ଭୟ କରନ୍ତେ । ବୋଧ ହୁଏ ସେ ପର୍ଯ୍ୟନ୍ତ ସେ ସ୍ୱପ୍ନ ଦେଖୁଛନ୍ତି ବୋଲି ଭାବୁଥିଲେ । ସେ ସବୁଥିରେ ଟିକେ ମନ୍ଥର । ଡେରିରେ ଶୁଣନ୍ତି । ଡେରିରେ କଥା କୁହନ୍ତି । ଉଚ୍ଛୁରରେ ଖାଆନ୍ତି ଓ ବିଳମ୍ବରେ ଶୁଅନ୍ତି । ତେଣୁ ଉଠିବା ପ୍ରହର ଗଡ଼େଇ ବହୁ ବିଳମ୍ବରେ ଉଠନ୍ତି । ତାଙ୍କର ପହଡ଼ ଭାଙ୍ଗିବା ପାଇଁ ଆବଶ୍ୟକ ବେଳେ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥାଏ । କବାଟ ଭଙ୍ଗା ଓ ଭୟଙ୍କର ବୋମା ବିସ୍ଫୋରଣ ହୋଇ ନଥିଲେ ତାଙ୍କର ଆଖି ଖୋଲିବାର ପ୍ରଶ୍ନ ଉଠୁ ନଥିଲା ।

ପିସ୍ତଲ ନଳୀକୁ ତାଙ୍କ ଆଡ଼କୁ ଦେଖାଇ ଡାକୁସର୍ଦ୍ଦାର ତାଙ୍କ ପାଖକୁ ଏକା ଖେପାରେ ଖେଦିଗଲା । ତାଙ୍କର କାନମୁଣ୍ଡାରେ ନଳୀ ଛୁଆଇଁ ଘଡ଼ଘଡ଼ି ମାରିବା ଭଳି ଗର୍ଜନ କଲା, "ଜଲଦି ଚାବି ବାହାର କର ।"

ମୋର ଘରମଣି ଆଲମାରୀ ଚାବିକୁ ତାଙ୍କ ଉପରେ ଥୁଆହୋଇଥିବା କମ୍ବଳ ଗଣ୍ଡିଲିତଳେ ଲୁଚେଇ ରଖନ୍ତି । ଖଟ ଉପରେ ଠିଆହେଲେ ଯାଇ ତାକୁ ହାତ ପାଇବ । ଏବେ ସୁଦ୍ଧା ସେ ସ୍ୱପ୍ନାବେଶରେ ଥିବା ଭଳି ଦିଶୁଥିଲେ । ନିଦୁଆ ଆଖିରେ ସାମାନ୍ୟ ପାପୁଲି ଛୁଇଁ ଦେଇ ଖଟ ଗଦି ଉପରେ ଠିଆ ହେବାକୁ ଚେଷ୍ଟା କଲେ । ଠିଆ ହେବାର ପ୍ରଚେଷ୍ଟାରେ ଓ ଆଖି ମଳିବାରେ ଯଥେଷ୍ଟ ନିଦ ଛାଡ଼ିଯାଇଥିଲା । ତାଙ୍କର ଦୃଷ୍ଟି ନିବଦ୍ଧ ହୋଇଥିଲା ବୃହଦାକାର ଚୋର ଉପରେ । ପାଦ ଟଳମଳ ହେଲା । ତାକୁ ହାତ ବଢ଼ାଇ ଧରି ପକାଇବା ପୂର୍ବରୁ ହଠାତ୍ ଗଛ କାଟିବା ପାରି ଗଳି ପଡ଼ିଲେ ସର୍ଦ୍ଦାର ଉପରେ । ବୋପାଲୋ... ବିକଳ ଚିତ୍କାର ସହ କର୍ଣ୍ଣଭେଦୀ କୋ ଏବଂ ତା ସାଙ୍ଗରେ ଆଉ ଏକ ମର୍ମାନ୍ତିକ ଆର୍ତ୍ତଚିତ୍କାର । ଏକା ସାଙ୍ଗରେ ଏତେ କଣ ସବୁ ଘଟିଗଲା, ମୁଁ କିଛି ବୁଝିପାରୁ ନଥିଲି । ପିସ୍ତଲ ଫୁଟିବା ସହିତ ଘରସାରା ରକ୍ତ ଦେଖି ମୋର ପ୍ରଥମ ଧାରଣା ହେଲା, ହସ୍ତିନୀ ବୋଧହୁଏ ଗୁଳିଖାଇ, ନାରାୟଣଙ୍କ ନିବାସକୁ ଗମନ କଲେ । ତାହୁଁ ଚାହୁଁ ସେ କୁଜାଣ ସହ ଦୁଇ ହାତରେ ନିଜର ଆସ୍ଥାନ ସାଉଁଳି ଉଠିଲେ । ସାତତାଳ ଖନନ ପରେ ଐତିହାସିକ ଗଡ଼ ଆବିଷ୍କୃତ ହେବା ଭଳି ତାଙ୍କର ଆସ୍ଥାନତଳୁ ଆବିଷ୍କୃତ ହେଲା ସର୍ଦ୍ଦାରର ବେହୋସ ବପୁ । ବିଚରା ହସ୍ତିନୀଙ୍କ ଭାରା ତଳେ ନିର୍ଘାତ କଚଡ଼ା ଖାଇ ମୁଣ୍ଡ ଫାଟି ଯାଇଛି । ଡକାଏତର ଚେଲାକୁ ଖୋଜିବା ବେଳକୁ ସିଏ ପଡ଼ିଥିଲା ମୋ ପାଦ ତଳେ । ପିସ୍ତଲରୁ ଫୁଟିଥିବା ଗୁଳି ମାତ୍ର ଚାରି ପାଞ୍ଚ ଇଞ୍ଚ ବ୍ୟବଧାନରେ ଲକ୍ଷ୍ୟ ଭ୍ରଷ୍ଟ ହୋଇ ମୋ ଛାତିରେ ନ ପଶି ତା ଛାତିରେ ପଶିଯାଇଥିଲା । ଅର୍ଥାତ୍, ସର୍ଦ୍ଦାର ପଡ଼ିବା ଅବସ୍ଥାରେ ପିସ୍ତଲ୍ ଅକସ୍ମାତ୍ ଫୁଟିଯାଇଥିଲା । ଚଟାଣରେ ଛିଟିକି ପଡ଼ିଥିବା ପିସ୍ତଲକୁ ହସ୍ତିନୀ ଗୋଟାଇ ଧରି ଭଲକରି ଦେଖିବାକୁ ଚେଷ୍ଟା କଲେ । ସଦ୍ୟଫୁଟା ଗୁଳିର ବାରୁଦ ଗନ୍ଧ ନାକରେ ବାଜିବାରୁ ହାତକୁ ନାକଠାରୁ ଯଥା ସମ୍ଭବ ଦୂରକୁ ନେଇଗଲେ ।

ଭାରିପତନ ଶବ୍ଦ ସହିତ ପିସ୍ତଲ ଫୁଟିବାର ଶବ୍ଦ ଶୁଣି ଆରଘରୁ ସରଞ୍ଜାମ ରୁଣ୍ଡ କରୁଥିବା ଡକାଏତ ସାଥିମାନେ ଏ ଘରକୁ ମାଡ଼ି ଆସିଲେ । କିନ୍ତୁ .... ଦ୍ୱାର ମୁହଁରେ ପାଦ ଦେଉ ଦେଉ ଘର ଭିତରେ ଦୁଇ ଦୁଇଟି ରକ୍ତ ଧୌତ ଭୂଲୁଣ୍ଠିତ ଦେହ ଓ ପିସ୍ତଲ ଧାରିଣୀ ବିଶାଳକାୟା ରମଣୀଙ୍କୁ ଦେଖି କଣ ମନେ କଲେ କେଜାଣି, ପ୍ରାଣ ବିକଳରେ ବାଡ଼ିବାଟ ଧରିଲେ । ସେତେବେଳକୁ ଗ୍ରାମବାସୀମାନେ ଠେଙ୍ଗାବାଡ଼ି ଧରି ଆମ ଘରକୁ ଚାରିଆଡୁ ଘେରି ଗଲେଣି । ସେନାପତିର ଅନୁପସ୍ଥିତିରେ ସୈନ୍ୟମାନେ ଯୁଦ୍ଧ କରିବେ କଣ ? ଲୋକଙ୍କର ଠେଙ୍ଗା ଓ ଢେଲାମାଡ଼କୁ ଚୋରମାନେ ବରଦାସ୍ତ କରୁକରୁ ଭୋଗ୍ ହୋଇଗଲା । କାହାଠାରୁ ଖବର ପାଇଲେ କେଜାଣି, ପୋଲିସ୍‌ବାଲା ଜିପ୍‌ରେ ଆସି ପହଞ୍ଚିଗଲେ । ଗ୍ରାମ ଲୋକଙ୍କ



କବଳରୁ ପାଞ୍ଚଟା ଘାଏଲା ଡକାଏତ୍‌କୁ ଉଦ୍ଧାର କରି ହାତକଡ଼ିପିନ୍ଧାଇ ଜିପ୍‌ରେ ବସାଇଲେ ।

ସଦଳବଳେ ଘର ଭିତରକୁ ଆସି ଆଗ ମୁର୍ଦ୍ଦାରକୁ ବାହାରକୁ ଟେକି ଆଣି ଥୋଇଲେ । ତାହା ପରେ ପତ୍ନୀଙ୍କର ଜମାନ୍‌ବନ୍ଦୀ ନେଲେ । ସେ କହି ସାରିବା ପରେ ମୋର ପାଳି ପଡ଼ିଲା । ମୋ କଥା ସରିଆସିବା ବେଳକୁ ସର୍ଦ୍ଦାରର ଚେତା ଫେରିଲା । ଖପ୍‌କରି ତାକୁ ମାଡ଼ିବସିଲେ ପୋଲିସ୍ ବାବୁ । ଅବଶେଷରେ ପୋଲିସ୍‌ବାବୁ ହସିହସି ହସ୍ତିନୀଙ୍କୁ ବଧେଇ ଜଣାଇ କହିଲେ ଯେ, ଏଇ କୁଖ୍ୟାତ ଡାକୁ ସର୍ଦ୍ଦାରକୁ ଧରାଇଦେବା ଲାଗି ପଚିଶି ହଜାର ଟଙ୍କା ପୁରସ୍କାର ସରକାର ଘୋଷଣା କରିଥିଲେ ।

ସରକାରୀ କଥା । ପୁରସ୍କାର ଅବଶ୍ୟ ଟିକେ ବିଳମ୍ବରେ ମିଳିଲା । ମୁଁ କେବଳ ବାପାଙ୍କର ଦୃଷ୍ଟିକୁ ତାରିଫ୍ କରୁଥିଲି । ସେ ସେଇକି ଆସ୍ଥାନ ଦେଖି ଆଣିଥିଲେ ବୋଲି ଏତେବଡ଼ ଚୋରୀ ଟାଳି ହୋଇଗଲା ଓ ଏତେ ଟଙ୍କା ଲାଭ ହେଲା ।

ପର ମୁହୂର୍ତ୍ତରେ ଦେହ ଶୀତେଇ ଉଠିଲା - ହେ ଭଗବାନ .... ଗୁଳିଟା ଫୁଟି ସିନା ମୋ ପାଖରେ ଠିଆ ହୋଇଥିବା ଟୋକାଟା ଛାତିରେ ପଶିଗଲା । କିନ୍ତୁ ... ଟିକେ ଏ ପାଖ ସେ ପାଖ ହୋଇଥିଲେ ... ।



# ପ୍ରତିଭାପୂଜା

ବାପଅର୍ଜିତ ସମ୍ପତ୍ତିକ ଠିପିଖୋଲା ଡବାରୁ ପେଟ୍ରୋଲ୍ ଉଡ଼ିଯିବା ପରି ଖୋଲା ଖର୍ଚ୍ଚରେ ଉଡ଼ିଯିବା ପରେ ଗଜକିଶୋରଙ୍କର ଚେତା ପଶିଲା । ବାବୁ ଗଜକିଶୋର ପରସ୍ତେ ଧନ୍ଦାଳି ହେଲେ । ପେଟ ପୋଷିବା ପାଇଁ ପେଞ୍ଚପାଞ୍ଚ କରିବାକୁ ଅଣ୍ଟାଳି ହେଲେ । ଅଗତ୍ୟା ଦିନେ ଅତୀବ ହତାଶ ହୋଇ ତନ୍ତ୍ର ସାହିତ୍ୟ ଭବନରେ ଲୋକଗହଳି ଦେଖି ପଶିଗଲେ । ହତାଶ ମଣିଷ ନିଶାଖାଇ ଟଳମଳ ହୋଇଥିବା ଚୈତନ୍ୟର ଡଙ୍ଗାକୁ ପୂରା ବୁଡ଼ାଇ ଦିଅନ୍ତି । ଗଜକିଶୋରଙ୍କର ଆତ୍ମହତ୍ୟା କରିବା ପାଇଁ ଆଉ ମାତ୍ର ଟୋପାଏ ପ୍ରମାଣର ପ୍ରେରଣା ଆବଶ୍ୟକତା ଥିଲା । ସେଥିପାଇଁ ଆଜିକାଲିର କବିତା ପାଠୋତ୍ସବ ଯଥେଷ୍ଟ ବୋଲି ସେ ଶୁଣିଥିଲେ । ସେଠି କୁଆଡ଼େ ଶହେରେ ପଞ୍ଚାନବେ ଜଣ ଏଭଳି ସୁନ୍ଦର କବିତା ପାଠକରନ୍ତି ଯେ, ତାକୁ ଶୁଣିଲେ ମୁଣ୍ଡବାଡ଼େଇ ମରିବାକୁ ମନ ହୁଏ । ମନରୁ ସଂସାରର ମାୟା ଛାଡ଼ିଯାଏ । ଯେଉଁ କେତେଜଣ ଭଲ ଭଲ କବି ସେଠି ଥାଆନ୍ତି ସେମାନେ ନୀଳକଣ୍ଠଙ୍କ ପରି ନିର୍ଲିପ୍ତ ଭାବରେ ମୁଖବିକୃତ କରି ଅକବିତାଗୁଡ଼ାକୁ ହଜମ କରି ଯାଆନ୍ତି । କାରଣ, ଏ ଗୁଡ଼ାକୁ କବିତା ପଢ଼ିବାକୁ ସୁଯୋଗ ନଦେଲେ ସାହିତ୍ୟ ସଭାରେ ତାଙ୍କର କବିତା ଓ ଭାଷଣ ଶୁଣିବାକୁ ଆସିବ କିଏ ? ସେମାନେ ନିଜେ ଉଦ୍ୟୋକ୍ତାମାନଙ୍କର କଥା ଭାଙ୍ଗି ନପାରି ନିମନ୍ତ୍ରଣ ରକ୍ଷାକରି ଆସିଥିବାରୁ ପ୍ରତ୍ୟେକ କବିତା ପାଠୋତ୍ସବ ପରେ ମାସେ ଯାଏ ପସ୍ତେଇ ହୁଅନ୍ତି ।

ସେଠି ପଛପଟର ଗୋଟିଏ ଖାଲି ଚଉକିରେ ବପୁ ସ୍ଥାପନ କରି ଗଜକିଶୋର ଦେଖିଲେ ଜଣ ଗୋଟାଏ ପ୍ରତିଭାପୂଜା ଚାଲିଛି । ଲୋକଙ୍କର କଥାବାର୍ତ୍ତାରୁ ଜାଣିଲେ ଯେଉଁ କବିଙ୍କୁ ସ୍ୱନକ୍ଷତ୍ର ସମ୍ବର୍ଦ୍ଧନା (ଜନ୍ମଦିନ ସମ୍ବର୍ଦ୍ଧନା) ଦିଆଯିବ, ସେ ନିଜ ଗାଣ୍ଠିଆରୁ ସବୁ ଆୟୋଜନ କରିଛନ୍ତି । ନିଜ ବେକ ମାପରେ ମୋଟା ଗଜରା, ପଞ୍ଜାବୀକୁ ମାନିବା ବାଗରେ ସମ୍ବଲପୁରୀ ଚାଦର, ନିଜେ କିଣିଆଣିଛନ୍ତି । ଯେଉଁ ଅନୁଷ୍ଠାନର ନାମାଙ୍କିତ ବସ୍ତ୍ର ମଞ୍ଚ ଉପରେ ଝୁଲୁଛି, ସେଇ ତଥାକଥିତ ଅନୁଷ୍ଠାନଟି ଖଞ୍ଜାରେ ପଞ୍ଜିକରଣ କରାଯାଇଥିବା ଖୋଦ୍ କବିଙ୍କର ବେସରକାରୀ ଅନୁଷ୍ଠାନ । କବି ନିଜେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି । ଅନୁଷ୍ଠାନର ଉପବିଧି ଫର୍ଦ୍ଦ, ରସିଦ ବହି, ଆୟବ୍ୟୟ ହିସାବ ଖାତା, ମୁଦ୍ରିତ ଚିଠି ପ୍ୟାଡ୍ ଇତ୍ୟାଦି ସବୁ



କବିଙ୍କର କାନ୍ଧଝୁଲାରେ ପଡ଼ିଥାଏ । ସେ ଝୁଲାରେ ଅନ୍ତତଃ ତିନି ଚାରିଟି ଅନ୍ୟାନ୍ୟ ଏଭଳି ଅନୁଷ୍ଠାନର ସର୍ବସ୍ୱ ଥାଏ । ସବୁ କବିଙ୍କର ସାରସ୍ୱତସୃଷ୍ଟି ରୋଜଗାରିଆ ପୁତ୍ରତୁଲ୍ୟ । କବି ଯେଉଁଠି ବସିଗଲେ ସେଠି ଅନେକଗୁଡ଼ିଏ ଅନୁଷ୍ଠାନ କବିଙ୍କର ଇଚ୍ଛାରେ ସେମାନଙ୍କର ଏକକ ବା ସାମଗ୍ରିକ ଉପସ୍ଥିତି ଜାହିର୍ କରି ପାରନ୍ତି । ତଥାପି ତାଙ୍କର ମନ ବୁଝେନା । ସାହିତ୍ୟ 'ସ' ଅକ୍ଷର ସହ ଅପରିଚିତ ବଡ଼ପୁଅକୁ ପ୍ରତିଷ୍ଠାତା - ସଭାପତି ବନେଇ ଆଉ ଗୋଟାଏ ଅନୁଷ୍ଠାନ ଗଢ଼ି ଦେଇଛନ୍ତି । ନିଜର ଝୁଲା ଭରିଯିବାପରେ ଆଉ ଚାରି ପାଞ୍ଚଟା ଅନୁଷ୍ଠାନ ତିଆରି କରି ରବରଷ୍ଟାମ୍ ଆକାରରେ ପକେଟ୍‌ରେ ପୂରାଇ ବୁଲୁଛନ୍ତି । ଖବର କାଗଜକୁ ଅନୁଷ୍ଠାନ ନାମରେ ଅନୁଷ୍ଠାନର ବିଭିନ୍ନ ଉତ୍ସବ ବାବଦରେ ସମ୍ବାଦ ପଠାଇବା ପାଇଁ କେବଳ ଦଶପଇସାର କାଗଜ ଫର୍ଦ୍ଦେ ମିଳିଗଲେ ଅନୁଷ୍ଠାନର ଏକମାତ୍ର ଦାୟିତ୍ୱ ଖତମ୍ ।

ଗଜକବି ବୁଝିପାରିଲେ ଇଏ ସେଇ ଡୋଖଡ଼ମାର କବି ଯିଏକି "ପୁଲିସି ମୁଁ ତୁମକୁ ଗୁଳି କରିଦେବି", "ହେ ଡ୍ରାଇଭର, ଗାଡ଼ି ଚଳେଇବା ବନ୍ଦକର" ଭଳି ଦୁଇଟା କବିତା ଲେଖିଥିଲେ । ଭିତରେ କବିତାରେ ଯାହା ଥାଉ, କବିତାର ଏଭଳି ଶୀର୍ଷକ ପାଇଁ ସେ ତତ୍କାଳୀନ ସାହିତ୍ୟିକ ଇଲାକାରେ ଭୂମିକମ୍ପ ସୃଷ୍ଟି କରି ପାରିଥିଲେ । ରିଚ୍‌ଟର୍ ସ୍କେଲରେ ସେ କମ୍ପନ ସାଢ଼େସାତ ଥିବ ବୋଲି ତତ୍କାଳୀନ ସମାଲୋଚକମାନେ କହନ୍ତି, ଯେଉଁମାନଙ୍କୁ ଏ କବି ଦୁଇ ତିନି ଖଣ୍ଡ ଲେଖାଏଁ ମାନପତ୍ର ନିଜ ଅନୁଷ୍ଠାନ ତରଫରୁ ଦେଇଥିଲେ । ତାଙ୍କର ନିର୍ଘାତ କବି ପ୍ରତିଭାକୁ ଯାଚି ଗୁଞ୍ଜି ଲୋକମାନଙ୍କୁ ଧରାଇଲେ । ଲୋକେ ତାକୁ ସଢ଼ାମଲାମୂଷା ଭଳି ଫିଙ୍ଗି ଦେବାରୁ ସେ ଗୋଟିଏ ସମ୍ବର୍ଦ୍ଧନା ସଭାକରି ନିଜକୁ ମାନପତ୍ର ଦେଇ ବାନାକବି ଉପାଧିରେ ଭୂଷିତ କରାଇଲେ । ବାଟରେ ଘାଟରେ ଯାଉଥିବା ଯେ କୌଣସି ଲୋକ ତାଙ୍କୁ ଚିହ୍ନି ନ ପାରିଲେ ବାନାକବି ତା କଲ୍ଲାକୁ ପଛରୁ ଟାଣିଧରି ପଚାରନ୍ତି, "କି ଆଶ୍ଚର୍ଯ୍ୟ ! ଆଜି ଯାଏ ତୁମ ସାଧାରଣ ଜ୍ଞାନ୍ ଏତେ ତଳେ ଅଛି ! ମୁଁ ପରା ବାନା କବି ।" ସଙ୍ଗେ ସଙ୍ଗେ ଝୁଲାରେ ସଯତ୍ନେ ସାଇତା ପୁରୁଣା ଖବରକାଗଜ ଖଣ୍ଡିଏ କାଢ଼ି ତାକୁ ଅଜବଭାବେ ଦେଖୁଥିବା ଲୋକଟିର ମୁହଁପାଖେ ହଲାନ୍ତି । ସେଇ କାଗଜରେ କୋଡ଼ିଏ ବର୍ଷ ତଳେ ସେ "ବାନାକବି" ଉପାଧିରେ ଭୂଷିତ ହୋଇଥିବା ସମ୍ବାଦ ଛପାହୋଇଥିଲା ।

ବାନାକବିଙ୍କର ତଳିଆ, ଡାହାଣହାତ କହିଲେ ଜଣେ ବ୍ୟକ୍ତିତ୍ୱ ବିହୀନ ତୁରତୁରିଆ, ଟିକେ ପାଟିଲାଗୁଥିବା ମାଇନର ସ୍କୁଲ ମାଷ୍ଟରଙ୍କୁ ବୁଝାଏ । ବାନାକବି ତାଙ୍କୁ ମାହାପ୍ରସାଦଦିଆ ଶାଳକ କରି ସମ୍ପାଦକ ପଦରେ ବସାଇ ଦେଇଛନ୍ତି । ଏ ଗୋପାଳମାଷ୍ଟ୍ରେ ଭାବୁଛନ୍ତି, କିଛି ଜ୍ଞାନ ନଥାଇ କେବଳ ଯୋଗାଡ଼ିଆ ପଣରୁ ବାନାକବି ଯଦି କୋପବାଡ଼େଇ ନାଆଁ କମେଇ ପାରିଛନ୍ତି, ତାଙ୍କରି କରୁଣାରୁ ସେ ନିଜେ ହୁଏତ ତରିଯିବେ । ଅଧା ତିଆରି ଘରଟାକୁ ପୂରାଠିଆ କରିଦେବେ । ଉପର ସ୍ତରରେ ପରିଚିତ ହୋଇ ନାଆଁ କରିଯିବେ । ତାଙ୍କରିଭଳି ଶହେ ଦୁଇଶହ ଲୋକ ସାହିତ୍ୟ ବଖରାର ପାହାଚରେ ଗୋଡ଼ନଦେଇ ଯଦି ବଡ଼ ବଡ଼ ଅନୁଷ୍ଠାନରେ କେବଳ ପଛଗୋଡ଼ାଣିଆ ଗୁଣରୁ ପଦପଦବୀରେ ରହି ନିଜର ଫାଇଦା ଉଠାଇ ପାରୁଛନ୍ତି,

ସେ କାହିଁକି ନ ପାରିବେ ।

ଗଜକିଶୋର ଅନେକ ଉପଯୁକ୍ତ ଲୋକଙ୍କୁ ବାହାରେ ଚିହ୍ନିଛନ୍ତି । ତହିଁ ମଧ୍ୟରୁ କେତେଜଣ ପାନଦୋକାନୀ, ବିଡ଼ି ବନୁଥିବା କାରୀଗର, ଦୁଧବାଲା, ପାଉଁରୁଟି ବିକାଳି, ଜଳଖିଆ ଦୋକାନୀର ପରିଷିବା ପିଲା, ସାଇକେଲ୍ ମରାମତି କଲାବାଲା, ପରିବା ଦୋକାନୀ ଅଛନ୍ତି । ସଭାର ଅଧେଯୁବକ କୁଆଡ଼େ ବାନାକବିଙ୍କ ପୁଅର କଲେଜ୍ ପଢ଼ା ସାଙ୍ଗ । ଗୋଟିଏ ଟ୍ରେକର୍ ଭଡ଼ାକରି ବାନାକବି ସବୁ ଚିହ୍ନା, ପରିଚିତଙ୍କ ଘରକୁ ଯାଇ ହାତ ଓଠ ଧରି, ଗୋଡ଼ତଳେ ପଡ଼ି, ଦଣ୍ଡବତ କରି, ନେହୁରା ହୋଇ ସଭାକୁ ଡାକି ଆଣିଛନ୍ତି । ଲୋକଙ୍କୁ ଚଉକିରେ ବସାଇ ସାରି ଆଗଧାଡ଼ିର କେତେଜଣଙ୍କୁ ଟାଣି ଓଟାରି ନେଇ ମଞ୍ଚରେ ବସାଇଲେ । ତାଙ୍କର ଅବସ୍ଥା ଦେଖିଲେ ମନେ ହେଉଥିଲା, ସତେକି ଅନୂଢ଼ା କିଶୋରୀକୁ ବଳତ୍କାର ଉଦ୍ଦେଶ୍ୟରେ ଗୁଣ୍ଡାଟାଏ ଟାଣି ଟାଣି ନେଉଛି । ଯେ କୌଣସି ସଭାରେ ମଞ୍ଚାସୀନ ହେବା ପାଇଁ ବ୍ୟାକୁଳିତ ହେଉଥିବା ଏହି ଆତ୍ମାମାନେ ମଞ୍ଚ ମଣ୍ଡନ କଲାପରେ ଶ୍ରୋତାମାନଙ୍କ ଆଡ଼କୁ କୁକୁ ବୁକୁ କରି ଚାହିଁଥିଲେ ।

ବାନାବାବୁଙ୍କର ଅତିଶୟ ଅନୁରୋଧରେ ତାଙ୍କର କେତେକ ଆତ୍ମୀୟ, ସାଙ୍ଗସାଥୀ ବାନାବାବୁଙ୍କର କୃତୀବିକୃତି ଉପରେ କେଇଖଣ୍ଡ ଲେଖା ଲେଖି କବିଙ୍କୁ ସମର୍ପିଥିଲେ । କେତେକ ମେଡ଼ାଲ ପାଇଥିବା ସମାଲୋଚକ ବାନାକବିଙ୍କଠାରୁ ପାରିଶ୍ରମିକ ପାଇ କବିଙ୍କୁ ଏ ଶତାବ୍ଦୀର ସର୍ବୋତ୍ତମ ସ୍ରଷ୍ଟା ବୋଲି ବର୍ଣ୍ଣନା କରି ଲେଖିଥିଲେ । ସ୍ୱନକ୍ଷତ୍ର ସଭାରେ ଉଦ୍‌ଘାଟନ ପାଇଁ ବାନାକବି ଏଗୁଡ଼ିକ ନିଜ ବ୍ୟୟରେ ଛପାଇ ସଭାରେ ବାଣ୍ଟୁଥିଲେ । କୌଣସି ଏକ ପଞ୍ଜିକାରୁ ରାଜ୍ୟପାଳଙ୍କର ଦସ୍ତଖତ ଆଦି କାଟିଆଣି (ଅବଶ୍ୟ ଭୂତପୂର୍ବ ରାଜ୍ୟପାଳ) ସାଦା କାଗଜରେ ମଡ଼ାଇ, ତା ଉପରେ ପ୍ରଶଂସା ପତ୍ର ଟାଇପ୍ କରାଇ, ତାକୁ ବ୍ଲକ୍ କରାଇ ବହି ମୂଳରେ ଛାପିଥିଲେ । ତାକୁ ଖଣ୍ଡନ କଲାଭଳି ମୂଳ ଲୋକ ଏବେ କେଉଁ ଏକ ପ୍ରଦେଶର ଅବସର ନେଇ ବାର୍ଦ୍ଧକ୍ୟର ଅବଶିଷ୍ଟାଂଶ କଟାଉଥିବେ ।

ସଭାରମ୍ଭରେ ସେଇ ପକେଟ୍ ଅନୁଷ୍ଠାନର ସଭାପତି ପଦରେ ଅଭିଷିକ୍ତ ବାନାକବିଙ୍କର ବଡ଼ପୁଅ ବାପାଙ୍କର ଗୁଣଗାନ କରି ଜୋର୍‌ସୋର୍ ଭାଷଣ ଆରମ୍ଭ କରିଦେଲେ । ବାପାଙ୍କୁ ଚବିଶି କ୍ୟାରେଟ ମହାପୁରୁଷ ଓ ନୋବେଲ୍ ପ୍ରାଇଜ୍ ପାଇବା ଯୋଗ୍ୟ ବୋଲି ଘୋଷଣାକରି ନିଜେ ଆଗ ତାଳି ବଜାଇ ଲୋକମାନଙ୍କୁ ତାଳି ବଜାଇବା ପାଇଁ ଉତ୍ସାହିତ କଲେ । ବାନାକବିଙ୍କୁ ଏ ବିଶ୍ୱର ଅଜ୍ଞ ଲୋକମାନେ ଠିକ୍ ଭାବରେ ଚିହ୍ନି ପାରିନଥିବାରୁ ନିଶ୍ଚିତରୂପେ ନର୍କରେ ପଡ଼ି କଲବଲ ହେବେ ବୋଲି ଭବିଷ୍ୟବାଣୀ କଲେ ।

ସଭାର ସଢ଼ା କର୍ମକାଣ୍ଡକୁ ନିରାସକ୍ତ ଭାବରେ ହଜମ କରିବା ପରେ ସୁସ୍ୱାଦୁ ଜଳଖିଆକୁ ଉଦରସ୍ଥ କରି ଗଜକିଶୋର ସଭାକକ୍ଷରୁ ବାହାରି ଆସିଲେ । ଗଜବାବୁଙ୍କୁ ହଠାତ୍ ରାସ୍ତା ଦିଶିଗଲା । ଏକା ନିଃଶ୍ୱାସକେ ଘରମୁହାଁ ଧାଇଁଲେ । ଧଡ଼ାସ କରି ଦାଣ୍ଡଘର ଚଉକିରେ ବସୁ ବସୁ ଝିଅର ପାଞ୍ଚ ନମ୍ବରିଆ ବନ୍ଧେଇ ଖାତା ଖଣ୍ଡିକ ଟାଣି ଆଣିଲେ । ସେଥିରୁ ଲେଖାପୃଷ୍ଠା ସବୁ ଚିରି ପକାଇଲେ । କାଗଜ କଲମରେ ଗଢ଼ି ଉଠିଲା ମହାନ୍ ସାହିତ୍ୟିକ, ସାଂସ୍କୃତିକ ସଂସ୍ଥା - "ନୀଳଟେଙ୍କ ।" ବାନାକବିଙ୍କର ଚେଲା ଗୋପାଳମାଷ୍ଟର ପରି ଧାଁ ଧପଡ଼ କରିବାକୁ ଟୋକାଟାଏ ଦରକାର । ଘରପାଖର ବେକାରିଆ ଟୋକା ପ୍ରେମାନନ୍ଦଙ୍କୁ ସମ୍ପାଦକ କରିଦେଲେ । ସଂସ୍ଥା ରେଜିଷ୍ଟ୍ରିଭୁକ୍ତ ନହେଲେ ସରକାରୀ ଅନୁଦାନ ମିଳିବା ସମ୍ଭବ ନୁହେଁ । ତେଣୁ, ସମ୍ବିଧାନଗଢ଼ି, ପ୍ରସ୍ତାବନ ବହିରେ କେବେ ହୋଇନଥିବା ସଭାର ସଭାବିବରଣୀ ଲେଖି ବାଁ ଡ଼ାହାଣ ପଚାଶ ଶହେ ଦସ୍ତଖତ ସ୍ୱହସ୍ତରେ କରିଦେଲେ । କୌଣସି ଆଗ୍ରହି ବ୍ୟକ୍ତି ଏ ନୀଳଟେଙ୍କ ନାମର ସାର୍ଥକତା ଜାଣିବାକୁ ଚାହିଁଲେ ଗଜକିଶୋର ବୁଝାଇଦେବେ, ଓଡ଼ିଶାର ପ୍ରତିଭାବାନ ବ୍ୟକ୍ତିଙ୍କଠାରେ ଟେଙ୍କମର୍ଦ୍ଦନ ପାଇଁ ଏ ସଂସ୍ଥାର ଉତ୍ପତ୍ତି । ସବୁଠାରୁ ଉତ୍ତମ ଘର୍ଷଣ ଟେଙ୍କ ହେଉଛି ମୋବିଲ୍ । ଏହି ମୋବିଲର ରଙ୍ଗ ସାଧାରଣତଃ ନୀଳ । ତେଣୁ, ସଂସ୍ଥାର ନାମ "ନୀଳ ଟେଙ୍କ" । ସଂସ୍ଥାର ସଂବିଧାନ ଅନୁଯାୟୀ ପ୍ରତିଷ୍ଠାତା ସଭାପତିଙ୍କର ସ୍ଥାନ ସର୍ବଦା ଅଟଳ, ଅଟଳ । ସେ ମଝିରେ ମଝିରେ ନିର୍ବାଚନ କରିବାକୁ ବାଧ୍ୟ ନୁହନ୍ତି । କେହିତାଙ୍କୁ କେବେ ସଂସ୍ଥାର ହିସାବ ମାଗିପାରିବ ନାହିଁ । ତାଙ୍କୁ ବା ତାଙ୍କର ପୁଅ, ନାତି, ଅଣନାତି, ପଣନାତି ପର୍ଯ୍ୟନ୍ତ କାହାରିକୁ କସ୍ମିନ୍‌କାଳେ ସଭାପତି ପଦରୁ ହଟାଯାଇ ପାରିବ ନାହିଁ ।

ପୂରାଦମ୍‌ରେ ଗଜକିଶୋର କାମରେ ଲାଗିଗଲେ । ଖୋଜିବୁଲିଲେ କୋଉଠି କିଏ ବୁଢ଼ାକାଳରେ ଘୁକୁଘୁକୁ ହେଉଛି । ଅବଶ୍ୟ ଲୋକଟି ଥିଲାବାଲା ହୋଇଥିବା ଦରକାର । ତା କୋକେଇରେ ସେ ମଶାଣୀକୁ ନ ଯାଉଣୁ ଗଜବାବୁ ତା ଛୁଆପିଲାଙ୍କ ପାଖରେ ହାଜର ହୋଇଯିବେ । ସହାନୁଭୂତି ଜଣାଇ ଆଖିରେ ପିପର୍‌ମେଣ୍ଟ ମାରି ଲୁହ ଗଡ଼ାଇବେ । ମଲାବୁଢ଼ା ବା ବୁଢ଼ୀର ସାଂସ୍କୃତିକ ଶୁଦ୍ଧି ବା ଶୋକସଭାର ଦାୟିତ୍ୱ ଆପେ ଆପେ ନେଇଯିବେ । ଦୁଇତିନି ଘଣ୍ଟା ଲୋକଙ୍କ ଗହଣରେ ଭାବପ୍ରବଣ ହୋଇ ଭାଷିବେ ଅମୁକ ଲୋକ ଘୋର ପରୋପକାରୀ, ଦାନୀ, ଧର୍ମପରାୟଣ, ନ୍ୟାୟବନ୍ତ, ସମାଜସେବୀ ଥିଲେ । ତାଙ୍କର ମୃତ୍ୟୁରେ ଭାରତର ଏତେ କ୍ଷତି ହୋଇଛି ଯେ ମାମୁଦ୍ ଘଡର ଥର ସୋମନାଥ ମନ୍ଦିର ଲୁଣ୍ଠନ କରି ଦେଶର ସେତିକି କ୍ଷତି କରି ନଥିଲା । ସଭାର ଖର୍ଚ୍ଚକୁ ଶହେ କୋଡ଼ିଏ ଗୁଣ ଅଧିକା କରି ମଲାଲୋକର ପିଲାଙ୍କ ଠାରୁ ଆଦାୟ କରନ୍ତି ।

ସବୁବେଳେ ଗଜକିଶୋରଙ୍କୁ ହଲ୍‌ଭଡ଼ା ବା ମାଇକ୍‌ଭଡ଼ା ଦେବାକୁ ପଡ଼େ ନାହିଁ । ଅନେକ ସମୟରେ ରାସ୍ତାକଡ଼ ବରଗଛ ମୂଳକୁ ତୁଳାଷଣ୍ଢକୁ ଡହି ଦଶ ପନ୍ଦର ଜଣ ଲୋକ ବସିବା ଭଳି ପିଆଜଅଖା ମାଟିରେ ବିଛାଇ ସଭା କରି ପକାନ୍ତି । ମାଇକ୍‌ବାଲାକୁ ପଇସା ଗଣିବା ତାଙ୍କ ଜାତକରେ ନାହିଁ । ଅନ୍ତତଃ ପକ୍ଷେ ସାଇବସ୍ତିର ଅପର ପ୍ରାଇମେରୀ, ମାଇନର୍ ସ୍କୁଲ ସବୁ ଅଛି । ସେଠାକାର ପ୍ରଧାନଶିକ୍ଷକମାନଙ୍କୁ ସଭାରେ ସଭାପତି ହେବାର ସୁଯୋଗ ଦେଲେ ଏବଂ ଖବରକାଗଜରେ ନାଁ ଛପା ହେବାର ପ୍ରତିଶ୍ରୁତି ଦେଲେ ସଭା ପାଇଁ ଘର ଓ ବସିବା ପାଇଁ ବେଞ୍ଚ ସହଜରେ ମିଳିଯାଏ । ଗଜବାବୁଙ୍କର ବେଉସା ବଢ଼ିଚାଲିଲା । ଚାକିରୀ ଓ ବ୍ୟବସାୟ ନଥାଇ ସୁଦ୍ଧା ଦୁଇଟା ବର୍ଷରେ ପୈତୃକ ଗୃହକୁ ଭାଙ୍ଗି ବିରାଟ କୋଠା ତୋଳି

ଦେଲେ । ଘରଭଡ଼ା ଲାଗି ବେଶ୍ ରୋଜଗାର ହେଲା । ଭିତିର କଥା ନ ଜାଣିଥିବା ଲୋକେ କହିଲେ - ଲୋକଟା ଗୋପବନ୍ଧୁଙ୍କର ଗୋସେଇଁବାପା ଭଳି ତ୍ୟାଗୀ । ଘର ସଂସାର ପିଲାଛୁଆଙ୍କ କଥା ବୁଝିବା ଛାଡ଼ି ହାତରୁ ଧନ ଖର୍ଚ୍ଚକରି ସାହିତ୍ୟ, ସଂସ୍କୃତି ସେବା କରିବା ସହିତ ପ୍ରତିଭାପୂଜାରେ ଲାଗିଛି । ଏମିତିଆ ସେବକ ପୃଥିବୀରେ ବାର ହଜାର ବର୍ଷରେ ଥରେ ପଇଦା ହୁଅନ୍ତି ।

ଗଜକିଶୋରଙ୍କର ଯଶଗାଥା, କାକୁପକ୍ଷିଆ ହରଦମ ଖବର କାଗଜରୁ ପଢ଼ି ବାନାକବିଙ୍କର ଭାଲେଣୀ ପଡ଼ିଗଲା । ତାଙ୍କର ଘରପାଖର ତାଙ୍କଠାରୁ ସାତସାନ ଟୋକାଟା । ତାଙ୍କରି ସୂତ୍ରଧରି ତାଙ୍କୁ ମାତ କରିଦେବ, ଏକଥା ସେ କିପରି ସହନ୍ତେ ? ଦେଖିଲେ । ଗଜକିଶୋରର ନାକଟା ଖୁବ୍ ଟାଣୁଆ । ମାଡ଼ ବାସ୍ନା ଶୁଂଘି ଚଟକରି ଜୋକେଇକୁ ଆବୋରି ପକାଉଛି । ତେଣୁ, ସେ ଜୀଅନ୍ତା ଲୋକଙ୍କର ସଂବର୍ଦ୍ଧନାରେ ଲାଗିଗଲେ । ସମ୍ବର୍ଦ୍ଧିତ ହେବାକୁ ଲୋକଙ୍କର ଅଭାବ ନାହିଁ । ଦଶେ ବିଶିଷ୍ଟ ଲୋକ ଆସି ତାଙ୍କ ଘରେ ପଶି, ଛାତ ଉପରେ ବସି ତାଙ୍କ ଗୁଣ ଗାଇବେ, ଯାଠାରୁ ବଡ଼ ସୁଯୋଗ କଣ ଅଛି ? ସାଇ ପଡ଼ିଶାରେ ଇଜତ ବଢ଼ିଯିବ । ଖବର କାଗଜରେ ନାଁ ବାହାରିବ । ହଲ୍‌ଭଡ଼ା କି ମାଇକ୍ ଖର୍ଚ୍ଚା ନାହିଁ । ଟିକେ ଚାହା ଜଳଖିଆ ଖର୍ଚ୍ଚ ଓ ଅନୁଷ୍ଠାନକୁ ଶହେ ଦୁଇଶହ ଚାନ୍ଦା କିଛି ବଡ଼କଥା ନୁହେଁ । ପଇସା କଣ ସ୍ୱର୍ଗକୁ ନେବ ? ବାନାକବିଙ୍କର ଔଷଧ କାଟୁକଲା । ଦିନ କେତୁଟାରେ ବାନା କବିଙ୍କର ଉପର ମହଲା ଘର କାମ ଶେଷ ହୋଇଗଲା ।

ଗଜକିଶୋରଙ୍କର ନୀଳଚୈକ କି ପଛରେ ରହେ ? ଗଜବାବୁ ଠିଆ ପୂଜା ଆରମ୍ଭ କରିଦେଲେ - ଠିଆ ପାଲା ପରି । ଠିଆ ସଭାର ବ୍ୟବସ୍ଥା ହେଲା, ଗଜକିଶୋର ହାତରେ ଗେଣ୍ଡୁମାଳ ଓ ସଙ୍ଗରେ ସମ୍ପାଦକ ପ୍ରେମାନନ୍ଦକୁ ଧରି ପ୍ରତିଭା ଖୋଜିବୁଲିଲେ । ବାଟ-ଘାଟ, ବଜାର-ହାଟ, ଶୌଚାଳୟ, ପ୍ରେକ୍ଷାଳୟ, ସେଲୁନ୍, ସିନେମାହଲ୍, ଖେଳପଡ଼ିଆ, ରେଳଷ୍ଟେସନ୍ ସବୁଆଡ଼େ ଚକ୍କର କାଟିଲେ । ଯେଉଁଠି ପ୍ରତିଭା ଭଳି ଗୋଟିଏ କିଛି ହାତୁଡ଼ିଗଲା ବା ପ୍ରତିଭାବାନ୍ ଲକ୍ଷଣଯୁକ୍ତ କାହାକୁ ଝୁଣ୍ଟିଲେ, ସେଠି ତା ବେକରେ ଗେଣ୍ଡୁମାଳ ଗଳାଇ ଠିଆ ଠିଆ ସମ୍ବର୍ଦ୍ଧନା କରିଦେଲେ । ତା ପରଦିନ ଖବର କାଗଜରେ ଛପାହେଲା - ନୀଳଚୈକ ଦ୍ୱାରା ଅମୁକ ପଥପ୍ରାନ୍ତ ସଭା ମାଧ୍ୟମରେ ସମ୍ବର୍ଦ୍ଧିତ । ଉକ୍ତ ସଭାରେ କେଉଁ ବକ୍ତା କଣ ସବୁ ଗାଇଗଲେ, ତାହା ମଧ୍ୟ ମୁଦ୍ରିତ ହୋଇଥାଏ । ଯଦିଓ ଅନେକ କହିଥିବା ଲୋକେ ଖବରକାଗଜରୁ ପଢ଼ରେ ପଢ଼ି ଜାଣନ୍ତି ଯେ, ସେମାନେ ନିଜ ଅଜାଣତରେ ଓ ଅନୁପସ୍ଥିତିରେ ଏତେଗୁଡ଼ିଏ କଥା କୋଉଠି କହି ପକାଇଛନ୍ତି । ଏ କ୍ଷେତ୍ରରେ ମଧ୍ୟ ଗଜକିଶୋରଙ୍କର ପକେଟ୍ ଶୂନ୍ୟତାକୁ ନେଇ ବିଳାପ କରେ ନାହିଁ । ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କର ନାମ, ଗ୍ରାମ ଖବରକାଗଜରେ ଛପା ସରିବା ପରେ ଗଜକିଶୋର ତାହା ବହି ଧରି ତାଙ୍କ ଘରେ ହାଜର ହୋଇ ଯାଆନ୍ତି ।

ବାନାକବି ପୁଣି ଥରେ ମାଡ଼ ପାଇଗଲେ । ସେ କହିଲେ - ଗଜ ସିନ ପ୍ରତିଭା ଖୋଜି ବୁଲୁଛି, ଆମେ ପ୍ରତିଭା ତିଆରି କରି ସମ୍ବର୍ଦ୍ଧନା ଦେବା । ସବା ସାନ ଝିଅଟିର ନାଆଁକୁ



ବିଦ୍ୟାଳୟ ଖାତାରେ ସଂଶୋଧନ କରାଇ ପ୍ରତିମାରୁ ପ୍ରତିଭା କରିଦେଲେ । ପ୍ରଥମେ ତାର ଜନ୍ମଦିନ ଅବସରରେ ଅତିଥି ଅଭ୍ୟାଗତ ଡାକି ତାକୁ ନିଜ ଘରେ ସମ୍ବର୍ଦ୍ଧନା ଦେଲେ । ତୁଳସୀ ଦୁଇପତ୍ରରୁ ବାସେ । ଭଲକାମ ଆଗ ନିଜ ଘରୁ ଆରମ୍ଭ କରାଯାଏ । ଦିହିଁ ଦେଖା ଓ କଦଳୀ ବିକା ଏକାସାଙ୍ଗରେ ହୋଇଗଲା ।

ଏଥର ବାଳ ପ୍ରତିଭାମାନଙ୍କର ପାଳି । ବାନାକବି କ୍ରମେ କ୍ରମେ ବିଦ୍ୟାଳୟଗୁଡ଼ିକରେ ହାଜର ହୋଇ, ସେଠି ମାଷ୍ଟର ଓ ଛୁଆଙ୍କ ଗହଣରେ ସଭାକରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ପିଲାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗୀତା ନାମରେ ପ୍ରବେଶିକା ଦେୟ ଆଦାୟ କଲେ । ଖର୍ଚ୍ଚ କିଛି ନାହିଁ କହିଲେ ଚଳେ । ଏପରିକି ସ୍କେଲ୍ ଖଣ୍ଡିଏ ବା ପେନ୍‌ସିଲ୍‌ଟିଏ ଦେବାକୁ ହୁଏନା । କେତେଖଣ୍ଡ ମୂଲ୍ୟହୀନ ପ୍ରମାଣପତ୍ର ଦସ୍ତଖତ କରି ଧରାଇ ଦେବା କଥା । ସେ ପ୍ରମାଣପତ୍ର ବଳରେ ମେଧାବୃତ୍ତି ବା ଚାକିରୀରେ ଅଗ୍ରାଧିକାର ପାଇବାତ ଦୂରର କଥା, ସେ କାଗଜଖଣ୍ଡକୁ ଦେଲେ ପାନଦୋକାନୀ ଦଶପଇସିଆ ମିଠେଇ ଗୋଟାଏ ବି ଦେବ ନାହିଁ । ଅଧିକ ଧନ ଅର୍ଜନ ନିଶାରେ ବାନାକବି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆରମ୍ଭ କରି ପ୍ରବେଶିକା ଦେୟ ପରିମାଣ ବଢ଼ାଇ ଦେଲେ ।

ଗଜବାବୁ ନଛୋଡ଼ବନ୍ଧା । ସେ ନିଜର ଦୈନିକମାନୀ ଧରି ବଡ଼ ମେଡ଼ିକାଲ୍‌ର ପ୍ରସୂତି ଭବନରେ ହାଜର ହୋଇଗଲେ । ସେଠି ଆଖିରେ ପଡ଼ନ୍ତି ଝୁଲଣାରେ ଅନେକ ସଦ୍ୟଜାତ କଅଁଳ ଛୁଆ ଓ ସବୁ କକ୍ଷରେ ଶୁଭୁଥାଏ କୁଆଁ କୁଆଁ । ଯେଉଁ ଛୁଆଟିର ମୁହଁ ଚହଟ ଦିଶୁଛି ଓ ବେଶୀ ବଡ଼ ପାଟିରେ କାନ୍ଦୁଛି, ସେ ଭବିଷ୍ୟତରେ ପ୍ରତିଭାର ଚଳନ୍ତି ଗୋଦାମ ହେବ ବୋଲି ଧରିନେଇ ଗଜବାବୁ ଛୁଆଟିକୁ ସମ୍ବର୍ଦ୍ଧନା ଦେଇଦେଲେ । ସମ୍ବର୍ଦ୍ଧନାର ଉତ୍ତରରେ କୁଆଁ, କୁଆଁ ଶବ୍ଦ ଶୁଣି ବହେ ତାଳି ମାରିଲେ ଓ ପ୍ରେମାନନ୍ଦକୁ ମଧ୍ୟ ତାଳିମାରିବାକୁ ଉସ୍କାଇଲେ । ଖଣ୍ଡେ ମାନପତ୍ରରେ ଦସ୍ତଖତ କରି ଛୁଆର ଝୁଲଣାରେ ଝୁଲାଇଦେଲେ । ଏଭଳି ସଦ୍ୟଜାତମାନଙ୍କର ନାମକରଣ ହୋଇପାରି ନଥିବାରୁ ମାନପତ୍ରରେ ନାମ ସ୍ଥାନଟି ଖାଲି ରଖିଦେଲେ ଭବିଷ୍ୟତରେ ବାପ, ମାଆମାନେ ପୂରଣ କରିବା ପାଇଁ । ଉତ୍ସବର ନାମ ହେଲା - ସଦ୍ୟ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ । ସଦ୍ୟ ପରିବା ବା ସଦ୍ୟଧୃତ ମାଛ ପ୍ରତି ଲୋକଙ୍କର ଗଭୀର ଆକର୍ଷଣ ଅଛି ।

ବାନାକବି ଆଉପାଦେ ଆଗେଇଯାଇ ସ୍ଫୀତୋଦରୀ, ଗର୍ଭବତୀ ମହିଳାମାନଙ୍କୁ ଜଳଖିଆ ଦୋକାନରୁ କିଛିତ ସାଦ ନେଇ ଭେଟିଲେ । ଯାହାଙ୍କର ଉଦରଟି ମାନ ଅପେକ୍ଷାକୃତ ଅଧିକ ବର୍ତ୍ତୁଳ ଥିଲା ଘରେ ଥିବା ଟ୍ରେଜେରୀର ଆକାର ବୃହତ୍‌ଥିଲା, ସେମାନଙ୍କୁ 'ପ୍ରତିଭା ଜନନୀ' ଭାବରେ ସମ୍ବର୍ଦ୍ଧନା ଦେଲେ ।

ଗଜକିଶୋର ବାନାକବିଙ୍କର ଏତାଦୃଶ ସମ୍ବର୍ଦ୍ଧନା ବିଷୟରେ ଖବର କାଗଜରୁ ପଢ଼ି ବେଶ୍ ସକ୍ରିୟ ହୋଇଉଠିଲେ । ଗୋଛାଏ ମାନପତ୍ର, ଦୁଇଟା ପାଖୁଡ଼ିକିଆ ଫୁଲମାଳ ଓ ଗୋଟାଏ କ୍ୟାମେରା ଧରି ପାର୍କ, ନଈକୂଳ, ନିକାଞ୍ଚନ ଜାଗା ଓ ଅପନ୍ତରାରେ ଘୂରି

ବୁଲିଲେ । ଯେଉଁଠି ଗଜାବୟସର ପ୍ରେମାତୁର ଯୁବକଯୁବତୀଙ୍କୁ ଧରାଧରି ଅବସ୍ଥାରେ ଦେଖିଲେ, ସେଠି ଫଟ ଉଠାଇ ତୁରନ୍ତ ସମ୍ବର୍ଦ୍ଧନା ଦେଇଦେଲେ । ଅନେକ ଯୋଡ଼ି ଏହାକୁ ବ୍ଲାକ୍‌ମେଲ୍ କାଣ୍ଡ ବୋଲି ମନେକରି ପକେଟ୍ ଝାଡ଼ି ପଇସା ଦେଇ ଏ ଫଟୋ କାହାକୁ ନ ଦେଖାଇବା ବା ଖବର କୋଉଠି ନଛାପିବା ପାଇଁ ଅନୁରୋଧ କଲେ । ଭାବୀପ୍ରତିଭାର ସ୍ରଷ୍ଟା ମାନପତ୍ର ଏମାନଙ୍କ ପାଇଁ ପ୍ରଣୟଘାତକ ସିଦ୍ଧ ହେଲା । କିନ୍ତୁ, ଗଜକିଶୋରଙ୍କ ପାଇଁ ଏ ସମ୍ବର୍ଦ୍ଧନା ଉତ୍ସବ ସବୁଠାରୁ ଲାଭଦାୟକ ଥିଲା ।

ଦିନେ ଦେଖାଗଲା, ବାନାକବି ଖଣ୍ଡିଏ ସାଦାକାଗଜକୁ ଫ୍ରେମରେ ବନ୍ଧେଇ କରି ରାସ୍ତାକଡ଼ର ବରଗଛ ଡାଳରେ ଝୁଲାଇ ତା ମୂଳରେ ଗଣ୍ଡାଏ ଛଅଟା ଲୋକ ଗୋଟାଇ ସଭା କରୁଛନ୍ତି । କାନର ଫଳକଟିଏ ଗଛ ଗଣ୍ଡିରେ ଗୁଡ଼ା ହୋଇଛି । ଲେଖା ଅଛି - ଅନାଗତ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ।

ବାନାକବି ଗର୍ଜି ଗର୍ଜି ଭାଷଣ ଦେଉଥିଲେ - ଏତେ ପରିମାଣରେ ହାଇବ୍ରିଡ୍ ପ୍ରତିଭା ଏହି ଉର୍ବର ଭାରତମାଟିକୁ ଆସିବାର ସମ୍ଭାବନା ମୁଁ ଦେଖି ପାରୁଛି ଯେ, ସେମାନଙ୍କର କେବଳ ନାମ ଲେଖିବାକୁ ଏ ପୃଥିବୀ ମାପର କାଗଜ ନିଅଣ୍ଟ ହେବ । ସେମାନଙ୍କର ଗୁଣଗ୍ରାମରୁ ସାମାନ୍ୟ ଗାଇ ବସିଲେ ବିଶ୍ୱର ପାଞ୍ଚଶହ କୋଟି ଲୋକଙ୍କୁ ପାଞ୍ଚହଜାର ବର୍ଷ ଲାଗିବ । ତେଣୁ, ଅନାଗତ ପ୍ରତିଭାମାନଙ୍କ ପାଇଁ ପ୍ରତୀକାତ୍ମକ ଭାବରେ ଏ ମାନପତ୍ର ଶୂନ୍ୟ ରଖିଛୁ । ଶୂନ୍ୟ ମଧ୍ୟରୁ ସବୁ, ସବୁରି ମଧ୍ୟରେ ଶୂନ୍ୟତା । ଜଣେ ମନ୍ତ୍ରୀ ପଦ ପାଇବା ବେଳକୁ ତାର ଜମାଖାତାରେ ଶୂନ୍ୟଥିଲେ ସୁଦ୍ଧା ପାଞ୍ଚବର୍ଷପରେ ସେଥିରେ କୋଟି କୋଟି ଅଙ୍କ ବସି ପାରୁଛି । ଆମ୍ଭର ମାନପତ୍ର ସେଇ ଶୂନ୍ୟତାର ପ୍ରତୀକ ..... ଇତ୍ୟାଦି ।

ଏ ଶୂନ୍ୟତା ତାହାପରେ ସଂକ୍ରମିତ ହୋଇଥିଲା ଗଜବାବୁଙ୍କ ମଗଜକୁ । ଆପାତତଃ, ସେ ଆଉ କୌଣସି ଅଭିନବ ସମ୍ବର୍ଦ୍ଧନାର ପରିକଳ୍ପନା କରିପାରୁନାହାନ୍ତି । ତେଣୁ, କେତେଦିନ ହେବ ଖବରକାଗଜରେ ତାଙ୍କର ନାମ ମୁଦ୍ରିତ ହୋଇପାରୁନାହିଁ । ଏହାଠାରୁ ଅଧିକ ଦୁଃଖ କଣ ଅଛି ? ନାହିଁ ଯଦି ପ୍ରଚାର, ଜୀବନଟା ବେକାର ।





# ସରକାରୀ ମୂଷା

ସେ ଫାଇଲ୍‌ଟି ଥିଲା ଅସୂର୍ଯ୍ୟମ୍ପଶ୍ୟା । ଖରା-ତରା, ଖୋଲା ପବନ, ମେଲା ଆଲୋକର ଅନ୍ତରାଳରେ, ଅନ୍ୟନଥିମାନଙ୍କର ସମବେତ ପର୍ବତାକାର ଅବସ୍ଥାରେ ପୃଷ୍ଠଦେଶରେ ସେଇଟି ଅପାଙ୍କ୍ତେୟ ହୋଇ ପଡ଼ିରହିଥିଲା । ବାପ ନଥିଲା ଝିଅକୁ ସାବତ ମା ପର ଘରକୁ ଉଠେଇ ଦେଇ ଆଉ ଯେମିତି ଖୋଜ ଖବର ନିଏ ନାହିଁ, ଏ ଫାଇଲ୍‌କୁ ସେମିତି ଅନଧ୍ୟୁଷିତ କୋଣକୁ ପଠାଇ ଦିଆଯାଇଥିଲା ଉପର ବାଲାଙ୍କର ଇଶାରାରେ । ଅଗନା ଅଗନି ବନସ୍ତରେ ଚକୁଳିଆ ପଣ୍ଡା କାହାଣୀର ଏକାକିନୀ କନ୍ୟାଭଳି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ନିଜର ଗତିହୀନତା ପାଇଁ କର୍ମ ଆଦରି ବିଳାପ କରୁଥିଲା ନଥି ଖଣ୍ଡିକ । ତା କଥା ସମସ୍ତେ ପ୍ରାୟ ପାଶୋରି ଯାଇଥିଲେ ।

ହଠାତ୍ ତାର ଭାଗ୍ୟରେ ପରିବର୍ତ୍ତନ ଆସିବାର ସମ୍ଭାବନା ଦେଖାଗଲା । ଭୋଟ୍ ବଳରେ ସରକାର ବଦଳିଗଲା । ଚାପୁଡ଼ାଦଳକୁ ବେଦଖଲ କରି ବିଧାଦଳ ଇଥି କିନା ଗାଦିରେ ବସିପଡ଼ିଲେ । ଏଇ ଗାଦି ମିଳିବା ପାଇଁ ବଡ଼କର୍ତ୍ତାମାନଙ୍କ ପାଇଁ ତଣ୍ଟିଫଟାଇଥିବା, ଅନ୍ୟର ମୁଣ୍ଡ ଫଟାଇଥିବା ଛୋଟବଡ଼ ସେବକମାନେ ଯାଇ ଗୁହାରୀ କଲେ । ମଣିମା ଏଥର ଆମ କଥା ବୁଝିବା ହେଉ । ଆମର ନିଜ ଲୋକମାନଙ୍କର କାମ ବୁଝିବା ହୁଅନ୍ତୁ ।

ଏଇ ମୌକାରେ ଆମର ଚର୍ଚ୍ଚିତ ନଥି କଥା ଉଠିଲା । ଗୋଟିଏ ଅଧାପାକଳିଆ ନେତା ତଥା କୁଜି ଠିକାଦାର ଏ ନଥିର ନାୟକ । ଗତଥର ବିଧାଦଳ କ୍ଷମତାରୁ ଅପସାରିତ ହେବାର କେଇମାସ ଆଗରୁ ଏଇ ଠିକାଦାର ନର୍ଦ୍ଦମା ବନ୍ଧେଇ ଠିକା ନେଇଥିଲା । ନିଜର ଅତିପ୍ରିୟ ସେବକ, ସ୍ତାବକ, ସମର୍ଥକ, କର୍ମୀମାନଙ୍କୁ ସରକାରୀ ଠିକା ମାଧ୍ୟମରେ ଅନୁଗୃହୀତ କରାଇବା ଯେଉଁଠି ପ୍ରାଥମିକ ଶାସକୀୟ କର୍ତ୍ତବ୍ୟ । ସେ କ୍ଷେତ୍ରରେ ଛଅମାସ ତଳେ ତିଆରି ହୋଇଥିବା କୋଠାକୁ ମରାମତି କରିବାକୁ ଠିକା ଦିଆଯାଇପାରେ । କିଛି ନ ହେଲେ ରାସ୍ତା, ନାଳ, ନର୍ଦ୍ଦମା, ସଫେଇ ଓ ମରାମତିନାମରେ ବର୍ଷକୁ ଛଅଥର ଠିକା ଦିଆଯାଇପାରେ । ଏହି ବିଧାଦଳର ନହକାକର୍ମୀମାର୍କା ଠିକାଦାର ସେହି ମାର୍ଗରେ ନର୍ଦ୍ଦମା କାମରେ ନିୟୋଜିତ ହୋଇଥିଲେ । ନିର୍ଦ୍ଧାରିତ ପରିମାଣର ଦଶଶତାଂଶ ଖର୍ଚ୍ଚକରି ଯଥାତଥା କାମ ମୁଣ୍ଡି ମାରି

ଦେଇଥିଲେ । ଦୁର୍ଯୋଗକୁ ବିଧାନଦଳର ସରକାର ନିଜର ଗୋଡ଼ଚଟଣା ଦୋଷରୁ ଚିତ୍‌ପଟାଙ୍ଗ ମାରିଲା । ତାପୁଡ଼ାଦଳ କ୍ଷମତାକୁ ଆସିଲେ । ଲୋକଙ୍କ ପାଖରେ ଏଠି ଚାରା କଣ ଅଛି ? ଭୂତକୁ ନ ହେଲେ ଶୟିତାନକୁ ନହେଲେ ଖଣ୍ଡିଭୂତକି ମଶାଣିଆ ପ୍ରେତକୁ ଭୋଟ୍ ଦେବେ । ସେଇମାନେ ତ ଠିଆହେଇଛନ୍ତି ଭୋଟରେ । ୟାଙ୍କୁ ନହେଲେ ତାକୁ ଦେବ, ତୁମେ ନ ଦେଲେ ତାର ଚେଲାଚାମୁଣ୍ଡମାନେ ଦେବେ । ଯେମିତି ହେଲେ ସେଇମାନଙ୍କ ମଧ୍ୟରୁ ଜଣେ ଖାଇବ ହେଇ ବସିବ । ଭଲ ଲୋକେ ସେ ପଙ୍କରେ ପଶିବାକୁ ନାକ ଟେକନ୍ତି । ଜଣେ ଅଧେ ସାହସ କରି ସେଥିରେ ପଶିଲେ ଏ ଭୂତ, ପ୍ରେତ ଶୟିତାନ୍‌ମାନେ ତା ଜୀବନକୁ ଦୁର୍ବିସହ କରିଦିଅନ୍ତି ।

ଅବେଳ ବହୁପ୍ରକାରେ ଆସେ । ତାପୁଡ଼ାଦଳ କ୍ଷମତାକୁ ଆସିବା ପରେ ବିଧାନଦଳିଆ ଠିକାଦାରଙ୍କ କାମକୁ କଡ଼ାକଡ଼ି ଭାବରେ ପରଖିବା ବେଳକୁ ଏଇ ଠିକାଦାର କର ଇଟାଯୋଡ଼େଇ ଛୁଞ୍ଚିପଡ଼ି ଓଲଟା ନର୍ଦ୍ଦମା ପୋଡି ହୋଇଗଲା । ନର୍ଦ୍ଦମା ବନ୍ୟାରେ ରାସ୍ତାଘାଟ ଭାସିଲା । ଏଇ ସୁଯୋଗରେ ତାପୁଡ଼ାଦଳ ଟୋକା କେଇଟା ଦରଖାସ୍ତ ଗୁଞ୍ଜିଦେଲେ । ଠିକାଦାରବାବୁ ହାକିମଙ୍କ ପାଇଁ ବିଦେଶୀ ସିଗାରେଟ୍ ଓ ପିଅନଙ୍କ ପାଇଁ କଠାକଠା ବିଡ଼ି, ବଡ଼ବାବୁଙ୍କ ପାଇଁ ଘଡ଼ି, ନଥିର ଦାୟୀତ୍ୱବଧାରିକା ପାଇଁ ଶାଢ଼ୀ, ଟାଇପିଷ୍ଟ ପାଇଁ ବଡ଼ ରସଗୋଲା, ରାବିଡ଼ି ଇତ୍ୟାଦି ଯୋଗାଇଦେଲେ । ମାତ୍ର, କୁଖ୍ୟାତ ତସ୍କର ବୀରାପ୍ପାନ୍ ପରି ଆବଶ୍ୟକୀୟ ନଥିଟି ଲୁଚିଗଲା ନଥିର ଅରଣ୍ୟ ମଧ୍ୟରେ । ବହୁ ଖର୍ଚ୍ଚାନ୍ତ ହେବାପରେ ଏବଂ ଅନ୍ୟାନ୍ୟ ସମସ୍ତ ଉପଚାରଜନିତ ପୂଜା ବ୍ୟର୍ଥ ହେବାପରେ ନର୍ଦ୍ଦମା ଦସ୍ତରର ଚାରିକାନ୍ଥକୁ ସାକ୍ଷୀରଖି ଠିକାଦାର ବାବୁ ହଲପ କରିଥିଲେ - ଦେଖ୍ ଲେଙ୍ଗେ । ଖାଲି ଆମ ପାର୍ଟି ଆରଥରକୁ ପାବାର୍‌କୁ ଆସୁ । ଏବେ ତାଙ୍କ ପାର୍ଟି କ୍ଷମତାକୁ ଆସିଗଲା । ଠିକାଦାରବାବୁ ତାଙ୍କର ଲୁପ୍ତ, ସୁପ୍ତ ନଥିର ପୁନରୁଦ୍ଧାର, ପୁନଃଜାଗରଣ ପାଇଁ ମନ୍ତ୍ରୀଙ୍କ ପକ୍ଷରେ ବଜ୍‌ଦିଆଟିଙ୍କ ପରି ଲାଗିଗଲେ । ଖୋଦ୍ ମନ୍ତ୍ରୀ ନର୍ଦ୍ଦମା ଦସ୍ତରକୁ ଫୋନ୍‌କଲେ, "ଟା କାମ ଜଲ୍‌ଦି କରିଦିଅ । କିଛି ଶୁଣିବି ନାହିଁ । ନହେଲେ ତୁମ ଉପୁରିଖିଆ ପେଟକୁ ଫୁଟେଇବା ବ୍ୟବସ୍ଥା କରାଯିବ । କନ୍ଧମାଳକୁ ବଦଳି ହେବ ।" ଫୋନ୍‌ର ଆରପଟ ଆବାଜ୍ ବନ୍ଦ ହେବା ବେଳକୁ ନର୍ଦ୍ଦମା ଦସ୍ତରର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ଏକମାତ୍ର ଗେଜେଟେଡ୍ ହାକିମ ମେକାପ୍ ବାବୁଙ୍କର ମେକ୍‌ଅପ୍ ଝାଳରେ ବୋହି ସାରିଥାଏ । ଡାକୁଆଘଣ୍ଟିକୁ ବାରମ୍ବାର ବଜାଇ ଦସ୍ତରକୁ ଆଗ ବହେ ଉଠାପକା କରି ପକାଇଲେ । ଶତ୍ରୁପକ୍ଷର ବୋମାବର୍ଷ-ବିମାନ ଆକ୍ରମଣ ବେଳେ ଏମିତି ସତର୍କଘଣ୍ଟା ବାଜେକି ନା ସନ୍ଦେହ ।

ସବୁଦିନର ଅଭ୍ୟାସବଶତଃ ଦର୍ଶନାଭିଳାଷୀଙ୍କ ପାଇଁ ଉଦ୍ଦିଷ୍ଟ ବେଞ୍ଚ ଉପରେ ନିଜର ଗୋଦରାଗୋଡ଼କୁ ଗୋଟାପଣେ ଥୋଇ ଢୁଳାଉଥିବା ପିଅନ ଚକ୍ରଧର ହୁଙ୍କାର ଦେଇ ଉଠିବସିଲା । କିଛିସମୟ ପରେ ବଡ଼ବାବୁ ଚନ୍ଦ୍ରସେଣା ନିଜର ବିଶାଳବପୁକୁ ହାକିମଙ୍କର ପ୍ରକୋଷ୍ଠକୁ ବହନ କରିନେଲେ । ଫାଇଲ୍ ଗୁଡ଼ିକର ତତ୍କାଳିକ ଚର୍ଯ୍ୟାବିହୁନେ ଅନୁସନ୍ଧାନର



ସୁଖଦ ଏକମାତ୍ର ସ୍ରୋତ ସରକାରୀ ବୃତ୍ତି ବିପନ୍ନ ହେବାର ଯଥେଷ୍ଟ ସମ୍ଭାବନା ଉପରେ ମେକାପ ମହାଶୟ ଚନ୍ଦ୍ରସେଣାଙ୍କୁ ଦୀର୍ଘ, ରୋଷପୂର୍ଣ୍ଣ ଭାଷଣ ଶୁଣାଇଲେ । ଅବିଳମ୍ବେ ସଂପୃକ୍ତ ଫାଇଲକୁ ଖୋଜିବୁରନ୍ତ ମଂଜୁରୀ ପାଇଁ ତାଙ୍କ ଟେବୁଲ୍ ଉପରେ ହାଜର କରାଇବାକୁ କଡ଼ା ଆଦେଶନାମା ଜାରି କଲେ ।

ଚନ୍ଦ୍ରସେଣାବାବୁ କକ୍ଷକୁ ଫେରି କିରାଣୀ ଶଳାକା ଦେବୀଙ୍କ ଉପରେ ହାକିମଙ୍କଠାରୁ ବୋହି ଆଣିଥିବା ଶୋଧାର ବୋଝକୁ ଓଲଟାଇ ଦେଲେ । ମହିଳାମାନଙ୍କୁ ପୁରୁଷମାନଙ୍କର ସମକକ୍ଷ କରିବା ପାଇଁ ଚେଷ୍ଟାକରୁଥିବାରୁ ସରକାରଙ୍କୁ ବହେ ଗାଳିଦେଲେ । ଏହି ଉକ୍ତବାକ୍ୟର ଉତ୍ତାପରେ ସିଝିଯାଇ ଶଳାକା ଦେବୀ ବର୍ଷାଦିନିଆ ସନ୍ନିପାତିଆ ରୋଗୀ ଭଳି ବହେ ନାକ ସୁଁ ସୁଁ କଲେ ଓ ସୌଖିନ୍ ମୁଣିରୁ ନାତିଦୀର୍ଘ ରୁମାଲ କାଢ଼ି ତହିଁରେ ଘଷି ଘଷି ନାସାଗ୍ର ନାଲି ପକାଇ ଦେଲେ । ତାଙ୍କର ଜଣେ ବାନ୍ଧବୀ ତାଙ୍କୁ ଧାରଣା ଦେଇଥିଲା । ଗଣ୍ଡ ଦେଶର ଲୁଜ୍‌ବୋଲା ଲାଲିମାକୁ ନାସାଗ୍ରର ଲାଲ୍ଲରଙ୍ଗ ତାଙ୍କର ମୁହଁକୁ ଖୁବ୍‌ମାନେ । ଚନ୍ଦ୍ରସେଣାବାବୁ ନିଜର ଉଚ୍ଚାରଣଗତ ସୁବିଧା ଦୃଷ୍ଟିରୁ ଶଳାକାଦେବୀଙ୍କର ନାମରୁ 'କା'ର ବିଯୋଗ ଘଟାଇଥିଲେ । ତେଣୁ, ଶଳାଦେବୀଙ୍କର ଶୋକ ଦେଖିଲେ ତାଙ୍କ ଭିତରେ ଅହେତୁକ କୋହ ସଞ୍ଚରି ଯାଏ । ଏଥର ବଡ଼ବାବୁ ବୁଲି ପଡ଼ିଲେ ଅନ୍ୟତମ କିରାଣୀ ହୟଗ୍ରୀବ ବାବୁଙ୍କ ଆଡ଼େ । ହୟଗ୍ରୀବ ନିଜର କର୍ମକାର୍ପଣ୍ୟ ଅକର୍ତ୍ତବ୍ୟପରାୟଣତା ଓ ଦାୟିତ୍ୱହୀନତା ବାବଦ ବଡ଼ବାବୁଙ୍କ ଠାରୁ ମୌଖିକ ପ୍ରମାଣପତ୍ର ପାଇ ଅବିଚଳିତ ତଥା ନିର୍ବିକାର ଭାବରେ ତାମ୍ବୁଳ ଚର୍ବଣ କରିବାରେ ଲାଗିଲେ ।

ରାଜଧାନୀର ମନ୍ତ୍ରୀ-କକ୍ଷ-କେନ୍ଦ୍ରରୁ ସୃଷ୍ଟି ହୋଇଥିବା ଉଗ୍ରତାପର କୁପ୍ରଭାବ ସାମାନ୍ୟ କମିଯିବାପରେ ନର୍ଦ୍ଦମା ଦସ୍ତରର ବାବୁମାନେ ଏଭଳି ଅପ୍ରତ୍ୟାଶିତ ସାମୂହିକ ବିପଦ ଏଡ଼ାଇବା ପାଇଁ କୌଶଳ ନିର୍ଦ୍ଧାରଣରେ ଲାଗିଗଲେ । ଏହାପରେ ବଡ଼ବାବୁଙ୍କ ନେତୃତ୍ୱରେ କିରାଣୀ ଓ ଟାଇପିଷ୍ଟ ହାକିମଙ୍କ ପ୍ରକୋଷ୍ଠରେ ଏକାଠି ହୋଇ କରପତ୍ର ଯୋଡ଼ି ଜଣାଇଲେ ଯେ, ଫାଇଲ୍‌ଟି ମୂଷା ଖାଇଯାଇଛି । ଗଣତନ୍ତ୍ର ରାଷ୍ଟ୍ରରେ ବହୁମତକୁ ଗ୍ରହଣ ନକରି ଚାରା ନାହିଁ । ମେକାପବାବୁଙ୍କୁ ଅଗତ୍ୟା ସ୍ୱୀକାର କରିବାକୁ ହେଲା - ଦସ୍ତରମାନଙ୍କରେ ମୂଷାମାନେହିଁ ସର୍ବଥା କାର୍ଯ୍ୟକୁଶଳତା ଓ ଯୋଜନାର ସଫଳ ରୂପାୟନର ପ୍ରତିବନ୍ଧକ । ମୂଷା ଏବଂ ତାର ପୂର୍ବ ପୁରୁଷମାନଙ୍କୁ ଓଡ଼ିଆମିଶା ଇଂରାଜୀରେ ଅପର୍ଯ୍ୟାପ୍ତ ଗାଳି ଦେବା ପରେ ତାର ଉତ୍ତର ପୁରୁଷମାନଙ୍କୁ ଅଚିରେ ପ୍ରାଣଦଣ୍ଡରେ ଦଣ୍ଡିତ କରିବାକୁ ଟେବୁଲ୍ ବାଡ଼େଇ ଶପଥ ନେଲେ ମେକାପବାବୁ ।

ମୂଷିକ ନିଧନ କାର୍ଯ୍ୟକ୍ରମର ଆଦ୍ୟଚରଣରେ କାର୍ଯ୍ୟାଳୟର ତିନୋଟି ପ୍ରକୋଷ୍ଠ, ବାରଣ୍ଡା, ଶୌଚାଳୟ, ଗୁରୁତ୍ୱପୂର୍ଣ୍ଣ ଅଳୋଡ଼ା ଉଦ୍ୟାନ ଆଦି ସ୍ଥାନରେ ସ୍ଥାପିତ ହେବା ପାଇଁ ବର୍ଗଫୁଟ ହିସାବରେ ଏକଶହ ଚାଳିଶି ମୂଷାଧରା ଯନ୍ତା କିଣାଗଲା । ଅବଶ୍ୟ ଚାରିଆଡ଼େ ସ୍ଥାପିତ ଏତେସଂଖ୍ୟକ ଯନ୍ତାକୁ ଏକା ସଙ୍ଗରେ ଜଗିବା ଜଣେ ପକ୍ଷରେ ସମ୍ଭବ ନୁହେଁ ।

ଅଫିସରେ ମଧ୍ୟ ଜଗୁଆଳି ପଦବୀ ନାହିଁ । ତେଣୁ, ଯନ୍ତାଗୁଡ଼ିକ ସ୍ଥାପିତ ହେବାମାତ୍ରେ ଆପେ ଆପେ ସେଗୁଡ଼ିକର ଗଣତି ସାଂଘାତିକ ଭାବରେ କମିଯାଉଥିଲା । ଯନ୍ତା ସଂଖ୍ୟାକୁ ଚାହିଁ ବରାଗୋଟାକୁ ଏକଟଙ୍କା ହିସାବରେ ପ୍ରତ୍ୟହ ଏକଶହ ଚାଳିଶି ଟଙ୍କା ସରକାରୀ ମଞ୍ଜୁରୀ ଦିଆଗଲା । ଅଫିସ୍ ବନ୍ଦଥିବା ଦିନମାନଙ୍କରେ ମୂଷା ଯନ୍ତାକୁ ଜଗିବା ପାଇଁ କର୍ମଚାରୀମାନଙ୍କୁ ଓଭର୍‌ଟାଇମ୍ ଭତ୍ତା ଦିଆଗଲା ।

ଏକମାସ ବିତିଗଲା । ଆଁ କରି ଏଠି ସେଠି ପଡ଼ିଥିବା ଦୁଇ ତିନୋଟି ଶୂନ୍ୟଗର୍ଭ ଯନ୍ତାମଧ୍ୟରେ ନା ମୂଷା ଦିଶୁଥିଲେ, ନା ବରା । ଏହି ମାସକମଧ୍ୟରେ ଦପ୍ତରର କର୍ମଚାରୀମାନେ ଏତେ କାର୍ଯ୍ୟବ୍ୟସ୍ତ ହୋଇପଡ଼ିଲେ ଯେ, ଘରୁ ଜଳଖିଆ ଡବା ଆଣିପାରିଲେ ନାହିଁ ବା ଦୋକାନକୁ ଜଳଖିଆ ଖାଇବାକୁ ଯାଇ ପାରିଲେ ନାହିଁ । ଖଟି ଖଟି ବଡ଼ବାବୁଙ୍କର ପୁରୁଣା ପୋଷାକ ଚିରିଗଲାକି କଣ, ନୂଆ ଜାମା, ପେଣ୍ଟ୍‌ରେ ସୁଶୋଭନ ଦିଶିଲେ ।

ସର୍ବଶକ୍ତିମାନ ସରକାରଙ୍କୁ ଚିତାକାଟିବାର ଅଧିକାର ମୂଷାକୁ ଦିଆଯାଇ ପାରିବ ନାହିଁ । ଏକମତ ହେଲେ ନର୍ଦ୍ଦମା ଦପ୍ତରର ବାବୁମାନେ । ସିଦ୍ଧାନ୍ତ ନିଆଗଲା, ବରାପ୍ରତି ମୂଷାମାନେ ଆକୃଷ୍ଟ ହେଉ ନଥିବାରୁ ଏଣିକି ଗୋଟାକ ଦୁଇଟଙ୍କା ହିସାବରେ ଦୈନିକ ଦୁଇଶହଅଶୀ ଟଙ୍କାର ରସଗୋଲା ଆସିବ । ଯେଉଁ ପ୍ରଦେଶରେ ଆଦୌ କାମନଥାଇ ଲକ୍ଷେ ଲୋକ ଦରମା ନେଇ ପାରନ୍ତି, ସେଠି ଆଦୌ ଯନ୍ତା ନଥାଇ ଥୋପ କିଣିବାରେ ଅସୁବିଧା କେଉଁଠି ? ନଥିରେ ପୂରା ଏକଶହ ଚାଳିଶି ଯନ୍ତା କିଣାହେବାର ଭାଉଚର୍ ବା ଖର୍ଚ୍ଚ ହିସାବ ଫର୍ଦ୍ଦ ରହିଛି ପରା ।

ପୁରଣ୍ଟ ମାସକ ପରେ ମୂଷା-ନିଧନ ଅଭିଯାନର ସମୀକ୍ଷା କରାଗଲା ସମସ୍ତ ଏକମତ ହେଲେ ଯେ, ଦଳେ ଲୋକ ମୂଷାମାନେ ଯେପରି ଦଳବାଲାଙ୍କଠାରୁ ପଇସା ଖାଇ ମଧ୍ୟ ଭୋଟ୍ ଦିଅନ୍ତି ନାହାନ୍ତି ନାହିଁ । ମୂଷାମାନେ ରସଗୋଲା ଖାଇ ଦେଇ ସେହିପରି ଯନ୍ତାକୁ ଠକି ଦେଉଛନ୍ତି । ମେକାପବାବୁ ତଥାପି ପ୍ରସନ୍ନ ଥିଲେ । କାରଣ, ଗତ ଏକମାସ ହେବ ଜଣେ ହେଲେ ଗୋଟିଏ ଦିନ ସୁଦ୍ଧା ଛୁଟିନେଇ ନାହାନ୍ତି । ମେକାପବାବୁ ଅତ୍ୟନ୍ତ କର୍ମନିଷ୍ଠ ଦକ୍ଷ ବ୍ୟକ୍ତି । ସହ୍ୟଶକ୍ତିର ମଧ୍ୟ କ୍ଷେତ୍ରଫଳଅଛି, ଅବଶ୍ୟ ଲୋକଙ୍କ କ୍ଷେତ୍ରରେ ମାପ ଭିନ୍ନ ଭିନ୍ନ । ମୂଷାମରା ଅଭିଯାନର ବିଫଳତା ତାଙ୍କର ଗୋପନ ଚରିତ୍ରଲିପିରେ କଳଙ୍କ ହୋଇ ରହିବାକୁ ସେ ଆଦୌ ଦେବେ ନାହିଁ । ଦପ୍ତରରେ ସଭା ଡାକି ବଜ୍ର ନିର୍ଘୋଷ କଣ୍ଠରେ ଶୁଣାଇ ଦେଲେ, ଆସନ୍ତା ଏକପକ୍ଷ ମଧ୍ୟରେ ସଂପୃକ୍ତ ଫାଇଲକୁ ହଜମ କରିଥିବା ବଦ୍‌ମାସ ମୂଷାକୁ ତାଙ୍କ ସମ୍ମୁଖରେ ହାଜର ନକରାଇଲେ ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଓଡ଼ିଆ ବୀରଜାତି । ଆବଶ୍ୟକ ପଡ଼ିଲେ କଟୁରୀ, ପନିକି ଧରି ଅଶୋକଙ୍କର ସେନାକୁ ଆକ୍ରମଣ କରିପାରନ୍ତି । ମେକାପବାବୁଙ୍କର ଆଦେଶ ଚନ୍ଦ୍ରସେଣାଙ୍କୁ ତାଙ୍କର ପୌରୁଷ ପ୍ରତି ଆହ୍ୱାନ ଭଳି ଜଣାଗଲା । ତାଙ୍କର ଦୃଢ଼ ସଂକଳ୍ପ ଓ ନିଷ୍ଠାପର ଉଦ୍ୟମ ଫଳରେ ଯନ୍ତା ମଧ୍ୟରେ ବିଚରଣରତ ଭୀତତ୍ରସ୍ତ ମୂଷାଛୁଆଟିଏ କୌଣସି ସୂତ୍ରରୁ ସଂଗ୍ରହ କରାଯାଇ ହାକିମଙ୍କ ଟେବୁଲ୍ ଉପରେ ରଖାଗଲା । ବାବୁମାନେ ଅତ୍ୟଧିକ ଖୁସୀ । ଖୋଦ୍ ଦାଉଦ୍ ଇବ୍ରାହିମ୍ ଧରାପଡ଼ିଥିଲେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋବାଲାଏ ଏତେ ଖୁସୀ ହୋଇ ନଥାନ୍ତେ । ଜଘନ୍ୟ ଅପରାଧୀ ଏହି ମୂଷିଟିର ପିଞ୍ଜରାବଦ୍ଧ ଅସହାୟତା ଲକ୍ଷ୍ୟକରି ପୃଥୁଳ ଉଦରର ସମସ୍ତ ମାଂସପେଶୀ ପୀଡ଼ାହେବା ପର୍ଯ୍ୟନ୍ତ ଅଟ୍ଟହାସ୍ୟ କରିଥିଲେ ମେକାପବାବୁ ।

ଏଥର ମୂଷାର ବିଚାରର ପାଳି । କୌଣସି ଜବାବ ସୁଆଇ ନାହିଁ, ପ୍ରତିପକ୍ଷକୁ ସଫେଇ ଦେବାର ପ୍ରଶ୍ନ ଉଠୁନାହିଁ । ସିଧା ମେକାପବାବୁ ରାୟ ଶୁଣାଇଲେ - ଏଠି ଛାଡ଼ିଦେଲେ ଇଏ ପୁଣି ଫେରିଆସି ଉତ୍ପାତ କରିପାରେ, ନତୁବା, କୌଣସି ମୂଷିକା ସହ ଗୁପ୍ତ ପ୍ରଣୟରେ ଲିପ୍ତ ରହି ଗୁଡ଼ିଏ ଅନିଷ୍ଟକାରୀ ସନ୍ତାନ ଉତ୍ପାଦନ କରିପାରେ । ତେଣୁ, ତାକୁ ପ୍ରଦେଶ ବାହାରେ ନେଇ ଛାଡ଼ିଦେଇ ଆସିବାକୁ ହେବ । ଆମ୍ଭେ ଜୀବେଦୟାରେ ବିଶ୍ୱାସୀ । ଏ ନିରୀହ ମୂଷାଛୁଆକୁ ମାରି ପୌରୁଷ ଅର୍ଜନ କରିବାର ଅଭିଳାଷ ଆମ୍ଭର ନାହିଁ । ନିର୍ବାସନ ହିଁ ଏହାପାଇଁ ସମୁଚିତ ଶାସ୍ତି ।

ପାଞ୍ଜିପତ୍ର ଦେଖି ଦିନବାର ସ୍ଥିର ହେବାପରେ ସୁଷମ, ସୁମିଷ୍ଟ ଖାଦ୍ୟଦେଇ ମୂଷାଛୁଆକୁ ବଞ୍ଚାଇ ରଖାଗଲା । ଉପଯୁକ୍ତ ଦିବସରେ ମେକାପ୍‌ବାବୁ ଟାଟାନଗର ସରକାରୀ ଗସ୍ତ ଦେଖାଇ ମୂଷାଯନ୍ତାସହ ସରକାରୀ ଜିପ୍‌ରେ ବସିଲେ । ରାଜ୍ୟାନ୍ତର ନିର୍ବାସିତ ମୂଷା ସହ ଜିପ୍‌ରେ ବସିଥିଲେ ମେକାପବାବୁଙ୍କର ଧର୍ମପତ୍ନୀ ଓ ଅଧଡଜନେ ପିଲା । ସେଥିସହ ଜିପ୍‌ରେ ଲଦା ହୋଇଥିବା କେତେକ ମିଷ୍ଟାନ୍ନ ଡବା, ଫଳ ଝୁଡ଼ି ଓ ଶାଢ଼ୀ ପ୍ୟାକେଟ୍ । ଜିପ୍‌ର ଚକ୍କା ଗଡ଼ିବା ବେଳକୁ ଚନ୍ଦ୍ରସେଣା ମୂଷାର ବାଟରେ ଜଳଖିଆ ବ୍ୟୟବାବଦ ତିନିହଜାର ଟଙ୍କା ଆଣି ବିନୟର ସହିତ ସାର୍‌ଙ୍କ ହାତରେ ଗୁଞ୍ଜିଦେଲେ । ଟାଟାରେ ରହୁଥିବା ମେକାପ୍‌ବାବୁଙ୍କର ବଡ଼ଝିଅର ପୁଅଜନ୍ମଦିନ କାଲି । ମୂଷାକୁ ଦେଶାନ୍ତର କରିବାକୁ ସରକାରୀଗସ୍ତରେ ଯାଉଛନ୍ତି ଯେତେବେଳେ ଗାଡ଼ିରେ ପିଲାଛୁଆ ବସିଗଲେ କେତେବା ଅଧିକା ବ୍ୟୟ ହେବ ? ସରକାରୀ ପ୍ରବଚନ କରା କହୁଛି - କିହେବ ଗାଡ଼ିଟା ଥିଲେ, ଛୁଆପିଲା ନ ବସିଲେ - କି ହେବ ... । ଦୁଷ୍ଟ ଲୋକମାନେ ଡ୍ରାଇଭର୍‌ର ଉକ୍ତିକୁ ଉଦ୍ଧାର କରି କହନ୍ତି, ମେକାପ କୁଆଡ଼େ ବାଟରେ ବୈତରଣୀ ନଦୀ ଭିତରକୁ ଯନ୍ତାସହ ମୂଷାକୁ ଫିଙ୍ଗିଦେଇଥିଲେ ।

ମୂଷିକ ନିର୍ବାସନ ପର୍ବରୁ ଫେରିବା ପରେ ମେକାପ ସମ୍ବାଦ ପାଇଲେ ଯେ, ମୃତ ଫାଇଲଟି କୌଣସି ମତେ ଠାବ କରାଯାଇ ପାରିଛି । ତାହାର ପୃଷ୍ଠା ଖେଳାଉ ଖେଳାଉ ମନ୍ତ୍ରୀଙ୍କର ଫୋନ୍ ଆସିଲା - "ତିନିମାସ ହେଲାଣି, ସେ କଣ୍ଟ୍ରାକ୍ଟର୍‌ର ବିଲ୍ ପାସ୍ ହେଲା କି ନାହିଁ ?"

ବିକଳ କଣ୍ଠରେ ମେକାପ କହିଲେ - ସାର୍ ! ସେ କାମର ମାପ ହୋଇନାହିଁ ।

"ମାପ କରି ପକାଅ ।" ମନ୍ତ୍ରୀବର ଆଦେଶିଲେ ।

"ସେ ନର୍ଦ୍ଦମା ଭୁଷୁଡ଼ି ପଡ଼ିଛି ସାର୍ ! ଏବେ ଉଠାଦୋକାନୀମାନେ ତା ଉପରେ

କ୍ୟାବିନ୍ ପକାଇ ଦୋକାନ କରି ବସିଛନ୍ତି ।"

"ଠିକ୍ ଅଛି । ପିଛିଲା ତାରିଖ ଦେଖାଇ ମାପ ହୋଇଥିବାର ରିପୋର୍ଟ ଦିଅ । ସାତ ଦିନ ମଧ୍ୟରେ ତାକୁ ବିଲ୍ ପେମେଣ୍ଟ କରି ମୋତେ ଜଣାଅ । ଆଉ କିଛି କୈଫିୟତ ଶୁଣିବାକୁ ପ୍ରସ୍ତୁତ ନଥିବା ମନ୍ତ୍ରୀ ଟେଲିଫୋନ୍ ରସିଭର୍ କାଟିଦେଲେ ।

ଏବେ ଆଉ ମୂଷା ଉତ୍ପାତ ନାହିଁ କହିଲେ ଚଳେ । ପ୍ରକୃତରେ ଶାସକଦଳ ବଦଳିବାର ସମୟ ହେଉଛି ଦପ୍ତରମାନଙ୍କର ମୂଷା ଉପଦ୍ରବର ଋତୁ । ମୂଷାମାନଙ୍କୁ ଝୁରିହେଉଛନ୍ତି ନର୍ଦ୍ଦମା ଦପ୍ତର ବାଲାଏ ଆଜିକାଲି ।





# ବଣିଆ ଫୁଙ୍କ

ଛୋପରା ସାହୁଟା କେମିତି ତା ଘରର ନାବ ଚଳାଉଛି ? - ତାକୁ ଖୁବ୍ ପାଖରୁ ଜାଣିଥିବା ଲୋକେ ଏକଥା ଭାବିଲେ ତାଟକା ହୁଅନ୍ତି । କାମ ନାହିଁ, ଧନ୍ଦା ନାହିଁ, ବ୍ୟବସାୟର ଫନ୍ଦା ନାହିଁ । ତଥାପି ତା ଡଙ୍ଗାରେ ଚିଲିକାର ମାଛଧରା ଡଙ୍ଗାରେ ମୋଟର୍ ଫିଟ୍ ହେବାପରି ସାଏଁ ସାଏଁ ସୁଅକାଟି ମାଡ଼ି ଚାଲିଛି । ଗୋଟିଏ ଝିଅ, ତା ତଳକୁ ଦୁଇଟି ପୁଅ । ସହଜେ ହାତଧରି ଆଣିଥିବା ଘରଣୀଖଣ୍ଡକ ବେକରେ ବନ୍ଧା । ବଜାର କରିବାରେ ହେଳା ନାହିଁ କି ମାଛ, ମାଉଁସରେ ଉଣା ନାହିଁ । ଫେସନ୍ ଦେଖିଲେ ହାକିମଘର ଛୁଆ ତାଟକା ହେଇଯିବ । ବଜାରବୁଲା, ଯାତ୍ରା ଦେଖା, ସିନେମା ଦେଖା, ପାର୍କବୁଲା, ଗୁପୁଚୁପ୍, ଚାଟ୍‌ଖିଆ ବି ଅଛି - ଯେମିତି ବଜାରଯାକର ଥିଲାବାଲାମାନେ କରନ୍ତି । ମାସକୁ ଦଶ ବାର ହଜାର ରୋଜଗାର କଲାବାଲା ବି ଏମିତି ଖର୍ଚ୍ଚ କଲାବେଳକୁ ଧର୍ଚ୍ଚ ପେଲିବ ।

ଏଣେ ଦେଖିଲାବେଳକୁ ଦିନସାରା ଛୋପରା ସାହୁ ଚେକ୍ ପଲିଷ୍ଟର ଲୁଙ୍ଗିକୁ ଫାଲ୍‌ଟା ମାରି, କାନ୍ଧରେ ଚଉଲିଆ ପକାଇ, ହାତରେ ସିଗାରେଟ୍ ପ୍ୟାକେଟ୍ ଓ ଦିଆସିଲି ମୁଠାଏ ଧରି ସାଇର ପାନଦୋକାନ, ଜଳଖିଆଦୋକାନରେ ସକାଳୁ ରାତି ଦଶଟା ଯାଏ ଆଡ୍‌ଡା ମାରୁଥିବ । ଲୋକେ ଭାବନ୍ତି, ଘର କଲାବେଳେ କୋଉ ପୁରୁଷର ପୋତା ଗରା ପାଇଛି । ଗହଣାଭିତରେ ଖାଲି ସୁନାମୋହର ଖୁନ୍ଦି ହୋଇଥିଲା ।

କିନ୍ତୁ ତା'ର ଉଭାମାଲ୍ କଥାଟାକୁ କେହି କଳନା କରିପାରନ୍ତି ନାହିଁ । ରହସ୍ୟଟା ତା' ପରିବାରର ଛଅକାନ ଛଡ଼ା ଆଠକାନ ହେବାର ନାହିଁ । ପୁଅ ଦିଇଟା ବୁଝିବି କିଛି ବୁଝନ୍ତି ନାହିଁ । ତା'ର ଉଭା ସଂପରି ହେଲା ତା'ର ଅଠର ବର୍ଷର ନନ୍ଦିନୀ ପେମି ବା ପ୍ରମିଳା । ପାସ୍ ନମ୍ବରଟକ ରଖି ପାରିଲା ନାହିଁ ବୋଲି ତିନିଥର ସିନା ମାଟ୍ରିକ୍‌ରେ ଶୁନ୍‌ଡିଡ୍ ମାରିଲା, ଫେସନ୍ ଓ ଚେହେରା ଦିଗରୁ ଶହେରୁ ଛୟାଅଣୀ ରଖିବ । ରାସ୍ତାରେ ଦେଖିପକାଇଲେ ଚୁଙ୍ଗୁଚୁଙ୍ଗିଆ ଚରିତ୍ରର ଟୋକାଏ ରାସ୍ତାରେ ସାଇକେଲ୍ ଚଲେଇ ଯାଉଯାଉ ଡ୍ରେନ୍‌ରେ ଗଳିପଡ଼ିବେ କି କୋଉଠି ସାଇକେଲ୍ ନେଇ ପିଟିଦେବେ । ସାମାନ୍ୟ ଶିଷ୍ଟାଚାରରେ ଉଣାନାହିଁ ପେମିର । କୁହି ବା ରେଣୁକା ମାର୍କା ଛଅଇଞ୍ଚ ଉପର ଓଠଚିରା ହସଖଣ୍ଡେ ଅଯାଚିତ ଭାବରେ ଫିଙ୍ଗିଦିଏ

ଲୋଭିଲା ଆଖିମାନଙ୍କ ଆଡ଼କୁ । ସେଥିପାଇଁ ପାଖେଇବା ଲୋକଙ୍କର ଅଭାବ ନାହିଁ ।

କିନ୍ତୁ, ସମସ୍ତଙ୍କୁ ପାଖେ ପୂରାଏ ନାହିଁ ପେମି । ଧନ ନ ଥିଲେ ଖାଲି ଫମ୍ପା ମନଟାଏ କୋଉକାମର ? ଟିକେ ହସାହସି, ସାଙ୍ଗହୋଇ ସିନେମା ଦେଖା, ପାର୍କର ନିକାଞ୍ଚନ ଜାଗାରେ ଅଗମୂଳ ନଥିବା ଅଲଣା ଗପସପ, ହାତରେ ହାତଛନ୍ଦା, ଦେହରେ ଦେହଘଷା ଓ ଅତି ବେଶୀହେଲେ ଟା-ଟା ବେଳର ଛୋଟିଆ ଗେଲ ଟିକିଏ ... ସେଇଠି ପେମିର ବାପା ଲକ୍ଷ୍ମଣଗାର ଟାଣି ଦେଇଛି । ଏଣେ, ଏତିକି ବାଟ ଗଲାବେଳକୁ କେତେ ପଇସାବାଲା ଟୋକାଙ୍କର ବାଟଖର୍ଚ୍ଚରେ ବଟୁଆ ଖାଲି ହୋଇ ସାରିଥାଏ । ପେମିର ଟ୍ରଙ୍କ୍ କାମିଜା ପୋଷାକ, ନୋଟ୍ ଥାକରେ ପୂରିଥାଏ ।

କେଇଟା ନଅକିଆ ଅଛନ୍ତି, କାଣିଆ କୁଣାକୁ ଅମୃତ ପରି ପାଇଯାଆନ୍ତି । କଂସାବାସନ ବିକ୍ରିହେଉ ପଛକେ ବାଇଆ ପାଲଟି ଯିବେ । ଆଉ ଦଳେ ଭାରୀ ଜିଦ୍‌ଖୋର । ଧନ ଅର୍ଜିଲେ ପ୍ରେମ କରି, ପ୍ରେମେ ପ୍ରାପତ ଯେତେ ନାରୀ । ଥରେ ଆଖି ପଡ଼ିଲେ, ଜିଦ୍ ଧରିଲେ, ଯେତେ ପଡୁ ପଛକେ ହାତେଇବାକୁ ଚେଷ୍ଟା କରିବେ । ଆପଣାଛାଏଁ କଥାଟାକୁ ଇଜ୍ଜତର ପ୍ରଶ୍ନ କରିଦେବେ । ଏଭଳି ଶହେ ଦେଢ଼ଶହ ଅନ୍ତତଃ ପେମିର ମନ କୋଠରୀର କବାଟ ବାଡ଼େଇଥିବେ । ତା' ମନ କୋଠରୀର କବାଟଟା ସବୁବେଳେ ଦରଆଉଜା । ଟିକିଏ ଆଘାତ ଦେଲେ ଖୋଲିଯାଏ । ଔପଚାରିକତା ପାହାଡ଼ ଉଠିଲା ବେଳକୁ ବାବୁମାନେ ଆତୁର ହୋଇ ପଡ଼ିଥାନ୍ତି । ପ୍ରଣୟ-ଜକ୍ଷର ଚାରିକୋଣ ବୁଲିଆସିବା ବେଳକୁ ହାତରୁ ଘଣ୍ଟା ଓ ଦେହରୁ ପ୍ୟାଣ୍ଟ ଜାମା ଉତୁରି ଯାଇଥାଏ ।

ପ୍ରେମ ବେମାରୀରେ ଘାଣ୍ଟି ହୋଇ ଧଇଁ ପେଲୁଥିବା ଦଳେ କୁହନ୍ତି- ଏ ଜମାନା କୁଆଡ଼େ ପ୍ରେମ-ମିଳନର ପହିଲା ନମ୍ବର ଶତ୍ରୁ । ପ୍ରେମ-ମିଳନର କ୍ଳାଇମାକ୍ସ ବେଳେ ଭିଲିଆନ୍ ଏଣ୍ଟ୍ରିମାରେ, ଯେମିତିକି ଆମ ଦେଶର ପଣ୍ଡିମାଞ୍ଚଳର ଫସଲ ଭଲ ହୋଇଥିବା ବେଳେ ପାକିସ୍ତାନୀ ପଙ୍ଗପାଳ ଆକସ୍ମାତ୍ ମାଡ଼ିଆସନ୍ତି । ପରସ୍ପର ଦେହରେ ଲଟେଇ ଯାଉଥିବା ପ୍ରେମିଯୁଗଳକୁ ଟଣା ଓଟରା କରେ । କଠୋର ଭାଷାରେ ଗାଳିଫକ୍ଷିତ କରେ । ମାର୍‌ପିଟ୍ ଆରମ୍ଭ କରିଦିଏ । ଏଭଳି ଯେତେ ସିନ୍ ଆସେ, ସେଥିରୁ ଶହେକେ ସତୁରୀ ଭାଗରେ ଝିଅର ବାପା ଖଳନାୟକ । ସେତକ ଯୋଗ୍ୟତା କଣ ଛୋପରା ସାହୁର ନାହିଁ ? ତାକ ପିଅନକୁ ବା ରାସ୍ତାର କୌଣସି ଲୋକକୁ ମିଳନ ସ୍ଥଳୀର ଠିକଣା ପଚାରିବାକୁ ପଡ଼େନାହିଁ । କାରଣ, ବାପଝିଅଙ୍କର ନଖଦର୍ପଣରେ ସହରର ସବୁ ନିର୍ଜନ ଜାଗା ଓ ପରିତ୍ୟକ୍ତ କୋଠାଘରର ନକ୍ସା ରହିଛି । ନାବାଳିକା କନ୍ୟାକୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ଟୋକାଟାକୁ ଥାନାରେ ଦେବାକୁ ଧମକାଏ । ସେତେବେଳକୁ ଟୋକାର ପୂରା ଠିକଣା ଓ ଖାନ୍‌ଦାନୀର ବିବରଣୀ ସଂଗ୍ରହ କରି ପେମି ତା' ଭ୍ୟାନିଟି ବ୍ୟାଗରେ ପୂରାଇ ସାଇତି ଦେଇଥାଏ । ଅଗତ୍ୟା ସେ ଟୋକା ବା ତା'ର ଗାର୍ଜିଆନ୍ ମାଲ୍‌ପାଣି ଦେଇ କଥାଟାକୁ ଦଫାରଫା କରିଦିଅନ୍ତି ।

ମାସେ ନ ପୂରୁଣୁ ପୁଣିଥରେ ସେଇ ନାଟକର ପୁନରାବୃତ୍ତି ହୁଏ । ତଫାତ୍ ଏତିକିଯେ, ଏଥର ନାୟକ ବଦଳି ଯାଇଥାଏ । ସେଇ ପୁରୁଣା ସଂଳାପ, କୁଟିଳଗାଳି । ଧମକଚମକ । ନାଟକର ଶେଷ ଦୃଶ୍ୟରେ ନାୟିକା ଓ ଖଳନାୟକ ଦୁର୍ଜିଙ୍କର ଓଠରେ ବିଜୟୀହସ ।



ଅପୋଗଣ୍ଡ କୁସୁମାଟା ହରଦମ୍ "ଏ" ମାର୍କା ଇଂରାଜୀ ସିନେମା ଦେଖି ଦେଖି ନିଜ ପାଇଁ ହୀରୋଇନ୍ ତଲାସ୍ କରୁକରୁ ଜାଗା ଅଜାଗାରେ ମୁହଁ ମାରିଲା ଓ କେତେଠାଆରେ ପାହାର ଖାଇଲା । ସାତବେଣ୍ଟିଆ ହେଲା । ଅନେକ ଜାମିକ୍ ଚିରି ସାଇକେଲ୍ ପୋଛା କନା ହେଲା । ମେଡିକାଲ୍‌ର ଗଜକନା ମୁଣ୍ଡର ବାନା ହେଲା । ତଥାପି ସେ ହାରିବା ପିଲା ନୁହେଁ । ଦିନେ କାଳବେଳାରେ, ବିରାଡ଼ି ଝଗଡ଼ା ବେଳେ ହାବୁଡ଼ିଗଲା ପେମିକୁ । ଜମିଗଲା ଅଖଡ଼ା । ଦିନେ ପ୍ରଣୟର ମାଟିରେ ଗଡ଼ା କୁସୁମାର ସହସ୍ର ଅଟିକା ଛୋପରା ସାହୁର ଏକା ପାହାରରେ ଗୁଣ୍ଡା ହୋଇଗଲା । ବୋହିଗଲା କୁସୁମାର ପାଞ୍ଚହଜାର ଟଙ୍କା ।

ପ୍ରେମ-ବାଇଆ ରୋଗ ଯଦି ଶୋଧା, ଗାଳି, ବିଧା, ତାପୁଡ଼ାରେ ଯାଉଥାନ୍ତା, ବଡ଼ମେଡିକାଲ ମାନସିକ ଚିକିତ୍ସାଳୟର ରୋଗୀ ସଂଖ୍ୟା ଅଧା କମିଯାଆନ୍ତା । ତଥାପି ପେମିର ହସ ହସ ବଦନ ଦର୍ଶନ କରିବା ପାଇଁ କୁସୁମା ସକାଳ ସଞ୍ଜେ ଛୋପରା ସାହୁ ଦାଣରେ ନସର ପସର ହେଲା । ସାହୁ ଦେଖିଲା, କୁସୁମା ଏବେ ତା' ପାଇଁ କାଣ୍ଡି ହରାଇ ସାରିଥିବା କଦଳୀ ଗଛ । ତାକୁ ମୂଳରୁ ଛେଦି ଗଡ଼େଇ ଦେବା କଥା । ଟୋକାଟା ବେଶି ନସରପସର ହେଲେ ଝିଅଟା ବଦ୍‌ନାମ୍ ହେଇଯିବ । ଥରେ ବଦ୍‌ନାମ୍ ହୋଇଗଲେ ବ୍ଲାକ୍‌ମେଲିଂ ବଜାରରେ ଭାଉ କମିଯାଏ । ବେପାର ଧରା ପଡ଼ିଯାଏ । ଛୋପରା ସାହୁ ମଉକା ଭଣ୍ଡି କୁସୁମା କାନ ମୁଣ୍ଡାରେ ପୁଞ୍ଜାଏ ବ୍ରହ୍ମଚାପୁଡ଼ା କଷିଦେଲା । କେବଳ ପେମିର ବାବା ବୋଲି କୁସୁମା ଇଁ ଚୁଁ ପାଟି ନଫିଟାଇ କାନ ମୁଣ୍ଡାରେ ବେଲାଡୋନା ପ୍ଲାଷ୍ଟର ବଳାଇ ଚୁପ୍ କରି ଘରକୁ ଫେରିଆସିଲା ।

ମନର ବେଦନା ଦିନେ ନିଜର ପିଲାଦିନର ପାଠପଢ଼ା ସାଙ୍ଗ ଭାଟୁଆ ଆଗରେ କହିଲା । ଭାଟୁଆ ବଡ଼ ନାଟୁଆ । ପାଠଘରେ ଅଦିନରେ ତାଲା ପଡ଼ିଲେ ବି ଶାଠଘରେ ତା'ର ଜବର ଦଖଲ । ବିନା ନିଯୁକ୍ତି ପତ୍ରରେ ଆତ୍ମନିଯୁକ୍ତି ଯୋଜନାରେ ସୁରୁଖୁରୁରେ ଚଳେ । ବିନା ପାଣ୍ଠିରେ ବଣିଜ ତା'ର । ବିନା ଘରଭଡ଼ାରେ ସରକାରୀ କୋଠାରେ ରହିଛି । ବିନା ପଇସାରେ ସରକାରୀ ମାଲ୍‌ଖାଇଛି । ମାତ୍ର, ଚାରିଥର ପରା ଜେଲ୍ ଯାଇଛି । ଏଇତ ଦେଢ଼ମାସ ତଳେ ଛାଡ଼ପାଇ ଆସିଛି ।

ଭାଟୁଆ ସାଙ୍ଗଟିର ଦୁଃଖ ଶୁଣି ଆଖି ଛଳ ଛଳ କରି ପକାଇଲା । ଜୟଦ୍ରଥକୁ ବଧକରିବା ପାଇଁ ଅର୍ଜୁନ ଶପଥ କଲାପରି ରାସ୍ତାକଡ଼ ଫୁଟପାଥ ଧୂଳି ହାତରେ ଧରି ମୁଣ୍ଡରେ ମାରି ନିୟମ କଲା - ଆସନ୍ତା ପନ୍ଦରଟା ସୂର୍ଯ୍ୟାସ୍ତ ପୂର୍ବରୁ କୁସୁମାର ଅପମାନର ପ୍ରତିଶୋଧ ନନେଲେ ଛଅ ବୋତଲ ଦେଶୀମଦ ପିଇ ଜୀବନ ହାରିବ । ନତୁବା କୁସୁମା ତା' ନାଁରେ ଦଶଟା କୁକୁର ପାଳିବ ।

ବୋପା ପଇସାରେ ଫୁର୍ତ୍ତି ମାରୁଥିବା କୁସୁମା ପକ୍ଷରେ ନିଜ ଆୟରେ ଚଳେଇ

ଛୁଆଟିଏ ପାଳିବାର ସୁ' ନଥିଲା । ଖାଲି ଭାଟୁଆର ସାମର୍ଥ୍ୟ ଉପରେ ଅତ୍ୟଧିକ ବିଶ୍ୱାସ ସ୍ଥାପନ କରି ଦଶଦଶଟା କୁକୁର ପାଳିବା ସର୍ତ୍ତରେ ରାଜି ହୋଇଗଲା । ଦଶଟା କୁକୁରର ଏକା ପ୍ରକାର ନାଁ ଦେଲେ, କାହାକୁ ଡାକିଲେ କିଏ ଲାଙ୍ଗୁଡ଼ ହଲେଇବ ସେ କଥା ମଧ ମୁଣ୍ଡରେ ପୂରେଇଲା ନାହିଁ । ଭାଟୁଆର ଯୋଜନା କାର୍ଯ୍ୟକାରୀ କରିବାକୁ ଟଙ୍କା ତିନିଶହର ବଜେଟକୁ ବାପ ଅର୍ଜନରେ ଭରଣା କଲା କୁସୁମା । ଅବିଶିଷ୍ଟ ପାଣ୍ଠି ହେଲା ଭାଟୁଆର ହୀରୋମାର୍କା ଗୋରା ଚେହେରା । ସେଇଥିପାଇଁ ତା' ଗୁଣଗ୍ରାମ ଜାଣି ସୁଦ୍ଧା ଅନେକ ଝିଅ ତା' ପାଇରେ ପଡ଼ନ୍ତି ଓ ଅଣ୍ଡ ନିଅଣ୍ଡ ବେଳେ ତା' ଗରଜ ଚଳାନ୍ତି । ଭାଟୁଆ ଆଗରୁ ଜବାବ୍ ଛିଣ୍ଡାଇ ଦେଲା, ଯାହା ଆୟବ୍ୟୟ କରିବ ସେଥିରୁ କୁସୁମାର କ୍ଷତି ଭରଣା କରି ସାରିବା ପରେ ବଳକା ରହିଲେ ନିଜର ହାତପାଣ୍ଠି କରିବ ।

ଭାଟୁଆ ପୂରାଦମ୍‌ରେ କାମରେ ଲାଗିଗଲା । ଦିନ ଚାରିଟା ନ ପାଉଣୁ ଦେଖାଗଲା ପେମି ଓ ଭାଟୁଆ ହାତଧରାଧରି ହୋଇ ନିର୍ଜ୍ଜନ ଜାଗାରେ ଟହଲ ମାରୁଛନ୍ତି । ମଝିରେ ମଝିରେ ପେମି ଭାଟୁଆ ଉପରେ ଆଉଜି ପଡୁଛି । ଆଉ ଟିକେ ନିରୋଳା ବୁଦୁବୁଦିଆ ଜାଗା ମିଳିଲେ ଆଲିଙ୍ଗନ ପାଇଁ ବଳ ଖଟାଉଛି । ଦିନେ ପେମିକୁ ପ୍ରେମସ୍ରୋତରେ ଭସାଇ ଭାଟୁଆ ବୁହାଇନେଲା । ଗୋଟିଏ ଫଟ ଉଠା ଦୋକାନଯାଏ । ସେଠି ମିଛକାମୀ ଇଂରାଜୀ ସିନେମାର ନାୟକ ନାୟିକା ପରି ଫଟୋ ଉଠାଇଲେ । ଫଟଉଠାଳି କ୍ୟାମେରା ବୋତାମ ଚିପିବା ବେଳକୁ ଖପ୍‌କରି ଭାଟୁଆ କୁଣାଇ ପକାଇଥିଲା ପେମିକୁ । ଆଉ ଦିନେ ପାର୍କରେ ଧରାଧରି ହୋଇଥିବା ବେଳେ ଜଣେ କନେଷ୍ଟବଳ ହାବୁଡ଼ିଗଲା । ଦୁଇଜଣଙ୍କୁ ଟଣା ଓଟରା କଲା । ହାଜତରେ ପୂରାଇବାକୁ ଧମକ ଦେଲା । ତୁହେଁ ପୋଲିସ୍ ଆଗରେ ସ୍ୱାମୀ ସ୍ତ୍ରୀ ବୋଲି ନିଜର ପରିଚୟ ଦେଇ ଛାଡ଼ିଦେବାକୁ କାକୁତି ମିନତି ହେଲେ । କନିଷ୍ଟବଳ ଦୟାପାଇ ହୁକୁମ୍ ଦେଲେ, "ତୁମେ ଦୁହେଁ ସ୍ୱାମୀ-ସ୍ତ୍ରୀ ବୋଲି ଲେଖି ନିଜର ପୂରାଠିକଣା ସହ ଏ କାଗଜରେ ଦସ୍ତଖତ କର ।" ପକେଟ୍ରୁ ଖଣ୍ଡେ କାଗଜ କାଢ଼ି ବଢ଼ାଇଦେଲେ । ପୁଲିସ୍‌ବାବୁ ଦସ୍ତଖତକରା କାଗଜକୁ ପକେଟ୍‌ରେ ପୂରାଇ ପଛମୁହାଁ ହେବା ବେଳକୁ ଭାଟୁଆ ପେମିକୁ କହିଲା - "ମୋ ପାଖରେ ଅବିକା ମାଲ୍ ନାହିଁ । ତୁମ ପାଖରେ ଯଦି କିଛି ଅଛି ଦେଇଥାଅ, ସେ ପୋଲିସ୍‌କୁ ବୁଝାସୁଝା କରି ଦେଇ ଆସେ । ନହେଲେ ଠିକଣା ରଖିଛି, ପଛରେ ଘାଣ୍ଟିବ ।"

ପେମି ତା' ପାଖରେ ଥିବା ସମସ୍ତ ପଚାଶଟଙ୍କିଆ ନୋଟ୍‌ଖଣ୍ଡିକ ବଢ଼ାଇ ଦେଲା । ନିରୋଳାକୁ ଭାଟୁଆ କନିଷ୍ଟବଳଙ୍କୁ ଡାକିନେଲା । କନିଷ୍ଟବଳ କହିଲେ - "ତୁମ କହିବା ମୁତାବକ କାମତ କରିଦେଲି, ମୋ ପାଉଣା କାହିଁ ?" ଭାଟୁଆ ପଚାଶଟଙ୍କିଆ ନୋଟ୍ ବଢ଼ାଇଦେଲା । ପୋଲିସ୍‌ବାବୁ ତାକୁ ପକେଟ୍‌ରେ ରଖି ଖଣ୍ଡେ ଖଣ୍ଡେ ପେମିକୁ ଲୁଚାଇ ସନ୍ତକ କରା କାଗଜ ଖଣ୍ଡିକ ଭାଟୁଆକୁ ବଢ଼ାଇଦେଲେ । ଭାଟୁଆ ଚୁପ୍‌କରି ଭିତର ପକେଟ୍‌ରେ ତାକୁ ସଂପାଦି ଦେଲା ।

ଛୋପରା ଝିଅକୁ ବସାଇଉଠାଇ ଦେଉନି । ଯୌତ ଜାଲରେ ପକାଇବାକୁ ହରବର



କରୁଛି । ତାଗିଦ୍ ଉପରେ ତାଗିଦ୍ । ଘରୁ ପଇସା ସରି ଦୋକାନ ଖାତାରେ ବାକି ଚଢ଼ିଲାଣି । ଦଶବାର ଦିନ ହେବ ଝିଅଟା । ଶିକାରରେ ଯାଉଛି । ଖରା ଉଇଁଲା ବେଳକୁ ବାହାରି ରାତି ଅଧରେ ଫେରୁଛି । ଖୋପ ପକାଇବା ନାଆଁରେ ଘରୁ ପଇସା ନେଇ ସାରୁଛି । ଅଥଚ ଏଇ ଗୋଟାଏ ଟୋକା ବଳେଇ ଯାଉଛି ! ପେମି ସଫେଇ ଦେଲା, ସିଏତ ଆଉ ଆଗକୁ ଗୋଡ଼ ବଢ଼େଇ ଯାଉନାହିଁ ମୁଁ କଣ ତା' ହାତଧରି ଟାଣିବି ?

ଛୋପରା ସାହୁ ନାଲିଆଖି ଦେଖାଇ ସଫା ଶୁଣେଇ ଦେଲା - ଯେମିତି ହେଲେ ଦିନେ ଓଳିଏ ଭିତରେ ଏ ବେପାର ସାର । ଗୋଟାଏ ଗରାଖ ପାଇଁ ଏତେ ଦିନ ଗଲେ ଧନ୍ଦା ଚଳିବ କେମିତି ? ଖାଲି ଟିକେ ଘାଟିମୁଣ୍ଡକୁ ଫୁସୁଲେଇ ନେଏ, ତେଣିକି ଦେଖିଲା କାମ ମୁଁ କରିଦେବି । ପେମିର ଫୁକୁଫୁକିଆ କଲିଜା ଭିତରେ ଇତି ମଧରେ ଭାଟୁଆ ଅରାଏ ଜାଗା ଜବର ଦଖଲ କରିନେଇଥିଲା । ତା'ର ତ ପୁଣି ଦେହ, ମନ ଅଛି ? ବୟସ ବି ଇଙ୍ଗକ ଦଉଛି ଇଗାଇ ମନକୁ ସେଇ ଆଡ଼କୁ ଟାଣୁଛି । ନିଆଁ ଦେହରେ ଘିଅ ସବୁବେଳେ ଘଷିହେଲେ କେତେଦିନ ଇଲା ଫିଟିକିରି ମୁଣ୍ଡା ଭଳି ଜମାଟ ବାନ୍ଧି ରହିବ ? ଏଣେ ମନରେ ଡର, ଘର ଛାଡ଼ି ଚାଲିଗଲେ ବଢ଼ାଂସ ଯାକ ଓପାସରେ ଠୋ ଫୋଟକା ମରିଯିବେ ପୁଣି ବୁଝାଇଲା ମନକୁ, ବାପା ଯୋଉ ଫନ୍ଦା ଧରିଛି ଆଖି ଗଡ଼ ପରି ତାକୁ ଖାଇରେ ପୂରାଇ ଶେଷ ରସଟୋପାକ ବାହାରିବା ଯାଏ ଚୁପୁଡ଼ିବ । ଶେଷକୁ ବଳିତା ଭଳି ଚୋକଡ଼ ପାଲଟି ଚୁଲିଜାଳକୁ ଯୋଗ ହେବ । ଢେର୍ ହେଲାଣି ଏଣିକି ବେଳ ଥାଉ ଥାଉ ତା' ବାଟ ତାକୁ ଧରିବାକୁ ହେବ । ବାପ ଉପରେ ପ୍ରବଳ ରାଗ ହେଲା, କର୍ମକୋଢ଼ି ହୋଇ ଘରେ ବସି ଫୁର୍ତ୍ତି ମାରୁଛି, ଅଥଚ, ଝିଅ ନାକରେ ଶଣୁଆସୀ ପୂରାଇ ହଳ ବୁଲାଉଛି । ହାତୀ ଗୋଡ଼ ଧରିଲେ ହାତୀ ରହିଯିବ, ଖଟିଲା ବେଳକୁ ଜୀବନ ଛାଡୁଛି ।

ଉଇହେଲା, ଭାଟୁଆ ତା' ଆଗକୁ ପ୍ରସ୍ତାବ ଦେଲା ହାତ ଧରାଧରି ହୋଇ ଘର ସଂସାର କରିବାକୁ । ମନୁ ଖୋଜୁଥିଲା କାକରପାଣି, ବଇଦ କହିଲା ପି ତୋରାଣୀ । ପ୍ରସ୍ତାବଟା ପେମି ମନକୁ ଘେନିଲା । ତଥାପି, ବାପକୁ ତା'ର ପ୍ରାଣେ ଡର । ମତଲବ ଜାଣିଗଲେ ଫିଟିଫିଟି ଛାଲ ଛଡ଼େଇ ଦେବ । ପେମି ଭାଟୁଆକୁ ମନର କଥାଟା ଖୋଲି କହିଦେଲା । ତହିଁକି ଭାଟୁଆ ଆଗରୁ ଜବାବ୍ ଠିକ୍ କରି ରଖିଥିଲା । ଏଠୁ ଆଉ କୋଉ ସହରକୁ ପଳାଇଯାଇ ମଠ, ମନ୍ଦିରରେ ବାହାହୋଇ ସ୍ୱାମୀ-ସ୍ତ୍ରୀ ବୋଲାଇ ରହିଲେ କିଏ ପଚାରୁଛି ? କିନ୍ତୁ ଗୋଟାଏ କଥା - ହଠାତ୍ ବାହାର ଜାଗାରେ ପହଞ୍ଚିଲେ ଆଗ ମାଲ୍‌ପାଣି ଦରକାର । ଘର ଠିକଣା କରିବାକୁ ହେବ । ଘରକରଣା ଜିନିଷ ସଜିଲି କରିବାକୁ ହେବ । କୋଉଠି ଗୋଟିଏ କ୍ୟାବିନ୍ ଭଡ଼ାନେଇ କିଛି ବେପାର ବଣିଜ କରିବାକୁ ହେବ । ଆଗ ଭଲ କରି ପାଣ୍ଠି ହାତରେ ନଧରି ପଦାକୁ ଗୋଡ଼କାଢ଼ିଲେ ପୁଣି ପିଠିରେ ଗୋଧିଛାଲ ବାନ୍ଧି ବେହିଆଙ୍କ ପରି ଘରକୁ ଫେରିବାକୁ ପଡ଼ିବ । ମୁହଁ ଶୁଖାଇ ଭାଟୁଆ ପେମିକୁ ସବୁ ଯୋଜନା ବୁଝାଇ ସାରିବା ପରେ କହିଲା - "ପେମିଲୋ ! ତୋ'ର ମୋର ଏକାଠି ହବା ବିଧାତା ବୋଧହୁଏ ଆମ କପାଳରେ ଲେଖିନାହିଁ । ଏଣେ ତୋ' ବାପା ତୋ ସାଙ୍ଗରେ ଲଗାଇଛି, ଆଦାୟ କର, ନହେଲେ ଛାଡ଼ିଦେ । ତେଣେ,

ମୋର ଦୋକାନ ପାଇଁ ବ୍ୟାଙ୍କ୍ ଲୋନ୍ ମିଳୁ ମିଳୁ ଆହୁରି ଛଅ ମାସର କଥା । ମତେ ଛାଡ଼ିଦେବ ବରଂ ରେଳତଳେ ଶୋଇ ପଡ଼ିବି ।" ପ୍ରକୃତରେ ବ୍ୟାଙ୍କ୍ ବା ଲୋନ୍ କାହାରି ସଙ୍ଗରେ ଭାଟୁଆର ଏତେଟିକେ ଦେଣନେଣ ନାହିଁ । କିନ୍ତୁ, ତା' ଅପେରା ପାର୍ଟି ସଂଳାପକୁ ନିଖୁଣ ଅଭିନୟରେ ସେମିର ଛାତି ଫାଳନଡ଼ିଆ ପରି କୋରି ହୋଇଗଲା । ଆଖିରେ ଲୁହ ଜକେଇ ଆସିଲା । କଥାରେ କୋହ ଗୋଳେଇ କହିଲା - ତେମେ ଏଇ କଥାରେ ମନ ଛୋଟ କର ନାହିଁ । ଏଇ ବୋପା ସକାଶେ କେତେ କେତେ ଘରର ରାଜା ପୁଅ ପରିକା ଟୋକାଙ୍କୁ ହାତଛଡ଼ା କରି ଓଲଟି ତାଙ୍କର ଇଜ୍ଜତ ନେଇଛି । ଶେଷକୁ ତେମେ ଚାଲିଗଲେ ମୋର ମନ କଣ ଆଉ ବୁଝିବ ?

ଦୁହେଁ ପରସ୍ପରକୁ କର୍ଅଁଳ କଥାରେ ବୋଧଶୋଧ କଲାପରେ ସ୍ଥିରହେଲା, ସେମି ତାଙ୍କ ଘରର ସବୁ ସୁନାଗହଣା, ଲୁଗାପଟା ଓ ନଗଦଧରି ଖସିଆସିବ । ଚୁପ୍‌ଚାପ୍ ଦୂରଜାଗାକୁ ରେଳ ଟିକେଟ୍ କାଟିଦେବେ ।

ମୌକାଦେଖି ସେମି ଗହଣାଗାଣ୍ଠି ସବୁ ବ୍ୟାଗ୍‌ରେ ପୂରାଇଲା । ଆଖିପଡ଼ିଗଲା ଶାଢ଼ୀଥାକତଳେ ଅସମୟ ପାଇଁ ବୋଉ ଲୁଚାଇ ରଖିଥିବା ନୋଟ୍ ଥାକ ଉପରେ । ଥଙ୍ଗେଇ ମଙ୍ଗେଇ ସେତକ ମଧ ଭ୍ୟାନିଟି ବ୍ୟାଗ୍‌ରେ ପୂରାଇଲା । ଭାବିଲା, ମାଆଝିଅ ଦେଉଳେ ପଶିଲେ, ଯେଣ୍ଡା ଶୁଭ ଯିଏ ମନାସିଲେ । ଥରେ ମୁହଁ ପୋଡ଼ିଦେଇ ଗୋଡ଼କାଢ଼ି ଘରୁ ଚାଲିଗଲେ ଆଉ କିଏ ଫେରୁଛି ? କାରଣ, ଫେରିଲେ ମୁହଁ ରହୁକି ନରହୁ, ଜୀବନ ରହିବ ନାହିଁ । ଘରୁ ବାହାରିବା ବେଳକୁ ଛୋପରା ସାହୁ ହାବୁଡ଼ି ଗଲା । ଚଢ଼ାଗଳାରେ ପଚାରିଲା - ମାମଲା କେତେବାଟ ଗଲା ? ଆଉ ସେମି ଟିକେ ହଡ଼ବଡ଼େଇ ଗଲା । ଛାତିକୁ ଦମ୍ଭକରି ସାରି ଜବାବ୍ ଦେଲା - ଆଜି କାମ ପକ୍କା । ବାପକୁ ଭେଟାଭେଟି ଠିକଣା ଠିକ୍ କରି କହିଲା । କିନ୍ତୁ, ସମୟ ଦୁଇଘଣ୍ଟା ଗଡ଼େଇ କହିଲା । ଭାବିଲା, ସେତେବେଳକୁ ରେଳଗାଡ଼ିରେ ବସି ସେ କେତେବାଟ ଉଠିବେଣି । ବାପା ଏଇ ସହରରେ ଦଉଡ଼ିହେବା ବେଳକୁ ସେ ଅନ୍ୟସହରରେ ପହଞ୍ଚି ସାରିଥିବେ ।

ସେମିର ବାଟ ଚାହିଁ ଭାଟୁଆ ବସିଥିଲା । ସଫଳତାର ଖୁସୀରେ ବହେ କୁଣ୍ଢାକୁଣ୍ଢି ହେଲେ । ସେମି ଜନମମାଟି, ବାପଘରକୁ ସବୁଦିନ ପାଇଁ ଛାଡ଼ିଯାଉଥିବା ଦୁଃଖରେ ଟିକେ ନାକ ସୁଁ ସୁଁ କଲା । ତାକୁ ବୁଝାବୁଝି କରି ସାରି ଭାଟୁଆ କହିଲା - ଗହଣାଗାଣ୍ଠି ନେଇ ବାହାର ଜାଗାରେ ଅଚିହ୍ନା ଲୋକଙ୍କୁ ବିକିଲେ ଲୋକେ ଚୋର ଖଣ୍ଡ ବୋଲି ସନ୍ଦେହ କରିବେ । ଏଠି ମୋର ଚିହ୍ନାଜଣା ଲୋକ ଅଛନ୍ତି, ଓ୍ବାଜିବ୍ ଦାମ୍ ମିଳିବ । ଏଇଠି ବିକ୍ରି କରି ନଗଦ ଟଙ୍କା କରିନେବା । ସେମିଠାରୁ ଗହଣାତକ ହାତେଇ ସାରିବା ପରେ ପଚାରିଲା - ଲୁଗାପଟା ତ ସାଙ୍ଗରେ ଆଣିନା ?

ନାଇଁମ, ଆସିବା ବେଳକୁ ବାପା ହାବୁଡ଼ି ଗଲା । ଲୁଗା ବ୍ୟାଗ୍‌ଟାକୁ ଚୁପ୍‌କିନା ଗୋଟାଏ କଣକୁ ଫୋପାଡ଼ିଦେଲି - ସେମି କହିଲା ।

ମୋର ବି ସେଇ ଅବସ୍ଥା । ଭାଟୁଆ କହିଲା, ଆଟାଚିରେ ସବୁ ପୂରାଇ ବାହାରିବା



ବେଳକୁ ବଡ଼ଭାଇ ବାରଣ୍ଡାରେ ଚହଲୁଥିଲେ । ପୁଣି ଘର ଭିତରକୁ ଯାଇ ଆଟାଚିଟା ଥୋଇ ଦେଇ ଆସିଲି । ଆଚ୍ଛା, ଯଦି ନଗଦ କିଛି ଆଣିଛ ଦିଅ । ଗହଣା କାରବାର ହୋଇ ନ ପାରିଲେ ନଗଦ ପଇସାରେ ତୁମ ପାଇଁ ଲୁଗାପଟା, ମୋର ହଳେ ପ୍ୟାଣ୍ଟସାର୍ଟ ଓ ଟ୍ରେନ୍ ଟିକେଟ୍ କରି ନେଇ ଆସିବି । ଗୋଟାଏ ଆଟାଚି ବି କିଣିବାକୁ ହେବ ।

ସେମି ନିଃଶଙ୍କୋଚରେ ଟଙ୍କାବିଡ଼ାଟା ବଢ଼ାଇଦେଲା । ଭାଟୁଆକୁ ତ ବେକର ପଘାଟା ଧରାଇ ଦେଲାଣି, ଟଙ୍କାକେତୁଟା ବା କୋଉଛାର । ଏଇ ଭାଟୁଆ ତ ତାକୁ ପୁଣି ସାରାଜୀବନ ପୋଷିବ ? ଶୀଘ୍ର ଜିନିଷ କିଣି ଅଧଘଣ୍ଟାକ ଭିତରେ ଗୋଟାଏ ଆଣି ପହଞ୍ଚିବ ବୋଲି କହି ଭାଟୁଆ ନଡ଼ବଡ଼ ହୋଇ ବାହାରି ଗଲା ।

ଘଣ୍ଟାଏ ଗଲା । ଦୁଇ ଘଣ୍ଟାଗଲା ବି ଦଶମିନିଟ୍ ତଳୁ ଟପିଗଲାଣି । ହାତ ଘଣ୍ଟାକୁ ଚାହିଁ ଚାହିଁ ସେମି ଖାଲି କଳକଳ ହୋଉଥାଏ । ବେଳ ହୋଇଗଲାଣି ବାପା ସଙ୍ଗବାଙ୍ଗ ହୋଇ ଆସି ପହଞ୍ଚିଯିବ । ଏଣେ ଘରକୁ ଫେରି ପାରୁନାହିଁ । ଘରେ ତ କଳାକନା ବୁଲାଇ ଦେଇ ଆସିଛି ।

ହଠାତ୍ ମାରଣା ଷଣ୍ଢ ଭଳି ମାଡ଼ି ଆସିଲା ଛୋପରା ସାହୁ । ଝିଅକୁ ଏକା ଛାଡ଼ ଛାଡ଼ ଅବସ୍ଥାରେ ଦେଖି ତା'ର ଘଷରା ସଂଳାପ ଭୁଲିଗଲା । ଆଜି ମାଲ୍‌ପାଇଲେ ଦୋକାନ ବାକି ଶୁଝିଦେବ ବୋଲି ଜବାବ୍ ଦେଇ ଆସିଛି । ଖୁଣ୍ଟୁଲା ହଲକରେ ପଚାରିଲା - ସେ ଟୋକା କଣ ଟାଇମ୍ ଦେଇ ଆସିଲା ନାହିଁ ?

ସେମି ତୁଣ୍ଡରେ ଭାଷାନାହିଁ । ଖାଲି ନିଭଛାଟି ହୋଇ କାନ୍ଦିଲା । ଛୋପରା ବୋକାଙ୍କ ଭଳି ଝିଅମୁହଁକୁ ଚାହିଁଥାଏ ।

ଏଣେ ରେଳ ଷ୍ଟେସନ୍‌ରେ ଅପେକ୍ଷା କରି ବସିଥିବା କୁସୁମା ହାତକୁ ଭାଟୁଆ ଟଙ୍କା ବିଡ଼ାଏ ବଢ଼ାଇଦେଇ କହିଲା - ଏତକ ନେ । ମୁଁ ଜମା ଗଣିନି । ଭାଇ ଛାଡ଼ି ତୋର । ଖାଲି ବାଟଖର୍ଚ୍ଚ ମୁତାବକ ଅଳପ ସେଥିରୁ ରଖିଛି । ଆଗକୁ ସୁନା ଗହଣା ଅଛି । ତୋ' ବଦଳା ମୁଁ ନେଇଗଲି । କ'ଣ ଏଥର ମନ ଖୁସିତ ।

କୁସୁମା ଦାନ୍ତ ଦେଖେଇ ପଚାରିଲା - ତା' ସାଙ୍ଗରେ ତୋର ତ ପରମାନେଣ୍ଟ ଭାବ କରିବାର ନଥିଲା, ଏତେ ଫଟୋଉଠା, କାଗଜରେ ଦସ୍ତଖତ କରାଉଥିଲୁ କାହିଁକି ?

ହସିଦେଲା ଭାଟୁଆ, "ଆରେ, ଏତେ ଦଫା କଚେରୀ ମାଟି ମାଡ଼ି ମାଡ଼ି ଟିକେ ହେଲେ ଆଇନ୍ କଣ ଶିଖିନାହିଁ ? ଦୈବାତ୍ ପୋଲିସ୍ ଧରିଲେ କହିବି ସେମି ନିଜ ଇଚ୍ଛାରେ ମତେ ସବୁ ଦେଇଛି । ପ୍ରମାଣ ପାଖେ ପାଖେ ରଖିଛି । ଛୋପରା ଯେ ଚୋରୀ କେସ୍‌ରେ ନଦେବ, ଏକଥା କିଏ କହିବ ?"

"ତୋର ନାଆଁ ଠିକଣା ତାକୁ କୋଉ ଜଣାଅଛି ?" କୁସୁମା କହିଲା ।

ଟ୍ରେନ୍ ଛାଡ଼ିବା ପାଇଁ ହୁସୁରି ମାରିଲା । ଗାର୍ଡ଼ ସାହେବ ନେଳି ପତାକାକୁ ହଲାଇବା ସାଙ୍ଗକୁ ଭାଟୁଆ ଓ କୁସୁମା ପରସ୍ପରକୁ ଚାହିଁ ହାତ ହଲାଉଥିଲେ ।

# ରମାକାନ୍ତ ଓ ଚୁଚୁନ୍ଦ୍ରା

"ନାଗ ଚୁଚୁନ୍ଦ୍ରା ଗିଳିବା ନ୍ୟାୟ"ର ପ୍ରକୃତ ବ୍ୟାଖ୍ୟା ଯେଉଁଦିନ ରମାକାନ୍ତ ବୁଝିଗଲେ ସେହିଦିନଠାରୁ ଚୁଚୁନ୍ଦ୍ରା ପ୍ରତି ଅସୀମ ଘୃଣା ବା ଭୟଙ୍କର ଆଲର୍ଜି ଆସିଗଲା । କୌଣସି ସ୍ୱାମୀ ତାର ପତ୍ନୀର ଗୋପନ ପ୍ରଣୟୀକୁ ଏପରି ଘୃଣା କରୁନଥିବ । ଆଜନ୍ମ ବ୍ରହ୍ମଚାରୀଙ୍କୁ ରସୁଣ ଗନ୍ଧାଇବା ପରି ରମାକାନ୍ତଙ୍କୁ ଚୁଚୁନ୍ଦ୍ରାର ଦେହଗନ୍ଧ ବିବ୍ରତ କରି ପକାଏ । ବଖରା ଭିତରକୁ ଚୁଚୁନ୍ଦ୍ରା ପଶିଆସିଲେ ଅଧା ଖାଇବାରୁ ଉଠି ଯାଆନ୍ତି ବା ଅଧାପିଆ କପ୍‌ର ଅବଶିଷ୍ଟ ଚା'କୁ ନଳାରେ ଢାଳିଦିଅନ୍ତି । ପ୍ରତ୍ୟେକ ସମୟରେ ଗନ୍ଧ ଆଘ୍ରାଣ ପୂର୍ବକ ଶ୍ୱାନପରି ନାସାରନ୍ଧ୍ରକୁ ଉପରକୁ ଟେକି ମୋଷା ମୋଷା ବାୟୁ ଆଘ୍ରାଣ କରୁଥାନ୍ତି । ତାଙ୍କର ମନେହୁଏ ମିଲିଟାରୀ ବାଲାଙ୍କର ବେକ ଉପରର ଛୋଟ କଟା କେଶ ପରି ପାଉଁଶିଆ ମଖମଲି ନରମ ତଥା ଛୋଟ ଛୋଟ କେଶର ଯତ୍ନ ଚୁଚୁନ୍ଦ୍ରାମାନେ ଆଦୌ ନେଉନଥିବେ । ଫଳରେ, ସେଥିରୁ ଅଧିକାଂଶ ଘରର ବାୟୁମଣ୍ଡଳରେ ଉଡ଼ି ବୁଲୁଥିବ ଓ ଲୁଗାପଟାରେ ଲାଗିବା ସହିତ ଖାଦ୍ୟ ପଦାର୍ଥରେ ପଡୁଥିବ । ନିଃଶ୍ୱାସ ଦେଇ ଶରୀରରେ ପ୍ରବେଶ କରୁଥିବ । ଏହି ଚୁଚୁନ୍ଦ୍ରା ପ୍ରବଣତା କୋଣରୁ ସେ ହଠାତ୍ ଚୁଚୁନ୍ଦ୍ରାଟିଏ ଦେଖିଲେ କଲରାପଡିରିଆ ବାଘକୁ ହାବୁଡ଼ି ଯିବାପରି ଚମକି ପଡ଼ନ୍ତି । ଏମାନଙ୍କୁ ସମୂଳେ ସଂହାର କରି ଚୁଚୁନ୍ଦ୍ରାବିହୀନଧରା କରିବାର ପରିକଳ୍ପନାରେ ପ୍ରଥମ ପଦକ୍ଷେପ ସ୍ୱରୂପ ଯଷ୍ଟିହସ୍ତେ "ପ୍ରହାରେଣ ଧନଞ୍ଜୟ" ଅବତାର ଧାରଣ କଲେ । ଅଢ଼େଇ ବରଷ ଅକ୍ଳାନ୍ତ ଉଦ୍ୟମ ପରିପ୍ରେକ୍ଷୀରେ ମାତ୍ର ଦୁଇଟି ଚୁଚୁନ୍ଦ୍ରା ଆହତ ହୋଇଗଲେ । ଅବଶ୍ୟ ଶେଷଥର ଲଗୁଡ଼ ପ୍ରହାରରେ ଗୁରୁତର ଭାବରେ ଆହତ ଚୁଚୁନ୍ଦ୍ରାଟି ତା'ର ବାସଭବନରେ ଅଚିରେ ପ୍ରାଣତ୍ୟାଗ କରିଥିବ ବୋଲି ରମାକାନ୍ତ ଦୃଢ଼ ନିଶ୍ଚିତ । କିନ୍ତୁ, ସେଇ ଅବଧିରେ ଅନ୍ୟୁନ ଅଢ଼େଇ ହଜାର ଟଙ୍କାର ଘରର ଆସବାବ ପତ୍ର ଭାଙ୍ଗିଥିଲେ । ନିଉଟନଙ୍କର ସୂତ୍ର ପରା କହିଛି - ସବୁକ୍ରିୟାର ସମ ଓ ବିଷମ ପ୍ରତିକ୍ରିୟା ଅଛି । ରମାକାନ୍ତଙ୍କ ଭାଗ୍ୟରେ ବିଷମର ମାତ୍ରା ଟିକେ ଅଧିକ ହୋଇଗଲା ।

ଗୋଟିଏ ଭଡ଼ାଘର ଛାଡ଼ି ଆଉ ଗୋଟିଏ ଘର ଭଡ଼ାନେଇ ରହିଲେ । ସେଠି ମଧ୍ୟ ସେତେବି ଚୁଚୁନ୍ଦ୍ରାମାନେ ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରି ରହିଥିଲେ । ଏଇ ନିର୍ଦ୍ଦିଷ୍ଟ ଘରକୁ ଚୁଚୁନ୍ଦ୍ରାମାନେ ସମ୍ଭବତଃ ସେମାନଙ୍କର ମୌରସୀ ସ୍ଥିତିବାନ୍ ସତ୍ତ୍ୱ ବୋଲି ଧରିନେଇଥିଲେ ଓ ରମାକାନ୍ତଙ୍କର ପରିବାର ସଦସ୍ୟଙ୍କର ଜବରଦଖଲକୁ ଅସହ୍ୟ ମନେକରି ଚାଞ୍ଚଲ୍ୟ କରୁଥିଲେ । ଅନ୍ୟଘରମାନଙ୍କର ଘରେ ସାଧାରଣତଃ ଚୁଚୁନ୍ଦ୍ରାମାନେ ମଣିଷଙ୍କ ସାମ୍ନାରେ ପଡ଼ିଗଲେ, ତରବରିଆ ଭାବରେ ବିଳଗମନ କରନ୍ତି ବା ପାଣିନଳା, ପେଜନଳା ବାଟଦେଇ ଖୋଲାପବନ ଖାଇବା ପାଇଁ ବାହାରକୁ ଚାଲି ଯାଆନ୍ତି । ଏଠି କିନ୍ତୁ ନିର୍ଭୟରେ ଲୋକଙ୍କ ଉପରେ ଚଢ଼ିଲେ । ଅଳ୍ପକ ଶିଶୁଭଳି ରମାକାନ୍ତଙ୍କ କୋଳରେ ବୁଡ଼ିଲେ । ପୋଷା ବିଲେଇ ପରି ତାଙ୍କ ଦେହରେ ଘଷିହେଲେ ।

ହଁ ଗୋଟିଏ କଥା କହିବାକୁ ଭୁଲି ଯାଉଚି । ଆମର ଏଇ ରମାକାନ୍ତ ଅତି ସରଳ ପ୍ରକୃତିର ଓ ବୃତ୍ତିରେ ଅଧ୍ୟାପକ । କବିତା ଲେଖି ଲେଖି ଶିଘ୍ର ଗଜୁରୀ ନଥିଲେ ଓ ଲାଞ୍ଜ ଓହଳି ନଥିଲେ ତଥା ମାରଣା ହୋଇନଥିଲେ ସୁଦ୍ଧା ନିଜ ପକ୍ଷରେ "ବୋଦାକବି" ଉପାଧି ବ୍ୟବହାର କରନ୍ତି । ନିଜର କାବ୍ୟିକ ପ୍ରତିଭା ମାଜଣା କରି ଉଠାଇ ଚୁଚୁନ୍ଦ୍ରାମାନଙ୍କୁ ବ୍ୟଙ୍ଗକରି, ସେମାନଙ୍କ ପ୍ରତି ବିଷୋଦଗାର କରି ସଭାସମିତିରେ ତଣ୍ଟି ଫଟାଇ ଗର୍ଜନ କରି କବିତା ପାଠ କଲେ । କିନ୍ତୁ ମୂର୍ଖ, ଅରସିକ ଚୁଚୁନ୍ଦ୍ରାମାନଙ୍କ ଉପରେ ତାହାର କିଛି ପ୍ରଭାବ ପଡ଼ିଲା ନାହିଁ । ଖବରକାଗଜରେ ପତ୍ର ପ୍ରେରକ ସ୍ତମ୍ଭକୁ ଚୁଚୁନ୍ଦ୍ରା ଉପଦ୍ରବ ଉପରେ ଅନେକ ପତ୍ର ଲେଖି ଶ୍ରମ, ସମୟ ଓ ଅର୍ଥନଷ୍ଟ କଲେ । ହେଲେ, ଗୋଟାଏ ପତ୍ର ବି ମୁଦ୍ରିତ ହୋଇ ଜନଲୋଚନକୁ ଆସି ପାରିଲା ନାହିଁ । ଅଟାଗୁଳାରେ ମୂଷାମରା ଔଷଧ ଜିଙ୍କ୍ ଫସ୍‌ଫେଟ୍ ପୁରାଇ କାନ୍ଥ ଧାରେ ଧାରେ ଘରସାରା ଦୀପାବଳୀର ଦୀପଭଳି ସଜାଇ ଥୋଇଲେ । ଚୁଚୁନ୍ଦ୍ରାମାନେ ପରଦ୍ରବ୍ୟ ପ୍ରତି ଏକାନ୍ତ ଅନାସକ୍ତ ସନ୍ନ୍ୟାସୀ ପରି ସେଥିରେ ନାକ ଛୁଆଁଇଲେ ନାହିଁ । ଲାଭ ଏୟା ହେଲାଯେ, ଚୁଚୁନ୍ଦ୍ରାଙ୍କ ମେକରେ ଛଦ୍ମ ବେଶରେ ଘରେ ଛପିରହିଥିବା ତିନି ଚାରିଟା ମୂଷା ଜିହ୍ୱାଲାଳସା ମେଣ୍ଟାଇ ପ୍ରାଣତ୍ୟାଗ କଲେ । ଅପବ୍ୟୟ ବାବଦ ସାନ୍ତ୍ୱନା ସଂଗ୍ରହ କରିନେଲେ ରମାକାନ୍ତ । ଚୁଚୁନ୍ଦ୍ରାମାନଙ୍କର ପ୍ରିୟ ଖାଦ୍ୟର ତାଲିକା ପାଇବା ପାଇଁ କଲେଜର ସହକର୍ମୀ ପ୍ରାଣୀବିଜ୍ଞାନର ଅଧ୍ୟାପକ ଦ୍ୱିପଦ ବାବୁଙ୍କର ଦ୍ୱାରସ୍ଥ ହେଲେ ରମାକାନ୍ତ । ସେ ସ୍ପଷ୍ଟଭାବରେ କହିଦେଲେ ଯେ, ଚୁଚୁନ୍ଦ୍ରାମାନେ ଅଦ୍ୟାବଧି ପ୍ରାଣୀବିଜ୍ଞାନୀମାନଙ୍କର ବିଶଦ ଗବେଷଣା ପରିସରକୁ ଆସିପାରି ନାହାନ୍ତି । ଅସମ୍ଭବ ଭାବରେ ନୈରାଶ୍ୟରେ ଉବୁଟୁବୁ ହେଲେ ରମାକାନ୍ତ ।

ଏଇ ନୈରାଶ୍ୟର ଘୋର ଅନ୍ଧକାର ମଧ୍ୟରେ ତାଙ୍କୁ ଆଶାର କ୍ଷୀଣ ଆଲୋକ ରେଖା ଧାରେ ଯୋଗାଇଦେଲା ତାଙ୍କର ସବୁ ଦିନିଆ ପାନ ଦୋକାନୀ ସତୁ । ସିଏ ଅନେକଦିନ ଧରି ରମାକାନ୍ତଙ୍କର ଚୁଚୁନ୍ଦ୍ରାମରା ଅଭିଯାନ ନିମିତ୍ତ (ମନଇଚ୍ଛା ଦାମ ନେଇ) ମୂଷା ମରା ଔଷଧ ଯୋଗାଇ ଆସୁଥିଲା । ତାର ବେପାର ଲୋକ୍‌ସାନ ହେବା ଆଶଙ୍କାରେ ବୁଦ୍ଧି ଖଟାଇ ପରାମର୍ଶ ଦେଲା, ଚିନାବାଦାମ ମଞ୍ଜି ସହିତ ମୂଷାମରା ଔଷଧ ଗୋଳାଇ ରଖିଦେଲେ

ଚୁଚୁନ୍ଦ୍ରାମାନେ ମହାପ୍ରସାଦ ପରି ପାଇଯିବେ। ସବୁର ଦିବ୍ୟଜ୍ଞାନକୁ ବିଶ୍ୱାସ କରି ବୋଦାକବି ଦଶପୁଡ଼ିଆ ମୂଷାମରା ଔଷଧ ଓ ତାରିକିଲୋ ଚିନାବାଦାମ କିଣି ଘରେ ପହଞ୍ଚିଲେ। ପତ୍ନୀ କି ପିଲାମାନେ ସେଥିରୁ ଖାଇଯିବେ ବୋଲି ନିଜେ ତୋପାଛଡ଼ାଇ ମଞ୍ଜିକୁ ବାକ୍ସରେ ତାଲା ପକାଇ ରଖିଲେ। ଶାମଦଶମୀରେ ବାଇଗଣ ପତ୍ରରେ ଅଣଭଦିଆ ବର୍ଦ୍ଧାହେବା ପରି ରାତିଅଧରେ ଚୁଚୁରାପତ୍ର ସଂଗ୍ରହକରି ଚୁଚୁନ୍ଦ୍ରାମାନଙ୍କୁ ବିଷଗୋଳା ବାଦାମ ପରଷିଲେ। ବେଶ୍ କିଛି ଦିନ ବିତିଗଲା। ବାସିଜିନିଷ ପ୍ରତି ଚୁଚୁନ୍ଦ୍ରାଙ୍କର ଅରୁଚି ହେଉଥିବ ଭାବି ପ୍ରତିଦିନ ସଦ୍ୟ ପ୍ରସ୍ତୁତ ବିଷାକ୍ତ ବ୍ୟଞ୍ଜନ ଘରସାରା ଥୋଇଲେ। ଦେଖୁ ଦେଖୁ ବାଦାମ ଓ ବିଷ ଭଣାର ନିଃଶେଷ ହୋଇଗଲା। ମାତ୍ର, ଚୁଚୁନ୍ଦ୍ରାମାନେ ଅପମିଶ୍ରିତ ବାଦାମ ଖାଇବାକୁ ଆଦୌ ଆଗ୍ରହ ପ୍ରକାଶ କଲେ ନାହିଁ। ତେଣୁ ଗୋଟିଏ ସୁଦ୍ଧା ମଲେନାହିଁ।

ଶେଷକୁ ପତ୍ନୀଙ୍କର ପରାମର୍ଶମାନି ରମାକାନ୍ତ ମୂଷାଯନ୍ତା କିଣିଆଣିଲେ। ତା' ଭିତରେ ରୁଟି ଟୁକୁରା ଖଞ୍ଜିଲେ। ତା' ପରଦିନ ଉଲ୍ଲସିତ ରମାକାନ୍ତ ଦେଖିଲେ, ଯନ୍ତାର ଜାଲିବାଟେ ଚୁଚୁନ୍ଦ୍ରାଟାଏ ତାର ଗୋଜିଆ ମୁହଁ ବାହାର କରି ଚିଁ ଚିଁ ହେଉଛି। ସତିକି ମୁକ୍ତି ପାଇଁ ନିବେଦନ କରୁଛି। ପୈଶାଚିକ ହସ ଭରୁଟି ଉଠିଲା ରମାକାନ୍ତଙ୍କ ଓଠରେ। ଏଇ ପ୍ରଥମ ଥର ପାଇଁ ଅନନ୍ତ ଆକ୍ରୋଶରେ ନରମ ଛାତିଟା ତାଙ୍କର କଳାମୁଗୁନି ପଥର ଭଳି କଠୋର ହୋଇଗଲା। ଖଳନାୟକ ଅମରୀଶପୁରୀଙ୍କର ହସକୁ ଅନୁକରଣ କରି ଅଟ୍ଟହାସ କରିବାକୁ ଚେଷ୍ଟାକଲେ। ହତ୍ୟାକାରୀ ପକ୍ଷରେ ହତ୍ୟାକରିବା ଅତି ସହଜ। ହେଲେ, ଶବକୁ ଲୁଚାଇବା ବା ନିଶ୍ଚିହ୍ନ କରିବା କଷ୍ଟକର ବ୍ୟାପାର। ରମାକାନ୍ତ ଯନ୍ତାବଦ୍ଧ ଚୁଚୁନ୍ଦ୍ରାର ଭବିଷ୍ୟତ ନେଇ ଚିନ୍ତାର ପଡ଼ିଗଲେ। ନିଷ୍ଠୁର ଭାବରେ ତାକୁ ହତ୍ୟା କଲାଭଳି ସାହସ ସଞ୍ଚୟ କରି ପାରିଲେ ନାହିଁ। ମଣାଟିଏ କାମୁଡ଼ିଲେ ତାକୁ ନ ମାରି ହୁରୁଡ଼ାଇ ଦେବା ଲୋକ, ଏଡ଼େବଡ଼ ଜୀଅନ୍ତା ଚୁଚୁନ୍ଦ୍ରାକୁ ବଧ କରିବେ କିପରି ? ଘର ପାଖରେ ଛାଡ଼ିଲେ ପୁଣି କାଳେ ଚାଲି ଆସିବ ବୋଲି କାମାପ୍ୟାଣ୍ଟ ପିନ୍ଧି, ସାଇକେଲ ପଛରେ ଯନ୍ତାକୁ ବାନ୍ଧି ଚାଲିଲେ ଘରଠାରୁ ତିନିକିଲୋମିଟର ଦୂରରେ ଥିବା ସହରର ନର୍ଦ୍ଦମା ଜଳ ଜମିଥିବା ଦଳୁଆ ଖାଲକୁ। ଅଣାଏ ପାଣିରେ ପଶି ଦଳ ଆଡ଼େଇ ଯନ୍ତାକୁ ତଳମୁହଁ କରି ଯନ୍ତାର କବାଟ ଖୋଲିଦେଲେ। ନିମ୍ନ ପତନରୁ ରକ୍ଷା ପାଇବା ପାଇଁ ଯନ୍ତାଭିତର ପଟାକୁ ନଖରେ ଜାବୁଡ଼ି ଧରିବାର ବ୍ୟର୍ଥଚେଷ୍ଟା ପରେ ମାଧ୍ୟାକର୍ଷଣ ଶକ୍ତି ନିକଟରେ ପରାହତ ଚୁଚୁନ୍ଦ୍ରା ଝପ୍ କରି ପାଣିରେ ଗଳି ପଡ଼ିଲା। ବିମଳ ଆନନ୍ଦରେ ପରିପୁଷ୍ଟ ମନନେଇ ରମାକାନ୍ତ ଫେରିଲେ ଘରକୁ।

କ୍ରମେ କ୍ରମେ ଏହା ତାଙ୍କର ନିତ୍ୟକର୍ମର ଅନ୍ତର୍ଭୁକ୍ତ ହୋଇଗଲା। ଦିନେ ଦୁଇଦିନ ମଧ୍ୟରେ ଚୁଚୁନ୍ଦ୍ରାମାନେ ଯନ୍ତାଳୟରେ ଅତିଥ୍ୟ ଗ୍ରହଣ କଲେ ଓ ରମାକାନ୍ତଙ୍କ ଦ୍ୱାରା ସାଇକେଲ୍ ବାହାନରେ ବସି ଦଳଗଡ଼ିଆରେ ବିସର୍ଜିତ ହେଲେ।

ତଥାପି ଚୁଚୁନ୍ଦ୍ରାଙ୍କର ସଂଖ୍ୟା କମିବା ପରି ମନେ ହେଲାନାହିଁ। ଚୁଚୁନ୍ଦ୍ରାମାନଙ୍କୁ ଜଳସମାଧି ଦେବାର ରମାକାନ୍ତଙ୍କର ଉଲ୍ଲାସକୁ ଫିକା କରି ଦେଇ ଶ୍ରୀମତୀ କହିଲେ ଯେ,



ସେଇ ଚୁଚୁନ୍ଦ୍ରାମାନେ ପାଣିରେ ବୁଡ଼ି ନ ମରି ପୁଣି ଘରକୁ ଚାଲିଆସୁଛନ୍ତି। ପିଲାମାନେ ମଧ ମାଆଙ୍କର କଥାକୁ ସମର୍ଥନ କଲେ। ରମାକାନ୍ତ ଏକଥା ମାନିବାକୁ ପୂରାପୂରି ନାରାଜ। ଚୁଚୁନ୍ଦ୍ରାମାନେ ସନ୍ତରଣପଟୁ ବୋଲି ସେ ବିଶ୍ୱବିଦ୍ୟାଳୟ ପାଠାଗାରରେ ଉପଲବ୍ଧ କୌଣସି ପୁସ୍ତକରୁ ଅଧ୍ୟୟନ କରି ନାହାନ୍ତି। ସେ ବରଂ ପଢ଼ିଛନ୍ତି ଯେ, କେବଳ ଇଲିଶିମାଛମାନେ ବନ୍ଦୀ ହେବା ପରେ ଅନ୍ତତଃ ଘଣ୍ଟାଏ ନିଜର ଜନ୍ମସ୍ଥାନକୁ ବୁଲିଯାଇଥାନ୍ତି। ଚୁଚୁନ୍ଦ୍ରାମାନଙ୍କର ଜନ୍ମମାଟି ପ୍ରତି ଏତେ ମମତା ବିଶ୍ୱାସ ଯୋଗ୍ୟ ନୁହେଁ। ମଣିଷମାନେ ଚାକିରି କରିବା ପରେ ନିଜର ପୈତୃକ ଘରଡିହ ବିକି ବିଦେଶରେ ବାସ ସଜାଉଛନ୍ତି। ଚୁଚୁନ୍ଦ୍ରାମାନେ ମଣିଷଠାରୁ ଅଧିକ ଉନ୍ନତ ସଂସ୍କୃତି ସଂପନ୍ନ। ତଥାପି, ପରୀକ୍ଷା କରିବା ପାଇଁ ବହୁକଷ୍ଟରେ ଯନ୍ତାରୁ ଚୁଚୁନ୍ଦ୍ରାଟିଏ ଧରି, ତାର ରକ୍ତାକ୍ତ ଆକ୍ରମଣ ସହିବା ସତ୍ତ୍ୱେ ତା ଗଳାରେ ଦୁଇଟା ନାଲି ମାଳିଗୁଛା ସୂତା ସଯତ୍ନେ ବାନ୍ଧିଦେଲେ। ତାକୁ ପୂର୍ବପରି ନେଇ ଦଳରେ ବିସର୍ଜନ କରିଆସିଲେ।

ଆଶ୍ଚର୍ଯ୍ୟର କଥା, ସୂତଣ୍ଡ ଅଳଙ୍କରଣରେ ମଣ୍ଡିତ ସଂପୃକ୍ତ ଚୁଚୁନ୍ଦ୍ରା ପରଦିନ ପୁଣି ଘରେ ଦର୍ଶନ ଦେଲା। ଏଥିରୁ ସ୍ପଷ୍ଟ ପ୍ରମାଣ ମିଳିଲା ଯେ ଚୁଚୁନ୍ଦ୍ରା ପାଣିରେ ପହଁରିଜାଣେ। ରମାକାନ୍ତଙ୍କୁ ଲାଗିଲା, ତାକୁ ଅନୁସରଣ କରି ଚୁଚୁନ୍ଦ୍ରାମାନେ ତାଙ୍କ ପଛେ ପଛେ ଘରକୁ ଚାଲିଆସୁଛନ୍ତି।

ଏଥର ଚୁଚୁନ୍ଦ୍ରାକୁ ଯନ୍ତାରୁ ଜଳରେ ନିକ୍ଷେପ କଲାପରେ ଆଉ ସିଧା ଘରମୁହାଁ ହେଲେ ନାହିଁ। ସାଇକେଲ୍ ଧରି ଚାଲିଲେ ବଜାର ଆଡ଼େ। ବଜାରର ମୁଖ୍ୟ ସଡ଼କ ଛାଡ଼ି ଗଳିକନ୍ଦି ବୁଲିଲେ। ଅନେକ ଅମୁହାଁ ଗଳିର ଶେଷ ମୁଣ୍ଡକୁ ଯାଇ ଫେରିଲେ। ପୁଣି ଆଗକୁ ଚାଲିଲେ ଅମୁହାଁ ଗଳିର ସଂଧାନରେ। ରାସ୍ତା ନିଶୂନ୍ ହେଲାଣି, ତଥାପି ରମାକାନ୍ତ ବୁଲୁଥାନ୍ତି।

ଅଧ୍ୟାପକଙ୍କ ଅର୍ଦ୍ଧାଙ୍ଗିନୀ ସବୁ ଚିହ୍ନାଜଣା ଲୋକଙ୍କ ଘରକୁ ଫୋନକରି ରମାକାନ୍ତଙ୍କ ବିଷୟରେ ବୁଝିଲେ। ପିଲାମାନଙ୍କୁ ବାପାଙ୍କର ସନ୍ଧାନ ନେବାପାଇଁ ନିକଟବର୍ତ୍ତୀ ଅଞ୍ଚଳକୁ ପଠାଇଲେ। ସବୁଆଡ଼ୁ ନିରାଶ ହେବାପରେ ଅଗତ୍ୟା ରମାକାନ୍ତଙ୍କୁ "ନିରୁଦ୍ଦିଷ୍ଟ" ଖେତାବ ଦେବା ପାଇଁ ପ୍ରସ୍ତୁତ ହୋଇଗଲେ। ଏତେ ଆଶଙ୍କା ଭିତରେ ଅଧ୍ୟାପକଙ୍କର ଅର୍ଦ୍ଧାଙ୍ଗିନୀଙ୍କ ମନରେ ଗୋଟିଏ ଉଲ୍ଲାସ ଉଙ୍କିମାରୁଥିଲା ଯେ, ଖବରଟା ଛପାହୋଇଯିବା ମାତ୍ରେ ବୋଦାକବିଙ୍କର ନିରୁଦ୍ଦେଶ ସଂପର୍କରେ ବିଧାନ ସଭାରେ ଆକ୍ଷେପର ବାଣ ଫୁଟିବ। ତାଙ୍କ ଘରକୁ ସହାନୁଭୂତିର ସୁଅ ଛୁଟିବ।

ଭୋକରେ ପେଟ ଜଳୁଛି। ରାତିରେ ସେଇ ପ୍ରହରରେ ଘଣ୍ଟାକଣ୍ଟା ଓ ମିନିଟ୍ କଣ୍ଟା ସାଙ୍ଗହୋଇ ଗଲେଣି। ଚରମ ସଂଖ୍ୟାରେ ପହଞ୍ଚିବାପରେ ଗୋଟିଏ ନିରୋଳା ବିଜୁଳି ଖୁଣ୍ଟ ତଳେ ସାଇକେଲ୍‌ରୁ ଓହ୍ଲାଇ ଧକ୍କା ମାରି ଠିଆହେଲେ ରମାକାନ୍ତ। ଏତିକିବେଳେ ଦ୍ୱିତୀୟ ଶୋ ସିନେମା ଦେଖି ଫେରୁଥିବା ଅଧ୍ୟାପକଙ୍କ ବନ୍ଧୁ ହିତସାଧନ ବାବୁଙ୍କର ସ୍କୁଟର୍‌ର ହେଡ୍‌ଲାଇଟ୍ ପଡ଼ିଲା ରମାକାନ୍ତଙ୍କ ମୁହଁରେ। ଫେରାର୍, ପଳାତକ ଭଳି ଠିଆହୋଇଥିବା ରମାକାନ୍ତଙ୍କୁ

ଦେଖି ହିତସାଧନ ପ୍ରଥମେ ମନେକଲେ, ପତ୍ନୀଙ୍କ ସହିତ ଝଗଡ଼ା କରି ଗୃହତ୍ୟାଗ କରି ରମାକାନ୍ତ ହୁଏତ ଲକ୍ଷ୍ୟହୀନ ଭାବରେ ବୁଲୁଛନ୍ତି। କିନ୍ତୁ, ରମାକାନ୍ତଙ୍କଠାରୁ ତାଙ୍କର ତୋଫାନୀ ନିଶା ବିଚରଣ କାରଣ ଶୁଣିବା ପରେ ହସି ହସି ଆକ୍ରାନ୍ତ ହୋଇଗଲେ। କହିଲେ, "ତୁମେ ମୋ ସାଙ୍ଗରେ ମୋର ଘରକୁ ଚାଲ। ତୁମ ସାଇକେଲ୍‌ର ଗତି ସହିତ ତାଳ ଦେଇ ଯଦି ସେ ଚୁଚୁନ୍ଦ୍ରା ତୁମକୁ ଅନୁସରଣ କରୁଥାଏ, ଏତେବେଳକୁ ସେ ଛୋଟ ଜୀବଟି ଅଧାପ୍ରାଣ ହୋଇ ସାରିବଣି। ତୁମର ଅଭିଜ୍ଞତା ଅକାଟ୍ୟ ହୋଇଥିଲେ, ତୁମ ଗନ୍ଧ ବାରିବାରି ସେ ନିକଟ ଭବିଷ୍ୟତରେ ନିଶ୍ଚୟ ମୋ ଘରେ ପହଞ୍ଚିବ। କାରଣ, ଆମ ପାଖ ଆଖରେ ମୁଁ କୌଣସି ଚୁଚୁନ୍ଦ୍ରା ଦେଖୁ ନାହିଁ। ବିଶ୍ୱାସ କର। ତୁମେ ଏଠାରୁ ଗଲାପରେ ମଧ୍ୟ ଯଦି କୌଣସି ଚୁଚୁନ୍ଦ୍ରା ତୁମକୁ ଖୋଜି ଖୋଜି ଆସେ, ବଳପୂର୍ବକ ମୁଁ ତାକୁ ଏଠି ଅଟକାଇ ମୃତ୍ୟୁଦଣ୍ଡ ଦେବି।" ରମାକାନ୍ତଙ୍କର ପିଲାଛୁଆଙ୍କର ସାଂପ୍ରତିକ ଅବସ୍ଥା ମନେପକାଇ ଉପସ୍ଥିତ ସଂପର୍କରେ ଜଣାଇ ଦେଲେ। ବଂଧୁପତ୍ନୀଙ୍କର ହାତରୁ ଚା'କପ୍ ଗ୍ରହଣ କରୁକରୁ ପଂଶାତଳେ ଝାଳମାରୁଥିବା ରମାକାନ୍ତ ବଂଧୁଙ୍କ ଆଶ୍ୱାସନାରେ ପରମପ୍ରୀତ ଦେଖାଗଲେ।

ସେଦିନ ରାତିଟା ଅନୁରୋଧ ରକ୍ଷାକରି ରମାକାନ୍ତ ସେଇଠି ରହିଗଲେ। ସକାଳୁ ବିଦାୟ ନେଲାବେଳକୁ ହିତସାଧନଙ୍କୁ ତାଙ୍କର ଗତରାତ୍ରିର ପ୍ରଦତ୍ତ ପ୍ରତିଶ୍ରୁତି ବିଷୟରେ ବାରମ୍ବାର ମନେ ପକାଇ ଦେଇଗଲେ। ତାହାପରଠାରୁ ସେ ଯେତେ ଚୁଚୁନ୍ଦ୍ରା ଘରେ ଦେଖୁଛନ୍ତି, ଦୃଢ଼ ଭାବରେ ଧରି ନେଇଛନ୍ତି, ସେମାନଙ୍କ ମଧ୍ୟରେ ସେ ଚୁଚୁନ୍ଦ୍ରା ଆଦୌନାହିଁ।



# ଶେଷ ସୀମାର ସେପଟେ

ବଜାରରେ ଭଡ଼ାଘର ଖୋଜିବାକୁ ମଣିଷ ହୁଏ ଜାଜେଦମ୍। ଅବେଳ ପଡ଼ିଲେ ଗୋଦରୀ ଘର ମାଲିକାଣୀ ବୁଢ଼ୀକୁ କୋଡ଼ିଏ ସଲାମ। ମୋର ଗତ ଚାକିରି ବଦଳି ପରେ ସରକାରୀ ଆବାସ ଛାଡ଼ିବାକୁ ବାଧହେଲି ଓ ନୂଆ ଅଫିସ୍ ପାଇଁ ବାସଗୃହ ବ୍ୟବସ୍ଥା ନଥିବାରୁ ନିଜ ଚପଲ ଘୋରି, ନିଜ ସ୍କୁଟର୍‌ରୁ ପେଟ୍ରୋଲ୍ ସାରି ମୁଣ୍ଡ ଗୁଞ୍ଜିବା ଥାନ ଖୋଜିବାକୁ ହେଲା। ଯାହାହେଉ, ନିଜର, ନିଜ ପିଲାମାନଙ୍କର, ଡେଙ୍କେରାତି ଦୋକାନୀ, ଜଳଖିଆ ଦୋକାନୀ, ପରିବା ଦୋକାନୀ, ସେଲୁନ୍ ବାଲାଙ୍କର ମିଳିତ ସହଯୋଗରେ, ସୁବିଧା ଥାଉ କି ନଥାଉ, ପାଣି, ପବନ ମିଳୁ କି ନ ମିଳୁ, ବଜାର ବାହାରର ଅଜଣା ଗଳି ପଛେ ହେଉ, ଅଞ୍ଚଳ ତୁଳନାରେ ମହରଗ ପଛେ ହେଉ, ଘର ଦୁଇବଖରା ଭଡ଼ାରେ ମିଳିଗଲା। ଦୁଇମହଲା ଘରର ତଳ ଭାଗ ବା ଗ୍ରାଉଣ୍ଡଫ୍ଲୋର୍।

ନୂଆଘରେ ଆସ୍ଥାନ ଜମାଇବା ପରେ ଦପ୍ତର ଯିବା ପାଇଁ ନୂଆ ଅମଡ଼ାବାଟ ଆଦରିବାକୁ ହେଲା। ଏହି ପରିବର୍ତ୍ତିତ ଗତି ପଥରେ ଯିବାର, ଦୁଇମାସ ନ ପୂରୁଣୁ ଦିନେ ହାବୁଡ଼ି ଗଲି ଅନତିଦୂରର ସଂପର୍କୀୟା ଶ୍ୟାଳିକା ପାନିଆ ଦେଇଙ୍କର ପତି ଓରଫ୍ ମୋର ସବୁ କିଟୁ ବାବୁଙ୍କୁ। କିଟୁବାବୁ ଯେତେଥର ମୋତେ ଭେଟନ୍ତି, ତାଙ୍କର ଚିରାଚରିତ "ଭାଇନା, ନମସ୍କାର !" ଦୁଇଶବ୍ଦକୁ ବାଦ୍ ଦେଲେ ଆଉ ସବୁ ଥାଏ ତାଙ୍କ ଦୁଃଖାବଳୀର ଅସରନ୍ତି ଚିଠା। ଏଇ ଯେମିତି - ତାଙ୍କର ବାଡ଼ିପଟ ଗଡ଼ିଆରେ ଦଳ ମାଡ଼ି ଯାଉଛି। ଗଲାସନ ତୁଳନାରେ ଏ ବର୍ଷ ତାଙ୍କ 'କୋଲା' ଗଛରୁ ଛଅଟି ନଡ଼ିଆ କମ୍ ଅମଳ ହେଲା। ଗୁଡ଼ିଆଘର ଗୁହାଳର ଗୋବର ଗନ୍ଧ ଖୋଲା ଝରକା ବାଟେ ପଶିଆସି ତାଙ୍କର ବ୍ୟଞ୍ଜନକୁ ବିସ୍ୱାଦୁ କରିଦେଉଛି। ଆଠମାସ ତଳେ ପୁଅ ପାଇଁ କିଣା ହୋଇଥିବା ନୂଆ ଚପଲର ଫିତାକୁ ସିଏ ଛିଣ୍ଡାଇ ଦେଇଛି, ଇତ୍ୟାଦି। ତୁମେ ଅଧୈର୍ଯ୍ୟ ହୋଇ ବିକଳରେ ବିଦାୟ ଘେନିବା ପର୍ଯ୍ୟନ୍ତ ସେ ତାଙ୍କର କରୁଣ ରାଗର ଆଳାପ ଜାରି ରଖିଥିବେ। ଏପରିକି ତାଙ୍କ ଅସରନ୍ତି କଥାର ଶବ୍ଦତରଙ୍ଗ ତୁମ ଅପସୃୟମାନ କାନ ପଛେ ପଛେ ଧାଇଁଥିବ। ତାଙ୍କ ଦୁଃଖରେ ତୁମେ

ବିଜଳିତ ହୋଇଛ ବୋଲି ତାଙ୍କ ହୃଦବୋଧ ନ ହେଲା ପର୍ଯ୍ୟନ୍ତ ସେ ତୁମର ପିଛା ଛାଡ଼ିବେ [illegible] ନାହିଁ । ତୁମ ହୃଦୟ ପଥର ହୋଇଥିଲେ ସେ ତୁଷାରିନୟର ଡିନାମାଇଟ୍ ପ୍ରୟୋଗ କରି ତାକୁ [illegible] ପକାଇ ଦେବେ ।

ସେଦିନ ମୁଁ ଅଫିସ୍ ଯିବାକୁ ତରତର ହେଉଥାଏ । ସେ ମୋର ତରତର ଭାବ [illegible] ଦେଖି ମୋ ସ୍କୁଟର ଆଗରେ ଆଡ଼ବାଗେ ସାଇକେଲ୍ ଠିଆକରି ଗାଡ଼ି ହ୍ୟାଣ୍ଡେଲକୁ ଗୋଟାଏ [illegible] ହାତରେ ମାଡ଼ି ବସିଲେ - ଯେପରିକି ତାଙ୍କ ଇଚ୍ଛା ବିରୁଦ୍ଧରେ ଖସିଯିବାର ସାମାନ୍ୟତମ [illegible] ସୁଯୋଗ ମୁଁ ନପାଏ । "ଭାଇନା, ନମସ୍କାର," ପରେ ତାଙ୍କ ମୁହଁ, ଗାଲ, ଆଖି, କାନ, ନାକ [illegible] [illegible] । ଏଥର ତାଙ୍କର କଥା ସମ୍ପୂ[illegible] ସଂକ୍ଷେପରେ ଏହିପରି -

ପାଳିଆ ଦେବୀଙ୍କର ସ୍ୱାସ୍ଥ୍ୟ ଶହେ ଛତିଶିଗୁଣ ବୃଦ୍ଧି ପାଇଥିବାରୁ ସେ ଭସ୍ତ୍ରକୁ [illegible] [illegible] କରିବାକୁ [illegible] [illegible] ଭାଡ଼ିକୁ ବହନ କରିବା[illegible] [illegible] (ଲିଭରେଜ) [illegible] [illegible] [illegible] ।

[illegible] [illegible] [illegible] ନାହିଁ ।

[illegible] ଜଣ ପୃଥ [illegible] ବାସ କରୁଥିବା ଅର୍ଥା[illegible] [illegible] [illegible] [illegible] । ସବୁ ମାଲ୍ଟି ବିଶେଷଜ୍ଞ ପାଇଁ ସେମା[illegible] ନିଜର ପ୍ରୟୋଜନ । ଯଥା - ଭାଗ୍ୟଶାଳୀ, ବଳଶାଳୀ, ଧନଶାଳୀ, ବିରକ୍ଷା[illegible] [illegible] । ସେମାନେ ବୁଦ୍ଧିରେ ଓ ସ୍ୱାସ୍ଥ୍ୟରେ ଗରିଶାଳୀ ବଢ଼ାଉ ପାରୁଥିବାରୁ [illegible] [illegible] [illegible] - ସେମାନଙ୍କର [illegible] [illegible] । [illegible] [illegible] ।

[illegible] ମୋର ପ୍ରଶ୍ନକୁ ଶୁଣି [illegible] [illegible] । [illegible] [illegible] ମୋ ହାତକୁ ବଢ଼ାଇ ଦେଇ ତାଙ୍କର ସଂରକ୍ଷିତ [illegible]

[illegible] [illegible] । [illegible]

ଆପଣମାନେ [illegible] ପାଳିଆ [illegible] [illegible] । ଦେଖନ୍ତା ଜୀବନ ତୁମେ । ପାଳିଆ [illegible] [illegible] [illegible] ସେଇଛି [illegible] [illegible] (ସିଙ୍ଗରିସ୍ଥି ଆପରେସନ୍) [illegible] [illegible] ଚାଣି ତୋରି ବାହାର କରିବା [illegible] [illegible]

[illegible] [illegible] [illegible] [illegible] [illegible]

[illegible] ଭଳ ଅଳ୍ପ [illegible] [illegible] ପରିବାର - ସେ ନିଜେ, ପାଳିଆ, ବୁଲଡିପ ଓ [illegible] [illegible] । ତାଙ୍କର ଉଚ୍ଚ [illegible] [illegible] ଅନ୍ୟ ପ୍ରକାର ବୁଦ୍ଧିଆ [illegible] ପଡ଼ିଲା । [illegible] [illegible] ଉପରେ [illegible] ।

ନିଜେ ପାଳିଆ [illegible] ପରିବା ତାଲା ଧରି ଆମ ଘରେ [illegible] । [illegible] [illegible] [illegible] କରି [illegible] ପରିବା [illegible] ତୁମ [illegible] [illegible] ଉପର ଘରେ ଦେଖା କରନ୍ତି । ପରିବା [illegible] [illegible] ରୋଷେଇ ଘରେ ଆମ [illegible] ପରିବା [illegible] । [illegible] [illegible] ପାଇଁ ଆମ ପରିବାରୁ ବିଲାତି ବାଇଗଣ ତୁଳସୀ, ମଟର ଛୁଇଁ, [illegible] [illegible] [illegible] [illegible] [illegible] ପାଇଁ ଆମ [illegible] ଓ [illegible] ।

[illegible] ବିତ୍ତବନ୍ତ [illegible] [illegible] ପରିବା ଆଣନ୍ତି ନାହିଁ । ପାଳିଆ ଆମ ପରିବାରେ [illegible] । [illegible] "ସିଏ କହୁଥିଲେ [illegible], ମୁଁ [illegible] । [illegible] [illegible] [illegible] [illegible]

ଖାଲି ହେବାଟା ମୋତେ ଲକ୍ଷ୍ମୀଛଡ଼ା ବ୍ୟାପାର ପରିଲାଗେ । ସେଇଥିପାଇଁ ବାରବର୍ଷ ଗାଡ଼ି ଚଢ଼ିବା ପରେ ମଧ୍ୟ ମୋ ଗାଡ଼ି ଭିତରେ ତେଲରେ କେତେବୋଟ ଯାଏ, ମୁଁ କହିପାରେ ନାହିଁ । ଏଣେ ବିଲ୍କୁଲ୍ ପରିବା ଖାଲିହେଲେ ଆମେ ଖାଇବୁ କ'ଣ ? ଭାତ ରୁଟି ସାଙ୍ଗରେ ଅତିକମ୍‌ରେ ତିନିଟାଆ ନହେଲେ ମୋ ସୁଆଦଖିଆ ପରିବାରର କୌଣସି ସଦସ୍ୟ ଥାଳି ପାଖ ମାଡ଼ିବେ ନାହିଁ । ଆମର ପୁଣି ସକାଳ ଛଅ ଓ ସଂଧ୍ୟା ସାତଟାରେ ରୋଷେଇ ବସେ । ପାନିଆ ତାର ଘଣ୍ଟାଏ ପରେ ରୋଷେଇ କରିବାକୁ ବାହାରେ ।

ମୋ ମୁଣ୍ଡରେ ଗୋଟିଏ ବୁଦ୍ଧି ଜୁଟିଲା । ପାନିଆକୁ ବୁଝାଇଲି ଯେ, କିରାସିନି ମହର୍ଘ ଦୃଷ୍ଟିରୁ ସେମାନେ ଥରେ ତର୍କାରୀ ପତ୍ର ରାନ୍ଧି ଫ୍ରିଜରେ ଥୋଇଦେଲେ ଚାରିପାଞ୍ଚ ଦିନ ପର୍ଯ୍ୟନ୍ତ ଆଉ ରୋଷେଇ କରିବାକୁ ପଡ଼ନ୍ତା ନାହିଁ । ଦୁଇଜଣଯାକ ଚାକିରିଆ ହୋଇଥିବାରୁ ସମୟ ମଧ୍ୟ ବଞ୍ଚିଯାଆନ୍ତା । କେବଳ ଫ୍ରିଜ୍‌ରୁ କାଢ଼ି ଗରମ କରି ଖାଇବା କଥା । ମୋ ବୁଦ୍ଧିକୁ ପତିପତ୍ନୀ ଏପରି ତାରିଫ୍ କଲେଯେ, ଅମର୍ତ୍ତ୍ୟ ସେନ୍‌ଙ୍କର ନିବନ୍ଧକୁ ନୋବେଲ ପୁରସ୍କାର କମିଟି ସେଇଭି ତାରିଫ କରି ନଥିବେ । ମୋ ଉପଦେଶକୁ ସେମାନେ ଶତକଡ଼ା ଶହେକୋଡ଼ିଏ ମାନିଲେ । ଅର୍ଥାତ୍ ତରକାରୀ ରଖିବା ବାବଦରେ ଶହେ ପର୍ସେଣ୍ଟ ଓ ବାକି କୋଡ଼ିଏ ପର୍ସେଣ୍ଟ ବାବଦରେ ଭାତ ରାନ୍ଧି ଫ୍ରିଜ୍‌ରେ ପୂରାଇ ଦେଲେ । ଖାଇବା ବେଳ ହେଲେ ଫ୍ରିଜ୍ ଖୋଲି କାଢ଼ି ନେଇ ଯାଆନ୍ତି ।

ଦିନେ ଦେଖିଲା ବେଳକୁ କିଟୁବାବୁଙ୍କର ପୂରା ପରିବାର ଥାଳି, ଥାଳିଆ, ଗିନା ଧରି ମୋ ଘରେ ଭିଡ଼ ଲଗାଇଛନ୍ତି । କିଟୁବାବୁ କହିଲେ, ଖାଇବା ଜିନିଷ ଧରି ସିଡ଼ି ଚଢ଼ିବାକୁ ପାନିଆ ଖୁବ୍ ହଇରାଣ ହେଉଛି । କେତେବେଳେ ଡାଲି ଚହଲି ଯାଉଛି ତ କେତେବେଳେ ତରକାରୀ ଢାଳି ହୋଇ ଯାଉଛି । ଭାବିଲୁ, କୋଠା ଉପରକୁ ଏତେ ବୁହାବୋହି କରିବା ଅପେକ୍ଷା ଏଇଠି ଖାଇବା କାମ ସାରିଦେବା ଭଲ । ଚମତ୍କାର ଯୁକ୍ତି । ପାନିଆଙ୍କର ଯେଉଁ ସ୍ୱାସ୍ଥ୍ୟ ସେଥିରେ ସିମେଣ୍ଟ - କଂକ୍ରିଟ୍ ଢଳେଇ ପାହାଚ ଯେ ତାଙ୍କର ଓଜନ ସମ୍ଭାଳୁଛି, ସେଇ ବଡ଼କଥା । ସର୍ବୋପରି ସେ ନିଜର ଭାରସାମ୍ୟ ରକ୍ଷାକରି ଠିଆ ହୋଇ ପାରୁଥିବା ତାଙ୍କର ବିରାଟ କୃତିତ୍ୱ ।

ଶେଷକୁ ଜେଲ୍ କଏଦୀଙ୍କ ପରି ବାସନ କୁସନ ଧରି ଆମ ଘରେ ଧାଡ଼ି ଲଗାଇବା ମୋତେ ଜମା ଭଲ ଲାଗିଲା ନାହିଁ । ଆମ ବାସନରେ ଖାଇ ଦେଇ ଧୋଇଦେବାକୁ ପତ୍ନୀ ମତ ଦେଲେ । ଆମର ପରିବାରର ପ୍ରତ୍ୟେକ ଦ୍ୱିପାଦ ପ୍ରାଣୀ ଅତ୍ୟଧିକ ବୁଦ୍ଧିମାନ ବୋଲି ଅକୁଣ୍ଠିତ ଚିତ୍ତରେ ମତ ଦେବା ପରେ ସେମାନେ ସେୟା କଲେ । ମାତ୍ର, ଗୋଟିଏ ସମସ୍ୟା ସୃଷ୍ଟି କଲେ । ଖାଦ୍ୟ ପଦାର୍ଥ କାଢ଼ିବା, ବାଢ଼ିବା ଓ ରଖିବା ଅବସରରେ ବହୁ ସମୟ ପର୍ଯ୍ୟନ୍ତ ଫ୍ରିଜ୍‌ର ଦ୍ୱାର ଖୋଲା ରଖିଲେ । ସେମାନେ ସମ୍ଭବତଃ ଜାଣିନଥିଲେ ଯେ, ଫ୍ରିଜ୍‌ର ପରଦା ବେଶୀ ସମୟ ଖୋଲା ରଖିଲେ ବିଜୁଳି ବ୍ୟୟ ଅଧିକ ହୋଇଥାଏ । ଭିତର ଯନ୍ତ୍ରାଂଶ କମ୍ପ୍ରେସର୍ ଉପରେ ଚାପ ପଡ଼େ ଓ ବାହାର ବାୟୁର ଅବାରିତ ଅନୁପ୍ରବେଶ ଫଳରେ ଭିତରେ ସଂରକ୍ଷିତ



ଖାଦ୍ୟ ଦ୍ରବ୍ୟ ଅପେକ୍ଷାକୃତ ଶୀଘ୍ର ନଷ୍ଟ ହୋଇଯାଏ । ଏହା ସଂପର୍କରେ ଆମର ସତର୍କ ଅଥଚ ସଂକ୍ଷିପ୍ତ ଉପଦେଶ ନିରର୍ଥକ ହେବାପରେ ମୋ ସ୍ତ୍ରୀ ବାଧ୍ୟହୋଇ ଘରକାମ ପଛକୁ ପକାଇ ସେମାନଙ୍କୁ ପରଷିବା ଦାୟିତ୍ୱ ସ୍ୱେଚ୍ଛାକୃତ ଭାବରେ ଗ୍ରହଣ କରିନେଲେ ।

ଏକଦା ସଂଧ୍ୟାରେ କିଟୁବାବୁ ମୋ ସହିତ ବସି ଗପକରୁକରୁ କହିଲେ ଭାଇନା ! ଗୋଟାଏ ଫ୍ରିଜ୍‌ରେ ଖାଦ୍ୟ ରହୁଛି । ଏକାଘରେ, ଏକାବାସନରେ ଖାଉଛେ । ତହିଁରେ ପୁଣି ନାନୀ ଆମ ପାଇଁ ଖାଦ୍ୟ ଗରମ କରିବାକୁ ଗ୍ୟାସ୍ ଜାଳୁଛନ୍ତି । ତା ଅପେକ୍ଷା ଏକାଠି ରୋଷେଇ କଲେ କିପରି ହୁଅନ୍ତା ? ପାନିଆ ସାହାଯ୍ୟ କରନ୍ତା । ନାନୀଙ୍କର ଶ୍ରମ ଅଧା କମିଯାଆନ୍ତା । ସାମାନ୍ୟ ଅଧିକ ସମୟ ଓ ଜାଳେଣି ଖର୍ଚ୍ଚରେ ଅକ୍ଲେଶରେ ଦୁଇ ପରିବାରର ରୋଷେଇ ଏକାଠି ହୋଇ ପାରନ୍ତା ।

ମୁଁ ଚିନ୍ତା କରିବାରେ ଲାଗିଛି । ସେମାନଙ୍କର ଖାଇବା ବେଳେ ବାକୁ ବାକୁ ଅନେକ ସମୟରେ ପାନିଆ ଦେବୀ ତାଙ୍କ ସ୍ୱାମୀଙ୍କ ଉଦ୍ଦେଶ୍ୟରେ କହନ୍ତି - ନାନୀର ତର୍କାରୀରୁ ଟିକେ ଦେବି ? ନାନୀ ବଢ଼ିଆ ରାଇତା କରିଛି, ଟିକେ ଚାଖିବ ? ନାନୀ ବଢ଼ିଆ କଦଳୀ କୋଷ୍ଟା କରିଛି, ଖଣ୍ଡେ ପାଟିରେ ମାରି ଦେଖୁନା । ଇତ୍ୟାଦି ? କଥା ଶେଷ କରି ସାରିବା ବେଳକୁ ଆମ ସଂଚିତ ବ୍ୟଞ୍ଜନରୁ ସ୍ୱାମୀ, ପୁତ୍ର, କନ୍ୟାଙ୍କୁ ପେଟେ କରି ଚଖାଇ ଦିଅନ୍ତି । ତାଙ୍କର ରୋଷେଇ ସିନା ଡେରି, ପଙ୍ଗତ ଆଗ ବସିଯାଏ । ଆମେ ଖାଇ ବସିବା ବେଳକୁ ଖରାଦିନରେ ଟୁବଗଡ଼ିଆ ପରି ଖାଦ୍ୟ ପାତ୍ର ପ୍ରାୟ ଖାଲି ପଡ଼ିଥାଏ । ଶେଷକୁ ମୋ ଶ୍ରୀମତୀ ରୋଷେଇ ସାରି ଆଉ ଫ୍ରିଜ୍‌ରେ ନରଖି ରୋଷଶାଳାରେ ଘୋଡ଼ାଇ ରଖିଲେ । ପାନିଆ ନଛୋଡ଼ବନ୍ଧା । କିଟୁଙ୍କୁ ବାଢ଼ିଦେଇ ପଚାରେ - ନାନୀ, ଆଜି କଣ କରିଛ ? ନାନୀର କୟାନ ନକରି ତାରା ନାହିଁ । ପାନିଆ ଛୁଆଙ୍କୁ ଦେଖାଇ କହେ, ମୋ ପିଲାମାନେ ସବୁଠେଇଁ ମାଉସୀ ହାତରନ୍ଧାକୁ ଭାରୀ ପ୍ରଶଂସା କରନ୍ତି । ଏତିକି କହି ରୋଷେଇ ଘରେ ପଶିଯାଇ ମନଇଚ୍ଛା ଆମ ଜିନିଷ ବାଢ଼ିଆଣେ ଓ ପରଷି ଦିଏ । ସେମାନେ ଉପରକୁ ଗଲାପରେ ମୋ ସ୍ତ୍ରୀ, ପିଲାଙ୍କର ମୁହଁର ଆକୃତିମାନ ଦେଖିବା କଥା । ଚୋରଙ୍କ ପରି ମୁହଁ ଚକଚ୍ କରି ରହେ । ଡାକିହାକି ନିଜେ ତ ଅର୍ଜିଛୁ, କାହାକୁ କହିବି ?

ଯୌଥ ଖାଦ୍ୟ ପ୍ରସ୍ତୁତି ଯୋଜନାକୁ ସଂସର୍ଗ ସ୍ୱୀକୃତି ଦେଇଦେଲି । କଥା ହେଲା ପାନିଆ ରୋଷେଇରେ ସାହାଯ୍ୟ କରିବେ ଓ ମୋ ପରିବାର ଜନସଂଖ୍ୟା ମୋଟ୍ ଚାରି ହେଲେ ବୁଦ୍ଧା ଅଧେଖର୍ଚ୍ଚ ମୁହିଁ ବହନ କରିବି ।

ତଥାପି ଆମ ଦୁର୍ଦ୍ଦଶାରେ କୌଣସି ପରିବର୍ତ୍ତନ ହେଲା ନାହିଁ । କାରଣ, ପାନିଆକୁ ରୋଷେଇ ଘରେ ପୂରାଇବାକୁ ହେଲେ ଘରର ଅଧା ଜିନିଷ ବାହାର କରିବାକୁ ପଡ଼ିବ । ଯେଉଁ କିଟୁବାବୁ ଅତୀତରେ ପରିବା ଖର୍ଚ୍ଚ ଦେଇ ନାହାନ୍ତି, ସିଏ ପରିବାର ଖର୍ଚ୍ଚ ବହନ କରିବେ ବୋଲି ଭାବିବା ବିଶୁଦ୍ଧ ବୋକାମୀ । ଅଧା ଖର୍ଚ୍ଚର ଆଶ୍ୱାସନାକୁ ପାଥେୟ କରି ସବୁଦା ଆଣି ଯୋଗାଇଲି । ମାସ ପୂରି ବାର ତାରିଖ ହେଲା । କୌଣସି ଏକ ସଂଧ୍ୟାରେ ବସି

ହିସାବ କରିବାର ପ୍ରସ୍ତାବ ଦେବା ପରଠାରୁ ଓଭର୍‌ଟାଇମ୍ ଆଳରେ ଜିଟୁବାବୁ ସବୁଦିନେ ରାତି ଦଶଟାରେ ଘରକୁ ଫେରିଲେ । ଯାହା ହେବାର ଥିଲା ହେଲା । ମୁଁ ଏବେ ତାଙ୍କୁ ପୃଥକ୍ କରିବାର ଉପାୟ ଖୋଜୁଥାଏ । ଦିନେ ପାନିଆ କହିଲା, "ଭାଇନା ! ଏକାଠି ରୋଷେଇ ଓ ଏକାଠି ଖିଆପିଆ ହେଉଛି । କେବଳ ଅଲଗା ବଖରାରେ ଶୁଆବସା କରୁଛେ । କେବଳ ଶୋଇବା ପାଇଁ ଅଲଗା ଘରଭଡ଼ା ଦେବା ଆଦୌ ବୁଦ୍ଧିଆ କାମ ନୁହେଁ । ବରଂ, ତୁମେ ଯଦି ରାଜିହେବ, ଆମେ ଉପର ଘର ଛାଡ଼ି ଦେଇ, ଅସୁବିଧା ପଡୁପଛେ ତୁମ ସହ ଆଡ୍‌ଜେଷ୍ଟ କରିନେବୁ । ମୋର କ୍ଷତି କଣ ତୁମର କ୍ଷତି ନୁହେଁ ? ମୋ ପିଲାକିଏ, ତୁମ ପିଲାକିଏ"?

ମୋ କ୍ଷତିକୁ ତାଙ୍କର ଲାଭର ଖାତାରେ ଚଢ଼ାଇ ତାଙ୍କ କ୍ଷତିକୁ ସେ ଗୁରୁତ୍ୱର ସହିତ ବିଚାର କରୁଥିଲା । ମୁହଁ ଉପରେ ରୋକ୍‌ଠୋକ୍ ନାହିଁ କରି ପାରିବା ଭଳି ଅଭଦ୍ରତା ସଂଗ୍ରହ କରି ପାରିଲି ନାହିଁ । କଷ୍ଟେଇ କୁଷ୍ଟେଇ କହିଲି, ତୁମ ସହିତ ତୁମର ଆସବାବ ପତ୍ର ବି ରହିବ । ସେଥିପାଇଁ ମୋ ଘରର କିଛି ସରଞ୍ଜାମ ବାହାର କରି ବିକି ଦେବାକୁ ହେବ । ସେ ପର୍ଯ୍ୟନ୍ତ ଅନ୍ତତଃ ତୁମେମାନେ ଅପେକ୍ଷା କରିଯାଅ ।

ଜିଟୁବାବୁ ଚଟ୍‌କରି କଥାଟାକୁ ମାଡ଼ିବସିଲେ, ବାହାରେ ପୁରୁଣା ଜିନିଷ ବିକିଲେ ନଅଛଅ କରି ବିକିବେ । ମୁଁ ବରଂ ସେ ସୋଫା ଓ ଡବଲ୍ ବେଡ୍ ରଖିଦେବି । ଆମ ଭିତରେ ଗୋଟାଏ ଦର ଛିଣ୍ଡାଇ ଦେବା । ଘର ଜିନିଷ ଘରେ ରହିଯିବ । ସୁବିଧା ଦେଖି ଅଳ୍ପ ଅଳ୍ପ କରି ଆପଣଙ୍କ ଟଙ୍କା ଦେଇଦେବି ।

ବୁଝିଗଲି, ଶେଷକୁ ମୋତେ ମଧ ନିଲାମ କରିବାକୁ ଜିଟୁବାବୁ ପଛାଇବେ ନାହିଁ । ବାଧହୋଇ ଲୁଚାଛପାରେ ଅନ୍ୟତ୍ର ଭଡ଼ାଘର ଖୋଜୁଛି । ଶୀଘ୍ର ଘର ମିଳିଗଲେ ପ୍ରଭୁ ଭୁବନେଶ୍ୱରଙ୍କୁ ଆଠଣାର ଗଞ୍ଜେଇ ମାନସିକ କରିଛି । ଦେଖାଯାଉ, ଆଉ କେତେଦିନ ଦୁର୍ଯୋଗ ଅଛି ।



# ଭୋଳାନାଙ୍କ ପାଇଖାନା

୧୯୨୬ ମସିହାରେ ୧୪ ବର୍ଷର ଭୋଳାନା କଲିକତା ନଗରୀକୁ ନିଜର ପାଦଧୂଳି ଦ୍ୱାରା ଧନ୍ୟକଲେ । ମାଇନର୍ ପାସ୍ ଭୋଳାନାଥ ନନ୍ଦ ଓରଫ୍ ପରବର୍ତ୍ତୀ କାଳର ଭୋଳାନା କାହିଁକି ଯେ ଜଗନ୍ନାଥଙ୍କର ପବିତ୍ର ଭୂଇଁ ଓଡ଼ିଶା ଛାଡ଼ି ମ୍ଳେଚ୍ଛ ଇଂରେଜମାନେ ସାଲୁବାଲୁ ହେଉଥିବା କଲିକତାରେ ପହଞ୍ଚିଲେ, ସେକଥା ଅଦ୍ୟାବଧି ରହସ୍ୟାବୃତ ଅଛି । କେତେକ ଅନୁମାନ କରନ୍ତି, ସେ ବର୍ଷ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଥିବା ହେତୁ ବାପଛେଉଣ୍ଡ ଭୋଳାନା ତାଙ୍କର ଏକମାତ୍ର ଜନନୀଙ୍କୁ ଗ୍ରାମରେ ଛାଡ଼ି ପିଣ୍ଡରକ୍ଷା ନିମିତ୍ତ ଦାନାପାଣି ଯୋଗାଡ଼ ଉଦ୍ଦେଶ୍ୟରେ କଲିକତା ଚାଲି ଯାଇଥିଲେ । ଓଡ଼ିଶାର ଐତିହାସିକ ବର୍ଷ ସହିତ ତାଙ୍କର ଜୀବନ ଅଧ୍ୟାୟର ଗୁରୁତ୍ୱପୂର୍ଣ୍ଣ ଘଟଣାଟି ସଂଯୋଜିତ ହୋଇ ଯାଇଥିବାରୁ ସେ ମସିହାଟି ଭୋଳାନାଙ୍କ ସମେତ ତାଙ୍କର ଅତି ଆତ୍ମୀୟ କେତେଜଣଙ୍କର ପ୍ରାୟ ମନେ ରହି ଯାଇଥିଲା ।

ଯାହାହେଉ, ସେତେବେଳେ ଶିକ୍ଷାର ଏତେ ଅବମୂଲ୍ୟାୟନ ହୋଇନଥିଲା । ମାଇନର ପଢ଼ାର ବେଶ୍ ଆଦର ଥିଲା । ଶତକଡ଼ା ଦୁଇ ଭାଗ ସାକ୍ଷର ଗୁଚ୍ଛ ମଧରେ ମାଇନର ପଢୁଆ ଏକ ବିଶାଳ ଦ୍ରୁମର ମର୍ଯ୍ୟାଦା ହାସଲ କରି ପାରୁଥିଲା । ଭୋଳାନାଙ୍କୁ କଲିକତାରେ ଚାକିରି ମିଳିଗଲା । ବଡ଼ ଘରୋଇ କଂପାନୀ । ଭଲ ଦରମା । ପ୍ରତିଭାର ପୁଞ୍ଜି ଖଟାଇ ପଦୋନ୍ନତିର ସିଡ଼ି ଚଢ଼ିବା ସହିତ ଫାଙ୍କା ସମୟରେ ଭୋଳାନା ହୋମିଓପ୍ୟାଥି ବହି ମେଟେରିଆ ମେଡ଼ିକା ପଢ଼ିବାକୁ ଆରମ୍ଭ କଲେ । ଗଙ୍ଗା ସେପାଖର ରାମନଗର ଅଞ୍ଚଳ । ସହରତଳି ହୋଇଥିବାରୁ ଅପେକ୍ଷାକୃତ ଅନୁନ୍ନତ । ଶସ୍ତା ହୋମିଓପ୍ୟାଥି ଚିକିତ୍ସା ପାଇଁ ଲୋକେ ଦୁଇବେଳା ତାଙ୍କ ପାଖରେ ଭିଡ଼ ଜମାଇଲେ । ଲୋକେ ତାରିଫ୍ କଲେ; ଏହା ତାଙ୍କର ହାତର ଗୁଣ । ପଣ୍ଡିତେ, ଅବଧାନେ କହିଲେ, ଏହା ବିନ୍ଧା ଇସ୍ୱର କରାମତି ।

ଭୋଳାନା ତାଙ୍କ କରାମତି ବଳରେ ଗାଆଁର ଚାଳଘର ବଖରାକ ଭାଙ୍ଗି ଦେଇ ଦୁଇ ବଖରା ରାଣୀଗଞ୍ଜ ଛପର ଘର ସହିତ ରୋଷେଇ ଘର କରି ଚାରିପଟେ ଖଞ୍ଜା ପାଚେରୀ

ବୁଲାଇ ଦେଲେ । ମାଆର ସ୍ୱର୍ଗବାସ ପୂର୍ବରୁ ହାତକୁ ଦିହାତ ହୋଇଗଲେ ।

କଲିକତାରେ ମୈଦାନ୍ ଯିବାପାଇଁ ବଣବୁଦା, ଗୋଚର ପଡ଼ିଆ ବିରଳ । ସେଠାରେ ପାଇଖାନା ନ ହେଲେ ନ ଚଳେ । ସେଠାରେ ଅଠର ବର୍ଷ କଟାଇ 'ଭଦ୍ରମାନୁଷ' ପାଲଟି ସାରିଥିବା ଭୋଳାନାଥ ଗାଆଁକୁ ଆସିବା ଅବସରରେ ନିତ୍ୟକର୍ମ ପାଇଁ ବାଡ଼ି ବାଇଁଶ ବୁଦା, ବିଲହୁଡ଼ା ଆଉ ତାକୁ ଆରେଇଲା ନାହିଁ । ତାଙ୍କର ପତ୍ନୀ ଅଗତ୍ୟା ଶୌଚ ଉପଲକ୍ଷେ କେଉଁଠି ଅର୍ଦ୍ଧଉଲଗ୍ନ ହେବାରେ ଭୋଳାନାଥଙ୍କୁ ଦ୍ରୌପଦୀ ବସ୍ତ୍ରହରଣ ବେଳର କୁରୁସଭାରେ ଉପସ୍ଥିତ ଅସହାୟ ପାଣ୍ଡବଙ୍କ ଦଶା ଗ୍ରାସ କରୁଥିଲା । ତେଣୁ, ଏକଦା ବାଡ଼ିପଟ କାନ୍ଥକୁ ଲଗାଇ କୂଅର ଅଦୂରରେ ବରପାଲି ପାଇଖାନାଟିଏ ତିଆରି କରିଦେଲେ ।

ପୂର୍ବରୁ ଗ୍ରାମବାସୀମାନେ ନିର୍ମାଣାଧୀନ କ୍ଷୁଦ୍ର ବଖରାଟିକୁ କୌତୂହଳ ସହକାରେ ଲକ୍ଷ୍ୟ କରୁଥିଲେ ଓ ତାହା ବାସଗୃହର ଆବଶ୍ୟକୀୟ ଅଂଶରୋପଣ ବୋଲି ଧରିନେଇ ଥିଲେ । କିନ୍ତୁ ଗୃହ ମଧ୍ୟରେ କୂପ ଭଳି ଗର୍ତ୍ତଖନନ ସବୁ ରହସ୍ୟର ପର୍ଦ୍ଦା ଖୋଲିଦେଲା । ଚାରିଆଡ଼େ ରାଷ୍ଟ୍ର ହୋଇଗଲା, ଭୋଳାନାଥଙ୍କର ପରିବାର ଘର ଭିତରେ କବାଟ କିଳି ମଳତ୍ୟାଗ କରୁଛନ୍ତି । କେତେକେ ମତଦେଲେ, ଯେଉଁ ଡିହରେ ପିତୃପୁରୁଷଙ୍କୁ ପିଣ୍ଡ ଦେଉଛନ୍ତି, ସେହି ଡିହରେ ଏଭଳି ଅନାଚାର କଲେ ପିତୃମାତୃଗଣ ପାଣି ପିଇବେ ନାହିଁ ।

ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ହେଲା, ଭୋଳାନାଥ ଶୌଚରେ ବସିବା ସମୟରେ ନାକଚିପି ବସୁଛନ୍ତି କି ନାହିଁ । ସେ କବାଟ କିଳି ବସୁଥିବାରୁ ଅନେକ ଦିନ ପର୍ଯ୍ୟନ୍ତ ଏ ଜିଜ୍ଞାସା ଅସମାହିତ ରହିଲା । ଜଣେ ବିଜ୍ଞ ଗ୍ରାମବାସୀ ମଗଜ ଖଟାଇ ଏ ଜଟିଳ ପ୍ରଶ୍ନର ସରଳ ସମାଧାନ କରିଦେଲା । ଭୋଳାନାଥ ସେହି ରୁଦ୍ଧ ପ୍ରକୋଷ୍ଠରେ ଶେଷ ପର୍ଯ୍ୟନ୍ତ ଆଦୌ ନାକ ଚିପି ବସି ରହି ପାରିବେ ନାହିଁ । ପାଣି ସାରିବା ବେଳକୁ ଦୁଇହାତର ବ୍ୟବହାର ଅପରିହାର୍ଯ୍ୟ ।

ଏ ପ୍ରଶ୍ନ ଉତ୍‌ଥାପନ କରିଥିବା ବ୍ୟକ୍ତିମାନେ ନିଃସନ୍ଦେହ ହୋଇଗଲେ ଯେ, ସେ ବଖରା ଭିତରେ ଚଳେ କୂଅଭଳି ଖୋଳାହୋଇଥିବା ସ୍ଥାନରେ ମଳମୂତ୍ର ଏକତ୍ର ଜମା ହୋଇ ରହିଥିବାରୁ ସେଥିରୁ ଉତ୍କଟ ଦୁର୍ଗନ୍ଧ ବାହାରି ଭୋଳାନାଥଙ୍କର ନାସାରନ୍ଧ୍ର ଦେଇ ତାଙ୍କର ଅନ୍ତକୁ ଅଶୁଦ୍ଧ କରୁଥିବ । ତେଣୁ, ତାଙ୍କର ପରିବାର ଲୋକଙ୍କଠାରୁ ଅନ୍ନ, ଜଳ ଗ୍ରହଣ କରିବା କଥା ନୁହେଁ । ଗ୍ରାମବାସୀମାନେ ତାଙ୍କର ଜିଦ୍‌ରେ ଅଟଳ ରହିଲେ । ଭୋଳାନାଥଙ୍କର ବଡ଼ ପୁଅର ଖୋଳପାଲା ନିମନ୍ତ୍ରଣରେ ତେଣୁ ଶୁଖିଲା ଖାଦ୍ୟ ପୁରୀ, ଝୋଳ ନଥିବା ତରକାରୀ, ଟବକା ଓ କେବଳ କ୍ଷୀରରେ ତିଆରି କ୍ଷୀରୀ ଖାଇବା ପାଇଁ ବରାଦ କଲେ । ଏଥିରେ ଅନ୍ନର ପ୍ରଶ୍ନ ଉଠୁନାହିଁ । ଜଳୀୟ ଅଂଶକୁ ତେଲରେ ଛାଣି ବା ନିଆଁରେ ବସାଇ ନିଃଶେଷ କରିଦିଆଯିବ । ସର୍ତ୍ତ ରହିଲା, ଘର ଆଗପଟ ଖଳାବାଡ଼ିରେ ଖାଦ୍ୟ ପ୍ରସ୍ତୁତ ହୋଇ ପରଷା ଯିବ ଓ ବାହାର ଲୋକ ବ୍ୟଞ୍ଜନ ପ୍ରସ୍ତୁତ କରିବ ।

ଭୋଳାନାଥ ଗାଁକୁ ଆସିଲେ ମାଗଣା ରୋଗୀଙ୍କର ଭିଡ଼ ହୁଏ । ଅନେକ ଲୋକ



ଛୋଟରୁ ବଡ଼ ପର୍ଯ୍ୟନ୍ତ ରୋଗକୁ ଚିକିତ୍ସା ରକ୍ଷା ପାଇବାଲାଗି, ଭୋଳାନାଥ ଗାଆଁକୁ ଆସିବା ପର୍ଯ୍ୟନ୍ତ ସବୁଷାଣ ବୋଧଶୋଧ ଦେଇ ଅଟକାଇ ରଖିଥାନ୍ତି । ଭୋଳାନାଥ ଏଭଳି ଆଚଳାତଣା ପରିଦୃଷ୍ଟେ ଘରେ ଗୋଟିଏ ଶିଶିଭରା ହୋମିଓପ୍ୟାଥି ହାତବାକ୍ସ ରଖିଥାନ୍ତି । ଗାଆଁର ପର୍ବ ପର୍ବାଣିରେ ଚାନ୍ଦା ମାଗିଲେ ଅନ୍ୟମାନଙ୍କ ପରି ମୂଳଚାଲ ନକରି ଉଦାରତା ଦେଖାଇ ପୂର୍ଣ୍ଣ ପରିମାଣ ପଇଠ କରିଦିଅନ୍ତି । ପିଲାଛୁଆଙ୍କୁ ଗାଆଁବାଲାଙ୍କ ମାର୍ଫତ୍ ଛାଡ଼ିଦେଇ ବର୍ଷକରୁ ନଅମାସ ଅନ୍ତତଃ କଲିକତାରେ କଟାନ୍ତି । ଯେତେ ଜାନୀର ଆଶଙ୍କା ଥିଲେ ମଧ୍ୟ ତାଙ୍କ ସହିତ କଳି ତକରାଳ କରିବାକୁ ତେଣୁ ଅଣ୍ଟାଭିଡ଼ି ବାହାରି ପଡ଼ନ୍ତି ନାହିଁ । ବରଂ, ଆବଶ୍ୟକ ହେଲେ, ଗାଆଁ ମୁରବୀଙ୍କ ଆଗରେ ଫେରାଦ୍ ହୁଅନ୍ତି । ଅଧିକାଂଶ ଗ୍ରାମବାସୀ ତାଙ୍କର ସରଳ ସ୍ୱଭାବ ପାଇଁ ତାଙ୍କୁ ଶ୍ରଦ୍ଧା କରନ୍ତି । ତାଙ୍କର ସମୃଦ୍ଧିରେ ଈର୍ଷାନ୍ୱିତ ହେବା ଭଳି ଲୋକଙ୍କର ଅଭାବ ନଥିଲା । ବୃତ୍ତିଗତ କପି କେନ୍ଦ୍ରରେ ପରୀକ୍ଷା ଦେଇ ମଧ୍ୟ ଫେଲ୍ ହେଉଥିବା ପିଲାଙ୍କ ପରି ସେଭଳି ପରଶ୍ରୀକାତରଙ୍କର ସଂଖ୍ୟା ନଗଣ୍ୟ ହେଲେ ମଧ୍ୟ ତାଙ୍କର ପ୍ରଭାବ ଏକାବେଳକେ ନିଷ୍କ୍ରିୟ ନୁହେଁ । ଦିନେ ସେମାନେ ଘୋଷଣା କଲେ ଯେ, ଜମା ହୋଇ ରହୁଥିବା ମଳର ଗନ୍ଧକୁ ଭୋଳାନାଥ ସେ କୂପ ସଂଯୁକ୍ତ ନଳଦ୍ୱାରା ଉପରକୁ ଛାଡ଼ୁଛନ୍ତି । ତାଙ୍କ ଘରର ପୂର୍ବ ପଟରେ ତିନିଘର ଛାଡ଼ି ଗାଆଁ ଠାକୁର ଘର । ପଶ୍ଚିମା ପବନରେ ସେ ଗନ୍ଧ ଠାକୁର ଘର ଆଡ଼େ ଆସିବାର ସମ୍ଭାବନା ଅଛି । ସେଥିପାଇଁ ସମ୍ଭବତଃ ଏଣିକି ଆଉ ଠାକୁରଙ୍କର ଭୋଗ ପ୍ରସାଦ ସୁସ୍ୱାଦୁ ହେଉନାହିଁ ।

ଗାଆଁ ଠାକୁର ଘରେ ରଜ ଅବସରରେ ନିଶାପ ବସିଲା । ଭୋଳାନାଥ ରଜ ଓ ଦଶହରା ଛୁଟିରେ ଗ୍ରାମକୁ ଆସିବା ଏକ ପ୍ରକାର ନିଶ୍ଚିତ । କେବେ କେମିତି ବୋଲମେଲଣ ବେଳେ ଦୁଇତିନିଦିନ ପାଇଁ ଗାଆଁକୁ ମାଡ଼ି ଆସନ୍ତି । ତାଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟସେବାରେ ଅନୁଗୃହିତ ତଥା କଲିକତି ସନ୍ଦେଶର ସ୍ୱାଦ ଆହରଣରେ ଅପ୍ୟାୟିତ ବ୍ୟକ୍ତିମାନେ ତର୍କକଲେ, ଗାଆଁର ବସ୍ତି ପୂର୍ବ ଦିଗରେ ଅବସ୍ଥିତ । ସେଠାରେ ଗ୍ରାମର ଅର୍ଦ୍ଧାଧିକ ବ୍ୟକ୍ତି ମଳତ୍ୟାଗ କରନ୍ତି । ସେଠାରୁ ଠାକୁରଘର ପର୍ଯ୍ୟନ୍ତ ଦୁର୍ଗନ୍ଧ ବୋହି ଆଣିବାକୁ ପବନକୁ କଣ କଷ୍ଟହେବ ? ଭୋଳାନାଥ ପାଇଖାନା କରି ନଥିଲେ ସୁଦ୍ଧା ତାଙ୍କର ପରିବାର ବର୍ଗ ଦିନରେ ଦୁଇବେଳା ନିଜ ବାଡ଼ିରେ ନିତ୍ୟକର୍ମ କରୁଥିଲେ ଓ ଅଦ୍ୟାବଧି କରୁଥାନ୍ତେ । ସେଥିରେ କଣ ଦୁର୍ଗନ୍ଧ ନଥାନ୍ତା ?

ଅଭିଯୋଗ ପକ୍ଷଙ୍କର ଯୁକ୍ତି ହେଲା ଗ୍ରାମରେ ବିଚରଣଶୀଳ ଅଗଣନ ମାଲିକ ବିହୀନ ଶ୍ୱାନମାନେ ସଫେଇ କାମ କରି ଉଦର ପୋଷଣ କରୁଛନ୍ତି । ତାଛଡ଼ା ବର୍ଷାରେ ଧୋଇହୋଇ ମାଟିରେ ମିଶିଯିବା ଓ ଖରାରେ ଶୁଖି ଗନ୍ଧହୀନ ହେବାର ସକାରାତ୍ମକ ସମ୍ଭାବନା ଅଛି । ମଝିରେ ମଝିରେ ଘୁଷୁରୀଆମାନେ ଘୁଷୁରୀପଲ ଧରି ଆସିବା ଦ୍ୱାରା ବ୍ୟାପକ ସଫେଇ ହୋଇଥାଏ । ମାତ୍ର କୂଅଖୋଳି ଉପରକୁ ଉପର ମଳଜମା କରି ତା ଉପରେ ଜଳ ସିଞ୍ଚିଲେ ତାହାର ଦୁର୍ଗନ୍ଧ ଦୀର୍ଘସ୍ଥାୟୀ ଓ ଉତ୍କଟ ହୋଇଥାଏ ।

ସଫେଇ ପକ୍ଷ ଯୁକ୍ତିକୁ ଖଣ୍ଡନ କରି ପାରିଲେ ନାହିଁ । ଶେଷକୁ ସ୍ଥିର ହେଲା,

ଭୋକାନ୍ନା ଠାକୁର ଘରକୁ ପାଞ୍ଚଶହଟଙ୍କା ଜୋରିମାନା ଦେବେ । ଗୋବରପାଣି ପିଇ ଶୁଦ୍ଧ ହୋଇ ଗ୍ରାମବାସୀଙ୍କୁ ଖାଇବାକୁ ଦେବେ ଏବଂ ପାଇଖାନା ନାମଧାରୀ ସେ ବଖରାକୁ ଅବିଳମ୍ବେ ଭାଙ୍ଗିବେ ।

ବହୁଜନ ସମର୍ଥନର କିଛି ଫାଇଦା ଅବଶ୍ୟ ଅଛି । ଦୀର୍ଘ ଚାରିଘଣ୍ଟା ମୂଳଚାଇ ପରେ ଜୋରିମାନାର ପରିମାଣ ପାଞ୍ଚଟଙ୍କାକୁ ଖସିଆସିଲା ବେଳକୁ ମାଡ଼ିଆସିଲା ପହିଲି ଆଷାଢ଼ର ଝଡ଼ବତାସ । ଉପସ୍ଥିତ ବ୍ୟକ୍ତିଗଣ ଦେଖୁଦେଖୁ ଭୋକାନ୍ନାଙ୍କ କୂଅ ସନ୍ନିକଟ ପୋକଖିଆ ନଡ଼ିଆଗଛ ଉପୁଡ଼ି ପଡ଼ିଗଲା ପାଇଖାନା ଉପରେ । ପାଞ୍ଚଇଞ୍ଚିଆ କାନ୍ଥରେ ଯାହିତାହି ତିଆରି ପାଇଖାନା ନଡ଼ିଆ ଗଛର ଭାର ସମ୍ଭାଳି ନପାରି ଧରାଶାୟୀ ହୋଇଗଲା ।

ଉଲ୍ଲସିତ ହୋଇ ଅଭିଯୋଗକାରୀଗଣ ଘୋଷଣାକଲେ, ନଡ଼ିଆ ଗଛର ଧର୍ମ ଅଛି । ସେଥିପାଇଁ ନଡ଼ିଆ କାହା ମୁଣ୍ଡରେ ପଡ଼େନା । ଦେଖ, ଠାକୁରଙ୍କ ଇଚ୍ଛାରେ ନଡ଼ିଆ ଗଛ ଉପୁଡ଼ି ପାଇଖାନାକୁ ଗୁଣ୍ଡା କରିଦେଲା । ଘରର ସାମାନ୍ୟତମ କ୍ଷତି ଘଟାଇ ନାହିଁ । ଦୁନିଆରେ ଏବେ ମଧ୍ୟ ଧର୍ମ ତାର କରାମତି ଦେଖାଉଛି ।

ଏହାକୁ ଭଗବାନଙ୍କର ସ୍ୱକୀୟ ବିଚାର ବୋଲି ଧରିନେଇ ମାନବୀୟ ବିଚାରର ଦଳିଲ୍‌କୁ ନାକଚ କରି ଦିଆଗଲା । ଜୋରିମାନା ମାଫ୍ କରାଗଲା । ଭୋକାନ୍ନାଙ୍କ ପ୍ରତି ସମ୍ବେଦନଶୀଳ ସପକ୍ଷବାଦୀମାନେ ତାଙ୍କର ଆପାତତଃ କ୍ଷତି ପାଇଁ ଘୋର ଦୁଃଖ ପ୍ରକାଶ କଲେ । ଅକାରଣ, ଝାମେଲାରେ ନପଶିବା ପାଇଁ ଭୋକାନ୍ନା ପାଇଖାନାର ପୁନରୁଦ୍ଧାର କାର୍ଯ୍ୟକୁ କିଛି ବର୍ଷ ଆଗକୁ ଘୁଞ୍ଚାଇ ଦେଲେ ।

ଗତ ପାଞ୍ଚବର୍ଷ ହେବ ଭୋକାନ୍ନା ଅବସର ଜୀବନ ଓ ଅବସନ୍ନ ଶରୀରର ମାୟା ତ୍ୟାଗକରି ସ୍ୱେପୁରକୁ ଚାଲିଗଲେଣି । କିନ୍ତୁ, ପ୍ରଥମ ରେଳଇଂଜିନ୍ ନିର୍ମାଣ ପାଇଁ ବିଶ୍ୱରେ ଜର୍ଜ ଷ୍ଟିଫେନ୍‌ସନ୍‌ଙ୍କର ଯେଉଁଳି ଖ୍ୟାତି ରହିଛି, ଅଦ୍ୟାବଧି ପ୍ରଥମ ପାଇଖାନା ନିର୍ମାଣ ପାଇଁ ପାଖଆଖ ଦଶଖଣ୍ଡ ମୌଜାରେ ଭୋକାନ୍ନାଙ୍କର ଖ୍ୟାତି ରହିଛି ।



# ଖୁଡ଼ୀ

ଲୋକ ମରିଗଲାପରେ ତା ନାମରେ ଅପଯଶ ଗାଇବା ଭଲ ଲୋକଙ୍କର କାମ ନୁହେଁ । କେତେକ ଲୋକ ଆମ୍ଭକୁ ଭୁଲବଶତଃ ବେଳେବେଳେ ଭଲ ଲୋକ ବୋଲି କହିଥାନ୍ତି । ଆମ୍ଭେ ସେମାନଙ୍କର ଭ୍ରମ ଦୂର କରିବାକୁ ଚାହୁଁନା ବା ମଲାଖୁଡ଼ୀଟାକୁ କାଣରେ ବେଷ୍ଟିତ କରିବାକୁ ଚାହୁଁନା ।

ବାଲ୍ୟାବସ୍ଥାରେ ଆମ୍ଭର ଅହେତୁକ ଜ୍ଞାନବୁଦ୍ଧି ହେବାବେଳକୁ ସେ କୌଣସି ପ୍ରକାରେ ଆମ୍ଭର ଖୁଡ଼ୀ ବନିସାରିଥିଲେ । ସେ ପଶୁଖାଦ୍ୟ ଚରୁଥିବା ନେତାଙ୍କ ଠାରୁ ବଳନ୍ତି । ମଲାଯାଏ ନିଜର ପଦବୀ ଛାଡ଼ିବାକୁ ନାରାଜ । ବୋଫର୍ସ କମାଣରୁ ଲାଞ୍ଚ ଖାଇବାକୁ ଅଭିଯୋଗରେ କାଳିମାମଣ୍ଡିତ ଜନୈକ ନେତାଙ୍କର ବଂଶଗରିମାରେ ବଶୀଭୂତ ହୋଇ ଆମେ ଯେପରି ତାଙ୍କର ଫଟୋରେ ଓ ତାଙ୍କ ସମାଧିରେ ଅଦ୍ୟାବଧି ଜନକାଙ୍କ ପରି ଫୁଲମାଳ ଦେଉଛୁ, ସେହିଭଳି ବଂଶଗତ ବିପ୍ରାତରୁ ଆମ୍ଭେ ଅଦ୍ୟାବଧି ସଂପର୍କର ଖିଅକୁ ଆଶ୍ରାକରି ଖୁଡ଼ୀଙ୍କୁ ସସଂଭ୍ରମ ସମ୍ମାନ ଜଣାଉଛୁ । ନଗରପାଳିକାର ଜାଞ୍ଜିଆହୋତା ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ହେଲ୍‌ଥ ଇନ୍‌ସପେକ୍ଟରଙ୍କ ପରି ଖୁଡ଼ୀଙ୍କର ଥିବା ନଥିବାର କୌଣସି ଉପକାରସୂଚକ ପ୍ରଭାବ ନଥିଲା । ଆପଣ ଯଦି ଅଜ୍ଞତାବଶତଃ ତାଙ୍କୁ ଆମ୍ଭର ଦୂର ସଂପର୍କୀୟ ଖୁଡ଼ୀ ବୋଲି ଭାବି ସାରିଥାନ୍ତି, ଆମ୍ଭେ ସୂଚାଇ ଦେବାକୁ ଚାହୁଁଯେ, ସିଏ ଆମ୍ଭର ଦୂରସଂପର୍କୀୟ ଜଜେଇଙ୍କର ପ୍ରଥମ ଓ ଶେଷ ସ୍ତ୍ରୀ ।

ସେ ଆମର 'ଜଜେଇ' ପଦବୀ କିଭଳି କବ୍ଜିତ କଲେ, ତାହା ଏକ ପୃଥକ୍ ବୃତ୍ତାନ୍ତ ଓ ନିର୍ମୂଳ ଇତାର ଚେରଭଳି ତା ମୂଳ ଆବିଷ୍କାର କରିବା ଦୁରୂହ ବ୍ୟାପାର । ତଥାପି, ସେଇ ସଂପର୍କକୁ ଆଶ୍ରାକରି ସେ ଯେ ଆମ୍ଭର ପୈତୃକ ଆବାସର ପ୍ରତିବେଶୀ ପାଲଟି ଯାଇଥିଲେ, ଏହା ଅତିବେଶୀ ସତ୍ୟ ।

ଆମ୍ଭ ଖୁଡ଼ୀଙ୍କୁ ଆବାଳବୃଦ୍ଧବନିତା ସମ୍ମାନ କରୁଥିବା କଥାଟାକୁ ଆପଣ ଆପାତତଃ ବିଶ୍ୱାସ କରିପାରନ୍ତି । କେବଳ ଆମ୍ଭେ ବୋକୁକୁ ବୋଲି ନୁହେଁ, ବରଂ ତାହାର

ଚାକ୍ଷୁସ ପ୍ରମାଣ ହେଲା, ସେ ତାଙ୍କର ବାଣ୍ଡପିଣ୍ଡାରେ ବିରାଜମାନ ହୋଇଥିଲେ ଗାଆଁ ବାଟରେ ଯାଉଥିବା କେହି ତାଙ୍କର ମୁହଁ ଚାହିଁବାକୁ ସାହସ କରନ୍ତି ନାହିଁ। ସେ ଆଜନ୍ମ ପରିଣିତା-ବ୍ରହ୍ମଚାରିଣୀଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଆଦୌ ସନ୍ତାନ ସନ୍ତତି ହୋଇନଥିବାର ଯଥେଷ୍ଟ ପ୍ରମାଣ ମହଜୁଦ୍ ଅଛି। ବାଂଝମୁହଁ ଚାହିଁବା ଅଶୁଭ ଭଳି ମନ୍ତବ୍ୟ ଦେଉଥିବା ଲୋକେ କିନ୍ତୁ ପ୍ରିୟାପ୍ରୀତି କୌଣସି ଦୋଷ ପାଇଁ ଖୁଡ଼ୀଙ୍କୁ ଅଭିଯୁକ୍ତ କରିପାରିବେ ନାହିଁ। କେହି ଯାହା ଆଗରେ ଏପରି ଅବାଂଛିତ ମନ୍ତବ୍ୟ ଦେଲେ ଓ ଶ୍ରୋତା ଜଣକ ଖୁଡ଼ୀଙ୍କର ପ୍ରତିକ୍ରିୟା ଜାଣିବାର ଅଦମିତ କୌତୂହଳବଶତଃ ତାଙ୍କ କାନରେ ଏକଥା ପକାଇ ଦେଲେ, ଏହି ଆକ୍ଷେପକୁ ତୀବ୍ର ଭାବରେ ଖଣ୍ଡନ ପୂର୍ବକ ମହିଷାମର୍ଦ୍ଦିନୀଙ୍କର କଳି-ସଂସ୍କରଣ ସହଚରୀ ରୂପଧରି ଖୁଡ଼ୀ କହିଆନ୍ତି - ମୋ ଘଇତା ଅଣପୁରୁଷା ବୋଲି ଏ ଭାଣ୍ଡମାନେ ମୋତେ ଆଣ୍ଠୁଡ଼ି କହୁଛନ୍ତି। ମୁଁ ଯଦି ତାଙ୍କ ଘର ଭିତରେ ପଶି ତାଙ୍କ ଗେରସ୍ତଙ୍କୁ ଆପଣାର କରୁଥାନ୍ତି, ଏତେବେଳକୁ ଦିପୁଞ୍ଜା ଛୁଆ ଖେଳାଉଥାନ୍ତି। ପ୍ରତିପକ୍ଷଙ୍କ ପ୍ରତି ଏହି କୂଟନୈତିକ ପ୍ରତ୍ୟାକ୍ଷେପରେ କହିବା ଲୋକଙ୍କ ମୁହଁରେ ପାଜବିଣ୍ଡା ପଶିଯାଏ।

ତାଙ୍କର ଉକ୍ତିର ବହୁକାଂଶରୁ ଏତିକି ଉଦ୍ଧାର କରିବାକୁ ଆମେ ଆକ୍ରାନ୍ତ ହେଲୁଣି। କଳାବଜାରୀଙ୍କର ସମାନ୍ତରାଳ ଅର୍ଥନୀତି ଓ ଗୁଣ୍ଡାମାନଙ୍କର ସମାନ୍ତରାଳ ଶାସନ ଭଳି ଖୁଡ଼ୀଙ୍କର ମୁଖନିଃସୃତ ସାହିତ୍ୟରେ ଏକ ସମାନ୍ତରାଳ ଶବ୍ଦକୋଷଥାଏ। ସେଗୁଡ଼ିକ ଛାପିଲେ ଅଶ୍ଳୀଳତା ନିରୋଧ ଆଇନ୍‌ରେ ଗିରଫ୍ ହୋଇ କାରାଦଣ୍ଡ ଭୋଗିବାର ଆଶଙ୍କା ଥିବାରୁ ଏଯାଏ ସେସବୁ ଛାପିବା ପାଇଁ କୌଣସି ପ୍ରକାଶକ ଆଗ୍ରହ ପ୍ରକାଶ କରି ନାହାନ୍ତି। ପ୍ରତିଭାବତୀ ଖୁଡ଼ୀଙ୍କ ପାଇଁ ଅନାବଶ୍ୟକ ଭକ୍ତି କରିବାର ଆଗ୍ରହ ଆମର ନାହିଁ।

ସେ ବିଶିଷ୍ଟ ମେଳାପୀ ଥିଲେ। କାହା ସହିତ ବାକ୍ୟ ବିନିମୟ ନ କରି ନୀରବରେ ଦଶମିନିଟ୍ ବସି ରହିବା ତାଙ୍କ ପକ୍ଷରେ ଏକ ପ୍ରକାର ଅସମ୍ଭବ। ପର ଆପଣା ଭେଦଭାବ ତାଙ୍କର ନଥାଏ। ତେଣୁ, ସେ ମେଲାଦୁଆର ବାଟେ ଆମ୍ଭଘରକୁ ଆସି ଅନେକ ଦରବ ଆପଣାର କରିନିଅନ୍ତି, ଅବଶ୍ୟ ଆମ୍ଭମାନଙ୍କର ଅଗୋଚରରେ। ତାଙ୍କର ଏ ପ୍ରଚଣ୍ଡ ଆତ୍ମୀୟତାରେ ଅବଗାହନ କରି କେବେ କେବେ ଆମର ଦେହମନ ଜ୍ୱାଳାମୟ ହୋଇଉଠେ। ବୋଉ ପକ୍ଷରେ ଏହା ବିଶେଷ ଅସହ୍ୟ ହୁଏ। ବଡ଼ ଜାଆ ହିସାବରେ ସେ ବଡ଼ପାଟିରେ ଆଟକ କରି ଅନେକ କଥା ଅନର୍ଗଳ କହିଯାଏ, ଯାହା ବାହାରକୁ କଳି କଲାଭଳି ଶୁଣାଯାଏ। ବୋଉର ଅଲଂଘନୀୟ ନିର୍ଦ୍ଦେଶମାନି ଶେଷକୁ ଅଗଣାର ସରହଦ ଚିହ୍ନଟ ପାଇଁ, ଦେଶର ସୀମାନ୍ତରେ ଅନୁପ୍ରବେଶ ରୋକିବା ପାଇଁ ତାର ବାଡ଼ ଦେବାଭଳି ବାଉଁଶକଣିରେ ବାଡ଼ ବୁଜିଦେଲି। ଖୁଡ଼ୀର ପରିଷ୍କାର, ପରିଚ୍ଛନ୍ନତା ପ୍ରତି ପ୍ରବଳ ଆଗ୍ରହ। ହତାରେ କାଠି, କୁଟା ଖଣ୍ଡେ ପଡ଼ିବା ତା ଦେହରେ ଯାଏ ନାହିଁ। ଘର, ଦୁଆରର ସବୁତକ ଅଳିଆ ସାଉଁଟି ଆଣି ବାଡ଼ ଏପଟେ ଆମ ଦୁଆରକୁ ପକାଇ ଦିଏ। ଗାଡ଼ିଏ ଖତର ମୂଲ୍ୟ ସେତେବେଳେ ପାଞ୍ଚଟଙ୍କା ଥାଏ। ଆମର ଖତଗଦା ପ୍ରତି ଖୁଡ଼ୀର ଅବଦାନ ବୁଝିନପାରି ବୋଉ ବହେ



ପାଟିତୁଣ୍ଡ କରେ। କାହାଣୀ ଶୁଣିବା ମଝିରେ ହଁ ମାରିବା ପରି ଖୁଡ଼ୀ ମଝିରେ ମଝିରେ ବୋଉକୁ ଉସୁକାଉଥାଏ। ଫଳରେ ବୋଉର ମୁଖମଣ୍ଡଳ ସହିତ ଅନେକ ପରିମାଣରେ ଶାରୀରିକ ବ୍ୟାୟାମ ମଧ୍ୟ ସମାହିତ ହୋଇଯାଏ। ଖାଦ୍ୟ ଭଲ ହଜମ ହୋଇପାରେ। ଏଇ ମୌଖିକ ଯୁଦ୍ଧରେ ଖୁଡ଼ୀ ପରାଜିତ ହେଲେ ସୁଦ୍ଧା ଉଦ୍ଦମରୂପେ ଦନ୍ତପଂକ୍ତିକୁ ବିକଶିତ କରି ହସିଦିଏ, କିଞ୍ଚିତ ହେସ୍ତାରବ ଶୈଳୀରେ। ସତେ କି ବିଶାଳ ହୃଦୟ ତାର! ପର ମୁହୂର୍ତ୍ତରେ ବୋଉ ପାଖରେ ସାକୁଲେଇ ହୋଇ କହେ - ନାନୀ! ତୁମର ତ ଛୁଆପିଲାଙ୍କ ଜଞ୍ଜାଳ। ମୁଁ ଏକା ବୋକା ମଣିଷ। ମୋ ସାଙ୍ଗରେ ପଦେ କଥା କହିବାକୁ ବେଳ ନାହିଁ। ଏମିତି ହେଲେ କେଇପଦ କଥା ତ କହୁଛ। ମୁଁ ତୁମ ଦୁଆରକୁ ଝେପ ଉଡ଼ାଇ ପକାଉଛି ବୋଲି ତୁମେ ସବୁଦିନେ ଲିପାପୋଛା କରୁଛ। ସେଥିପାଇଁ ତୁମ ଦୁଆର କେତେ ସଫା ସୁତୁରା ଦେଖିଲ। ଭାତ ବୁଡ଼େଇ ଖାଇ ହେବ। ମୋ ଦୁଆରକୁ ତୁମେ ଝେପ ପକାଉନ ବୋଲି ଦୁଆରଟା ଅସନା ହୋଇ ପଡ଼ିଛି ଦେଖୁନା। କୌଣସି ଜିନିଷ ପରିଷ୍କୃତ ହେବା ପାଇଁ ତାକୁ ଆଗ ଅପରଷାର କରିବା ନିହାତି ଜରୁରୀ, ଏ ଅମୂଲ୍ୟ ସୂତ୍ର ଚାଣକ୍ୟଙ୍କଠାରୁ ଆଇନ୍‌ଷ୍ଟାଇନ୍‌ଙ୍କ ଯାଏ କିଏ ଜାଣିଥିଲେ?

ଖୁଡ଼ୀ ଆମର ଭୟଙ୍କର ଭାବରେ ଧର୍ମପରାୟଣା ଥିଲେ। ଠାକୁର, ଠାକୁରାଣୀଙ୍କର ପ୍ରସାଦକୁ ଅମୃତତୁଲ୍ୟ ମନେ କରନ୍ତି। ସେତକ ପାଇବା ପାଇଁ ସେ କୌଣସି ସ୍ତରକୁ ଯାଇ ପାରନ୍ତି। କାର୍ତ୍ତିକ ମାସରେ ଗାଆଁ ଠାକୁର ଘରେ ବାବୁଲା ବଣ୍ଟା ହେଲାବେଳେ ପିଲାଙ୍କ ମେଳରେ ଗିନା, ଥାଳିଆ ପୁଞ୍ଜାଏ ଧରି ଠିଆ ହୋଇଯାଆନ୍ତି। ଆମ ଖଞ୍ଜା ପାଖରୁ ମାତ୍ର ଦୁଇଟି ଘରଛାଡ଼ି ଠାକୁର ଘର। ରହିସହି ଗୋଟିକ ପରେ ଗୋଟିଏ ବାସନ ସହିତ ହାତ ବଢ଼େଇ ଦିଅନ୍ତି। ସବୁ ବାସନ ପୂରିଗଲେ ଯଥାଶୀଘ୍ର ଘରକୁ ଯାଇ ବାସନର ପଦାର୍ଥକୁ ବଡ଼ପାତ୍ରରେ ଅଜାଡ଼ିଦେଇ ଚଟାପଟ ଗିନା ଥାଳିଆ ସବୁ ପିଛୁଳାଇଦେଇ ବାବୁଲା ବଣ୍ଟା ସରିବା ପୂର୍ବରୁ ପୁଣି ପିଲାଙ୍କ ମେଳରେ ଠିଆ ହୋଇଯାନ୍ତି। ହଣ୍ଡାକ ଜାଉମା ଗୋଟା ଖେଚେଡ଼ି ସରିବା ପୂର୍ବରୁ ଖୁଡ଼ୀ ଅନ୍ତତଃ ପନ୍ଦର, ଷୋଳ ଜାଗାରେ ପ୍ରସାଦ ହସ୍ତଗତ କରିସାରିଥାନ୍ତି। ସେତିକି ମାତ୍ର ପ୍ରସାଦରେ ସେ ଦିନ ବିତାଇ ଦିଅନ୍ତି। ଚୂଲୀକୁ ଆଉ ନିଜ ହାଣ୍ଡିଶାଳ ସଂସ୍କୃତିରେ ମାରା କରନ୍ତି ନାହିଁ। ପ୍ରସାଦ ବାଣ୍ଟୁଥିବା ପୂଜକ ଆମର କଡ଼ କଢେଇ ଓ ସଂପର୍କରେ ଖୁଡ଼ୀଙ୍କର ଦେଢ଼ଶୁର। ମାଡ୍ରାସୀ ହଳଦିଆ ଦୋକାନରେ କହୁ ଭଳକୁ କପି ପେଷିଲା ପରି ଖୁଡ଼ୀଙ୍କର ପ୍ରସାରିତ ବାସନରେ କିଚିକିଚିଆ ମୁହଁ କରି ଦୂରରୁ ଉଧିକିନା ବାବୁଲାଗୁଣ୍ଡା ପକାଇ ଦିଅନ୍ତି ସିନା, ପାରିବାରିକ ସମ୍ବିଧାନର ନିର୍ଦ୍ଧାରିତ ସୀମାଯୋଗୁଁ ତୁଣ୍ଡ ଖୋଲି କିଛି କହିପାରନ୍ତି ନାହିଁ।

ଖୁଡ଼ୀ ଯଦି ଗାଧୋଇସାରି ଗାଆଁ ଠାକୁରାଣୀଙ୍କ ପାଖକୁ ମୁଣ୍ଡିଆ ମାରିବାକୁ ଯାଆନ୍ତି ଠାକୁରାଣୀଙ୍କ ପାଦତଳୁ ଛଡ଼ାଫୁଲ-ସାଉଁଟି ଆଣିବା ବେଳେ ଆସ୍ଥାନ ତଳେ ଅଯତ୍ନରେ ଲୋଟୁଥିବା ଖୁଚୁରା ପଇସା ମଧ୍ୟ ଗୋଟେଇ ଆଣନ୍ତି। ସେତକ ମାଆଙ୍କର କରୁଣା ମନେକରି

ସ୍ୱତଃ ଗ୍ରହଣ କରି ନିଅନ୍ତି । ସେଭଳି ଦିବ୍ୟଚେତନା ନଥିଲେ କେହି ସବୁଠାରେ ଈଶ୍ୱରଙ୍କୁ ଆବିଷ୍କାର କରିପାରେନା ବା ସବୁ ବସ୍ତୁକୁ ଈଶ୍ୱରଙ୍କର ପ୍ରସାଦ ଭାବରେ ଗ୍ରହଣ କରି ପାରେନା ।

ଆଣ୍ଠୁକୁଡ଼ୀ, କଳିହୁଡୀ, ଚୋରଣୀ ଆଦି ସବୁ ବିଶେଷଣକୁ ତାଚ୍ଛଲ୍ୟ କରି ଖୁଡ଼ୀ ଏ ଧାମରୁ ବଦଳି ହୋଇ ଆରଧାମକୁ ଅନ୍ୟମାନଙ୍କ କାନ୍ଧରେ ଭରାଦେଇ ଯାତ୍ରାକଲାବେଳକୁ ତଥାପି ମଥାରେ ସିନ୍ଦୂର ଓ ହାତରେ କାଚ ଥିଲା । ତାଙ୍କର ସଂକ୍ଷିପ୍ତ ଶୋଭାଯାତ୍ରାରେ ଗୋଟିକିଆ ବାଜାଟାଏ ବୌଦ୍ଧପୀଠର ହାତୁଡ଼ି ପିଟା ଗୋଟିକିଆ ଘଣ୍ଟାଭଳି ଶବ୍ଦକରି ତାଙ୍କ ଆଗେ ଆଗେ ଚାଲିଥିଲା । ସେଇଟା ଥିଲା ଅହ୍ୟଡେଙ୍କୁରା । କାରଣ, କକେଇ ଖୁଡ଼ୀଙ୍କର ଦୌରାତ୍ମ୍ୟ ସତ୍ତ୍ୱେ ସୌଭାଗ୍ୟକ୍ରମେ ସେ ପର୍ଯ୍ୟନ୍ତ ନିଜର କାୟାକୁ ସାଇତି ମର୍ତ୍ତ୍ୟଧାମରେ ରହିପାରିଥିଲେ । କକେଇ ଖୁଡ଼ୀଙ୍କର ଦାମ୍ପତ୍ୟ ପ୍ରେମାଳାପରେ ଦୈନିକ ତିନିଘଣ୍ଟା ସାଇର ଅର୍ଦ୍ଧେକ କମିମାନ ହେଉଥିଲା । ପତ୍ନୀ ପ୍ରେମରେ ନାକବୁଡ଼ାହୋଇ ପ୍ରତ୍ୟହ ସୁଭଳି ଓଜନର ଅଫିମ ଟୋକାର ଆଶ୍ରା ନେଉଥିଲେ କକେଇ । ତାଙ୍କର ଦାମ୍ପତ୍ୟଦ୍ୱନ୍ଦ୍ୱ ଚରମ ସୀମାରେ ପହଞ୍ଚିବା ଅବସ୍ଥାରେ ଅନେକ ଥର ଶୀଘ୍ର ବୈଧବ୍ୟ ପ୍ରାପ୍ତି ପାଇଁ କକେଇ ଖୁଡ଼ୀକୁ ଆଶ୍ୱାସନା ଦିଅନ୍ତି । ଏଥିରେ ଉତ୍‌ଫୁଲ୍ଲିତ ହୋଇ କକେଇଙ୍କର ବରଦାନର ମହତ ରଖିବା ପାଇଁ କାନ୍ଥରେ ଦୁଲ୍‌ଦୁଲ୍ କରି ଠାକୁରଙ୍କ ଉଦ୍ଦେଶ୍ୟରେ ଜୋର୍‌ଦାର୍ ମୁଣ୍ଡିଆ ମାରି ଖୁଡ଼ୀ ମାଗୁଣି କରନ୍ତି - ପ୍ରଭୁ ! ତାଙ୍କ ତୁଣ୍ଡ ସୁତୁଣ୍ଡ ହେଉ ।

କିନ୍ତୁ, କକେଇଙ୍କର ବରଦାନ ଓ ଖୁଡ଼ୀଙ୍କର ମାଗୁଣି ଫର୍ଦ୍ଦକୁ ପ୍ରଭୁ ବୋଧହୁଏ ଓଲଟାଇ ପଢ଼ିଦେଲେ । ଶେଷକୁ କକେଇ କାନ୍ଦେଇଲେ କୋକେଇ ଓ ଖୁଡ଼ୀ ଗଲେ ବୁହାହୋଇ । ନିନ୍ଦୁକମାନେ କହିଲେ ବିଚରା ତରିଗଲା । ଅହ୍ୟଡେଙ୍କୁରା ବଜାଇ ଚାଲିଗଲା । ମୋ ବୋଉ ଖୁସିହେବ କି ଦୁଃଖ କରିବ, ଏୟା ନିଷ୍ପତ୍ତି କରୁକରୁ ବେଶ୍ କିଛି ମାସ ଚାଲିଗଲା । ପରେ ଭାବାନ୍ତର ତାକୁ ସ୍ୱର୍ଣ୍ଣକଲାଭଳି ମାନସିକତା ଆଉ ସଂଚୟ କରିପାରିନଥିଲା । ଶେଷକୁ ପ୍ରଜ୍ଞାପୁରୁଷ ମହାସନ୍ଥଙ୍କ ପରି ଥରଟିଏ ବକ୍ତବ୍ୟ ଦେଇଥିଲା - ସଂସାରକୁ ଯିଏ ଆସିବ, ଦିନେ ନା ଦିନେ ତାକୁ ଯିବାକୁ ହେବ । ନିନ୍ଦୁକମାନଙ୍କର ପ୍ରଶଂସାରେ ଉତ୍ସାହିତ ହୋଇ କକେଇ ଦଶଜଣ ବ୍ରାହ୍ମଣଙ୍କୁ ଭୋଜନ କରାଇ ଶୁଦ୍ଧିକ୍ରିୟା ମାର୍ଫତରେ ଖୁଡ଼ୀଙ୍କର ଯାତ୍ରାପଥ ସୁଗମ କରିବାକୁ ଚେଷ୍ଟା କଲେ । ଲୋକଙ୍କର ମଧ ଧାରଣା ଥିଲା, ମଶାଣୀକୁ ଗଲାବେଳେ ଖୁଡ଼ୀଙ୍କ ମୁଣ୍ଡରେ ଥିବା ସିନ୍ଦୂର ଟୋପାକ ସ୍ୱର୍ଗର ଗେଟ୍‌ପାସ୍ ପରି କାମ ଦେବ ।

ଦୁଃଖର କଥା, ସ୍ୱର୍ଗରେ ଏ ଯାଏ କମ୍ପ୍ୟୁଟର ପ୍ରଚଳନ ହୋଇନାହିଁ । ସେହି ବ୍ରିଟିଶ୍ ଅମଳର ମୋଟା ବନ୍ଧେଇ ଖାତାର ପୃଷ୍ଠା ଓଲଟାଇବା ଆଜିଯାଏ ଚାଲିଛି । ପୁରୁଣା ବନ୍ଧରେ ଦୁଇ ଗାଣ୍ଡୁଆ ମାଟି ଛିଞ୍ଚିଦେଇ ଠିକାଦାର ବନ୍ଧ ମରାମତି ବିଲ୍ ନେଲାଭଳି ସେଇ ମୋଟା ଖାତାରେ ତାଳି ପକାଇ ଫର୍ଦ୍ଦେ ଫର୍ଦ୍ଦେ ମଲାଟ କାଗଜ ମଡ଼ାଇ ଦେଇ ବାମ ଡାହାଣ ଦସ୍ତଖତ କରି ଚିତ୍ରଗୁପ୍ତ ବିଲ୍ ନେଇ ଚାଲିଛନ୍ତି ।



ସେ ଖାତାର ମୂଳ ନାମାକ୍ଷର ସୂଚୀ ନଥିବାରୁ ଅନେକ ଓଲଟ ପାଲଟ ପରେ ଖୁଡ଼ୀଙ୍କର ଚିରାଫଟା ପୃଷ୍ଠା ମିଳିଲା । ଦିନଲିପି ଲେଖାଭଳି ଅହର୍ନିଶି ଖୁଡ଼ୀଙ୍କର କାର୍ଯ୍ୟକଳାପକୁ ଲକ୍ଷ୍ୟକରି କିଏ କେତେବେଳେ କଣ ଖାତାରେ ଚଢ଼ାଉଥିଲା, ତାହା ସେଇମାନଙ୍କୁ ଜଣା । ଏଠି ଜଣେ ମନ୍ତ୍ରୀ ଦାଣ୍ଡରେ ଚାଲିଗଲେ ତାଙ୍କ ପଛରେ ଗୋଟେ ପୁଲିସ୍ ନିଦ୍ଦିମା । ସେତେବେଳେ ଜନତାଙ୍କର ହାରିଗୁହାରୀ ଶୁଣିବାକୁ ଓ ଚୋରି, ଜନାକାରୀ ରୋକିବାକୁ କେହି ନଥାନ୍ତି । ସେଠାରେ ପ୍ରତ୍ୟେକ ଲୋକକୁ ହେତୁ ପାଇବାଠାରୁ ମଲାଯାଏ ଏକ ଆଖିରେ ଲକ୍ଷ୍ୟକରିବାକୁ କେତେଲୋକ ଅଛନ୍ତି । ମନକୁ ମନ ଯେଉଁ ପୃଷ୍ଠାରେ ଯାହାର କାର୍ଯ୍ୟକଳାପ ଲେଖିହୋଇଯିବା ମଧ ଅସମ୍ଭବ । ଜଣେ ଚିତ୍ରଗୁପ୍ତ ଛଅ କୋଟି ଲୋକଙ୍କ ଉପରେ ଚବିଶି ଘଣ୍ଟା ଆଖିରଖି ଲକ୍ଷ ଲକ୍ଷ ପୃଷ୍ଠା ଖେଳାଇ, ଛୋଟ ବଡ଼ ପାପ, ପୁଣ୍ୟର ତର୍ଜମା କରି, ଜମା ଖାତାରେ ଚଢ଼ାଇ ପାରୁନଥିବେ, ସିଏ ଯେତେବଡ଼ କ୍ଷୀପ୍ରଲେଖକ ବା କର୍ମତତ୍ପର ହୋଇଥାଆନ୍ତୁ ନା କାହିଁକି ତାଙ୍କର ତ ପୁଣି ପିଲାଛୁଆ ସଂସାର ଓ ନିଜର ନିତ୍ୟକର୍ମ ଥିବ । ପୃଥିବୀର ସର୍ବବୃହତ୍ ସୁନ୍ଦର କମ୍ପ୍ୟୁଟର ପକ୍ଷରେ ମଧ ଏ କାମ ସମ୍ଭବ ନୁହେଁ । ତା ଉପରେ ପୁଣି ଆୟୁଷର ହିସାବ କିତାବ ରଖି ଠିକଣା ସମୟରେ ସମନ ପଠାଇବାର ଅଛି, ନତୁବା ଶମନ ଡାକିରି ନେଇଯିବେ ।

ଯାହାହେଉ, ଜମା-ଖର୍ଚ୍ଚ(ପାପ-ପୁଣ୍ୟ)ର ଅନେକ ମିଶାଣ ଫେଡାଣ ପରେ ଚିତ୍ରଗୁପ୍ତ ବିଚାରପତିଙ୍କୁ ଧନାତ୍ମକ ବା ଋଣାତ୍ମକ ଚୂଡ଼ାନ୍ତ ଫଳ ଶୁଣାଇବା ପାଇଁ ଦାନ୍ତରେ ପରକଲମ କାମୁଡ଼ିବା ଓ ପରକୁ ସେଇ କାନ ସଲ ସଲ କରିବା ଅବସରରେ ଦଳେ ଧୋବଧାଉଳିଆ ଲୋକ (ବୋଧହୁଏ ଦେବଦୂତ) ଅଦାଲତ ପରିସର ବାହାରେ ଗାଡ଼ିରୁ ଓହ୍ଲାଇଲେ । ସେମାନେ ସିଧା ଭିତରକୁ ପଶିଯାଇ ପେସ୍କାରଙ୍କୁ ନିଜର ପରିଚୟ ପତ୍ର ଦେଖାଇଲେ । ପେସ୍କାର ନିଜେ ତାହା ଦେଖିସାରି ଭୟଙ୍କର ଦର୍ଶନ ବିଚାରପତିଙ୍କ ହାତକୁ ତାହା ବଢ଼ାଇଦେଲେ । ବିଚାର ପତି ପ୍ରଶ୍ନସୂଚକ ଆଖିରେ ଆଗନ୍ତୁକ ମାନଙ୍କୁ ଲକ୍ଷ୍ୟକଲେ ।

ଆଗନ୍ତୁକମାନେ ବୁଝାଇଦେଲେ ଯେ, ଖୁଡ଼ୀଙ୍କର ଜମାଖର୍ଚ୍ଚର ଯେଉଁ ହିସାବ ପ୍ରସ୍ତୁତ କରାଯାଇଛି ତାହା ସରକାରୀ ପରିସଂଖ୍ୟାନ ପରି ଘୋର ତ୍ରୁଟିପୂର୍ଣ୍ଣ । ଉଦାହରଣ ଦେଇ ସେମାନେ କହିଲେ ଯେ, ଖୁଡ଼ୀ ନିଃସନ୍ତାନ ଥିବାରୁ ତାଙ୍କ ନାମରେ "ପୁତ୍ର" ଧାରାର ଗୁରୁତର ଦଫା ଲାଗିଛି । ଅଥଚ, ସେଥିରେ ଖୁଡ଼ୀଙ୍କର ଆଦୌ ଦୋଷ ନାହିଁ ବା ଖୁଡ଼ୀ ସନ୍ତାନ ପ୍ରାପ୍ତି ପାଇଁ ସ୍ୱକୀୟ ପ୍ରଚେଷ୍ଟାରେ ମୋଟେ ହେଳା କରିନାହାନ୍ତି । ତାଙ୍କର ଶାରୀରିକ ଖଇଟା ଦୋଷ ତାଙ୍କଦ୍ୱାରା ସୃଷ୍ଟ ନୁହେଁ । ତାଙ୍କ ଡିମ୍ବାଣୁବାହୀ ନଳୀ (ଫୋଲୋପିଆନ୍ ଟ୍ୟୁବ୍) ଅବରୁଦ୍ଧ ହେବା ପାଇଁ ସେ ଗୋଡ଼ି ଗିଳିନଥିଲେ । ସେମାନେ ଗୋଟିଏ ଛୋଟ ଅପକର୍ମ(ତଥାକଥିତ)ର ନଜିର୍ ଦେଇ କହିଲେ ଯେ, ଅନ୍ୟ କାହା ଜାଗାରେ ଅଳିଆ ପକାଇବା ବାବଦରେ ଖୁଡ଼ୀଙ୍କ ନାମରେ ଗୋଟିଏ ଦଫା ଲାଗିଛି । ସମାଜର ବହୁ ହାକିମହୁକୁମା, ପାଠୁଆ, ବୁଦ୍ଧିଜୀବିମାନେ

ସର୍ବସାଧାରଣ ଚଲାବାଟରେ ଆଣି ଅଳିଆ ଗଦା କରୁଥିବା ବେଳେ, ଅଶିକ୍ଷିତା ମହିଳା(ଖୁଡ଼ୀ)ଙ୍କର ଦୋଷ କଣ ? ଠାକୁରାଣୀଙ୍କ ଗାଡ଼ିକୁ ପଇସା ନେବା କଥା ଉଠିଲା । ଦେବଦୂତମାନେ ମତଦେଲେ , ଦେବତା ଓ ଦେବୀମାନେ ମନୁଷ୍ୟଙ୍କର ପିତା, ମାତା ତୁଲ୍ୟ । କୌଣସି ସନ୍ତାନ ନିଜର ଆବଶ୍ୟକତା ପୂରଣ ପାଇଁ ମାତାଠାରୁ ଆର୍ଥିକ ସହାୟତା ନେଲେ ପାପ ହେଲା କିପରି ? ଯାହାର ଦରକାର ଥିଲା, ସେ ନେଇଗଲା । ଯାହାର ନିଅଣ୍ଟ ହେଲା, ସିଏ ନେଇଗଲା । ଇଏତ ଅର୍ଥନୀତିର ସମବଣ୍ଟନ ସୂତ୍ର, ଅପରାଧ ହେଲା କିପରି ?

ଉଭୟ ପକ୍ଷ ମଧ୍ୟରେ ପ୍ରବଳ ବାକ୍ ବିତଣ୍ଡା ହେଲା । ଦେବଦୂତ ମାନେ ସ୍ୱର୍ଗ ଓ ନର୍କ ମଧ୍ୟରେ ପୂର୍ବରୁ ହୋଇଥିବା ପ୍ରତ୍ୟର୍ପଣ ଚୁକ୍ତି ବିଷୟରେ ଉଲ୍ଲେଖ କଲେ । କଥା କଟାକଟିରୁ ହାତ କଟାକଟିଯାଏ କଥା ଗଲା । ଶେଷରେ ବିଚାରପତି ପୂର୍ଣ୍ଣାଙ୍ଗ ବେଞ୍ଚରେ ମାମଲାକୁ ଶୁଣାଣି ପାଇଁ ପଠାଇ ଦେଇ ତରବରି ଛାଡ଼ି ଚାଲିଗଲେ । ସେଠାରେ ବିଚାର ବିଭାଗୀୟ ହାଜତ ବା ଜୁଡ଼ିସିଆଲ୍ କଷ୍ଟୋଡି ବୋଲି କିଛି ନାହିଁ । ଯିବତ ଯିବ ନର୍କକୁ ବା ସ୍ୱର୍ଗକୁ । ଦେବଦୂତଗଣ କୋର୍ଦ୍ଦଣ୍ଡ କରୁଥିଲେ । ଯେହେତୁ ତାଙ୍କର ପତି ମ୍ୟେଞ୍ଚାର(ମେଞ୍ଚଡ଼ିଆ ନାମ ଶବର ଦୁର୍ନିବାର ଅପମିଶ୍ରିତ) ଉତ୍ତମ ଦକ୍ଷିଣା ଦେଇ ବ୍ରାହ୍ମଣ ଭୋଜନ କରାଇଛନ୍ତି, ଖୁଡ଼ୀଙ୍କର ପାପ ସବୁ ଶସ୍ତା ରେଡ଼ିମେଡ୍ ପୋଷାକର ରଙ୍ଗ ଭଳି ପୂରା ଧୋଇ ଯାଇଛି । ଯଦି ଖୁଡ଼ୀଙ୍କୁ ନର୍କକୁ ପଠାଯାଏ, କଳେଇକର ଶୁଦ୍ଧ ଶ୍ରାଦ୍ଧ ବାବଦ ଅପବ୍ୟୟର ଭରଣା କରିବ କିଏ ? ଲୋକମାନେ କଷ୍ଟାର୍ଜିତ ଧନ ଖର୍ଚ୍ଚ କରି ଶୁଦ୍ଧିକ୍ରିୟା କରିବେ କାହିଁକି ? ସେହି କର୍ମକାଣ୍ଡରୁ ଦେବତାମାନେ ସେମାନଙ୍କ ଅଂଶ କିଛି ପାଇଯାଉଥିଲେ । ସେଥିରୁ ସେମାନେ ବଞ୍ଚିତ ହେବେ କାହିଁକି ?

ଆପାତତଃ ସ୍ୱର୍ଗର କୌଣସି ଜାବଦଜାଳା ବା ବିଶ୍ରାମ ଗୃହକୁ ଖୁଡ଼ୀଙ୍କୁ ପଠାଇବା ପାଇଁ ସେମାନେ ଅନୁରୋଧ କଲେ । କାରଣ, ନର୍କରେ ଯଦିଓ ସେଭଳି ବ୍ୟବସ୍ଥା ଅଛି, ନର୍କୀୟ ପରମ୍ପରା ଅନୁଯାୟୀ ସେଗୁଡ଼ିକ ବଡ଼ମେଡ଼ିକାଲ୍ ପରି ଅତ୍ୟନ୍ତ ଅପରିଷ୍କାର ଓ ଅପରିଚ୍ଛନ୍ନ ।

ଦୁଇରାଜ୍ୟର ସୀମାର ମଧ୍ୟାଞ୍ଚଳ ଭଳି ସ୍ୱର୍ଗ ଓ ନର୍କ ମଧ୍ୟରେ ପଚାଶ ଗଜ ପରିମିତ ଅନଧିକୃତ ଅଞ୍ଚଳ ରହିଛି । ସେଇ ଅଞ୍ଚଳର ମଧ୍ୟବର୍ତ୍ତୀ ସ୍ଥାନରେ ଦୁଇ ପଟର ସୀମାରକ୍ଷୀ ମୁଖ୍ୟଙ୍କର ପତାକା ଭେଟ ପାଇଁ ଗୋଟିଏ ଦୁଇବଖୁରିଆ ପକ୍କାଘର ଦୁଇପକ୍ଷଙ୍କ ଅର୍ଥରେ ନିର୍ମିତ ହୋଇଛି । ସାଲିସ୍ ସୂତ୍ର ଅନୁଯାୟୀ ଖୁଡ଼ୀଙ୍କର ବିଚାର ସରିବା ପର୍ଯ୍ୟନ୍ତ ତାଙ୍କୁ ସେହିଠାରେ ରଖାଇବା ନିଷ୍ପତ୍ତି କରାଗଲା । ତାଙ୍କର ଚଳିବାର ବ୍ୟୟ ଉଭୟ ପକ୍ଷ ବାଣ୍ଟିକରି ବହନ କଲେ ।

ଖୁଡ଼ୀ ପାଟିବୁଜି ଏକା ଚଳିବାରେ ଆଦୌ ଅଭ୍ୟସ୍ତ ନୁହନ୍ତି । ଏଣେ ପୁଣି ଦିନେ ଏ ପାଖବାଲା ଖାଦ୍ୟ ଯୋଗାଇଲେ ପରଦିନ ଆରପାଖ ବାଲାଙ୍କ ଖାଦ୍ୟ ଭାଗରୁ ଖୁଡ଼ୀଙ୍କର



ପେଟ ପୂରେ । ତା ଉପରୁ କାମଧନ୍ଦା କିଛି ନାହିଁ । ଘର, ଅଗଣା ଅଳିଆ ଓଳାଇ କେତେବେଳେ ସ୍ୱର୍ଗର ବାଡ଼ ସେପଟେ ତ କେତେବେଳେ ନର୍କର ବାଡ଼ ଆରପଟେ ପକାନ୍ତି । ଏଥିପାଇଁ କଣ୍ଟାତାରବାଡ଼ ଆରପଟେ ପହରା ଦେଉଥିବା ପ୍ରହରୀମାନଙ୍କ ସହିତ ସବୁବେଳେ କଳି ତକରାଳ । ରକ୍ଷା ହୋଇଛି, ଖୁଡ଼ୀଙ୍କର ସ୍ୱତନ୍ତ୍ର ଶବ୍ଦକୋଷର ଅନେକ ଶବ୍ଦ ସେମାନେ ବୁଝି ପାରନ୍ତି ନାହିଁ । ସେଭଳି ବିରଳ ଭାଷାର ପ୍ରଚଳନ ନର୍କରେ ମଧ୍ୟ ନାହିଁ ।

ସରକାରୀ ଜମିକୁ ଜବର ଦଖଲ କଲାଭଳି ଅଭ୍ୟାସ ଆମ ଖୁଡ଼ୀଙ୍କର ମଧ୍ୟ ଅଛି । ଏବେ ସେ ଉଭୟ ସୀମାର ତାରବାଡ଼ ଲଗାଇ ନିଜର କଣ୍ଟାବାଡ଼ ଠିଆ କରି ସାରିଲେଣି । ଗାଆଁ ଠାକୁରଙ୍କ ବାବୁଲା ଭଳି ଖାଦ୍ୟ ମାଗଣାରେ ମିଳିଯାଉଛି । ବିଚାରାଧୀନ ବନ୍ଦିଙ୍କର ସୁଯୋଗ ଓ ମାନବାଧିକାର କବଚ ନେଇ କଳିକରିବାକୁ ସୈନ୍ୟମାନେ ମିଳିଯାଉଛନ୍ତି । ସେ ଏକ ପ୍ରକାର ଆନନ୍ଦରେ ଅଛନ୍ତି ।

ଦେଖାଯାଉ, ତାଙ୍କର ବିଚାର କେବେ ସରୁଛି ।

# ତାଲିମକେନ୍ଦ୍ର

ପ୍ରତିଭା ତୁମ ପାଖରେ ଥାଇପାରେ । ବେଲୁନ୍ ଭିତରର ପବନ ଛିଦ୍ର ପାଇଲେ ପଦାକୁ ବାହାରି ଆସିବାପରି ତୁମର ପ୍ରତିଭା ବେଳେଅବେଳରେ ପଦାକୁ ବାହାରି ଆସିପାରେ । କିନ୍ତୁ, ବାସନ ଥିଲେ କି ହେବ ଅମଜା ହୋଇରହିଲେ ? ହୀରାଖଣ୍ଡେ କଟା ହୋଇ ପାଲିସ୍ ନ ହେବାଯାଏ କାଚମୁଣ୍ଡା ସଙ୍ଗେ ସମାନ । ଯାହା ହାତକୁ ଧନୁଶର ବଢ଼ାଇ ଦେବ ସିଏ ଗୁଣକୁ ଟାଣି ଶରକୁ ଛାଡ଼ି ଦେଇ ପାରିବ । ଶରଟା ଗୋଡ଼ ପାଖରେ ଗଳି ପଡ଼ିବ ବା ଆଉ କେଇହାତ ଆଗରେ ଯାଇ ପଡିବ । କିନ୍ତୁ, ଅପେକ୍ଷିତ ଦୂରତ୍ୱ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ଆଦୌ ବାଜିବ ନାହିଁ । ସେଥିପାଇଁ ତାଲିମ୍ ଦରକାର । ବିନା ତାଲିମ୍‌ରେ କାମ ବାଆଁତାଳିଆ ବାଜା ବଜାଇବା ଭଳି - ବାଜାଥିବ, ବଜାଇବା ଲୋକବି ଥିବ । ଅଥଚ ଶ୍ରୁତିମଧୁର ହେବା ପରିବର୍ତ୍ତେ ଶ୍ରୋତା ବିରକ୍ତ ହୋଇ ବଜାଳିକୁ କାଠ ଫାଳିଆ ଧରି ମାରିବାକୁ ଗୋଡ଼ାଇବ ।

ଆଜିକାଲି ସଭ୍ୟତାର ବିକାଶକୁ ଚାହିଁ ସବୁ ପ୍ରକାର ତାଲିମ୍ କେନ୍ଦ୍ର ଖୋଲି ଗଲାଣି । ଚଟାପଟ୍ କାମ । ସଂକ୍ଷିପ୍ତ ସଘନ ପାଠ୍ୟକ୍ରମ ବା କ୍ରାସ୍‌କୋର୍ସର ଆଶ୍ରୟ ନେଇ ଜଣେ ଦୁଇ ତିନିମାସରେ ଦୁଇତିନିବର୍ଷର ତାଲିମ୍ ପ୍ରାପ୍ତ କରି ଯୋଗ୍ୟତା ସୂଚକ ପ୍ରମାଣ ପତ୍ର ହାସଲ କରି ପାରୁଛି ।

ଦିନେ ଆମ୍ଭେ ସସ୍ତ୍ରୀକ ଜଣେ ପରିଚିତଙ୍କ ବାସଭବନକୁ ବୁଲି ବାହାରିଲୁ । ଖରାବେଳଟାରେ ତାଙ୍କ ପୋର୍ଟିକୋ ଅତିକ୍ରମ କରି ବାରଣ୍ଡାରେ ଡାକରାଘଣ୍ଟି ବୋତାମ ଟିପିବାକୁ ହାତ ବଢ଼ାଇବା ବେଳକୁ ଅକସ୍ମାତ୍ ପିଲାଳିଆ ମଧୁର କଣ୍ଠ ଶୁଣାଗଲା - "ନମସ୍କାର! ଆସନ୍ତୁ ।"

ଆମ୍ଭେ ଦୁହେଁ ଅତର୍କିତ ସମ୍ଭାଷଣରେ ଚମକି ପଡ଼ି ଚାରିପାଖକୁ କନ କନ ହୋଇ ଚାହିଁଲୁ । ଆମର ଚାରିପାଖେ କଣ, ତାଙ୍କ ଘର ସାମ୍ନା ରାସ୍ତାଉପରେ ସୁଦ୍ଧା କେହି ଦେଖାଯାଉନଥିଲେ । ସହରର ଶେଷମୁଣ୍ଡରେ ମୁଣ୍ଡଫଟା ଖରାବେଳେ କିଏ ଦେଖାଦିଅନ୍ତା । ଆମେ ଦୁଇଟା ସିନା ସୌଜନ୍ୟମୂଳକ ସାକ୍ଷାତ ବାହାନାରେ ବନ୍ଧୁଙ୍କର ଶୀତତାପ ନିୟନ୍ତ୍ରିତ



ପ୍ରାସାଦରେ ଖରାବେଳେ ଲୁଚିଯାଇଥିଲୁ ସାମୟିକ ବିଳାସ ଲୋଭରେ । ଆଉଥରେ ଘଣ୍ଟିପାଖକୁ ହାତବଢ଼ାଇବା ବେଳକୁ ସେଇ ସ୍ୱର ଶୁଣାଗଲା - "ନମସ୍କାର ! ଆସନ୍ତୁ ।" ଏଥର ମଧ୍ୟ ବକ୍ତାକୁ ଆବିଷ୍କାର କରିବାର ଆମ୍ଭ ଦୁହିଁଙ୍କର ଚେଷ୍ଟା ନିଷ୍ଫଳ ହେଲା । ଏକ ପ୍ରକାର ଭୋଜବାଜି ବିଦ୍ୟା ପରି ଲାଗୁଥିଲା ପରିବେଶ ।

ତଥାପି ଘଣ୍ଟି ବାଜିସାରିଥିଲା । ଭଦ୍ରଲୋକ ଦରଜା ସେପଟୁ ବନ୍ଧୁ ସପ୍ରେମ ଅଭ୍ୟର୍ଥନା ଜଣାଇଲେ ଯଦିଓ ଢ଼ୁଳାନିଦୁଆ ଆଖିର ପରଦା ପଛପଟୁ ଆରାମରେ ବ୍ୟାଘାତ ଜନିତ ବିରକ୍ତି ବାରି ହୋଇ ପଡୁଥିଲା । ତାଙ୍କ ସହିତ କରମର୍ଦ୍ଦନ କରୁ କରୁ କୌତୂହଳ ବଶତଃ ପଚାରିଦେଲି, "ଏଠି ଅଭ୍ୟାଗତଙ୍କୁ ଆଗମନୀ ସମ୍ଭାଷଣ ଜଣାଇବାକୁ କାହାକୁ ନିଯୁକ୍ତ କରିଛନ୍ତି ?"

ସେ ମୁରୁକି ହସା ଦେଇ ଷାଠିଏ ଡିଗ୍ରୀ କୋଣ କରି ତର୍ଜନୀ ଟେକି ଧରିଲେ ବାରଣ୍ଡାର ଛାତ ଓ ଖୁଣ୍ଟରେ ମିଳନ ସ୍ଥଳୀକୁ । ବାରଣ୍ଡାର ଦୁଇପଟ ଖୁଣ୍ଟରେ ବହଳ ଭାବରେ ମାଡ଼ିଛି ମୁଦ୍ରାଲତା । ଉପରକୁ ଲତାଗୁଛ ଅଧିକ ଘଞ୍ଚ । ସେ ଘଞ୍ଚଲତା । ଉହାଡ଼ରେ ଲୁକ୍କାୟିତ ଅବସ୍ଥାରେ ଝୁଲୁଛି ପଞ୍ଜୁରୀଟିଏ ଓ ତା ଭିତରେ ଲତାପତ୍ର ଗହଳରୁ ଆମକୁ କ୍ଷୁଦ୍ରବୃତ୍ତାକାର ଲୋହିତ ନୟନରେ ଗ୍ରୀବା ଲମ୍ବାଇ ଚାହିଁ ରହିଛି ଶୁକ ପକ୍ଷୀ । ସପ୍ରଶଂସ ଦୃଷ୍ଟିରେ ଥରେ ତାକୁ ଚାହିଁ ଦେଇ ମୁଁ ଏରୁଣ୍ଡି ଟପିଯିବା ପରେ ମଧ୍ୟ ଶ୍ରୀମତୀ ସେଇମିତି ମୁଗ୍ଧନୟନରେ ଚାହିଁ ଠିଆ ହୋଇଥିଲେ ନାରଙ୍ଗୀ ମଥା ଶୋଭିତ ସବୁଜବର୍ଣ୍ଣର ଶୁକପକ୍ଷୀକୁ ।

ସେ କାହାକୁ ମୁଗ୍ଧଭାବରେ ଲକ୍ଷ୍ୟ କରିବା ମୋ ପାଇଁ ଭାବୀ ବିପଦର ସୂଚନା, ଏକଥା ମୁଁ ମୋର ପ୍ରାକ୍ତନ ଅଭିଜ୍ଞତାମାନଙ୍କରୁ ଜାଣେ, ଥରେ ଦଶହରା ଦେଖିବାକୁ ଗଲାବେଳେ ଫେରିବା ବାଟରେ ଛୁଆଙ୍କ ପାଇଁ ବାରମଜା କିଣିବାକୁ ମୁଁ ଗୋଟିଏ ମିଷ୍ଟର ଦୋକାନର ଅଦୂରରେ ମୋ ଦ୍ୱିଚକ୍ରଯାନକୁ ଠିଆକଲି । ଶ୍ରୀମତୀଙ୍କୁ ଗାଡ଼ି ପାଖରେ ଠିଆ କରାଇ ଦୋକାନ ପାହାଚ ଉଠିଲି । ଉଭୟଙ୍କର ନିରାପତ୍ତା ପାଇଁ ପଛକୁ ବୁଲି ଚାହିଁଲା ବେଳକୁ ଆଖିରେ ପଡ଼ିଲା ମୋର ଅର୍ଦ୍ଧାଙ୍ଗିନୀ ପାଖ ପାନ ଦୋକାନ ସାମ୍ନାରେ ଠିଆ ହୋଇ ସିଗାରେଟ୍ ଟାଣୁଥିବା ଜଣେ ଯୁବକକୁ ମୁଗ୍ଧ ହୋଇ ଏକ ଦୃଷ୍ଟିରେ ଚାହିଁଛନ୍ତି । ବାରମଜା ଦୋକାନ ଭିଡ଼ ଥିଲା । ଭିତରୁ ବାରମଜା କିଣି ଗାଡ଼ି ପାଖକୁ ଫେରିବାକୁ ପନ୍ଦର କୋଡ଼ିଏ ମିନିଟ୍ ସମୟ ଲାଗିଲା । ମେଢ଼ ଭସାଣି ବାସିଦିନ ଦେଖିଲି ନିର୍ଦ୍ଦିଷ୍ଟ ଯୁବକ ଆମ ଶୋଇବା ଘରେ ପତ୍ନୀଙ୍କର ପ୍ରେମମୟ ଆତିଥ୍ୟ ଗ୍ରହଣ କରୁଛନ୍ତି । ପରିଚୟ ଆଦାନପ୍ରଦାନ ଅବସରରେ ଅବଗତ ହେଲି, ମୋର ବାରମଜା କିଣିବା ବେଳଠାରୁ ସେ ମୋ ପତ୍ନୀଙ୍କର ଧର୍ମ ଭାଇ ବନିସାରିଛନ୍ତି ଓ ଇତି ମଧ୍ୟରେ ଭାଇ ଭଉଣୀଙ୍କ ମଧ୍ୟରେ ଦୁଇ ଯୁଗର ପ୍ରଗାଢ଼ ଆତ୍ମୀୟତା ସ୍ଥାପିତ ହୋଇ ସାରିଛି । ସେ ଆତ୍ମୀୟତା ଏତେ ଜମାଟ ବାନ୍ଧି ସାରିଥିଲା ଯେ ତାର ଘନତ୍ୱ ପାଖରେ ମୋର ସ୍ୱାମୀତ୍ୱ ତୁଚ୍ଛମନେ ହେଉଥିଲା ।

ଯାହାହେଉ, ଅବଶେଷରେ ମୋର ଆଶଙ୍କା ସତ୍ୟ ହେଲା । ଅବିକଳ ସେଇକି

ଶୁଆଟିଏ ଆଣିବାକୁ ସିଏ ଜିଦ୍ ଧରି ବସିଲେ । ତାଙ୍କର ବରାଦରେ ଆଡ଼ମ୍ବରତା, ଅଭିମାନର ଆଳଙ୍କାରିକ ସମାବେଶ ଥିଲା । ଅସହଯୋଗ ଓ ବିରହବେଦନରେ ପ୍ରଚ୍ଛନ୍ନ ଧମକ ଥିଲା । ସ୍ୱାମୀତ୍ୱ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହେବା ଆଗରୁ ଶୁକପକ୍ଷୀ ଏକ ଆଣି ଶ୍ରୀଚରଣେ ଭେଟି ଦେବାର ତ୍ରିବାର ସଂକଳ୍ପ କଲି । ଓଃ! କେହି ନିଜର ଉଦ୍ଭିର୍ଣ୍ଣଯୌବନା କନ୍ୟା ପାଇଁ ଏତେ ବ୍ୟାକୁଳ ହୋଇ ବର ଖୋଜୁନଥିବ, ଯେମିତି ମୁଁ ଖୋଜୁଥିଲି ଚନ୍ଦନ ଶୁଆକୁ ।

ବଣ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁସାରେ ସେ ଚଢ଼େଇର ଜାତି ଗୋତ୍ର ଚଢ଼ିଯାଇଛି ଲୁପ୍ତପ୍ରାୟ ପ୍ରାଣୀ ସୂଚୀରେ । ଏତେ ସହଜରେ ସେ ମିଳନ୍ତା କିପରି ? ପାର୍ବତ୍ୟାଞ୍ଚଳରେ ରହୁଥିବା ଅନେକ ବନ୍ଧୁଙ୍କ ସହିତ ପତ୍ରାଚାର କଲି । ସେମାନେ କହିଲେ, ଶୁଆ ଠିକ୍ କରିହେବ, କିନ୍ତୁ ସେଠାରୁ ବନବିଭାଗ ଓ ପୋଲିସ୍ କର୍ମଚାରୀଙ୍କର ଦୃଷ୍ଟି ଏଡ଼ାଇ ବରଣ କରି ଆଣିବା ଦାୟିତ୍ୱ ସଂପୂର୍ଣ୍ଣ ଭାବରେ ମୋର । କୋରାପୁଟ ନିଭୃତ ଅଞ୍ଚଳକୁ ଯାତାୟାତ ବାବଦ ଛଅ ସାତ ସହ ଖର୍ଚ୍ଚ କଲାପରେ ମଧ ଜେଲ ଖଟିବାର ଆଶଙ୍କା ଥିବାରୁ ସେମାନଙ୍କର ପ୍ରସ୍ତାବ ଗ୍ରହଣ କରି ପାରିଲି ନାହିଁ । ଗାଆଁଗଣ୍ଡା, ମେଳାମଉଚ୍ଛବ, ହାଟ-ବଜାର, ମଠ-ମନ୍ଦିର, ଚିହ୍ନାପରିଚିତଙ୍କ ଘର - ସବୁଆଡ଼େ ଅନୁସଂଧାନ କଲି । କଳାହାଣ୍ଡିର ଜୁନାଗଡ଼ ଇଲାକାରେ ଏଟିକି ଖୋଜିଥିଲେ ମୋତେ କୋଡ଼ିଏ କ୍ୟାରେଟ୍ ଓଜନର ହୀରାମୁଣ୍ଡାଏ ହୁଏତ ମିଳିଯାଇ ପାରିଥାନ୍ତା । ଦୀର୍ଘ ଆଠମାସର ପ୍ରଚେଷ୍ଟା ପରେ ବଜାରର ମୁଖ୍ୟ ବସ୍‌ଷ୍ଟାଣ୍ଡଠାରୁ ଅନ୍ତଦୂରରେ ମୋତେ ମିଳିଥିଲା ଜଣେ ପକ୍ଷୀ ବିକ୍ରେତା ଯାହା ପାଖରେ କାଠିପଞ୍ଜୁରୀ ଭିତରେ କ୍ରେତାକୁ ଅପେକ୍ଷା କରିକରି ଘୁମାଇ ପଡ଼ିଥିଲା ମୋର ଇପ୍ସିତ ଶୁଆ ବିକ୍ରେତା ଅତ୍ୟଧିକ ଚଢ଼ା ଦର ହାକୁ ଥିବାରୁ ଚଢ଼େଇର ନୂଆମାଲିକ ସ୍ଥିର ହୋଇପାରୁ ନଥିଲେ । ପତ୍ନୀଙ୍କଠାରୁ ଅଯୋଗ୍ୟତାର ଅଗଣନ ପ୍ରମାଣପତ୍ରର ବୋଝମୁଣ୍ଡାଇ ସାରିବା ପରେ ତୁଣ୍ଡ ଖୋଲୁ ନଥିଲା ମୂଲଚାଲ କରିବାକୁ । ଯଦି ସେଇଟି ହାତଛଡ଼ା ହୋଇଥାନ୍ତା, ମୋ ପାଇଁ ଜାଣ ଦଶଟି ଅଶ୍ୱମେଧ ଯଜ୍ଞର ଫଳ ନଷ୍ଟ ହୋଇଥାନ୍ତା ।

ମୋର ସାମର୍ଥ୍ୟକୁ ଚାହିଁ ଦୟାକରି ଶ୍ରୀମତୀ ସୁନାପଞ୍ଜୁରୀର ବରାଦ କରିନଥିଲେ; ନତୁବା ଆଉ ସବୁ ପ୍ରକାରର ବିଳାସ ବ୍ୟସନର ବ୍ୟବସ୍ଥା କରାଗଲା ସେ ଚଢ଼େଇ ପାଇଁ । ପଞ୍ଜୁରୀ ଉପରେ ମଖମଲି କନାର ଆବରଣ ଦେଇ ମୁଦ୍ରାଇତା ଧାରେ ଧାରେ ରଙ୍ଗୀନ ଲିଟୁ ବଲ୍‌ବ ଖଞ୍ଜାଗଲା । ଶୁଆ ପାଚିଲା କଇଁଚିକାକୁଡ଼ି ଭଲପାଏ । ତେଣୁ ପ୍ରତ୍ୟହ ଦୁଇଟଙ୍କା ବିନିମୟରେ ଚାରିଟା ପାଚିଲା କଇଁଚିକାକୁଡ଼ି ଯୋଗାଇବା ପାଇଁ ଜଣକୁ ବରାଦ ଦିଆଗଲା । ସାଧାରଣ ବୁଟ ଅରୁଚିକର ହେବା ଆଶଙ୍କାରେ କାବୁଲି ବୁଟ ପାଚିଲା କଦଳୀ ସହିତ ପରଷା ଗଲା । ତଦ୍‌ସିଲ୍ ଦ୍ୱାରା



ସଂରକ୍ଷିତ କୌଣସି ଦ୍ୱିପଦ ପ୍ରାଣୀ ଏତେଟା ସୁବିଧା ପାଇବାର ଦୃଷ୍ଟାନ୍ତ ନାହିଁ । ମୋତେ ମୁଖ ଦେଖାଇବା ଛାଡ଼ି ସିଏ ପଞ୍ଜୁରୀ କେହରେ ନାକ ଲଗାଇ ଅନବରତ ଅବଶ୍ୟପାଠ୍ୟ ଶିକ୍ଷାଚାର ପାଠ୍ୟକ୍ରମର ପ୍ରଥମ ଅଧ୍ୟାୟ - "ନମସ୍କାର", "ଆସନ୍ତୁ", "ଧନ୍ୟବାଦ", "ଟା-ଟା" ଇତ୍ୟାଦି ପଢ଼ାଇବାରେ ଲାଗିଲେ । ଥରେ ଥରେ ତାର ଚଞ୍ଚୁ ଆଘାତରେ ତାଙ୍କର ନାସାଗ୍ର ରକ୍ତାକ୍ତ ହେଲା । କିନ୍ତୁ ଶୁକାଘାତକୁ ପକ୍ଷୀସୁଲଭ ପ୍ରେମ ପ୍ରଦର୍ଶନ ବୋଲି ନିଜକୁ ସେ ସାନ୍ତ୍ୱନା ଦେଇ ସହିଚାଲିଲେ ।

ମନ ଦେଇ ଶୁଣିବାର ନିଖୁଣ ଅଭିନୟ ସତ୍ତ୍ୱେ କୌଣସି ଗୋଟିଏ ଶବ୍ଦର ପୁନରାବୃତ୍ତି କରିବାର ଲକ୍ଷଣ ଆମର ପ୍ରିୟ ଶୁକ 'ମଣ୍ଟୁ' ପାଖରେ ଦେଖାଗଲା ନାହିଁ । ମୁଁ ପତ୍ନୀକୁ ସାନ୍ତ୍ୱନା ଦେଲି, ସବୁ ପିଲା ଏକାପ୍ରକାର ଦେଖାଗଲେ ମଧ ସେମାନଙ୍କର ବୁଦ୍ଧିରେ ଯଥେଷ୍ଟ ତାରତମ୍ୟ ଅଛି । ସେହିପରି ସବୁ ଶୁଆ ଏକା ପ୍ରକାର ବୁଦ୍ଧିଆ, ସ୍ମରଣ ଶକ୍ତି ସମ୍ପନ୍ନ ନହେବା ବିଚିତ୍ର ନୁହେଁ । ତାଛଡ଼ା ଆମ ମଣ୍ଟୁର ଯଦି ମୌଳିକ ପକ୍ଷୀତ୍ୱ ଥାଏ ସିଏ ଅନୁକରଣକୁ ଘୃଣା କରିଥାଇପାରେ । ହୁଏତ ତା ପକ୍ଷୀଭାଷା ତୁଳନାରେ ଆମର ମାନବୀୟ ଶବ୍ଦକୋଷ ତାକୁ ତୁଚ୍ଛ ମନେ ହେଉଥିବ ବା ଅବାନ୍ତର ଲାଗୁଥିବ । ତେଣୁ ସେ ସେଭଳି ଶବ୍ଦଗୁଡ଼ିକ ଉଚ୍ଚାରଣ କରିବାକୁ ଅନାଗ୍ରହ ପ୍ରକାଶ କରୁଛି । ଆମ ପରିବାର ସହ ଭଲକରି ଚଳିଯିବା ପରେ ସଙ୍କୋଚରୁ ଓଡ଼ିଆ ଭାଷାକୁ ହୁଏତ ଭଲ ପାଇପାରେ । ଦେଖୁନା, ଆମେ ନିଜେ ଗୁଡ୍‌ମର୍ଣ୍ଣି, ଗୁଡ୍ ଇଭିନିଂ, ହ୍ୟାଲୋ ଇତ୍ୟାଦି ନ କରିଲେ ଆମର ଭାତ ହଜମ ହୁଏନାହିଁ । ଆମ ଭାଷା ଆମକୁ ଏତେ ଖରାପ, ମୂଲ୍ୟହୀନ ଲାଗୁଛି ଯେ, ଆମେ ବିବାହ ବ୍ରତର ନିମନ୍ତ୍ରଣ ପତ୍ର ଇଂରାଜୀରେ ଛାପି ପରସ୍ପର ମଧ୍ୟରେ ବାଣ୍ଟୁଛୁ । କଥାକଥାକେ ଇଂରାଜୀ ଉଚ୍ଚାରଣ ନକଲେ ଜୀବନ ନିରର୍ଥକ ମନେ ହେଉଛି । ସେ କ୍ଷେତ୍ରରେ ନିଜସ୍ୱ ଭାଷାରେ ଚଳପ୍ରଚଳ ହୋଇ ବାଲ୍ୟାବସ୍ଥା ବିତାଇଥିବା ଚଢ଼େଇଟୀ ସହଜରେ ଆମ ଭାଷା ଆପଣାଇଲା ନାହିଁ ବୋଲି ଦୁଃଖ କରିବା କାହିଁକି ?

ତାଙ୍କର କିନ୍ତୁ ଧୈର୍ଯ୍ୟର ଉତ୍କଟ ଅଭାବ । ତାଙ୍କରି ଭଳି ଅନ୍ତତଃ ଶୁଆଟି କଥା କହିବା ଦରକାର । ଆମ ଦଶମ ବିବାହବାର୍ଷିକୀ ଅବସରରେ ସେ ମୋତେ କହିଥିଲେ - ତୁମର ମନେ ଅଛି, ଦଶବର୍ଷ ତଳର ସେ ପହିଲି ମିଳନର କଥା ? ବାପ୍‌ରେ ! ତୁମକୁ ପାଖରେ ଦେଖି ଘଣ୍ଟାଏ ପର୍ଯ୍ୟନ୍ତ ମୋ ପାଟିରୁ ପଦେ ହେଲେ କଥା ବାହାରି ନଥିଲା । "ହଁ ମୋର ଠିକ୍ ମନେ ଅଛି । ସେ ଦିନର ସେଇ ଘଣ୍ଟାକ ମୋ ଜୀବନର ସବୁଠାରୁ ସୁଖଦ ସ୍ମୃତି ଥିଲା । ତାକୁ ଭୁଲି ପାରିବି କିପରି ?" ମୁଁ ହସିଦେଇ କହିଥିଲି । ସତରେ ତା ପରଠାରୁ ବର୍ଲିନ୍ ପ୍ରାଚୀର ଭାଙ୍ଗିବା ପରି ତାଙ୍କର

ନୀରବତାର ପ୍ରାଚୀର ଭାଙ୍ଗିଯାଇଛି । ମୋ ଆଗରେ ମଉନ ରହିବାକୁ ମହା ଅପରାଧ ବୋଲି ମନେକରନ୍ତି ।

ପତ୍ନୀଙ୍କର ବ୍ୟଗ୍ରତାର ଉଗ୍ର ତାଡ଼ନାରେ ଜଣେ ବନ୍ଧୁଙ୍କର ପରାମର୍ଶକ୍ରମେ ଶୁଆକୁ ଗୋଟିଏ ପକ୍ଷୀ ତାଲିମ କେନ୍ଦ୍ରରେ ନେଇ ନାମ ଲେଖାଇ ଆସିଲି । ତିନି ମାସରେ କଥାକୁହା ଶିଖାଇବା ପାଇଁ ତିନି ହଜାର ଟଙ୍କା ଅଗ୍ରୀମ ଆକାରରେ ଦେବାକୁ ହେଲା । ପଞ୍ଜୁରୀ ସହିତ ଶୁଆକୁ ପ୍ରଶିକ୍ଷକମାନଙ୍କର ମାର୍ଫତ୍‌ରେ ଛାଡ଼ି ଆସିବା ପରେ ପତ୍ନୀ ମୋର ପକ୍ଷୀ ବିରହରେ ଘାରି ହେଲେ । ଶୁଆର ଫେରିବା ବାଟକୁ ଚାହିଁ ଦିନ ଗଣି ଗଣି କ୍ୟାଲେଣ୍ଡର୍‌ରେ ଦାଗ ଦେଇ ଚାଲୁଥିଲେ । ଦେଖୁଦେଖୁ ଶୁକ ପ୍ରତ୍ୟାବର୍ତ୍ତନ ଦିବସ ଆସିଲା । ପତ୍ନୀଙ୍କର ତାଗିଦ୍ ଅନୁସାରେ ଉତ୍ତମ ବେଶଭୂଷା ପରିଧାନ ପୂର୍ବକ ପକ୍ଷୀ ତାଲିମ କେନ୍ଦ୍ରକୁ ଗଲି । ପାଠ୍ୟକ୍ରମ ସମାପ୍ତ କରିଥିବା ଆମର ପଞ୍ଜୁରୀବଦ୍ଧ ଶୁଆକୁ ସେମାନେ ଆଣି ମୋ ସମ୍ମୁଖରେ ଥୋଇଦେଲେ । କହିଲେ, ଆପଣଙ୍କର ଶୁଆ ଭୀଷଣ ଏକଜିଦିଆ ସ୍ୱଭାବର । ମୋ ପତ୍ନୀଙ୍କର ସଂସ୍ପର୍ଶରେ ଆସି ଏହି ସୁଗୁଣ ହାସଲ କରିଥିଲା ବୋଧହୁଏ । ତାକୁ ଶିଖାଇବାକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ଅନ୍ୟଶୁଆ ହୋଇଥିଲେ ଏତିକି ପରିଶ୍ରମରେ ତୁଳସୀ ରାମାୟଣ ଗାଇ ଦେଇଥାନ୍ତା ବା ପୂରା ଅକ୍ସଫୋର୍ଡ୍ ଡିକ୍ସନାରୀ ମୁଖସ୍ଥ କରିଦେଇଥାନ୍ତା । ଯାହାହେଉ, ଏବେ ସେ ସୌଜନ୍ୟମୂଳକ କଥାବାର୍ତ୍ତା କରି ପାରିବ । କଥା ଶେଷକରି ତାଲିମ କେନ୍ଦ୍ରର ତତ୍ତ୍ୱାବଧାରକ ମହୋଦୟ ଭାଷାଶିକ୍ଷା ବାବଦ ଖଣ୍ଡିଏ ସୁନ୍ଦର ମୁଦ୍ରିତ ପ୍ରମାଣ ପତ୍ର ଓ ଗୋଟିଏ କ୍ୟାସେଟ୍ ବଢ଼ାଇ ଦେଇ ଉପଦେଶ ଦେଲେ ବିନା ରିଭିଜନ୍‌ରେ ମଣିଷ ପିଲା ମଧ ପାଠ ଭୁଲି ଯାଉଛି, ଆମ ମନ୍ତୁ ତ ସାଧାରଣ ପକ୍ଷୀଟିଏ । ଆପଣ ବରାବର ତା ପାଖରେ ଏଇ କ୍ୟାସେଟ ବଜାଇବେ । ଯେପରି ଅନ୍ୟ କୌଣସି ଶବ୍ଦ ତା କାନରେ ପଶି ତାକୁ ବିଭ୍ରାନ୍ତ କରିନପାରେ । ଏହିଭଳି ଆଗାମୀ ଛଅମାସ ପର୍ଯ୍ୟନ୍ତ କୋର୍ସ୍‌କରି ତାକୁ ପାଠ୍ୟକ୍ରମ ପିଆଇବାକୁ ହେବ ।

ତାହାପରଠାରୁ ମୋ ସ୍ତ୍ରୀ ବାଣବକ୍ଷରାରେ ଶୁଆପଞ୍ଜୁରୀ ପାଖରେ ଷ୍ଟିରିଓ ଲଗାଇ ଦିନରାତି ଉଚ୍ଚତମ ସ୍ୱରରେ ବଜାଇ ଚାଲିଲେ । ସକାଳ ଛଅଟାରୁ ରାତି ବାରଟା ପର୍ଯ୍ୟନ୍ତ - ଯେତେବେଳେ ଷ୍ଟିରିଓର ଅନ୍ୟ କ୍ୟାସେଟ୍ ଜାଗା ଦଖଲ କରି ନଥାଏ - ଶ୍ରୀମତୀ ଏ ସଘନ ପାଠ୍ୟକ୍ରମ ଜାରି ରଖିଲେ । ଅନ୍ୟବେଳେ ପିଲାମାନେ ପୂରା ଭଲ୍ୟୁମ ଦେଇ ଆଧୁନିକ ଉଜାଙ୍ଗ ପପ୍ ସଙ୍ଗୀତ ବଜାନ୍ତି । ଏହି ବିରୋଧାତ୍ମକ



ସାଂସ୍କୃତିକ ପରିବେଷଣରେ ବିବ୍ରତ ମନ୍ତୁ କେଁ କେଁ ରାବ କରି, ଡେଣା ଫଡ଼ ଫଡ଼ କରି ପଞ୍ଜୁରୀ ଭିତରେ ଡିଆଁକୁଦା କରେ । ପିଲାମାନେ ତାର ଏହି ଭଙ୍ଗୀକୁ ଆଧୁନିକ ସଙ୍ଗୀତରେ ତାଳେ ତାଳେ ମନ୍ତୁର ଗାୟନ ଓ ନର୍ତ୍ତନ ମନେ କରି ଖୁସିରେ ବିଭୋର ହୋଇଯାଆନ୍ତି ।

ମଣିଷ ଭଳି ଏତେ ଜୀବଟି ପକ୍ଷରେ ୩୦ ଡେସିବଲ୍‌ରୁ ଅଧିକ ପ୍ରଖର ଧ୍ୱନି ଅସହ୍ୟ । ମୋ ଷ୍ଟିରିଓରୁ ଜେଟ୍ ବିମାନ ଭଳି ବାହାରୁଥିବା ୭୦ ଡେସିବଲ୍ ପାଖାପାଖି ଶବ୍ଦକୁ ସେ କିପରି ବେଶିଦିନ ସହ୍ୟ କରି ପାରିଥାନ୍ତା । ରବିନ୍ଦ୍ର ନାଥ ଟାଗୋରଙ୍କର ଶୁକପକ୍ଷୀପରି ସିଏବି ଦିନେ ନୀରବ ହୋଇଗଲା । ସବୁସେ ଚୁପ୍ ଭଲା ନୀତି ଆବୋରି ନେଲା । କ୍ଲାନ୍ତ, ଅବସନ୍ନ ଦେହକୁ ଦୁଇଗୋଡ ସାହାଯ୍ୟରେ ଟେକି ଧରିବା ତାକୁ କଷ୍ଟ ଲାଗୁଥିଲା । ତା ମାନସିକ ଅବସ୍ଥା ମୁଁ ବୁଝି ପାରୁନଥିଲି । ପଞ୍ଜୁରୀ ମଧ୍ୟରେ ତା ଅବସ୍ଥା ଓ ଘରର ଚାରିକାନ୍ଥ ମଧ୍ୟରେ ମୋ ଅବସ୍ଥା ଭିତରେ ସେଭଳି କିଛି ପାର୍ଥକ୍ୟ ନଥିଲା । ମୁଁ ସିନା ରାତିରେ ନିଦ ବଟିକା ଖାଇଲି, ସିଏ କଣ କରିଥାନ୍ତା ?

ଶେଷକୁ ସେ ଅଫିମିଆଙ୍କ ପରି ଘୁମାଇଲା ଓ ସେହି ସମାଧିସ୍ଥ ଅବସ୍ଥା ମଧ୍ୟରେ ପଞ୍ଚଭୂତକୁ ପଞ୍ଜୁରୀ ଭିତରେ ଛାଡ଼ି ଦିନେ ତାର ଆତ୍ମା ଚାଲିଗଲା ମହାମୁକ୍ତିର ସନ୍ଧାନରେ ।

ପତ୍ନୀଙ୍କର ଶୁକ-ବିହାପର ଚାରିମାସ ମଧ୍ୟରେ ଆମର ଉପର ଫ୍ଲାଟର୍ ପୁରୁଣା ପରିବାର ଘରଛାଡ଼ି ଚାଲିଗଲେ । ତାଙ୍କ ସ୍ଥାନରେ ଯେଉଁ ନୂଆ ପରିବାର ଆସି ଭଡ଼ା ନେଇ ରହିଲେ ତାଙ୍କ ସହିତ ଥିଲା ଗୋଟିଏ ଚତୁଷ୍ପଦ ସଦସ୍ୟ ଦେଶୀ ଔରସରୁ ଜାତ ବିଲାତି ମିଶା ଶ୍ୱାନଟିଏ । ଶ୍ୱାନସୁଲଭ ସୌନ୍ଦର୍ଯ୍ୟ ତାହାର ଥିଲେ ସୁଦ୍ଧା ଶୌର୍ଯ୍ୟ ନଥିଲା । ଆଗନ୍ତୁକ ମାନଙ୍କୁ ଦୂରରୁ ଦେଖିଦେଲେ ସଙ୍କୋଚବଶତଃ ଖଟ କୋଣରେ ଲୁଚୁଥିଲା ଓ ଉପର ମହଲାର ଅଳିନ୍ଦ ମଧ୍ୟରୁ କେବେ କେମିତି ଭୁକିବାର ଅଭ୍ୟାସ କରୁଥିଲା । ଆଜିକାଲି କେବଳ ଆଭିଜାତ୍ୟର ପ୍ରତୀକ ଏଇ ଶ୍ୱାନଗଣ ଅଯଥା କାହାକୁ କାମୁଡ଼ି ଡାକ୍ତରଖାନା ପଠାଇବା ବା ଅଯଥା ଭୁକି ସାଇପଡ଼ିଶାଙ୍କର ଶାନ୍ତିଭଙ୍ଗ କରିବାରେ ଅଭ୍ୟସ୍ତ ନୁହନ୍ତି । ବିଲାତିମାନେ ଏ ଦେଶ ଛାଡ଼ି ଅର୍ଦ୍ଧ ଶତାବ୍ଦୀ ସେପାଖରୁ ଚାଲି ଯିବାପରେ ମଧ ତାଙ୍କ କୁକ୍କୁରଙ୍କର ସେବାକରି ଆମ୍ଭେ ସମ୍ଭ୍ରାନ୍ତ ବୋଲାଇବାର ସଉକ୍ ପୂରଣ କରୁଛୁ । "ରାୟସାହେବ୍", "ରାୟବାହାଦୁର୍" ଉପାଧି ତ ଆଉ ମିଳିବ ନାହିଁ । ଏବେ ଆମକୁ "ଆଲ୍‌ସେସିଆନ୍ ସାହେବ୍" ବା "ଡୋବରମ୍ୟାନ ବାହାଦୁର" ଭଳି ଉପାଧି ଦିଆଗଲେ ଆମ୍ଭେମାନେ ଏ ନରଜନ୍ମକୁ ସାର୍ଥକ ମଣନ୍ତୁ । ଅବଶ୍ୟ ସଉକିଆ କୁକ୍କୁର ପାଳକମାନେ ଗୋଟିଏ ଦୃଷ୍ଟିରୁ ଉପକୃତ ହୁଅନ୍ତି ।

କୁକ୍‌କୁରକୁ ଖାଡ଼ା, ପରିଶ୍ରା କରାଇବା ପାଇଁ ବାହାରକୁ ନେବା ଅବସରରେ ବାବୁଙ୍କର ସକାଳ ଓ ସାଂଧ୍ୟଭ୍ରମଣ କରିବାରେ କିଛିଟା ବ୍ୟାୟାମ ହୋଇଯାଏ। ଭଗବାନ୍ ଜାଣନ୍ତି, ଆମ ପରି ବିଲାତି ଶ୍ୱାନପ୍ରେମୀ ବାବୁମାନେ ଆମ ବଳକା ଭାତରୁ ମୁଠାଏ, ରୁଟିରୁ ଖଣ୍ଡେ ଦେଇ ଗୋଟିଏ ଭୋକିଲା ମଣିଷଛୁଆ ପାଳିବାକୁ ରାଜିହେବେ କି ନାହିଁ।

ସେ କୁକୁରର 'ସୁକୁମାରିଆ' ଭାବଭଙ୍ଗୀ ଗୁଣ ମୋ ପତ୍ନୀଙ୍କର ହୃଦୟକୁ ଜୟ କରି ନେଲା। କହିବା ବାହୁଲ୍ୟ, ଭିତରେ ଭିତରେ ଇର୍ଷାରେ କୁହୁଳି ତାଙ୍କର କଳିଜା ସାରା ଧୂଆଁରେ ରୁନ୍ଧି ହୋଇଯାଇଥିବ। ତାଛଡ଼ା, ସେ କେଉଁଠୁ କିପରି କୁକୁର ସଂପର୍କରେ ଏକ ନୂତନ ତଥ୍ୟ ଆବିଷ୍କାର କରି ପକାଇଲେ। ସେଇଟି ହେଲା - ମଣିଷ ଛୁଆଠାରୁ କୁକୁରଛୁଆ ଅଧିକ ଉପଯୋଗୀ । କାରଣ, ତୁଳନାତ୍ମକ ଭାବରେ କୁକୁରଛୁଆ କୋଳକୁ ଅଧିକ ଉଷ୍ମ କରିଥାଏ।

ଏଥର ବୁଝିଗଲି, ତାଙ୍କର ବିଲାତି କୁକୁର ଛୁଆଟାଏ ନିହାତି ଦରକାର। ସମସ୍ତ ପରିଚିତଙ୍କ ଘରକୁ ଯାଇ ଗର୍ଭବତୀ ବିଲାତି କୁକୀର ସଂଧାନରେ ଲାଗିଗଲି। ଅବଶେଷରେ ମୋର ନିଷ୍ଠାପର ସାଧନା ସଫଳ ହେଲା। ନିର୍ମଳ ବାବୁଙ୍କର ଲୋମଶ କୁକ୍‌କୁରୀ ବେଗମ୍ ତିନୋଟି ସନ୍ତାନର ଜନନୀ ହେଲା। ତାର ଗର୍ଭବେଦନା ଆରମ୍ଭ ହେବା ମାତ୍ରେ ବିଶ୍ୱସ୍ତ ସୂତ୍ରରୁ ସମ୍ବାଦ ପାଇ ମୁଁ ଜାଗି ଜଗି ବସିଲି। ବେଗମ୍ ତାର ସଦ୍ୟଜାତ ସନ୍ତାନକୁ ଚାଟି ପୁରା ସଫା କରିବା ପୂର୍ବରୁ ବିଜୟିଆ ବସୁଦେବ କୃଷ୍ଣକୁ ଟୋକେଇରେ ପୂରାଇ ମୁଣ୍ଡରେ ମୁଣ୍ଡାଇ ଗୋପପୁରକୁ ଧାଇଁବା ପରି, ମୁଁ ଗୋଟିଏ ଅଣ୍ଡିରା ଛୁଆ ଛାତିରେ ଜାକି ମୋ ଭଡ଼ାଘରକୁ ଧାଇଁଲି। ସଙ୍ଗେ ସଙ୍ଗେ ତା ପାଇଁ କ୍ଷୀରପିଆ ବୋତଲ, ସୁପୁଷ୍ଟିକର ଖାଦ୍ୟ, ସିନ୍ଥେଟିକ ତୁଳାର ଦାମୀକା ଗଦି ଓ ତକିଆ, ସୁନ୍ଦର ଝୁଲଣ ଆଦିର ବ୍ୟବସ୍ଥା କରିବାକୁ ହେଲା। ତାର ଝାଡ଼ା ପରିଶ୍ରା ସଫା କରିବା ପାଇଁ ବମ୍ବେ ଡାଇଙ୍ଗର ଦାମିକା ଲୋମଯୁକ୍ତ ଛୋଟ ତଉଲିଆରୁ ଡର୍ଜନେ କିଣା ହୋଇ ଆସିଲା। ତା ଗଳା ପାଇଁ ସ୍ତ୍ରୀ ମହୋଦୟା ଖଣ୍ଡିଏ ମୋଟା ସୁନାଚେନ୍ ବରାଦ୍ କରିଥିଲେ। ମାତ୍ର, ନିଜର ଅଯୋଗ୍ୟତା ସୂଚକ ଆକ୍ଷେପକୁ ହଜମ କରି ତା ଗଳାରେ ଷ୍ଟିଲର ଶୃଂଖଳ ପିନ୍ଧାଇ ଦେଲି।

ପତ୍ନୀଙ୍କର ଅମାପ ଅପତ୍ୟ ସ୍ନେହ ଓ ପିଲାଙ୍କର ଅସୀମ ଆଗ୍ରହକୁ ସମ୍ବଳ କରି ଶ୍ୱାନଶିଶୁ ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲା। ନାଆଁ ଧରି ଡାକିଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରିବାର ଆଗରୁ ତାର ନାମକରଣ ହୋଇ ସାରିଥିଲା - ଆଲେକ୍‌ଜାଣ୍ଡାର୍। ଦୀର୍ଘନାମର ସମ୍ବୋଧନଜନିତ କ୍ଲେଶରୁ ରକ୍ଷା ପାଇବା ପାଇଁ ମୋ ସ୍ତ୍ରୀ ତାକୁ ସଂକ୍ଷେପରେ ଡାକୁଥିଲେ - ଆଲୋକ। କ୍ରମେ କ୍ରମେ ଘର ଭିତରେ ଆଲୋକର ଦୁଷ୍ଟାମୀ ବଢ଼ିବାରେ ଲାଗିଲା। ଡିଆଁକୁଦା କରି ଘରର ଅନେକ ଜିନିଷ ପତ୍ର ଭାଙ୍ଗିଲା। ଦାନ୍ତରେ କାମୁଡ଼ି ପରମ ଆନନ୍ଦରେ ଖେଳିବାରେ ଅଭିନୟ ସହିତ ପ୍ୟାଣ୍ଟ, ସାର୍ଟ, ଶାଢ଼ୀ, ପରଦା ଓ ବେଡ୍‌ସିଟ୍ ପ୍ରଭୃତି ଚିରିଲା। ତୁଳସୀ ଦୁଇପତ୍ରରୁ ବାସେ ପିଏ ବଡ଼ହେଲେ ଆମର ଶତ୍ରୁ ବା ଅବାଞ୍ଛିତ



ଲୋକଙ୍କୁ ଅତି ଭଲ ଭାବରେ କାମୁଡ଼ି ପାରିବ ବୋଲି ତାର ଦନ୍ତଶକ୍ତିରେ ବିମୋହିତ ମୋର ପତ୍ନୀ କୁହୁକି ଉଠୁଥିଲେ ! ମୋତେ ଉପରଠାଉରିଆ ସାନ୍ତ୍ୱନା ଦେଲେ - ବଡ଼ ହେଲେ ବଣ୍ଢ ବୁଦ୍ଧି ହୋଇଯିବ। କିନ୍ତୁ ବଡ଼ ହେବା ତଥା ବୁଦ୍ଧି ହେବାର ଟିକେ ପୂର୍ବରୁ ତାଙ୍କର ଅଲ୍ୟାଳ ଆଲୋକ ଦିନେ ସେ ବେଶ ହୋଇ ବଜାର ବାହାରିବା ବେଳକୁ ତାଙ୍କର ପିନ୍ଧା ଶାଢ଼ୀର ତଳ ଅଂଶକୁ ଦାନ୍ତରେ କାମୁଡ଼ି ଚିରିଦେଲା। ତୋରମାଆ ଲାଜରେ କାନ୍ଦେନାହିଁ। ମୁହଁଟା ବିଲ୍‌କୁଲ ଆମ୍ବିଳା ଦିଶୁଥିଲେ ସୁଦ୍ଧା କହିଲେ - ଦେଖୁନା ଛୋଟପିଲା ମାଆର କାନିଟାଣି ଅଝଟ ହେଲାପରି ମୋ ଫେର କାମୁଡ଼ି ସାଙ୍ଗରେ ଯିବାକୁ ଅଳି କରୁଛି। ନୂଆ ବନାରସୀ ଶାଢ଼ୀ ଚିରିବାର ଦୁଶ୍ଚିନ୍ତା ଭିତରେ ଭିତରେ ତାଙ୍କ ଛାତିକୁ କୋରି ପକାଉଥିବ ନିଶ୍ଚୟ।

ତାଙ୍କର ଦୁଶ୍ଚିନ୍ତାର ସମାଧାନ ଯୋଗାଇଲା ଦୂରଦର୍ଶନ। ସେଥିରେ ଗୋଟିଏ ଶ୍ୱାନପ୍ରଦର୍ଶନୀରେ ଶ୍ୱାନମାନଙ୍କର ଆଜ୍ଞାବହତା ଦର୍ଶାଯାଇଥିଲା। ବସ୍ କହିଲେ ବସୁଥିଲେ ଓ ଉଠ୍ କହିଲେ ପଛ ଦୁଇଗୋଡ଼ରେ ଠିଆ ହୋଇ ଯାଉଥିଲେ। ଖାଇବାକୁ ନ କହିଲେ ସମ୍ମୁଖରେ ଲୋଭନୀୟ ଖାଦ୍ୟ ଥୁଆ ହୋଇଥିଲେ ସୁଦ୍ଧା ମୁହଁମାରୁ ନଥିଲେ। ଏଭଳି ଶେଷବିଷୟରେ ଆଲୋକକୁ ତାଲିମ୍ ଦେବା ନିହାତି ଜରୁରୀ ଥିଲା। ଆମେ ତା ମୁହଁ ଚଟାରେ ତା ଲାଳ ଚାଟିବାରେ . ତା ଅଇଁଠା ଖାଇବାରେ ଅଭ୍ୟସ୍ତ ହୋଇ ସାରିଥିଲୁ ନିର୍ବିକାର ଅଘୋରୀ ସାଧକଙ୍କ ପରି। କିନ୍ତୁ ଅକୁଣ୍ଠିତ ସ୍ନେହ ମମତା ସତ୍ତ୍ୱେ ଆଲୋକର ଠାକୁରଙ୍କ ଭୋଗ ଥାଳିଆରେ ପ୍ରସାଦ ଉତ୍ସର୍ଗ ପୂର୍ବରୁ ମୁହଁମାରିବାକୁ ଶ୍ରୀମତୀ ପସନ୍ଦ କରୁନଥିଲେ।

ଏଥର ଆଲେକ ଜାଣ୍ଡାର ଓରଫ୍ ଆଲୋକକୁ ଶ୍ୱାନପ୍ରଶିକ୍ଷଣ ବିଦ୍ୟାଳୟରେ ଛାଡ଼ିବା ପାଳି। ସେଠାରେ ତିନିମାସିଆ ପାଠ୍ୟକ୍ରମ ପାଇଁ ଦେୟ ତାରିହଜାର ଟଙ୍କା। ପାଠପଢ଼ା ଶେଷକରି ଘରକୁ ଫେରି ଆଲେକ୍‌ଜାଣ୍ଡାର୍ କାହାରିକୁ ଖାତିର୍ କରୁନଥିଲା। ସତେକି ସେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟରୁ ପାଠ ଶେଷ କରି ଫେରିଛି ଓ ଆମେ ସବୁ ଗାଉଁଲି, ମଳିମୁଣ୍ଡିଆ। ଆମ ଭଳି ଅନ୍ୟଗ୍ରହରୁ ପୃଥିବୀ ପୃଷ୍ଠରେ ଖସି ପଡ଼ିଥିବା ଜୀବକୁ ଯେମିତିକି ପ୍ରଥମ ଥର ପାଇଁ ଦେଖୁଛି। ମୋ ପରିବାର ଲୋକଙ୍କୁ ଦେଖିଲେ ବିରକ୍ତ ହୋଇ ଗାଇଁଗାଇଁ ହେଲା। ଦାନ୍ତ ଦେଖାଇ ଧମକାଇଲା। ଏସବୁ ଦେଖି ମୁହଁ ଚଟା ଖାଇବା ଓ କୋଳ ଉଷ୍ମ କରିବାରେ ଅଭ୍ୟସ୍ତା ମୋର ପତ୍ନୀ ବିଷାଦରେ ଭାଙ୍ଗି ପଡ଼ିଲେ।

ଅଗତ୍ୟା ତାଲିମ୍ କେନ୍ଦ୍ରରୁ ତାଲିମ୍‌ଦାତା ଡକାହୋଇ ଆସିଲେ। ସେ ପରୀକ୍ଷା କରିସାରି ମତଦେଲେ ଯେ, ଆମ ଆଲୋକର ରକ୍ତରେ ଦୁଇବଂଶତଃ କେଇଟୋପା ଜର୍ମାନ୍ ସେଫାର୍ଡ଼ ରକ୍ତର ଅପମିଶ୍ରିତ ହୋଇଛି। ଜର୍ମାନ୍ ସେଫାର୍ଡ଼ ବା ଗ୍ରେହାଉଣ୍ଡ୍ ଜାତିର କୁକୁରମାନେ ମାତ୍ର ଜଣକୁ ମାଲିକ ବା ମୁନିବ ବୋଲି ସ୍ୱୀକାର କରନ୍ତି। ଆମ କେନ୍ଦ୍ରରେ ତିନି ମାସ ରହିଗଲା। ଆମେ ତାକୁ ଖୁଆଇ ପିଆଇ ତାର ଯତ୍ନ ନେଲୁ। ଆପାତତଃ ସିଏ

ପ୍ରଶିକ୍ଷକଙ୍କୁ ମାଲିକ ବୋଲି ମାନି ନେଇଛି । ଏହା କହି ଆଲୋକର ବେକପଟାରେ ଆଙ୍ଗୁଳି ଚାଳନା କଲେ । ଆଲୋକ ଖୁସି ଦେଖାଗଲା । ଆଗଗୋଡ଼ ଟେକି ତାଙ୍କ ଅଣ୍ଟା ସରିକି ଚଢ଼ିଗଲା । ଲାଞ୍ଜ ହଲାଇଲା । ତାହା ଉତ୍ତାରୁ ଶ୍ୱାନପ୍ରଶିକ୍ଷକ ବୁଝାଇଲେ, "ଆପଣମାନଙ୍କ ମଧ୍ୟରୁ ଜଣଙ୍କୁ ସିଏ ପୂର୍ଣ୍ଣ ଭାବରେ ମାନିବ । ଯେଉଁ ଜଣକ ତାକୁ ଖାଇବା, ପିଇବାକୁ ଦେବେ ଓ ଅଧିକାଂଶ ସମୟ ତା ସହିତ କଟାଇବ । ତାକୁ ଘୁଡ଼ା ପରିସ୍ରା ନେବେ ଓ ବାହାରେ ବୁଲାଇବେ । ଏବେ ଆପଣମାନଙ୍କ ମଧ୍ୟରୁ ଜଣେ ସେଇକାମ ଆରମ୍ଭ କରି ଦିଅନ୍ତୁ । ପ୍ରଥମେ ପ୍ରଥମେ ଟିକେ ଅସୁବିଧା ହୋଇପାରେ ।"

କୁକୁରର ଅନ୍ତରଙ୍ଗ ନିତ୍ୟ ସହଚର ବଛାବଛି ତିନିମିନିଟ୍‌ରେ ସରିଗଲା । ପତ୍ନୀ କହିଲେ ସିଏ ଯେତେବେଳେ ଆଲୋକକୁ କୋଳେଇ କାଖେଇ ବଡ଼ କରିଛନ୍ତି ଓ ବେଶୀ ସମୟ ଘରେ ରହୁଛନ୍ତି, ସିଏ ଏକମାତ୍ର ମୁନିବ ବୋଲାଇବାକୁ ପୂରା ଯୋଗ୍ୟ । ତାଙ୍କ କଥାକୁ କାଟିବ କିଏ ?

ଅସୁବିଧାଟା ପ୍ରଥମରୁ ଆରମ୍ଭ ହୋଇଗଲା । ଖାଇବାକୁ ଦେବା ଅବସ୍ଥାରେ ଆଲୋକ ଘରଣୀଙ୍କ ଗୋଡ଼କୁ ଝୁଣି ପକାଇଲା । ତିନିଟା ରାବିସ୍ ଇଂଜେକ୍ସନ୍ ନେଇ ମାସେ କାଳ ଚିକିତ୍ସିତ ହେବା ପରେ ସ୍ୱାମୀ ସେ ଏକକ ମୁନିବତ୍ୱର ମୋହ ତ୍ୟାଗ କରି ପାରିଲେ ନାହିଁ । କିନ୍ତୁ ଏଭଳି କେତେଦିନ ଚାଲିବ ? ଥରେ ପେଣ୍ଡୁ ଖେଳୁ ଖେଳୁ ପୁଅର ପେଣ୍ଡୁଟା ଆଲେକଜାଣ୍ଡାର୍ ପାଖରେ ପଡ଼ିଗଲା । ଖେଳ ନିଶାରେ ପୁଅ ତା ପାଖକୁ ପେଣ୍ଡୁ ଆଣିବାକୁ ଚାଲିଗଲା । ଡିମ୍ବାକୃତି କରୁଥିବା ଗୋଲାକାର ବସ୍ତୁଟିକୁ ଆଲୋକ ସନ୍ଦେହୀ ନଜରରେ ପରଖୁଥିବା ବେଳକୁ ତାର ଗବେଷଣାରେ ବାଧା ସୃଷ୍ଟି କରି ପୁଅ ସେ ଜିନିଷଟି ଆଣିବାକୁ ହାତ ବଢ଼ାଇଦେଲା । ସେ ବର୍ଦ୍ଧିତ ହାତକୁ ଅତ୍ୟନ୍ତ ଆକ୍ରୋଶରେ ଖୁବ୍ ଜୋର୍‌ରେ ଦାନ୍ତରେ ଚାପି ଧରିଲା ଆଲୋକ । ତା ହାତକୁ ସମସ୍ତ ଶକ୍ତି ଖଟାଇ ଜାବୁଡ଼ି ଧରି ସତେକି କହୁଥିଲା, କେମିତି ନେବୁ ନେଇ ଦେଖିବା । ସେତେବେଳେ ମୁଁ ଘରେ ଥିଲି । ପୁଅର ବିକଳ ରଡ଼ି ଶୁଣି ମୁଁ ତା ପାଖକୁ ଧାଇଁଗଲି । ଖଣ୍ଡିଏ ଯଷ୍ଟି ଧରି ଆଲୋକ ଆଡ଼କୁ ଉଞ୍ଚାଇବାରୁ ସେ ପାଟି ମେଲା କରି ଶିକୁଳିକୁ ଝଟକା ଦେଇ ମୋ ଉପରକୁ ଡେଇଁ ପଡ଼ିଲା । ଶକ୍ତ ଲୁହାଜଞ୍ଜିର ଯୋଗୁ ମୋତେ ସିନା ଧରି ପାରିଲା ନାହିଁ, ପୁଅର ହାତ ତା ପାଟିରୁ ଖସିଗଲା । ତାର ରକ୍ତାପ୍ଳୁତ ହାତକୁ ଦେଖି ମୋର ହୋସ୍ ଉଡ଼ିଗଲା । ମୋ ପୌରୁଷ କଡ଼ ଲେଉଟାଇଲା । କାରଣ, ହୋସ୍‌ରେ ଥିବା ବେଳେ, କଇଁଛ ଖୋଳପା ଭିତରେ ଲୁଚିବା ପରି, ମୋ ପୌରୁଷ ଛାତିତଳେ ନିଭୃତ କୋଣରେ ଲୁଚି ରହିଥାଏ । ତାଙ୍କର ଆଲୋକ ପ୍ରତି ଅତିରିକ୍ତ ଅନୁରାଗ ଯୋଗୁଁ ସେ କୁକୁର ମୋତେ ଦାମ୍ପତ୍ୟର ପ୍ରତିଦ୍ୱନ୍ଦ୍ୱୀ ଭଳି ଦେଖାଯାଉଥିଲା । ତାକୁ ଘରୁ ବିଦା କରିବାକୁ ବହୁଦିନରୁ ସୁଯୋଗ ଅପେକ୍ଷାରେ ଥିଲି । ଏଥର ସେ ସୁଯୋଗ ମୋତେ ମିଳିଗଲା । ଆଲେକ୍ଜାଣ୍ଡାରକୁ ନେଇ କେତେଜଣ ପଶୁପ୍ରେମୀଙ୍କ ମିଳିତ ଉଦ୍ୟମରେ ଖୋଲା ଯାଇଥିବା ଅନାଥ ପଶୁ



ଆଶ୍ରୟସ୍ଥଳୀରେ ଛାଡ଼ି ଦେଇ ଆସିଲି ।

ତାକୁ ଅଶ୍ରୁଳ ନେତ୍ରରେ ବିଦାୟ ଦେବା ପରେ ପତ୍ନୀଙ୍କର ସବୁ ଆକ୍ରୋଶ ଠୁଳ ହେଲା ମୋ ଉପରେ । ମୁହଁରେ କିଛି କହି ନପାରିଲେ ବି ରବେଇ ଖବେଇ ହେଲେ । ସବୁ ପ୍ରକାର ଅସହଯୋଗ ଆଚରିଲେ । ଅତିଷ୍ଠ କରିଦେଲେ ମୋତେ ତାଙ୍କର ବ୍ୟବହାରରେ । ସତେକି ବହୁବର୍ଷର ଭଡ଼ା ବାକିରଖିଥିବା ଓ ମାଗଣା ଖାଉଥିବା ମୁଁ ତାଙ୍କ ଭଡ଼ାଘରର ଭଡ଼ାଟିଆ ।

ଦିନେ ମୋ କାର୍ଯ୍ୟାଳୟର ଅନ୍ତରଙ୍ଗ ସହକର୍ମୀ ଅରୁଣକୁ ମୋର ଅତୀତ ଅଭିଜ୍ଞତା ସହିତ ବର୍ତ୍ତମାନର ଦୁଃଖ କହିଲି । ସେ କହିଲା, ସହରରେ ସଂସ୍କୃତି ସୁରକ୍ଷା ଅଭିଯାନ ସଂସ୍ଥା ତରଫରୁ ପତିବ୍ରତା ପ୍ରଶିକ୍ଷଣ କେନ୍ଦ୍ର ଖୋଲା ଯାଇଛି । ସେଠାକୁ ମୋ ପତ୍ନୀକୁ ପଠାଇଲେ ସେ ଅଜ୍ଞାଧୀନା, ଅନୁଗତା ପାଲଟି ଯାଆନ୍ତେ । ସେଠାରେ ବେଶୀ ଖର୍ଚ୍ଚ ପଡ଼ନ୍ତା ନାହିଁ । ମାତ୍ର ଦୁଇମାସରେ କର୍ମଶାଳା ଓ ଆନୁସଙ୍ଗିକ ସହଯୋଗ ବାବଦ ସର୍ବମୋଟ ପାଞ୍ଚଶହ ଟଙ୍କା ଦେବାକୁ ହୁଏ ।

ଫଳପ୍ରତି ଆଶାନରଖି ଅନାଧୁନିଆ କାମରେ ମାତିଯିବାକୁ ଭାଗବତଗୀତା ଶିଖାଇଛି । ଶ୍ରୀକୃଷ୍ଣ ମାହାପ୍ରଭୁଙ୍କର କଥା ମାନି ତାଲିମ୍ ଗ୍ରହଣ କରିବାକୁ ପତ୍ନୀକୁ ପ୍ରବର୍ତ୍ତାଇଲି । ବହୁ କଷ୍ଟରେ ସିଏ ରାଜି ହେଲେ । ସବୁଦିନେ ଅଫିସ୍ ଗଲାବେଳେ ମୁଁ ତାଙ୍କୁ ତାଲିମ୍ କେନ୍ଦ୍ରରେ ଛାଡ଼ିଦେଇ ଆସେ । ଦିନ ଦୁଇଟାରେ ତାଲିମ୍ ସରିବା ପରେ ରିକ୍ସାଧରି ସେ ଘରକୁ ପଳାନ୍ତି ।

ଦିନେ ଖରାବେଳେ ମୋ ଦେହ ଭଲ ନଲାଗିବାରୁ ଅଧାଛୁଟି ନେଇ ଘରକୁ ବାହାରିଲି । ବାଟରେ ମନକଲି, ସ୍ତ୍ରୀକୁ ତାଲିମ୍ କେନ୍ଦ୍ରରୁ ସାଙ୍ଗରେ ନେଇଯିବି । ସାତ ଟଙ୍କା ରିକ୍ସାଖର୍ଚ୍ଚ ବଞ୍ଚିଯିବ । ତାଙ୍କର ତଥାକଥିତ ଶ୍ରେଣୀକକ୍ଷକୁ ହଠାତ୍ ପଶିଯାଇ ଦେଖିଲି, ସଂସ୍କୃତି ସୁରକ୍ଷା ଅଭିଯାନର ସ୍ୱେଚ୍ଛାସେବୀ ସୌମ୍ୟଦର୍ଶନ ଯୁବ ପ୍ରଶିକ୍ଷକ ସ୍ୱାମୀମାନଙ୍କୁ ସମୁଚିତ ଶଯ୍ୟାସୁଖ ସେବା ସଂପର୍କରେ ଶିକ୍ଷାନବିଶ ମହିଳାମାନଙ୍କୁ ରତିକ୍ରୀଡ଼ା ଓ ପ୍ରେମାଳାପ କୋର୍ସ ପଢ଼ାଉଛନ୍ତି । ସଚିତ୍ର ବ୍ୟାଖ୍ୟାନ ଚାଲିଥାଏ । ଛାତ୍ରୀମାନେ ଲାଜେଇ ଲାଜେଇ ମନ୍ଦ ମନ୍ଦ ହସି ପାଠ୍ୟକ୍ରମକୁ ପିଇଯାଉଛନ୍ତି । ମୋର ଆକସ୍ମିକ ଶ୍ରେଣୀକକ୍ଷରେ ଆବିର୍ଭାବ ଯୋଗୁଁ ଅଧ୍ୟାପନା ବ୍ୟାହତ ହେଲା । ପ୍ରଶିକ୍ଷକ ମୋର ଅଭଦ୍ରତା ପାଇଁ ଭଦ୍ର ଭାବରେ ପ୍ରଶ୍ନ ଶୋଧିଗଲେ । ବିନା ଅନୁମତିରେ ମୋତେ ଭିତରକୁ ଛାଡ଼ି ଦେଇ ଥିବାରୁ ଦରୱାନକୁ ଖୋଜିବା ପାଇଁ ଖୋଜିଲେ । ଦରୱାନ ସେତେବେଳକୁ ତା ଖାଇବାକୁ ଚାଲିଯାଇଥିଲା । ଖାଇବାଛୁଟି ବେଳ କି ନା, ନହେଲେ ଶ୍ରେଣୀକକ୍ଷକୁ ପଶିଯିବାର ସୌଭାଗ୍ୟ ଏ ଜୀବନରେ ମୋତେ ଯୁଟିନଥାନ୍ତା ।

ମନ ବିଦ୍ରୋହ କରି ଉଠିଲା । ତାଙ୍କୁ ପାଠ ପଢ଼ା ବନ୍ଦ କରିବାକୁ କହିବାରୁ ସିଏ

କହିଲେ, ମେଡ଼ିକାଲ କ୍ଲିନିକ୍‌ରେ ଯଦି ପୁରୁଷ ଡାକ୍ତର ମହିଳାମାନଙ୍କର ସବୁ ପ୍ରକାର ଚିକିତ୍ସା କରି ପାରୁଛନ୍ତି, ଏଠାରେ ଅଣ୍ଡିରା ପୁଅ ଶିକ୍ଷାଦେଲେ କ୍ଷତି କଣ ? ମୋର ପାଟି ଚୁପ୍।

ତାଙ୍କୁ ପାଠ ପଢ଼ା ଏତେ ଭଲ ଲାଗୁଛି ଯେ, ଦୁଇ ମାସର ତାଲିମ୍ ଅବଧି ସରିବା ପରେ ମଧ୍ୟ ଗତ ଆଠମାସ ଧରି ବିନା ନାଗାରେ ସେ ତାଲିମ୍ କେନ୍ଦ୍ରକୁ ଧାଉଁଛନ୍ତି। ପାଠ ପଢୁ ପଢୁ ଅନେକ ଦିନ ଦୁଇଟା ଜାଗାରେ ଚାରିଟା ବାଜିଯାଉଛି। ବିଜ୍ଞାନ କଲେଜ୍ ଛାତ୍ରଙ୍କ ପରି ତାଙ୍କର ବି ପ୍ରାକ୍ଟିକାଲ୍ କ୍ଲାସ୍ ହୁଏ ବୋଲି ତାଙ୍କର ଫେରିବାରେ ବିଳମ୍ବ ହେବାର କାରଣ ସ୍ୱରୂପ କହନ୍ତି।

ପ୍ରକୃତରେ ଅତିମାତ୍ରାରେ ସ୍ୱାମୀଭକ୍ତ ପାଲଟି ଯାଇଥିଲେ ସେ। କୃଷ୍ଣଭକ୍ତକୁ ଯେପରି ଜଗତ କୃଷ୍ଣମୟ ଦେଖାଯାଏ, ତାଙ୍କୁ ସେହିପରି ଚାରିଆଡ଼ ସ୍ୱାମୀମୟ ଦେଖାଯାଉଛି। ବିମଳ ସମଦର୍ଶୀ ପାଲଟି ଯାଇଛନ୍ତି। ମୋ ମଧ୍ୟରେ ଓ ଅନ୍ୟ ପୁରୁଷମାନଙ୍କ ମଧ୍ୟରେ ତାଙ୍କ ଦୃଷ୍ଟିରେ ପ୍ରଭେଦ କିଛି ନାହିଁ। ଧନ୍ୟ ଧନ୍ୟ ତାଲିମ୍‌କେନ୍ଦ୍ରମାନ ।



# ମନ୍ତ୍ରୀଙ୍କ ସଙ୍ଗେ କଲେଜଭାବ

ପାକିସ୍ତାନ ଆମ ସୀମାରେ ଖାଲି ସୂନା, ରୂପା ଓ ଖାଦ୍ୟପଦାର୍ଥ ପକାଉଛି ବୋଲି ଶୁଣିଥିଲେ ମୋତେ ଏତେଟା ଅବିଶ୍ୱାସନୀୟ ଲାଗିନଥାନ୍ତା। ଆଖି ଦେଖିଲା, କାନ ଶୁଣିଲା; ତଥାପି ସେ ଦୃଶ୍ୟକୁ ମୁଁ ପୂରା ବିଶ୍ୱାସ କରିପାରୁନଥିଲି। ଖବରକାଗଜରେ ଛତ୍ରପାଟେକ ଚୁଆଳସିଂ ଭୋଟ୍ ଜିତିଛି ବୋଲି ଛପାହେଲା। ଦୂରଦର୍ଶନରେ ସେକଥା ଦେଖାଗଲା। ତା ଫଟ ଦୂରଦାନରେ ଦେଖାଗଲା। ମୋ ମନ ବିଶ୍ୱାସ କରିବାକୁ ନାରାଜ । ହେଃ, ସେଇଟା ଧଡ଼ିଆ ଟୋକାଟାଏ ଥିଲା, ଇଏତ ଗୋଇଗାଲ୍ ଅଧାବୟସିଆ ଦେଖା ଯାଉଛି। ଅତୀତର ସ୍କୁଲ୍ ପଢ଼ାବେଳର ତା ଚେହେରାକୁ ମନେ ପକାଇ ମନେ ମନେ ବଢ଼ାଇଲି; ଛବି ସାଙ୍ଗରେ ମେଳ କଲି। ଇଏ ବୋଧହୁଏ ସିଏ ନୁହେଁ। ଏକା ନାଆଁରେ କଣ ଏକାଧିକ ଲୋକ ନାହାନ୍ତି ?

ସେ ଟୋକାଟା ଧଡ଼ିଆ ଥିଲା। ଆମ ସାଙ୍ଗରେ ଚତୁର୍ଥ ଶ୍ରେଣୀରେ ଆସି ନାମ ଲେଖାଇଥିଲା। ତଥାକଥିତ କ୍ଷତ୍ରିୟ ହେଲେ ବି ତା ବାପା ପୈତୃକ ଜମି ଚାଷକରି ଦୁଃଖେ କଷ୍ଟେ ପରିବାର ଚଳାଉଥିଲେ । ତାର ଗତିବିଧି ଲକ୍ଷ୍ୟକରି ସ୍କୁଲପିଲାଙ୍କଠାରୁ ସାର୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଡାକୁଥିଲେ ଛତରା। ପ୍ରାୟ ସବୁ କ୍ଲାସରେ ତାର ଚଟାଣ ଉପରେ ଆଣ୍ଠେଇ ଦିନ ଯାଏ। ଏକପ୍ରକାର ଚତୁଷ୍ପଦ ଜୀବ ପାଲଟି ଯାଇଥିଲା। ସାର୍ ଯେ କୌଣସି ପ୍ରଶ୍ନ ପଚାରିଲେ ମୁକ୍ତା ଭୂଦାନୀ ବିନୋବାଙ୍କ ପରି ତା ପାଟି ଫିଟେନି। ବେତ ଆଉ ହାତର ଅପବ୍ୟବହାର ବା ଅପଚୟକୁ ଏଡ଼ାଇବା ପାଇଁ ଶିକ୍ଷକମାନେ ଆଦେଶ ଦେଇଥାନ୍ତି - ନିଲ୍‌ଡାଉନ୍। କ୍ଲାସ୍ ଭିତରେ ଓ ବାହାରେ ଯାବତୀୟ ବାକୁଲାମୀ ଓ ବଦ୍‌ମାସୀ। ବେଳେ ବେଳେ ଖେଳଛୁଟିରେ ହେଡ୍‌ମାଷ୍ଟ୍ରଙ୍କର ଅଫିସ୍ ବାହାରେ ସେ ଆଣ୍ଠେଇ ଥାଏ। ଖୁବ୍ ଛୋଟ ବୟସରୁ କପି କରିବାରେ ତାର ଅଦ୍‌ଭୁତ ଦକ୍ଷତା ପ୍ରମାଣିତ ହୋଇଥିଲା। ଓଡ଼ିଆ ବା ଇଂରାଜୀର ସବୁତକ ଅକ୍ଷର ଲେଖିଜାଣିନଥିବା ତଥା ଶହେ ପର୍ଯ୍ୟନ୍ତ ନିର୍ଭୁଲ୍ ଭାବରେ ଲେଖିପାରୁ ନଥିବା ଛତରା ତଥାପି ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଚାଲିଥିବା ତାର କପି ଦକ୍ଷତାର

ଚାକ୍ଷୁଷ ପ୍ରମାଣ ।

ତାହାର ଏଭଳି ବିରଳ ଗୁଣଗୁଡ଼ିକ ଯୋଗୁଁ ଆମେ କେତୋଟି ଭଲ ପାଠ ପଢୁଥିଲା ପିଲା ତା'ଠାରୁ ନିରାପଦ ଦୂରତ୍ୱ ରକ୍ଷାକରି ଚଳୁଥିଲୁ । ଜୀବନର ଶେଷଦିନ ପର୍ଯ୍ୟନ୍ତ ଥରେ ସୁଦ୍ଧା ତା'ର ନାମ ସ୍ମରଣ କରିବାର ବା ତାକୁ ସହପାଠୀ ବୋଲି ପରିଚୟ ଦେଇ ଗର୍ବ ଅନୁଭବ କରିବାର ଦୁରାଗ୍ରହ ଆମର ନଥିଲା ।

ହାଇସ୍କୁଲ ପରେ ଆମେ ଶୁଣିଲୁ, ସିଏ କୁଆଡ଼େ ଗୋଟାଏ ଘରୋଇ କଲେଜରେ ମୋଟାଅଙ୍କର ଡୋନେସନ୍ ଦେଇ ନାମ ଲେଖାଇଲା । ସେଠି ଛାତ୍ରସଂଘର ନେତା ହେଲା । ସେଇ କଲେଜ୍ ଜୀବନରେ ଦାଦାଗିରି କରି ଦିନକୁ ଦୁଇ ତିନିଟା ଲେଖାଏଁ ପୋଲିସ୍ କେସ୍ ଅର୍ଜିଲା । ସେ କେସର ଦଫା ଭିତରେ ଧର୍ଷଣ, ରାହାଜାନୀ ଓ ହତ୍ୟାଉଦ୍ୟମ ଭଳି ଦଫାମାନ ସାମିଲ୍ ଥାଏ । ସ୍ୱାଭାବିକ କଥା, ତା ନାଆଁ ମଝିରେ ମଝିରେ ଖବର କାଗଜରେ ବାହାରେ । ସ୍କୁଲବେଳର ସାଙ୍ଗ କେହି ଦେଖାହେଲେ ଆମ ଆଲୋଚନା ପରିସରକୁ ଆପେ ଆପେ ଛତରାର ଗୁଣଗାରିମା ପଶିଆସେ । ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱ କିନା । ମିଳିମିଶି ଦୁଃଖ କରୁ । ଦୀର୍ଘଶ୍ୱାସ ପକାଇ - ବୁଡ଼ିଗଲା ଗୋଡ଼ ତଳକୁ ତଳକୁ, ନଷ୍ଟସ୍ୟ କାନ୍ୟାଗତି ଇତ୍ୟାଦି ପଂକ୍ତି ଉଦ୍ଧାରକରୁ । ଯେତେହେଲେ ପିଲାଦିନର ସହପାଠୀ ସେ ।

ମୁଁ ଅଧ୍ୟାପକ ଚାକିରୀ କଲାପରେ ଅଧ୍ୟାପନା, ଟିଉସନ୍ ଓ ଘରଜଞ୍ଜାଳ ନେଇ ଏକପ୍ରକାର ଛତରାକଥା ଭୁଲି ଯାଇଥିଲି । ଆଜି ସେ ଯେ ଭୋଟ୍ ଜିଣି ମନ୍ତ୍ରୀ ହୋଇଯାଇଛି ... ମୋତେ ଲାଗିଲା, ଓଟପକ୍ଷୀଟାଏ ଆକାଶରେ ଉଡ଼ି ଯାଉଯାଉ ଉଡ଼ାଜାହାଜରେ ଧକ୍କା ଖାଇଛି । ଏକଦା 'ମିସା' ବଳରେ ଗିରଫ୍ ହୋଇ ଛତରା ଜେଲ୍‌ରେ ଥିଲାବେଳେ ତା ବାପାକୁ ଜେଲ୍ ଫାଟକ ସାମ୍ନାରେ ରାସ୍ତାରେ ନସର ପସର ହେଉଥିବାର ଦେଖିଥିଲି । ପୁଅକୁ ଭେଟିବାକୁ ଆସିଥିବେ ନିଶ୍ଚୟ । ଲାଜରେ ତାଙ୍କ ଆଖି ଆଗରେ ମୁହଁ ଲୁଚାଇ ଚାଲିଗଲି - ଶିଷ୍ଟାଚାର, ସୌଜନ୍ୟକୁ ଜଳାଞ୍ଜଳି ଦେଇ । ନମସ୍କାର କରିନଥିଲି ।

ଆଜି ରାଜଧାନୀରେ ପହଞ୍ଚି ଛତରାକୁ ଓଳିଗି ହେବାକୁ ପଡ଼ିବ । ଇଚ୍ଛା ହେଉଥିଲା, ଚାକିରୀକୁ ଇସ୍ତଫା ଦେଇ ଗାଆଁକୁ ପଳାନ୍ତି । କଣ କରାଯାଏ ? ପିଲାବିନେ ମୁଁ ଫୁଟ୍‌ବଲ୍ ଖେଳୁଥିଲି ବୋଲି କଲେଜ୍‌ରେ କ୍ରୀଡ଼ା ବିଭାଗର ଅଧିକ ବୋଝ ଭାବରେ ଲଦି ଦିଆଯାଇଛି । ଅନ୍ୟପକ୍ଷରେ ଅଧକ୍ଷଙ୍କର ଆଦେଶ, ବାର୍ଷିକକ୍ରୀଡ଼ା ଉଦ୍‌ଯାପନ ଉତ୍ସବରେ ଯୁବ ବ୍ୟାପାର ମନ୍ତ୍ରୀ ଛତ୍ରପତିଙ୍କ ହୁଆଳସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । କଲେଜର କ୍ରୀଡ଼ାସଂସଦ ସମ୍ପାଦକଙ୍କୁ ସାଙ୍ଗରେ ନେଇ ମୁଁ ନିଜେ ମନ୍ତ୍ରୀଙ୍କଠାରୁ ସମ୍ମତି ଆଣିବି । ଛତରା ସବୁଦିନେ ମୁଁ ଆଗବେଞ୍ଚରେ ବସୁଥିବା ବେଳେ ମୋରି ସାମ୍ନାରେ କ୍ଲାସ୍‌ରେ ଆଣ୍ଠେଇଥିଲା, ଆଜି ତାର କରୁଣାଭିକ୍ଷା କରି ମୁଁ ତା ଘରେ ତା' ବୈଠକଖାନାରେ, ତା' ଚେଲା, ଚାମଚାଙ୍କ ଆଗରେ ନତଜାନୁ ହେବି । ଧିକ୍ ମୋର ପାଠପଢ଼ା, ଧିକ୍ ମୋ ଜୀବନ !

ରାଜଧାନୀରେ ତା' ରାଜନବର ପାଖରେ ସାଙ୍ଗରେ ଦୁଇଜଣ ଛାତ୍ର ପ୍ରତିନିଧିଙ୍କୁ



ଧରି ପହଞ୍ଚିବା ବେଳକୁ ସେଠି ଗୋଚରବାୟାଣୀ ପୀଠରେ ହୁକୁମ୍ ନେବାକୁ ଆସିଥିବା ଭକ୍ତଙ୍କପରି ଜନତାଙ୍କ ଭିଡ଼ । ସେ ଭିଡ଼ଭିତରେ ଆମଗାଆଁ ପାଖର କୁଖ୍ୟାତ ଦେଶୀମଦ ବ୍ୟବସାୟୀ ନଟ ସାମଲ ବି ଥିଲା । ଆହୁରି ଦେଖିଲି ଅନ୍ୟ ଏକ କଲେଜ୍‌ର ଜଣେ ପରିଚିତ ବରିଷ୍ଠ ଅଧ୍ୟାପକଙ୍କୁ । ସେ ପରିଚୟର ଖିଅଧରି ଆସିଥିଲେ ବଦଳି ଆଦେଶ ବାତିଲ୍ କରାଇବା ପାଇଁ । ଅନ୍ଧ ସହିତ ବାଟକଢ଼ାଇବା ବାଳକ ପରି ଅଧିକାଂଶ କୃପାପ୍ରାର୍ଥୀ ସଙ୍ଗରେ ଜଣେ ଟାଉଟରେ, କୁନିନେତା ବା କର୍ମୀକୁ ଧରି ଆସିଥିଲେ । ବିଧିବଦ୍ଧ ଚିରୁଟୁଟି ଓ ନମ୍ବର ଲଗାଇବା ବ୍ୟବସ୍ଥା । ସେଥିରେ ବି ସାକ୍ଷାତ ପାଇବାର ଗ୍ୟାରେଣ୍ଟି ନାହିଁ । ହଠାତ୍ ଜରୁରୀ ଫୋନ୍ ଆସିଲେ ମନ୍ତ୍ରୀ ଦର୍ଶନାର୍ଥୀମାନଙ୍କୁ ଉପେକ୍ଷା କରି ଆସ୍ଥାନ ତ୍ୟାଗ କରି କୁଆଡେ ଚାଲିଯାଇ ପାରନ୍ତି । ତହିଁରେ ପୁଣି ହାତଗୁଞ୍ଜା ନେଇ ଚିରୁଟୁଟି ରଖିଥିବା ଯୁବକ ଜଣକ ସେସବୁ ଏପାଖ ସେପାଖ କରୁଥାଏ ।

ଯାହାହେଉ ମଣିମା ଖରାବେଳିଆ ଠାଆକୁ ବିଜେ କରିବା ପୂର୍ବରୁ ମୋ ପାଳି ପଡ଼ିଗଲା । ମୁଁ ଓ ଦୁଇଛାତ୍ର ଡାକରା ପାଇ ଭିତର ବଖରାକୁ ଗଲୁ । ଛତରା ମୋ ହାତଲେଖା ଚିରିକୁଟିକୁ ଧରି ଖୁବ୍ ନିବିଷ୍ଟ ଭାବରେ ପଢୁଥାଏ । ମୁଁ ପରଦା ଆଡ଼େଇ ଦାନ୍ତନିକୁଟି ମୁଖ ଦେଖାଇବା ମାତ୍ରେ ତା' ଦୃଷ୍ଟି ଆପେ ଆପେ ମୋ ଉପରେ ପଡ଼ିଗଲା । ଉଠି ଠିଆହୋଇପଡ଼ି ପ୍ରେମମୟ ଚୈତନ୍ୟ ବାଲ୍ୟସାଥୀ ଗୋବିନ୍ଦକୁ ଆବୁଡ଼ିଜିବା ପରି କହିଲା, ଆରେ ତୁ ! ହତଭାଗା ମୁଁ ସେୟା ଦେଖୁଥିଲି, ନାଆଁ ମୋତେ ଅତି ଜଣାଶୁଣା ଲାଗୁଛି । କହ ହତଭାଗା କୁଆଡେ ଆସିଲୁ ? ମୋତେ ବସିବାକୁ ନିର୍ଦ୍ଦେଶ ଦେବା ପରେ ସେ ସକାଳ ଓଳିର ଦରବାର ଅପାତତଃ ବରଖାସ୍ତ ଆଦେଶ ଦେଇଦେଲା ।

ତାର ପ୍ରେମପାଣିଛିଞ୍ଚାରେ ମୋ ପ୍ରବଣତା ଗଛ ପଲ୍ଲବିତ ହୋଇ ଉଠିଲା । ମୋ ପାଟିରୁ ଅଜାଣତରେ ବାହାରିପଡ଼ିଲା । ଆରେ ଛତରା, ତୁ ମନ୍ତ୍ରୀ ହୋଇଗଲୁଣି, ଖବରକାଗଜରୁ ପଢ଼ି ମୁଁ ବିଶ୍ୱାସ କରି ପାରୁନଥିଲି ।

ସିଏ ମୋ ପାଟି ବନ୍ଦ କରାଇବା ଉଦ୍ଦେଶ୍ୟରେ ତୁରନ୍ତ ଥଣ୍ଡାପାନୀୟ ବରାଦ କରିଦେଲା । ମନ୍ତ୍ରୀଙ୍କ ଦ୍ୱାରା ଥଣ୍ଡାପାନୀୟରେ ଅପ୍ୟାୟିତ ହେବା ସୌଭାଗ୍ୟ କ୍ୱଚିତ୍ ଦର୍ଶନାର୍ଥୀଙ୍କ ଭାଗ୍ୟରେ ଜୁଟେ । ଡାକୁଅ ସକାଣେ କନିଶିରୀ ପାଣି ପାଇବା ଭଳି ମୋ ହାତରେ ଥଣ୍ଡା ପାଣି ପିଇ ମୋ ଛାତ୍ରଦ୍ୱୟ କୃତକୃତ୍ୟ । ପିଲାଦିନ ସାଙ୍ଗ ଦେଖାହେଲେ ଅତୀତ କଥା ନିଶ୍ଚୟ ପଡ଼ିବ । ଛତରାର ଅତୀତ ସ୍ମୃତି ମଧୁର ନଥିଲା । ସିଏ ତାର ଷ୍ଟେନୋ ପି.ଏ ଓ ଅତିଅତୁରନ୍ତ ଦୁଇଜଣଙ୍କୁ ସେ ବଖରାରୁ ଚଟାପଟ ଇଶାରାରେ ବିଦା କରିଦେଲା । ସେମାନେ ଚୁର୍ଣ୍ଣିସ୍ କରି ବାଟକାଟିବା ପରେ ମୁଁ କଥା ଆରମ୍ଭ କଲି - ତୋ ନେମ୍‌ପ୍ଲେଟରେ ଡବଲ୍ ଏମ୍.ଏ., ଏଲ୍.ଏଲ୍.ବି. ଲେଖା ଅଛି । ତୁ କେବେ ପି.ଜି. କଲୁ ? ମୁଁ ମୋ ପାଖରେ ଦୁଇଛାତ୍ରଙ୍କ ଉପସ୍ଥିତି ସଂପର୍କରେ ସଚେତନ ଥିଲି । ଅତୀତର ପର୍ଯ୍ୟାଲୋଚନା ଦ୍ୱାରା ପିଲାଙ୍କ ଆଗରେ ତାକୁ ଅପଦସ୍ତ କରିବାକୁ ଚାହୁଁ ନଥିଲି ।

"ହତଭାଗା ! ମୁଁ ସିଣ୍ଡିକେଟ୍ ମେମ୍ବର ଥିଲିପରା । ତୁ ଜାଣିଚୁ?" ଆଖିମିଟିକା ମାରି ମୁରୁକିହସା ଦେଇ କହିଲା, "ଆମ ଘରେ ଯୋଡ଼ କୋଠିଆ ଟୋକା ଥିଲା, ସିଏ ବି ଏମ୍.ଏ. ଲେଖୁଛି ।" ଟିକେ ଅଟକି ଯାଇ କହିଲା, "ଅବଶ୍ୟ ଓଡ଼ିଆରେ ଲେଖୁଛି, ଇଂରାଜୀରେ ଲେଖିପାରୁନାହିଁ ।"

ବହୁକଳାରେ ଦକ୍ଷ ଛତରା ଯଦି କାଗଜ କଲମରେ ଗୋଟାଏ ଦୁଇଟା କଳା ବିଷୟରେ ମାଷ୍ଟର ଡିଗ୍ରୀ ପାଇଲା, ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ପୁନଶ୍ଚ ସେ ନିଜେ କେବେ ପରୀକ୍ଷା ହଲ୍‌ରେ ବସିନାହିଁ ବା ନିଜେ ଖାତାରେ ଦୁଇଧାଡ଼ି ଲେଖିନାହିଁ । ରାଜନୀତିରେ ପଶି ଜନତାଙ୍କ ପାଇଁ ସେ ବ୍ୟସ୍ତ ଥିଲାବେଳେ, ଜନତାଙ୍କ ମଧ୍ୟରୁ କେତେଜଣ ତା ପାଇଁ ଯୋଗ୍ୟତା ପ୍ରମାଣପତ୍ରର ସମସ୍ୟା ମୁଣ୍ଡକୁ ନେଇ ଯାଇଛନ୍ତି ।

ଛତରା ତୁରନ୍ତ ଆମ ମହାବିଦ୍ୟାଳୟ କାର୍ଯ୍ୟକ୍ରମକୁ ଯିବାକୁ ରାଜି ହୋଇଗଲା । ତା'ଦୟାରୁ ଦୂରଦର୍ଶନ ଆକାଶବାଣୀ ଓ ଲୋକସଂପର୍କ ବିଭାଗ ସେଠାକର ଘଟଣା ଉତ୍ତୋଳନ କରିବାକୁ ପ୍ରସ୍ତୁତ ହୋଇଗଲେ । ଆମେ କଲେଜକୁ ଫେରିବା ପରେ ପିଲାଏ ଅଧ୍ୟାପକଙ୍କ ଆଗରେ ସେମାନଙ୍କର ଆଖିଦେଖା ବିବରଣୀ ଶୁଣାଇପକାଇଲେ । ଖୋଦ୍ ମନ୍ତ୍ରୀଙ୍କ ସହିତ ମୋର ଘନିଷ୍ଠ ବନ୍ଧୁତା ଥିବା ଡାକ ମୁହଁରୁ ଶୁଣୁଶୁଣୁ ଅଧକ୍ଷ ସସଂଭ୍ରମେ ଚଉକି ଛାଡ଼ି ଠିଆ ହୋଇଗଲେ । ବିନୟର ସହିତ ହାତଯୋଡ଼ି କହିଲେ, ଆପଣଙ୍କ ଦାୟିତ୍ୱ ସାଙ୍ଗକୁ ଆମେ ଅଯଥା କ୍ରୀଡ଼ା ବିଭାଗକୁ ଆପଣଙ୍କ ମୁଣ୍ଡରେ ଲଦି ଦେଉଛୁ । ତେଣୁ, ଆପଣଙ୍କୁ ଅସୁବିଧା ହେଲେ ଆପଣ କ୍ଲାସ୍ ନେଇ ନପାରନ୍ତି । ଆମେ ଚଳେଇ ନେବୁ । ଦରକାର ପଡ଼ିଲେ ବରଂ ଆପଣଙ୍କର କ୍ଲାସ୍ ମୁଁ ନେଇଯିବି ।

ନିର୍ଦ୍ଦିଷ୍ଟ ଦିନ ମାନ୍ୟବର ମନ୍ତ୍ରୀ ଛତ୍ରପାଟଙ୍କ ଆମ ଉତ୍ସବକୁ ଆସିଲେ । ସଭା ଚାଲିଥିବା ବେଳେ ଅଧକ୍ଷ ମୋତେ ପାଖକୁ ଡାକି ଫୁସ୍‌ଫୁସ୍ କରି କହିଲେ, "ଆପଣ ଟିକେ ସାର୍‌ଙ୍କୁ କୁହନ୍ତୁ, ଏ ଖେଳପଡ଼ିଆରେ ପାଚେରୀ ନଥିବାରୁ ପାଖଆଖ ବସ୍ତିର ଲୋକେ ଏହା ଭିତରେ ଖାଡ଼ା ଫେରୁଛନ୍ତି । ସରକାରଙ୍କ ତରଫରୁ ପାଚେରୀ ବୁଲାଇବା ବ୍ୟବସ୍ଥା ସହିତ ଚାରିପଟେ ଗ୍ୟାଲେରୀ ଓ ଗୋଟାଏ ପାଭେଲିଅନ୍ କରାଇଦେବେ ।" ଅଗତ୍ୟା ଅଧକ୍ଷଙ୍କ କଥାମାନ ମାଇକ୍‌ସାମ୍ନାରେ ବଚନ ଉଦ୍‌ଗାରୁଥିବା ଛତରା କାନରେ ଆମ କଲେଜର ଦାବିଟା ପୂରାଇ ଦେଲି । ଅଲବତ୍ ଯଥାଶୀଘ୍ର କାମଟା ହୋଇଯିବ ବୋଲି ଘନଘନ କରତାଳି ମଧ୍ୟରେ ଛତରା ପ୍ରତିଶ୍ରୁତି ଦେଇଦେଲା । ସଭା ସାଙ୍ଗ ହେବା ବେଳକୁ ମନ୍ତ୍ରୀଙ୍କ ପାଖରେ ବସୁଥିବା ଓ କାନ ପାଖରେ ମୁହଁ ଲଗାଇ କହିପାରୁଥିବା ବ୍ୟକ୍ତି ଭାବରେ ମୁଁ ମାର୍କାମରା ହୋଇ ପାରିଥିଲି ।

ଭୋପାଳର ଇଉନିଅନ୍ କାର୍ବାଇଡ୍ ଗ୍ୟାସ୍ ପରି କଥାଟା କେତେବେଳେ ଖେଳିଯାଇ ମୋ ସାନଭାଇ କ୍ୱାଟର୍‌ରେ ପହଞ୍ଚିଯାଇଛି, ମୋତେ ଜଣାନାହିଁ । ସିଏ ଗୋଟିଏ ବ୍ଲକ୍‌ର ପଞ୍ଚାୟତ ସଂପ୍ରସାରଣ ଅଧିକାରୀ । ତା' କର୍ମକ୍ଷେତ୍ରରେ ପରିବାର ଚଳାଇ ସୁଖରେ ଜୀବନ କଟାଇ ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ଆଦୌ ଦରମା ଉପରେ ନିର୍ଭର କରିବାକୁ ପଡ଼େନାହିଁ । ତେବେ, କୁଳିନେତାଙ୍କର ବ୍ଲକ୍ ସଂସ୍ଥା ଉପରେ ବେଶୀ ଚଢ଼ାଉ । ସେଇ ବ୍ଲକ୍ (ବା ବ୍ଲାକ୍ କହିପାରନ୍ତି) ମାଧ୍ୟମରେ କୁଳିନେତା, ଟାଉଟର୍‌ମାନଙ୍କୁ ପୋଷିବା ପାଇଁ ଅଶେଷ ପ୍ରକାରର ଯୋଜନା ବା ସ୍କିମ୍ ଉଦ୍‌ଭାବନ କରାଯାଇଛି । ସରକାର ବଦଳି ମିଳିତ ସରକାର ଗଠନ ହେବାପରେ ଏକା ସାଙ୍ଗରେ ବହୁଦଳର ନେତାମାନେ ଖାଇବା ପାଇଁ ଆସି ହାଇଁ ହାଇଁ ହେଲେ । ମୋ ସାନଭାଇଟି ଭାରି ସଚ୍ଚୋଟ । ସିଏ ଆଗରୁ ଯେତିକି ଭାଗ ଦେଉଥିଲା, ଏବେ ସେଇ ଶତାଂଶ ଦେବାକୁ ଅଡ଼ିବସିଲା । ଏତେଦଳଙ୍କୁ ସେତକ ନ ଅଣ୍ଟିବାରୁ ସମସ୍ତେ ତା' ବଦଳି ପାଇଁ ଲାଗିଗଲେ । ବଦଳି ଚେର୍ ପାଇ ସାନଭାଇ ମୋ ଦ୍ୱାରସ୍ଥ ହୋଇ କହିଲା, "ଭାଇନା ! ମନ୍ତ୍ରୀ ଛତ୍ରପାଟଙ୍କ ତୁମ ପିଲାଦିନର ସାଙ୍ଗ । ତାଙ୍କୁ କହି ମୋ ବଦଳିଟା କାଟିନ୍ କରାଇ ଦିଅ ।" ମତେ ବହୁପ୍ରକାର ନେହୁରା ହେଲା ।



ମୁଁ ଜାଣେ ସେ ବ୍ଲକ୍‌ରେ କଳକୌଶଳ କରି ବାରବର୍ଷ ରହିଲାଣି । ଏବେ ବଦଳି ହେଲେ କୋଉ ପ୍ରଳୟ ଅଶୁଦ୍ଧ ହୋଇଯିବ ? ସରକାରୀ କର୍ମଚାରୀ ଗୋଟାଏ ଜାଗାରେ ବହୁବର୍ଷ ରହିଗଲେ ଦୁର୍ନୀତିର ପ୍ରଲେପ ଦେଇ ଆସନକୁ କୁତ୍ସିତ ବିଷାକ୍ତ କରିଦେବେ । କିନ୍ତୁ ତା'ମୁହଁରେ ସେ କଥା କହିବାକୁ ମୋ ସାହସ ନଥିଲା । କୁଣ୍ଠେଇ କୁଣ୍ଠେଇ କହିଲି - "ଚେଷ୍ଟା କରିବି ।" ମୋର "ଚେଷ୍ଟା କରିବି" କୁ ତ୍ୱରାନ୍ୱିତ କରିବା ପାଇଁ ଦିନେ ଛଡ଼ା ଦିନେ ସେ ମୋ ବସାକୁ ଧାଇଁଲା । (ଅଥଚ ଏଥିପୂର୍ବରୁ ଛଅବର୍ଷ ହେବ ସେ ମୋ ବସା ମାଡ଼ିନଥିଲା) ତା' ଧାଇଁବା ଦେଖି ଅଗତ୍ୟା ମୁଁ ରାଜଧାନୀ ଧାଇଁଲି । ତିନିଥର ଭେଟ ନ ପାଇ ଫେରିବା ପରେ ଚତୁର୍ଥଥର ଛତରାର ଦେଖାପାଇଲି । ତାକୁ ମୋ ସାନଭାଇ କଥା କହିଲି । ଆଗ ମୁନିମନକିଆ ହସଟାଏ ଓଠମାଳିରେ ଉକୁଟାଇ ଦେଇ କହିଲା, "ହତଭାଗା ଏଇ କଥା । ହେଃ ତୋ ଭାଇ କିଏ ମୋ ଭାଇ କିଏ । ନିଶ୍ଚୟ ଚେଷ୍ଟା କରିବି ।" ସୂର୍ଯ୍ୟ ବାଦଲରେ ବର୍ଷାଦିନିଆ ଲୁଚୁକାଳି ଖେଳପରି ଟିକେ ପରେ ହସ ଉଭେଇ ଯାଇ ମୁହଁଉପରେ ଚିନ୍ତାର କଳାଛାଇ ଚରିଗଲା । କପାଳର ଶୀରା କୁଞ୍ଚି ହୋଇଗଲା । ଗମ୍ଭୀର ଭାବରେ କହିଲା, - "ସେଇଟା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀର କାମ । ତାଙ୍କର ହୁଙ୍କାଦଳ ଆମ ମିଳିତ ମନ୍ତ୍ରୀମଣ୍ଡଳରେ ଥିଲେ ମଧ୍ୟ ଆମ ଉଠୋଉଦଳ ସହିତ ତାଙ୍କ ସଂପର୍କ ଖୁବ୍ ତିକ୍ତ । ମୋ ନିର୍ବାଚନମଣ୍ଡଳୀରେ ପରା ତାଙ୍କ ଦଳର କର୍ମୀମାନେ ଷଣ୍ଢ ପୂରାଇ ଭିତରେ ଭୋଟ୍ ଭାଙ୍ଗୁଥିଲେ । ମୋ ପିଲାଙ୍କଠାରୁ ଛେଚା ଖାଇବାରୁ ତାଙ୍କ ବାହୁଙ୍ଗାମୀ ବନ୍ଦ ହେଲା । ସେହିଦିନଠାରୁ ମୋତେ ଦେଖିଲେ ସେ ମନ୍ତ୍ରୀର ନାହିଁଡ଼ିଏଁ ।" ତାପରେ ଛତରାର ଧ୍ୟାନମଗ୍ନ ଅବସ୍ଥା । ଆଖିମେଲି କହିଲା, "ତା ନିଜ ଲୋକ ଭିତରୁ କାହାକୁ ହାତକରି କାମଟା କରାଯାଇପାରେ । ତୁ ଏବେ ଯା । ମୁଁ ଚେଷ୍ଟା କରି ଦେଖିବି ।"

ମୁଁ ମୋ ସାନଭାଇକୁ ମନ୍ତ୍ରୀଙ୍କ ଆଶ୍ୱାସନା କଥା ଜଣାଇ ଦେଲି । ତଥାପି କେଇଦିନ ପରେ ସାନଭାଇର ବଦଳି ହୋଇଗଲା ଓ ସେ ନୂଆଜାଗାରେ ଯୋଗ ଦେବା ପରେ

ଅଭିମାନରେ ମୋତେ ଚିଠି ଲେଖିଲା ଯେ, "କଲେଜ୍ ପିଲାଙ୍କୁ ପାଠ ପଢ଼ାଇବା ଯୋଗ୍ୟତା ମୋର ଥାଇପାରେ । ମାତ୍ର ବଡ଼ଲୋକଙ୍କୁ କଥା କହିବାର ଯୋଗ୍ୟତା ମୋର ନାହିଁ ।"

ବାତ୍ୟାପରେ ରିଲିଫ୍‌ବଣ୍ଟା ଘଟଣାକୁ କେନ୍ଦ୍ରକରି ଆମ ଗାଁରେ ଅଭୂତପୂର୍ବ ଗଣ୍ଡଗୋଳ ଲାଗିଗଲା । ହରିଜନ ସାହିବାଲା କହିଲେ, ଆଗ ତାଙ୍କସାହିରେ ରିଲିଫ୍ ବଣ୍ଟାଯିବ । ଆମ ସାହିଲୋକ ନଛୋଡ଼ବନ୍ଧା । ସେମାନେ କହିଲେ ପ୍ରାକୃତିକ ବିପର୍ଯ୍ୟୟ ଆଗରେ ସମସ୍ତେ ସମାନ । ସେକ୍ଷେତ୍ରରେ ହରିଜନ, ସବର୍ଣ୍ଣ ଭେଦଭାବ ଚଳିବ ନାହିଁ । ଆମ ସାହିର କ୍ଷତିଗ୍ରସ୍ତଙ୍କ ସଂଖ୍ୟା ଅଧିକ । ତେଣୁ ଏଠି ଆଗ ଦିଆଯିବ । ରିଲିଫ୍ ଟ୍ରକ୍ ପହଞ୍ଚିବା ମାତ୍ରେ ଏହି ଟଣାଓଟରା ଫଳରେ ହାତାହାତିଯାଏ କଥା ଗଲା । ଟ୍ରକ୍‌ବାଲା ରିଲିଫ୍ ସାମଗ୍ରୀ ସହ ପ୍ରାଣବଞ୍ଚାଇ ପଳାଇଗଲା ।

ଏଥର ନାଟଦେଖ, ଆମ ସାହିବାଲା ମୋ ଘରେ ହାଜର । "ତୁ ମନ୍ତ୍ରୀଙ୍କର ସାଙ୍ଗ ଥାଉ ଥାଉ ହରିଜନ ସାହିବାଲା ଆଗ ରିଲିଫ୍ ନେଇଯିବେ ? ଆମର ଇଜ୍ଜତ ରହିବଟି ? ଆମେ ଗାଁରୁ ତୋ ପାଖକୁ ଧାଇଁ ଆସିଛୁ । ତୁ ଶୀଘ୍ର ଏକଥା ମନ୍ତ୍ରୀଙ୍କୁ କହି ନବୁଝିଲେ ଆମ ନାକ ନିଶ ତଳେ ପଡ଼ିଯିବ ।" ଦେବଗଣ କ୍ଷୀରସାଗର କୂଳରେ ବିକଳରେ ନାରାୟଣଙ୍କୁ ଯେପରି ଆରାଧନା କରୁଥିଲେ ।

ପୁଣି ଛତରା ପାଖକୁ ଭୁବନେଶ୍ୱର ଧାଇଁଲି । ସେ କହିଲା, ତୁମ ଅଞ୍ଚଳର ରିଲିଫ୍ ସୁଷମ ବଣ୍ଟନ ଦାୟିତ୍ୱ ସେଠାକାର ଏମେଲେର । ରିଲିଫ୍ କୋଡିନେସନ୍ ଦାୟିତ୍ୱରେ ଖୋଦ୍ ସିଏମ୍ ଅଛନ୍ତି । ହାତଭାଗା, ସେଠାରେ ମୋର ହସ୍ତକ୍ଷେପ କରିବା କଣ ଠିକ୍ ହେବ ? (ପୁଣି ସେଇ ଧ୍ୟାନମୁଦ୍ରା) ହିଁ, ତୋ ପାଇଁ - ଖାସ୍ ତୋ ପାଇଁ କିଛି କରିବାକୁ ହେବ । ମୁଁ ନିଜେ ରିଲିଫ୍ ବଣ୍ଟା କେନ୍ଦ୍ରକୁ ଯାଇ ତୁମ ପଞ୍ଚାୟତକୁ ଯାଉଥିବା ଟ୍ରକ୍‌କୁ ତୁମ ଗାଁରେ ଆଗ ଖଲାସ କରିବାକୁ ପରାମର୍ଶ ଦେବି । ଦେଖାଯାଉ, କଣ ହେଉଛି ।

ଆଠଦିନପରେ ଗାଁ ଲୋକେ ଉତ୍ୟକ୍ତ ହୋଇ ମୋ ବସାରେ ହାଜର "ହେଇରେ ! ତତେ ଏତେ କରି ନେହୁରା ହୋଇ କହିବା ପରେ ବି ଆଗ ହରିଜନ ସାହିରେ ରିଲିଫ୍ ଗଲା ! ତା ଦୁଇଦିନ ପରେ ଆମ ସାହିକୁ ରିଲିଫ୍ ଗଲା ।" ସତେକି ସେ ରିଲିଫ୍ ଟ୍ରକ୍ ମୁଁ ଚଳାଉଥିଲି । ମୋତେ ବି କଥାଟା ଅପମାନସୂଚକ ଲାଗିଲା । ନାକକାଟୁରୀ ସ୍ତ୍ରୀପରି ଛତୁରା ପାଖରେ ପହଞ୍ଚି ଅଭିମାନ କଲି । ସେ କହିଲା ତୁ ଚାରିପାଞ୍ଚଦିନ ପରେ ଆ, କଥାଟା କାହିଁକି ବିଗିଡ଼ିଲା ମୁଁ ତୋତେ ବୁଝିଶୁଝି କହିଦେବି । ମୋର ତ ଖୁବ୍ ଲାଗିଛି । ପୁଣିଥରେ ତା' ପାଖକୁ ଗଲି । ମୋତେ ବୁଝାଇଦେଲା, ଟ୍ରକ୍ ଡ୍ରାଇଭରକୁ ଠିକ୍ ଭାବରେ ବୁଝାଇ ଦିଆଯାଇଥିଲା । ବୁଝିଲୁ ହତଭାଗା, ତୁମ ଗାଁକୁ ଗଲାବେଳେ ଆଗ ହରିଜନ ସାହି ପଡ଼େ । ରିଲିଫ୍ ଟ୍ରକ୍ ସେ ରାସ୍ତାରେ ପହଞ୍ଚିବା ମାତ୍ରେ ସେମାନେ ଠେଙ୍ଗା, ବାଡ଼ି ଫାର୍ସାଧରି ଟ୍ରକ୍‌କୁ ଘେରିଗଲେ । ଟ୍ରକ୍‌କୁ ଏକପ୍ରକାର ଲୁଟିନେଲେ । ଏ କ୍ଷେତ୍ରରେ ଆଉ କଣ କରାଯାଇ ପାରିଥାନ୍ତା ।

ନାକନିଶ ତଳେ ପଡୁକି ଓଠ ଉପରେ ଥୁଆ ହୋଇଥାଉ, ଆମ ସାହିବାଲାଙ୍କ ପାଇଁ ମୋତେ କିଛି କୈଫିୟତ୍ ମିଳିଗଲା । ସେଇଥିରେ ସନ୍ତୁଷ୍ଟ ହୋଇ ବସାକୁ ଫେରିଲି ଓ କଲେଜର ଠିକଣାରେ ସବୁକଥା ଜଣାଇ ଚିଠିଖଣ୍ଡେ ଲେଖିଦେଲି ।



ଦିନେ ଖରାବେଳେ । ମୁଁ କଲେଜରେ ଥାଏ । ହଠାତ୍ ଦଶବାରଜଣ ଟୋକା ଯାଇ ଦୁଲୁଦୁଲୁ କରି ମୋ ବସାଘର କବାଟ ବାଡେ଼ଇଲେ । କଲେଜର କ୍ୱାଟର୍ ନମ୍ବରକୁ ପାଖ ବଜାର ଶେଷମୁଣ୍ଡରେ ମୁଁ ଦୁଇ ବଖୁରିଆ ଆଜବେଷ୍ଟସ୍ ଘର ଭଡ଼ାନେଇଥାଏ । ମାମୁଁ ମାଇଁ ଦୁଇପ୍ରାଣୀ ଓ ଝୁଅ ଗୋଟାକ ପାଇଁ ସେତକ ଯଥେଷ୍ଟ ହେଲେ ମଧ୍ୟ ମୋ ଯୌତୁକ ଜିନିଷ ଓ ବହିପତ୍ରର ବହୁଳତା ଯୋଗୁଁ ସ୍ଥାନାଭାବ ଘଟେ । ମୋ ସ୍ତ୍ରୀ ଦେଖିଲେ, କବାଟ ଯଥାଶୀଘ୍ର ନ ଖୋଲିଲେ ସେ ପ୍ରଚଣ୍ଡ ଆଘାତରେ କାଠପଟାସବୁ ଖଣ୍ଡ ଖଣ୍ଡ ହୋଇ ଗଳିପଡ଼ିବ । ସେ ବିକଳରେ କବାଟ ଖୋଲି ଦେଖନ୍ତି ଭୁଜାଲି, ଖଣ୍ଡା ଓ ପିସ୍ତଲଧାରୀ ଯୁବକମାନେ ରକ୍ତଭିଜା ଜାମାପଟା ପିନ୍ଧି ବାହାରେ ଜନ ଜନ ହେଉଛନ୍ତି । ଏ ଟୋକାଙ୍କୁ ଦେଖି ସେ ବେହୋସ ହୋଇ ତଳେ ଗଳିପଡ଼ିଲେ । ତାଙ୍କ ମୁହଁରେ ପାଣିଛାଟି ସାବ୍ୟସ୍ତକରି ଭିତର ପଟୁ କବାଟ କିଳି ପଶିଥିବା ଟୋକାମାନେ ବୁଝାଇଦେଲେ ଆପଣଙ୍କର ବ୍ୟସ୍ତ ହେବାର ନାହିଁ, ମାଡାମ୍ । ଆମେ ଆପଣଙ୍କର କିଛି ଅନିଷ୍ଟ କରିବୁ ନାହିଁ । କଥାଟା ହେଲା, ଚାଳିଆ ପାର୍ଟିର ଗୋଟାଏ ଟୋକା ଆମ ବଜାରବାଟେ ବ୍ରେକରନେଇ ଯାଉଥିଲା । ଆମ ଟୋକାଙ୍କୁ ଜଗଠାଇବାରୁ ଟିକେ ଝାମେଲା ହୋଇଗଲା । ସେ ଟୋକା ଓ ତା ହେଲ୍‌ପର କାମ ବଢ଼ାଇଦେଲୁ । ଏବେ ପୋଲିସ୍ ଆମକୁ ଖୋଜୁଛି । ସେଥିପାଇଁ ଆମେ ଏଠିକି ଚାଲିଆସିଛୁ । ସାର୍ ତ ମିନିଷ୍ଟରଙ୍କର ସାଙ୍ଗ, ଏଠିକି ପୋଲିସ୍ ଆସିବ ନାହିଁ । ମାମଲା ଥଣ୍ଡା ପଡ଼ିଗଲେ ଆମେ ସିଧା କ୍ୟାପିଟାଲ୍ ଚାଲିଯିବୁ ।

ତା'ପରର ଆମ ଅବସ୍ଥା ନ କହିଲେ ଭଲ । ଆମେ ଝୁଅପିଲା ଧରି ଶୋଇବୁ ରୋଷଘର ସଂଲଗ୍ନ ପଛପଟ ବାରଣ୍ଡାରେ । ସେମାନେ ଘର ଦୁଇବଖରା ପୁରା ଦଖଲ କରିନେଲେ । ଖାଇବା ପିଇବା ଆମ ଆଡୁ । ମଝିରେ ମଝିରେ ଗୋଟାଏ ଦୁଇଟା କୁକୁଡ଼ା ଆଣି ରାନ୍ଧିବାକୁ ବରାଦ କରନ୍ତି - ଖୋଜବିହୁନେ ଶୁଖିଲା । କାରଣ ମଦ ସାଙ୍ଗକୁ କାଳେ କଞ୍ଚା ମାଂସ ଲୋଡ଼ା । ଆମ ପରିବାର ଭାଗରେ ଖାଲି ପ୍ରେସର୍ କୁକର୍ ମାଜିବା ପଡ଼େ । ବାଥରୁମ୍ ପାଇଖାନା ଅଧିକାଂଶ ସମୟ ତାଙ୍କ ଦଖଲରେ ରହେ । ଶେଷକୁ ମୁଁ କଲେଜରୁ ଛୁଟି ନେଇ ଘରେ ରହିଲି । କାରଣ, ଏକା ସ୍ତ୍ରୀ ଲୋକଟାକୁ ଦୈତ୍ୟମାନଙ୍କ ଜିମା ଛାଡ଼ିଦେଇ ଯିବାକୁ ମୋତେ ସାହସ କୁଳେଇ ନଥିଲା । ମୋ ସ୍ତ୍ରୀ ମୋ କାନରେ କହିଲେ ମନ୍ତ୍ରୀ ସାଙ୍ଗରେ ସାଙ୍ଗ ହେଲିବୋଲି ଏ ଦଶା ଭୋଗିବାକୁ ପଡ଼ିଲା ।

ମୁଁ ତାଙ୍କୁ ପ୍ରବୋଧନା ଦେଲି, ମନ୍ତ୍ରୀ ସାଙ୍ଗରେ ସାଙ୍ଗ ହୋଇଥିଲି ବୋଲି ତୁମର ଇଜ୍ଜତ ରହିଗଲା । ନହେଲେ, ସିଏ ଖରାବେଳେ ଯେମିତି ହାତହତିଆର୍ ଧରି ଘରେ ପଶିଲେ ଓ ତୁମେ ବେହୋସ୍ ହୋଇ ପଡ଼ିଗଲ, ମନ୍ତ୍ରୀଭୟ ନଥିଲେ କଣ ହୋଇଥାନ୍ତା କିଏ ଜାଣେ ? ସେମାନଙ୍କ ପାଇଁ ପାଞ୍ଚଦିନ ରାତିନପାହୁଣୁ କୁଆଡୁ ଗୋଟାଏ ଜିପ୍ ଆସି ଠିଆହୋଇଗଲା । ସେ ଟୋକାଗୁଡ଼ାକ ଅସ୍ତ୍ରଶସ୍ତ୍ର ସହିତ ସେଥିରେ ବସି କୁଆଡ଼େ ଚାଲିଗଲେ । ସେମାନେ ଗଲାପରେ ଘରସାରା ମୁଁ ପଞ୍ଚାମୃତ ସିଞ୍ଚି ଠାକୁରାଣୀଙ୍କ ପାଖକୁ ଭୋଗ କରିବାକୁ ବାହାରିଗଲି ।

ଭୋଗ ହାତରେ ଫେରିଆସି ଦେଖେତ, ମୋ ଭଡ଼ାଘର ସାମ୍ନାରେ ପଣେ ଖଣ୍ଡେ ଲୋକଜୁଣ୍ଡ ହୋଇଛନ୍ତି ଓ ଆସ୍‌ବେଷ୍ଟସ୍ ଛାତ ଚାଲୁଣି ପରି କଣାମୟ । ବିକଳରେ ଘରଭିତରେ ପଶି ମୋ ସ୍ତ୍ରୀ ପିଲାଙ୍କୁ ଖୋଜି ପକାଇଲି । ମୋ ପାଟି ଶୁଣି ସ୍ତ୍ରୀ ଓ ଛୋଟ ପୁଅଟା ଖଟତଳୁ ବାହାରି ଆସିଲେ । ସେମାନେ କାନ୍ଦୁଥାନ୍ତି । ଘରସାରା ଇଟା, ପଥର ଓ ଭଙ୍ଗା ଆସବାବ ପତ୍ର ଖେଳାଇ ହୋଇ ପଡ଼ିଥାଏ ।

ଲୋକ କହିଲେ, ମୋ ଘରେ ଠେଙ୍ଗାପାର୍ଟିର ହତ୍ୟାକାରୀ ଯୁବକମାନେ ଲୁଚିଥିବା ସୂଚନା ଜୁଆଡ଼େ ଟାଙ୍ଗିଆପାର୍ଟି ଟୋକାମାନେ ପାଇଯାଇଥିଲେ । ସେମାନେ ଦଳବଳ ଧରି ପ୍ରତିଶୋଧ ନେବାକୁ ଆସିଥିଲେ । ଶତ୍ରୁପକ୍ଷର ଟୋକାଙ୍କୁ ନପାଇ ରାଗରେ ଢେଲାମାଡ଼ କରି ଯାଇଛନ୍ତି । ଗଲାବେଳକୁ ମୋ ଉଦ୍ଦେଶ୍ୟରେ ବହୁ ଅମୁଦ୍ରଣୀୟ ବିଶେଷଣ ଯୋଡ଼ି ଧମକଦେଇ ଯାଇଛନ୍ତି । ଏଣେ ଘରମାଲିକ ତାଗିଦ୍ କରିଦେଲେ, ମୋ ଦୋଷରୁ ତାଙ୍କର ଆସ୍‌ବେଷ୍ଟସ୍ ଭାଙ୍ଗି ଥିବାରୁ ତାକୁ ବଦଳାଇବାକୁ ସବୁ ଖର୍ଚ୍ଚ ମୁଁ ବହନ କରିବି । ମୋ ଘର ଭିତରେ ରଙ୍ଗୀନ୍ ଟି.ଭି. ସମେତ ଯେତେ ଜିନିଷ ଭାଙ୍ଗିଛି, ତାକୁ ଭରଣା କରିବାକୁ କାହାକୁ କହିଥାନ୍ତି ? ଅଗତ୍ୟୋପାୟ ହୋଇ ପିଲାଙ୍କୁ ଧରି ଗାଆଁକୁ ପଳାଇଲି ।

ଦେଖୁ ଦେଖୁ ଚଉଦମାସର ଶାସନ ପରେ ନିଜ ନିଜ ଭିତରେ କନ୍ଦଳଯୋଗୁଁ ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା । ମୋ ପ୍ରିୟବନ୍ଧୁ ଛତରା ମନ୍ତ୍ରୀରୁ ପୁଣି ଜନସେବକ ପାଲଟି ଗଲା ।

ଆଠମାସ ପରେ ପୁଣି ନିର୍ବାଚନ ଆସିଲା । ନିର୍ବାଚନ ବାଜା ବାଜିଲେ ନେତା ଓ କର୍ମୀମାନେ କାଳେଣୀ ଲାଗିଲା ପରି ନୁହନ୍ତି । ସାଧାରଣ ଲୋକେ ନାଟ ଦେଖନ୍ତି ଓ ପଢ଼ାଶୁଣା ଲୋକେ ବିରକ୍ତ ହୁଅନ୍ତି ବିଶେଷକରି ବାରମ୍ବାର ନିର୍ବାଚନ ଆସିଲେ । ମୋର ବା ଯାଏ ଆସେ କେତେ ? ଅତିବେଶୀରେ ଭୋଟ୍ ଖଣ୍ଡେ ଦେଇଦେଲେ ଗଣତାନ୍ତ୍ରିକ କର୍ତ୍ତବ୍ୟ ଶେଷ ।

ସେଇ ସମୟର କଥା । ଗୋଟିଏ କବିତା ପାଠୋତ୍ସବରେ ଯୋଗଦେବାକୁ ମୁଁ ହାଟପଡ଼ିଆ ଆଡ଼କୁ ଯାଉଥାଏ । ମୋତେ ସମୀକ୍ଷକ ଭାବରେ ନିମନ୍ତ୍ରଣ କରାଯାଇଥିଲା । ହାଟପଡ଼ିଆ ଉଣ୍ଡେବାଟ ଅଛି, ଟାଙ୍ଗିଆ ପାର୍ଟିର ନିର୍ବାଚନ ପ୍ରଚାର ଗାଡ଼ି ଆସୁଥିବାର ଦେଖିଲି । ମୋ ସାମ୍ନାରେ ସେମାନେ ଅଟକି ଗଲେ । କିଏ ଗୋଟାଏ ତା' ଭିତରୁ କହିଦେଲା- ଇଏ ଶଳା ଠେଙ୍ଗା ପାର୍ଟିର ଛତ୍ର ପାଟଙ୍କର ସାଙ୍ଗ । ତା ପାଇଁ ଏଠି ପ୍ରଚାର କରିବାକୁ ବୁଲୁଛି । ତାପରେ .... ।

ମୋ ହୋସ୍ ଫେରିଲା ମେଡ଼ିକାଲ୍‌ରେ । ଅଷ୍ଟାଙ୍ଗ ଶରୀର ବ୍ୟାଣ୍ଡେଜ୍ । ମୋ ମିଟିମିଟି ଆଖିକୁ ଚାହିଁ କାନ୍ଦି କାନ୍ଦି ପତ୍ନୀ କହିଲେ --କେତେଥର ମନା କରିଛି । ମନ୍ତ୍ରୀଙ୍କ ସଙ୍ଗେ କଲେ ଭାବ, ଶେଷକୁ ଦେହମୁଣ୍ଡ ଲାଭ ।

ଏଥରକ ତାକୁ ବୁଝେଇବାକୁ ମୋ ପାଖରେ ଭାଷା ନଥିଲା । ବରଂ ଭାବୁଥିଲି, ଆଗକୁ ଆହୁରି କିଛି ମିଳିବାର ଯୋଗନାହିଁତ ?



# ମକୁନ୍ଦାବାବା

ଗୋଟିଏ ବାଳୁତ ବିଧବାର ପାପଗର୍ଭର ଅବୈଧ ସନ୍ତାନକୁ ଗର୍ଭରେ ଧାରଣ କରିଥିବା ଅପବାଦରେ କଳୁଷିତ କର୍ଦ୍ଦମପୁର ଗ୍ରାମର ଶେଷ ମୁଣ୍ଡର ଚାକୁଣ୍ଡାମୂଳ ସେଦିନ ଜମୁଥିଲା ଘନଘନ । ନଡ଼ିଆ ବାହୁଙ୍ଗା ଛାଉଣୀ ହୋଇ ଚାରିଖୁଣ୍ଟ ଜାଗା ମାଡ଼ିବସି ଠିଆ ହୋଇଥିଲା ଛାମୁଣ୍ଡିଆ । ଖୁଣ୍ଟିସାରା ବନ୍ଧା ହୋଇଥିଲା ଦେବଦାରୁ ଡାଳ । ନାଲି, ନେଳି, ସବୁଜ, ବାଇଗଣି ଓ ହଳଦିଆ ରଙ୍ଗର ପତଳା କାଗଜର ପତାକା ସୁତୁଲିରେ ବନ୍ଧାହୋଇ ଝୁଲୁଥିଲା ଛାମୁଣ୍ଡିଆସାରା ।

କେବଳ ଗୋଟାଏ ଜିନିଷର ଅଭାବ ପରିଲକ୍ଷିତ ହେଉଥିଲା ସେଠାରେ - ଡାକବାଜି ଯନ୍ତ୍ର, ଯାହା ଆଜିକାଲି ସବୁଠାରେ ସବୁକାମରେ ବିରକ୍ତିକର ରଡ଼ିକରି କାନ ଫଟାଉଛି । ମୁକୁନ୍ଦରାମ ବାବା ସେ ସବୁ ପ୍ରଚାରକୁ ଭଲ ପାଆନ୍ତି ନାହିଁ । କଥାକଥାରେ ଶ୍ଳୋକ ଉଦ୍ଧାର କରି ଶେଷ ପଦଟାକୁ ଜୋର୍‌ରେ ଗାଆନ୍ତି - ... ଅପମାନ, ତପୋଦାନଂ ନବ ଗୋପ୍ୟାନି କାର୍‌ୟେତ୍ । ଅର୍ଥାତ୍ ଜପ, ତପ, ଧ୍ୟାନ, ଆରାଧନା ବିଷୟଗୁଡ଼ିକ ପ୍ରଘଟ କରିବା ଅନୁଚିତ ।

ଲୋକତୁଣ୍ଡରେ ମକୁନ୍ଦାବାବା ନିଆରା ମଣିଷ । ଛାମୁଣ୍ଡିଆ ତଳେ ଗୋଟିଏ କୋଣରେ ନିବୁଜ ତାଟିଘେରା ତାଙ୍କର ସାଧନାସ୍ଥଳୀ । ଚାରିପଟରୁ ଚାରିପ୍ରସ୍ଥ କରି ନଡ଼ିଆ ଚାଞ୍ଚରା ବେଢ଼ା ଯାଇଛି । ସାମ୍ନାପଟେ କବାଟଭଳି ବନ୍ଧା ନିବୁଜ ତାଟି । ମକୁନ୍ଦାବାବା ଧ୍ୟାନରେ ବସିବା ବେଳେ କୁଆଡ଼େ ଖଡ୍‌ଗଖର୍ପରଧାରିଣୀ ସ୍ୱୟଂ ମାଆ କାଳୀ ନିଜର ସବୁ କାମଧନ୍ଦା ଛାଡ଼ି ତାଙ୍କ ଆଗରେ ଆସି ଠିଆ ହୋଇ ଯାଆନ୍ତି । ସେତେବେଳେ କେହି ତାକୁ ଲୁଚି ଛପି ଦେଖିବାକୁ ଚେଷ୍ଟା କଲେ, ଭେଟଣା ହୋଇ ରକ୍ତବାନ୍ତି କରି ମରିବ ବୋଲି ବାବା ଶିଷ୍ୟମାନଙ୍କୁ ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଭାଷଣମଞ୍ଚକୁ ଚାରିପଟୁ ବନ୍ଧୁକଧାରୀମାନେ ଜଗି ରହିବା ପରି ଧ୍ୟାନବେଳେ ଶିଷ୍ୟଗଣ ବାବାଙ୍କର ଅସ୍ଥାୟୀ ପ୍ରକୋଷ୍ଠକୁ ଚାରିପଟୁ ଜଗି ରହିଥାନ୍ତି । ବିରାଡ଼ିଛୁଆକୁ ମଧ୍ୟ ତାଟି ପାଖ ମଡ଼ାଇ ଦିଅନ୍ତି ନାହିଁ । ତାଟି ବାହାରେ

କୁହାଶିକୁଳିରେ ବନ୍ଧା ହୋଇଛି ତାଲା ପଡ଼ିଥିବା ଏକ ଦାନବାକ୍ସ । ତାହା ଉପରେ ଲେଖାହୋଇଛି ହିମାଳୟରେ ବକ୍ରେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ମୁକ୍ତ ହସ୍ତରେ ଦାନ କରନ୍ତୁ । ଦୁକୁଦୁକୁ ମନରେ ହେଉପଛେ, ଯିଏ ଦାନବାକ୍ସରେ ନୋଟ୍ ଗଳାଇବ, ସେହି କେବଳ ବାବାଙ୍କୁ ଦର୍ଶନ କରି ପାରିବ । ଅନ୍ୟମାନେ ବାହାରେ ରଖା ହୋଇଥିବା ପାଦୁକା ଙ୍କଠାରୁ ହାତେ ହାତେ ପାଦୁକ ସେବନ କରି ଘରକୁ ଯିବେ ।

ସିଦ୍ଧପୁରୁଷଙ୍କୁ ଚିହ୍ନିବା ମହାକଷ୍ଟ । ମଦୁଆବାବାଙ୍କୁ ଦେଖିଲେ ହଠାତ୍ କେହି ତାଙ୍କର ସିଦ୍ଧିର ଗଭୀରତା ମାପି ପାରିବ ନାହିଁ । ଫୁଲ୍ ପ୍ୟାଣ୍ଟ, ସାର୍ଟ ପିନ୍ଧନ୍ତି । ସାର୍ଟକୁ ପ୍ୟାଣ୍ଟ ଭିତରେ ପୂରାଇ ଅଣ୍ଟାରେ ଚମଡ଼ା ବେଲ୍ଟ ଭିଡ଼ିଥାନ୍ତି । ଚପ୍ପଲ ଜୋତା ମାଡ଼ି ବୁଲନ୍ତି । ବୟସ ୩୫/୩୬ ଭଳି ବାହାରକୁ ଜଣାପଡ଼େ । ବାଗେଇ କରି କେଶ କେରାଏ ରଖିଥାନ୍ତି । ବଡ଼ ଛାଣ୍ଡରେ ବଦୁରିବାଳ ପଛପଟେ ରାଜପୁତ୍ର ଠାଣିରେ ଝୁଲୁଥାଏ । ସାଧନାରେ ବସିବା ପୂର୍ବରୁ ପ୍ରତିଦିନ ଚିକ୍କଣ କରି ଦାଢ଼ୀ କ୍ଷୌର ହୁଅନ୍ତି । ମହାକାଳୀଙ୍କୁ ତାମସିକ ବିଧିରେ ସନ୍ତୁଷ୍ଟ କରାଯାଏ । ବାବା ପ୍ରତିଦିନ ରାତିରେ ମାଆଙ୍କ ନିକଟରେ ଥାଳିପୂର୍ଣ୍ଣ କରି କସାମାଂସ ଓ ଏକ ବୋତଲପୂର୍ଣ୍ଣ ମଦ୍ୟ ନୈବେଦ୍ୟ ଅର୍ପଣ କରିଥାନ୍ତି । ପୂଜାର୍ଚ୍ଚନା ପରେ ସେତିକି ମାତ୍ର ପ୍ରସାଦ ସେବନ କରି ବାବା ନିଦ୍ରା ଯାଆନ୍ତି । ସାଧନାରେ ପ୍ରବୃତ୍ତ ହେବା ପୂର୍ବରୁ ଯୋଗୀମାନେ ନଭୋମଣ୍ଡଳର ଜଗୁଆଳ ରୂପେ ବିଚରଣ କରୁଥିବା ମହାକାଳଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗଞ୍ଜେଇ ଧୂଆଁ ଅର୍ପଣ କରିଥାନ୍ତି । ସେଥିପାଇଁ ସଂଧ୍ୟା ନଇଁ ଆସିବା ପରେ ମଦୁଆବାବା ଚିଲମରେ ଯଥେଷ୍ଟ ଗଞ୍ଜେଇ ଭରି ସାଧନା କକ୍ଷକୁ ଧୂମମୟ କରିଦିଅନ୍ତି । ପ୍ରଚୁର ଧୂଆଁ ଉତ୍ପନ୍ନ ନହେଲେ ଶୂନ୍ୟମଣ୍ଡଳରେ ପହଞ୍ଚିବା ପୂର୍ବରୁ ଏଠିକାର ପବନରେ ସେ ସବୁ କୁଆଡ଼େ ଉଡ଼ିଯିବେ । ମହାକାଳ ତାଙ୍କ ଭିଉଟି ଛାଡ଼ି ଧୂଆଁ ପିଇବାକୁ ତଳକୁ ଆସିବା ସମ୍ଭବ ନୁହେଁ । ସଂଧ୍ୟାବେଳେ ତାଙ୍କୁ ଚିଲମ ଉଦ୍ୟୋଗରେ ସହଯୋଗ କରୁଥିବା କର୍ଣ୍ଣପୁରର ନିଖଟୁ ବାରିକ କହେ, ବାବା ନିର୍ଚ୍ଛୁଟା ଚାରିଶହ ବର୍ଷ ହିମାଳୟରେ ତାଙ୍କ ଗୁରୁଙ୍କ ପାଖରେ ସାଧନା କରିଛନ୍ତି । ଆଉ ଯେତେ ଯୋଗ ପୀଠରେ, ମଠରେ, ମଶାଣିରେ, ଗଛମୂଳେ, ନଈକୂଳେ ସାଧନା କରିଛନ୍ତି, ସବୁ ମିଶାଇଲେ ଅତିକମ୍‌ରେ ଆଠଶହ ବର୍ଷ ହେବ । ନିଜର ସାଧନା ଓ ସିଦ୍ଧି ଯୋଗୁଁ ବାବା ଚିରଯୌବନର ଅଧିକାରୀ ହୋଇପାରିଛନ୍ତି । ଅଙ୍କ ଭଲ ହେଉନଥିବାରୁ ଚାରିଥର ମାଟ୍ରିକ୍ ଫେଲ୍ ହୋଇଥିବା, 'ଅରକ୍ଷିତ ମକିଳ ଛାଉନି ଖାଇ ଦିନେ ବାବାଙ୍କର ପଟ୍ଟଶିଷ୍ୟ ଦୁଃଶାସନ ବାବୁକୁ ପଚାରି ଦେଲା, - "ହଇ ହୋ ସାନବାବା ! ବାରିକ ଯାହା କହୁଛି, ସବୁ ସାଧନାକୁ ମିଶାଇଲେ ସତରେ କଣ ଆଠଶହ ବର୍ଷ ହେବ ?"

ନିର୍ଲିପ୍ତ ଭାବରେ ୨୪/୨୫ ବର୍ଷର ଯୁବକଭଳି ଦିଶୁଥିବା ଶିଷ୍ୟପ୍ରବର ଓରଫ୍ ସାନବାବା ଉତ୍ତର ଦେଲେ, "ମୁଁ ତ କମା ତିନିଶହ ବର୍ଷ ହେବ ତାଙ୍କ ପାଖରେ ଅଛି । ତା ଆଗେ କଥା କେମିତି କହିବି ?"

ବାବାଙ୍କର ସବୁଶିଷ୍ୟ ବାବାଙ୍କର କୃପାରୁ ଯୌବନ ମଣ୍ଡିତ । ସେମାନେ ସମସ୍ତେ



ଏ ଦେଶରେ ଇଂରେଜମାନେ ପ୍ରବେଶ କରିବାର ବହୁ ପୂର୍ବରୁ ବାବାଙ୍କର ଚରଣାଶ୍ରିତ ହୋଇଛନ୍ତି ବୋଲି ଦାବୀ କରନ୍ତି । ଛାତି ଡାକ୍ତର, ଦାନ୍ତ ଡାକ୍ତର, ଆଖି ଡାକ୍ତର ଇତ୍ୟାଦିଙ୍କ ପରି ବାବାଙ୍କର ଏକ ବିଶେଷ ଗୁଣ ଯୋଗୁଁ ପାଖଆଖ ତିରିଶି ଖଣ୍ଡ ମୌଜାରେ ବାବାଙ୍କର ଖ୍ୟାତି ବ୍ୟାପିଗଲାଣି । ନିଃସନ୍ତାନ ନାରୀମାନଙ୍କୁ ସନ୍ତାନବତୀ କରିବାରେ ସିଏ ଶତକଡ଼ା ସତୁରୀଭାଗ ସଫଳତା ହାସଲ କରିଛନ୍ତି । ବାକି ତିରିଶି ଭାଗ ଈଶ୍ୱରଙ୍କ ଦ୍ୱାରା ଅଭିଶପ୍ତ ନିଶ୍ଚୟ । ବାବା ତ ଆଉ ଈଶ୍ୱରଙ୍କର ଉପରେ ନୁହନ୍ତି । ବରପ୍ରାର୍ଥିନୀ ରମଣୀ ନିଶାର୍ଦ୍ଧରେ କାଳୀ ପୂଜା ପାଇଁ ପୂଜା ସରଂଜାମ, ଭୋଗବାବଦ କସା ଖାସି ମାଂସ ଓ ଭୋଟୋଭଳି ମଦ ଏବଂ ଉତ୍ତମ ପରିମାଣରେ ଦକ୍ଷିଣା ସହିତ ବାବାଙ୍କର ସାଧନା କକ୍ଷରେ ଉପସ୍ଥିତ ହୁଏ । ଶକ୍ତି ପୂଜାରେ ନିର୍ବିକାର ଭାବରେ ଉଲଗ୍ନ ହେବାକୁ ପଡ଼େ । ଶକ୍ତିକୁ (ଉକ୍ତ ରମଣୀକୁ) ଆଗରୁ ମିଶ୍ରିତ ଜଳରେ ସ୍ନାନ କରାଇବା ପରେ ବାବା ଫୁଲମାଳ ପିନ୍ଧାଇ ମନ୍ତ୍ର ପାଠ କରନ୍ତି । ନିଜେ ଶିବ ହୋଇ ଶକ୍ତି ଉପାସନା କରନ୍ତି । ଉଭୟ ଆଗେ ନୈବେଦ୍ୟ (ମଦ୍ୟ ଓ ମାଂସ) ଅର୍ପଣ କରନ୍ତି । ଆରାଧ୍ୟା ଶକ୍ତିଙ୍କର କ୍ରମେ କ୍ରମେ ଚେତନା ଲୋପ ପାଏ । ଉକ୍ତ ଚେତନା ଲୋପ ନ ପାଇବା ଯାଏ ଶରୀର ଅଭ୍ୟନ୍ତରସ୍ଥ ଶକ୍ତି ଜାଗ୍ରତ ହେବା ଅସମ୍ଭବ । ବିକାର ନାଶ ମଧ୍ୟ ସମ୍ଭବ ନୁହେଁ । ଉଭା ନୈବେଦ୍ୟ ପାଇ ଚେତାହରାଇବା ପରେ ବାବା ସନ୍ତାନପ୍ରଦ ଅନୁଷ୍ଠାନରେ ଲାଗି ପଡ଼ନ୍ତି । ନିଜେ ତୃପ୍ତ ହେବା ପରେ ବାହାରେ ପହରାରତ ଶିଷ୍ୟଙ୍କ ମଧ୍ୟରୁ ଦୁଇଜଣଙ୍କୁ ସାଧନା କକ୍ଷକୁ ଡକାନ୍ତି । ସେମାନେ ଘର ସଂସାର ମୋହମାୟା ତ୍ୟାଗକରି ତାଙ୍କ ପଛେ ପଛେ ଛାଇଭଳି ବୁଲୁଛନ୍ତି । ସେମାନେ କିଛି ପ୍ରତ୍ୟାକ୍ଷଜ୍ଞାନ ଆହରଣ କରିବା ଉଚିତ । ବାବା ନିଜର ଉପସ୍ଥିତିରେ ଜଣକ ପରେ ଜଣେ ଶିଷ୍ୟଙ୍କୁ ନିର୍ବସ୍ତ୍ର ହୋଇ ପଡ଼ିଥିବା ରମଣୀର ଶରୀର ରୂପକ ଗବେଷଣାରେ ପରୀକ୍ଷା ନିରୀକ୍ଷା କରିବାକୁ ସୁଯୋଗ ଦିଅନ୍ତି । ତାହା ଉଭାରୁ ପାଣିଛିଞ୍ଚି ଉଭାକୁ ସଂଜ୍ଞାଯୁକ୍ତ କରାଯାଏ ।

ଏହି ପଦ୍ଧତିରେ ଅନେକ ସନ୍ତାନ ସମ୍ଭବ ହୋଇ ପାରିଛନ୍ତି ଓ ବାଂଝ ଅପବାଦରୁ ମୁକ୍ତିପାଇ ପାରିଛନ୍ତି । ତାନ୍ତ୍ରୀକ ସାଧନା ଅତ୍ୟନ୍ତ ଗୋପନୀୟ । ତେଣୁ, ଉପକାର ପାଇଥିବା ମହିଳାମାନେ ଏ ବିଷୟରେ ବାହାରେ ସ୍ୱେଚ୍ଛାରେ ମୁହଁ ଖୋଲନ୍ତି ନାହିଁ । ଜାଣିଶୁଣି ହାଣ୍ଡୁରାଡ଼ି ବେକରେ ପକାଇବାକୁ କିଏ ଯିବ ? ସମାଜ, ପରିବାରର ଲୋକେ ଅର୍ଥ, ଅର୍ଥାନ୍ତର କରିବସିଲେ ଦୁଇକୂଳରୁ ଯିବା ସାର ହେବ ।

ବାବାଙ୍କର ଖ୍ୟାତି ସହିତ ତାଳଦେଇ ଆମଦାନୀ ବଢ଼ିବା ଫଳରେ ଅଳ୍ପଦିନ ମଧ୍ୟରେ ଚାକୁଣ୍ଡା ମୂଳଠାରୁ ଅଳ୍ପ ଦୂରରେ ଗୋଚର ଜାଗାରେ ବାବାଙ୍କର ଦୁଇ ବଖରା ସୁଦୃଶ୍ୟ କୋଠାଘର ଠିଆ ହୋଇଗଲା । ବାଉଁଶ ଖୁଣ୍ଟ ଉପରେ ସ୍ଥାପିତ ଛାମୁଣ୍ଡିଆର ସ୍ଥାନ ନେଲା ସିମେଣ୍ଟ ଖୁଣ୍ଟ ଉପରେ ଗମ୍ବୁଜାକାରରେ ନିର୍ମିତ ପୂଜାମଣ୍ଡପ । ତାଟିଘେରା ସାଧନା କକ୍ଷ ହେଲା ଇଟା ସିମେଣ୍ଟର ସୁଦୃଶ୍ୟ ନିବୁଜ ସାଧନା କକ୍ଷ । ଧୂପ ଧୂଆଁ ନିର୍ଗତ ହେବା ପାଇଁ ସାଧନା କକ୍ଷର ଛାତ ତଳେ ଛୋଟ ଛୋଟ ଛିଦ୍ର କେତୋଟି ଥାଏ । ପୂଜା ମଣ୍ଡପ ଓ ବାବାଙ୍କର

ବିଶ୍ରାମାଗାର ତଥା ଭଣ୍ଡାର ଘରକୁ ବେଢ଼ି ଚାରିପାଖରେ ମେଘନାଦ ପାଚେରୀ ଉଠିଲା। ସାମ୍ନାପଟେ ବିଶାଳ ଲୁହାଚାଦର ଫାଟକ। ପୂଜାବେଳେ ଭୁଲା କୁକୁରମାନଙ୍କୁ ଦୂରେଇ ରଖିବା ପାଇଁ ସୁଉଚ୍ଚ ପାଚେରୀ ଓ ନିବୁଜ ଲୁହା ଫାଟକ ଅପରିହାର୍ଯ୍ୟ ଥିଲା। ନିଶାର୍ଦ୍ଧ ପୂଜାବେଳେ ପୂଜା ସହିତ ଅସଂପୃକ୍ତ ଭକ୍ତର ଆତ୍ମୀୟମାନେ ଅପେକ୍ଷା କରିବା ପାଇଁ ହତାବାହାରେ ଦୁଇବଖରା ପକ୍କା ଗୃହ ନିର୍ମିତ ହେଲା।

ଏସବୁ ଆୟୋଜନ ପଛରେ ଗୋଟିଏ ଦୁର୍ଘଟଣା ମୁଖ୍ୟ କାରଣ ଥିଲା। ଜଣେ ସନ୍ତାନକାମୀ ମହିଳା ପୂଜା ସମୟରେ ବାବାଙ୍କର ସ୍ୱରୂପ ଦେଖି ଏଭଳି ଭୟଭୀତ ହୋଇଗଲେ ଯେ କେଶବାସ ଅସମ୍ଭାଳ ହୋଇ ବାବା ଓ ତାଙ୍କର ଦ୍ୱାରପାଳ ଶିଷ୍ୟଙ୍କୁ ଧକ୍କା ମାରି, ସାଧନା କକ୍ଷର ତାଟି ଫିଟାଇ ଏକମୁହାଁ ହୋଇ ଧାଇଁଲେ। ତା ପରଦିନ ସକାଳୁ ତାଙ୍କର ଶବ ମିଳିଲା ଭାସମାନ ଅବସ୍ଥାରେ ନିକଟସ୍ଥ ପୋଖରୀ ଭିତରୁ। ଦେହରେ କନା ଖଣ୍ଡେ ନଥିଲା। ଶାଢ଼ୀ, ସାୟା, ବ୍ଲାଉଜ୍ ଇତ୍ୟାଦି ପାଣିରେ ଭାସୁଥିଲା। ବାବା କହିଲେ, କାଳୀଙ୍କର କରାଳ ରୂପ ଦେଖି ସେ ମହିଳା ବର୍ଦ୍ଦାସ୍ତ କରି ପାରିଲା ନାହିଁ। ତା ଶାଶୁଘର ଲୋକେ ଆଶ୍ୱସ୍ତ ହେଲେ - ବାଂଝୀ ଗଲା, ଭଲହେଲା। ତା ସ୍ୱାମୀ ମଧ୍ୟ କାଳୀଙ୍କ ପାଖରେ କୃତଜ୍ଞତା ଜଣାଇ ମୁଣ୍ଡିଆ ମାରିଲା। ଯାହାହେଉ, ସାତବର୍ଷ ପରେ ନୂଆ ସ୍ତ୍ରୀଟିଏ ମିଳିବ। ସାନି ଯାନିଯୌତୁକ ମିଳିବ। ଭବିଷ୍ୟତରେ ଏଭଳି ଅଘଟଣ ନ ଘଟିବା ପାଇଁ ବାବା ଚାରିଆଡ଼େ ନିବୁଜ କରିଦେଲେ, ଏପରିକି ଶରଣାପନ୍ନ ମହିଳା ବିଚଳିତ ହୋଇ ଆର୍ତ୍ତନାଦକଲେ ମଧ୍ୟ ତାହା ବାହାରକୁ ଶୁଣାଯିବ ନାହିଁ।

ବାବାଙ୍କ ଅପେକ୍ଷା ବାବାଙ୍କର ବିଭୂତିର କରାମତି ବେଶୀ। ବାବାଙ୍କର କରୁଣା ଆଶାରେ ଅନେକ ରୋଗୀ, ଭୋଗୀ, ମାନସିକ ଉନ୍ମାଦଗ୍ରସ୍ତ ବ୍ୟକ୍ତି ତାଙ୍କର ଶରଣାପନ୍ନ ହୁଅନ୍ତି। ବାବା ତାଙ୍କର ବିରାଟ ତମ୍ବାଗଡ଼ୁ ଭିତରେ ହାତପୂରାଇ ବିଭୂତି ପୁଡ଼ିଆଟିଏ ବାହାରକରି ରୋଗୀ ହାତକୁ ବଢ଼ାଇ ଦିଅନ୍ତି। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ବିଭୂତିକୁ ମୁଣ୍ଡରେ ମାରି ଖାଇବାକୁ ପରାମର୍ଶ ଦିଅନ୍ତି। ବାବାଙ୍କର କହିବା ଅନୁସାରେ ଦୁର୍ଲଭ ଚେରମୂଳ ଯଜ୍ଞରେ ଆହୁତି ଦେବାପରେ ଏହି ଅଲୌକିକ ଭସ୍ମ ପ୍ରସ୍ତୁତ ହୋଇଥାଏ। ସେଥିରେ ବହୁ ମୂଲ୍ୟବାନ ଧାତୁ, ପ୍ରସ୍ତର, ପାରଦ ଭସ୍ମର ମିଶ୍ରଣ କରାଯାଇଥାଏ। ତେଣୁ, ପ୍ରତ୍ୟେକ ପୁଡ଼ିଆ ଭସ୍ମ ପାଇଁ ରୋଗୀକୁ ଦୁଇଶହ ଟଙ୍କା ଦକ୍ଷିଣା ଦେବାକୁ ପଡ଼ିଥାଏ। ଭସ୍ମ ପ୍ରସ୍ତୁତିର କଞ୍ଚାମାଲ ଆବଶ୍ୟକତା ପୂରଣ ପାଇଁ ହିମାଳୟ ପାଦଦେଶରୁ ମାତ୍ର ଦୁଇଶହ କିଲୋମିଟର୍ ଦୂରରେ ବାସ କରୁଥିବା ଜଣେ ବିହାରୀବାବା ମଝିରେ ମଝିରେ ଆସି ଅର୍ଥ ବିନିମୟରେ ମହୁଆବାବାଙ୍କୁ ସାମଗ୍ରୀ ଯୋଗାଇ ଯାଆନ୍ତି। ସେ ବୁଝାଡ଼େ ଜଣେ ଗୋପନ ସାଧକ। ତେଣୁ, ବାବାଙ୍କର ଚେଲା କେତେଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ତାଙ୍କୁ ଚିହ୍ନି ପାରିବେ ନାହିଁ। କେତେବେଳେ ଗେରୁଆ ପିନ୍ଧି କମଣ୍ଡଳୁ ଧରି ଆସନ୍ତି ଓ କେତେବେଳେ ଧୋତି ପଞ୍ଜାବୀ ପିନ୍ଧି ବଙ୍ଗାଳୀ ବାବୁ ଭଳି ଆସନ୍ତି। କେତେବେଳେ କୋର୍ଟ ପ୍ୟାଣ୍ଟ ପିନ୍ଧି ସାହେବ



ଭଳି ଆସନ୍ତି। ଘୂଙ୍କ ଆଖିରେ ତାଙ୍କର ମାୟାକୁ ଜାଣିବା ଅସମ୍ଭବ।

ଭସ୍ମ ସେବନ କରିବା ପରେ ଲୋକେ ଚଳ ଚଞ୍ଚଳ ହୋଇ ଉଠନ୍ତି। ବୁଢ଼ା ଖାଇଲେ ଟୋକାଙ୍କ ପରି ଡୁବାମାରେ। ରୋଗୀ ଖାଇଲେ ଯନ୍ତ୍ରଣା ଭୁଲି ଗାଢ଼ ନିଦରେ ଦୀର୍ଘ ସମୟ ଶୋଇପଡ଼େ। ଭସ୍ମର ଚମତ୍କାରିତାରେ ପ୍ରକୃତ ଭକ୍ତମାନେ ଭସ୍ମ ସେବନ ତ୍ୟାଗକରିବା ଦୂରେ ଥାଉ, ସେବନର ମାତ୍ରା ବଢ଼ାଇ ଚାଲନ୍ତି। ବାବାଙ୍କର ଆୟ ବଢ଼ନ୍ତି। ନିର୍ଦ୍ଦିଷ୍ଟ ସମୟରେ ଭସ୍ମ ସେବନ ନ କଲେ ଦଶଦିଗ ଅନ୍ଧାର ଦିଶେ। ଅନେକ ଭକ୍ତ ଘରବାଡ଼ି, ଆସବାବ ପତ୍ର, କଂସାବାସନ ବିକ୍ରିକରି ଭସ୍ମ ସଂଗ୍ରହ କରିବାରେ ଲାଗିଲେ।

କର୍ଦ୍ଦମପୁରର ଖାନ୍‌ଦାନୀ ଲୋକ କହିଲେ ଚୌଧୁରୀ ଭବାନନ୍ଦ ବାବୁଙ୍କୁ ବୁଝାଏ। ଅତୀତରେ କେବେ ଜମିଦାରୀଥିବାର ଶେଷ ସନ୍ତାନ ଭାବରେ ନାଆଁ ମୂଳରେ ଚୌଧୁରୀ ସାଙ୍ଗିଆ ରହିଯାଇଛି। ତା ସାଙ୍ଗକୁ କୌଣସି ମତେ ରହି ଯାଇଛି ପୁରୁଣା କାଳର କଡ଼ି ବରଗା ଯୁକ୍ତ ଟାଇଲି ଛାତ ଆଚ୍ଛାଦିତ, ଗୁଡୁ ଲଗାବିରେ ଶୋଭିତ ବିରାଟ ଦୁଇ ମହଲା କୋଠା। ସାମ୍ନାରେ କଳଙ୍କି ଲଗା ବିଶାଳ ଲୁହା ଫାଟକ। ଏବେବି ପତିତ, ଅନାବାଦୀ ମିଶାଇ ଦୁଇବାଟି ଭୂସଂପତ୍ତି ରାଜସ୍ୱ ବିଭାଗ ନଥିପତ୍ରରେ ଏଠିସେଠି ରହିଯାଇଛି। ଦୁଇଝିଅ ପରଗୋତ୍ରୀ ହୋଇ ସାରିଛନ୍ତି। ପୁଅ ଗୋଟିଏ ଆମେରିକାରେ ଚାକିରି କରେ। ସେଇଠି ପିଲାଛୁଆ ଧରି ରହେ। ବର୍ଷେ ଦୁଇବର୍ଷରେ କେବେ ମନ ହେଲେ ବାପମାଆଙ୍କୁ ଦେଖିବାକୁ ଗାଆଁକୁ ମାଡ଼ିଆସେ। ଘରେ ବୁଢ଼ାବୁଢ଼ୀ ଓ ବରବୁଢ଼ା ଚାକର। ଯେତିକ ଧାନ ଚାଉଳ, ଆମ୍ବ, ପଣସ ଅମଳ ହୁଏ, ସେଥିରେ ତିନିପ୍ରାଣୀ ଆନନ୍ଦରେ ଚଳି ଯାଆନ୍ତି। ପୁଅବି ଘରକୁ ଆସିଲେ ବାପମାଆଙ୍କୁ ହାତଖର୍ଚ୍ଚ ପାଇଁ କୋଡ଼ିଏ ତିରିଶି ଟଙ୍କା ହଜାର ଦେଇଯାଏ।

ଦିନେ ଭବା ଚୌଧୁରୀଙ୍କ ଘରୁ ଚୋରୀ ହେଲା। ଚୋରମାନେ ଟି.ଭି. ଗହଣା ଓ ନଗଦ ଟଙ୍କା ନେଇ ପଳାଇଲେ। କାହାରି ପରାମର୍ଶରେ ଚୌଧୁରୀ ବାବାଙ୍କର ଶରଣ ପଶିଲେ। ଜିନିଷ ପତ୍ର ଫେରି ପାଇବାର ଗ୍ୟାରେଣ୍ଟି ଦେଲେ ବାବା। ଆବଶ୍ୟକୀୟ ପୂଜାପାଠ ପାଇଁ ଚୌଧୁରୀ ତିନିହଜାର ଟଙ୍କା ପଇଠ କଲେ। ସର୍ତ୍ତ ରହିଲା, ପୂଜା ସମୟରେ ଚୌଧୁରୀ ଘରର ତିନିଜଣଯାକ ପୂଜାସ୍ଥଳୀରେ ଉପସ୍ଥିତ ରହିବେ। ମା କାଳୀଙ୍କର ପ୍ରଚଣ୍ଡ ତାଡ଼ନା ସହି ନ ପାରି ପୂଜା ସରିବାବେଳକୁ ଚୋର ଆଣି ଚୋରୀ ଜିନିଷ ଘରେ ଥୋଇ ଦେଇଯିବ। ଜିନିଷ ନମିଳିବା ପର୍ଯ୍ୟନ୍ତ ଏ ପୂଜାନୁଷ୍ଠାନ କଥା ସର୍ବଦା ଗୋପନ ରଖାଯିବ।

ଅଧରାତିରେ ଚୌଧୁରୀ, ତାଙ୍କ ବୁଢ଼ୀ ଓ ଚାକର ବାବାଙ୍କର ମଣ୍ଡପରେ ଆସି ହାଜର ହେଲେ। ଧୂନି ଜଳାଇ, ଧୂପଦେଇ କାଳୀଙ୍କ ଫଟୋ ସାମ୍ନାରେ ବସି ଆଖିବୁଜି ବାବା ଢେର ସବୁ ଅସ୍ପଷ୍ଟ ମନ୍ତ୍ରପାଠ କଲେ। ସିଏ କେବେ କେହି ସ୍ପଷ୍ଟ ଶୁଣି ପାରିବା ଭଳି ମନ୍ତ୍ରପାଠ କରନ୍ତି ନାହିଁ। ଗୁରୁମନ୍ତ୍ର ଗୋପନ ବିଦ୍ୟା। ତାକୁ ସମସ୍ତେ ଜାଣିଗଲେ, ବିନାଗୁରୁରେ ଶିଖିଗଲେ ସର୍ବନାଶ। କେବଳ ଦକ୍ଷିଣା ଦେଇ ଶିଷ୍ୟତ୍ୱ ଗ୍ରହଣ କଲେ ମନ୍ତ୍ର ତନ୍ତ୍ରର ଭେଦ ପାଇବ।

ଭୋର ବେଳକୁ ପୂଜାରୁ ଫେରି ଚୌଧୁରୀ ଦେଖିଲେ, ତାଙ୍କ ବାଡ଼ି ପଟ କାନ୍ଥରେ ଟି.ଭି. ଥୁଆ ହୋଇଛି । ପାଖରେ ଗହଣା ପୁଟୁଳା ପଡ଼ିଛି । କେବଳ ନଗଦ ଟଙ୍କା କୋଉଠି ପଡ଼ିଥିବାର ଦେଖାଗଲା ନାହିଁ । ଦେବୀ ଚୋରର ବେଙ୍କେଷ୍ଟଣାକୁ ମାଡି ସାରିଥିଲା ବେଳକୁ ସିଏ ବୋଧହୁଏ ସାତ ଆଠ ହଜାର ଟଙ୍କା ହଜମ କରି ସାରିଥିଲା ବା ଆଉ କାହାକୁ ହସ୍ତାନ୍ତର କରି ସାରିଥିଲା । ସକାଳ ଆଠଟା ନବାକୁଣ୍ଡ କଥାଟା ଆଖପାଖ କୋଡ଼ିଏ ଖଣ୍ଡ ମୌଜାରେ ବ୍ୟାପିଗଲାଣି । ସାଇ ଲୋକେ କହିଲେ, ରାତି ଅଧରେ କୁକୁର ଭୁକି ଉଠିଲେ । ଚୌଧୁରୀଙ୍କର ପଡ଼ିଶା ବୁଢ଼ୀମା ସ୍ୱାଇଁର ନିଦ ଭାଙ୍ଗିଗଲା । ସେ ଦେଖିଲା, ଦୁଇଜଣ ମୋଟାସୋଟା ଲୋକ ଚୌଧୁରୀଙ୍କର ବାଡ଼ିପଟ ପାଚେରୀ ଫାଟକ ଫିଟାଇ ଭିତରେ ପଶୁଛନ୍ତି । ସ୍ୱାଇଁ ଡକା ପାରିଲା । ଲୋକମାନେ ହକାହକା ହୋଇ ଏକାଠି ହୋଇ ଠେଙ୍ଗା ବାଡ଼ିଧରି ଗୋଡ଼ାଇବାରୁ ଚୋରମାନେ ବିଜୁଳି ବେଗରେ ଧାଇଁଲେ । ଦେଖୁ ଦେଖୁ ଚୋର ମହୁଦାବାବାଙ୍କର ମଣ୍ଡପ ପାଖରେ ଅଦୃଶ୍ୟ ହୋଇଗଲେ । ଲୋକେ କୁହାକୋହି ହେଲେ, ଧନ୍ୟ ବାବାଙ୍କର ମହିମା ! ଖୋଦ୍ ମାଆ ଚୋରଙ୍କଠାରୁ ମାଲ୍ ଜବତ୍ କରାଇ ଆପଣାର ଦୂତଙ୍କ ହାତରେ ମାଲିକ ଘରକୁ ପଠାଇଥିଲେ । କାଳୀ ଦୂତମାନେ କର୍ତ୍ତବ୍ୟ ସଂପାଦନ କରି ମାଆଙ୍କ ଦେହରେ ଲୀନ ହୋଇଗଲେ ।

ସ୍ୱୟଂ ଚୌଧୁରୀ ମହୁଦାବାବାଙ୍କର ଭକ୍ତ ହେବା ପରେ ସାଧାରଣ ଲୋକଙ୍କର କଥା ପଚାରେ କିଏ ? ନିଜ ନିଜ ସମସ୍ୟାର ସମାଧାନ ପାଇଁ ମହୁଦାବାବାଙ୍କର ଦରବାରକୁ ଲୋକେ ପିମ୍ପୁଡ଼ି ପରି ଧାଇଁଲେ । ବାବାଙ୍କର ବିଭୂତି ବଣ୍ଟା ପ୍ରବଳ ବେଗରେ ଚାଲିଲା । ନିର୍ବାଚନ ବେଳ ପାଖେଇ ଆସୁଥାଏ । ବିଭିନ୍ନ ରାଜନୈତିକ ଦଳର ନେତା ଗାଡ଼ି ଚଢ଼ି ଦଳବଳ ଧରି ବାବାଙ୍କ ପାଖକୁ ଧାଇଁଲେ । ସମସ୍ତଙ୍କୁ ବାବାଙ୍କର ଆଶୀର୍ବାଦ - ତୁମର ବିଜୟ ନିଶ୍ଚିତ । ହେଲେ ... ସାମାନ୍ୟ ପ୍ରତିବନ୍ଧକ ଅଛି ।

ପ୍ରତିବନ୍ଧକ ରୂପକ ପର୍ବତକୁ ଟାଳିବା ପାଇଁ ବାବାଙ୍କ ପାଖରେ ପୂଜାର୍ଚ୍ଚନାର ପ୍ରୟୋଜନ । ମୋଟା ଆସାମୀଙ୍କ ତରଫରୁ ମୋଟା ଦକ୍ଷିଣା ଲୋଡ଼ା । ଦକ୍ଷିଣା ପାଇଲେ ବାବା ଆଶ୍ୱାସନା ଦିଅନ୍ତି ମୋ ସାଧନତେ ମୁଁ ମାଆକୁ ଡାକିବି । ତେଣିକି ମାଆର ଇଚ୍ଛା ଓ ତୁମର ଭାଗ୍ୟ । ନେତାମାନେ ବାବାଙ୍କ ପଦତଳେ ବିନମ୍ର ପ୍ରଣତି ଜଣାଇ ବିଦାୟ ଘେନନ୍ତି । ଏଇଟା ପରା ଗଣତନ୍ତ୍ର । ଭୋଟ୍ ପାଇବା ପାଇଁ ଗଣ ବା ଭୋଟ୍‌ଦାତାଙ୍କର ଆଶ୍ରୟ ନିଆଯାଏ । ତନ୍ତ୍ର ପାଇଁ ଏ ଦେଶରେ ବାବାଜୀଙ୍କର ଅଭାବ ନାହିଁ । ନରେନ୍ଦ୍ର ବ୍ରହ୍ମଚାରୀ, ଇନ୍ଦ୍ରସ୍ୱାମୀଙ୍କ ଭଳି ବାବାମାନେ ରାଜନୈତିକ ପୂଜା ପାଇଁ ପ୍ରସିଦ୍ଧ । ଯଦି କୌଣସି ନେତା, ଭୋଟ୍‌ରେ ପରାଜିତ ହୋଇ ମୁହଁ ଶୁଖାଇ ବାବାଙ୍କ ପାଖରେ ପହଞ୍ଚନ୍ତି, ବାବା ସାନ୍ତ୍ୱନା ଦିଅନ୍ତି - ତୁମ ତୁଳନାରେ ତୁମ ପ୍ରତିଦ୍ୱନ୍ଦ୍ୱୀର ଗ୍ରହ ଅଧିକ ଟାଣ ଥିଲା । ତାର ସବୁଗ୍ରହ ଭଲ ଜାଗାରେ ଥିବାସ୍ଥଳେ ତୁମର ଅମୁକ ଗ୍ରହଟା ନିହାତି ବାଜେ ଜାଗାରେ ବିଲିବୁଡ଼ା ଖାଉଥିଲା । ତେଣୁ ସେ ଜିତିଗଲା । ଆର ନିର୍ବାଚନକୁ ଅପେକ୍ଷାକର । ଗୋଳମାଳିଆ ଗ୍ରହଗିଡ଼ି ସୁଧୁରି



ଯାଇଥିବ । ସବୁଦିନେ ଅପର ପକ୍ଷର ଚାନ୍ଦିନୀ ରାତି ନଥିବ । ତାର ଚୋପା ବଳ୍ମ ମଧ ଦିନେ ଫିକା ହେବ ।

ଚୌଧୁରୀଙ୍କ ଘଟଣା ପରଠାରୁ ବାବା ଖ୍ୟାତି ବିସ୍ତାର କରିବାର ସଠିକ୍ ରାସ୍ତା ପାଇଛନ୍ତି । ଅସଲ ଅସଲ ଲୋକ କେଇଜଣ ବିଶ୍ୱାସ କରିଗଲେ ସାଧାରଣ ଲୋକେ ମେଣ୍ଢାପଲ ପରି ତାଙ୍କ ପଛରେ ଧାଆଁନ୍ତି । ଆମ ଲୋକଙ୍କର ଏଇଟା ପୁରୁଣା ବେମାରୀ । ଗୋଟାଏ ମଠ, ମନ୍ଦିର ବା ହୁଜୁମ୍ ଦିଆ ଜାଗାରେ ଜଣେ ଅଧେ ଡାକ୍ତର, ଇଂଜିନିୟର ବା ଓକିଲ ଗାଡ଼ି ଧରି ପହଞ୍ଚିଗଲେ ସେଠାକାର ଲୋକେ କହନ୍ତି - ଠାକୁର, ଠାକୁରାଣୀ ବା ସେ ବାବାଙ୍କର ସେତିକି ମହିମା ନଥିଲେ, ଏଡ଼େ ବଡ଼ ବଡ଼ ଲୋକମାନେ ଆସି ପହଞ୍ଚନ୍ତେ ? ଗୋଟିଏ ବାବା ପ୍ରସିଦ୍ଧ ହେବାକୁ ମନ କଲେ ଆଠ ଦଶଦିନ ଲାଗଲାଗ ପାଞ୍ଚଟା ଗାଡ଼ି ଭଡ଼ା ସୂତ୍ରରେ ଆଣି ତାଙ୍କ ମଠ ଆଗରେ ଠିଆ କରାଇବେ । ପ୍ରତ୍ୟେକ ଗାଡ଼ିରୁ ଜଣେ ଜଣେ କୋର୍ଟ ଟାଇପିନ୍ଧା ଲୋକ ବାହାରି ବାବାଙ୍କୁ (ପଇସା ନେଇ) ସାଷ୍ଟାଙ୍ଗ ମୁଣ୍ଡିଆ ମାରିବା ଦରକାର । ପୁଣି ଏ ଟଙ୍କା ରୋଜଗାର କରି ଚାରିଚକିଆ ଗାଡ଼ି ଚଢୁଥିବା ଲୋକେ ମହାଜ୍ଞାନୀ ବୋଲି ଶତକଡ଼ା ନବେ ଲୋକଙ୍କର ଧାରଣା । ସିଏ ପଛକେ ମଣିଷ ମାରି, କଳାବଜାର, କାଳାପୋଡେଇ କରି, ନିଶାବେପାର କରି, ଜନତାର ପାଣ୍ଠି ଲୁଟି ଗାଡ଼ି ଚଢୁଥାନ୍ତୁ । ତାଙ୍କର ଚରିତ୍ର ପଛକେ ଅତି ନୀଚ ସ୍ତରର ଓ କଳୁଷିତ ହୋଇଥାଉ ।

ଖୋଦ୍ ନେତାମାନେ ଗାଡ଼ିନେଇ ମହୁଦାବାବାଙ୍କୁ ଭେଟିବା ବୁଜିନେତାମାନେ କି ଥୟ ଧରନ୍ତି । ପଞ୍ଚାୟତ ସରପଞ୍ଚ ଦଣ୍ଡେଇ ସାହୁ ବିନାକାମରେ, ବରପ୍ରାପ୍ତିର ଆଶା ନରଖି ବାବାଙ୍କର ଚରଣଧୂଳି ନେବାକୁ ପହଞ୍ଚିଗଲେ । ନିଜର ପରିଚୟ ଦେଇ ଆଶୀର୍ବାଦ ମାଗନ୍ତେ ବାବା ଗମ୍ଭୀର ହୋଇଗଲେ । ଅଭୟମୁଦ୍ରାରେ ହାତ ଉପରକୁ ଉଠିଲା ନାହିଁ । ବାବାଙ୍କର ନିଷ୍ଠୁରଣ ଭାବମୂର୍ତ୍ତି ଦେଖି ସରପଞ୍ଚର ମୁହଁ ଶୁଖିଗଲା । କାଳୀଙ୍କର ଫଟ ଉପରେ ଦୃଷ୍ଟିନିବଦ୍ଧ କରି ଗମ୍ଭୀର କଣ୍ଠରେ ବାବା ସୂଚନା ଦେଲେ - ଭବିଷ୍ୟତରେ ତୁମ ଉପରେ ଗୋଟାଏ ବିପତ୍ତି ପଡ଼ିବ । ବଡ଼ ଧରଣର ବିପତ୍ତି । ସତର୍କ ଥିବ । ଆଉ ଆଗକୁ ବାବା କିଛି କହିଲେ ନାହିଁ । ସାଧୁସନ୍ଥମାନେ ମାଳିକାବଚନ ପରି ଖାଲି ଠାରରେ କହନ୍ତି । ମଉଳଥିଲେ ଚୁଟିବ; ନହେଲେ ହେଳୁ ଶୁଂଘିବ । କେବଳ ଦୁମ୍ଫଙ୍କରେ ସୂଚନା ଦେବା ପାଇଁ ମାଆ କୁଆଡ଼େ ଭିତରେ ଭିତରେ ମହୁଦାବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରପଞ୍ଚବାବୁ ହାଣ୍ଡିଭଳି ମୁହଁ କରି ଘରକୁ ଫେରିଲେ ।

କିଛିଦିନ ପରେ ରାତିଅଧଟାରେ କେମିତି କେଜାଣି ସରପଞ୍ଚଙ୍କର ବାଡ଼ିପଟ ଚଳଖଞ୍ଜା ତାଳକୁ ନିଆଁ ଉଠିଲା । ସରପଞ୍ଚଙ୍କର ପକ୍କା ଘର । ମଝିରେ ଦୁଆର । ବାଡ଼ିପଟକୁ ଗୁହାଳକୁ ମିଶାଇ ଛଅବଖରା ଚାଳଘର । ସେଇ ଖଞ୍ଜାରେ ରୋଷେଇ ହୁଏ । ଗୁହାଳ କଡ଼କୁ ଲାଗି ଗୋଟାଏ ବଖରାରେ ଧାନ ଖମାର । ଆଉ ବଖରାରେ କାଳ, କାଠ, କୁଣ୍ଡା ତୋଳଡ଼ ରହେ । ବଖରାଙ୍କରେ ଭଙ୍ଗାଦଦରା ପୁରୁଣା କାଠ ଆସବାବ ପତ୍ର ଓ ଆବୁରୁଚି ମାଳିକୁଚି

ପଶିଥାଏ । ଲୋକେ ନିଦରୁ ଉଠି ବାଲ୍‌ଟି ଧରି ପାଣି ଯୋଗାଡ଼ କରିବା ଭିତରେ ଛଅଟାଯାକ ବଖରା ଜିନିଷପତ୍ର ସହିତ ପୋଡ଼ି ପାଉଁଶ ହୋଇଗଲା । ସେଦିନ ବାବାଙ୍କୁ ନେହୁରା ହୋଇ ପ୍ରତିକାର ବିଧାନ କରାଇ ପାରିନଥିବାରୁ ଦଣ୍ଡେଇ ସାହୁ ମୁଣ୍ଡକୋଡ଼ି ହେଲେ । ସାହୁପୁଅ ବେକରେ ଗାମୁଛା ପକାଇ ଏକା ନିଃଶ୍ୱାସରେ ଧାଇଁଲେ ବାବାଙ୍କର ଚରଣ ତଳକୁ । ତାକୁ ଖଣ୍ଡେ ବାଟରେ ଦେଖୁ ଦେଖୁ ବାବା କହି ଉଠିଲେ, କଥାରେ ଅଛି ଘର ପୋଡ଼ିଠାରୁ ବିପତ୍ତି ନାହିଁ । ଘୋଡ଼ାଚଢ଼ାଠାରୁ ସଂପତ୍ତି ନାହିଁ । ସାହୁ କାଠ ପାଲଟି ଗଲେ । ଛଅମାଇଲ୍ ଦୂରରେ ଅଧ ରାତିରେ ନିଆଁ ଲାଗିଲା । ନିଆଁରେ ପାଣି ପକା ନ ସରୁଣୁ ସେ ଧାଇଁଛନ୍ତି ବାବାଙ୍କ ପାଖକୁ । ବାବା ସିଦ୍ଧପୁରୁଷ ନ ହୋଇଥିଲେ ଏ ଖବର ଜାଣନ୍ତେ କିପରି ? ବାବା ନିଶ୍ଚୟ ଅନ୍ତର୍ଯ୍ୟାମୀ ।

ଏତିକିରେ ବିପତ୍ତି କଟିଗଲା ବୋଲି ଆଶ୍ୱାସନ ପାଇବାକୁ ସରପଞ୍ଚ ବାବାଙ୍କର ଶରଣାପନ୍ନ ହେଲେ । ବାବା ତଥାପି ପୂର୍ବଥର ପରି ଗମ୍ଭୀର । ବିକଳରେ ସାହୁଏ ପକେଟରୁ ପାଞ୍ଚଶହ ଟଙ୍କା କାଢ଼ି ବାବାଙ୍କ ଚରଣରେ ଥୋଇ ଲମ୍ୱ ହୋଇ ପଡ଼ିଗଲେ । ବାବା ପ୍ରସନ୍ନ ହେଲେ । ଭବିଷ୍ୟତରେ ଏପରି ବିପଦ ନପଡ଼ିବାର ଆଶ୍ୱସନା ଦେଲେ । ସାହୁଙ୍କ ଘଟଣାରୁ ବାବାଙ୍କର ଖ୍ୟାତି ଜିଷ୍ଟୋରୋଗ ଗୁଜବ ପରି ବିଜୁଳି ବେଗରେ ଖେଳିଗଲା । ବାବାଙ୍କୁ ସମସ୍ତେ ଦୈବର ଅଗ୍ରଦୂତ ବା ନିୟତିର ବାର୍ତ୍ତାବହ ବୋଲି ବିଶ୍ୱାସ କରିବାକୁ ବାଧ ହେଲେ । ଏହା ପରେ ଆଉ ଜଣେ ବିଶିଷ୍ଟ ବ୍ୟକ୍ତି ମଧ ସେହି ଦଶା ଭୋଗିଲେ । ବାବାଙ୍କର ଭବିଷ୍ୟତବାଣୀ ସତ ହେଲା । ତାଙ୍କ ଗାଈଘରେ ନିଆଁ ଲାଗିଲା । ପୂର୍ବପରି ନିଶାର୍ଦ୍ଧରେ ରହସ୍ୟମୟ ଢଙ୍ଗରେ ନିଆଁ ଲାଗିଲା । ରକ୍ଷା ହୋଇଛି । ତାଙ୍କର ଆଟୁଘର । କିନ୍ତୁ, ତାଙ୍କ ଘର ହୁତୁ ହୁତୁ ହୋଇ ଜଳିବାରୁ ପଡ଼ିଶା ଘର କୋଠାର ପକ୍କା କାନ୍ଥ ଫାଟିଗଲା ।

ଏହାପରେ ଦେବୀକୋପର ଶିକାର ହେବା ପାଳି ଶୁଣ୍ଡିଆ ଦାସଙ୍କର । ବାବା କହିଛନ୍ତି ଯେତେବେଳେ, ମିଛ ହେବାର ନୁହେଁ । ଲୋକଟା ବାବାପୀବା ମାନେ ନାହିଁ । ଈଶ୍ୱରଦ୍ରୋହୀ । ଏଣୁ ନିଜରେ ବାବା ତାକୁ ଭସ୍ମ କରିଦେବେ - ଏକଥା ଶିଷ୍ୟମାନଙ୍କ ଜରିଆରେ ପ୍ରଚାର କରିଦେଇଛନ୍ତି । ଲୋକଟା ଦିଅକ୍ଷର ପାଠ ପଢ଼ିଛି । କଣ ଗୋଟାଏ ସରକାରୀ ଚାକିରି କରିଛି ବୋଲି ତା ଅହଙ୍କାରରେ ଅନ୍ତ ନାହିଁ । ବାବାଙ୍କ ପକ୍ଷରେ ଅସହ୍ୟତାର ଫେଟକାମୀ । ଏଯାଏ ଘର ଚାରିବଖରାକୁ ପକ୍କା କରିପାରିନାହିଁ । ଧଡଡ଼ା ସାଇକେଲ୍ ଚଢ଼ି ବୁଲୁଛି । ତହିଁରେ ପୁଣି ଫୁଟାଣି ଦେଖ । ଗୋଟାଏ ଯୁବକ ସଂଘ ଗଢ଼ି ନେତା ବନି ଯାଇଛି । କିହୋ, ସରକାରୀ ଚାକିରିରେ ଥାଇ ଯଦି କୋଠା କରି ନ ପାରିଲା, ଗାଡ଼ି ଚଢ଼ି ନ ପାରିଲା, ତାର କି ଯୋଗ୍ୟତା ଅଛି ? ନେତା ହୋଇ ଦୀପ ଡେଙ୍ଗି ଯଦି ହାତ ଚିକ୍କଣ କରି ନ ପାରିଲା, ସିଏ କୋଉ ନେତାରେ ଗଣା ? ସେଇମାନେ କୁଆଡ଼େ ବାବାଙ୍କର ପବିତ୍ର ବିଭୂତି ନେଇ ପରୀକ୍ଷା ପାଇଁ ସରକାରୀ ଗବେଷଣାଗାରକୁ ପଠାଇଛନ୍ତି । ସେ ମାଇକିନିଆଟା ପୋଖରୀରେ ପଡ଼ି ମଲାପରେ ଏଇ ଶୁଣ୍ଡିଆ ଦାସ ଶବ ବ୍ୟବଚ୍ଛେଦ ପାଇଁ ପାଟି କରୁଥିଲା । ସେ ସ୍ତ୍ରୀଲୋକର ସ୍ୱାମୀ, ଶଶୁର ଏଥିରେ ରାଜି ନ ହୋଇ ତରବରିଆ ଭାବେ, ତାଙ୍କ ଗ୍ରାମବାସୀଙ୍କର ସହାୟତାରେ ଶବସତ୍କାର କରିଦେଲେ । ବାବା ଖୁସି ଯେ, ଦାସର ଯୋଜନା ଫସର ଫାଟିଗଲା ।

ଶୁଣ୍ଡିଆ ଦାସଙ୍କ କାନରେ ଭାବୀ ବିପତ୍ତିର ସୂଚନା ପଡ଼ିବା ମାତ୍ରେ ସେ ତରବର ହୋଇ ଘର ଭିତର ପଟେ ଆଟୁ କରିଦେଲେ । ଯୁବକସଂଘ ଟୋକାଙ୍କୁ ଡାକି ଗୋପନରେ ମିଟିଙ୍ଗ କଲେ । କଥା ହେଲା, ରାତି ଦଶଟା ପର୍ଯ୍ୟନ୍ତ ଘରେ ଲୋକେ ଚଳପ୍ରଚଳ । ବାଡ଼ିଆଡ଼କୁ ଯିବା ଆସିବା ଲାଗିଥାଏ । ତା ଭିତରେ ଦେବୀଙ୍କର ଦୂତ ଆସି ନିଆଁ ଲଗାଇବା ସମ୍ଭବ ନୁହେଁ । ଯଦି ଆପଣାଛାଏଁ ନିଆଁ ଲାଗୁଥାନ୍ତା ରୋଷେଇ କଲାବେଳେ ଦିନ ଦ୍ୱିପହରେ ମଝିଘରେ ମଧ ଲାଗିପାରନ୍ତା । ଦୈବୀ କୋପ ହୋଇଥିଲେ, ଘରେ ଥୁଆ ହୋଇଥିବା ବାକ୍ସ, ସିନ୍ଦୁକ, ଲୁଗାପଟାରେ ଆପେ ଆପେ ନିଆଁ ଚରିଯାଆନ୍ତା । ଦେବୀଙ୍କୁ ତ କେଜାଣି କେତେ ସାଧନା କଲେ ଦେଖିହୁଏ । ଦେବୀଙ୍କର ଦୂତଙ୍କୁ ଚର୍ମଚକ୍ଷୁରେ ଥରେ ଦେଖିଦେଲେ ଅଧାମୋକ୍ଷ । ବୁଜିନେଟା କଣ ଦରକାରବେଳେ କର୍ମରେ ଆସୁନାହାନ୍ତି ?

ସ୍ଥିର ହେଲା, ପ୍ରତିରାତିରେ ଅନ୍ତତଃ ଆଗାମୀ ପନ୍ଦରଦିନ ପର୍ଯ୍ୟନ୍ତ ପାଳିକରି ପାଞ୍ଚଜଣ ଲେଖାଏଁ ଟୋକା ଠେଙ୍ଗାବାଡ଼ି ଧରି ଗଛବୁଦା ଆଢ଼ୁଆଳରେ ବାଡ଼ିପଟେ ଲୁଚିବେ । ଦରକାର ହେଲେ ଠେଙ୍ଗାର ସଦ୍‌ବ୍ୟବହାର କରି ତାକୁ ଡାକ୍ତରଖାନା ପଠାଇବେ । ଗାଆଁଲୋକେ ମଧ ଦର୍ଶନ କରି ପାପମୁକ୍ତ ହେବେ । ଶୁଣ୍ଡିଆ ଦାସ ସମେତ ଜଗୁଆଳ ଟୋକାମାନେ ସଞ୍ଜପହରୁ ଖାଇପିଇ ଶୋଇପଡ଼ିବେ ଓ ରାତି ଦଶଟାରୁ ଉଠି ପହରା ଦେବେ ।

ପାଞ୍ଚରାତି ପର୍ଯ୍ୟନ୍ତ କିଆବୁଦା, ନାଗଅଇରୀ କଣ୍ଟାପୋଡ଼ା ସମ୍ଭାଳି, ମଶା, ଡାଆଁସ ଆକ୍ରମଣ ସହି ସହି ଦେବୀଦୂତଙ୍କର ଦର୍ଶନ ପାଇଲେ ନାହିଁ । ଦୂତ ସମ୍ଭବତଃ ଅଗ୍ରାଧିକାର ଭିତ୍ତିରେ ଆଉ କେଉଁ ଅଞ୍ଚଳରେ କାହାଘରେ ନିଆଁ ଲଗାଇବାରେ ବ୍ୟସ୍ତ ଥିବେ ବା ସାମୟିକ ଅବକାଶ ନେଇଥିବେ ।

ଷଷ୍ଠଦିନ ରାତି ପ୍ରାୟ ସାଢ଼େ ଗୋଟାଏ ହେବ । କିଟିମିଟିଆ କଳା ଅଂଧାର ମେଞ୍ଚାଏ ଅଦୂରସ୍ଥ କିଆବୁଦା ଆଢ଼ୁଆଳରୁ ଟହଲି ଉଠିବା ପରି ଦେଖାଗଲା । ପାଖେଇ ଆସିବାରୁ, ଗୋଟାପଣେ ମଣିଷଟାଏ । ହାତରେ ବୋତଲଟାଏ ଧରିଛି । ଅନ୍ଧାରରେ ଚାହିଁ ଚାହିଁ ପ୍ରହରୀଦାତାମାନଙ୍କର ଆଖି ଅଭ୍ୟସ୍ତ ହୋଇସାରିଥାଏ । ସେମାନେ ଦେଖିଲେ, ଦୂତ ବୋତଲର ଠିପି ଖୋଲି ବାଡ଼ିପଟ ଚାଳଓଳି ଉପରେ କିଛି ଢାଳିଲେ । ତା ଉଭାରୁ ଅଣ୍ଟାରୁ ଖଣ୍ଡେ ବିଡ଼ି କାଢ଼ି ନିଆଁ ଧରାଇଲେ । ସେଇ ଜଳନ୍ତା କାଠିକୁ ଓଳିରେ ଗୁଞ୍ଜିବାକୁ ହାତବଢ଼ାଇବା ମାତ୍ରେ ତାଙ୍କ ଅଣ୍ଟା ଉପରେ ବସିଲା ନିର୍ଘାତ ଠେଙ୍ଗାପାହାର ।

ଦେବୀଦୂତ ମାଆଙ୍କୁ ସ୍ମରଣ କରିବା ପରିବର୍ତ୍ତେ "ବୋପାକିଲୋ" ବୋଲି ବିକଟାଳ ରଡ଼ିକରି ଭୂଇଁରେ ଗଡ଼ିଗଲେ । ହୋ ହୋ ଶବ୍ଦରେ ଗାଆଁର ଅଧିକାଂଶ ଲୋକଙ୍କର

ନିଦ ଭାଙ୍ଗିଗଲା । ଲୋକ ଟର୍ଚ୍ଚଲାଇଟ୍, ଲଣ୍ଠନ ଧରି ଶବ୍ଦର ଉତ୍ପତ୍ତିସ୍ଥଳକୁ ଧାଇଁଲା । ଦେବୀଦୂତଙ୍କର ଅସଲ ପରିଚୟ ମିଳିଗଲା । ମହୁଦାବାବାଙ୍କର ଆଶ୍ରମରେ ପୋଷାମାନିଥିବା କାଳୀଙ୍କର ରକ୍ତମାଂସଧାରୀ ଦୂତ । ଦୁଇ ଚାରିଟା କୋଳଥିଆ ପାହାର ସେବନରେ ଦୂତଙ୍କରି ପକାଇବା ସହିତ ମାନିଗଲେ ଯେ, ବାବାଙ୍କର ପରାମର୍ଶରେ ଅଗ୍ନିଉତ୍ସବ କରିବାକୁ ସିଏ ଆସିଥିଲେ ।

ଚଉକିଆଠାରୁ ଖବର ପାଇ ଥାନାବାଲା ଆସିଲେ । ଚେଲାକୁ ହାତକଡ଼ି ସହ ସାଙ୍ଗିଟି ଗୁରୁକୁ ଅଣ୍ଡାଳିବା ବେଳକୁ ଗୁରୁ ଗଣ୍ଠିଲିପତ୍ର ବାନ୍ଧି ମଠ ଛାଡ଼ିବାକୁ ତତ୍ପର ହେଉଛନ୍ତି । ବାବାଙ୍କର ଗଣ୍ଠିଲି ପୋଲିସ୍ ମାଡ଼ି ବସିଲେ । ସେଥିରୁ ବାହାରିଲା ପ୍ରାୟ ତିନିଲକ୍ଷ ସରିକି ଟଙ୍କା ଓ ଲଷଡ୍ ବାଦାମୀ ପାଉଡ଼ର ଭର୍ତ୍ତି ପ୍ରାୟ ତିନିକିଲୋ ଓଜନର ତିନୋଟି ଜରିପ୍ୟାକେଟ୍ । ସରକାରୀ ହିସାବରେ ବିଦେଶ ହାଟରେ ତାହାର ମୂଲ୍ୟ ତିନିକୋଟି ଟଙ୍କା ହେବବୋଲି ପୋଲିସ୍ ଅନୁମାନ କଲେ ।

ଟିକେ ନିରେଖି ଚାହିଁଦେବାପରେ ପୋଲିସ୍ ଉପସ୍ଥିତ ଜନତାଙ୍କ ସହିତ ବାବାଙ୍କର ପରିଚୟ କରାଇଦେଲେ । ମହୁଦାବାବା ଓରଫ୍ ବିଷମଖଣ୍ଡିଆ ଡକାୟତି ମାମଲାରେ ଦଶବର୍ଷ ଜେଲଖଟି ବର୍ଷକ ତଳୁ ମୁକୁଳିଥିଲା । ଏ ଶିଷ୍ୟମାନେ ତାର ଡକାୟତ ଦଳର ପୁରୁଣା ସଦସ୍ୟ । ଏଠି ବାବା ବିଭୂତିରେ କୋକେନ ମିଶାଇ ବେପାର କରୁଥିବା ଜଣା ପଡ଼ିଯାଇଛି । ସରକାରୀ ଗବେଷଣାଗାରରେ ବିଭୂତିର ପରୀକ୍ଷା କରିଛି । ସେଇଥିପାଇଁ ବିଭୂତିଖୋର୍ ଅନେକ ଭକ୍ତ ସର୍ବସ୍ୱାନ୍ତ ହୋଇ ସାରିଲେଣି । ଏଠାରେ ନାରୀ ଓ ଧର୍ଷଣ ଚାଲିଥିବାର ଭିତିରିଆ ସମ୍ବାଦ ପୋଲିସ୍ ପାଇସାରିଛି । ଗୋଟିଏ ଘଟଣାରେ ଧର୍ଷଣ ସହିତ ନରହତ୍ୟାର ଦଫା ମଧ୍ୟ ଲାଗିବାର ଅଛି । ଲୋକଙ୍କ ହାତରେ ଧରାପଡ଼ିଥିବା ଚେଲାଜଣକ ଚୌଧୁରୀଙ୍କ ଘରେ ଚୋରୀକରିବା ଓ ରାତିଅଧରେ ଦେଇ ଆସିବା ସ୍ୱୀକାର କରିଛି । ଏଥିରେ ତାକୁ ସହଯୋଗ କରିଥିବା ଅନ୍ୟତମ ଚେଲାକୁ ଚିହ୍ନାଇ ଦେଇଛି । ବସ୍ତାଭାବେ ସୁନ୍ଦର ଦତ୍ୟାତ୍ ଭଳି ଯଥେଷ୍ଟ ହାତକଡ଼ି ଅଭାବରେ ଗୁରୁ ଓ ଚେଲାକୁ ଦଉଡ଼ିରେ ହାତ ପଛପଟେ ବାନ୍ଧି ଭବ୍ୟ ଶୋଭାଯାତ୍ରାରେ ଚଲାଇ ଚଲାଇ ନିଆଗଲା ।

ଯାହାହେଉ, ଯୁବକସଂଘବାଲା ଏବେ ମଧ୍ୟ ବାବାଙ୍କର ଗୁଣଗାନ କରୁଛନ୍ତି । ତାଙ୍କରି ଦୟାରୁ ରେଜିମେଣ୍ଟ କ୍ଳବ ଘର ମିଳିଯାଇଛି, ଯାହା ସେମାନେ ବର୍ଷ ବର୍ଷ ଧରି କରିପାରୁ ନଥିଲେ । ଗାଁ ବାଲାଏ ମଧ୍ୟ ଖୁସି । ଅଷ୍ଟପ୍ରହରୀ, ଜନ୍ତାଜପାଇଁ ତାକୁ ଭଲ ମଠ ଖଣ୍ଡେ ମିଳିଯାଇଛି । ପୋଲିସ୍‌ବାଲା ଖୁସି । ପଦୋନ୍ନତି ନିଶ୍ଚିତ ଏବଂ ଗାଆଁ ଲୋକଙ୍କ ଆଗରେ ଜବତ ଟଙ୍କା ଗଣିବାକୁ ପଡ଼ିନାହିଁ । ବାବା ଓ ଚେଲାମାନେ ମଧ୍ୟ ଖୁସିଥିବେ - ଗାଆଁ ଲୋକଙ୍କର ଠେଙ୍ଗା ପାହାର କେବଳ ଜଣକ ଉପରେ ପଡ଼ିଛି । ଜେଲ୍‌ରେ ତାଙ୍କର କିଛି ଅସୁବିଧା ହୁଏନା । ଆନନ୍ଦେ ଏକବାର ହରିବୋଲ ।



# ମାର୍ଜାର ଯୁଦ୍ଧେ

ଭୋଟର ତାଲିକାରେ ତା ନାଆଁଟା ନାହିଁକି ତା ନାଆଁରେ ସରକାରୀ ପଡ଼ିଚାର୍ଡ ତିଆରି ହୋଇନାହିଁ । ଯିଏ ଯେଉଁ ନାମରେ ଡାକୁ ନା କାହିଁକି, ତାର ଇଚ୍ଛା ହେଲେ ସେ ପାଖକୁ ଆସେ ବା ଜବାବ୍ ଦିଏ । କୋଠ୍‌ଜରି ଏଘରେ ସେଘରେ ପଶେ । ମାଡ଼ଭୟକୁ ବେଖାତିର କରି ଗେଲେଇ ହୁଏ । ଦେହରେ ଘଷିହୁଏ । ଅନ୍ୟମାନଙ୍କ କଥାରୁ କଣ ମିଳିବ ? ମୋ ସ୍ତ୍ରୀ ତା ଧଳା ଦେହରେ ଥିବା ବାଦାମୀ ଛତ୍ରକୁ ଲକ୍ଷ୍ୟକରି ତା ନାଆଁ ଦେଇଥିଲେ - ଛଉକି । ତା ବିରୁଦ୍ଧରେ କେବଳ ଅପଶବ୍ଦ ପ୍ରୟୋଗ କରିବାକୁ ବୋଧହୁଏ ସେ ନାମକରଣ କରିଥିଲେ । କାରଣ, ଅପବାଦର ବୋଝ ବୋହିବାକୁ ଗୋଟାଏ ନାମ ନିହାତି ଆବଶ୍ୟକ । ଛଉକିଠାରୁ ସର୍ବଦା ଦୂରେଇ ରହିବାକୁ ମୋତେ ପରାମର୍ଶ ଦେଉଥିଲେ । ତା ସଂସ୍ପର୍ଶରେ ଆସିଲେ ଯେତେସବୁ ଦୁରାରୋଗ୍ୟ ବ୍ୟାଧି ହୋଇପାରେ, ସେସବୁର ତାଲିକା ତାଙ୍କ ମୁହେଁ ମୁହେଁ ଥିଲା ।

ଛଉକି ବୋଧହୁଏ ତାଡ଼ନା ସହିବାରେ ଖୁବ୍ ଅଭ୍ୟସ୍ତ ହୋଇ ପଡ଼ିଥିଲା କିମ୍ବା ତା ହୃଦୟରେ ପ୍ରଚୁର କ୍ଷମା ଗଚ୍ଛିତ ଥିଲା । ହୁଏତ ଶାରୀରିକ ଯାତନା, ଉତ୍ପୀଡ଼ନ ପ୍ରତି ନିତାନ୍ତ ଅମନୋଯୋଗୀ ହୋଇ ଯୋଗୀ, ଋଷି, ବୁଦ୍ଧିଜୀବିଙ୍କ ପରି ଊର୍ଦ୍ଧ୍ୱତର ମାନସ ସ୍ତରରେ ବଞ୍ଚୁଥିଲା । ଯେତେ ପ୍ରଚଣ୍ଡ ଆଘାତ କଲେ ମଧ୍ୟ ପ୍ରତିକ୍ରିୟାରେ ତାରତମ୍ୟ ନାହିଁ । ଖଣ୍ଡେ ବାଟ ଘୁଞ୍ଚିଯାଇ ଅର୍ଦ୍ଧନିମିଳିତ ଆଖିରେ କୋବାଇବ - ମ୍ୟାଉଁ । ନରମ ହୃଦୟରେ ତର୍ଜମା କଲେ, ଆକ୍ରୋଶ, ଆକ୍ଷେପ ପରିବର୍ତ୍ତେ ତା ସ୍ୱରରେ ମେଞ୍ଚା ମେଞ୍ଚା ଅଭିମାନ ନେସି ହୋଇଥାଏ ।

ଦାମ୍ପତ୍ୟ ଜୀବନର ବିବାହ ବାର୍ଷିକୀ ପାଳନ କଲାଭଳି ପରମ୍ପରା ଆମର ନାହିଁ । ବିଶେଷକରି ଅର୍ଥନୈତିକ କାରଣରୁ । ତାଛଡ଼ା, ଏକାଠି ହେବାର ଆଠ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଆମେ ଅପତ୍ୟସ୍ନେହରୁ ବଞ୍ଚିତ । ବିବାହ ତାରିଖ ମନେ ପକାଇଲେ, ଦିନ, ବାର, ମାସ, ମସିହା ଗଣି ହୋଇଯିବ ଓ ମନର ଗଭୀର କ୍ଷୋଭ ଆସିବ ଯେ, ଆଠବର୍ଷର ଉଦ୍ୟମ ସତ୍ତ୍ୱେ ଆମ ଯୌଥ ଉଦ୍ୟୋଗ ଉତ୍ପାଦନରହିତ । ଆମର ସାମର୍ଥ୍ୟ ମଧ୍ୟରେ ଅବସର ବିନୋଦନ ଓ ଉତ୍ସବ ପାଳନର ଚରମ ପରିଣତି ହେଲା କୁଣିଆଘର ବା ସିନେମା ଘର ଗମନ ।

ତଥାପି ସେଦିନ ବାହା ତାରିଖର ଅଷ୍ଟମ ବର୍ଷପୂର୍ତ୍ତିକୁ ମନେ ପକାଇ ସକସକ ମନକୁ ସାନ୍ତ୍ୱନା ଦେବା ପାଇଁ ସିନେମା ଯିବାକୁ ସଜ ହୋଇ ସାରିଥିଲୁ । ଦିନ ଥାଉଥାଉ ଶ୍ରୀମତୀ ପାକଶାଳାର ଜଞ୍ଜାଳ ତୁଟାଇ ଦେଲେ । ସିନେମାରୁ ଫେରିବା ପରେ ଉଲ୍ଲାସର ବେଲୁନ୍‌ରେ ପବନ ଭରିବାକୁ ପୁରି ଓ ମାଂସ ତରକାରୀ କରିଥାନ୍ତି । ମୋର ନିତିଦିନିଆ ଏକମାତ୍ର ବୁର୍ଜୋୟା ବିଳାସ ବାବଦ ଶଯ୍ୟା ଗ୍ରହଣ ପୂର୍ବରୁ ପିଇବା ପାଇଁ କ୍ଷୀର ଗରମ କରି ଗିଲାସରେ ଭରି ଘୋଡ଼ାଇ ରଖିଥାନ୍ତି । ସେ ଶାଢ଼ୀ ପିନ୍ଧିସାରି ନାକସଳଖେ ଉପରମୁଣ୍ଡରେ ଟିକିଲି ଥାପିଲା ବେଳକୁ ଘର ଭିତରେ ଗୁଞ୍ଜରି ଉଠିଲା କଅଁଳକଣ୍ଠି ଛୁଉଁକିର ସ୍ୱର - ମ୍ୟାଉଁ । କଙ୍କଡ଼ା ବିଛା ନାହୁଡ଼ ମାରିବା ପରି ଶ୍ରୀମତୀ ଠୋ'କିନା ଚମକି ପଡ଼ିଲେ । ବେଶ ହେବା ସେଇଠି ଅଟକି ଗଲା । ଦେବୀ ହେଲେ ପିଠାଖଡ଼ିକା ଧାରିଣୀ । ତନ୍ନ ତନ୍ନ କରି ଆୟକର ବାଲାଙ୍କ ଭଳି ଘରସାରା ଖୋଜି ପକାଇଲେ । ଛୁଉଁକି ପୁନର୍ବାର ନିଜର ଅବସ୍ଥିତି ସଂପର୍କରେ ଅବଗତ କରାଇନଥିଲେ ଆମର ଅନୁସଂଧାନ ଅଲବତ୍ ଅସଫଳ ହୋଇଥାନ୍ତା । ଘର ଭିତରେ ତାଳା ଉପରେ ସାଇତା ଖାଲି ଟିଭିଖୋଳ ଭିତରୁ ସେ ସ୍ୱର ସୃଷ୍ଟି କରିଥିଲା ।

ସେଠାକୁ ହାତକୁ ପହଞ୍ଚାଇବାକୁ ହେଲେ ଟେବୁଲ୍ ଘୁଞ୍ଚାଇ ଆଣି ତା ଉପରେ ଟୁଲ୍ ପକାଇ ଶ୍ରୀମତୀକୁ ଆରୋହଣ କରିବାକୁ ହେବ । କୋପ ଓ ଧୈର୍ଯ୍ୟ ଦୁଇଟିଯାକ ପରସ୍ପରର ପରିପନ୍ଥୀ । ଏତେ କଥା, ଏତେ ଆୟୋଜନ କରିବାକୁ ବେଳ କାହିଁ ? ସିନେମା ଦେଖା ବେଳ ହୋଇଯାଉଛି ପରା । ଦୁଇ ବଖୁରିଆ ବସାଘରର ଦାଣ୍ଡ ବଖରାରେ ଶ୍ରୀମତୀଙ୍କର ବାହାରିବା ଅପେକ୍ଷାରେ ମୁଁ ନସରପସର ହେଉଥାଏ । ଶ୍ରୀମତୀ ଏକ ଅଭିନବ କୌଶଳ ଅବଲମ୍ବନ କଲେ । ଗୋଟିଏ ଗିନାରେ ଖଣ୍ଡେ ମାଂସ ଓ ଟିକେ ଝୋଳ ଆଣି ଘର ମଝିରେ ଥୋଇ ଦେଲେ । ଦୂରରେ ଛକି ରହି ଡାକିଲେ - ଆଃ, ତୁ ତୁ । ହିରଣ୍ୟକଶ୍ୟପ କଣ୍ଠରୁ ବିଷ୍ଣୁନାମ ଶୁଣିବା ଭଳି ନିଜପ୍ରତି ଏହି ଅଯାଚିତ ମମତାକୁ ଅବିଶ୍ୱାସ କରିବା ଢଙ୍ଗରେ ପେଟି ଆରପଟୁ ମାର୍ଜାର ମୁହଁଟେକି ଚାହିଁଲା । କାନ ଠିଆଠିଆ । ମୁଖ ଭଙ୍ଗୀ ତୀର୍ଯ୍ୟକ୍ । ସନ୍ଦେହୀ ଚାହାଣି । ତାପରେ କ୍ଷୀପ୍ରଗତିରେ ଲଂଫ ଦେଲା ମାଂସଗିନା ପାଖକୁ । ତାହାର ନିଶାଗ୍ର ଗିନାକୁ ସ୍ପର୍ଶ କରିବା ପୂର୍ବରୁ ତା ଅଭିମୁଖେ ହସ୍ତଚ୍ୟୁତ ହେଲା ଦେବୀଙ୍କର ଅସ୍ତ୍ର । ଭାବୀ ପ୍ରତାରଣାକୁ ପୂର୍ବାନୁମାନ କରିଥିବା ମାର୍ଜାର ଏକା କୁଦାକେ ବିଜୁଳି ବେଗରେ ଛୁଟିଗଲା ନିକଟସ୍ଥ ଅଲଗା ସନ୍ଧିରେ । କ୍ରିକେଟ୍‌ର ବାଉନ୍‌ସର୍ ବଲଭଳି ପକ୍କା ଚଟାଣରେ ଧକ୍କା ଖାଇ ଖୋଲାଦରଜା ଦେଇ ପିଠାଖଡ଼ିକା ପ୍ୟାଣ୍ଟ ଭେଦକରି ଲାଗିଗଲା ମୋ ଗୋଡ଼ ପେଣ୍ଡାରେ । ଯନ୍ତ୍ରଣାରେ ଚିତ୍କାର କରି ଉଠିଲି । ପତ୍ନୀ ଧାଇଁ ଆସିଲେ ମୋ ପାଖକୁ । ଅଧରଞ୍ଜ କ୍ଷତରୁ ରକ୍ତ ଧାର ଝରିବା ଆରମ୍ଭ ହୋଇଗଲା । କହିବା ବାହୁଲ୍ୟ, ତାଙ୍କୁ ସର୍ବଦା ସବୁକଥାରେ କ୍ଷମା କରିବା ତାଙ୍କର ପୈତୃକ ଅଧିକାର ପରିସରଭୁକ୍ତ ।

ମୋର ପ୍ରାଥମିକ ଚିକିତ୍ସାପରେ ଛାତି ଭିତରେ ସଞ୍ଚିତ କ୍ରୋଧକୁ ଅନନ୍ୟୋପାୟ ହୋଇ ଅଜାଡ଼ି ଦେଲି ମାର୍ଜାର ଉପରେ । ତାକୁ ଘର ଭିତରେ ମନମୁଖୀ ବିଚରଣ ପାଇଁ ଛାଡ଼ିଦେଇ ଘରେ ତାଲା ପକାଇ ସିନେମା ଯିବା ଆଦୌ ନିରାପଦ ନୁହେଁ । ଚତୁରୀ ଛୁଉଁକି ସବୁ ପ୍ରକାର ଘୋଡ଼ଣୀ ଖୋଲି ଖାଦ୍ୟାଦିକ ଗର୍ଭସ୍ଥ କରିବାର ଅମୋଘ ସୂତ୍ର ଆବିଷ୍କାର କରିସାରିଛି । କିଛି ନ ହେଲେ ପଂଝା ମାରି ଖାଦ୍ୟପାତ୍ରକୁ ପାକଶାଳାର ପିଣ୍ଡି ଉପରୁ ତଳକୁ ଫିଙ୍ଗିଦିଏ । ଢାକୁଣୀ ଆପେ ଆପେ ଫିଟିଯାଏ । ତନୁ ସାଉଁଟି ଖାଇବାରେ ସ୍ୱାସ୍ଥ୍ୟଗତ ଅସୁବିଧା ତାର ନାହିଁ । ପେଟ ପୂରିଗଲେ ଓ ନିରୋଳା ପାଇଲେ ମନୋରଞ୍ଜନ ପାଇଁ ଅଲଣାରେ ଝୁଲୁଥିବା ପତ୍ନୀଙ୍କର ଲୁଗା ସହିତ ଖେଳେ । ଦୁଇଗୋଡ଼ରେ ଠିଆ ହୋଇ ନଖରେ ଲୁଗାକୁ ଟାଣେ । ତାହାର ପରିଣତି ଓ ତତ୍‌ଜନିତ ପତ୍ନୀଙ୍କର ପ୍ରତିକ୍ରିୟା କଥା ନକହିଲେ ଚଳିବ । ଆଜିକାଲି ଘରପିନ୍ଧା ଶାଢ଼ୀଖଣ୍ଡକ ପାଖାପାଖି ଦେଢ଼ଶହ ଟଙ୍କା ହେଲାଣି ।

ମୋର ଉପଚାର ମଧ୍ୟରେ ଛୁଉଁକି ମାଂସଗିନାର କାମସାରି ରୋଷେଇଘରେ ସ୍ଥାପିତ ହୋଲ୍‌ସେଲ୍‌ଷ୍ଟକ୍ ପାଖରେ ନସର ପସର ହେଉଥାଏ । କେକ୍‌ଟିର ଢାକୁଣୀରେ ନଖ ମାରୁଥାଏ । ମୋର ଦୃଷ୍ଟି ପଡ଼ିବା ମାତ୍ରେ ଗୋଡ଼ ଯନ୍ତ୍ରଣାକୁ ଭୁଲି ତୀରବେଗରେ ଧାଇଁଗଲି । ବାଘ ଶିକାର କରିବାକୁ ଶିକାରୀ ଛେଳିକୁ ଟାରାକରି ବାନ୍ଧେ । ସେ ଟାରାକୁ ଖାଇ ନିର୍ବିଘ୍ନରେ ବାଘ ଚାଲିଗଲେ ଶିକାରୀ ପକ୍ଷରେ ତାହା ଅପମାନଜନକ । ମୋ ସ୍ତ୍ରୀଙ୍କର ସ୍ୱହସ୍ତ ପରଷା ତିନିଟଙ୍କାର ମାଂସ ଖଣ୍ଡିକ ଖାଇ ଅନାହତ ହୋଇ ପଳାଇବା ମୋତେ ପରିହାସ କଲାପରି ଲାଗୁଥିଲା । ରାଗ ଶୁଝାଇବା ମଧ୍ୟ ନିହାତି ଦରକାର । ଯ୍ୟାକୁ କୁହାଯାଇପାରେ - କାନମୋଡ଼ି ହୁଏ ଭାର୍ଯ୍ୟାର ଆଗେ, କାକୁଆ ପଣିଆ ମାର୍ଜାର ଆଗେ ।

ରୋଷେଇ ଘରେ ପଶିଲେ ହାତରେ ପଡ଼େ ପ୍ରଥମ ଅସ୍ତ୍ର - ବେଲଣା କାଠି । ମୋ ହାତରେ ଉଦ୍ୟତ ଅସ୍ତ୍ର ଦେଖୁ ଦେଖୁ ମାଂସର ଲୋଭ ପରିତ୍ୟାଗ କରି ଛୁଉଁକି ଧାଇଁଲା ବାହାରକୁ । ତା ପଛରେ ଛୁଟିଲା ମୋର ଅସ୍ତ୍ର । ମୋର ଅଭ୍ୟାସ ବା ଲକ୍ଷ୍ୟ ଦୁଇଟି ଯାକ ନ ଥିଲା । ବେଲଣାକାଠି ଯାଇ ବାଜିଲା ଶ୍ରୀମତୀଙ୍କର ତଳି ପେଟରେ । ଯନ୍ତ୍ରଣାରେ ଚିତ୍କାର କରି ଦୁଇହାତରେ ତଳି ପେଟକୁ ଚିପି ଧରି ତଳେ ବସିପଡ଼ିଲେ ସେ । ବରକୋଳିଆ ଲୁହ ଟପ୍‌ଟପ୍ ଗଳି ପଡ଼ିଲା ତାଙ୍କ ଆଖିରୁ । ତୁଣ୍ଡର ତୂଣୀରରୁ ମୋ ପାଇଁ ସର୍ବଦା ଗଚ୍ଛିତ ବାକ୍ୟବାଣ ବାହାରି ପାରୁନଥିଲା । ଦୈବାତ୍ ଯଦି ଇତିମଧ୍ୟରେ ମାତୃତ୍ୱର କିଞ୍ଚିତ ସମ୍ଭାବନା ଅଙ୍କୁରି ଥାଏ ... । ମୁଁ ଯେ ତାଙ୍କ ପ୍ରତି ନିଷ୍ଠାପର ଭାବରେ ସମର୍ପିତ ଓ ତାଙ୍କର ଟୋପାଏ ଲୁହ ତୁଳନାରେ ମୋର ପ୍ରାଣଟା ମଧ୍ୟ ତୁଚ୍ଛ, ଏହା ଦେଖାଇଦେବା ପାଇଁ ନିଜକୁ ଅକୁଣ୍ଠିତ ଚିତ୍ତରେ ଗାଳିଦେବା ସହ କାନ ମୋଡ଼ି ହୋଇ ବ୍ରହ୍ମଚଟକଣା ଖାଇ ମୋ ଗାଲର ରଙ୍ଗ ବଦଳାଇ ଦେଲି । ସାତଶତ୍ରୁ ମଧ୍ୟ ମୋତେ ଏପରି ନିଷ୍ଠୁର ଭାବରେ ଚଟକଣା ମାରି ନଥାନ୍ତା । ଏସବୁ ପ୍ରକାର ଘଷା, ଆଉଁସା, ସେକାଯନ୍ତ୍ର ପର୍ବ ସରିବା ପରେ ତାଙ୍କୁ ସାଙ୍ଗରେ ଧରି ଡାକ୍ତରଙ୍କ ପାଖକୁ ବାହାରିଲି ।

ବାହାରେ ତାଲା ଠୁକିବାବେଳେ ଆମକୁ ଉଦାସ କଣ୍ଠରେ ବିଦାୟ ଜଣାଇବା ପରି ଘର ଭିତରୁ ଛୁଉଁକିର ପାଟି ଶୁଭୁଥିଲା - ମ୍ୟା-ଉଁ ।

# ପଚାଶ ପୂରିଲା ବୁଦ୍ଧି ଗଜୁରିଲା

ଦଶହରା ଭସାଣୀ ପରଦିନ ଗୋଟିଏ ଛୋଟ ସାହିତ୍ୟାନୁଷ୍ଠାନ ସଂପାଦକ ବନ୍ଧୁ ମୋ ଘରେ ଦର୍ଶନ ଦେଲେ । ତା'ପାନରେ ଆପ୍ୟାୟିତ ହେବାପରେ କହିଲେ, "ଆସନ୍ତା ନଭେମ୍ବର ପଚିଶି ତାରିଖରେ ଆପଣଙ୍କର ପଚାଶତମ ଜନ୍ମଦିବସ । ଆପଣଙ୍କର ମନେ ଅଛିତ?"

ମୋର ପ୍ରିୟ ପୁସ୍ତକ ପାଇଁ ମୋର ଭୂମିଷ୍ଠ ହେବାର ସମୟଟି ଦାରୁଣ ବିପର୍ଯ୍ୟୟର ପଞ୍ଚଗ୍ରହ, ଷଡ଼ଗ୍ରହ ବା ଅଷ୍ଟଗ୍ରହକୁଟ ଠାରୁ ମଧ୍ୟ ଅଧିକ ମାରାତ୍ମକ - ଏହାକୁ ମୁଁ ମନେ ନରଖି ନିସ୍ତାର ନାହିଁ । କାରଣ, ଓଡ଼ିଆ ଲେଖକ, ବିଶେଷ କରି ବ୍ୟଙ୍ଗକାର ଭଳି ପେଶାକୁ ଆପଣାଇଥିବା ସନ୍ତାନର ଅନ୍ଧକାରମୟ ବର୍ତ୍ତମାନ ଓ ଆହୁରି କିଟିକିଟିଆ ଅନ୍ଧକାର ପୂର୍ଣ୍ଣ ଭବିଷ୍ୟତର କଳ୍ପନାରେ ବାପମାଆ ଏପୁର ତ୍ୟାଗ କରି ବିକଳରେ ପଳାୟନ କଲେ । ସନ୍ତାନ ସନ୍ତତିଙ୍କର ଟଣକା ଭିଡ଼ା ହୋଇ ନଥିଲେ ପତ୍ନୀ ମଧ୍ୟ ବାହା ହେବାର ବର୍ଷକ ପରେ ଛାଡ଼ିପଳାନ୍ତେଣି । ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ତ କେବେଠାରୁ ଛାଡ଼ି ସାରିଲେଣି, ଆଉ ମାୟା ଲଗାଉ ନାହାନ୍ତି ।

ଯାହାହେଉ, ବନ୍ଧୁଙ୍କର ସ୍ମରଣ ଶକ୍ତିରେ ମୁଁ ଚମତ୍କୃତ ହେଲି । ସତରେ ସେ ଦୁର୍ଦ୍ଦିନକୁ ଘୋରି ହେଉ ହେଉ ଏଇ କେତେଦିନ ହେବ କାର୍ଯ୍ୟବ୍ୟସ୍ତତା ଭିତରେ ପାଶୋରି ପକାଇଥିଲି । ମୋର ଜେଜେବାପାଙ୍କ ଅମଳରୁ କାହାର ଜନ୍ମଦିନକୁ ସ୍ମରଣ କରାଯିବାର ପରଂପରା ନାହିଁ । ଜେଜେ ସେ ପରଂପରାର ଅନ୍ତିମ ବାହକ ଥିଲେ । ତାଙ୍କର ଜନ୍ମଦିନକୁ ପଞ୍ଜିକା ତିଥି ଅନୁଯାୟୀ ଠିକ୍ ମନେରଖି ସେଦିନ ସକାଳୁ ଉଠି ଗାଧୋଇପାଧୋଇ, ପେଟେରୀରୁ କାଢ଼ି ନୂଆଲୁଗା ପିନ୍ଧି, ଚନ୍ଦନ ଚର୍ଚ୍ଚିତ ହୋଇ ଠାକୁର ଖଟୁଲି ପାଖରେ ମୁଣ୍ଡିଆ ପକାଇ ବସିଯାଉଥିଲେ ଓ ବୁଢ଼ୀମାଆକୁ ଗୁଆଘିଅରେ ନଡ଼ିଆପକା ଅରୁଆ ଖେଚେଡ଼ି ଓ ସରୁଚାଉଳରେ କ୍ଷୀରୀ କରିବାକୁ ବରାଦ କରୁଥିଲେ । ବୁଢ଼ୀ ନଡ଼ବଡ଼ ହୋଇ ହୁକୁମ୍ ତାମିଲିରେ ଲାଗିବା ବେଳକୁ ରାତିପାଇଁ ବିରି ଓ ଅରୁଆ ଚାଉଳ ବତୁରାଇବାକୁ ହୁକୁମ୍



ଜାରି କରିଦେଉଥିଲେ । ଏହି କ୍ଷୀରୀ, ଖେଚେଡ଼ି, ପିଠାର ବରାଦର କାରଣ କାହାକୁ ସେ ଜଣାଉନଥିଲେ । ସରଳିଆବୁଢ଼ୀଟି କିନ୍ତୁ ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ତିଥିରେ ଉତ୍ତମ ବ୍ୟଞ୍ଜନ ପ୍ରସ୍ତୁତିର ବରାଦ ପାଇ ତାର ହେତୁ ଖୋଜି ଖୋଜି, ଦାଂପତ୍ୟଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିବାର କେଇବର୍ଷ ଆଗରୁ ସତକଥାଟି ଜାଣି ନେଇଥିଲା । ସେଥିପାଇଁ ତା ପୁଅ (ମୋ ବାପା) ଜନ୍ମଦିନକୁ ବୁଢ଼ା ସହିତ ଜିଗର ଲଗାଇବାରୁ ଜେଜେ ରୋକ୍‌ଠୋକ୍ ମନା କରିଦେଇଥିଲେ - ଆମ ପରିବାରରେ ଜନ୍ମଦିନ ପାଳନ କରାଯାଏ ନାହିଁ । କୌଣସି ଯୁକ୍ତିଯୁକ୍ତ କାରଣ ଜାଣିବାରେ ଅଧିକାର ସେତେବେଳର ମାଇପିମାନଙ୍କର ନଥିଲା ।

ସୌଜନ୍ୟବଶତଃ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇ ସାରିବା ପରେ ମୁହଁକୁ ଯଥାସାଧ ବିରସ କରି କହିଲି - ଆମ ଘରେ ଜନ୍ମଦିନ ପାଳନ କରାଯାଏନା ।

ସେ ଆଗରୁ ସମାଧାନ ସାଙ୍ଗରେ ଧରି ଆସିଥିଲେ, ଆପଣ ଘରେ କାହିଁକି ପାଳିବେ ? ଏହା ସ୍ୱାର୍ଥପରତା ନିଶ୍ଚୟ । ଆମେ ଆମର ଅନୁଷ୍ଠାନ ତରଫରୁ ଆପଣଙ୍କର ପଚାଶତମ ସ୍ୱଳକ୍ଷତ୍ର ସମ୍ବର୍ଦ୍ଧନା ଉତ୍ସବ ସାରସ୍ୱତ ଭବନଠାରେ ପାଳନ କରିବୁ । ବନ୍ଧୁଙ୍କର ବିଶେଷ ଗୁଣ ହେଲା, ବିଖ୍ୟାତ, ଅଖ୍ୟାତ, ପ୍ରତ୍ୟେକ କବି, ଲେଖକ, ପ୍ରାବନ୍ଧିକ, ସମାଲୋଚକଙ୍କର ଜନ୍ମ, ମୃତ୍ୟୁ ତାରିଖ ସେ ଡାଏରୀରେ ଟିପି ରଖିଥାନ୍ତି । ଜନ୍ମଦିନରେ ଜୀବନ୍ତ ଓ ଶ୍ରାଦ୍ଧ ଦିନରେ ମଲାସାହିତ୍ୟିକଙ୍କ ଘରେ ହାଜର ହୋଇଯାଆନ୍ତି । ଗାଇ ଚରିଲେ ଘଣ୍ଟିବାଜେ । ସାହିତ୍ୟିକଙ୍କର ପ୍ରଚାର ହେବା ସଙ୍ଗେ ସଙ୍ଗେ ତାଙ୍କ ଅନୁଷ୍ଠାନର ନାଆଁ ମଧ ଖବର କାଗଜରେ ବରାବର ବାହାରେ । ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ତାଙ୍କୁ ଉପଯୁକ୍ତ ମାଧ୍ୟମ ମନେକରି ତାଙ୍କ ପାଖରେ ପହଞ୍ଚିଯାଇ ସହଯୋଗ ଭିକ୍ଷା କରନ୍ତି । କାରଣ, ଆନୁଷ୍ଠାନିକ ମୋହର ନବାଜିଲେ ଖବରକାଗଜ ବାଲା ସହଜରେ ଖବର ଛାପିବେ ନାହିଁ ।

ସିଆଡୁ ଖଣ୍ଡେ ତାଲିକା ଧରି ସେ ଆସିଥିଲେ । କାଗଜ ଖଣ୍ଡିକୁ ଓ ତାର ଭାଙ୍ଗକୁ ଦେଖିଲେ ବହୁତ ପୁରୁଣା ତିଠାମନେ ହେଉଛି । ତହିଁରେ ଟଙ୍କାଘରେ କାରଣର ସଂଶୋଧନ ହେବାର କେତୋଟି ଚିହ୍ନ । ଦରଦାମ୍ ବଢ଼ାଇବ ବଢୁଛି, କିଏ କଣ କରନ୍ତେ ? କେତୋଟି ଦୋଷରୁ ଅବଶ୍ୟ ହୋଇଥିବାରୁ ସେ ନିଜେ ପଢ଼ି ଶୁଣାଇଲେ - ହଲଭଡ଼ା, ମାଇକ୍‌ଭଡ଼ା, ଫୁଲତୋଡ଼ା, ଆଲୋକସଜ୍ଜା, ନିମନ୍ତ୍ରଣପତ୍ର ଛପା, ଡାକରେ ପଠାଇବା ଖର୍ଚ୍ଚ, ଅତିଥିମାନଙ୍କର ଯାତଖର୍ଚ୍ଚ ଓ ପାରିତୋଷିକ, ଆପଣଙ୍କ ପାଇଁ ଉତ୍ତରୀୟ କିଣା ଇତ୍ୟାଦି ମିଶାଇ ମାତ୍ର ଛବିଶିଶହ ଟଙ୍କା ଲାଗିବ । ଆପଣ କେବଳ ସେତକ ଯୋଗାଡ଼ କରିଦେଲେ ବାକି ସବୁ ଦାୟିତ୍ୱ ଆମର । ମୋ ମନ ଭିତରଟା ସବସବ ହେଉଥିଲା । ଖାଲି ଛବିଶି ହୋଇଥିଲେ ପିଲାଙ୍କର ଅମୁର୍ହାଁ ଘଡ଼ି ଭାଙ୍ଗି ଠଣ୍ ଠଣ୍ କରି ଗଣିଦେଇଥାନ୍ତି । ମାତ୍ର, ତା ପଛର ଶୂନ ଦୁଇଟି ବଇରୀ ହେଲେ । ମୋର ଉସାହ ଘରେ ଶୂନ ବସିଗଲା । କହିଲି, ଯୋଗାଡ଼ କରି ଦେଖୁଛି, ହାତକୁ ଆସିଗଲେ ବଜେଯାଇ ଆପଣଙ୍କର ଘରେ ଦେଇ ଆସିବି ।

ସେ ଉଠିଲେ । ମୋ ମୁହଁରୁ ସତକଥାଟା ଅନୁମାନ କରି ମନେମନେ ଭାବିଥିବେ

- ଏଭଳି ଅଲକ୍ଷଣା, ଅରକ୍ଷିତ ସାହିତ୍ୟିକଙ୍କୁ ସୃଷ୍ଟିକୁ ପଠାଇବାରେ ଭଗବାନ୍ ଭୁଲକଲେ କାହିଁକି ? ବରଂ ଛଅ ମଲାପରେ ଯାଙ୍କର ପିଲାଝିଆଙ୍କୁ ଫୁସୁଲାଇ ଚୈକଚିତ୍ର ଉନ୍ମୋଚନ କରାଯାଇପାରେ।

ସେ ସିନା ଚାଲିଗଲେ, ମୋ ମନ ଭିତରେ କୁତୁକୁତୁ ହେବାର ଜୀବାଣୁ ଛାଡ଼ି ଦେଇଗଲେ। ପାଳନ କରି ପାରିବି କି ନାହିଁ, କିଏ ଜାଣେ ? ମନକଥା ମନରେ ରଖିଲି। ଜେଜେବାପାଙ୍କର ଦୂରଦୃଷ୍ଟି ହେତୁ ବର୍ଷକୁ ଛଅଥର ଆର୍ଥିକ ଜଚଡ଼ା ଖାଇବାରୁ ରକ୍ଷା ପାଇ ଯାଇଛି। ନଚେତ୍ ମୋର ଛଅଜଣିଆ ପରିବାରକୁ ... ଆମେ ଦୁଇ ଓ ଆମର ଦୁଇ (+) ଦୁଇ।

ଅପେକ୍ଷିତ ନଭେମ୍ବର ୨୫ ତାହିଁ ତାହିଁ ଆସିଗଲା। ସେଦିନ ଛୁଟିନେଇ ଘରେ ରହିଲି। ଦେହ ଖରାପର ବାହାନା କରିଥିଲି। ପରଂପରା ଦୃଷ୍ଟିରୁ ମୋ ପରିବାରର ସଦସ୍ୟଙ୍କର ବେସରକାରୀ ଜନ୍ମଦିନ ଭୁଲିଯିବାର ସାଧନା ଅଛି। ସରକାରୀ ଖାତା ଖତିଆନାରେ ସୁବିଧାମତେ ଜନ୍ମତାରିଖ ଲେଖା ହୋଇଥାଏ। ମୋର ଜଣେ ସଂପର୍କୀୟ ମାମୁଁ ୭୨ ବର୍ଷରେ ଏବେବି ସରକାରୀ ଚାକିରି କରୁଛନ୍ତି ଓ ସରକାରୀ ଖତିଆନା ଅନୁଯାୟୀ ତାଙ୍କର ଆଉ ୧୨ ବର୍ଷ ଚାକିରି ବାକିଅଛି। ପିଲାମାନେ କଲେଜ୍ ଚାଲିଯିବା ପରେ ଘରଣୀକୁ ପାଖକୁ ଡାକି ବଡ଼ ସରାଗରେ କହିଲି - ଶୁଣୁଛ ! ଆଜିପରା ମୋର ପଚାଶତମ ଜନ୍ମଦିନ।

ସିଏ ଏତେଟିକେ ଉତ୍ସାହିତ ହେଲାପରି ଜଣାଗଲା ନାହିଁ। ଗୋଟିଏ କୁକିନେତା ମରିଗଲେ ସର୍ବଭାରତୀୟ ଦଳର ହାଇକମାଣ୍ଡ ଯେତିକି ଗୁରୁତ୍ୱ ଦିଅନ୍ତି, ସେଇଳି ସଂପୃକ୍ତି ତାଙ୍କ ପାଖରେ ନଥିଲା। ଚିରାଚରିତ ରୁକ୍ଷ ଗଳାରେ କହିଲେ- ସେଇଠୁ କଣ ହେଲା ? ହଁଅ, କହିବ ଯଦି ରାତିରେ ରୁଟି କଲାବେଳେ ତୁମ ରୁଟିରେ ଲୁଚେଇ କରି ଜଣାନପଡ଼ିଲା ଭଳି ଟିକେ ଘିଅ ପକାଇଦେବି। ଆମ ଜେଜେଙ୍କର ଜନ୍ମଦିନ ପାଳନ ବୃତ୍ତାନ୍ତ ସେ ମୋଠାରୁ ଶୁଣିଥିଲେ।

ନାଇଁମ, ଏଇଟା ପରା ମୋ ଜୀବନର ଏକମାତ୍ର ସୁବର୍ଣ୍ଣ ଜୟନ୍ତୀ। ଭାବୁଛି... ଏଥର ଅନ୍ତତଃ ମହମବତୀ ଜଳାଇ କେକ୍ କାଟିବା ଉଚିତ୍। ପ୍ରବଳ ଉତ୍ସାହରେ କହିଲି।

ମୋର ମାନସିକ ସୁସ୍ଥତା ନେଇ ସନ୍ଦେହ ପ୍ରକଟ କଲାପରେ ସେ ପୂରା ଅଧଘଣ୍ଟାଏ ମୋର ଆପାଦମସ୍ତକ ନିରୀକ୍ଷଣ କରିସାରି କହିଲେ, "ମାସ ଶେଷ ଆସି ହେଲାଣି। ଘରୁ ଅଟା ଓ ସୋରିଷ ତେଲ ସରିଲାଣି। ଗାଲ୍ଲାରେ ଜମା ତିରିଶି ଟଙ୍କା ପଡ଼ିଛି ଯେ ପରିବା କିଣାକୁ ନିଅଣ।" ମୋ ଆଡକୁ କଡା ନଜରରେ ଚାହିଁ ତଲବ କଲେ, "ତୁମେ ମାସ ଶେଷରେ କାହିଁକି ଜନ୍ମ ହେଇଥିଲ ? ଯଦି ଜନ୍ମ ହେଲ, ପହିଲାକୁ ତଳେଇ ବସୁଥିବା ଦରମାରେ ପିଣ୍ଡ ବଞ୍ଚାଉଥିବା ସରକାରୀ ଚାକିରିଆ ହୋଇ ଜନ୍ମ ହେଲେ କାହିଁକି ? ତୁମ ହାତ ଧରି ମଣିଷ ଯେତେ କଷ୍ଟ ଭୋଗିଲାଣି ... ଶେଷକୁ ମୋରି ସ୍ୱାମୀ ହୋଇ ତୁମର ଜନ୍ମ ହେବାର ଥିଲା ?"



ମୋ ପାଇଁ ତାଙ୍କର ସୁଖର ବେଳୁନ୍‌ରେ ଯେ ଛୁଞ୍ଚି ଫୋଡ଼ି ହୋଇ ଯାଇଛି - ମୋର ଶତବାର ପ୍ରତ୍ୟକ୍ଷ ଅନୁତାପ ସତ୍ତ୍ୱେ - ସେ ମୋତେ ଶୁଣାଇବାର ଏତେଟିକେ ସୁଯୋଗ ହାତଛଡ଼ା କରିନାହାନ୍ତି। ଆଉ ଅଧିକ ବଖାଣିବାକୁ ମଉକା ଦେଲେ ସେ ମୋର ଅଯୋଗ୍ୟ ଜନ୍ମଦାତା ପିତୃପୁରୁଷଙ୍କର ସମାଧି ମଧ ଖାଡ଼ି ପକାଇବେ ଓ ତାଙ୍କର ମୁଦ୍ଦ ଦିନଗଡୁଥିବା ବସାଦହି ପରି ଅଧିକରୁ ଅଧିକ ଆମ୍ବିଳା ହୋଇଯିବ। ବିକଳରେ କହି ପକାଇଲି - ବ୍ୟସ୍ତ ହୁଅ ନାହିଁମ। ମାତ୍ର ଦୁଇଟଙ୍କାର କଥା। ଗୋଟାଏ ଦେଢ଼ଟଙ୍କାର କେକ୍ ଓ ପଚାଶ ପଇସାର ଦିଆସିଲିରେ କାମ ଚଳିଯିବ।

ଖାଣ୍ଟି ବିଲାତି ଲୋକ ଆଗରେ ଓଡ଼ିଶୀ ସଂଗୀତ ଗାଇବା ପରି ମୋ ବଚନିକାକୁ ସେ ହଜମ କରି ପାରୁନଥିଲେ। ଭାବୁଥିବେ, ପଚାଶ ବର୍ଷ ଧରିଲେ ଲୋକଙ୍କର ସାଧାରଣଜ୍ଞାନଟକ ଉଭେଇଯାଏ ବୋଧହୁଏ ତାଚ୍ଛଲ୍ୟକରି କହିଲେ- ଭବିଷ୍ୟତରେ ତୁମେ ଦଶଟଙ୍କାରେ ଝିଅ ବାହାଘର କରିଦେବ।

ମୋର ବୁଦ୍ଧିର ଜମହାରିତାର ବ୍ୟାଖ୍ୟା କଲି - ଦେଖ, ପଚାଶଟା ମହମବତୀ ଲାଗି ପାରିବା ଭଳି ଆଖିଦୃଶିଆ କେକ୍ କିଣିଲେ ଅନ୍ୟୁନ ପାଞ୍ଚଶହ ଟଙ୍କା ପଡ଼ିବ। ତେଣୁ ମୁଁ ଛକ ଉପରର ଚା ଦୋକାନରୁ ଗୋଟାଏ ଦେଢ଼ଟଙ୍କିଆ କେକ୍ କିଣି ଆଣିଛି। ତା ଉପରେ ମୁଠାଏ ଦିଆସିଲିକୁ ପଚାଶ ପଇସା ଟ୍ରିକ୍ ପାଖରେ ଜିବି ଲଗାଇ ଥୋଇ ଦେବା। ତୁମେ କାଠିମାରି ଜିବି ଲଗାଉଥିବ ଓ ମୁଁ ଫୁଙ୍କମାରି ଲିଭାଉଥିବି। ମୁଠାଏ ଦିଆସିଲିରେ ପଚାଶଟା କାଠି। ଦିଆସିଲି ଖାଲି ହେଲା ବେଳକୁ ଉତ୍ସବ ଶେଷ।

ଶ୍ରୀମତୀ ମୁହଁ ମୋଡ଼ିଦେଇ କହିଲେ - ଛିଃ ! କାହିଁ ମହମବତୀ ଆଉ କାହିଁ କିରାସିନି ଜିବି ? ମୁଁ ମାଷ୍ଟରିଆ ଢଙ୍ଗରେ ଟିଉସନ୍ ଆରମ୍ଭିଲି - ବୁଝିବାକୁ ଚେଷ୍ଟାକର, ପେଟ୍ରୋଲ୍ ପରିସ୍ରୁତ ହେଲେ ସେଥିରୁ ଜେଲି ବାହାରେ। ଜେଲିରୁ ପାରାଫିନ୍ ତିଆରିହୁଏ। ପାରାଫିନ୍‌ରୁ ହୁଏ ମହମ। କିରାସିନି, ଡିଜେଲ୍ ଭଳି ମହମ ମଧ ପେଟ୍ରୋଲ୍ ଜାତ ପଦାର୍ଥ। ତଫାତ୍ ରହିଲା କେଉଁଠି ? ତାହା ବ୍ୟତୀତ କାହାପାଇଁରେ ପେଡେଷ୍ଟାଲ୍ ପଂଖା ଲାଗିଛି ଯେ, ଏକାଥରକେ ଫୁଙ୍କି ପଚାଶଟା ମହମବତୀ ଲିଭାଇଦେବ ? ଅତିକମ୍‌ରେ ଦୁଇତିନୋଟି ଫୁଙ୍କମାରିବାକୁ ବାଧ ହେବ। ଏକାଧିକ ଫୁଙ୍କ ପାଇଁ କିଛି ସୀମାଧାର୍ଯ୍ୟ କରାଯାଇ ନାହିଁ। ତେଣୁ, ଅଳକରେ ପଡ଼ି ପଚାଶଥର ଫୁଙ୍କିଲେ କ୍ଷତି କଣ ? ତାହାଉଭାରୁ, କେକ୍ ତ କେକ୍, ଛୋଟବଡ଼ରେ କଣ ଅଛି ?

ସେ ପୁଣି ଗୋଟାଏ ପେଞ୍ଚ କାଢ଼ିଲେ, "ଆଜିକାଲି ଦିଆସିଲି ଖୋଲଭିତରୁ ପଚାଶ ଜାଗାରେ ଚାଳିଶିଟା କାଠି ବାହାରୁଛି। ଧୂପକାଠି ପ୍ୟାକେଟ୍ ଉପରେ ପଚାଶ ଲେଖା ଥାଇ ତିରିଶି ପଇଁତିରିଶି କାଠି ବାହାରୁଛି। ମୁହଁତକକୁ ପୋଚି କହିଲେ ମୋର ଅଭ୍ୟାସ ଛାଡ଼ି ଗଲାଣି, ପଚାଶଯାଏ ଠିକ୍ କରି ଗଣିପାରିବ କି ନା ସନ୍ଦେହ। ଯଦି କାଠି କମିଗଲା ତୁମେ ସାନ ହୋଇ ଯିବନି ?"

ମୁଁ ହସ ସମ୍ଭାଳି ପାରିଲି ନାହିଁ । କହିଲି, "କେକ୍ ଉପରେ ଗୋଟାଏ ମହମ ବତୀ ଜଳାଇ ତୁମ କୋଳରେ ବୋଳି ଖେଳିବା ମୋତେ ସମ୍ଭବ ହେବନାହିଁ । ବୁଝିଲ ? ଏକଲେଖା ସହସ୍ର ବାକ୍ୟ । ଲେଖାକୁ ଏତେ ଅବିଶ୍ୱାସ କଣ ? ରାମ ରାବଣ ଯୁଦ୍ଧରେ ସେତେବେଳେ ଯେତେ ସୈନ୍ୟ ମରିବାର ବର୍ଣ୍ଣନା କରାଯାଇଛି ସେତିକି ଲୋକ ଏବେବି ଏଡ଼େବଡ଼ ଭାରତରେ ନାହାନ୍ତି । ରାମାୟଣର ଲେଖାକୁ କଣ ଅବିଶ୍ୱାସ କରିବା ? ଆମେ ସୁପର୍ କମ୍ପ୍ୟୁଟରକୁ ଯେଉଁଭଳି ବିଶ୍ୱାସ କରୁଛୁ, ଦଶମୁଣ୍ଡ କୋଡ଼ିଏ ହାତଥିବା ମାନବାକୃତି ଜୀବଟିଏ ପୃଥିବୀ ପୃଷ୍ଠରେ ଏକଦା ବିଚରଣ କରୁଥିଲା ବୋଲି ବିଶ୍ୱାସ କରି ଏବେ ମଧ୍ୟ ସେହିଭଳି ମୂର୍ତ୍ତିକରି ତାକୁ ପୋଡୁଛୁ ।"ଭାଷଣର କ୍ଳାନ୍ତି ମେଣ୍ଟାଇବା ପାଇଁ ଦମ୍ ନେଇସାରି କହିଲି, "ଆଉ । ବିଆସିଲି ଖୋଳ ଉପର ଛପାକୁ ବିଶ୍ୱାସ କରି ଆମେ ଆମର କାମ କରିଯିବା । ଖବର କାଗଜ ବାଲାଙ୍କ ଭଳି ସେ ତ ଭିନ୍ନ ଭିନ୍ନ କାଗଜରେ ଅଲଗା ଅଲଗା କଥା ଲେଖୁ ନାହାନ୍ତି । ବରଂ ସବୁ କମ୍ପାନୀ ଖୋଳ ଉପରେ ଗୋଟିଏ ସଂଖ୍ୟା ଲେଖୁଛନ୍ତି ।"

ପିଲାମାନେ ଘରେ ନଥିବାବେଳେ ଜିରାଟ ଖରାବେଳେ ଆମର ଉତ୍ସବାନୁଷ୍ଠାନ ଆରମ୍ଭ ହୋଇଗଲା । କୁକୁଡ଼ାଅଣ୍ଡା ଆକାରର କେକ୍‌ର ଦୁଇପଟେ ରଖାଗଲା ଛିବି, ଦିଆସିଲି ଓ ପରିବାକଟା ଛୁରୀ । ସେ ଛିବି ଜଳାଉଥାନ୍ତି, ମୁଁ ଫୁଙ୍କି ଲିଭାଉଥାଏ । କୌଣସି ଥର ଛିବି ଜଳିବା ଆଗରୁ ପବନରେ ଦିଆସିଲି କାଠି ଲିଭିଯାଉଥିଲେ ମଧ୍ୟ ମୁଁ ଛିବିକୁ ଫୁଙ୍କି ଦେଉଥାଏ । କଥାରେ ଅଛି ପରା, ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ । ସର୍ବଜ୍ଞାନ ସମ୍ପନ୍ନଙ୍କେ ଅର୍ଦ୍ଧ ତ୍ୟଜନ୍ତି ପଣ୍ଡିତାଃ । ପୂରାବାଟ ଗାଡ଼ି ମଟରରେ ନଯାଇପାରି, ଅଧାବାଟ ଯାଏ ଗଲେବି ଅଧାବାଟ ତ କଟିଯାଏ । ତେଣୁ, ଅଧା ପରଂପରା ରଖିଲେ କ୍ଷତି କଣ ? ଏଇକଥା ମୋ ବାପାଙ୍କ ଶୁଦ୍ଧକର ବେଳେ କହିଥିଲେ ଆମର ପୁରୋହିତ । ମୁଁ ପଚାରିଦେଲି - ହଇହୋ ଭାଇନା! ମନ୍ତ୍ରକୁ ଅଧେ ତ ତୁମ ପାକୁଆ ପାଟିବାଟେ ପବନରେ ମିଳାଇ ଯାଉଛି ର...ଠ.. କରି ଅଧାପନ୍ତରିଆ କର୍ମ କରୁଛ ? ଏଥିରେ ମୋ ବାପା କେମିତି ସ୍ୱର୍ଗରେ ପହଞ୍ଚିବେ ? ପଣ୍ଡିତ ବେଦାନ୍ତିଆ ହସଟାଏ ହସିଦେଲେ । କହିଲେ, "ଅଧାକର୍ମରେ ତୁମ ବାପା ଅଧା ସ୍ୱର୍ଗରେ ପହଞ୍ଚିଲେ କ୍ଷତି କଣ ? ସେଠିପରା ପଣ୍ଡିଚେରୀର ଅରୋଭିଲ୍ ଭଳି ବିଶ୍ୱାମିତ୍ର ଗୋଟାଏ ନୂଆ ସହର ଗଢ଼ିଛନ୍ତି । ସେଠାରେ ବି ସବୁ ରକମର ଚଳିବା ସୁବିଧା ଅଛି । ସେଠି ପହଞ୍ଚିଗଲା ପରେ ଯଦି ତାଙ୍କର ମନ ଉଡୁକି ଗଲା, ତେବେ ନିଜ ଚେଷ୍ଟାରେ ସେ ଆଉ ଅଧକ ବାଟ ପାରହୋଇ ସ୍ୱର୍ଗରେ ପହଞ୍ଚିଯିବେନି କି ?" ଖୋଳ ଖୋଲିହେବା ପରେ ମହାଉଲ୍ଲାସରେ କେକ୍ କାଟିବାକୁ ଯାଆନ୍ତେ ଚମକି ପଡ଼ି ମୋ ହାତ ଅଟକିଗଲା । ପରାଜିତ ସୈନିକ ଅସ୍ତ୍ରତ୍ୟାଗ କଲାପରି ଛୁରୀକୁ ଟେବୁଲ୍ ଉପରେ ଥୋଇ ପକେଟ୍ ଅଣ୍ଡାଳି ପକାଇଲି । ପକେଟ୍‌ରୁ ବଡ଼ଆକାରର ଖଣ୍ଡେ ଭାଙ୍ଗକରା କାଗଜ ବାହାର କରି ତାଙ୍କୁ ଧରାଇ ଦେଲି । ସେଥିରେ ସିନେମା ପୋଷ୍ଟର ଆକାରର ବଡ଼ ବଡ଼ ଅକ୍ଷରରେ ଲେଖାଥିଲା ।

ଜ୍ଞାନ ଆସିଯିବେ ବୋଲି ତରତର ହୋଇ ବଡ଼ ପାଟିରେ ତାଙ୍କୁ ସେ କାଗଜ



ପଢ଼ିବାକୁ କହି କେକ୍‌କୁ ଟଚ୍‌କରି ଦୁଇଗଡ଼ କରିଦେଲି । ଖଣ୍ଡେ ନେଇ ତାଙ୍କ ପାଟିରେ ମାଡ଼ିଦେଲି । ସ୍ତୁତଃଶାବୃତ କରନ୍ତି ବୋଲି ଅଣ୍ଡା ତାଙ୍କ ପାଇଁ ଘୋର ଅଖାଦ୍ୟ । ମୋତେ "କେମିତିଆ ଲୋକ" ଠାରୁ ଆରମ୍ଭ କରି "ବାଜେଲୋକ" ପର୍ଯ୍ୟନ୍ତ ଉପାଧିରେ ଭୂଷିତ କରି ସାରିବା ପରେ କେକ୍‌ରେ ବାଧ୍ୟତା ମୂଳକ ଭାବରେ ଅଣ୍ଡା ମିଶାଉଥିବାରୁ କେକ୍‌ର ପ୍ରସ୍ତୁତକର୍ତ୍ତାର ଅଜ୍ଞାନବେ ପୁରୁଷ ଉଦ୍ଧାରି ଦେଲେ । ମୋର ଅପରାଧ ପାଇଁ କାନ ଦୁଇଟିରେ ମୁଖ୍ୟ ଅଂଶଗୁଡ଼ିକ ଦୁଇ ହାତରେ ଚାପି ଧରିବା ପରେ କାଗଜ ଖଣ୍ଡିକ ପଢ଼ିବା ପାଇଁ ଅନୁନୟ କଲି । ସିଏ କୋଉ ଶୁଣିବା ଅବସ୍ଥାରେ ଅଛନ୍ତି ? ଥୁଃ, ଥୁଃ କରି ମୁହଁ ଧୋଇବାକୁ ଧାଇଁଲେ । ସବୁପ୍ରକାର ଘଡ଼ଘଡ଼, କୁଳୁକୁଳୁ, ପୁଚୁପୁଚୁ କରି ପାଟି ସଫା କରି ଫେରିବା ପରେ ବହୁ ଅନିଚ୍ଛାସତ୍ତ୍ୱେ ଲେଖା କାଗଜକୁ ଶ୍ରୀହସ୍ତରେ ଟେକିଲେ । ତାଙ୍କୁ ଛଅବର୍ଷ ତଳୁ ଚାଳିଶା ଧରିଲାଣି ବୋଲି ସ୍ମରଣ କରାଇଦେଲେ । କିନ୍ତୁ, ମୁଁ ଯେଡ଼େ ଯେଡ଼େ ଅକ୍ଷରରେ ଲେଖିଥିଲି ଅନ୍ଧାରକଣାକୁ ବି ରାତି ଅଧରେ ବିନା ଆଲୁଅରେ ଦେଖାଯିବ । ଅସଲ କଥା ହେଲା ତାଙ୍କର ପାଠ ପଢ଼ା ରାବିଡ଼ି ଦେବା ସରିକି । ମୋର ବାରମ୍ବାର ଅନୁରୋଧ ଏଡ଼ି ନପାରି ସଦୟ ହୋଇ ପଢ଼ିଲେ - "ହାପିବାଥ୍-ଥୁଃ-ଥୁଃ-ଡେ ଟୁ ଇଉ ଥୁଃ । ହାପି ବାଥ୍-ଥୁଃ-ଡେଟୁ ଶିକାରୀ-ଥୁଃ-ହାପି ବାଥ୍ ଥୁଃ ଟୁ ଇଉ ।" ପ୍ରଣିଧାନ ଯୋଗ୍ୟ ଏହିକି ଯେ, ମୁଁ ତାଙ୍କର ନିକଟ ସଂପର୍କୀୟ ସ୍ୱାମୀ ହୋଇଥିବାରୁ ସେ ମୋ ନାମ ଧରନ୍ତି ନାହିଁ । ଅତି ଦରକାର ପଡ଼ିଲେ ମୋ ନାମର ମୂଳ ଅକ୍ଷର ଭ ସ୍ଥାନରେ ଅନ୍ୟ ଯେକୌଣସି ଅକ୍ଷର ଥୋଇ କାମ ଚଳାଇ ନିଅନ୍ତି ।

ତାଙ୍କର ଅଧ୍ୟୟନ ସରିବା ସହିତ କାର୍ଯ୍ୟକ୍ରମ ସରିଲା । ସେ ପୂର୍ବବତ ଥୁଃ, ଥୁଃ କରି ଆହୁରି ଥରେ ମୁହଁ ଧୋଇବାକୁ ଚାଲିଗଲେ । ଏଥର ପାଟିରୁ ଅଣ୍ଡାଦୋଷ ଲୁପ୍ତ ହୋଇ ଯାଇଥିବ ବୋଲି ଅଶ୍ୱସ୍ତ ହେବା ପରେ ପସନ୍ନ ଦେଖାଗଲେ । ମୋତେ ପ୍ରଶଂସାସୂଚକ ଦୃଷ୍ଟିରେ ଚାହିଁ କହିଲେ - ସତରେ ତୁମେ ଜଣେ ଇଏ ଲୋକ ।

ଅନ୍ୟ ସମୟରେ ସେ ମୋତେ "ଇଏଲୋକ" ବୋଲି କହିବାବେଳେ ସେଥିରେ ବିରକ୍ତିର ମାତ୍ରା ପ୍ରଚୁର ଥାଏ ଆଜି ପ୍ରକୃତରେ ନିଆରା ଢଙ୍ଗରେ କହିଲେ । ଯୁବା ବୟସର କହିବା ପରି ମଧ୍ୟ ନୁହେଁ । ମୁଁ ତାର ଅର୍ଥ ଖୋଜି ବସିଲି । ନିଜ ପାଇଁ ଖୋଜି ଖୋଜି ଇଏ ଲୋକ ସ୍ଥାନରେ ଜିନିଅସ୍ ସ୍ଥାପନ କଲାପରେ ତାଙ୍କୁ ପ୍ରୀତିପୂର୍ଣ୍ଣ ଧନ୍ୟବାଦ ଅର୍ପଣ ପୂର୍ବକ ଉତ୍ସବ ସାଙ୍ଗ କଲି ।

# ମନ୍ତ୍ରୀଙ୍କ ମୂଳା

ତୃତୀୟ ଶ୍ରେଣୀରେ ଯାହିତାହି ବି.ଏ. ପାସ୍ କରି କୌଣସି ମତେ ଆଇ.ଏ.ଏସ୍. ଘାଟି ଡେଇଁପଡ଼ିଲେ ଯୁବକଟିଏ ଯେପରି ସବ୍‌ଜାନ୍ତା ମହାମହିମ ପାଇଟି ଯାଏ ମାଇନର୍ ପାସ୍ କରିଥିବା ମୂଳଗୋବିନ୍ଦବାବୁ ସେହିପରି ଲକ୍ଷ୍ମୀଙ୍କ କୃପାରୁ ଓ ଜନଦେବତାଙ୍କ ଦୟାରୁ କେବେକେଁ କୌଣକେ ମନ୍ତ୍ରୀ ବନିଯିବାପରେ ମହାମାନବ ପାଲଟିଗଲେ । ତାଙ୍କ ଖଦଡ଼ ଜାମିଜ୍‌ର ଝାଳଗନ୍ଧ ଶୁଙ୍ଘିବାକୁ ବହୁ ଅନୁଗ୍ରହ ପ୍ରାର୍ଥୀ ନାକରଗଡ଼ିବା ପାଇଁ ସୁଯୋଗ ଭଣନ୍ତି । ତାଙ୍କ ଅଇଁଠା ପ୍ଲେଟ୍‌ରୁ କଣିକାଏ ପ୍ରସାଦ ପାଇବାକୁ ଯୋଉ ଠେଲାପେଲା, ଅମିତାଭ ବଚ୍ଚନଙ୍କ ସିନେମା ଟିକେଟ୍ କିଣିବାକୁ କାଉଣ୍ଟର୍‌ରେ ସେଭଳି ଗହଳି ହୋଇନଥିବ । ତାଙ୍କ ଗାଡ଼ିରେ ପେଟ୍ରୋଲ ନ ପକାଇଲେ ସୁଦ୍ଧା ଅନୁଗୃହିତ ଗୁଣମୁଗ୍ଧ ଭାବକଗଣ ଗାଡ଼ିକୁ ଠେଲି ଠେଲି ଯାବତ୍ ଚନ୍ଦ୍ରାର୍କେ ଠିକଣା ଥାନରେ ପହଞ୍ଚାଇ ପାରନ୍ତେ ।

ମୂଳଗୋବିନ୍ଦ ସବୁଦିନ ପରି ଆଜି ମଧ୍ୟ ନିଦରୁ ଉଠିଲେ ପ୍ରାତଃ ସାଢ଼େ ନଅଟାରେ । ଦରବାରରେ ଗହଳିଚହଳି ଆରମ୍ଭ ହୋଇଗଲାଣି । ଚାରଣ, ନିଯୋଗୀ, ପଡ଼ିଆରୀ, ଗୁହାରିଆ, ମାଗନ୍ତାମାନେ ଆସି ଛାମୁଁଙ୍କ ଦର୍ଶନ ଲାଗି ରୁଣ୍ଡ ହୋଇଗଲେଣି । ଖାସ୍ ସେବାୟତ, ପି.ଏ., ଷ୍ଟେନୋ, ଘରୋଇ ସଚୀବ, ଡାହାଣହାତ, ବାମହାତ, ମଗଜବାବୁମାନେ ଖାସ୍‌କାମେରାରେ ଦର୍ଶକ ଚଉକିରେ ମନ୍ତ୍ରୀଙ୍କର ଆଗମନ ପ୍ରତୀକ୍ଷାରେ ସମାସୀନ । ମନ୍ତ୍ରୀଙ୍କର ମଗଜ ଉପରେ ରାଜ୍ୟଟାଯାକର ଚାପ । ବିରୋଧୀମାନଙ୍କର ଷଡ଼ଯନ୍ତ୍ର, ଦଳଲୋକଙ୍କର ଗୋଡ଼ଟଣା, ସଚିବସ୍ତରୀୟ ହାକିମମାନଙ୍କର ପିଠି ଉହାଡ଼ରେ ଚୁଗୁଲିର ମୁକାବିଲା କରିବାକୁ ପଡ଼େ । ହାକିମମାନେ ବିଚରା କଅଣ କରିବେ ? ଯିଏ ଭୋଟ୍ ବୈତରଣୀ ପାରିହୋଇଆସିଲେ, ସିଏ ରାଜାହୋଇ ବସିଲେ । ଆଜି ଯେ ବିପକ୍ଷାସନେ, କାଲି ସେ ମନ୍ତିରୀ । ଆଜିସେ ବିଗିଡ଼ିଗଲେ କାଲିକୁ ପଳେଇବ ଚାକିରୀ । ସଫଳ ଦଣ୍ଡିବାଲାଭଳି ସେମାନେ ନିଜିଡିର ଦୁଇଟାଯାକ ପଲାକୁ ଧୋଇ, ମାଜି, ସଫାକରି ରଖନ୍ତି । ଏପରିକି



ସ୍ୱାଧୀନ ସଭ୍ୟଟିକୁ ମଧ୍ୟ ନଇଁପଡ଼ି ନମସ୍କାର କରିବାକୁ ପଡ଼େ । ଆଗାମୀ ନିର୍ବାଚନକୁ କୋଉଦଳର ରାଜାହେବାକୁ କେଇଟା ସଂଖ୍ୟା କମିଗଲେ ଏଇ ସ୍ୱାଧୀନଙ୍କର ଦରହେବ ଗ୍ରାମ୍ ପ୍ରତି ଲକ୍ଷେ । ଏତେସବୁ ଭାବନାକୁ ମୁଣ୍ଡରେ ପୂରାଇ ନିଦହୁଏନା । ମୂଳଗୋବିନ୍ଦ ଦିନାକେତେ ନିଦବଟିକା ଖାଇ ଶୋଇବାକୁ ଚେଷ୍ଟାକଲେ । ତାଙ୍କର ସମଧର୍ମୀ ବନ୍ଧୁମାନଙ୍କର ପରାମର୍ଶ ପରେ ବହୁଦିନ ହେବ ନିଦବଟିକାକୁ ବାଦ୍ ଦେଇଛନ୍ତି । ମନ୍ତ୍ରୀଙ୍କର ଆବଶ୍ୟକତା ପୂରଣ ପାଇଁ ଖୋଲାଠିପି ଲାଇସେନ୍ସ ପାଇଥିବା ପ୍ରାକ୍ତନ ଦାଦାମାନେ ବାର୍ ବୋଝେଇ କରି ମୂଳଗୋବିନ୍ଦଙ୍କ ଘରେ ଥାକରେ ସୁନ୍ଦର ବୋତଲମାନ ସଜାଇ ଦେଇ ଯାଉଛନ୍ତି । ସତେଇଶିଦିନ ରାଷ୍ଟ୍ରସାରା ଉତ୍କଟ ଜଳାଭାବ ପଡ଼ିଲେ ଏବଂ ଟୋପାଏ ପାଣି କାହିଁ ନମିଳିଲେ ସୁଦ୍ଧା ମୂଳଗୋବିନ୍ଦଙ୍କର ସମଗ୍ର ପରିବାର ଘରଭିତରେ ସଞ୍ଚିତ ବୋତଲର ଦାମିକା ତରଳ ଦ୍ରବ୍ୟର ସମଗ୍ର କାମ ତୁଲାଇ ପାରିବେ ଓ ହାତରେ ଲାଗିଥିବା ଫୁଲଗଛମାନଙ୍କୁ ମଧ୍ୟ ବଞ୍ଚାଇ ପାରିବେ ।

ଏକଥା ଜାଣନ୍ତି ଅପେକ୍ଷମାଣ ସାମନ୍ତମାନେ । ତଥାପି ପହଡ଼ ଭାଙ୍ଗିବା ପୂର୍ବରୁ ହାଜିରାଦେବାର ବିଧି ସର୍ବକାଳେ ପ୍ରଚଳିତ ଅଛି । ଘର ବୈଠକଖାନାଠାରୁ ଆରମ୍ଭ କରି ସଭା ସମିତି ଉତ୍ସବ ଅନୁଷ୍ଠାନ ପର୍ଯ୍ୟନ୍ତ ଲୋକଙ୍କୁ ଅପେକ୍ଷା କରାଇ ନପାରିଲେ ମନ୍ତ୍ରୀ ପଦର ମହତ୍ୱ ବୁଝିହୁଏ ନାହିଁ । ନିଜର ଅପରିହାର୍ଯ୍ୟତା କେବଳ ଲୋକଙ୍କର ଧୈର୍ଯ୍ୟମାଧ୍ୟମରେ ପରୀକ୍ଷା କରିହୁଏ । କାରଣ, ମତଲବ ନଥିଲେ ଉପାବାନୁଷ୍ଠାନକୁ କେହି ମନ୍ତ୍ରୀଙ୍କୁ ଡାକେନାହିଁ । ବରପାଇବାକୁ ହେଲେ ତର ସହିବା ଏକାନ୍ତ ପ୍ରୟୋଜନ - ଏକଥା ଯିଏ ନ ବୁଝିଛି ତା'ରି କ୍ଷତି ।

ଆଉ ଘଣ୍ଟାକରେ ସେ ଉଠିଥାନ୍ତେ । କିନ୍ତୁ ଏଗାରଟା ପିଲାଙ୍କ ମଧ୍ୟରୁ ଗଣ୍ଡାକେତେ ସବୁବେଳେ କଳିଲାଗିବା ଏକ ଧରାବନ୍ଧା ଘଟଣା ହେଲାଣି । ଏହିଭଳି ଦୁଇଟି ଧୃଷ୍ଟସନ୍ତାନଙ୍କର ପ୍ରଚଣ୍ଡ ପାଟିତୁଣ୍ଡରେ ମୂଳଗୋବିନ୍ଦଙ୍କର ସକାଳୁଆ ନିଦଟା ଭାଙ୍ଗିଲା । ବାହାରିଆସି ଦେଖିଲେ, ସପ୍ତମ ଓ ପଞ୍ଚମପୁତ୍ର ମଲ୍ଲଯୁଦ୍ଧରେ ବ୍ୟାପୃତ । ସପ୍ତମର ବୟସାଧିକ୍ୟ ଜନିତ ସାମର୍ଥ୍ୟକୁ ଆହ୍ୱାନ ଦେଇଥିଲା ବାଇବର୍ଷର ବପୁବାନ୍ ପଞ୍ଚମ ସନ୍ତାନ । ଅନ୍ୟସନ୍ତାନମାନେ ଗୋଟିଏ ଗୋଟିଏ ପକ୍ଷଗ୍ରହଣ କରି ସରକାରୀ ବାସଗୃହକୁ କୁରୁକ୍ଷେତ୍ରରେ ରୂପାନ୍ତରିତ କରିବା ପୂର୍ବରୁ ମୂଳଗୋବିନ୍ଦ ଆପ୍ରାଣ ସଂଘର୍ଷପରେ ଦୁଇ ଯୋଦ୍ଧାକୁ ପୃଥକ୍ କଲେ । କାରଣ ବୁଝିବାରେ ଜଣାଗଲା ଏ ଯୁଦ୍ଧର ସୂତ୍ରପାତ ହୋଇଛି ଗୋଟିଏ ମୁରୁକୁଟିଆ ଛୋଟ ମୂଳାକୁ କେନ୍ଦ୍ରକରି । ସେ ମୂଳାଟି କେମିତି କେଜାଣି ମନ୍ତ୍ରୀଙ୍କର ରୋଷଶାଳ ପଛପଟ ଅଗଣାରେ ଜନ୍ମଲାଭ କରିଥିଲା । ଏଗାର ମଧ୍ୟରୁ ଏହି ଦୁଇଜଣ ପୃଥକ୍ ପୃଥକ୍ ସମୟରେ ତାକୁ ଆବିଷ୍କାର କରିଥିଲେ । ଜଣେ କହୁଛି, ମୂଳାର ସମୁଚିତ ବିକାଶ ପାଇଁ ସେ ତା ମୂଳରେ ଛଅ ବୋତଲ ହ୍ୱିସ୍କି ଢାଳିଛି । ଆରଜଣକ କହୁଛି ମୂଳାକୁ ସତେଜ ଭାବେ ବଞ୍ଚାଇ ରଖିବାପାଇଁ ସେ ପ୍ରାୟ

ତାଳିଶି ବୋତଲ ଅଣ୍ଟାପାନୀୟ ଢାଳିଛି ତା' ଉପରେ । ଉଭୟେ ଉଭୟଙ୍କର ଅବଦାନ ପାଇଁ ଗର୍ବିତ ଓ ମୂଳା ଉପରେ ଏକାଧିକାର ସାବ୍ୟସ୍ତ କରିବାକୁ ସଂଗ୍ରାମରତ । ମୂଳଗୋବିନ୍ଦ ଲଢ଼େଇର ନିର୍ବାକ ରେଫରୀ ସାଜି ଚଟାଣରେ ପଡ଼ିଥିବା ଛୋଟ ମୂଳାକୁ ଗୋଟାଇ ଆଣିଲେ । ମୂଳୁ ମାରିଲେ ଯିବ ସରି, ମୂଳା ପାଇଁକି କିଆଁ କଳି ? ମନ୍ତ୍ରୀବର ସଭାସମିତିକୁ ଗଲାବେଳେ ତାଙ୍କଠେଇଁ ଏକ ଖାସ୍ ଲକ୍ଷଣ ପ୍ରକାଶ ପାଏ । ଠିଆହୋଇ ଭାଷଣ ଦେଉଥିବା ବେଳେ ସାମ୍ନାଟେବୁଲ୍ ଉପରେ ଥୁଆ ହୋଇଥିବା ଫୁଲହାର ବା ଫୁଲତୋଡ଼ାରୁ ଫୁଲ ଛିଣ୍ଡାଇ ତାକୁ ହାତରେ ମକଚିବାରେ, ଛିଣ୍ଡାଇବାରେ ଲାଗିଥାନ୍ତି । ବହୁଦିନ ହେଲା କୌଣସି ସଭା ସମିତିକୁ ଯାଇ ପାରି ନାହାନ୍ତି । ହଠାତ୍ ନରମପତ୍ରଯୁକ୍ତ ମୂଳାଟି ହାତମୁଠାକୁ ଆସିବା ମାତ୍ରେ ଅତୀତର ସଭାମାନଙ୍କର ଛବି ତାଙ୍କ ମାନସପଟରେ ଭାସିଉଠିଲା । ଅନ୍ୟମନସ୍କ ଭାବରେ ବୈଠକଖାନାକୁ ଆଗେଇ ଚାଲିଲେ ।

ଦ୍ବିତଳ ସୋପାନ ଉପରୁ ମନ୍ତ୍ରୀଆଗମନ ବାରତା ମୁହୂର୍ତ୍ତକ ମଧ୍ୟରେ ଅପେକ୍ଷା କକ୍ଷ ଭେଦକରି ଖାସ୍‌କାମେରାରେ ପହଞ୍ଚିଗଲା । ସସମ୍ଭ୍ରମେ ପାଛୋଟି ଆଣିବାକୁ ଆଗେଇ ଗଲେ ବିଶେଷ ବ୍ୟକ୍ତିଗଣ । ଦଳମତ ନିର୍ବିଶେଷରେ ମନ୍ତ୍ରୀପୂଜା କରିଆସୁଥିବା ଠିକାଦାର ବାନା ସାହୁ ନଜରରେ ପଡ଼ିଗଲା ମନ୍ତ୍ରୀଧୃତ ମୂଳା । ମନ୍ତ୍ରୀଙ୍କର ପାଦଦୁଇଟିକୁ ଫେରଚକୁ ଦୁଇହାତରେ ଠାବ କରି ଧୂଳିଟିକେ ତହିଁରୁ ନେଇ ମଥାରେ ମାରିବାକୁ ଅତ୍ୟନ୍ତ ବ୍ୟାକୁଳ ହେଉଥିଲା ବାନା ସାହୁ । ଅବଶେଷରେ ଖାଲିହାତଟାକୁ ମୁଣ୍ଡଉପରେ ଭିଡ଼ାହୋଇଥିବା ଖଦଡ଼ ଠେକା ଉପରେ ବୁଲାଇ ଆଣି ଅନୁଯୋଗ କଲା, "ସାର୍, ଆପଣ ସଭାସମିତିକୁ ଯାଉଥିଲେ ବୋଲି ଆମକୁ ପଦଧୂଳି ଟିକେ ମିଳୁଥିଲା । ଏବେ ଆପଣ ସବୁବେଳେ ପଦ୍ମକାଘରେ ଚଳପ୍ରଚଳ ହେବା ଫଳରେ ସେତକ ଆମ ଭାଗ୍ୟରେ ଜୁଟୁନାହିଁ ।"

କଥାଭିତରେ ଅନ୍ୟମାନଙ୍କର ଅଭିନନ୍ଦନ ଗ୍ରହଣ କରୁକରୁ ମୂଳଗୋବିନ୍ଦ ନିଜର ବାସଭବନ ଦପ୍ତରରେ ପହଞ୍ଚି ସାରିଥିଲେ । ମୂଳାକୁ ଟେବୁଲ୍ ଉପରେ ଥୋଇ ଦେଇ ଆସନଗ୍ରହଣ କଲେ । ବିଦେଶରେ ସିନା କଥାବାର୍ତ୍ତା ଆରମ୍ଭ ହୁଏ ପାଣିପାଗରୁ ଆମର ଏଠି ଆଳାପର ଆରମ୍ଭ ହୁଏ ଆଖି ଆଗରେ ଥିବା କୌଣସି ବସ୍ତୁ ବା ଖବରରେ ପ୍ରକାଶିତ କୌଣସି ସମ୍ବାଦରୁ । ହଠାତ୍ ଆମେମାନେ କାମର କଥା ଆରମ୍ଭ କରିବା ପ୍ରାୟ ଅଶିଷ୍ଟତା ବୋଲି ଭାବୁ । ବାନା ସାହୁ ଆଗ ଆରମ୍ଭ କଲେ, "ଯାହା କୁହନ୍ତୁ ସାର୍ ! ଏ ଗୋଟାଏ ବିରଳ ଜାତିର ମୂଳା । ଜଙ୍ଗଲି କଦଳୀ ଦେଖିବାକୁ ଛୋଟ କିନ୍ତୁ ବହୁତ ମିଠା । ଏ ଜାତିର ମୂଳା ଅତ୍ୟନ୍ତ ସ୍ୱାଦିଷ୍ଟ ।"

ମନ୍ତ୍ରୀଙ୍କର ଡାହାଣହାତ ଅଧାପାକଳିଆ ଦରବୁଢ଼ା ନେତା କହିଲେ, "ଏ ମୂଳାର ଗୋଟାଏ ପ୍ରକାର ଜ୍ୟୋତି ଥିବାପରି ମୋତେ ଲାଗୁଛି । ଦେଖୁନ ବାନାବାବୁ, ତାର ମସୃଣ ଚୋପା ଉପରେ ବାଲ୍ବ ଲାଇଟ୍‌ର ଚମତ୍କାର ପ୍ରତିଫଳନ ।"



ପି.ଏ.ଙ୍କର ପାଳି । ସେ କହିଲେ, "ଏ ମୂଳାର ଗୋଟାଏ ବିଶେଷ ରଙ୍ଗ ଅଛି ସାର୍ । କେନିଆ ଜଙ୍ଗଲର ଦନ୍ତାହାତୀମାନଙ୍କର ଦାନ୍ତର ରଙ୍ଗ ଅବିକଳ ଏମିତି । ମୁଁ ପରିବାକିଣି ଯିବାବେଳେ ବଜାରରେ ଅଜସ୍ର ମୂଳା ଦେଖିଛି । ହେଲେ ଏଭଳି ମୂଳା ମୋ ଜୀବନରେ ଦେଖିନାହିଁ ।"

ଘରୋଇ ସଚୀବ ବା ପ୍ରାଇଭେଟ୍ ସେକ୍ରେଟାରୀ ମନ୍ତ୍ରୀଙ୍କର ଖାସ୍ ନିର୍ବାଚିତ ଲୋକ । ମନ୍ତ୍ରୀଙ୍କର ଘନିଷ୍ଠ ବନ୍ଧୁ । ବିଭିନ୍ନ ପ୍ରକାର ମୂଳା ଓ କୀଳା ସଂପର୍କରେ ତାଙ୍କର ଧାରଣା ବ୍ୟାପକ । ତାଙ୍କର ମତାମତ ଏମାନଙ୍କ ଭଳି ଉପର ଠାଉରିଆ ନୁହେଁ । ସେ ପରମ ଶ୍ରଦ୍ଧାରେ ଟେବୁଲ୍ ଉପରୁ ମୂଳାକୁ ଉଠାଇନେଲେ । ବୈଜ୍ଞାନିକ ଅଣୁସଂରଚନା ଠାବ କଲାପରି ଚଷମାପାଖକୁ ନେଇ ମୂଳାର ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା କଲେ । ତାହାପରେ ଅତି ଧୀରେ ମୂଳାକୁ ଯଥାସ୍ଥାନରେ ସ୍ଥାପନ କରି କହିଲେ, "ଏ ମୂଳାର ଅବଶେଷ ମହେଞ୍ଜୋଦାରୋରେ ମିଳିଥିବା କଥା ମୁଁ କୋଉଠି ଗୋଟାଏ ପଢ଼ିଥିଲି । ଏହି ମୂଳାର ସାଢ଼େ ତିନୋଟି ପତ୍ରରେ ସର୍ବମୋଟ ସାତୋଟି କଣା ରହିଛି । ଖ୍ରୀଷ୍ଟପୂର୍ବ ଅଢ଼େଇ ହଜାର ବର୍ଷ ତଳେ ଏଭଳି କଣାପତ୍ରଥିବା ମୂଳା ଉତ୍ପାଦିତ ହେଉଥିଲା ବୋଲି ଇତିହାସ- କାରମାନେ ମତ ଦିଅନ୍ତି ।"

ମୂଳା ସଂପର୍କରେ ଏତେ ବ୍ୟାପକ ଗବେଷଣା ଅନ୍ୟକାହାରି ନଥିଲା । ଖୋଦ୍ ମୂଳଗୋବିନ୍ଦ ଆଶ୍ଚର୍ଯ୍ୟ ବିସ୍ଫାରିତ ନେତ୍ରରେ ସମ୍ମୁଖସ୍ଥ ମୂଳାକୁ ଚାହିଁଥିଲେ । ପି.ଏ. ବାବୁଙ୍କର ପ୍ରମୋଶନ ପାଖେଇ ଆସୁଥିଲା । ତାକୁ ତ୍ୱରାନ୍ବିତ କରିବା ପାଇଁ କିଛିଟା କରିବା ନିହାତି ପ୍ରୟୋଜନ । ଯୋଡ଼ହସ୍ତରେ ବର ମାଗିଲେ - "ସାର୍! ଯଦି ଆପଣଙ୍କର ଦୟାହେବ, ଏ ମୂଳାଟି ମୁଁ ଘରକୁ ନିଅନ୍ତି । ମୋ ପୁଅଟି କୃଷି ବିଶ୍ୱବିଦ୍ୟାଳୟରେ ପଢ଼ୁଛି । ତାକୁ ଦେଲେ, ତାର କିଛି ଜ୍ଞାନ ହୁଅନ୍ତା ।" ଇଙ୍ଗିତ ହେବାଭଳି ଖଣ୍ଡିଏ ପାଞ୍ଚଶହ ଟଙ୍କିଆ ନୋଟ୍ କାଢ଼ି ଟେବୁଲ୍ ଉପରେ ପେପରୱେଟ୍ ମଡ଼ାଇ ଥୋଇଲେ, "ସାର୍, ଯଦି କିଛି ମନେ ନକରିବେ, ଏ ପଇସାରେ ତାଙ୍କର ହାତରେ ବଜାରରୁ କିଛି ମୂଳା ମଗାଇନେବେ ।" ତାଙ୍କ ହାତ ଧୀରେ ଧୀରେ ଅଜଗରିଆ କମଣା ବେଙ୍ଗଗିଳିବାକୁ ଯିବାପରି ଲମ୍ବିଯାଉଥିଲା ମୂଳାଆଡ଼େ ।

ବାନାସାହୁ ଚଉକି ଉପରୁ ଉଠି ଡୁଦାମାରି ଦୁଇହାତରେ ମାଡ଼ିବସିଲେ ମୂଳାକୁ । ପଞ୍ଜାବୀର ଗୋଟାଏ ପକେଟ୍‌ରେ ମୂଳାକୁ ପୂରାଇ ଆରପକେଟ୍‌ରୁ ବାହାର କଲେ ଥାକେ ଟଙ୍କା । ଟେବୁଲ୍ ଉପରେ ଟଙ୍କାକୁ ଥୋଇ ଦେଇ କହିଲେ, "ସାର୍ । ମୂଳାର ଗୁଣକୁ ପ୍ରଥମେ ମୁଁ ଆବିଷ୍କାର କରିଛି । ତେଣୁ, ମୂଳା ଉପରେ ପ୍ରଥମେ ମୋର ଅଧିକାର । ମୁଁ ଗଲାମାସରେ ଗୋଟାଏ ରୁପାର ଫୁଲଦାନୀ କିଣିଛି ସାର୍ । ଏ ମୂଳା ସେଇଥିରେ ଶୋଭା ପାଇବା ଯୋଗ୍ୟ । କଲେଜ୍ ପିଲାଙ୍କ ହାତରେ ପଡ଼ିଲେ ସେ ତାକୁ ଘଡ଼ିକରେ ଚିରି, କାଟି ନଷ୍ଟ କରିଦେବେ ।"

ମୂଳଗୋବିନ୍ଦ ଥରେ ପେପରୱେଟ୍‌ର ଚାପତଳେ ଛଟପଟ ହେଉଥିବା ନିଃସଙ୍ଗ

ପାଞ୍ଚଶହ ଟଙ୍କିଆ ନୋଟ୍କୁ ଚାହିଁଲେ । ତାପରେ ଆଖିପକାଇଲେ ଘୋଟଣୀ ପାଖ ପରି ଫଂଖା ପବନରେ ଫଡ଼ଫଡ଼ ନୋଟ୍‌ଥାକ ଉପରେ । ସହାସ୍ୟବଦନରେ ନୋଟ୍ ଥାକକୁ ନେଇ ଟେବୁଲ୍ ଡ୍ରୟାରରେ ଥୋଇ ଥୋଇ କହିଲେ, "ତୁମେ ମୋତେ ଗୋଟାଏ ମହାସଙ୍କଟରୁ ଉଦ୍ଧାର କରିଦେଲ ବାନାବାବୁ । ମୁଁ ଏତେବେଳଯାଏ ଚିନ୍ତାକରୁଥିଲି, ଏ ମୂଳାକୁ ପିଲା ଦୁଇଟାଙ୍କ ମଧ୍ୟରେ କିପରି ବାଣ୍ଟିବି । ଏବେ ସମସ୍ୟାର ସମାଧାନ ହୋଇଗଲା । ଏ ଟଙ୍କା ସମାନଭାବରେ ବାଣ୍ଟିଦେବି ଦୁଇଜଣଙ୍କ ମଧ୍ୟରେ । ସେମାନଙ୍କର ପରିଶ୍ରମ କାହିଁକି ବୃଥାଯିବ । ସେମାନେ ଆଇସ୍‌କ୍ରିମ୍ କିଣି ଖାଇଦେବେ ।"

ବାନାବାବୁ ସପ୍ରେମେ କୋଟିଦଣ୍ଡବତ ଜଣାଇ ପୁଣିଥରେ ଟେବୁଲ୍ ତଳେ ଆଣ୍ଠେଇ ପଡ଼ି ମନ୍ତ୍ରୀଙ୍କର ଗୋଡ଼ ଖୋଜିଲେ । ଉଠିପଡ଼ି ବେକଷଣ୍ଢା କୁଣ୍ଢାଇ କହିଲେ "ସାର୍, ସେ କୁରାଳି ନଈବନ୍ଧ ପଥର ପ୍ୟାକିଂ କାମଟା ... ମୋ ଘରପାଖ କିନା, ମୋତେ ଟିକେ ଦେଖାଚାହାଁ କରିବାକୁ ସୁବିଧା ହୋଇଥାନ୍ତା ।"

ମୂଳଗୋବିନ୍ଦ କହିଲେ, "ହଁ ହଁ, ତୁମେ ସେ କାମଟା ପାଇବା କଥା । ଯେତେହେଲେ, ବନ୍ଧଭାଙ୍ଗିଲେ ତୁମ ଘରବି ଭାସିଯିବ । ତେଣୁ, ତୁମେ ହିଁ ସେ କାମଟାକୁ ଅଧିକ ଯତ୍ନନେଇ କରିପାରିବ ।" ପି.ଏ.କୁ ତାଗିଦ୍ କଲେ - ଫୋନ୍ କରି ସେ ଇଂଜିନିୟରକୁ କହିଦିଅ ବାନାବାବୁଙ୍କୁ ବନ୍ଧକାମଟା ଦେବେ ।

ପି.ଏ.ବାବୁ ମୁହଁଟାକୁ ଆମ୍ବିଳା କରି ଟିପାଖାତାରେ କଣ ସବୁ ଟିପିଲେ ।

ବାନାବାବୁ ପଦାକୁ ଆସି ରାସ୍ତାର ବାଙ୍କ ବୁଲି ସାରିବା ପରେ ମନେ ମନେ ନିଜର ବୁଦ୍ଧିକୁ ତାରିଫ୍‌କରୁଥିଲେ । ପାଞ୍ଚଲକ୍ଷ ଟଙ୍କାର କାମ ପାଞ୍ଚହଜାର ଖର୍ଚ୍ଚରେ ମିଳିଗଲା । ମନ୍ତ୍ରୀଙ୍କ ଆଦେଶ । ବିଲ୍‌ପାସ୍ ପାଇଁ କମିଶନ ପଡ଼ିବ ନାହିଁ । ସବୁ ସେଇ ମୂଳାର କରାମତି । ମନ୍ତ୍ରୀଙ୍କ ମୂଳାକୁ ପକେଟରୁ କାଢ଼ିଲେ । ପାଖ ଡ୍ରେନ୍‌ରେ ଫୋପାଡ଼ି ଦେଇ ନିଜର ସ୍କୁଟର ପାଖକୁ ଫେରି ଆସିଲେ ।



# ଉଗ୍ରପନ୍ଥୀ

ପୟମ୍ବରଙ୍କର ଆଳସ୍ୟପରାୟଣତା ନଥିଲା । କିନ୍ତୁ, ତାଙ୍କର କାର୍ଯ୍ୟକଳାପର ବିଶ୍ଳେଷଣ କରି ଗ୍ରାମବାସୀମାନେ ତାଙ୍କୁ 'ଦଣ୍ଡା' ଉପାଧିରେ ଭୂଷିତ କରିଦେଲେ । ତାଙ୍କର ସକଳ କାର୍ଯ୍ୟରେ ପରୋପକାରିତା ପ୍ରଚଣ୍ଡ ଭାବରେ ପ୍ରଚ୍ଛନ୍ନ ଥିଲା । ଯଦି କାହାରି ଛେଳି ଲୁଚାଇ ଆଣୁଥିଲେ, ପ୍ରାପ୍ତ ମାଂସରେ ଭୋଜି ଦେଇ ବନ୍ଧୁମାନଙ୍କୁ ଆପ୍ୟାୟିତ କରୁଥିଲେ ନିଶ୍ଚୟ । କାହାରି ବାଡ଼ିରୁ କଦଳୀ କାନ୍ଦିଏ ବୃକ୍ଷଚ୍ୟୁତ କଲେ ସେ କଦଳୀର ବିକ୍ରି ଲବ୍ଧ ଅର୍ଥରେ ଅନୁଗତମାନଙ୍କୁ ବରା, ପକୋଡ଼ି ଖୁଆଉଥିଲେ । ଏକପ୍ରକାର ଚଳଚ୍ଚିତ୍ର ନାୟକଙ୍କ ପରି ଆଦର୍ଶ ଜୀବନ, ଯାହାକି ସାଧାରଣତଃ ସିନେମାର ପର୍ଦ୍ଦାଉପରେ ଦେଖିବାକୁ ମିଳିଥାଏ । ସବୁପ୍ରକାର ଗୁଣ୍ଡାମୀ, ମଦ୍ୟପାନ ଓ ଅପକର୍ମରେ ଲିପ୍ତଥାଇ, ଶେଷକୁ ବ୍ୟକ୍ତିଗତ କାରଣରୁ ହେଉ ପଛେ, ଆଇନ୍‌କୁ ହାତକୁ ନେଇ ସମାଜର ଶତ୍ରୁ ଖଳନାୟକକୁ ନିଃଶେଷ କରି ଦିଅନ୍ତି । ସେଇ ତାଙ୍କର ଅଶ୍ୱମେଧ ଯଜ୍ଞ ଓ ସେଇଥିରେ ତାଙ୍କର ସବୁ ପାପର ପ୍ରାୟଶ୍ଚିତ ହୋଇଯାଏ । ଦର୍ଶକଙ୍କର ହୃଦୟ ସାମ୍ରାଜ୍ୟର ଚକ୍ରବର୍ତ୍ତୀ ହୋଇଯାଆନ୍ତି ।

ପ୍ରମାଣ ଅଭାବ ସତ୍ତ୍ୱେ ଜଣେ ଅଧେ ପୟମ୍ବରଙ୍କୁ ଅପ୍ରକାଶ୍ୟରେ ଗାଳି ଦେବା ସତ୍ତ୍ୱେ ତାଙ୍କର ପ୍ରଶଂସକଙ୍କର ସଂଖ୍ୟା ମୁଣ୍ଡଗଣତି ହିସାବରେ ଅଧିକ । କୋଡ଼ିଏ ଜଣ ବିଜ୍ଞ ଲୋକଙ୍କର ସମର୍ଥନ ପାଇଥିବା ରାଷ୍ଟ୍ରପତି ପଦ ପ୍ରାର୍ଥୀ ଏକୋଇଶଜଣ ଗଣ୍ଡମୂର୍ଖଙ୍କର ପ୍ରାର୍ଥୀଠାରୁ ହାରିଯାଏ ଆମ ଦେଶରେ !

ପୟମ୍ବରଙ୍କର ଅନୁଗତମାନଙ୍କର କ୍ରମବର୍ଦ୍ଧମାନ ସଂଖ୍ୟା ତାଙ୍କୁ ଆପଣାଛାଏଁ ଆଞ୍ଚଳିକ ନେତା କରିଦେଲା । ଭୋଟ୍ ବେଳ ଆସିବା ମାତ୍ରେ ପ୍ରତ୍ୟାଶୀମାନେ ଅଗତ୍ୟା ପୟମ୍ବରଙ୍କୁ ଲୋଡ଼ିଲେ - ପୋଷ୍ଟର ମାରିବା, ଚିରୁକୁଟି ବାଣ୍ଟିବା ତଥା ପୋଲିଂ ଏଜେଣ୍ଟ ହେବା ପାଇଁ ଟୋକା କେତୁଟା ନହେଲେ ନଚଳେ । ସିନେମାର ଅତିରିକ୍ତ କଳାକାର ଯୋଗାଣକାରୀ ଏଜେଣ୍ଟଭଳି ପୟମ୍ବର ଆଖପାଖ ପାଞ୍ଚଖଣ୍ଡ ଗ୍ରାମପାଇଁ ବିଭିନ୍ନ ଅବସରରେ ଯୁବକ ଯୋଗାଣ ସଂସ୍ଥାର କାମ କରନ୍ତି । ଲୋକବଳର ପ୍ରଭାବରେ ତାଙ୍କର କାର୍ଯ୍ୟକଳାପ ଓ

ନିଷ୍ପତ୍ତିର ପ୍ରତିବାଦ କରିବାକୁ ଅନେକେ ଭୟ କରନ୍ତି ।

ନେତାର ପ୍ରଥମ ସୋପାନ ଅତିକ୍ରମ ଅକ୍ଲେଶରେ କରିଯିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ହେଲା ବିଧାନ ସଭା ସଦସ୍ୟ ମନ୍ତ୍ରୀଙ୍କର ଦରବାରରେ ନିୟମିତ ରୂପେ ହାଜିରା ପକାଇ ସେମାନଙ୍କର ପାଦଧୂଳି ନେଇ ମଥାରେ ମାରିବା । ଏଇ ମହାପୁରୁଷମାନେ ଥରେ ଆଡ଼ଆଖିରେ କରୁଣାପୂର୍ଣ୍ଣ ଦୃଷ୍ଟି ପକାଇ ଦେଲେ ସାତପୁରୁଷ ପାଇଁ ରାଜସୁଖର ଗ୍ୟାରେଣ୍ଟି ଥାଏ । ଯାବତ୍ ଚନ୍ଦ୍ରାର୍କେ ପୋଲିସ୍ ଓ ହାକିମ ଭୟ ରହେ ନାହିଁ । ଜଡ଼ା ମୂର୍ଖ ମଧ୍ୟ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ପାଇପାରେ । ତା ପରର କାମଟି ହେଲା ଜନସେବା ନାମରେ ଲୋକଙ୍କର ହାରିଗୁହାରି ଓ ଆପତ୍ତି ଅଭିଯୋଗ ଆଣି ନେତା ବା ମନ୍ତ୍ରୀଙ୍କର ଦ୍ୱାରା ସୁପାରିଶ ବା ଫୋନ୍ କରାଇ ତ୍ୱରିତ କ୍ଲେଶ ନିବାରଣ ପୂର୍ବକ ନିଜର ଆନୁସଙ୍ଗିକ ବ୍ୟୟ ନାମରେ ମୋଟା ଅଙ୍କ ଆଦାୟ କରିବା । ଏ ପ୍ରକାର ସୁପାରିଶ ଆଶା କରୁଥିବା ଜନସଂଖ୍ୟାର ଶତକଡ଼ା ନବେ ଭାଗ ବେକାର ଯୁବକ, ଯୁବତୀ । ପ୍ରାର୍ଥୀଙ୍କୁ ଚାକିରି ମିଳୁ ବା ନମିଳୁ ଦରଖାସ୍ତ ଉପରେ ଦୁଇଧାଡ଼ି ସୁପାରିଶ ସହିତ ରବର ଷ୍ଟାମ୍ପ ମାରି ଆଣି ତାହାକୁ ଦେଖାଇ ଦେଲେ ନିଜର ପ୍ରତିପତ୍ତି ବୃଦ୍ଧି ସହିତ ଆୟ ମଧ୍ୟ ବୃଦ୍ଧି ଥାଏ । ପତିଆରା ବଜାୟ ରହେ । ପ୍ରକୃତରେ ଚାକିରି ଦେଇ ପାରିବା ଭଳି ସୁଯୋଗ ଥିଲେ, ବଜାର ପାଣି ଆକରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରି ଅଧା ଅଧା କରିହେବ । ନେତା ମନ୍ତ୍ରୀଙ୍କ ମେଳରେ ଓ ଦଳରେ ଖାତିର୍ ବଢ଼ିଯିବ ।

ପଯ୍ୟନ୍ତରଙ୍କର ପତିଆରା ଗଛରେ ପତ୍ର କଅଁଳିବା ମାତ୍ରେ ନିଯୁକ୍ତି ଆଶାୟୀମାନେ ତାଙ୍କର ଫେରତଳେ ଶରଣ ପଶିଲେ । ନୋଟ୍ ବିଡ଼ା ଆଣି ରାତିଅଧିଆ ହାତରେ ଗୁଞ୍ଜିଲେ । ଲୋଭରେ ଟ୍ରଙ୍କ ବୋଝେଇ ନୋଟ୍ ବିଡ଼ା ମାଡ଼ିବସିବା ପରେ ନାଗ ଚୁଚୁନ୍ଦ୍ରା ଗିଳିବା ପରି ଅଡୁଆରେ ପଡ଼ିଗଲେ । ଅଧାବାଣ୍ଟ ନୋଟ୍ ଭାଗ ଦେବାକୁ ସତ ବଳିବ କାହାର ? ତାଙ୍କଠାରୁ ବରିଷ୍ଠ ଚାମଚା ଓ କୁଳିନେତାମାନେ କର୍ମୀବେଶ ଧାରଣ କରି ନେତାଙ୍କର ଅଳିନ୍ଦରେ ଅହର୍ନିଶ ନସର ପସର ହେଉଛନ୍ତି । ପୋଷା କୁକୁରମାନଙ୍କୁ ଅଇଁଠା ବାଣ୍ଟିବୁଣ୍ଟି ଦେବା ପରି ନେତାମାନେ ବାଣ୍ଟିବୁଣ୍ଟି କରୁଣା ଛିଞ୍ଚୁଛନ୍ତି ଅନୁଗତମାନଙ୍କ ଉପରେ । ଜଣଙ୍କୁ ସବୁବେଳେ ତୁଷ୍ଟ କରି ଆଉମାନଙ୍କୁ ରୁଷ୍ଟ କରିହେବ ନାହିଁ । ଏଣେ ଗୋଟାଏ ଦୁଇଟା ପଦବୀ ଖାଲି ହେଲା ବେଳକୁ ତାଙ୍କ ପାଖରେ ଶତାଧିକ ବହିନା । ତାଙ୍କଭଳି ଅନ୍ୟକର୍ମୀମାନଙ୍କ ପାଖରେ ମଧ୍ୟ ବହିନା ଗଦା ହୋଇଥିବ । ସୌଭାଗ୍ୟବଶତଃ କେବଳ ଚାରିଟି ପ୍ରାର୍ଥୀଙ୍କୁ ଚାକିରି ମିଳିଗଲେ ସୁଦ୍ଧା ଅବଶିଷ୍ଟ ଚାକିରି ପାଇ ପାରିନଥିବା ପିଲା ପଇସା ଫେରିପାଇବାକୁ ଦଉଡ଼ କରିବେ । ଅସଲକଥା କେହି ବୁଝିବେ ନାହିଁ । ତାଙ୍କର କାବୁପଣିଆରେ ଆଞ୍ଚ୍ ଆସିବ । ଘରକୁ ଆସିଥିବା ଲକ୍ଷ୍ମୀଙ୍କୁ ମୁହଁ ଶୁଖାଇ ହାତଛଡ଼ା କରିବାକୁ ହେବ । ଶହେଜଣରୁ ଦୁଇଜଣଙ୍କର ଚାକିରି ହେଲେ ଆଉ ଅଠାନବେ ଜଣ



କହିବେ - ତାଙ୍କର ଯଦି ହେଲା, ଆମର କାହିଁକି ହେଲାନାହିଁ । । ଆମକୁ କହିଥିଲେ ଆମେ ତାଙ୍କଠାରୁ ବେଶୀ ମାଲ୍ ଦେଇଥାନ୍ତୁ । ଦୁଇଜଣ ଅନୁଗତ ହେବାସ୍ଥଳେ ଅଠାନବେ ଜଣ ଶତ୍ରୁ ପାଲଟି ଯିବେ । ରାଜନୈତିକ ଭବିଷ୍ୟତ ପାଇଁ ଗୋଟିଏ ସୁଦ୍ଧା ଶତ୍ରୁତା ସ୍ପୃହଣୀୟ ନୁହେଁ ବା କୌଣସି ଶତ୍ରୁକୁ ଛୋଟ ମନେ କରିବା ଉଚିତ୍ ନୁହେଁ । ରାଜପଥର ଧୂଳି ଓ ରାଜ ସିଂହାସନ ମଧ୍ୟରେ ଗୋଟିଏ ଭୋଟ୍ ପାଚେରୀ ହୋଇ ଠିଆ ହୋଇପାରେ ।

ଶେଷକୁ ମୁଣ୍ଡରେ ଗୋଟିଏ ମାତବରିଆ ବୁଦ୍ଧି ଜୁଟିଲା । ରାଜ୍ୟରେ ଘନାଞ୍ଚଳ ଦାବୀ କରୁଥିବା ଆନ୍ଦୋଳନକାରୀମାନେ ଭୟଙ୍କର ଭାବରେ ଆନ୍ଦୋଳନ ଚେଳି ଦେଇଥାନ୍ତି । ନିର୍ବିଚାର ଭାବରେ ହତ୍ୟା ଓ ଲୁଣ୍ଠନ ଚଳାଇଥାନ୍ତି । ବଣବୁଦା ପାହାଡ଼, ଜଙ୍ଗଲରେ ଲୁଚିଛପି ସରକାରୀ ଲୋକଙ୍କୁ, ବିଶେଷକରି ପୋଲିସ୍‌ବାଲାଙ୍କୁ ଆକ୍ରମଣ କରୁଥାନ୍ତି । ତାଙ୍କ ଇଲାକାରେ ଏକ ପ୍ରକାର ସମାନ୍ତରାଳ ସରକାର ଚଳାଇଥାନ୍ତି । ସରକାର ଯେତେଯେତେ ଟାଣୁଆ ପୋଲିସ୍ ବଣକୁ ପଠାଇଲେ, ସମସ୍ତେ ବନବାସ କାର୍ଯ୍ୟକ୍ରମ ଖାତା ଖଡିଆନାରେ ଦର୍ଶାଇ ବଜାରରେ ଆସ୍ଥାନ ଜମାଇଲେ । ଆପେ ବଞ୍ଚିଲେ ବାପର ନାଆଁ, ହାଣ କୁରାଢ଼ି ଆଗରେ ବେକ ଦେଖାଇବାକୁ ଯିବ କିଏ ? ସହର ଭିତରେ ଭଳି ସେଠି ଦୁଇ ପଇସା ଉପୁରିର ପ୍ରଶ୍ନ ନାହିଁ । ଖାଲି ଦରମା ଟଙ୍କା କେଇଟା ପାଇଁ ସାପ, ବାଘ, ଭାଲୁ, ହେଟା, ମଶା, ଡାଆଁସ ମେଳରେ, ଉଗ୍ରପନ୍ଥୀଙ୍କର ବନ୍ଧୁକମୂନ ତଳେ କିଏ ରହିବ ? ଉଗ୍ରପନ୍ଥୀମାନେ କେତେ ଲୋକଙ୍କୁ ମାରିଲେ, କେତେ ଟ୍ରକ୍ ବସ୍ ଲୁଟ୍‌କଲେ, କେତେ ବସ୍ତିରେ ଘରପୋଡ଼ିଲେ ସେ ଖବର ସାମ୍ବାଦିକମାନେ ସଂଗ୍ରହ କରିବା ଦୁଷ୍କର । ଯେଉଁଠି ପୋଲିସ୍ ବନ୍ଧୁକ ଲାଠି ନେଇ ଯିବାକୁ ଭୟ କରୁଛନ୍ତି । ସାମ୍ବାଦିକମାନେ କଲମ କାଗଜ ଓ କ୍ୟାମେରା ନେଇ ଯିବାକୁ ସାହସ କରିବେ କିପରି ? ସେଇ ଉଗ୍ରପନ୍ଥୀମାନେ ବରଂ ବାହାଦୁରୀ ଦେଖାଇ ସମ୍ବାଦ ସରବରାହ ସଂସ୍ଥାକୁ ଫୋନ୍‌ରେ ନିଜର ପାରିଲା ପଣିଆ ଜଣାନ୍ତି । ପରେ ବଡ଼ ବଡ଼ ହାକିମମାନେ, ସରକାର ବୋଲି ଗୋଟାଏ କିଛି ଅଛି ବୋଲି ଜଣାଇବା ପାଇଁ ପୋଲିସ୍ ଫଉଜନେଇ ଘଟଣାସ୍ଥଳକୁ ଧାଆଁନ୍ତି । ଏଇ ମୌକାରେ ସାମ୍ବାଦିକମାନେ ତାଙ୍କର ପିଛା ଧରନ୍ତି । ଅତିକ୍ୱଚିତ୍ ଏ ପରମ୍ପରାରେ ବ୍ୟତିକ୍ରମ ଦେଖାଯାଇଥାଏ । ପଯ୍ୟନ୍ତର ତାଙ୍କର ପ୍ରାର୍ଥୀମାନଙ୍କୁ ଗୋଟିଏ ବିଚିତ୍ର ବରାଦ କଲେ । ମୋଟ ଶହେଅଠ ଜଣ ପ୍ରାର୍ଥୀ ଜଣକେ ଷାଠିଏ ହଜାର ଦେଇଛନ୍ତି ଚାକିରି ପାଇବାକୁ । ପଯ୍ୟନ୍ତର ବରାଦ କଲେ, ସମସ୍ତେ ଛଉଛଉକା ପ୍ୟାଣ୍ଟ ସାଙ୍ଗକୁ କଳା ଗେଞ୍ଜି ପିନ୍ଧିବେ ଓ ମୁଣ୍ଡରେ ନାଲି କନାର ପଟି ବାନ୍ଧିବେ । ତିନିହଜାର ଟଙ୍କା ଲେଖାଏଁ ଦେଇ ଦେଶୀ ବନ୍ଧୁକ ଖଣ୍ଡେ ଲେଖାଏଁ ଯୋଗାଡ଼ କରିବେ । ଯେଉଁମାନେ ଅର୍ଥାଭାବରୁ ବନ୍ଧୁକ କିଣି ନପାରିବେ, ସେମାନଙ୍କୁ କମାରଶାଳ ରାସ୍ତା ଦେଖାଇଲେ । ଖଣ୍ଡେ ଲେଖାଏଁ ଆଖିଦୃଶିଆ କୁରାଢ଼ି ଯୋଗାଡ଼ କରିବେ । ଷାଠିଏ ହଜାର ଗଣିସାରିଛନ୍ତି ଯେତେବେଳେ, ଆଉ କିଛି ଖର୍ଚ୍ଚ କରିବାକୁ ଏକ ପ୍ରକାର ବାଧ ।

ବେଶ-ପୋଷାକ ଓ ହାତ-ହତିଆର ଯୋଗାଡ଼ ହୋଇଯିବା ପରେ ପୟମ୍ବର ସିଧା ଚାଲିଲେ ବଡ଼ମନ୍ତ୍ରୀଙ୍କ ପାଖକୁ । ତାଙ୍କୁ ଜଣାଇଲେ ଯେ, ଅନେକ ବେକାର ଯୁବକ ଯୁବତୀ ନୈରାଶ୍ୟ ଜର୍ଜରିତ ହୋଇ କାମଧନ୍ଦା ନପାଇ ଲୋକଙ୍କର କୁଶିକ୍ଷାରେ ପଡ଼ି ପଥଭ୍ରଷ୍ଟ ହୋଇ ଘନାଞ୍ଚଳ ଆନ୍ଦୋଳନରେ ସାମିଲ୍ ହୋଇ ଯାଉଛନ୍ତି । ସେ ନିଜେ ଜୟପ୍ରକାଶଙ୍କ ପରି ସେମାନଙ୍କୁ ମୁଖ୍ୟ ଧାରାକୁ ଫେରାଇ ଆଣିବାକୁ ବହୁକାଳୁ ଉଦ୍ୟମ ଜାରି ରଖିଛନ୍ତି । ବହୁବାର ଜୀବନକୁ ଉତ୍ସର୍ଗକରି ନିଘଞ୍ଚ ଅରଣ୍ୟକୁ ଯାଇ ସେମାନଙ୍କ ସହିତ ଆଲୋଚନା କରିଛନ୍ତି । ସେମାନଙ୍କୁ ସାର୍ବଜନୀନ କ୍ଷମାପ୍ରଦାନ ସହିତ ସରକାରୀ ଚାକିରି ଦେବାର ପ୍ରତିଶ୍ରୁତି ଦେଲେ ସେମାନେ ବହୁସଂଖ୍ୟାରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଅଛନ୍ତି ।

ଏ ସମ୍ବାଦ ଶୁଣିବା ମାତ୍ରେ ମନ୍ତ୍ରୀବର ଡୁରୁକି ଉଠି ପୟମ୍ବରଙ୍କର ପିଠି ଥାପୁଡ଼ାଇ ଦେଲେ । ଏଭଳି ଚମତ୍କାର ପ୍ରସ୍ତାବରେ ଅରାଜି ହେବାର ପ୍ରଶ୍ନ ଉଠୁନାହିଁ । କାରଣ, ଉଗ୍ରପନ୍ଥୀ ଦମନ କାର୍ଯ୍ୟକ୍ରମରେ ଯେତେ ଖର୍ଚ୍ଚ ହେଉଛି, ତାର ଅଧା ଖର୍ଚ୍ଚରେ ଆତ୍ମସମର୍ପଣ କାରୀଙ୍କୁ ଘରେ ବସାଇ ଦରମା ଦେଇହେବ । ସବୁଠାରୁ ବଡ଼କଥା, ଆଗାମୀ ନିର୍ବାଚନରେ ଜନତାଙ୍କ ସମ୍ମୁଖରେ ଏହାକୁ ତାଙ୍କ ସରକାରର ସବୁଠାରୁ ବଡ଼ ଉପଲବ୍ଧି ଭାବରେ ଉପସ୍ଥାପିତ କରାଯାଇ ପାରିବ ।

ବିଜୁଳି ବେଗରେ ଏ ଖବର ଚାରିଆଡ଼େ ବ୍ୟାପିଗଲା । ଆତ୍ମସମର୍ପଣ ସମାରୋହ ପାଇଁ ବ୍ୟାପକ ଆୟୋଜନ ଆରମ୍ଭ ହୋଇଗଲା । ଆଡମ୍ବରର ପୂର୍ଣ୍ଣ ଏହି ସମାରୋହ ପାଇଁ ତିରିଶି ଲକ୍ଷ ଟଙ୍କା ମଞ୍ଜୁର କରାଗଲା । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଛଅଲକ୍ଷ ଟଙ୍କାରେ କଟକରେ ନିର୍ମିତ ଏକ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ ପାଇଁ ଏକଦା ଚଉଦ ଲକ୍ଷଟଙ୍କା ସରକାରୀ ତହବିଲ୍‌ରୁ ଖର୍ଚ୍ଚ କରାଯାଇଥିଲା । ଏହି ଉତ୍ସବରେ ମୂଳ ପୟମ୍ବରଙ୍କୁ ପରୋକ୍ଷରେ ପୁରସ୍କୃତ କରିବା ପାଇଁ ଆୟୋଜନ ପରିଚାଳନା ବାବଦ ଟଙ୍କାତକ ତାଙ୍କ ହାତକୁ ଟେକି ଦିଆଗଲା । କେବଳ ନାଆଁକୁ ମାତ୍ର ସମାଜ କଲ୍ୟାଣ ବିଭାଗ ଲୋକ ଦେଖାଣିଆ ଭାବରେ ଆଗରେ ଉଭା ହେଲେ । ଖର୍ଚ୍ଚର ହିସାବ ମାଗିବ କିଏ ? ହାତଲେଖା, ବାଆଁ-ଡାହାଣ ଦସ୍ତଖତ କରା ବ୍ୟୟଚିଠାକୁ କୋଟି କୋଟି ଟଙ୍କା ନିଅଣ୍ଟ । ତିରିଶି ଲକ୍ଷକୁ ପଚାରେ କିଏ ? ଏଡ଼େ ବଡ଼ କଥାରେ ତିରିଶି କୋଟି ଖର୍ଚ୍ଚ ହୋଇଗଲେ କୋଉ ହାତରୁ ଯାଉଛି ?

ନିର୍ଦ୍ଦିଷ୍ଟ ଦିନ ସାମିଆନା ଟଙ୍ଗା ହୋଇଥିବା ଚଉକିମୟ ଥାନରେ, ନିର୍ଦ୍ଧାରିତ ମଞ୍ଚ ଆସନରେ ବଡ଼ନେତା ତାଙ୍କର ବପୁ ଥାପନା କଲେ । ଠିକ୍ ତାଙ୍କ କଡ଼କୁ ଲାଗି ଏହି ମହୋତ୍ସବର ମହାନାୟକ ପୟମ୍ବର ଆସନ ଗ୍ରହଣ କଲେ । ସେ ଏମିତି ମହମହ ଚହଟହ ଦିଶୁଥାନ୍ତି, ସତେକି ଶତାଧିକ ଅଙ୍ଗୁଳିମାଳଙ୍କର ହୃଦୟ ପରିବର୍ତ୍ତନ କରିପାରିଥିବା ସ୍ୱୟଂ ବୁଦ୍ଧଦେବଙ୍କର ଗୋସେଇଁବାପ ।

କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଦେଶାତ୍ମବୋଧକ ସଙ୍ଗୀତ ବଜାଇଲେ



ସରକାରୀ ବ୍ୟାଣ୍ଡପାର୍ଟି । ମୁଖ୍ୟ ସାମିଆନାର ଅଦୂରରେ ଆଉ ଏକ ସାମିଆନା । ସନ୍ତ୍ରାସବାଦୀମାନଙ୍କୁ ନେଇ ଦୁଇଟି ସରକାରୀ ବସ୍ ଆସିଲା । ପୟମ୍ବରଙ୍କର ନିର୍ଦ୍ଦେଶମତେ ସେମାନେ ଜଙ୍ଗଲର ଶେଷ ମୁଣ୍ଡରେ, ରାଜପଥ କଡ଼ରେ ଅସ୍ତ୍ରଶସ୍ତ୍ର ଧରି, ଉଗ୍ରପନ୍ଥୀ ପୋଷାକ ପିନ୍ଧି ଖାଲି ବସ୍‌କୁ ଅପେକ୍ଷା କରିଥିଲେ । ଉଗ୍ରପନ୍ଥୀମାନେ ଆଉ ସାମିଆନା ତଳେ ଠୁଳ ହେଲେ । ସଭା ଆରମ୍ଭ ହୋଇଗଲା । ଉପସ୍ଥିତ ନେତା, ମନ୍ତ୍ରୀଗଣ ପ୍ରତ୍ୟେକେ ଘଣ୍ଟାଏ ଦୁଇଘଣ୍ଟା ଲେଖାଏଁ ଭାଷଣ ଅଜାଡ଼ି ଦେଇଗଲେ । ରୀତିମତ ଭାଷଣ ପ୍ରତିଯୋଗିତା । ଜଣେ ଯେତେସମୟ କହୁଥାଏ, ଆଉଜଣେ ତା ଠାରୁ ଅଧିକ ସମୟ ବଳିବାକୁ ଆପ୍ରାଣ ଚେଷ୍ଟାକରୁଥାଏ - ନହେଲେ ଛୋଟ ହୋଇଯିବ ବା ଅଜ୍ଞ ବୁଝାପଡ଼ିବ ବୋଲି ମନେ ମନେ ଭାବୁଥାଏ ବୋଧହୁଏ । ଏଣେ, ସଭାରେ ଉପସ୍ଥିତ ଲୋକ ଓ ଉଗ୍ରପନ୍ଥୀମାନଙ୍କ ପାଇଁ ଅରୁଆ, ଡାଲମା, ଖଟା ରନ୍ଧାହୋଇ ଥୁଆ ହୋଇଥାଏ । ବଡ଼ବଡ଼ିଆଙ୍କ ପାଇଁ ଅବଶ୍ୟ ଖଣ୍ଡେ ଦୂରରେ ଡାକବଙ୍ଗଳାରେ ଖାଇବା, ପିଇବାର ବ୍ୟବସ୍ଥା କରାଯାଇଥାଏ । ସେମାନଙ୍କର ପରିଚର୍ଯ୍ୟା ପାଇଁ ସେଠାରେ ରୂପବତୀ ନବଯୌବନା- ମାନଙ୍କୁ ପୟମ୍ବର ନିଯୁକ୍ତି କରିଥାନ୍ତି ।

ଭାଷଣ ଶେଷରେ ଉଗ୍ରପନ୍ଥୀମାନେ ମଞ୍ଚ ନିକଟରେ ପହଞ୍ଚି ବଡ଼ମନ୍ତ୍ରୀଙ୍କ ହାତରେ ସେମାନଙ୍କର ହତିଆର ଟେକିଦେଲେ । ପ୍ରତିଉଗ୍ରପନ୍ଥୀ ମନ୍ତ୍ରୀଙ୍କ ସହିତ କରମର୍ଦ୍ଦନ କରି ତାଙ୍କଠାରୁ ଫୁଲମାଳ, ଅଙ୍ଗବସ୍ତ୍ର ଓ ପାଞ୍ଚହଜାର ଟଙ୍କା ଥିବା ଲଫାପା ଗ୍ରହଣ କଲେ । ଏ ଟଙ୍କା ସହିତ ପୟମ୍ବରଙ୍କର ଦେଣନେଣ ନଥିଲା । ତାଙ୍କର ପ୍ରାପ୍ୟ ସେ ପାଇ ସାରିଥିଲେ । ପ୍ରତ୍ୟେକ ବେକାରଠାରୁ ଷାଠିଏ ହଜାର, ବିହାରୀ ଚୋରା-ବନ୍ଧୁକ ବିକ୍ରେତାଠାରୁ ବନ୍ଧୁକ ପିଛା ପାଞ୍ଚଶହ, ଓ ଉତ୍ସବରୁ ବଳକା ଅଠେଇଶି ଲକ୍ଷ ।

ଉତ୍ସବ ଶେଷ ଭାଗରେ ସାମାନ୍ୟ ଟିକେ ବିଭ୍ରାଟ ଦେଖାଦେଲା । ଶହେ ଛଅଜଣଙ୍କ ଠାରେ ନଗଦ ଟଙ୍କା ଲଫାପା ସରିଗଲା । ଉତ୍ତରୀୟ ଓ ଫୁଲମାଳ ମଧ୍ୟ ଗଣା ହୋଇ ଆସିଥିଲା । ହେଲେ, ଶହେ ଛଅଙ୍କ ପରେ ଆହୁରି ପାଞ୍ଚଜଣ ଧାଡ଼ିରେ ଅଛନ୍ତି । ସେମାନେ ଆପଣାର ବୁରୀଟିମାନ ମନ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଇ ଓଳଗି ହେଲେ । ମନ୍ତ୍ରୀବର ଟେବୁଲ୍ ଉପରେ ଥୁଆହୋଇଥିବା ତାଲିକା ଉପରେ ବିହଙ୍ଗମ ଦୃଷ୍ଟିବୁଲାଇ ପ୍ରଶ୍ନବାଚକ ଦୃଷ୍ଟିରେ ପୟମ୍ବରଙ୍କ ମୁହଁକୁ ନିରେଖିଲେ । ଏହି ଅଘଟଣରେ ପୟମ୍ବର ନିଜେ ହତବକ୍ଳେଇ ଯାଇଥିଲେ । ସେ ଚଟ୍ କରି ବୁଝିଗଲେ ଯେ, ଏହି ପାଞ୍ଚଟା ଦୁଲାକ୍ଷଣ ମୁଣ୍ଡଗଳେଇ ତାଙ୍କ ଖୁଆଡ଼ ଭିତରକୁ ପଶି ଆସିଛନ୍ତି । ତାଙ୍କୁ ହୁରୁଡ଼ାଇଲେ ସବୁ ଗୁମର ପଦାରେ ପଡ଼ିଯିବ । ଅଗତ୍ୟା କୃତ୍ରିମ ହସ ଓଠରେ ଖେଳାଇ ବୁଝାଇଦେଲେ, ଏହି ଶହେ ଛଅଙ୍କୁ ଦେଖି ଅନୁପ୍ରେରିତ ହୋଇ ଶେଷ ମୁହୂର୍ତ୍ତରେ ସ୍ୱତଃପ୍ରବୃତ୍ତ ଭାବରେ ସେମାନେ ଆତ୍ମସମର୍ପଣ କରିବାକୁ ଆଗେଇ ଆସିଛନ୍ତି । ନେତାଙ୍କର ଗଳାରୁ ମୁକ୍ତ ହୋଇ ଟେବୁଲ ଉପରେ ରଖାହୋଇଥିବା ଛଡ଼ା ଫୁଲମାଳ ପାଞ୍ଚଟି ବଳକା ଉଗ୍ରପନ୍ଥୀଙ୍କ ଗଳାରେ ପିନ୍ଧାଇ ଦିଆଗଲା

। ଘନ ଘନ କରତାଳି ମଧ୍ୟରେ ମନ୍ତ୍ରୀ ଘୋଷଣା କଲେ ଯେ, ପ୍ରତ୍ୟେକଙ୍କୁ ଆଗାମୀ ଛଅମାସ ମଧ୍ୟରେ ଚାକିରି ଯୋଗାଇ ଦିଆଯିବ। ଚାକିରି ନ ହେବା ପର୍ଯ୍ୟନ୍ତ ସେମାନେ ମାସିକ ଅଢ଼େଇହଜାର ଟଙ୍କା ଲେଖାଏଁ ଭତ୍ତା ପାଇବେ।

ଏହି କାର୍ଯ୍ୟକ୍ରମରେ ଉତ୍ସାହିତ ହୋଇ ପୟମ୍ବର ଆଉ ଏକ ଆତ୍ମସମର୍ପଣ ଉତ୍ସବର ଆୟୋଜନ ପାଇଁ ଲାଗିଛନ୍ତି। ତାଙ୍କର ସୁନାମରେ ଆକର୍ଷିତ ହୋଇ ଗାଆଁ, ଗଣ୍ଡାର ଶହ ଶହ ଯୁବକ ଉଗ୍ରପନ୍ଥୀ ହେବାପାଇଁ ଟଙ୍କା ଧରି ତାଙ୍କୁ ଭେଟିବାରେ ଲାଗିଛନ୍ତି। ନୂଆନୂଆ ଦେଶୀ ବନ୍ଧୁକ ତିଆରି କାରଖାନା ଆଖପାଖ ଅଞ୍ଚଳରେ ଗଢ଼ିଉଠିଲାଣି। କମାରଶାଳରେ ଶହ ଶହ ଭୁଜାଲି ତିଆରି ବରାଦ୍। ରାତିଦିନ କାମ ଚାଲିଛି। ତଥାପି ମାଲ୍ ନିଅଣ୍ଟ ପଡୁଛି। ଚାହିଦାକୁ ଯୋଗାଣ ନିଅଣ୍ଟ ହେଉଥିବାରୁ ବାହାର ପ୍ରଦେଶର ଚୋରା ବେପାରୀମାନେ ତାହାର ଫାଇଦା ଉଠାଇବାରେ ଲାଗିଛନ୍ତି। ରକ୍ଷା ହୋଇଛି, ଗୁଳି ଜମା ଦରକାର ପଡୁନାହିଁ। ନଚେତ୍ ସମସ୍ୟା ଅଧିକ ଜଟିଳ ହୁଅନ୍ତା।

ଇତିମଧ୍ୟରେ ପୟମ୍ବର ବିଭିନ୍ନ ମାଧ୍ୟମରେ ଦାବୀ କଲେଣି ଯେ, ସରକାରୀ ଚାକିରି କ୍ଷେତ୍ରରେ ହରିଜନ, ଗିରିଜନ, ମହିଳା ବିକଳାଙ୍ଗ, ପଛୁଆବର୍ଗ, ଯୁଦ୍ଧଫେରନ୍ତା ଓ ସବୁପ୍ରକାର ସୂଚୀଭୁକ୍ତ ବ୍ୟକ୍ତିଙ୍କ ପାଇଁ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ସହିତ ଉଗ୍ରପନ୍ଥିମାନଙ୍କ ପାଇଁ ଚାକିରିରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଉ। ସେମାନଙ୍କ ପାଇଁ ବିଧାନସଭା ଓ ଲୋକସଭାରେ ସ୍ଥାନ ସଂରକ୍ଷଣର ସୁଯୋଗ ଦିଆଯାଉ।



# ଈଶ୍ୱର ମରିଗଲେ

ଈଶ୍ୱରଙ୍କର ମଧ୍ୟ ବେଳେ ବେଳେ ଭୁଲ୍ ହୋଇଯାଏ। ସେ ଗଲ୍‌ତିର ସଜା ଅନ୍ୟମାନେ ଭୋଗ କରନ୍ତି। ଈଶ୍ୱର ଅକପସନ୍ଦ ନୁହେଁ, ପୂଜ୍ୟ ପୂଜ୍ୟ ଭୁଲ୍ କରି ବସନ୍ତି। ଏଇ ଯେମିତି, କାହାର ଗୋଟାଏ ଆଖିକୁ କାଚଗୁଲି ପରି ଆଦରକାରୀ କରି ଦିଅନ୍ତି ତ କାହାର ଗୋଟିଏ ଗୋଡ଼ର ଲମ୍ବ ଅନ୍ୟଗୋଡ଼ଠାରୁ ସାନ। ଗୋଟାଏ ସିଧା ହେଲେ ଆରଟି ଅନାଡ଼ି ହାତର ଜଲିପି ପରି ବଙ୍କା ଟେଢ଼ା। କାହାର ହାତ ଗୋଡ଼ରେ ପାଞ୍ଚଟା ଜାଗାରେ ଛଅଟା ଆଙ୍ଗୁଠି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବ୍ୟାପକ ତ୍ରୁଟିହେଲା କାହାକୁ ଅଣ୍ଡିରା କରୁକରୁ ମାଈ କରିପକାନ୍ତି ବା ଆଉ ପ୍ରକାରେ କରିଦିଅନ୍ତି। ଏମାନେ କୋଉ କୁଳକୁ ହୁଅନ୍ତି ନାହିଁ। ସାରା ସଂସାରରେ ଏମାନଙ୍କର ସଂଖ୍ୟା କିଛି କମ୍ ନୁହେଁ।

ଆମର ବେଦ ଲେଖିବାବାଲାଏ ସୁଦ୍ଧା ଈଶ୍ୱରଙ୍କଠାରୁ ଗଲ୍‌ତି ଆଶା କରି ନ ଥିବେ। ଇଂରାଜୀ ଭାଷାରେ ପୁରୁଷ ପାଇଁ ହି (He) ଓ ସ୍ତ୍ରୀପାଇଁ ସି (She) ର ପ୍ରଚଳନ ଥିବାବେଳେ ଏ ମଧ୍ୟମବର୍ଗଙ୍କ ପାଇଁ ସ୍ୱତନ୍ତ୍ର ଭାଷାଗତ ବ୍ୟବସ୍ଥା କିଛି ନାହିଁ। ଈଶ୍ୱର ମଣିଷ ତିଆରି କଲାବେଳେ କାହିଁକି ଯେ ଅନ୍ୟମନସ୍କ ରହନ୍ତି, ବୁଝିହୁଏ ନାହିଁ। ତାର ଦୁଷ୍ପରିଣାମ ଭୋଗକରନ୍ତି ନିର୍ମାଣଜନିତ ତ୍ରୁଟିର ଶିକାର ହୋଇଥିବା ପ୍ରାଣୀମାନେ ବିଶେଷ କରି ମଣିଷମାନେ। ତାଙ୍କରି ଦୋଷରୁ ଗଢ଼ଣ ତ୍ରୁଟିରେ କଳୁଷିତା ଝିଅଟିଏ ବାହା ହୋଇନପାରି ଘୃଣ୍ୟରେ ବୁଡ଼ିହୁଏ। ଗଳାଟୋକାଟାଏ ଅନ୍ଧହୋଇ ରାସ୍ତାରେ ଭିକ ମାଗେ। ପଚାରିଲେ କହିବେ - ପୂର୍ବଜନ୍ମର କର୍ମଫଳ ଭୋଗୁଛି। କିହୋ! ପୂର୍ବଜନ୍ମର କଥା ବା ସେତେବେଳେ କିଛି ପାପ କରିଥିବା କଥା ତାର କ'ଣ ମନେ ଅଛି ? ସେ ଏ ଜନ୍ମରେ ପୂର୍ବର ଜନ୍ମର ଡାଇରୀକୁ କାଖରେ ଜାକି ଜନ୍ମ ହୋଇଛି ? ଶାନ୍ତି ଦିଆଯାଏ ସୁଧାରିବାକୁ। ଯାହାକୁ ନିଜର ତ୍ରୁଟି ଜଣା ନାହିଁ, ତାକୁ ଗଧିଆ -ଢେଳିକୁଆ ନ୍ୟାୟର ଶାସ୍ତି ଦେଇ ଲାଭ କଣ ? ପୁଣି, ତାର ଭୁଲ ପାଇଁ ଆଉ ପାଞ୍ଚଜଣଙ୍କୁ କାହିଁକି ଦଣ୍ଡ ମିଳିବ ? ଯୋଉ ଛୋଟୀ ଝିଅଟି ବାହାହୋଇ ପାରୁନାହିଁ, ତା ପାଇଁ ବର୍ଣ୍ଣଯାକ ହନ୍ତସନ୍ତ। ତା ବାପ, ମାଆ, ଭାଇଙ୍କର ଦୁଃଖ କଷ୍ଟ ଈଶ୍ୱରଙ୍କୁ

ଦିଶୁନାହିଁ ?

ଏଥର ବି ଈଶ୍ୱର ମସ୍ତବଡ଼ ଭୁଲଟିଏ କରିଦେଲେ । ଜୟଦେବ ସିନା ଦଶଟି ଅବତାରର ବର୍ଣ୍ଣନା କରିଦେଲେ । ତାପରେ ଈଶ୍ୱର ଆଉ ଏକାଦଶ, ଦ୍ୱାଦଶ ବା ଅଧିକ ଅବତାର ଗ୍ରହଣ କରିବେ ନାହିଁବୋଲି କେବେ ସୂଚନା ଦେଇଥିଲେ ? ଆରେ ଜମଣା ବୁଲି ବୁଲି ସେହି ଅଗଣା ଭଳି ଦଶମ ଅବତାର ପରେ ଈଶ୍ୱର ତେବେ ପୁଣି ମାଛ ହୋଇ ପାଣି ମାପିବେ ? ସେ ଈଶ୍ୱର । ଜଣେ ମଣିଷ ତାଙ୍କୁ ଘଣ୍ଟାର କଣ୍ଟାପରି ପ୍ରେମ୍ ଭିତରେ ବାନ୍ଧିଦେବେ ଓ ସିଏ ଏକରୁ ବାର ମଧ୍ୟରେ ଘୁରୁଥିବେ, ଏକଥା ସେ କିପରି ସହ୍ୟ କରନ୍ତେ ?

ତାହାଛଡ଼ା, ଏ ପୃଥିବୀର ମଜା ଆଉ କୋଉଠି ନାହିଁ । ସ୍ୱର୍ଗର ସବୁ ହୋଟେଲ୍‌ରେ ଗୋଟିଏ ଆଇଟମ୍ ମିଳେ - ଅମୃତ । ଏଠି ଅସଂଖ୍ୟ ଭେରାଇଟି । ପ୍ରସ୍ତୁତି ପ୍ରଣାଳୀ ସହ ସବୁଟକ ଲେଖିବସିଲେ ବୋଧହୁଏ ପଚାଶ କିଲୋ ଓଜନର ବହିଟିଏ ହେବ । ଏଠାକାର ସର, ଲହୁଣୀ, ଦୁଧ, ଘିଅର ମଜା ତାଙ୍କ ପାଟିରେ ଲାଗି ସାରିଛି । ତା'ଛଡ଼ାରୁ ଏବେ ଈଶ୍ୱର ଶୁଣିଲେ ଯେ, ଭାରତୀୟ ଝିଅମାନେ ବିଶ୍ୱସୁନ୍ଦରୀ, ବ୍ରହ୍ମାଣ୍ଡ ସୁନ୍ଦରୀ ବନିଲେଣି । ସିଏତ ଇଣ୍ଟରନେଟ୍ ମାଧ୍ୟମରେ ବ୍ରହ୍ମାଣ୍ଡଯାକର ଖବର ରଖିଲେଣି । ମଝିରେ ମଝିରେ ମନୋରଞ୍ଜନ ପାଇଁ ଇନ୍ଦ୍ରସଭା ହଲ୍‌କୁ ଗଲେ, ସେଠାରେ ରମ୍ଭା, ମେନକା, ଉର୍ବଶୀ ଆଦି ଦେଖାକରି ନମସ୍କାର କରନ୍ତି । ଆଜିକାଲିର ଭାରତୀୟ ନାରୀମାନେ କ'ଣ ଏମାନଙ୍କଠାରୁ ସୁନ୍ଦରୀ ? ତାଙ୍କର ଲକ୍ଷ୍ମୀ, ରୁକ୍ମିଣୀ, ସତ୍ୟଭାମା, ସୀତା, ରାଧା, ଲଳିତା, ବିଶାଖା ଆଦିଙ୍କଠାରୁ ଅଧିକ ସୁନ୍ଦରୀ ? ବହୁ ସମୟରେ ଏଭଳି ଜିଜ୍ଞାସା ପାଉଁରୁଟି କଂପାନୀର ମଇଦାଭଳି ତାଙ୍କର ହୃଦୟକୁ ମଛି ଚକଟି ପକାଉଛି । ଏଣେ, ବହୁବର୍ଷ ହେବ ବେଙ୍କାର ସାପଟା ଉପରେ ପାଣି ମଝିରେ ଶୋଇ ଶୋଇ ମନ ଚିଟା ଧରି ଗଲାଣି । ଏଥର ପଞ୍ଜାବର ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂହଙ୍କ ପରି ବିନା ସୂଚନାରେ ଭାରତ ଭୂଖଣ୍ଡକୁ ଗୋପନ ପ୍ରୟାଣ କରିବାକୁ ମନ ବଳାଇଲେ । ସବୁନେତା, ମନ୍ତ୍ରୀମାନେ ସରକାରୀ ଅର୍ଥରେ ବିଦେଶ ବୁଲି ମଉଜ କରିବାକୁ ଗଲାବେଳେ ସରକାରୀ ଗସ୍ତଦେଖାଇ ଅମୁକ ଅନୁଧ୍ୟାନ ବା ସମୁକ ପର୍ଯ୍ୟବେକ୍ଷଣ ପାଇଁ ଯାଉଛନ୍ତି ବୋଲି ଜନତାକୁ ଜଣାଇଥାନ୍ତି । ତାଙ୍କର ସ୍ତ୍ରୀ, ପିଲାଏ କେବଳ ଭିତିରି କଥା ଜାଣିଥାନ୍ତି । ଈଶ୍ୱର ଘୋଷଣା କଲେ, ଭାରତର ଖବରକାଗଜ ଓ ଗଣମାଧ୍ୟମଗୁଡ଼ିକୁ ପୁଞ୍ଜିପତିମାନେ ଦଖଲ କରିନେଇଛନ୍ତି । ତେଣୁ, ଗରିବ ନେତାଙ୍କର ପ୍ରକୃତ ଅବସ୍ଥା ସେଥିରେ ପ୍ରତିଫଳିତ ହୋଇ ପାରୁନାହିଁ । ଏହି ହେତୁରୁ ଅବତାର ଗ୍ରହଣ କରି ସତ୍ୟ ଅବଗତ ହେବା ଜରୁରୀ ହୋଇପଡ଼ିଛି ।

ପିଲାଦିନେ ଈଶ୍ୱର ସେଇ ଦୟାଳୁ ବାଦଶାହା ଖଲିଫା ହାରୁନ୍ ଅଲ୍ ରସିଦ୍‌ଙ୍କର କାହାଣୀ ପଢ଼ିଥିଲେ, ଯିଏ ପ୍ରଜାମାନଙ୍କର ଦୁଃଖସୁଖ ଜାଣିବା ପାଇଁ ନିଜେ ଛଦ୍ମବେଶରେ ଗରିବ ବସ୍ତିରେ ରାତି ଅଧରେ ବୁଲୁଥିଲେ । ଈଶ୍ୱର ସେହି ଧାରଣାକୁ ଅନୁକରଣ କରି 'ସାଧାରଣ ଜନତା' ଅବତାର ନେବାକୁ ସିଦ୍ଧାନ୍ତ କଲେ ।



ଏଇଠି ଈଶ୍ୱର ଦ୍ୱିତୀୟ ଭୁଲ କଲେ । ଚଳଚ୍ଚିତ୍ର ନାୟକମାନେ ଇମେଜ ଖରାପ ହେବା ଆଶଙ୍କାରେ ଗରିବ, ବୁଭୁକ୍ଷୁ ଭୂମିକାରେ ଅଭିନୟ କରୁଥିଲେ ସୁଦ୍ଧା, ବିଦେଶରୁ ଆମଦାନୀ କରା ହଜାରେ ଟଙ୍କା ମିଟର୍ ବାଲା ଜିନ୍ ପୋଷାକ ପିନ୍ଧିଥାନ୍ତି । ଈଶ୍ୱର ସାଧାରଣ ଜନତା ବେଶ ଧରିବା ବେଳେ ପାଟ, ମଠା ତଥା ଦାମୀ ଅଳଙ୍କାର ଓହ୍ଲାଇ ପକାଇ କଂଗ୍ରେସ୍ ଜନତା ଧୋତି ଓ ଫୁଟ୍‌ପାଥ୍ ଗଞ୍ଜି ପିନ୍ଧିଲେ । ହେଲେ, ଧଡ଼ିଆ, ଧଉଁଆ, ବେମାରିଆ ଚେହେରାକୁ ନ ଆବୋରି ନିଜର ଗୋଲ୍‌ଗାଲ୍ ଚେହେରା ବଜାୟ ରଖିଲେ । ଏହା ତାଙ୍କର ଭାବମୂର୍ତ୍ତିଜନିତ ସଚେତନତା ହୋଇପାରିଥାଏ । ତାଙ୍କର ସବୁ ଭୁଲ୍‌କୁ ସହଜରେ 'ମାୟା' ଆଖ୍ୟା ଦିଆଯାଇପାରେ ।

ଗରିବ ସାଧାରଣ ଜନତା ହେଲେ ପକେଟ୍‌ରୁ କଡ଼କଡ଼ିଆ ନୋଟ୍ ଥାକ ବାହାରିବା, ସଂପୂର୍ଣ୍ଣ ଅସଙ୍ଗତ - ଏକଥା ଈଶ୍ୱର ବୁଝିଥିଲେ । ସେ ପଇସାପତ୍ର, ଚେକ୍ ବହି ଓ କ୍ରେଡିଟ୍ କାର୍ଡ଼ ସହିତ ମୋବାଇଲ ଫୋନ୍ ଉପରେ ଥୋଇଦେଇ ଆସିଲେ । ବିଚରାଙ୍କୁ ଏଠାକାର ତେଲଲୁଣର ଭାଉ ମାଲୁମ୍ ନାହିଁ । ପରଘରୁ ଚୋରୀକରି ଖାଇବା ଓ ପରମାଲ୍‌ରେ ଆଜୀବନ ପେଟ ପୂରାଇବା ଯାହାର ଅଭ୍ୟାସ, ସିଏ କିଣିବ କ'ଣ ଓ ବଜାର ଦର ଜାଣିବ କିପରି ?

ଫାଙ୍କା ପଡ଼ିଆରେ ପ୍ରଧାନମନ୍ତ୍ରୀଙ୍କର ହେଲିକେପ୍ଟର ଓହ୍ଲାଇବା ପରି, ସହରର ଏକ ନଦୀ କୋଣରେ ନିରୋଳା ଜାଗା ଦେଖି ଜନତା ଅବତାର ଭୂଇଁରେ ଖସିଲେ । ଚାରିଆଡ଼େ ଜକଜକ ହୋଇ ଆଖି ବୁଲେଇନେଲେ, ତାଙ୍କର ଅବତରଣକୁ କେହି ଦେଖି ନାହାନ୍ତି ତ ? ପାଖ ଆଖରେ ଜନମାନବର ଚିହ୍ନବର୍ଣ୍ଣ ନପାଇ ଆଶ୍ୱସ୍ତ ହେଲେ । ଆଖି ପଡ଼ିଲା, ଆଗରେ ଗୋଟିଏ ମନ୍ଦିର ଓ ତା ପାଖରେ ଛୋଟ ବଜାରଟିଏ । ପ୍ରଥମପାଦ ଆଗକୁ କାଢ଼ିଲେ । ପଚ୍ କରି ଶବ୍ଦ ହେଲା ପାଦତଳେ ଓ ଦୁର୍ଗନ୍ଧରେ ନାକ ଫାଟି ପଡ଼ିଲା । ଛିଃ । ମଣିଷ ବିଷ୍ଠାର ସ୍ତୂପ । ନଈକୂଳ ସାରା ନାକକୁ ଗୋଟାଏ ହାତରେ ଚିପିଧରି ଛୋଟା ବଣି ଚଢ଼େଇ ପରି ଏକ ଗୋଡ଼ରେ କୁଦା ମାରି ମାରି ନଈତୁଠକୁ ଗଡ଼ିଲେ ଗୋଡ଼ ଧୋଇବା ପାଇଁ । ଆମର ଲୋକମାନେ ନଈ ନାଳକୂଳକୁ ସାର୍ବଜନୀନ ପାଇଖାନା ଭଳି ବ୍ୟବହାର କରୁଥିବା କଥା ତାଙ୍କୁ ମାଲୁମ୍ ନଥିଲା ।

ନାକ ଚିପିଚିପି ମନ୍ଦିର ପାଖରେ ପହଞ୍ଚିବା ବେଳକୁ ପ୍ରବଳ ଭୋକହେଲାଣି । ମଣିଷ ଦେହ ଧରିଲେ ଭୋକ, ଶୋଷ, ନିଦ, ରୋଗବ୍ୟାଧି ହେବ ହିଁ ହେବ । ଝୁଣ୍ଟି ପଡ଼ିଲେ କଣ୍ଟା ପଶିଲେ ପାଦରୁ ରକ୍ତଝରିବ । ଏଭଳି ଅଭିଜ୍ଞତା ବିଗତ ଅବତାର ସମୟରୁ ଅର୍ଜନ କରି ସାରିଛନ୍ତି । ସର୍ବପ୍ରଥମେ ଯେଉଁ ଜଳଖିଆ ଦୋକାନରେ ପହଞ୍ଚିଲେ, ସେଠାରେ ଶୁଦ୍ଧ ଭାଷାରେ କରଯୋଡ଼ ଆକାରରେ ବଦାନ୍ୟତା କାମନା କଲେ । ଚେକ୍

ଲୁଙ୍ଗିପିନ୍ଧା ବର୍ତ୍ତୁଳୋଦର ଲୋକଟି ନାହିଁ ଉପରୁ ଗଞ୍ଜି ଟେକିଦେଇ ପେଟକୁ ସାଉଁଳି ଈଶ୍ୱରଙ୍କର ଆପାଦ ମସ୍ତକ ଚାହିଁଗଲା । ତାର କଣ୍ଠସ୍ଥ ଆଶ୍ରାବ୍ୟ ଭାଷାର ଅଭିଧାନରୁ କେଇ ପୃଷ୍ଠା ଅନର୍ଗଳ ଗାଇଯିବା ପରେ କହିଲା - "ଯାହା କହୁଛୁ ଭଲ ଭାବରେ କହ । ଏଠି ତୋ ବୋପା ଇସ୍କୁଲ ଖୋଲି ବସିନାହିଁଯେ, ସଂସ୍କୃତରେ ଗପିଯିବୁ ।"

ଅଗତ୍ୟା ଈଶ୍ୱର ଗୋଟିଏ ଖବରକାଗଜ ବାଲାଙ୍କ ପରି ନିଜର ଭାଷାକୁ ଯଥାସମ୍ଭବ ଅମାର୍ଜିତ କରି ଅଭିପ୍ରାୟ ଜଣାଇବାକୁ ଚେଷ୍ଟା କଲେ । ଏଥର ଲୋକଟି ଠଉର କରିନେଲା । ଖିଙ୍କାରୀ ଉଠି କହିଲା - ଏଠି ବୋପାମାନ୍ତ୍ର ଥୁଆହୋଇଛି, ଚାଲି ଆସିଲା ଖାଇବାକୁ । ବେଶ୍ ତ ଗଣ୍ଡି ବୋହୁଛୁ । କୋଉଠି ମୂଲ ଲାଗୁନୁ । ଶଃ , ଭିକମାଗିବାକୁ ଶସ୍ତା ପାଇଲା । ଭିକମଗା କୋଉଠିକାର ।

ସେଇ କଥାର ଖିଅ ଧରି ସେଠାରେ ଜଳଖିଆ କରୁଥିବା ଜଣେ କହି ପକାଇଲା - ହଁ ଅ, ଆଜିକାଲି ଭିକମାଗିବାଠୁଁ ଭଲ ବେଉସା ନାହିଁ । ଆଜିକାଲି କାଙ୍ଗାଳି ଭୋଜନ ଦେବାକୁ ପରା ଭିକାରୀ ଇଉନିଅନ୍ ନେତାଙ୍କୁ ତେଲମାରିବାକୁ ପଡୁଛି । ଜଣପିଛା ଦଶଟଙ୍କା ବିଦାକି ଛିଣ୍ଡାଇ ଭିକାରୀଙ୍କୁ ନେହୁରା ହେବାକୁ ପଡୁଛି ।

ଆଉ ଜଣେ କହିଲା, "ଭିକାରୀମାନେ ସିନା ପେଷାଦୃଷ୍ଟିରୁ ଉପରେ ଛିଣ୍ଡା, ମଇଳା ଇଉନିଫର୍ମ ପିନ୍ଧୁଛନ୍ତି, ଭିତରେ ଲକ୍ଷପତି । ଦେଖୁନା, ଗୋଟିଏ ଭିକାରୀ ମଲାପରେ ତା ବ୍ୟାଙ୍କ୍ ଜମାଖାତାରେ ଆଠଲକ୍ଷ ଟଙ୍କା ଜମା ଥିବାର ଦେଖାଗଲା । ଆଉ ଗୋଟିଏ ଭିକାରୀ ଆମ ସାଇ ଚାନ୍ଦିମେଢ଼ ପାଇଁ ଦି ଲକ୍ଷ ଟଙ୍କା ଦାନ କରିଥିଲା ।"

ଯାଚକମାନଙ୍କ ସଂପର୍କରେ ସେଠା ଲୋକଙ୍କର ଏଭଳି ଅବଧାରଣା ଶୁଣି ଈଶ୍ୱର ସେଠାରୁ କିଛି ପାଇବାର ଆଶା ହରାଇ ସାରିଥିଲେ । କ୍ଷୀପ୍ରପାଦରେ ସ୍ଥାନ ତ୍ୟାଗ କରୁ କରୁ ଭାବିଲେ, ଯଦି ଅର୍ଥନୀତିର ଗୋଟିଏ ନକ୍ସା କରାଯାଇପାରନ୍ତା (ଭୂଗୋଳ ଯାତ୍ରୀ ଭଳିଜାହାଜ ଉପରେ ବସି ବିଷୁବ ରେଖା ଖୋଜିବା ପରି) ଦାରିଦ୍ର୍ୟର ସୀମାରେଖାକୁ ଟିକେ ଭଲକରି ଦେଖନ୍ତେ । ହେ ଲକ୍ଷ୍ମୀ ! ଭିକାରୀମାନଙ୍କ ମଧ୍ୟରେ ପୁଣି ସଂପନ୍ନ ଓ ଦୁଃସ୍ଥ ଅଛନ୍ତି । ଏମାନଙ୍କୁ ଚିହ୍ନଟ କରିବାର ସୂତ୍ର କଣ ? ତାଙ୍କ ପଛରୁ ତଥାପି କୋଉ ବଡ଼ପାଟିଆର କଥା ଶୁଭୁଥିଲା, "ଯାଙ୍କର ଆଡ୍ଡା ବା ସରକାରୀ ଆଶ୍ରୟସ୍ଥଳ ସବୁ ଚୋରା ମାଦକଦ୍ରବ୍ୟ ଚାଲାଣର ମୁଖ୍ୟକେନ୍ଦ୍ର ହୋଇଗଲାଣି । ନକଲି ବ୍ୟାଣ୍ଡେଜ୍ ତଳେ ଏମାନେ ବ୍ରାଉନ୍ ସୁଗାର ଓ ଚରସ୍ ପ୍ୟାକେଟ୍ ରଖୁଛନ୍ତି । ଠେଲାଗାଡ଼ି ଉପରେ ବିଛା ହୋଇଥିବା ଛିଣ୍ଡାକନ୍ଥା ତଳେ ନୋଟ୍ ଥାକ ମରା ହୋଇଛି ।" ଅଧିକ କିଛି ଚମତ୍କୃତ ହେବା ବାକିଥିଲା ଈଶ୍ୱରଙ୍କ କର୍ମରେ ।

ଅଶ୍ଳୀଳ ଶବ୍ଦକୋଷ ଶ୍ରବଣରେ ଅତିଷ୍ଠ ଈଶ୍ୱର ଆଉ ଏକ ଜଳଖିଆ ଦୋକାନରେ ପଶିଗଲେ । ଏବେ ଜଠର ତାଙ୍କର କୌଣସି ପ୍ରକାରର ପ୍ରତୀକ୍ଷା, ଉପେକ୍ଷା, ଯାଚନା, ତାଡ଼ନାକୁ ଗୁରୁତ୍ୱ ଦେବା ଅବସ୍ଥାରେ ନଥିଲା । ଆକଣ୍ଠ ଉଦରସ୍ଥ କରି ଲମ୍ବା ହାତୁଡ଼ିଟାଏ



ମାରିଦେଇ ଆଶୀର୍ବାଦ ମୁଦ୍ରାରେ ଦକ୍ଷିଣହସ୍ତ ଉପରକୁ ଟେକିଦେଲେ ଈଶ୍ୱର । ସେହି ଶୂନ୍ୟହସ୍ତକୁ କର୍କଶ ଭାବରେ ଧରି ପକାଇଲା ଦୋକାନୀ । "ଏଠି କଣ ତୋ ବୋପା ଆଣି ଥୋଇଥିଲା ? ସେ କଲ୍ୟାଣରେ ମୋ ବାକ୍ସ ପୂରିବ ନାହିଁ । ପଇସା ଦେଲେ ଦୋକାନ ଚଉକାଠ ଡେଇଁ ପଦାକୁ ଯିବୁ ।" ଖାଦ୍ୟ ଈଶ୍ୱରଙ୍କର ଭବିଷ୍ୟତରେ ଧର୍ମ, ଅର୍ଥ, କାମ, ମୋକ୍ଷ ଇତ୍ୟାଦି ଚତୁର୍ବର୍ଗ ଫଳଦାନର ଆଶ୍ୱାସନା ଦୋକାନୀକୁ ସନ୍ତୁଷ୍ଟକରି ପାରିଲା ନାହିଁ । "ଏ ହାତରେ ଦିଅ, ସେ ହାତରେ ନିଅ" ଯୁଗରେ ଭବିଷ୍ୟତକୁ ଚାହିଁ ବସିବ କିଏ ? ଦେଶର ଅନିଶ୍ଚିତ ରାଜନୈତିକ ଅବସ୍ଥା ଓ ଅସ୍ଥିର ସାମାଜିକ ବ୍ୟବସ୍ଥା ମଧ୍ୟରେ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମକୁ ଆଗ୍ରହ ଜନତାର ନାହିଁ । ତୁରନ୍ତ ଲାଭ ବିଚକ୍ଷଣ ବୁଦ୍ଧି ଓ କାର୍ଯ୍ୟସିଦ୍ଧିର ପ୍ରତୀକ ।

ଦୋକାନୀର ନିର୍ଦ୍ଦେଶରେ ତାର ଦୁଇ ଚାକରଟୋକା ପ୍ରଭୁଙ୍କର ଜନତା ଧୋତି ଖୋଲି ରଖିବାକୁ ଟଣାଟଣି କରନ୍ତେ ଈଶ୍ୱରଙ୍କର ମନେ ପଡ଼ିଗଲା ଦ୍ରୌପଦୀ ବସ୍ତ୍ରହରଣ ବେଳର କଥା । ସତରେ, ମାଇପି ଲୋକଟା ସଭାମଣ୍ଡପରେ କି ମାନସିକ ଅବସ୍ଥା ଦେଇ ଗତି କରିନଥିବ ? ସେତେବେଳେ ସିନା ସେ କ୍ଷମତାରେ ଥିଲେ ବୋଲି ଗୋଟାଏ ବଡ଼ମିଲ୍‌ର ଗୋଦାମ ଖୋଲି ମାଗଣାରେ ଶହ ଶହ ଗାଣ୍ଠି ଲୁଗା ଯୋଗାଇ ଦେଇଥିଲେ । ଦୁଃଶାସନ ଯେତିକି ଲୁଗା ନେଇଥିଲା, ସେଥିରେ ତାଙ୍କର ବଂଶ କୁଟୁମ୍ବକୁ ବଞ୍ଚିଥିଲା ଯାଏ ଲୁଗା କିଣିବାକୁ ପଡ଼ିନାହିଁ । ଏବେ ତାଙ୍କ ନିଜ ପିଠିରେ ପଡ଼ିବ କିଏ ? ଅର୍ବାଚୀନ କହରାନିଶବାଲା ଟୋକାଟା ତାଙ୍କର କଛାଟାଣିବାରୁ ମନରେ ପ୍ରବଳ କ୍ରୋଧ ହେଲା । ଭାବିଲେ, ସୁଦର୍ଶନକୁ ଡକାଇ ତା ମୁଣ୍ଡଗଣ୍ଡି ଦୁଇଗଡ କରିଦେବେ । ପୁଣି ମନେ ପଡ଼ିଲା, ସିଏ ମର୍ତ୍ତ୍ୟକୁ ଆସିବା ବେଳେ ଲକ୍ଷ୍ମୀଙ୍କ ଛଡ଼ା ଆଉ କାହାକୁ ଜଣାଇ ନାହାନ୍ତି । କ୍ଷୀର ପ୍ରସବ ପାଇଁ ସୁଦର୍ଶନ ମଧ୍ୟ ମାସେ ଛୁଟିରେ ଅଛି । ସୁଦର୍ଶନ ଏଠାକାର ଠିକଣା ଜାଣିବ କିପରି ? ତାକୁ ଯୋଗାଯୋଗ କରିବାକୁ ନିଜର ମୋବାଇଲ୍ ମଧ୍ୟ ନାହିଁ ଏଇଟା ସ୍ୱଳ୍ପକାଳୀନ ଅବତାର ଭାବରେ ଆକସ୍ମିକ ଗସ୍ତ । ଆସୁ ଆସୁ ପ୍ରଥମ ଦିନରେ ଗୋଟିଏ କିଛି କାଣ୍ଡ କରିବସିଲେ, ସବୁ ପ୍ରଘଟ ହୋଇଯିବ ଓ ସର୍‌ପ୍ରାଇଜ୍ ଭିଜିଟର ମୂଲ୍ୟ ରହିବ ନାହିଁ । ଟିକେ ଟିକେ କଥାରେ ସୁଦର୍ଶନକୁ ଲୋଡ଼ିବା ଶାସନ ପରିଚାଳନା କ୍ଷେତ୍ରରେ ସବୁବେଳେ ମିଲିଟାରୀ ବାଲାଙ୍କର ସାହାଯ୍ୟ ନେବା ସହିତ ସମାନ । ସେପରି ହେଲେ ସୁଦର୍ଶନ ଛାର ବଢ଼ିଯିବ ଓ ସେ ନିଜେ ଶାସନ କ୍ଷମତା ମାଡ଼ି ବସିବ । ସେପରି ହୋଇ ପାରୁଥିଲେ ରାମ ଅବତାର ନେଇ ଚଉଦବର୍ଷକାଳ ହନ୍ତସନ୍ତ ହେବା ଅପେକ୍ଷା ସେ ଆପଣା ଘରେ ବସି ସୁଦର୍ଶନକୁ ପଠାଇ ରାବଣର ଦଶଟାଯାକ ମୁଣ୍ଡକୁ କଚ କଚ କରି କାଟି ପକାଇଥାନ୍ତେ । ବ୍ରହ୍ମାବୁଢ଼ା କଥାରେ ରାବଣ ମଣିଷ ଓ ମାଙ୍କଡ଼ ହାତରେ ମରିବାର ଏଗ୍ରୀମେଣ୍ଟ ହୋଇଥିଲା । ଠିକ୍ ଅଛି, ମଣିଷ ରାମ ହୋଇ ମଧ୍ୟ ଅଯୋଧ୍ୟାରେ ବସି ସେ ସୁଦର୍ଶନ ମାର୍ଫତ୍‌ରେ କାମ ବଢ଼ାଇ ପାରିଥାନ୍ତେ । ମନକୁ ବୁଝାଇ ଦୋକାନୀକୁ ଜରାସନ୍ଧ ଅମଳରେ ଗଧବୋଲି ଧରିନେଇ ତାର

ପାଦ ଧରି ପକାଇଲେ । ଦୋକାନୀର ହୃଦୟର ପରିତ୍ୟକ୍ତ କୋଣରେ ଜାକିଜୁକି ହୋଇରହିଥିବା ଦୟା ସାମାନ୍ୟ କାୟା ବିସ୍ତାର କଲା । ଭାବିଲା, ଭଲଘରର ଲୋକ ପରି ଦିଶୁଛି । ଭାଗ୍ୟ ଅବେଳକୁ ବୋଧହୁଏ ମାରିଖିଆ ପାଲଟି ଯାଇଛି । "ଖାଦ୍ୟ ପାଇଁ କାମ" ଯୋଜନା ବିନିମୟରେ ଈଶ୍ୱରଙ୍କୁ ମାଫ୍ କରାଗଲା । ଈଶ୍ୱର ଖାଦ୍ୟଯୋଗାଣକାରୀ ଭାବରେ ମୌଖିକ ନିଯୁକ୍ତି ପାଇଲେ । ସିଏ ତ ନିଜେ ଅର୍ଜୁନଙ୍କୁ କହିଥିଲେ - "କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ ।" ଏବେ କାମ ପାଇଁ ପାରିଶ୍ରମିକ ମିଳୁ ବା ନମିଳୁ କାହାଆଗେ ଫେରାଦ୍ ହେବେ ? ଦୋକାନୀର ଗାଳି, ଖୁନ୍ଦା ଓ ଚାପୁଡ଼ା ନିର୍ବିକାରରେ, ବିନା ପ୍ରତିବାଦରେ ସହିଯିବାକୁ ହୁଏ । ତୁଣ୍ଡ ଖସିଗଲେ ତାକୁ ତୁଲାଇବାକୁ କେଡ଼େ କଷ୍ଟ, ଈଶ୍ୱର ବୁଝିପାରୁଥିଲେ । କହିବା ଓ କୋହିବା ସତରେ ଅସମ୍ଭାଳ ପାଠ । ଏ ଦେଶର ନେତାମାନେ ସ୍ୱର୍ଗସୁଖର ପ୍ରତିଶ୍ରୁତି ଦେଇ କାହିଁକି ତାକୁ ରକ୍ଷା କରି ପାରନ୍ତି ନାହିଁ, ଈଶ୍ୱର ଭଲ କରି ବୁଝିଗଲେ ।

ଯେତେ ଭୁଲିବାକୁ ଚେଷ୍ଟାକଲେ ମଧ ଅତୀତର ଗୋପର ନୀରୁତା ଗାଈକ୍ଷୀର ଓ ଟଟକା ଲହୁଣୀ ମନେ ପଡ଼ି ବେଳେ ବେଳେ ରସନାକୁ ଲାଳସିକ୍ତ କରି ପକାଏ । ଦୋକାନରେ ଗଉଡ଼ ଦେଉଥିବା କ୍ଷୀରର ଧଳାରଙ୍ଗହିଁ କେବଳ ସେ ଜଳମୟ ଦ୍ରବଣକୁ କ୍ଷୀରର ମାନ୍ୟତା ପ୍ରଦାନରେ ସହାୟକ ହୋଇଥାଏ । କରିଭିତରେ ମୁହଁ ବନ୍ଦ ହୋଇ ଆସିଥିବା କ୍ଷୀରରୁ ଲହୁଣୀ ଗାଏବ, ଯେପରିକି ପୃଥିବୀ ପୃଷ୍ଠରୁ ଉତ୍ତମ ଲୋକ । ଲହୁଣୀ ବୋଲି ଯେଉଁ ବାସି ଦ୍ରବ୍ୟ ଖୋଳ ମଧରେ ପୁରାଇ ଅଣ୍ଡାବାକ୍ସରେ ରଖି ବିକ୍ରି କରାଯାଉଛି, ସେଥିରୁ ଟିକେ ହାତରେ ଆଣି କାହା ପଛରେ ବୋଳିଦେଲେ ଦେଖିଲା ଲୋକ ନାକରେ ହାତ ଦେଇ ଦୂରେଇ ଯିବ । ସେକାଳ ପଖାଳ ଗଲାଣି । ପ୍ରଗତିର ଚକତଳେ ନୈତିକତା, ସୌଜନ୍ୟ, ଶିଷ୍ଟାଚାର, ଦୟା, କ୍ଷମା, ଶାନ୍ତି, ଅହିଂସା ଭଳି ଶୁଦ୍ଧତା ଓ ସଚେତନତା ଚାପିହୋଇ ମଲାଣି । ସମାଜର ଗଳିତ ଶବରୁ ଦୁର୍ନୀତିର ଉତ୍କଟ ପଚାଗନ୍ଧରେ ଅତିଷ୍ଠ ହୋଇ ପଡ଼ିଲେ ଈଶ୍ୱର । ତାଙ୍କର ମାଲିକର ସୁଦୃଶ୍ୟ ସଂଗୀତ ବାକ୍ସରୁ କାନଫଟା ଗର୍ଜନ କରି ଛୁଟି ଆସୁଥିବା କର୍କଶସ୍ୱରକୁ ଶୁଣି ମନେ ପକାଉଥିଲେ । ବୃନ୍ଦାବନିଆ ବଣ ଓ ଡୋଟାମାନରେ କ୍ରୀଡ଼ାଖେଳୁଥିବା ତାଙ୍କର ଗୋଟିକିଆ ବଇଁଶୀର ମୂର୍ଚ୍ଛନାକୁ ।

ବହୁ ଅନୁନୟ ଓ ମାସାଧିକ ଅନଥକ ପରିଶ୍ରମ ପରେ ମାଲିକଠାରୁ ଈଶ୍ୱର କିଛି ନଗଦ ଅର୍ଥ ପାରିଶ୍ରମିକ ଆକାରରେ ଆଦାୟ କରି ପାରିଲେ । ହଁ, ଚାହିଁଥିଲେ ହୁଏତ ଯାଦୁକର ପି.ସି. ସରକାରଙ୍କ ବାପାଙ୍କ ପରି ଶୂନ୍ୟରୁ ବେଶ୍ ମୋଟା ଅଙ୍କର ନଗଦ ଅର୍ଥ ଉପୁଜାଇ ପାରିଥାନ୍ତେ । କହିଛି ତ, ଅବତାର ବେଳେ ଫିଉଜ୍ ବଲ୍‌ବ ପରି କ୍ଷମତା ଅତିମାତ୍ରାରେ ସଂକୁଚିତ । ନତୁବା, ସୀତାଙ୍କୁ ନେଇ ବଣକୁ ଯିବାବେଳେ ସେଠାରେ ବିଶ୍ୱକର୍ମାଙ୍କୁ ଆଦେଶ ଦେଇ ତାଜ୍‌ମହଲ ପରି ବିରାଟ ସୌଧ ଠିଆ କରାଇ ସେଥିରେ ଏ.ସି. ଲଗାଇ ଆରାମରେ ରହିଥାନ୍ତେ । ଆଉ କିଛି ନହେଲେ ମଧ ଖାଦ୍ୟ ଆନ୍ୱେଷଣରେ ବୁଲିବିନିପୁଣ୍ଡା ଫଳ ପାଇଁ,



ବଣସାରା ବୁଲି ନଥାନ୍ତେ । ହୁକୁମ୍ ମାତ୍ରକେ ସୁନାଥାଳିରେ ବଢ଼ାହୋଇ ପଲାଉ, ପାୟସ, ପନିର୍ ତରକାରୀ, ପୋଟଳରସା ଆଗରେ ଆସି ଥୁଆ ହୋଇ ଯାଉଥାନ୍ତା । ଲକ୍ଷ୍ମଣ ଶକ୍ତିଭେଦ ସମୟରେ ଡାକ ମାରିଥିଲେ ଗନ୍ଧମାର୍ଦ୍ଦନ ପର୍ବତଟା ଖପ୍‌କରି ତାଙ୍କ ପାଖକୁ ଡେଇଁ ପଡ଼ିଥାନ୍ତା ।

ଏବେ ବହୁ ଆୟାସଲବ୍ଧ ଅର୍ଥକୁ ଅଣ୍ଟାରେ ଖୋସଣୀ ମାରି ଦୁଇ ଗିଲାସ ଖାଣ୍ଟିକ୍ଷୀର ପିଇବା ଲୋଭରେ ଈଶ୍ୱର ସହରର ଗଳିକନ୍ଦି ଖୋଜି ବୁଲିଲେ । ସହରର ମୁଖ୍ୟରାସ୍ତା ଛାଡ଼ି ଗୋଟିଏ ଗଳି ମୁଣ୍ଡରେ ବଡ଼ବଡ଼ ଅକ୍ଷରରେ ଲେଖାଥିଲା, "ଏଠାରେ ଖାଣ୍ଟିକ୍ଷୀରଲହୁଣୀ ଓ ବିଶୁଦ୍ଧ ଗୁଆଘିଅ ମିଳେ ।" ପଇସା ଗଣିଦେଇ ସେଠାରେ ଦୁଇଗିଲାସ କ୍ଷୀର ପିଇ ଈଶ୍ୱର ତୃପ୍ତିର ହାକୁଟି ମାରିଲେ । ଏହି ବିଶୁଦ୍ଧ ବିକ୍ରେତା, ସଚ୍ଚୋଟ ଦୋକାନୀ ପାଇଁ ସ୍ୱେଚ୍ଛାରେ ଯାଚି ଦେବାକୁ ମନେ ମନେ ବର ନିର୍ବାଚନକରୁ କରୁ ଆପେ ଆପେ ଘନ ଘନ ହାକୁଟି ଉଠିଲା । ଖଟା, ଦୁର୍ଗନ୍ଧମୟ ହାକୁଟି । ବର ଦେବା କଥା ଭୁଲି ଯାଇ ଘର ମୁହାଁ ଧାଇଁଲେ ଈଶ୍ୱର ।

କିନ୍ତୁ କର୍ମସ୍ଥଳୀ ପର୍ଯ୍ୟନ୍ତ ଯାଇ ପାରିଲେ ନାହିଁ ଈଶ୍ୱର । ଆମେ ତୁମେ ସିନା ପିଲାଟି ଦିନରୁ ଭେଜାଲ୍ ବିଷାକ୍ତ ଖାଦ୍ୟ ଖାଇ ଆମର ଦେହ ଅଭ୍ୟସ୍ତ ହୋଇଗଲାଣି । ଚାଣକ୍ୟଙ୍କ ଅମଳର ବିଷକନ୍ୟା ପରି ଆମେ ସବୁ ବିଷମଣିଷ ପାଲଟିଗଲେଣି । ଭଗବାନ୍ ତାଙ୍କ ତଦ୍ଧ ପୁରୁଷରେ ଯୁରିଆ ସାବୁନ ତିଆରି କୃତ୍ରିମ ଦୁଗ୍ଧ ବା ସିନ୍ଥେଟିକ୍ ମିଲ୍କ ଖାଇ ନଥିବେ । ତାଙ୍କ ଦେହରେ ତୁରନ୍ତ ପ୍ରତିକ୍ରିୟା ସ୍ୱାଭାବିକ । ରାସ୍ତା ଉପରେ ଚେତାହରାଇ ଟଳି ପଡ଼ିଲେ ଈଶ୍ୱର ।

ତା ପରର ଅନୁଭୂତି ତାଙ୍କ ପାଇଁ ଥିଲା ଅନନ୍ୟ । ଆଖି ଖୋଲି ଦେଖିଲେ, ସେ ନର୍କରେ ପଡ଼ିଛନ୍ତି । ଚାରିଆଡ଼େ ପୂତିଗନ୍ଧମୟ ପରିବେଶ । ପ୍ରଥମେ ମନେକଲେ, ମହାଭାରତ ସମରର ଶେଷାବସ୍ଥାରେ ସେ ନିଜେ ଆହତ ହୋଇ ଅନ୍ୟାନ୍ୟ ଆହତ, କ୍ଷତବିକ୍ଷତ, ଆର୍ତ୍ତଚିତ୍କାର କରୁଥିବା ଲୋକଙ୍କ ମେଳରେ ପଡ଼ିଛନ୍ତି । ନା, ତା ସମ୍ଭବ ନୁହେଁ । ସମୟର ଚକକୁ ପଛକୁ ପଛକୁ ଫେରାଇବା କାହାରି ପକ୍ଷରେ ସମ୍ଭବ ନୁହେଁ । ଅଥଚ, କାତ୍ୟାୟନ ପଥଦେଇ କାକ, ଗୃଧ୍ର, ମର୍କଟ ଓ ମୁକ୍ତଦ୍ୱାର ଓ ଅଳିନ୍ଦ ଦେଇ ଶ୍ୱାନ, ଶୃଗାଳମାନଙ୍କର ବିଚରଣ...? ନର୍କ ହୋଇପାରେ । ନିଷ୍ଠୁରଦର୍ଶନ ଯମଦୂତଗଣ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ ନର୍କର ଅନ୍ତେବାସୀମାନଙ୍କୁ ମରଣାନ୍ତକ ପୀଡ଼ା ଦେଉଛନ୍ତି । କ୍ରନ୍ଦନରୋଳ ଓ ଆର୍ତ୍ତଚିତ୍କାରରେ ଅଞ୍ଚଳ କମ୍ପି ଉଠୁଛି ବାରମ୍ବାର । ବଡ଼ କରୁଣ ପରିବେଶ । ବାଦୁଡ଼ି ଭଳି ଲଟକିଥିବା ଏକ କାଚପାତ୍ରରୁ କିଛି ତରଳ ଦ୍ରବ୍ୟ ତାଙ୍କୁ ଶରୀରରେ ସୂଚୀଯୁକ୍ତ ନଳୀଦ୍ୱାରା ଭୁଞ୍ଜାଇ ଦିଆଯାଉଛି । ମଳିନ ବସ୍ତ୍ରାଚ୍ଛାଦିତ ଏକ ଲୌହପଲଙ୍କ ଉପରେ ଅସହାୟ ଭାବରେ ପଡ଼ିଛନ୍ତି ସେ । ଅତି ଦୁର୍ବଳ, ଏତେବେଳେ ଲକ୍ଷ୍ମୀ ଯଦି ପାଖରେ ଥାଆନ୍ତେ ... । ନା, ସେ ଅବଜ୍ଞା ଏ

ନର୍କର ପରିବେଶ ସହ୍ୟକରିପାରି ନଥାନ୍ତେ। ଏଠି ଅବତାର ଧରି ନିଜପାଇଁ ଦାନାଗଣ୍ଡାଏ ଯୋଗାଡ଼ କରିପାରୁନାହାନ୍ତି। ଲକ୍ଷ୍ମୀଙ୍କୁ ଚଳାଉଥାନ୍ତେ କିପରି ? କପାଳରେ କର ଯୋଡ଼ିଲେ - ହେ ଲକ୍ଷ୍ମୀ ! ତୁମେ ଯୋଉଁଠି ଥାଅ, ସୁଖରେ ଥାଅ।

ଦୀର୍ଘ ଆଠ ଦିନପରେ ଚିତ୍ରଗୁପ୍ତ ତୁଲ୍ୟ ପ୍ରତୀୟମାନ ହେଉଥିବା ଜଣେ ବ୍ୟକ୍ତି ତାଙ୍କର ଲୌହପଲଙ୍କ ଧାରରେ ଟଙ୍ଗା ହୋଇଥିବା ପଞ୍ଜିକାରେ କିଛି ମନ୍ତବ୍ୟ ଲିପିବଦ୍ଧ କଲେ। ତାଙ୍କୁ ଅବିଳମ୍ବେ ନର୍କରୁ ବିଦାୟ ଘେନିବାକୁ କୁହାଗଲା।

ନିଜର ବୁଦ୍ଧିର ସୁରକ୍ଷା ପାଇଁ ଉଦ୍‌ବେଗ ନଥିଲା। ନର୍କରୁ ଶେଷଥର ପାଇଁ ମିଳିଥିବା ପଡ଼ିର ପାକସ୍ଥଳୀରେ ସଞ୍ଚିତ ଅବଶିଷ୍ଟାଂଶକୁ ପାଥେୟ କରି ରାତିଟା ସେଇ ହତା ମଧ୍ୟରେ କଟାଇ ଦେବାକୁ ମନସ୍ଥ କଲେ। ବିନାଶ୍ରମରେ ମିଳୁଥିବା ଖାଦ୍ୟ ଗଣ୍ଡାକ ହରାଇଥିବାରୁ ଅନୁଶୋଚନା ଗ୍ରାସୁଥିଲା। ଅଧିକ ଚଳପ୍ରଚଳ ହେବାଭଳି ଶାରୀରିକ କ୍ଷମତା ଅନୁଭବ କରିପାରୁନଥିଲେ।

ଅଧରାତିରେ ପୋଲିସ୍‌ର ରୋଜବାଡ଼ି ଖେଞ୍ଚାରେ ମେଡ଼ିକାଲ୍ ହତା ଫୁଟ୍‌ପାଥ୍‌ରେ ଭିକାରୀଙ୍କ ଗହଣରେ ଶାୟିତ ଈଶ୍ୱରଙ୍କର ନିଦ ଟାଙ୍ଗିକିନା ଭାଙ୍ଗିଗଲା। ଲୋକଟି ମେଘନାଦର ଭାଇ ଭଳି ନାଦ କରି ବକୁଥିଲା - "ଶଳା! ରାତିରେ ଚୋରୀ, ଦିନରେ ଭିକାରୀ। ଚାଲ୍ ଥାନାକୁ। ବଡ଼ବାବୁ ଡକେଇଛନ୍ତି। ଆସୁନୁ ନା ଦି ପାହାର କଷିବି।"

ଯମଦଣ୍ଡ ତୁଲ୍ୟ ଉଦ୍ୟତ ଯଷ୍ଟିର ସଦ୍‌ବ୍ୟବହାର ହେବା ପୂର୍ବରୁ ସୁନାପିଲାଟି ପରି ଈଶ୍ୱର ଆବାହକଙ୍କର ପଛେ ପଛେ ଆସନ୍ନ ପ୍ରସବା ମହିଳାପରି ଢୁଲେଇ ଢୁଲେଇ ଚାଲିଲେ। ତାଙ୍କର ଗତି କ୍ଷିପ୍ର କରିବା ପାଇଁ ମାର୍ଗଦର୍ଶକ ବେଳେ ବେଳେ ଈଶ୍ୱରଙ୍କ ବେକର ପଛପଟେ ନିଜ ହାତକୁ ଅର୍ଦ୍ଧବୃତ୍ତାକାରରେ ପ୍ରବଳ ଚାପ ଦେଉଥାନ୍ତି।

କଂସର ବନ୍ଦୀଶାଳା ଭଳି ଦେଖାଯାଉଥିବା ଏକ ପ୍ରକୋଷ୍ଠରେ ନାରାୟଣଙ୍କୁ 'ବଡ଼ବାବୁ' ପଦରେ ଅଭିଷିକ୍ତ ଜଣେ ପ୍ରବଳ ପ୍ରତାପୀ ଆରକ୍ଷୀଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା। ଈଶ୍ୱରଙ୍କୁ ତୀକ୍ଷ୍ଣ ନଜରରେ ତଉଲି ସାରିବାପରେ ବଡ଼ବାବୁ କନିଷ୍ଠବଳଙ୍କୁ ପଚାରିଲେ - "ଏଇଟାକୁ କୋଉଠୁ ଆଣିଲୁ ?" କନିଷ୍ଠବଳ ନିଜର ଆବିଷ୍କାରର ବୃତ୍ତାନ୍ତ ଜଣାଇଲେ। ବଡ଼ବାବୁ ଭାରୀ ପ୍ରସନ୍ନ ଦେଖାଗଲେ - "ତୋ ଟଏସ୍‌ର ଜବାବ୍ ନାହିଁ। ଲୋକଟା ଡକାଏତ୍ ଭଳିଆ ମହଜୁଦ୍ ଦେଖାଯାଉଛି।" ଏଥର ଲୋହିତ ନେତ୍ର ବୁଲାଇଲେ ଈଶ୍ୱରଙ୍କ ଆଡ଼େ - "ଗୋଟାଏ କଲର୍ ଟି.ଭି. ଚୋରୀ କରିଛୁ ବୋଲି ତୋତେ ମାନିବାକୁ ହେବ। ନହେଲେ ପିଟିପିଟି ଛାଲ ଉତାରି ଦେବି।"

ଘଟଣାଟା ହେଲା, ବଡ଼ବାବୁ ଓ ସାନବାବୁଙ୍କ ମଧ୍ୟରେ ଅହିନକୁଳ ସଂପର୍କ। ଏକଦା ବଡ଼ବାବୁ ଛୁଟିରେ ଥିବାବେଳେ ସାନବାବୁ ଥାନା ଦାୟୀତ୍ୱରେ ଥିଲେ। ଗୋଟାଏ



ଚୋରୀକେସ୍‌ରେ ଚୋର ଧରିପଡ଼ିବା ସହିତ ବହୁତ ମାଲ୍ ଜବତ ହୋଇଥିଲା। 'ବଡ଼ବାବୁ' ଦାୟିତ୍ୱରେ ଥିବା ସାନବାବୁ ଜବତ ତାଲିକାରୁ ଟି.ଭି.କୁ ବାଦ୍‌ଦେଇ ସେଇଟା ମାଲ୍‌ଖାନାରୁ ନିଜ ଘରକୁ ଉଠାଇ ନେଇଥିଲେ। ସେ ଘଟଣାର ଆସାମୀମାନେ ଏବେ ଜେଲ୍ ଭୋଗୁଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ବଡ଼ବାବୁ କାନକୁହା ଓ ଚାମଚାଙ୍କ ସୂତ୍ରରୁ ଏ ଖବର ପାଇଗଲେ। ସେ ଜାଣନ୍ତି, ଜବତ ଜିନିଷର ସଠିକ୍ କାଗଜପତ୍ର କାହାପାଖରେ ନଥାଏ ଓ ଅଧେମାଲ ମାଲ୍‌ଖାନାରେ ନଥାଏ। ଜିନିଷଗୁଡ଼ିକ ପଡ଼ିପଡ଼ି ମାମଲା ବିଚାର ସରିଲା ବେଳକୁ ଖତହୋଇ ଯିବା ଆଶଙ୍କାରେ ଥାନା ବାବୁମାନେ ତାକୁ ନିଜଘରେ ନିଜ ହେପାଜତରେ ଚାଲୁ ଅବସ୍ଥାରେ ରଖିଥାନ୍ତି। ତାଛଡ଼ା ଏଭଳି ବିଦେଶୀ ଆମଦାନୀ କରା ଜିନିଷର କ୍ୟାସମେମୋ ଖୋଦ୍ ମାଲିକଙ୍କ ପାଖରେ ନଥାଏ। ତେଣୁ, ସେମାନେ ଥାନାରୁ ଏଭଳି ଜବତ ମାଲ୍‌କୁ କାଗଜ ପତ୍ର ଦେଖାଇ ଦାବୀ କରିପାରନ୍ତି ନାହିଁ। ଏଥିପାଇଁ ସୁଯୋଗ ଦେଖି ପାନେ ସାନବାବୁଙ୍କୁ ଦେବା ପାଇଁ ବଡ଼ବାବୁ 'ଗୋଟାଏ ଚୋର' ଖୋଜୁଥିଲେ।

ଈଶ୍ୱର ମିଛ କହନ୍ତି ନାହିଁ। ସେଥିପାଇଁ ନିଜ ତୁଣ୍ଡରେ ନକହି ସେ ଯୁଧିଷ୍ଠିରଙ୍କୁ ଶିଖାଇଥିଲେ - "ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ।" "ଅମୁକ ଟି.ଭି. ଚୋରୀ କରି ଆଣି ସାନବାବୁଙ୍କୁ ବିକିଛି" - ଏତିକି କୁହାଇବା ପାଇଁ ତାଙ୍କୁ ମନାଇବାକୁ ତାଙ୍କ ଉପରେ କୋଳଥ ବାଡ଼ିଆ ଚାଲିଲା। ଅଖିଆ ଅପିଆ ଛେଚା ଖାଇ ଖାଇ ବାରମ୍ବାର ଈଶ୍ୱରଙ୍କର ଚେତ ଛାଡ଼ି ଯାଉଥାଏ। ପାଟିରୁ ନାକରୁ କାନ ମୁଣ୍ଡାରୁ ରୁଧିର ବୋହିବାରେ ଲାଗିଥାଏ। ପ୍ରତିଥର ପାଣିଛାଟି ଚେତାକଲାପରେ ପୁଣି ପିଟଣା ଚାଲୁଥାଏ।

କିନ୍ତୁ .... ହାୟ ! ଏଥର ତିନିବାଲ୍‌ଟି ପାଣି ଛାଟିଲେ ସୁଦ୍ଧା ଆଉ ଈଶ୍ୱରଙ୍କର ଚେତା ଫେରିଲା ନାହିଁ। ଅନାଡ଼ି ବି ନାଡ଼ି ଦେଖିଲେ କହିବ - ଈଶ୍ୱର ମରିଗଲେ।

ସାଧାରଣ ଜନତାଟିଏ ମରିଗଲେ ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହେବାର ନାହିଁ। ସକାଳୁ ଈଶ୍ୱରଙ୍କର ଶବ ପଡ଼ିଥିଲା ନଈ ଅତଡ଼ାରେ। ରାମ, କୃଷ୍ଣ, ଯୀଶୁ, ନାନକ ହୋଇ ସେ ଅନେକ ଥର ମରିଛନ୍ତି। ମରିବାର ଅଭ୍ୟାସ ଅଛି। ତାଙ୍କର ଯନ୍ତ୍ରଣା ସହିବାର ଦକ୍ଷତା ମଧ୍ୟ କମ୍ ନାହିଁ।

ସକାଳୁ ପ୍ରାତଃଭ୍ରମଣରେ ବାହାରିଥିବା ଦୁଇଜଣ ବୟସ୍କ ବୁଦ୍ଧିଜୀବିଙ୍କ ଆଖିରେ ପଡ଼ିଥିଲା ଈଶ୍ୱରଙ୍କର ବେୱାରିସ୍ ଲାସ୍। ଦୁଇଟା ବୁଲା କୁକୁର ତାକୁ ଟଣାଓଟରା କରୁଥିବାର ଦୃଶ୍ୟ ଦେଖି ଜଣେ ମନ୍ତବ୍ୟ ଦେଲେ - "ନଗର ନିଗମ ବାଲା ସବୁତକ ବୁଲା କୁକୁର ମାନଙ୍କୁ ନମାରି ବେଶ୍ ଭଲ କରିଛନ୍ତି। ସେମାନେ ଅନ୍ତତଃ ରାସ୍ତାକଡ଼ର ମଳ ଓ ବେୱାରିସ୍ ଲାସ୍‌ଗୁଡ଼ାକୁ ଖାଇ ସହରକୁ ପରିଷ୍କାର ରଖୁଛନ୍ତି।"

ଆଉ ଜଣେ କହିଲେ - "ଦେଖୁନା, ତା ମାଂସ ଛଡ଼ାଇ କଙ୍କାଳ ସଂଗ୍ରହ କରିବାକୁ ଦୁଇଜଣ ଛୁରୀଧରି ତା ପାଖରେ ପହଞ୍ଚି ଗଲେଣି।"

"ହଁ, ସବୁ ମୂର୍ଖାରକୁ ପୋଡ଼ି, ପୋଡି ଦିଆଗଲେ ଆମେ ପିଲାମାନେ ଜାଵରୀ ପାଠ ପଢ଼ିବାକୁ କଵୀଳ ପାଆନ୍ତେ କେଉଁଠୁ ?" ପ୍ରଥମ ବ୍ୟକ୍ତି କହିଲେ । "ଏଇନା ପରା କଵୀଳ ଗୋଟାକ ବଜାରରେ ଚାରି ହଜାରରୁ ଛଅ ହଜାରରେ ବିକ୍ରି ହେଲାଣି ।"

ଏବେ ହୁଏତ ସେ କଵୀଳ ଝୁଲୁଥିବ କୌଣସି ଡ୍ରଇଂରୁମରେ, ଚିକିତ୍ସାଳୟର ଅଧ୍ୟୟନ କକ୍ଷରେ । ଈଶ୍ୱର ପୁଣି ବସିଥିବେ ବୈକୁଣ୍ଠରେ, ପତ୍ନୀ ନିକଟରେ ସୁଖରେ । ସାଧାରଣ ଜନତାର ଇତିହାସ ନଥାଏ । ତାର ଜନ୍ମ ଗୋଟିଏ ଦୁର୍ଘଟଣା ଓ ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା - ହୁଏତ ଈଶ୍ୱର ମଧ୍ୟ ସେୟା ଭାବୁଥିବେ ।



# ପ୍ରଥମ ଫଳ

ମହାବାତ୍ୟା ପରେ ବୃକ୍ଷଶୂନ୍ୟ ଶ୍ରୀହୀନ ଜାଗାମାନଙ୍କର ଫଟ ଦୂରଦର୍ଶନରୁ ଓ ଖବର କାଗଜରୁ ଦେଖି ଆମ୍ଭ ହୃଦୟ ବିଲକୁଲ୍ ବିଦାରି ହୋଇଗଲା । ମନ ହେଉଥିଲା, ବଡ଼ ବଡ଼ ଗଛମାନ ପୋତି ପକାଇ ରାତାରାତି ଓଡ଼ିଶାକୁ ଘୋର ଜଙ୍ଗଲରେ ପରିଣତ କରି ଦେବାପାଇଁ । ସେଥିରେ ଇନ୍ଧନ ଯୋଗାଇଲା ଗ୍ରୀଷ୍ମପ୍ରବାହ ପାଇଁ ସତର୍କତାମୂଳକ ପଦକ୍ଷେପ ନେବାପାଇଁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଜ୍ଞାପନମାନ । ଲୋକେ କହନ୍ତି, ପିଲାଦିନେ କାଳେ ଚୁଟେଇ ଚୋରେଇ ବହୁତ ଗୁଆଘିଅ ଖାଇଦେଇଥିଲି, ଯାହାଫଳରେ ସମାନ୍ୟ ଗରମ ହେଲେ ମୋ ଦେହରୁ ଝାଳର ଫୁଆର ଛୁଟେ । ମୋ ଅର୍ଦ୍ଧାଙ୍ଗିନୀ କହନ୍ତି, ଆଗ ଜନ୍ମରେ ବୋଧହୁଏ ମୁଁ କାନାଡା, ସାଇବେରିଆ କି ଆଣ୍ଟାର୍କଟିକାରେ ଜନ୍ମ ହୋଇଥିଲି ତେଣୁ, ଭାରତ ବର୍ଷର ଉତ୍ତାପ ଏ ଜନ୍ମରେ ମୋ ଦେହରେ ଯାଉ ନାହିଁ ।

ଉତ୍ତମ ନାଗରିକ ହିସାବରେ ସରକାରଙ୍କର ଆହ୍ୱାନକୁ କର୍ଣ୍ଣପାତ କରି ଗଣ୍ଡାକେତେ ଗଛ ଲଗାଇବା ଯେ ନିହାତି ଜରୁରୀ, ମୋର ଏ କଥାରେ ପରିବାରର ସମସ୍ତ ସଦସ୍ୟ ଏକମତ ହେଲେ । କିନ୍ତୁ ସମସ୍ୟା ହେଲା- ଗଛ ଲଗାହେବ କେଉଁଠି ? ମୋ ପୈତୃକ ଗ୍ରାମରେ ମେଲା ଜିହବାଡ଼ି ପଡ଼ିଛି ସେଠାକୁ ଯାଇ ତିନିଥର ବାଡ଼ବୁଜି ଆସିଲିଣି । ସବୁଥର କଣି,ବତା ଭାଙ୍ଗି ଲୋକେ କାଳ କରିବାକୁ ନେଇଯାଉଛନ୍ତି । ଗାଈ, ଛେଳି ଉପ୍ରାତରୁ ଗଛକୁ ରକ୍ଷା କରିବ କିଏ ? ସହରର ଯେଉଁ ଦୁଇମହଲା କୋଠାର ତଳମାହାଲାରେ ଫୀଙ୍କରେ ଭଡ଼ା ନେଇ ରହୁଛି, ସେଠି ମୋତେ ମିଶାଇ ଚାରୋଟି ପରିବାର ରହନ୍ତି । ଲୁଗା ଶୁଖାଇବା ତଥା ସାଇକେଲ ଓ ଗାଡ଼ି ରଖିବାକୁ ଯାଗାନାହିଁ । ଏଣେ, ବିବେକର ଆହ୍ୱାନରେ ଡାଙ୍ଗିଳା ନଇବାଲି ଉପରେ ପ ଡି ଚେଙ୍ଗମାଛ ଡେଇଁବା ପରି ମନଟା ଛଟ୍‌ପଟ୍ ହେଉଥାଏ ।

ଅଗତ୍ୟା ଦାଣଘର ପଟର ଝରକା ତଳେ ଦିନିଫୁଟ ଲମ୍ବ ଓ ଏକଫୁଟ ଓସାରର ଖଣ୍ଡେ ଫାଙ୍କା କ୍ଷେତ୍ର (ନିରପଦ୍ରୁତ ଅଞ୍ଚଳଭାବରେ) ଚିହ୍ନଟ କରାଗଲା । କାରଣ, ଝରକାର କବାଟ ଏଇଟିକି ଇଲାକରେ ଖୋଲା ମେଲାଇ ରହିଥାଏ । ଟିକେ ସତର୍କତା ଅବଲମ୍ବନ କଲେ ସେଠି ଦୁଇ ତିନୋଟି ଗଛ ଲଗାଯାଇ ପାରେ; କେବେଳ, ଝରକା କବାଟ ପାଖ ଦେଇ ଓହଳିଥିବା ପ୍ଲାଷ୍ଟିକ ଦଉଡ଼ିରେ ଲୁଗାଶୁଖାଇବା ବେଳେ ପାଦର ଭାରସାମ୍ୟ ରକ୍ଷା କରିବା ଅନିବାର୍ଯ୍ୟ ।

ଏଥର ଉପଯୁକ୍ତ ଚାରାନିରୂପଣ ପାଇଁ ପରିବାରର ସାମୂହିକ ପ୍ରଚେଷ୍ଟା ଆରମ୍ଭ ହେଲା । ଆମ୍ବ, ଲେମ୍ବୁ, ସପୁରୀ ଠାରୁ ଆରମ୍ଭ କରି ସାବୁଗଛ ପର୍ଯ୍ୟନ୍ତ ସବୁପ୍ରକାର ଚାଷର ସମ୍ଭାବନାକୁ ନେଇ ଗହନ ବିଚାର ବିମର୍ଶ ଚାଲିଲା । ଶେଷକୁ କୋଉଠୁ ଦି ଗଣ୍ଡା ଲଙ୍କା ତଳି ଆଣି ମୋ ସାନପୁଅ ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପକାଇଦେଲା । ବୃକ୍ଷରୋପଣ ପାଇଁ ଆମେ ଆତୁର ଥିଲୁ । ଆଉ ବୃଥା ତର୍କ ନକରି ଲଙ୍କାଗଛ ରୋପଣର ଶୁଭାରମ୍ଭ କଲୁ ।

ଜରିମୁଣିରେ ମାଟିଆଣି ୪ଟି ସ୍ଥାନରେ ଆଞ୍ଜୁଳା ଆଞ୍ଜୁଳା କରି ସ୍ଥାପନ କରାଗଲା । ତା ଦେହରେ ଗଛମାନଙ୍କୁ ସମୁଚିତ ସହାବସ୍ଥାନ ଶିଖାଇବା ମତଲବରେ ତିନୋଟି କରି ଲଙ୍କାଚାରା ରୋପଣ କରାଗଲା । ଏଇଟା ଆମର ଖାନ୍ଦାନୀ ସୂତ୍ର । ରୋଗଭଲ ହୋଇଯିବା ପରେ ମଧ୍ୟ ଏକଦା ମୋ ସାନଭଉଣୀ ଅର୍ଥନାଶକୁ ଏଡାଇବା ପାଇଁ ଏକକାଳୀନ ବଳକା ବଟିକା ସବୁ ଗିଳିଦେଇଥିଲା । କହିବା ବାହୁଲ୍ୟ, ବଡ ଡାକ୍ତରଖାନାରେ ତା ପେଟରୁ ସାଲାଇନ୍ ଲାଗିଥିଲା ଓ ଅଜସ୍ର ଅର୍ଥବ୍ୟୟ ପରେ ବଳକା ଜିବନକୁ ସାଙ୍ଗରେ ଧରି ବଡ ଡାକ୍ତର ଖାନାରୁ ଘରକୁ ଫେରିଥିଲା । ଏତେ କଷ୍ଟରେ ପୁତ୍ର କର୍ତ୍ତୃକ ସଂଗୃହୀତ ଲଙ୍କାତଳିର କେତୋଟି ଗଛକୁ ଆମ୍ଭେ କୁମାରୀ ମାତାର ଅବୈଧ ସନ୍ତାନପରି ରାସ୍ତାକଡକୁ ଫିଙ୍ଗିଦେବାକୁ ଚାହୁଁ ନଥିଲୁ ।

ଖଣ୍ଡିଏ ରୁଟିକୁ ତିନୋଟି କୁକୁର ଟଣା ଟଣି ହେବାପରି ମୁଠାଏ ମୁଠାଏ ମାଟିରୁ ଆହାର ସଂଗ୍ରହ କରି ନିଜ ନିଜ ଗୋଡରେ ଠିଆ ହେବା ପାଇଁ ଚାରାଗଛମାନେ ପରସ୍ପର ମଧ୍ୟରେ ସଂଘର୍ଷ ଆରମ୍ଭ କରିଦେଲେ । ଫଳତଃ, କେହି ଉଧେଇବାର ଲକ୍ଷଣ ପ୍ରକାଶ କଲେ ନାହିଁ । ଅବିକଶିତ ମଙ୍ଗୋଲିଆନ୍ ରୋଗଗ୍ରସ୍ତ ଶିଶୁଭଳି ବେଳୁବେଳ ତଳକୁ ମୁହଁ ମାଡିଲେ । ବୃକ୍ଷପ୍ରେମୀ ହୃଦୟରେ ଅନାବଶ୍ୟକ ନିଷ୍ଠୁରତାକୁ ସ୍ଥାନ ଦେଇ ଅଗତ୍ୟା ଗୋଟି ଗୋଟି କରି ଚାରାଗଛକୁ ଭୂମିଚ୍ୟୁତ କରି ମୃତ୍ୟୁମୁଖକୁ ଠେଲି ଦିଆଗଲା । ଡାକ୍ତରୀ ଭାଷାରେ-ମର୍ସି କିଲିଂ । ବାକି ଗୋଟିଏ ଗୋଟିଏ ଗଛ ସେମାନଙ୍କର ଭାଗ୍ୟକୁ ଆଦରି ରହିଲେ ।

ଲଙ୍କାଚାଷ ବିଷୟରେ ଆମର କାହାର ବା ଧାରଣା ଅଛି ? ଗାଆଁରେ ଆମ ବିଲ ଭାଗଧରିଥିବା କୁମ୍ଭାର ବୁଢା ତା ବାଡିରେ ଲଙ୍କା ଚାଷ କରେ । ତା ଠାରୁ ଏ ବିଷୟରେ କିଛିଟା ଜ୍ଞାନଲାଭ କରିବା ପାଇଁ ସ୍କୁଟର ଧରି ଗାଆଁକୁ ଗଲି । କିନ୍ତୁ ତା ପାଖରେ ପହଞ୍ଚି ମୋର ନଗଦ ଗବେଷଣା ବିଷୟଟିକୁ କହିବାକୁ ଲାଜ ଲାଗିଲା । ତାକୁ ଲଙ୍କାଚାଷ ବିଷୟରେ ପଚାରିଥିଲେ ସିଏ ଆଗ ପୁଳାଏ ଲଙ୍କା ମୋ ହାତରେ ଧରାଇ ଦେଇଥାନ୍ତା ଓ ବହେ ହସିଥାନ୍ତା । ଶେଷକୁ ତା' ମୁଖସ୍ତ କଲା କଥା ଶୁଣାଇଥାନ୍ତା - ଯାକେ ବିଦ୍ୟା ତାକେ ସାଜେ, ଅନ୍ୟକେ ଠେଙ୍ଗାବଜେ । ନିଜେ ସରଜମିନ୍ ଦେଖନ୍ତରେ ଜ୍ଞାନଲାଭାର୍ଥେ ପରିଭ୍ରମଣ କରିବା ବାହାନାରେ ତା ବାଡି ପଟକୁ ଚାଲିଗଲି । କଅଁଳିଆ ଛନ ଛନ ତା ଲଙ୍କା କିଆରୀକୁ



ଚାହିଁ, ଜନ କନ ହୋଇ ଚାରିଆଡେ ଦୃଷ୍ଟିପହଁରାଇ ନଇଁପଡି ମୁଠାଏ ମାଟି ଉଠାଇ ଆଣି କାଗଜରେ ପୁଡିଆ କରି ପକେଟ୍‌ରେ ରଖିଲି । କଥାରେ ପରାଅଛି, ମାଟି ଗୁଣେ ଫଳ, ତୀର୍ଥ ଘେନି ଜଳ । ଲଙ୍କାଚାଷ ପାଇଁ କିଭଳି ମାଟି ଉପଯୁକ୍ତ ଆନ୍ତତଃ ସେତିକି ତ ଜାଣି ପାରିବି ।

ଘରେ ପହଞ୍ଚି ମୋ ଗବେଷଣା ଯୋଗ୍ୟ ପୁଡିଆକୁ ସମସ୍ତଙ୍କ ଆଗରେ ଖୋଲିଦେଲି । ଲଙ୍କାଗଛ ମୂଳରୁ କିଛି ମାଟିର ନମୁନା ସଂଗ୍ରହ କରି ଅଣାଗଲା । ଉଭୟକୁ ଆଙ୍ଗୁଠିଅଗରେ ଉଖାରି ଜବକାଚ ତଳେ ପରୀକ୍ଷା କରି ଦେଖିଲୁ । ପାଣି ପକାଇ ଚକଟି ଦେଖିଲୁ । ଅଲଗା ଅଲଗା ଭାବରେ ଜିଭରେ ଚାଖିଲୁ । କୁମ୍ଭାର ବାଡିର ଓଳିତଳ ମାଟି ଜିଭକୁ ସାମାନ୍ୟ ଲୁଣିଆ ଲାଗିଲା । ଟିକେ ଉତ୍କଟ ଗନ୍ଧ ବି ଥିଲା । ଧରିନେଲୁ, କୁମ୍ଭାର ବୁଢାର ପରିବାର ଶରୀରର ଜଳୀୟ ଅଂଶ ନିଷ୍କାସନ ପାଇଁ ବାଡିପଟକୁ ଯାଇଥିବେ । ସେଥିପାଇଁ ବୋଧହୁଏ ଏଭଳି ପ୍ରଭେଦ ସୃଷ୍ଟି ହୋଇଛି । ଶେଷକୁ ସର୍ବେ ଏକମତ ହୋଇ ସନ୍ତୁଷ୍ଟି ଆହରଣ କଲୁଯେ, ଆମେ ଉପଯୁକ୍ତ ମୃତ୍ତିକା ଚୟନ କରିଛୁ ।

ସବୁଠାରୁ ବଡ ସମସ୍ୟା ହେଲା ସହରର ବୁଲା ଗୋରୁଙ୍କ କବଳରୁ ଆମ ଲଙ୍କାଗଛକୁ ରକ୍ଷା କରିବା । ଚାରି ପରିବାର ପାଇଁ ମୁଖ୍ୟ ଫାଟକ ଗୋଟିଏ । ଫାଟକ ଖୋଲିଲେ ତାକୁ ବନ୍ଦ କରିବା ସୌଜନ୍ୟ ଖୁବ କମ୍ ଲୋକଙ୍କର ଥାଏ । ତେଣୁ ଅଧିକାଂଶ ଫାଟକରେ ଫଳକଟିଏ ଝୁଲୁଥାଏ -ଦୟାକରି ଫାଟକ ବନ୍ଦ କରନ୍ତୁ । ଆମ କୋଠାର ବାସିନ୍ଦାଙ୍କର ସକାଳୁ ରାତି ଏଗାରଟା ଯାଏ ଯିବା ଆସିବା ଲାଗିଥାଏ । କେତେ କାହାକୁ ତାଗିଦ କରିବ ? ଗେଟ୍ ସେପଟେ ରହିଲେ ଧାରଣା ଦେବାପରି ତୁହାକୁ ତୁହା ବୁଲାଗୋରୁମାନେ ଆସି ଲୋଭାତୁର ଆଖିରେ କଅଁଳିଆ ଲଙ୍କା ଗଛକୁ ଚାହିଁରହୁଥାନ୍ତି । ତେଣୁ ଭୋର୍ ପାଞ୍ଚଟାରୁ ରାତି ଏଗାରଟା ପର୍ଯ୍ୟନ୍ତ ଝରକା ଖୋଲାରଖି, ଧୂଳି ଝଡ ଆସୁ କି ବର୍ଷା ପାଣି ଛଟା ମାରିଘର ଓଦାକରୁ, ଆମେ ପାଳିକରି ଗେଟ୍ ଉପରେ ଆଖି ରଖିଲୁ । କେହି ଫାଟକ ଖୋଲିଲେ ଆମେ ବିଜୁଳି ବେଗରେ ଧାଇଁ ଯାଇ ଫାଟକ ବନ୍ଦ କରିଦେଉ । ଏକ ରକମର ଅବୈତନିକ ଚୌକିଦାର । ଗାଈକୁ କିଛି କହିବାର ଆମର ବାପାଙ୍କର ବି ଯୁ' ନାହିଁ । ଆମେ ଭଡାଟିଆ । ବସ୍ତିବାଲାଙ୍କ ଗୋରୁ ଆମର ଫଳ, ଫୁଲ ଗଛ ଖାଇଲେ କି ତାଙ୍କ କୁକୁର କାମୁଡିଲେ ବିନା ପ୍ରତିବାଦରେ ଆମେ ସହିଯିବାଟା ଅଲିଖିତ ବିଧି ।

କଥାରେ କହନ୍ତି, ଅତି ଗେହ୍ଲାରେ ଝିଅ ଉଧାନ୍ତି ନାହିଁ । ଆମର ଅତ୍ୟଧିକ ଯତ୍ନ ଲଙ୍କାଗଛ ଉପରେ ପ୍ରତିକୂଳ ପ୍ରଭାବ ପକାଇଲା । ଯେତେବେଳେ ଯାହାର ମନ ହେଲା ସେ ଯାଇ ଲଙ୍କାଗଛ ମୂଳେ ପାଣି ଢାଳିଲା । ଗଛମୂଳେ ସଂଚିତ ସମାନ୍ୟ ମାଟିରୁ କିଛି କିଛି ଅତ୍ୟାଗ୍ରହୀ ଜଳସେଚନ ଯୋଜନାର ବିପାତରେ ଜରିମୁଣି ଫଟାଇ ପାଣି ସହ ବୋହିଯିବାରେ ଲାଗିଲା । ଭାଗ୍ୟବତୀ ଗୋବର ଗୋଟେଇ ସାଜି, ପ୍ରତ୍ୟେକ ପ୍ରକାର ମଳମୂତ୍ରକୁ ଭୟଙ୍କର ବର୍ଜ୍ୟବସ୍ତୁ ମନେ କରୁଥିବା ମୋର ପତ୍ନୀ ଖବର କାଗଜ ଗାଇଙ୍କର

ମଳଦ୍ୱାର ତଳେ ଧରିରଖି ରାସ୍ତାରେ ଧାଇଁଲେ ଓ ଗୋବର ସଂଗ୍ରହ କରି ଆଣି ଲଙ୍କାଗଛ ମୂଳେ ଆଜାଡିଲେ ।

ଆମର ସଘନ ଲଙ୍କା ଚାଷକୁ କୌତୁହଳ ସହିତ ଦେଖୁଥିବା ମୋର ପଡୋଶୀ ଜଣେ ମତଦେଲେ, ଯଥେଷ୍ଟ ମାଟି ନ ଦେଲେ ଗଛ ବଢ଼ିବ ନାହିଁ । ଖାଦ୍ୟରୁ ଭିଟାମିନ୍ ଆହରଣ କରି ମଣିଷ ବଞ୍ଚେ । ଖାଦ୍ୟ ନଦେଇ ଖାଲି ଭିଟାମିନ୍ ବଟିକା ଖୁଆଇଲେ କ'ଣ ହେବ ? ସିଏ ପାରମ୍ପରିକ ପ୍ରଣାଳୀରେ ହୁଡାବେଙ୍କା, ଦୋହରୀ ହୁଡା ଆଦି ଶବ୍ଦର ପ୍ରୟୋଗ କଲେ । କିନ୍ତୁ ମୂଳରୁ ହୁଡା ନଥିବାରୁ ତାଙ୍କର ଉପଦେଶକୁ ଅପ୍ରାସଙ୍ଗିକ ମନେକରି ଆମେ ''ବୈଜ୍ଞାନିକ ପଦ୍ଧତି'' ଅବଲମ୍ବନ କଲୁ । ଉପଯୁକ୍ତ ଆଧୁନିକ ପଦ୍ଧତି ଶିକ୍ଷାକରିବା ପାଇଁ ବୃକ୍ଷ ଗବେଷଣା ପରିଷଦ ଆନୁକୂଲ୍ୟରେ ପ୍ରକାଶିତ ସମସ୍ତ ପୁସ୍ତକ ଓ କିଚେନ୍ ଗାର୍ଡନ ଉପରେ ଆଧାରିତ ବହିପତ୍ର କିଣି ସପରିବାର ପଢ଼ିଲୁ । ଆବଦ୍ଧ କ୍ଷେତ୍ରରେ ବିନା ମାଟିରେ ଚାଷ ବିଷୟରେ ଅଧିକ ଜାଣିବା ପାଇଁ ଗ୍ରୀନ ହାଉସ୍ ଫାର୍ମିଂ ଉପରେ ପ୍ରକାଶିତ ବହି ଡାକରେ ମଗାଇଲୁ ।

ରାତିଦିନ ଅଧ୍ୟୟନ ପରେ ଏହି ସିଦ୍ଧାନ୍ତରେ ଉପନୀତ ହେଲୁ ଯେ, ଅଳ୍ପ ମାଟିରେ ମଧ୍ୟ ଉପଯୁକ୍ତ ପରିମାଣରେ ଜଳ, ଉତ୍ତାପ ଓ ଉର୍ବରକ ଦେଇ ଚାଷ କରାଯାଇ ପାରେ । ତଥାପି ପ୍ୟାଣ୍ଟପକେଟ୍‌ରେ ପଶି ପାରିବା ଭଳି ଗଛମୂଳର ମୁଠାଏ ମାଟି ଆମ ମନକୁ ପାଉ ନଥାଏ । ଉପଯୁକ୍ତ ଉର୍ବର ମୃତ୍ତିକା ଅନ୍ୱେଷଣ ପାଇଁ ବଡ ପୁଅକୁ ଦାୟୀତ୍ୱ ଦିଆଗଲା । ଅତ୍ୟନ୍ତ ନିଷ୍ଠାର ସହ ଆଠଦିନ କାଳ ଅନୁସଂଧାନ କଲାପରେ ସିଏ ଅଦୂରସ୍ଥ ଝାଡାପଡିଆରୁ କିଲେ ସରିକି ମାଟି ଆଣି ହାଜର କରାଇଲା, ଯହିଁରେ ପୂର୍ବରୁ ସୋରିଷ ପିଡ଼ିଆ ଖଣ୍ଡ ଭଳି କିଛି ମିଶି ରହିଥିଲା । ମାଟି ଆସୁ ଆସୁ ସାନ ପୁଅ ଦୁଇକିଲୋ ସାର କିଣି ଆଣିଲା । ସେଥିରୁ ମୁକ୍ତହସ୍ତରେ ଗଛମୂଳେ ବଣ୍ଟାଗଲା । ପ୍ରଚୁର ''ଗ୍ରୋମୋର'' ପାଇବା ସତ୍ତ୍ୱେ ଗଛମାନେ ଗ୍ରୋଲେସ୍ ବା କମ୍ ବଢ଼ିବାର ଲକ୍ଷଣ ପ୍ରକାଶ କଲେ । ସମସ୍ତେ ଅବଧାନଙ୍କୁ ଦଣ୍ଡବତ କଲାଭଳି ନଇଁପଡି ନିଜର ପାଦଦେଶକୁ ବିକଳରେ ନିରେଖିବା ପରି ଜଣାପଡିଲା ।

ଆମେମାନେ ସମବେତ ହୋଇ ମ୍ରିୟମାଣ ଅବସ୍ଥାରେ ଗଛମାନଙ୍କୁ ନିରୀକ୍ଷଣ କଲାବେଳେ ପୂର୍ବୋକ୍ତ ହୀତାକାଂକ୍ଷୀ ପ୍ରତିବେଶୀ ବୁଝାଇ ଦେଲେ, ଅତିବେଶୀ ସାର ପ୍ରୟୋଗ କଲେ କଅଁଳ ଗଛ ପୋଡିଯାଏ । ଏବେ ଆମେ କ'ଣ କରିବା ? ଅତିବେଶୀ ପାଣି ଢ଼ଳାରୁ ସାରସବୁ ବତୁରି ମାଟିରେ ମିଶିଗଲାଣି । ପୁଣି ମାଟି ବଦଳାଇବାକୁ ପଡିବ ?

ପୁଣି ଜୈବିକ ସାର ପ୍ରୟୋଗକୁ ଫେରି ଆସିଲୁ । ଗଛମୂଳେ ନୂଆମାଟି ଉପରେ ଗୋବର ଗଦାକଲୁ । ଗୋବର ଶୁଖିଲା । ଟାହୁଁ ଟାହୁଁ ଶୁଖିଲା ଗୋବର ଗଦା ପିମ୍ପୁଡି ବସା ପାଲଟିଗଲା । ପିମ୍ପୁଡିମାନେ ଲଙ୍କାଗଛ ସାରା ସାଲୁସାଲୁ ହେଲେ । ସେମାନଙ୍କର ଉପଦ୍ରବରେ ସେ ଅଞ୍ଚଳରେ ପାଦଦେବା ଅସମ୍ଭବ ହୋଇପଡିଲା । ପିମ୍ପୁଡି ତଥା ଭବିଷ୍ୟତରେ



ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ କୀଟନାଶକ ଓ ସ୍ପ୍ରେୟାର କିଣି ଆଣିଲି । ଏହି ମାରାତ୍ମକ ବିଷର କୁପ୍ରଭାବରୁ ରକ୍ଷା କରିବା ପାଇଁ ତା ସହିତ ମୁଖା, ହାତର ଦସ୍ତାନା, ଆଣ୍ଠୁଯାଏ ଚଢ଼ଉ ଜୋତା, ଚଷମା ଇତ୍ୟାଦି କିଣି ଆଣିଥିଲି । ପୂର୍ଣ୍ଣଭାବରେ ସଜ୍ଜିତ ହୋଇ ଅନ୍ୟଗ୍ରହର ବାସିନ୍ଦା ପରି ଦେଖାଯିବା ପରେ ଚାରିଗଛ ଉପରେ କୀଟନାଶକ ବର୍ଷା କଲି । ଲଙ୍କା ଗଛର ଯତ୍ନ ନେବାରେ ଆମ୍ଭେମାନେ ଏପରି ନିମଜ୍ଜିତ ଥିଲୁ ଯେ, ରାଜଘାଟଠାରେ ବିଲ୍ କ୍ଲିଣ୍ଟନ୍ ରୋପିଥିବା ଗଛକୁ ସେଠାକାର ମାଳିମାନେ ସେପରି ଯତ୍ନ ନେଉ ନଥିବେ ।

ଆମ୍ଭର ନୈରାଶ୍ୟର ଆକାଶରେ ଆଶାର ସୂର୍ଯ୍ୟୋଦୟ ହେଲା । ଗୋଟିଏ ଶାଖାଗ୍ରରେ ଦୂରଦିଗବଳୟର ନକ୍ଷତ୍ର ପରି ଦିଶୁଥିବା ଧଳାରଙ୍ଗର ଫୁଲ ଦୁଇଟାରୋଟି ଫୁଟିଲେ । ଆମ ପାଇଁ ସେ ସୁବାସହୀନ ଫୁଲରେ ସତେକି ଶତଗୋଲାପର ମହକ ଥିଲା । ପରିବାରର ପ୍ରତ୍ୟେକ ସଦସ୍ୟ ସେ ଫୁଲ ଦେହରେ ନାକ ଲଗାଇ ଘନଘନ ଦେଖିବାରେ ଲାଗିଲେ ।

ଅଶେଷ ଉତ୍କଣ୍ଠାର ଅବସାନ ଘଟାଇ ଦିନେ ଶୁଭ ମୁହୂର୍ତ୍ତରେ ଲଙ୍କାକଷିଟିଏ ଫୁଲର ସ୍ଥାନ ମଣ୍ଡନ କଲା । ଲାଜବତୀ କନ୍ୟାପରି ଝରକା ଉପରର ତାଳାକୁ ଆନତ ଦୃଷ୍ଟିରେ ଚାହିଁଥିବା ଲଙ୍କାକୁ ଦେଖି ଆମ୍ଭେ ସଂଫଳତାରେ ଫାଟି ପଡୁଥିଲୁ । କଳୁରୀବେଣ୍ଟ ଗଛର ନାୟକ ପରି ମାମୁଁଘର କଟୁରୀର ଧମକଦେଇ ତୁରନ୍ତ ଫଳକୁ ପରିପକ୍ୱ କରିପାରିବାର ଯୋଗ୍ୟତା ଆମ୍ଭର ନଥିଲା । ଗଛଗୁଡିକ ବାରମ୍ବାର ମାଟି ବଦଳ ଫଳରେ ଏକ ପ୍ରକାର ବନ୍‌ସାଇ ପ୍ଲାଣ୍ଟ ହୋଇଯାଇଥିଲେ । ଏଥିପୂର୍ବରୁ ସଂଗୃହୀତ ତଥ୍ୟକୁ ଆଧାର କରି ମୋ ସାନଝିଅ ଭବିଷ୍ୟବାଣୀ କରିଥିଲାଯେ, ଏ ବର୍ଷ ଭାରତବର୍ଷରେ ଲଙ୍କା ଫଳିବାର ସମ୍ଭାବନା ଯଥେଷ୍ଟ ଊଣା । ଶହ ଟାରିଟଙ୍କା ଦେଇ କଞ୍ଚାଲଙ୍କା କିଣିବା ବେଳେ ପରିବା ଦୋକାନୀ ବି, ସେୟା କହୁଥିଲା । ଏଥିପାଇଁ ପ୍ରଥମଫଳ ଦର୍ଶନ ପୂର୍ବରୁ ଆମେମାନେ ଆଶଙ୍କିତ ହୋଇ କାଳଯାପନ କରୁଥିଲୁ ।

ପ୍ରଥମ ଫଳର ଉଦ୍‌ଗମରେ ସମସ୍ତେ ନିଜ ନିଜର ଆବଦାନ ପାଇଁ ଗର୍ବ କରୁଥିବା ଅବସରରେ ସେ ଫଳର ଉପଯୋଗ ବାବଦ ତର୍କର ଝଡ ଉଠିଲା । କେହି ପ୍ରସ୍ତାବ ଦେଲା ଲଙ୍କାଟିକୁ ଶୁଖାଇ କାଚ ବୋତଲରେ ସାଇତି ରଖାଯିବ । ସଦ୍ୟ ବଟାନିରେ ସ୍ନାତକ ହୋଇଥିବା ଝିଅ କହିଲା, ତା'ର ପ୍ରାକ୍ଟିକାଲ ଖାତାରେ ସେଲୋଟେପ ଲଗାଇ ବର୍ଣ୍ଣନା ଲିପିବଦ୍ଧ କରି ସଯତ୍ନେ ରଖିବ । ରାଗଖିଆ ମଝିଆଁ ପୁଅ କହିଲା, ଅତିକମ୍‌ରେ ଉକ୍ତ ଲଙ୍କାରୁ ଅଧେ ସେ ବାଇଗଣ ପୋଡାରେ ଚକଟି ଚାଖିବ । ଆଚାର ପ୍ରିୟା ପତ୍ନୀ କହିଲେ, ବୋତଲେ ତେଲ ମସଲା ଭିତରେ ସେହି ଲଙ୍କାକୁ ଆଚାର କରିବାକୁ ଛାଡିଦେବେ । ଲଙ୍କାଛାଏଁ ଲଙ୍କାଥିବ, ସମସ୍ତେ ଆଚାର ଖାଉଥିବା । ଏହି ସମସ୍ତ ଯୁକ୍ତିର ଯବନିକା ପକାଇ ମୁଁ ଘୋଷଣା କଲି, ବାଡି ବଗିଚାର ପ୍ରଥମ ଫଳ ସର୍ବଦା ଠାକୁରକୁ ଅର୍ପଣ କରାଯାଏ । ଆମେ ସେହି ପରଂପରାକୁ ରକ୍ଷା କରିବା । ଠାକୁର କଲ୍ୟାଣ କଲେ ଫଳଭାରରେ ଗଛ

ମାଟି ଉପରେ ହାମୁଡେଇ ପଡିବ । ଅକାଟ୍ୟ ଯୁକ୍ତିକୁ କାଟିବାର ସାଧ କାହାର ଅଛି ? ତା ପଛକୁ ରହିଛି, ପରିବାରର ମୁଖ୍ୟ ହିସାବରେ ମୋର ଭେଟୋ ପାବାର ।

ଇଚ୍ଛାଗ୍ରହଣ କରିବାକୁ ଘର ପାଖ ମହାଦେବ ହିଁ ଉପଯୁକ୍ତ ମନେହେଲେ । ଯିଏ କାଳକୂଟ ବିଷ ଗ୍ରହଣ କରିପାରିଥିଲେ ସିଏ ଇଚ୍ଛାକୁ ଆପଣାଇ ନେବାକୁ ପଛେଇବେ କିଆଁ ? ଖାଲି ଇଚ୍ଛାଟି ନେଇ ଲିଙ୍ଗମୂଳରେ ଥୋଇ ଦେଇ ଆସିଲେ ତ ଚଳିବ ନାହିଁ । ନୂଆ ପିତଳ ଥାଳି ସହ ଇହୁଣୀ, କଦଳୀ, ମିଶ୍ରି, ଧୂପ, ଦୀପ, ଇତ୍ୟାଦି କିଣା ହୋଇ ଆସିଲା । ଶିବ ଦର୍ଶନକୁ ପତ୍ନୀଙ୍କୁ ନ ନେଇ ଏକା ଯାଆନ୍ତି ନାହିଁ । ମୋ ସାଙ୍ଗରେ ଯିବାକୁ ପତ୍ନୀଙ୍କୁ ନେହୁରା ହେଲି । ପୁରୁଣା ଶାଢ଼ୀ ପିନ୍ଧି ଦିଅଁ ଦର୍ଶନ କରିବାକୁ ସିଏ ଅନିଚ୍ଛା କଲେ । ଅଗତ୍ୟା ଷୋଳଶହ ଟଙ୍କା ବ୍ୟୟ କରି ଖଣ୍ଡିଏ ପାଟଶାଢ଼ୀ ତାଙ୍କୁ ଦେଲି । ପାଞ୍ଜିଦେଖି ଭଲଦିନ ବାହାରକରି ଅବଧାନଙ୍କୁ ଦଶଟଙ୍କା ବିଦାକି ଦେଲି ।

ଛୁଟି ମିଳି ନ ପାରିବାରୁ ସେଦିନ ମୁଁ ଅଫିସ୍ ଯିବାକୁ ତରତର । ଏଣେ ଶ୍ରୀମତୀ "ହେଇ ବାହାରୁଛି" କହି ଶିବଙ୍କୁ ପ୍ରଭାବିତ କରିପାରିବା ଭଳି ରୂପସଜ୍ଜାରେ ବ୍ୟସ୍ତ । ଏମିତି ଏମିତି ଦେଢ଼ଘଣ୍ଟା ବିତିଗଲା । ଅତି ସନ୍ତ୍ରମ ସହକାରେ ଇଚ୍ଛାଟିକୁ ତୋଳିଲୁ । ତାକୁ ମୁଣ୍ଡରେ ମାରି ଥାଳି ମଝିରେ ରଖି କ୍ଷିପ୍ର ଗତିରେ ଶିବାଳୟ ଆଡେ ଚାଲିଲୁ ।

ପୂଜାରୀ ଆମଠାରୁ ପୂଜାଥାଳି ଗ୍ରହଣ କଲାପରେ ଗମ୍ଭୀର ବଦନରେ ଥାଳି ଭିତରର ଦ୍ରବ୍ୟମାନଙ୍କୁ ନିରୀକ୍ଷଣ କଲାପରେ ମୁଖବିକୃତ କରି ଆମର ପ୍ରିୟ ଇଚ୍ଛାକୁ ଗମ୍ଭୀରାର କୋଣକୁ ଫିଙ୍ଗିଦେଲେ । ସେଥିପ୍ରତି ଆମର ସତର୍କ ଦୃଷ୍ଟି ଥାଏ । ଆହତ ମନରେ ଆମେ ଇଚ୍ଛାର ଇତିବୃତ୍ତାନ୍ତ ସହିତ ତାହା ପ୍ରଥମଫଳ ଭାବରେ ଦେବତାଙ୍କର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ବହୁ କଷ୍ଟରେ ବୁଝାଇ ସାରିବା ପରେ ମୁରୁକି ହସା ଦେଇ ଗୋସେଇଁ ଇଚ୍ଛାକୁ ଗୋଟାଇ ଆଣି ପାଣିରେ ଧୋଇ ଶକ୍ତି ଉପରେ ସ୍ଥାପନ କଲେ । ଏହି ସ୍ୱତନ୍ତ୍ର ଇଚ୍ଛାପୂଜନ ପାଇଁ ପାଞ୍ଚଟଙ୍କା ଅଧିକ ଦକ୍ଷିଣା ଦାବୀକଲେ ।

ପୂଜାଅନ୍ତେ ଘରକୁ ଫେରି ଦେଖିଲୁ ଆମର ଦାମ୍ପତ୍ୟ କାରଖାନାର ଉତ୍ପାଦନମାନେ ବିମର୍ଷ ବଦନରେ ଗେଟ୍ ପାଖରେ ଆମ ଦୁହିଁଙ୍କୁ ଅପେକ୍ଷା କରି ରହିଛନ୍ତି । ଘଟଣା ବୁଝିବାବେଳକୁ ଅବଗତ ହେଲୁଯେ , ତରବର ହୋଇ ଆମେ ମନ୍ଦିର ଅଭିମୁଖେ ବାହାରି ଯିବାବେଳେ ଗେଟ୍ ଦେବାକୁ ଭୁଲି ଯାଇଥିଲୁ । ଏହି ଅବହେଳାର ସୁଯୋଗ ନେଇ ଗାଈ ପଶି ସବୁତକ ଇଚ୍ଛାଗଛ ମୂଳରୁ ଚରିଯାଇଛି ।

ଆମର ଇଚ୍ଛାଟାଷର ବିସ୍ତୀର୍ଣ୍ଣ ଅଧ୍ୟାୟର ବିଲୁପ୍ତିରେ ଅନ୍ତରାତ୍ମା ବିଳାପ କରୁଥିବା ସମୟରେ ପ୍ରତିବେଶୀଙ୍କର ପତ୍ନୀ ତାଙ୍କର ଉକୁଟି ଆସୁଥିବା ହସକୁ ଓଠସନ୍ଧିରେ ଅଟକାଇ ଦାନ୍ତଟିପିଟିପି ମତଦେଲେ, ମହାଦେବଙ୍କୁ ଇଚ୍ଛାର୍ପଣ କରିବାରୁ ଏପରି ହେଲା । ଗାଈ ନୁହେଁ, ଗୋଟାଏ ଷଣ୍ଢ ପଶି ଗଛ ଖାଇଥିବାରୁ ଏହା ପ୍ରମାଣିତ । ମହାଦେବ ପରା କ୍ଷିପ୍ରକୋପୀ ।

□□□